# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ସେପ୍ଟେମ୍ବର ୪/୨୦୧୮ (୧୬ ପୃଷ୍ଠା) Sambalpur, Tuesday, September 4/ 2018 ★★

୧୪ଶ ଭାଗ ୨୫୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-





**ପ୍ରକୃତିକୁ ଉପଭୋଗ କରୁଛନ୍ତି ପ୍ରିୟଙ୍କା**
ଆମେରିକୀୟ ଗାୟକ ନିକ୍ ଜୋନାସ୍‌ଙ୍କ ସହିତ ପ୍ରିୟଙ୍କା ଚୋପ୍ରାଙ୍କର ନିର୍ବନ୍ଧ ସରିଥିବା ବେଳେ ଉଭୟ ସ୍ଥାନୀୟ ମାମଥ୍ ମାଉଣ୍ଟେନ୍‌ରେ ପ୍ରକୃତିକୁ ଉପଭୋଗ କରୁଛନ୍ତି। ୦୪

୧୪ **ଆଶାରେ ଦୂତୀ**
ଜାକର୍ତ୍ତା ଏସିଆନ ଗେମ୍ସରେ ୨ଟି ରୌପ୍ୟ ପଦକ ଜିତି ଦେଶକୁ ଗର୍ବିତ କରିଥିବା ଓଡ଼ିଶାର ଦୂତୀ ଚାନ୍ଦ ଆଗାମୀ ଦିନରେ ଆହୁରି ସଫଳତା ପାଇଁ ବେଶ୍ ଆଶାବାଦୀ।






Anubhav Mohanty
Actor

PLEDGE 'PLASTIC-FREE' ODISHA
#PlasticFreeOdisha
ଧରିତ୍ରୀ DHARITRI
TEAM
02 OCTOBER


## ଆର୍‌ବିଆଇ କର୍ମଚାରୀଙ୍କ ଆନ୍ଦୋଳନ ସ୍ଥଗିତ

କୋଲକାତା, ୩।୯(ପି.ଟି.)

ଭାରତୀୟ ରିଜର୍ଭ ବ୍ୟାଙ୍କର କର୍ମଚାରୀ ଓ ଅଧିକାରୀମାନେ ସେପ୍ଟେମ୍ବର ୪ ଓ ୫ରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ନାହିଁ। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବା ପରେ ୟୁନାଇଟେଡ୍ ଫୋରମ ଅଫ୍ ରିଜର୍ଭ ବ୍ୟାଙ୍କ ଅଫିସର୍ସ ଆଣ୍ଡ୍ ଏମ୍ପ୍ଲଇଜ୍(ୟୁଏଫ୍‌ଆର୍‌ବିଓଇ) ଆନ୍ଦୋଳନ କରିବ ନାହିଁ ବୋଲି ନିଷ୍ପତ୍ତି ନେଇଛି। ଆର୍‌ବିଆଇର ଉଚ୍ଚପଦସ୍ଥ ଅଧିକାରୀ ଓ କର୍ମଚାରୀ ସଂଘର ଆଲୋଚନା ପରେ ଏହି ଆନ୍ଦୋଳନ ଯୋଜନାକୁ ସ୍ଥଗିତ ରଖାଯାଇଛି ବୋଲି ସୋମବାର ସଂଘ ସ୍ପଷ୍ଟ କରିଛି। କର୍ମଚାରୀ ଓ ଅଧିକାରୀ ସଂଘର ଯେଉଁ ସବୁ ଦାବୀ ରହିଛି ସେ ସମ୍ପର୍କରେ ବିଚାର କରିବା ପାଇଁ ଆର୍‌ବିଆଇ ଅଧିକ ସମୟ ମାଗିଛି। ସୂଚନା ଅନୁସାରେ ଯେଉଁ କର୍ମଚାରୀମାନେ ୨୦୧୨ରୁ ନିଯୁକ୍ତି ପାଇଛନ୍ତି ସେମାନଙ୍କ ପାଇଁ ଏକ ଆଡିଶନାଲ୍ ପ୍ରୋଭିଡେଣ୍ଟ୍ ଫଣ୍ଡ(ଏପିଏଫ୍) ବ୍ୟବସ୍ଥା ପାଇଁ ଦାବି ରହିଛି।

## ୬ରେ ଲଘୁଚାପ

ଭୁବନେଶ୍ୱର, ୩।୯(ବ୍ୟୁରୋ)

ଆସନ୍ତା ୬ ତାରିଖରେ ଉତ୍ତର ପଶ୍ଚିମ ବଙ୍ଗୋପ ସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ବର୍ଷା ପରିମାଣ ବୃଦ୍ଧି ପାଇବ। ଏଥିଯୋଗୁ ଉପକୂଳ ଓ ଆଭ୍ୟନ୍ତରୀଣ ଓଡିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୬ ତାରିଖରେ ସୁନ୍ଦରଗଡ, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ଢେଙ୍କାନାଳ ଜିଲାର ☞ପୃଷ୍ଠା–୪


**ଖାତକୁ ବସ୍ ଖସି ୧୩ ମୃତ**
........ ୪ ........



**ଆଜିର ସମ୍ପାଦକୀୟ**
ବୁଢ଼ା ହେଲେ ବି


**ଆଜିର ମନ୍ତବ୍ୟ**

"ପ୍ରବାସୀ ଭାରତୀୟ ଦେଶର ପ୍ରକୃତ ଦୂତ।
–ରାମନାଥ କୋବିନ୍ଦ, ରାଷ୍ଟ୍ରପତି

**କିଛି ତଥ୍ୟ**

ବିମୁଦ୍ରୀକରଣ ପରେ ନୂଆ ୫୦୦ ଓ ୨୦୦୦ ଟଙ୍କିଆ ନୋଟ୍ ଛାପା ବାବଦ ସରକାର ୨୦୧୮ ମାର୍ଚ୍ଚ ଶେଷ ସୁଦ୍ଧା ୭,୯୬୫ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି।
–ଆର୍‌ବିଆଇ


**BISHANDAYAL JEWELLERS**
BIS: 916
Sriya Square, Bhubaneswar
Deals in :
Gold, Diamond & Silver
Gold 24 CT - ₹ 31,200/- 10gm.
Gold 22 CT - ₹ 30,200/- 10gm.
Silver Rate - ₹ 370/- /10gm.
Making Charge - ₹100/- onwards / 1gm.
Condition Apply
Lowest gold Rate & Making Charges



NATIONAL EGG CO-ORDINATION COMMITTEE 03.09.2018 Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 62 | 109 | 119 |
| CTC | 61 | 107 | 117 |
| DKL | 61 | 107 | 117 |
| BDK | 61 | 107 | 117 |
| BLS | 61 | 107 | 117 |
| ANG | 61 | 107 | 117 |

Eggs Retail Price- 42/-Dozen
Issued in the Interest of Consumers
*Conditions Apply


### ଫକୀରମୋହନ ମେଡିକାଲ କଲେଜ ଓ ହସ୍‌ପିଟାଲ ଲୋକାର୍ପିତ

# ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଯୋଡ଼ି ହେଲା ନୂଆ ଅଧ୍ୟାୟ

- ଆୟୁଷ୍ମାନ ଯୋଜନା ଲାଗୁ କରିବାକୁ କେନ୍ଦ୍ରମନ୍ତ୍ରୀଙ୍କ ଗୁରୁତ୍ୱାରୋପ
- କ୍ୟାମ୍ପସରେ ଫକୀରମୋହନ ସେନାପତିଙ୍କ ପ୍ରତିମୂର୍ତ୍ତି ଅନାବରଣ
- ଛାତ୍ରୀଛାତ୍ରଙ୍କ ଗହଣରେ ସମୟ ବିତାଇଲେ ମୁଖ୍ୟମନ୍ତ୍ରୀ




ଉଦ୍‌ଘାଟନ ସମାରୋହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

ବାଲେଶ୍ୱର ଅଫିସ/ରେମୁଣା, ୩।୯(ଡି.ଏନ.ଏ.)

ବାଲେଶ୍ୱରବାସୀଙ୍କ ଦୀର୍ଘଦିନର ଦାବି ଓ ଆନ୍ଦୋଳନର ଫଳସ୍ୱରୂପ ବହୁ ପ୍ରତୀକ୍ଷିତ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜ ଓ ହସ୍‌ପିଟାଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରିଛନ୍ତି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହି ମେଡିକାଲ କଲେଜ ଏକ ନୂତନ ଅଧ୍ୟାୟ ଯୋଡିଛି। ସୁସ୍ଥ ଓଡ଼ିଶା ଓ ସୁଖୀ ଓଡ଼ିଶା ବାର୍ତ୍ତା ଦେଇ ମୁଖ୍ୟମନ୍ତ୍ରୀ କେବଳ ସ୍ୱାସ୍ଥ୍ୟସେବା ନୁହେଁ, ରାଜ୍ୟର ସର୍ବାଙ୍ଗୀନ ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ଫକୀରମୋହନ ସେନାପତିଙ୍କ ନାମରେ ନାମିତ ଏହି ମେଡିକାଲ କଲେଜ ଆଗାମୀ ଦିନରେ ଶ୍ରେଷ୍ଠତା ବଜାୟ ରଖିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଏହି ଲୋକାର୍ପଣ ସମାରୋହରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସ୍ୱାସ୍ଥ୍ୟସେବା ପ୍ରସାର ପାଇଁ କେନ୍ଦ୍ର ସରକାର ୪ ବର୍ଷ ମଧ୍ୟରେ ନେଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରତାପ ଜେନା, ଉଚ୍ଚଶିକ୍ଷା ଓ ଶିଳ୍ପମନ୍ତ୍ରୀ ଅନନ୍ତ ଦାସ, ଏମ୍‌ପି ରବୀନ୍ଦ୍ର କୁମାର ଜେନା, ଅର୍ଜ୍ଜୁନ ଚରଣ ସେଠୀ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ।

ଲୋକାର୍ପଣ ଉତ୍ସବ ପୂର୍ବରୁ ମେଡିକାଲ କଲେଜର ସୁରମ୍ୟ ଫାଟକ ନିକଟରେ ନିର୍ମିତ ବ୍ୟାସକବି ଫକୀରମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିକୁ ମୁଖ୍ୟମନ୍ତ୍ରୀ ଅନାବରଣ କରିଥିଲେ। ପରେ ମେଡିକାଲ କଲେଜରେ ପ୍ରଥମ ☞ପୃଷ୍ଠା–୪



ସୋମବାର ସମ୍ବଲପୁର ଝାଡୁଆପଡ଼ା ବ୍ରହ୍ମପୁରା ମନ୍ଦିର ଝୁଲଣ ମଣ୍ଡପ ସମ୍ମୁଖରେ ପଣ୍ଡିତମାନେ ନୂଆଁଖାଇ ଲଗ୍ନ ନିର୍ଦ୍ଧାରଣ କରୁଛନ୍ତି।

# ଧାର୍ଯ୍ୟ ହେଲା ଲଗ୍ନ

**୧୪ରେ ନୂଆଁଖାଇ**

- ବ୍ରହ୍ମପୁରା ମନ୍ଦିରରେ ପଣ୍ଡିତଙ୍କ ସମାଗମ
- ବିଷ୍ଣୁ ସହସ୍ରନାମ ସ୍ତୋତ୍ରରେ ମୁଖରିତ ହେଲା ମନ୍ଦିର

**ସମ୍ବଲପୁର, ୩।୯(ବ୍ୟୁରୋ):** ଆସନ୍ତା ୧୪ତାରିଖରେ ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ। ସୋମବାର ଏଥିଲାଗି ସମ୍ବଲପୁର ବ୍ରହ୍ମପୁରା ମନ୍ଦିରରେ ଲଗ୍ନ ଧାର୍ଯ୍ୟ ହୋଇଛି। ବିଭିନ୍ନ ଅଞ୍ଚଳରୁ ଆସିଥିବା ପଣ୍ଡିତମାନେ ଲଗ୍ନ ଧାର୍ଯ୍ୟ କରିଥିଲେ। ସର୍ବସମ୍ମତିକ୍ରମେ ଅମୃତ ବେଳାରେ ଲଗ୍ନ ଧାର୍ଯ୍ୟ ହୋଇଥିଲା। ସେପ୍ଟେମ୍ବର ୧୪ ତାରିଖ ଭାଦ୍ରବ ଶକ୍ଳପକ୍ଷ ପଞ୍ଚମୀ ତିଥି ଶୁକ୍ରବାର ପ୍ରଶସ୍ତ ତୁଳା ଲଗ୍ନେ ଅମୃତ ସମୟେ ପୂର୍ବାହ୍ନ ୮ଟା ୧୦ମିନିଟରୁ ୮ଟା ୪୦ ମିନିଟ ମଧ୍ୟେ ସମ୍ବଲପୁର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ନବାନ୍ନ ଭୋଗକୁ ଶୁଭ ବୋଲି ଧରାଯାଇଛି। ତେବେ ଘଣ୍ଟ, ଶଙ୍ଖ, ଦୁଲଦୁଲି ବାଦ୍ୟସହ ପଣ୍ଡିତ ଶ୍ରୀଶ୍ରୀ ବ୍ରହ୍ମଣ୍ଡପ ପଣ୍ଡିତ ମହାସଭା ସଭ୍ୟ, ବ୍ରହ୍ମପୁରା ଟ୍ରଷ୍ଟ ବୋର୍ଡ ସଭ୍ୟମାନେ ସହର ପରିକ୍ରମା କରି ଗୋଧୂଳି ଲଗ୍ନରେ ସମଲେଶ୍ୱରୀ ପୀଠରେ ପହଞ୍ଚିଥିଲେ। ଏହାପରେ ବ୍ରହ୍ମପୁରା ମନ୍ଦିର ପୂଜକ ସନ୍ତୋଷ କୁମାର ପଣ୍ଡା ଦେବୀଙ୍କୁ ଲଗ୍ନ ଅର୍ପଣ କରିଥିଲେ। ☞ପୃଷ୍ଠା–୪

# ଆଜିଠାରୁ ବିଧାନସଭା, ଆସିବ ୪ ବିଲ୍

ଭୁବନେଶ୍ୱର,୩।୯(ବ୍ୟୁରୋ)



- ବିଧାୟକ, ମନ୍ତ୍ରୀଙ୍କ ଦରମା, ପେନ୍‌ସନ୍ ସଂଶୋଧନ ହେବ
- ବୁଧବାର ଆଗତ ହେବ ଅତିରିକ୍ତ ବଜେଟ
- ୬ରେ ବିଧାନ ପରିଷଦ ସଂକଳ୍ପ ପାରିତ ହେବ
- ବାଜପେୟୀଙ୍କ ପାଇଁ ଦିନକ ଲାଗି ଗୃହ ମୁଲତବୀ ହେବ

ବିଧାନସଭାର ମୌସୁମୀ ଅଧିବେଶନ ମଙ୍ଗଳବାରଠାରୁ ଆରମ୍ଭ ହେବ। ଏହି ଅଧିବେଶନ ସେପ୍ଟେମ୍ବର ୨୦ ତାରିଖ ଯାଏ ଚାଲିବ। ଏଥିରେ ମୋଟ ୧୧ଟି କାର୍ଯ୍ୟଦିବସ ରହିଛି। ଅଧିବେଶନର ପ୍ରଥମ ଦିବସରେ ୨୦୧୮–୧୯ ଆର୍ଥିକବର୍ଷ ପାଇଁ ଅତିରିକ୍ତ ବଜେଟ ଆଗତ କରିବା ଲାଗି ବିଧାନସଭା କାର୍ଯ୍ୟସୂଚୀରେ ପୂର୍ବରୁ ସ୍ଥିର କରାଯାଇଥିଲା। ତେବେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ, ପୂର୍ବତନ ଲୋକ ସଭା ବାଚସ୍ପତି ସୋମନାଥ ଚାଟାର୍ଜୀ, ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଏମ. କରୁଣାନିଧିଙ୍କ ସମେତ ବିଧାନସଭାର କେତେଜଣ ପୂର୍ବତନ ସଦସ୍ୟଙ୍କ ବିୟୋଗରେ ଗୃହ ଦିନକ ପାଇଁ ମୁଲତବୀ ହେବାକୁ ଥିବାରୁ ବୁଧବାର ଅତିରିକ୍ତ ବଜେଟ ଉପସ୍ଥାପନ ହେବ ନାହିଁ। ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବ। ଜାତୀୟ ସଙ୍ଗୀତ ଗାନ ପରେ ବିଧାନସଭାରେ ଶୋକ ପ୍ରସ୍ତାବ ଉପସ୍ଥାପନ କରାଯିବ। ମୁଖ୍ୟମନ୍ତ୍ରୀ ତଥା ଗୃହର ନେତା ନବୀନ ପଟ୍ଟନାୟକ ବିଧାନସଭାରେ ଶୋକ ପ୍ରସ୍ତାବ ଆଗତ କରିବେ। ଏହି ପ୍ରସ୍ତାବ ଆଲୋଚନା ପରେ ଦିବଂଗତ ନେତାମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗୃହକୁ ବୁଧବାର ସକାଳ ୧୦ଟା ୩୦ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ରଖାଯିବ। ଦିବଂଗତ ନେତାଙ୍କ ସମ୍ମାନାର୍ଥେ ସେପ୍ଟେମ୍ବର ୪ ତାରିଖରେ ଆଗତ ହେବାକୁ ଥିବା ଅତିରିକ୍ତ ବଜେଟ ୫ ତାରିଖରେ ଗୃହରେ ଉପସ୍ଥାପନ କରାଯିବ। ସେପ୍ଟେମ୍ବର ୬ରେ ଗୃହରେ ବିଧାନ ପରିଷଦ ପାଇଁ ସଂକଳ୍ପ ଆଗତ ଓ ପାରିତ କରାଯିବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି। ଏହି ସ୍ୱଳ୍ପକାଳୀନ ଅଧିବେଶନରେ ୪ଟି ବିଲ୍ ଆଗତ ହେବ। ସେହି ବିଲ୍‌ଗୁଡିକ ହେଲା ଓଡ଼ିଶା ବିଧାନସଭା ସଦସ୍ୟଙ୍କ ଦରମା, ଭତ୍ତା(ସଂଶୋଧନ) ବିଲ୍ ୨୦୧୮, ଓଡ଼ିଶା ମନ୍ତ୍ରୀଙ୍କର ଦରମା, ଭତ୍ତା ଓ ପେନ୍‌ସନ(ଦ୍ୱିତୀୟ ସଂଶୋଧନ) ବିଲ୍ ୨୦୧୮, ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ୟୁନିଭରସିଟି ବିଲ୍ ୨୦୧୮ ଏବଂ ଓଡ଼ିଶା ସମବାୟ ସମିତି(ସଂଶୋଧନ) ବିଲ୍ ୨୦୧୮। ଚଳିତ ଅଧିବେଶନରେ ☞ପୃଷ୍ଠା–୪






### ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ସିଭିସି ଛାଟ

# କୋର୍ଟ ମାମଲା ସଙ୍ଗେ ହେବ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ, ୩।୯(ପି.ଟି.)




ଶାସନ ବ୍ୟବସ୍ଥାକୁ ସ୍ୱଚ୍ଛ କରିବା ପାଇଁ ଦୁର୍ନୀତିର ମୂଳୋତ୍ପାଟନ ଜରୁରୀ। ତେଣୁ ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ଏଣିକି ଦୁର୍ନୀତିରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କୋର୍ଟରେ ମାମଲା ଚାଲିଥିବା ସମୟରେ ମଧ୍ୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ। କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି) ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏନେଇ ବ୍ୟାଙ୍କ, ଇନ୍‌ସ୍ୟୁରାନ୍ସ କମ୍ପାନୀ ଏବଂ କେନ୍ଦ୍ର ସରକାରଙ୍କ ସମସ୍ତ ବିଭାଗକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଭିଜିଲାନ୍ସ କମିଶନଙ୍କ ସଦ୍ୟ ନିଷ୍ପତ୍ତି ପରେ ଆଉ ଦୁର୍ନୀତିଖୋର ଅଧିକାରୀଙ୍କୁ କୋର୍ଟ ଫଇସଲା ପର୍ଯ୍ୟନ୍ତ ଢିଲା ଛଡ଼ାଯିବ ନାହିଁ। କମିଶନ କହିଛନ୍ତି ଯେ, ଅନେକ ଦୁର୍ନୀତି ମାମଲାରେ କୋର୍ଟରେ ବିଚାର ବିଳମ୍ବ ହେଉଛି। ଅଦାଲତରେ ମାମଲା ପଡ଼ିରହିଥିବାବେଳେ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇ ପାରୁନାହିଁ। ତେଣୁ ଏହାର ଫାଇଦା ନେଇ ଅଭିଯୁକ୍ତ ଅଧିକାରୀମାନେ ବେଧଡ଼କ କାର୍ଯ୍ୟ କରିପାରୁଛନ୍ତି। ଏକ ସଂସ୍ଥା କିମ୍ବା ବିଭାଗର ଶୃଙ୍ଖଳା ତିମ୍ ପ୍ରଚଳିତ ନିୟମ ଆଧାରରେ କାର୍ଯ୍ୟାନୁଷ୍ଠାନ ନେଇ ନ ପାରିବା ନିହାତି ଭୁଲ୍। ତେଣୁ ଏହା ଉପରେ ରୋକ ଲଗାଇବା ଲାଗି ବ୍ୟବସ୍ଥାରେ ପରିବର୍ତ୍ତନ ଜରୁରୀ ବୋଲି ସିଭିସି କହିଛନ୍ତି। ସୁପ୍ରିମକୋର୍ଟଙ୍କ ଏକ ରାୟର ଦୃଷ୍ଟାନ୍ତ ଦେଇ ଭିଜିଲାନ୍ସ କମିଶନ କହିଛନ୍ତି ଯେ, ଏକ ସମୟରେ ଅଦାଲତି ଓ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣରେ ଅସୁବିଧା ନାହିଁ।



ବର୍ତ୍ତମାନ ଅର୍ଥନୀତି ଯେଉଁ ସ୍ତରରେ ପହଞ୍ଚିଛି, ପୂର୍ବରୁ ତାହା ଏତେ ତଳକୁ ଖସି ନ ଥିଲା। ପେଟ୍ରୋଲ ଓ ଡିଜେଲ ଦର ଆକାଶଛୁଆଁ ହୋଇଥିବାବେଳେ ଟଙ୍କାର ମୂଲ୍ୟ ସର୍ବନିମ୍ନ ସ୍ତରକୁ ଛୁଇଁଛି।

- ଅରବିନ୍ଦ୍ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ

## ସଂକ୍ଷେପରେ

### ସେନା ଗୁଳିରେ ଟେକାମାଡ଼କାରୀ ନିହତ

**ଶ୍ରୀନଗର,୩।୯(ପି.ଟି.)-** ଜମ୍ମୁ-କଶ୍ମୀରର ପୁଲ୍‌ୱାମା ଜିଲାରେ ସୁରକ୍ଷା ବାହିନୀ ଏବଂ ଟେକାମାଡ଼କାରୀଙ୍କ ମଧ୍ୟରେ ସୋମବାର ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ଟେକାମାଡ଼କାରୀଙ୍କୁ କାବୁ କରିବାକୁ ଯାଇ ସେନା ପକ୍ଷରୁ ଗୁଳିଚାଳନା କରାଯାଇଥିଲା। ଏଥିରେ ଜଣେ ଯୁବକ ପ୍ରାଣ ହରାଇଥିବାବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ଅଞ୍ଚଳରେ ଆତଙ୍କବାଦୀଙ୍କ ଉପସ୍ଥିତି ସୂଚନା ପାଇବା ପରେ ସେନା ପକ୍ଷରୁ ୧୨ରୁ ଅଧିକ ଗ୍ରାମରେ ସର୍ଚ୍ଚ ଅପରେଶନ ଆରମ୍ଭ ହୋଇଯାଇଥିଲା। ଏହାକୁ ବିରୋଧକରି ଲୋକେ ଟେକାମାଡ଼ କରିବା ଆରମ୍ଭ କରିଥିଲେ। ଗୁସୋ ଗ୍ରାମରେ ସେନାର ଗୁଳିମାଡ଼ରେ ଦୁଇଜଣ ଯୁବକ ଆହତ ହୋଇଥିଲେ ବୋଲି ଜଣେ ସେନା ଅଧିକାରୀ ସୂଚନା ଦେଇଛନ୍ତି। ତେବେ ତୁରନ୍ତ ଦୁଇ ଯୁବକଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଫୟାଜ୍ ଅହମ୍ମଦ ୱାନିଙ୍କ ମୃତ୍ୟୁ ହୋଇଥିବା ଅଧିକାରୀ ଜଣକ ସୂଚନା ଦେଇଛନ୍ତି।

### ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ହତ୍ୟା ଧମକ



**ଦାମୋହ,୩।୯(ଆଇଏଏନ୍‌ଏସ୍)**-କଂଗ୍ରେସ ଏମ୍‌ପି ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ମିଳିଛି ହତ୍ୟା ଧମକ। ତାଙ୍କୁ ଗୁଳିକରି ନିହତ କରିବେ ବୋଲି ମଧ୍ୟପ୍ରଦେଶର ଭାଜପା ବିଧାୟିକା ଉମା ଦେବୀ ଖାଟିକ୍‌ଙ୍କ ପୁଅ ସୋମବାର ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ଫେସ୍‌ବୁକ୍‌ରେ ଲାଲଚାନ୍ଦ୍ ଖାଟିକ୍ ଲେଖି ଜ୍ୟୋତିରାଦିତ୍ୟଙ୍କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି ଯେ, କଂଗ୍ରେସ ଏମ୍‌ପିଙ୍କ ଶିରାପ୍ରଶିରାରେ ଜିୱାଜିରାଓଙ୍କ ରକ୍ତ ପ୍ରବାହିତ ହେଉଛି ଯିଏକି ଝାନ୍‌ସୀ ରାଣୀଙ୍କୁ ହତ୍ୟା କରିଥିଲେ। ହାଟ୍ଟା ନିର୍ବାଚନମଣ୍ଡଳୀରେ ପାଦ ଦେଲେ ତାଙ୍କୁ ସେ ଗୁଳି କରିବେ। ସେପ୍ଟେମ୍ବର ୫ରେ ଜ୍ୟୋତିରାଦିତ୍ୟ ହାଟ୍ଟା ଗସ୍ତ କରି ଏକ ରାଲିରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହା ପୂର୍ବରୁ ବିଧାୟିକା ଉମା ଦେବୀଙ୍କ ପୁଅଙ୍କ ବିବାଦୀୟ ପୋଷ୍ଟକୁ ନେଇ ଚର୍ଚ୍ଚା ଜୋର୍ ଧରିଛି।

## କର୍ନାଟକ ପୌର ନିର୍ବାଚନ: ଭାଜପା ପୁଣି ନିରାଶ

# ତ୍ରିମୁଖୀ ଲଢ଼େଇରେ କଂଗ୍ରେସ ବିଜୟୀ



ଏଚ୍.ଡି. କୁମାରସ୍ୱାମୀ



ବି.ଏସ୍. ୟେଦୁରପ୍ପା



ରଣଦୀପ ସୁର୍ଜେୱାଲା

- ସରକାର ଦୁର୍ବଳ ବୋଲି କହୁଥିବା ଲୋକଙ୍କୁ ଜବାବ: କୁମାରସ୍ୱାମୀ
- ଆଶାନୁରୂପ ଫଳ ମିଳିଲା ନାହିଁ: ୟେଦୁରପ୍ପା
- ଭାଜପାର ଫମ୍ପା ଭାଷଣକୁ ଲୋକେ ପ୍ରତ୍ୟାଖ୍ୟାନ କରିଛନ୍ତି: କଂଗ୍ରେସ

**ବେଙ୍ଗାଲୁରୁ,୩।୯(ପି.ଟି.)**

କର୍ନାଟକ ପୌର ନିର୍ବାଚନର ଫଳାଫଳ ସୋମବାର ପ୍ରକାଶ ପାଇଛି। କଂଗ୍ରେସ, ଭାଜପା ଏବଂ ଜେଡିଏସ୍‌ର ତ୍ରିମୁଖୀ ଲଢ଼େଇରେ ବାଜି ମାରିଛି କଂଗ୍ରେସ। ଅବଶ୍ୟ ଭାଜପା ଏବଂ କଂଗ୍ରେସ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଛି। ଭାଜପା ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ତୃତୀୟରେ ରହିଛି ଜେଡିଏସ୍। ମେଣ୍ଟ ଦଳ ଜେଡିଏସ୍ ସହ ମିଶି କଂଗ୍ରେସ ରାଜ୍ୟର ଅଧିକାଂଶ ପୌର ପରିଷଦରେ ରାଜ୍ କରିବାକୁ ଯାଉଛି। କାରଣ ଦୁଇଦଳ ମିଳିତ ଭାବେ ୧୩୫୭ ଆସନରେ ବିଜୟୀ ହେବା ସହ ଭାଜପାଠାରୁ ବହୁ ଆଗରେ ରହିଛନ୍ତି।

ଶନିବାର ଅନୁଷ୍ଠିତ ୨୭୦୯ ପୌର ସଂସ୍ଥା ଆସନ ମଧ୍ୟରୁ ୨୬୨୮ର ଫଳାଫଳ ପ୍ରକାଶ ପାଇଛି। ରାଜ୍ୟ ନିର୍ବାଚନ କମିଶନଙ୍କ ସୂଚନା ମୁତାବକ ୨୬୨୮ ଆସନ ମଧ୍ୟରୁ କଂଗ୍ରେସ ୯୬୬ରେ ବିଜୟୀ ହୋଇଥିବାବେଳେ ୯୧୦ ଆସନ କବ୍‌ଜା କରିଛି ଭାଜପା। ୩୭୩ ଆସନ ସହ ତୃତୀୟ ସ୍ଥାନରେ ରହିଛି ଜେଡିଏସ୍। ବାକି ଆସନରେ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। କର୍ନାଟକରେ ୩ ନଗର ନିଗମ, ୨୯ ନଗର ପୌର ପରିଷଦ(ସିଏମ୍‌ସି), ୫୨ ସହର ପୌର ପରିଷଦ(ଟିଏମ୍‌ସି) ଏବଂ ୨୦ ସହର ପଞ୍ଚାୟତ(ଟିପି)ରେ ନିର୍ବାଚନ ହୋଇଥିଲା। ତେବେ ଏଥିରେ ଯଦି ଝୁଲା ଫଳାଫଳ ଆସେ, ତା'ହେଲେ ପ୍ରାକ୍ ନିର୍ବାଚନୀ ମେଣ୍ଟ ପାଇଁ ପୂର୍ବରୁ ଘୋଷଣା କରିଥିଲେ କଂଗ୍ରେସ ଏବଂ ଜେଡିଏସ୍। ବନ୍ୟା ଏବଂ ଅନ୍ୟାନ୍ୟ କାରଣରୁ କୋଡାଗୁ ସମେତ ବିଭିନ୍ନ ପ୍ରାନ୍ତରେ ପ୍ରାୟ ୨୩୦୦ ଆସନରେ ଭୋଟ ଗ୍ରହଣ ହୋଇପାରିନାହିଁ। ଆସନ୍ତା ବର୍ଷ ସେଠାରେ ନିର୍ବାଚନ ହେବ ବୋଲି କୁହାଯାଉଛି।

କଂଗ୍ରେସ-ଜେଡିଏସ୍ ମେଣ୍ଟ ସରକାର ଗଠନ ହେବା ପରେ ଏହା ଥିଲା ପ୍ରଥମ ନିର୍ବାଚନ। ଏଣୁ ଏହାକୁ ମେଣ୍ଟ ସରକାରଙ୍କ ଭାଗ୍ୟ ପରୀକ୍ଷା ଭାବେ ଦେଖାଯାଉଥିଲା। ଏହାକୁ ଆଗାମୀ ଲୋକ ସଭା ନିର୍ବାଚନ ପାଇଁ ମଧ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭାବେ ଦେଖାଯାଉଛି। ସେପଟେ ୨୦୧୩ ପୌର ନିର୍ବାଚନ ତୁଳନାରେ ଏଥର ଭାଜପାର ପ୍ରଦର୍ଶନ ବେଶ୍ ଭଲ ରହିଛି। ୨୦୧୩ରେ ୪,୯୭୬ ଆସନ ମଧ୍ୟରୁ କଂଗ୍ରେସ ୧୯୬୦ରେ ବିଜୟୀ ହୋଇଥିବାବେଳେ ଭାଜପା ଏବଂ ଜେଡିଏସ୍ ୯୦୫ଟି ଲେଖାଏ ଆସନ କବ୍‌ଜା କରିଥିଲେ।

ନିର୍ବାଚନ ପରେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଜେଡିଏସ୍ ସୁପ୍ରିମୋ ଏଚ୍.ଡି. ଦେବେଗୌଡ଼ା କହିଛନ୍ତି, ଭାଜପାକୁ କ୍ଷମତାଚ୍ୟୁତ କରିବା ଲାଗି ଯେଉଁଠାରେ ବି ମେଣ୍ଟ କରିବାକୁ ପଡ଼େ ଆମେ ପ୍ରସ୍ତୁତ। ସେହିପରି ମେଣ୍ଟ ସରକାର ଦୁର୍ବଳ ଏବଂ ଏହା ଖୁବ୍‌ଶୀଘ୍ର ଭାଙ୍ଗିଯିବ ବୋଲି ଯେଉଁମାନେ କହୁଥିଲେ, ତାଙ୍କ ପାଇଁ ଏହା ଏକ କଡ଼ା ଜବାବ ବୋଲି ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ପ୍ରକାଶ କରିଛନ୍ତି। ସେପଟେ ଏହି ନିର୍ବାଚନ ଆଶାନୁରୂପ ଫଳ ଆଣିପାରିଲା ନାହିଁ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ଭାଜପା ମୁଖ୍ୟ ବି.ଏସ୍. ୟେଦୁରପ୍ପା ପ୍ରକାଶ କରିଛନ୍ତି। କିନ୍ତୁ ଆଗାମୀ ଲୋକ ସଭା ନିର୍ବାଚନରେ ଦଳ ୨୨ରୁ ୨୩ଟି ଆସନରେ ନିଶ୍ଚିତ ବିଜୟୀ ହେବ ବୋଲି ୟେଦୁରପ୍ପା ଆଶାବ୍ୟକ୍ତ କରିଛନ୍ତି। କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା କହିଛନ୍ତି, କର୍ନାଟକବାସୀ ଭାଜପାର ଫମ୍ପା ଭାଷଣବାଜିକୁ ପ୍ରତ୍ୟାଖ୍ୟାନ କରି କଂଗ୍ରେସ ଏବଂ ଜେଡିଏସ୍ ମେଣ୍ଟ ସରକାଙ୍କ ବିକାଶୋନ୍ମୁଖୀ ନୀତିକୁ ସମର୍ଥନ ଜଣାଇଛନ୍ତି। କଂଗ୍ରେସ ଉପରେ ଲୋକେ ପୁଣିଥରେ ଆସ୍ଥା ପ୍ରକଟ କରିଛନ୍ତି। ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ବିଭିନ୍ନ ପ୍ରାନ୍ତରେ ଉତ୍ସବ ଦେଖିବାକୁ ମିଳିଛି। ରାଜ୍ୟର ତୁମାକୁରୁଠାରେ କଂଗ୍ରେସ ପ୍ରାର୍ଥୀ ଇନାୟାତୁଲ୍ଲା ଖାନ୍‌ଙ୍କ ବିଜୟ ଉତ୍ସବ ବେଳେ ତରଳ ରାସାୟନିକ ଆକ୍ରମଣ ହୋଇଛି। ଏଥିରେ ୧୦ ଆହତ ହୋଇଛନ୍ତି।

## ସାଇପ୍ରସ୍ ନିବେଶକାରୀଙ୍କୁ କୋବିନ୍ଦଙ୍କ ଆହ୍ୱାନ

### ଦୁଇ ଚୁକ୍ତି ସ୍ୱାକ୍ଷର



**ନିକୋସିଆ,୩।୯(ପି.ଟି.)**-ତିନିଦିନିଆ ୟୁରୋପୀୟ ରାଷ୍ଟ୍ର ଗସ୍ତରେ ଯାଇଥିବା ଭାରତ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପ୍ରଥମେ ସାଇପ୍ରସ୍‌ରେ ପହଞ୍ଚିଛନ୍ତି। ସୋମବାର ସ୍ଥାନୀୟ ପ୍ରତିପକ୍ଷ ନିକୋସ୍ ଆନାସ୍ତାସିଆଡେସ୍‌ଙ୍କୁ ସାକ୍ଷାତ୍ କରି ଏକାଧିକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଦୁଇ ଦେଶର ସମ୍ପର୍କ ଉପରେ ଗୁରୁତ୍ୱ ଦେବା ସହ ନୂଆଦିଲ୍ଲୀ ଏବଂ ନିକୋସିଆ ମଧ୍ୟରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ ଅପରାଧ ନିରୋଧୀ ରାଜିନାମା ସ୍ୱାକ୍ଷର ହୋଇଛି। ଭାରତରେ ପୁଞ୍ଜିନିବେଶ ଲାଗି ସାଇପ୍ରସ୍ ନିବେଶକାରୀଙ୍କୁ କୋବିନ୍ଦ ଆହ୍ୱାନ ଦେଇଛନ୍ତି। ସାଇପ୍ରସ୍ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ସରେ ଉଦ୍‌ବୋଧନ ଦେଇ କୋବିନ୍ଦ ଭାରତୀୟ ଅର୍ଥନୈତିକ ଅଭିବୃଦ୍ଧିରେ ନିକୋସିଆର ଅବଦାନକୁ ପ୍ରଶଂସା କରିଛନ୍ତି। ଭାରତର ଡିଜିଟାଲକରଣ, ସ୍ମାର୍ଟ ସିଟି, ଭିତ୍ତିଭୂମି ନିର୍ମାଣ ଏବଂ ପର୍ଯ୍ୟଟନ କ୍ଷେତ୍ରରେ ନିବେଶ ପାଇଁ ଏଠାକାର ବ୍ୟବସାୟୀଙ୍କୁ ଆହ୍ୱାନ ଦେଇଛନ୍ତି।

## ରାଜନୈତିକ କାଦୁଅଫିଙ୍ଗାକୁ ନାହିଁ ଖାତିର

# ଗ୍ୱାଲିୟର, ଆଗ୍ରାରେ ଉଡୁଛି ୩ ରାଫେଲ୍ ବିମାନ

- ଉଡ଼ାଣ ପ୍ରଶିକ୍ଷଣ ନେଉଛନ୍ତି ଆଇଏଏଫ୍ ପାଇଲଟ
- ଚାରିଦିନ ହେବ ମିଳିତ ସମରାଭ୍ୟାସ
- ସମ୍ପର୍କ ମଜଭୁତ କରିବ 'ମିଶନ୍ ପେଗାସ୍': ଫ୍ରାନ୍ସ

**ନୂଆଦିଲ୍ଲୀ, ୩।୯(ପି.ଟି.)**

ରାଫେଲ୍ ଯୁଦ୍ଧବିମାନ କ୍ରୟ ବେଳେ ହୋଇଥିବା ଚୁକ୍ତିରେ କଂଗ୍ରେସ ଦୁର୍ନୀତିର ଗନ୍ଧ ବାରୁଥିବାରୁ ଏହାକୁ ନେଇ ହଟଚମଟ ଲାଗିରହିଛି। ଗୋଟିଏ ପଟେ ରାଜନୈତିକ କାଦୁଅଫିଙ୍ଗା ଚାଲିଥିବାବେଳେ ଅନ୍ୟପଟେ ଭାରତରେ ଥିବା ତିନୋଟି ରାଫେଲ୍ ବିମାନର ଉଡ଼ାଣ ଅଭ୍ୟାସ ଆରମ୍ଭ ହୋଇଯାଇଛି। ମଧ୍ୟପ୍ରଦେଶର ଗ୍ୱାଲିୟର ଏବଂ ଉତ୍ତରପ୍ରଦେଶର ଆଗ୍ରାରେ ଥିବା ବାୟୁସେନା ଘାଟିରେ ଆଇଏଏଫ୍ ପାଇଲଟ୍‌ମାନେ ପ୍ରଶିକ୍ଷଣ ନେଉଛନ୍ତି। ଫ୍ରାନ୍ସରୁ ୧୦୦ ବିମାନ ଚାଳକ, ଗୋଟିଏ ଆଟ୍‌ଲାସ୍ ଏ-୪୦୦ ଏମ୍ ସାମରିକ ପରିବହନକାରୀ ବିମାନ, ଗୋଟିଏ ଆକାଶମାର୍ଗରେ ଇନ୍ଧନ ଭର୍ତ୍ତି କରିପାରୁଥିବା ସି-୧୩୫ ବିମାନ ଏବଂ ଆଉ ଏକ ଏୟାରବସ୍ ଏ-୩୧୦ କାର୍ଗୋ ଏୟାରକ୍ରାଫ୍ଟ ମଧ୍ୟ ଚାରିଦିନ ପାଇଁ ଭାରତକୁ ଆସିଛି। ମିଳିଥିବା ସୂଚନା ମୁତାବକ, ସ୍ୱତନ୍ତ୍ର କ୍ଷମତାଧାରୀ ତିନି ରାଫେଲ୍ ବିମାନ ଇଣ୍ଡୋନେସିଆ, ମାଲେସିଆ, ଭିଏତ୍‌ନାମ ଏବଂ ସିଙ୍ଗାପୁର ଯାଇ ଫେରିବା ପରେ ଶନିବାର ଭାରତରେ ଅବତରଣ କରିଥିଲା। ରବିବାର ସନ୍ଧ୍ୟାରେ ଏସବୁ ଯୁଦ୍ଧବିମାନ ଗ୍ୱାଲିୟରସ୍ଥିତ ମହାରାଜପୁର ବାୟୁସେନା ଘାଟିରେ ପହଞ୍ଚିଥିଲା। ପରେ ଆଗ୍ରା ଆକାଶରେ ମଧ୍ୟ ଏଗୁଡ଼ିକର ଉଡ଼ାଣ ହୋଇଛି। ଶତ୍ରୁପକ୍ଷଙ୍କୁ ଟାର୍ଗେଟ କରିବା ଲାଗି ଏଗୁଡ଼ିକର ଉଡ଼ାଣ କୌଶଳ ଶିଖିବାର ସୁଯୋଗ ପାଇଛନ୍ତି ବାୟୁସେନାର ଏକ ପାଇଲଟ୍ ଟିମ୍। ଫ୍ରାନ୍ସ ଦୂତାବାସ ପକ୍ଷରୁ ଜାରି ଏକ ବିବୃତି ଅନୁଯାୟୀ, ଦୁଇଦେଶର ଯୁଦ୍ଧବିମାନଗୁଡ଼ିକ ମିଳିତ ସମରାଭ୍ୟାସ କରିବେ। ଉଭୟ ପକ୍ଷର ପାଇଲଟ୍‌ମାନେ ଅପରର ଯୁଦ୍ଧବିମାନ ମଧ୍ୟ ଉଡ଼ାଣ କରିବେ। ଭାରତ-ଫ୍ରାନ୍ସ ଦ୍ୱିପାକ୍ଷିକ ସାମରିକ ସହଯୋଗିତାକୁ ୨୦ବର୍ଷ ପୂର୍ତ୍ତି ହୋଇଥିବାବେଳେ ସଦ୍ୟ ସମରାଭ୍ୟାସ ଆଉ ଏକ ଉଦାହରଣ ସୃଷ୍ଟି କରିଥିବା ଏଥିରେ କୁହାଯାଇଛି। ବିଭିନ୍ନ ରାଷ୍ଟ୍ରରେ ଯୁଦ୍ଧବିମାନଗୁଡ଼ିକୁ ନେଇ ସାମରିକ କୌଶଳ ପ୍ରଦର୍ଶନକୁ ଫ୍ରାନ୍ସ 'ମିଶନ୍ ପେଗାସ୍' ଭାବେ ନାମିତ କରିଛି। ପ୍ରମୁଖ ସହଯୋଗୀ ରାଷ୍ଟ୍ର ସହ ସମ୍ପର୍କ ମଜଭୁତ କରିବା ଏହାର ମୁଖ୍ୟ ଲକ୍ଷ୍ୟ। ନିକଟରେ ଫ୍ରାନ୍ସ କଣ୍ଟିନ୍‌ଜେଣ୍ଟ ଅଷ୍ଟ୍ରେଲିଆରେ 'ଅପରେଶନ୍ ପିଚ୍ ବ୍ଲାକ୍' ଚଳାଇଥିଲା। ଏହି ମେଗା ମିଳିତ ସମରାଭ୍ୟାସରେ ଭାରତୀୟ ବାୟୁସେନା ମଧ୍ୟ ସାମିଲ ହୋଇଥିଲା। ସେଠାରେ ଆଇଏଏଫ୍ ପାଇଲଟମାନେ ପ୍ରଥମ କରି ରାଫେଲ୍ ଯୁଦ୍ଧବିମାନ ଉଡ଼ାଣ କରିବାର ସୁଯୋଗ ପାଇଥିଲେ। ଜୁଲାଇ ୨୪ରୁ ଅଗଷ୍ଟ ୧୮ ପର୍ଯ୍ୟନ୍ତ ଚାଲିଥିବା ଏହି କାର୍ଯ୍ୟକ୍ରମରେ ବାୟୁସେନାର ପ୍ରାୟ ୧୪୫ ଯୋଦ୍ଧା ପାଇଲଟ୍ ଏଠାରେ କୌଶଳ ପ୍ରଦର୍ଶନ କରିଥିଲେ।







କେରଳ ଉପରେ ଗୋଟିଏ ପରେ ଗୋଟିଏ ଦୁଃଖ ମାଡ଼ି ଆସୁଛି। ପ୍ରଳୟଙ୍କରୀ ବନ୍ୟାରେ ହଜାର ହଜାର ଲୋକଙ୍କ ପ୍ରାଣହାନି ଘଟିବା ପରେ ଲକ୍ଷଲକ୍ଷ ବାସହରା ହୋଇ ଅସ୍ଥାୟୀ ଆଶ୍ରୟ ସ୍ଥଳରେ ରହୁଛନ୍ତି। ଏବେ ଅନେକ ଲୋକ ବିଭିନ୍ନ ଜଳବାହିତ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଇତିମଧ୍ୟରେ ଅଗଷ୍ଟ ୨୦ତାରିଖଠାରୁ ର୍‍ୟାଟ ଫିଭରରେ ରାଜ୍ୟରେ ୪୩ ଜଣଙ୍କର ମୃତ୍ୟୁ ଘଟିଛି। ୧୩ଟି ଜିଲାରେ ଏଥିପାଇଁ ଜାରି ହୋଇଛି ହାଇ ଆଲର୍ଟ। ଏହି ଫିଭରରେ ଲିଭର ଏବଂ କିଡ୍‌ନୀ ସଂକ୍ରମଣ ହେଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ବାତିଲ ହେଲା କ୍ୟାବିନେଟ୍ ବୈଠକ

**ଭୁବନେଶ୍ୱର, ୩।୯(ବ୍ୟୁରୋ):** ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ବାତିଲ ହୋଇଯାଇଛି। ସୋମବାର ସନ୍ଧ୍ୟା ୬.୧୫ରେ ସଚିବାଳୟଠାରେ କ୍ୟାବିନେଟ୍ ବୈଠକ ବସିବାର ଥିଲା। ମାତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନେକଗୁଡ଼ିଏ କାର୍ଯ୍ୟକ୍ରମରେ ବ୍ୟସ୍ତ ରହିଯିବା କାରଣରୁ କ୍ୟାବିନେଟ୍ ବୈଠକ ହୋଇପାରି ନ ଥିବା ଜଣାପଡ଼ିଛି। ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀ ଫକୀର ମୋହନ ମେଡ଼ିକାଲ କଲେଜ ଓ ହସ୍ପିଟାଲ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେବାକୁ ବାଲେଶ୍ୱର ଗସ୍ତ କରିଥିଲେ। ସେଠାରୁ ଫେରିବା ପରେ ସନ୍ଧ୍ୟାରେ ମୌସୁମୀ ଅଧିବେଶନ ପାଇଁ ବିଜେଡି ବିଧାୟକ ଦଳ ବୈଠକ ବସିଥିଲା। ବିଧାୟକ ଦଳ ବୈଠକ ବିଳମ୍ବରେ ଶେଷ ହେବା କାରଣରୁ ସୋମବାର ହେବାକୁ ଥିବା କ୍ୟାବିନେଟ୍ ବୈଠକକୁ ସ୍ଥଗିତ ରଖାଯାଇଥିବା ଜଣେ ମନ୍ତ୍ରୀ ସୂଚନା ଦେଇଛନ୍ତି।

### ମିଳିତ ମଞ୍ଚ ଆନ୍ଦୋଳନକୁ ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ସମର୍ଥନ

ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା ମହାସଂଘ

**ଭୁବନେଶ୍ୱର, ୩।୯(ବ୍ୟୁରୋ):** ବ୍ଲକଗ୍ରାଣ୍ଟ୍ ଉଚ୍ଛେଦ କରି ପୂର୍ଣ୍ଣ ଅନୁଦାନ ଦାବିରେ ଲୋୟର ପିଏମ୍‌ଜିରେ ଧାରଣାରେ ବସିଥିବା ଓଡ଼ିଶା ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ଆନ୍ଦୋଳନକୁ ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ସମର୍ଥନ ଜଣାଇଛି। ଶିକ୍ଷକଙ୍କ ସମସ୍ୟାକୁ ମୁଖ୍ୟମନ୍ତ୍ରୀ ତୁରନ୍ତ ସମାଧାନ ପାଇଁ ହସ୍ତକ୍ଷେପ କରନ୍ତୁ ବୋଲି ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଉଛି ବୋଲି ମହାସଂଘ ସାଧାରଣ ସମ୍ପାଦକ ରବି ରାୟ ସୋମବାର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ବ୍ଲକଗ୍ରାଣ୍ଟ ଶିକ୍ଷକ ପ୍ରଥା ସରକାର ୨୦୦୪ଠାରୁ ଲାଗୁ କରିଛନ୍ତି । ବ୍ଲକଗ୍ରାଣ୍ଟ ଶିକ୍ଷକମାନେ ମୁଣ୍ଡାମୁଣ୍ଡି ଦରମା ପାଉଥାନ୍ତି। ଏଥିରେ ଚାକିରି ସର୍ତ୍ତାବଳୀ ନାହିଁ। ପେନସନ୍ ନାହିଁ। ଜିପିଏଫ୍ ଭଳି ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ମଧ ନାହିଁ। ସରକାର ବ୍ଲକଗ୍ରାଣ୍ଟ୍ ଉଠାଇ ଚାକିରି ସର୍ତ୍ତାବଳୀ ଦେବା ସହ ପୂର୍ଣ୍ଣ ଅନୁଦାନ ପ୍ରଦାନ କରିବାକୁ ଶିକ୍ଷକ ମହାସଂଘ ପୂର୍ବରୁ ସରକାରଙ୍କ ପାଖରେ ଦାବି କରିଆସୁଛି। ମିଳିତ ମଞ୍ଚର ବ୍ଲକଗ୍ରାଣ୍ଟ ଶିକ୍ଷକ, ଅଧାପକ ଏବଂ କର୍ମଚାରୀଙ୍କ ଆନ୍ଦୋଳନ ଫଳରେ ସରକାର ବ୍ଲକଗ୍ରାଣ୍ଟ ଉଚ୍ଛେଦକୁ ରାଜି ହୋଇଛନ୍ତି। ହେଲେ ତାହା ପୁଣି ସର୍ତ୍ତମୂଳକ। ଅଦାଲତକୁ ଯାଇଥିବା ଶିକ୍ଷକମାନେ କେସ୍ ଉଠାଇଲେ ବର୍ଦ୍ଧିତ ବ୍ଲକଗ୍ରାଣ୍ଟ ମିଳିବ ବୋଲି ସରକାର କହୁଛନ୍ତି। ଉପରୋକ୍ତ ସର୍ତ୍ତକୁ ହାଇକୋର୍ଟ ରଦ୍ଦ କରି ଦେଇଛନ୍ତି। ତେବେ ଆନ୍ଦୋଳନ ଚଳାଇଥିବା ଶିକ୍ଷକଙ୍କ ଦାବି ଯଥାର୍ଥ ଦର୍ଶାଇ ମହାସଂଘ ସରକାରଙ୍କ ପାଖରେ ଜଣାଉଥିବା ରାୟ କହିଛନ୍ତି। ଅନ୍ୟମାନଙ୍କ ମଧରେ ମହାସଂଘ ସଭାପତି ଦାଶରଥି ନାୟକ, ଉକ୍ତ ସମସ୍ୟାର ସମାଧାନ ହୋଇଗଲେ ଶିକ୍ଷା କ୍ଷେତ୍ରରେ ଉପୁଜିଥିବା ଅଚଳ ଅବସ୍ଥା ଦୂର ହୋଇପାରିବ। ପୂର୍ଣ୍ଣ ଅନୁଦାନ ପ୍ରଦାନ ଗୁଣାତ୍ମକ ଶିକ୍ଷା କ୍ଷେତ୍ରରେ ଏକ ସୁସ୍ଥ ବାତାବରଣ ସୃଷ୍ଟି କରିପାରିବ ବୋଲି ସଭାପତି ନାୟକ କହିଛନ୍ତି।

### ଅବସର ପରେ ଆଉ ରହିବନି ଚାକିରି
### ସବୁ ବିଭାଗକୁ ଚିଠି କଲେ ସରକାର

**ଭୁବନେଶ୍ୱର, ୩।୯(ବ୍ୟୁରୋ):** ଅବସର ପରେ ପୁନଃନିଯୁକ୍ତି ପାଇ ସରକାରୀସ୍ତରରେ ଦାୟିତ୍ୱ ତୁଲାଉଥିବା ବହୁ ଅଧିକାରୀ ଏବେ ଦାୟିତ୍ୱ ମୁକ୍ତ ହେବେ। ଶକ୍ତି ବିଭାଗ ସଚିବ ତାଙ୍କ ବିଭାଗୀୟ ଅଧିକାରୀଙ୍କୁ ଏ ସମ୍ପର୍କିତ ଚିଠି ଲେଖିବା ପରେ ଏହା ଜଣାପଡ଼ିଛି। କେବଳ ଶକ୍ତି ନୁହେଁ ସବୁ ବିଭାଗକୁ ଏନେଇ ଚିଠି କରାଯାଇଛି। ନିକଟ ଅତୀତରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧକ୍ଷତାରେ ବସିଥିବା ସଚିବସ୍ତରୀୟ ବୈଠକରେ ଏନେଇ ଆଲୋଚନା ହୋଇଥିଲା। ବିଗତ ୪ବର୍ଷରେ ପ୍ରାୟ ୫୦ହଜାର ଅବସରପ୍ରାପ୍ତ କର୍ମଚାରୀ ସରକାରୀ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ପ୍ରଶାସନିକ ଆବଶ୍ୟକତା ଏବଂ ଅଭିଜ୍ଞତାକୁ ଦୃଷ୍ଟିରେ ରଖି ଅବସର ପରେ ବହୁ ଅଧିକାରୀଙ୍କୁ ପୁନଃନିଯୁକ୍ତି ଦିଆଯାଉଥିବା ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଉଥିଲା। ମାତ୍ର ଏଭଳି ଆଭିମୁଖ୍ୟ ବଦଳାଇ ଅବସର ପରେ ଆଉ ଚାକିରି ନ ଦେବା ପାଇଁ ସ୍ଥିର ହୋଇଛି। ଏହାକୁ ବିଭିନ୍ନ ମହଲରେ ସ୍ୱାଗତ ମଧ କରାଯାଇଛି। ରାଜ୍ୟ ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂ କହିଛନ୍ତି, ଏନେଇ ଆମ ନିକଟକୁ ଚିଠି ଆସିବା ପରେ ଅଧିକାରୀମାନଙ୍କୁ ଚିଠି କରାଯାଇଛି। ଅବସର ପରେ କେତେ କର୍ମଚାରୀ ଶକ୍ତି ବିଭାଗରେ କାର୍ଯ୍ୟ କରୁଛନ୍ତି ତା'ର ରିପୋର୍ଟ ଅଣାଯିବ। ଏହାପରେ ନିଷ୍ପତ୍ତି ଅନୁଯାୟୀ କାର୍ଯ୍ୟ କରାଯିବ ବୋଲି ସୁଶାନ୍ତ କହିଛନ୍ତି।




# ୫ରେ କଳାଦିବସ ପାଳିବେ ୬୦ ହଜାର ଶିକ୍ଷକ

ଭୁବନେଶ୍ୱର, ୩।୯(ବ୍ୟୁରୋ)

ପୂର୍ଣ୍ଣ ଅନୁଦାନ, ଚାକିରି ସର୍ତ୍ତାବଳୀ ଓ ଅବସରକାଳୀନ ସୁବିଧା ସୁଯୋଗ ପ୍ରଦାନ ଦାବିରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତମଞ୍ଚର ଆନ୍ଦୋଳନ ସୋମବାର ୧୯ଦିନରେ ପହଞ୍ଚିଛି। ଯେହେତୁ ସରକାର ଦାବି ସମ୍ପର୍କରେ କୌଣସି ପଦକ୍ଷେପ ନେଲେ ନାହିଁ, ତେଣୁ ମିଳିତମଞ୍ଚ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଆସନ୍ତା ୫ତାରିଖ ଗୁରୁଦିବସକୁ ୬୦ହଜାର ଶିକ୍ଷକ, ଅଧ୍ୟାପକ, ଶିକ୍ଷା କର୍ମଚାରୀ କଳାଦିବସ ଭାବେ ପାଳନ କରିବେ। ୬ତାରିଖରୁ ରାଜ୍ୟର ସମସ୍ତ ନୂତନ ଅନୁଦାନପ୍ରାପ୍ତ(ବ୍ଲକ୍‌ଗ୍ରାଣ୍ଟ), ପ୍ରତ୍ୟାଶୀ ସ୍କୁଲ ଓ କଲେଜ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ବନ୍ଦ ରହିବ। ୫ରୁ ୭ ତାରିଖ ପର୍ଯ୍ୟନ୍ତ ଶିକ୍ଷକ, ଅଧାପକ, ଶିକ୍ଷା କର୍ମଚାରୀ ୩ଦିନ ଧରି ଭୁବନେଶ୍ୱରରେ ରହିବେ। ୬ତାରିଖ ଦିନ ପୂର୍ବାହ୍ନରେ ୧୪୭ ବିଧାୟକଙ୍କର ବାସଭବନ ଘେରାଉ କରାଯିବ। ଏହି ଘେରାଉ କାର୍ଯ୍ୟକ୍ରମ ୭ତାରିଖ ଅପରାହ୍ନ ପର୍ଯ୍ୟନ୍ତ ବଳବତ୍ତର ରହିବ। ସେହିଦିନଠାରୁ ପ୍ରତ୍ୟେକ ସ୍କୁଲ ଓ କଲେଜରୁ ୨ଜଣ, ଉଚ୍ଚପ୍ରାଥମିକ ବିଦ୍ୟାଳୟ, ମଦ୍ରାସା, ସଂସ୍କୃତ ଟୋଲ ବିଦ୍ୟାଳୟରୁ ଜଣେ ଲେଖାଏ ବିଧାନସଭା ଶେଷ ହେବା ପର୍ଯ୍ୟନ୍ତ ଭୁବନେଶ୍ୱରରେ ଆନ୍ଦୋଳନରେ ଉପସ୍ଥିତ ରହିବେ। ୧୦ ତାରିଖଠାରୁ ସ୍କୁଲ, କଲେଜର ଅବଶିଷ୍ଟ ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷା କର୍ମଚାରୀମାନେ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା କରିବେ। ୧୭ ତାରିଖରୁ ବ୍ଲକ୍‌ର ସମସ୍ତ ଶିକ୍ଷକ, ଅଧାପକ ଓ ଶିକ୍ଷା କର୍ମଚାରୀମାନେ ପ୍ରତିଦିନ ଗୋଟିଏ ପଞ୍ଚାୟତରେ ପଦଯାତ୍ରା କିମ୍ବା ମୋଟରସାଇକେଲ ରାଲି କରି ଘରେ ଘରେ ମିଳିତମଞ୍ଚର ଲିଫ୍‌ଲେଟ୍ ଦେବେ। ଶିକ୍ଷା ବିରୋଧୀ ସ୍ଲୋଗାନ ଦେଇ ଅପରାହ୍ନ ୩ଟାରେ ପଞ୍ଚାୟତ ହେଡ୍‌କ୍ୱାର୍ଟରରେ ସାଧାରଣ ସଭା କରିବେ। ଆନ୍ଦୋଳନ ବେଳେ ମଧ୍ୟାହ୍ନଭୋଜନ କାର୍ଯ୍ୟ ବନ୍ଦ ରହିବ। ଏହି ସମସ୍ତ ନିଷ୍ପତ୍ତିକୁ ପାଳନ କରିବା ପାଇଁ ଜିଲା ଷ୍ଟିଅରିଂ କମିଟି, ବ୍ଲକ୍ ଷ୍ଟିଅରିଂ କମିଟିର ଶିକ୍ଷକ, ଅଧାପକ ଓ ଶିକ୍ଷା କର୍ମଚାରୀମାନଙ୍କୁ ମିଳିତମଞ୍ଚର ଆବାହକ ମଣ୍ଡଳୀ ସଦସ୍ୟ ପବିତ୍ର ମହାଲା, ଗୋଲକ ନାୟକ ଓ ପ୍ରକାଶ ଚନ୍ଦ୍ର ମହାନ୍ତି ନିବେଦନ କରିଛନ୍ତି।

- ୧୯ ଦିନରେ ଶିକ୍ଷକଙ୍କ ଆନ୍ଦୋଳନ
- ମିଳିତମଞ୍ଚ ଷ୍ଟିଅରିଂ କମିଟିର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

# ପୁଣି ଆନ୍ଦୋଳନକୁ ଓହ୍ଲାଇଲା ପୁରୁଣା ସିଟି, ବି.ଇଡି ସଂଘ

ଭୁବନେଶ୍ୱର, ୩।୯(ବ୍ୟୁରୋ)

ପୁଣି ଆନ୍ଦୋଳନାକୁ ଓହ୍ଲାଇଲା ଅଲ୍ ଓଡ଼ିଶା ଅଣକର୍ମଚାରୀ ପୁରୁଣା ସିଟି ଏବଂ ବି.ଇଡି ସଂଘ। ସ୍ୱତନ୍ତ୍ର ପ୍ୟାକେଜ ଜରିଆରେ ପୁରୁଣା ସିଟି ଏବଂ ବି.ଇଡିମାନଙ୍କୁ ରାଜ୍ୟ ସରକାର ନିଯୁକ୍ତି ଦିଅନ୍ତୁ ବୋଲି ସଂଘ ଦାବି କରିଛି। ପୂର୍ବରୁ ସଂଘ ଆନ୍ଦୋଳନ କରି ସଂଘର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ପ୍ରକୋଷ୍ଠରେ ସାକ୍ଷାତ କରିଥିଲେ। ଏହି ସମୟରେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସଂଘର ଦାବି ଯଥାର୍ଥ ବୋଲି ଗ୍ରହଣ କରିଥିଲେ। ସ୍ୱତନ୍ତ୍ର ପ୍ୟାକେଜ ଆଣି ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଅତିରିକ୍ତ ସଚିବଙ୍କ ପ୍ରତିଶ୍ରୁତିକୁ ଦୁଇ ମାସ ପୂରି ଯାଇଛି। ଏପର୍ଯ୍ୟନ୍ତ ସ୍ୱତନ୍ତ୍ର ପ୍ୟାକେଜ ବ୍ୟବସ୍ଥା ଅଣାଯାଇ କୌଣସି ନିଯୁକ୍ତି ଦିଆଗଲା ନାହିଁ। ଫଳରେ ସଂଘ ପୁନର୍ବାର ଆନ୍ଦୋଳନାକୁ ଓହ୍ଲାଇଛି ବୋଲି ସଂଘ ସଭାପତି ଗୋପବନ୍ଧୁ ମୁଦୁଲୀ କହିଛନ୍ତି।

ମୁଦୁଲୀଙ୍କ କହିବା ହେଲା, ୧୯୯୦ରୁ ୨୦୦୦ ମସିହା ମଧରେ ସିଟି ଏବଂ ବି.ଇଡି ତାଲିମ୍ ପାଇଁ ଶିକ୍ଷାନୀତି ଅଲଗା ଥିଲା। ପରୀକ୍ଷାରେ ବିଷୟ ପିଛା ପୂର୍ଣ୍ଣ ସଂଖ୍ୟା ୧୦୦ ଥିଲା। ୫ଟି ପ୍ରଶ୍ନର ଦୀର୍ଘ ମୂଳକ ଉତ୍ତର ଦେବାକୁ ପଡୁଥିଲା। ମାତ୍ର ୨୦୦୧ ବେଳକୁ ଶିକ୍ଷାନୀତିରେ ପରିବର୍ତ୍ତନ କରାଗଲା। ଯେଉଁ ନୂଆ ପିଲାମାନେ ସିଟି ଏବଂ ବି.ଇଡି ତାଲିମ୍ ନେଲେ ସେମାନଙ୍କ ପାଇଁ ପରୀକ୍ଷାରେ ସଂକ୍ଷିପ୍ତ ପ୍ରଶ୍ନୋତ୍ତର ରହିଲା। ଯାହାକି ସେମାନେ ଅଧିକ ନମ୍ବର ରଖି ପାସ୍ କଲେ। ନିଯୁକ୍ତି ବେଳେ ସେମାନେ ଚାକିରି ପାଇଁ ପୁରୁଣା ସିଟି ଏବଂ ବି.ଇଡି ତାଲିମଧାରୀଙ୍କ ଅପେକ୍ଷା ଅଧିକ ଯୋଗ୍ୟ ହୋଇପାରିଲେ। ଏହି ୧୦ ବର୍ଷ ଭିତରେ ସରକାର ଶିକ୍ଷକ ପଦବୀ ନିଯୁକ୍ତି କଲେ ନାହିଁ। ଫଳରେ ସିଟି ଏବଂ ବି.ଇଡି ତାଲିମ୍ ନେଇଥିବା ଯୁବତୀ ଯୁବକ ଚାକିରି ପାଇ ପାରିଲେ ନାହିଁ ବୋଲି ମୁଦୁଲୀ କୁହନ୍ତି। ତେଣୁ ସଂଘ ଦାବି କରୁଛି କି, ସରକାର ପୁରୁଣା ସିଟି ଏବଂ ବି.ଇଡି ତାଲିମପ୍ରାପ୍ତ ବ୍ୟକ୍ତିଙ୍କ ଭବିଷ୍ୟତକୁ ବିଚାର କରି ତୁରନ୍ତ ସ୍ୱତନ୍ତ୍ର ପ୍ୟାକେଜ ଆଣି ନିଯୁକ୍ତି ଦିଅନ୍ତୁ।



ଅଲ୍ ଓଡ଼ିଶା ଅଣକର୍ମଚାରୀ ପୁରୁଣା ସିଟି ଏବଂ ବି.ଇଡି ସଂଘ ପକ୍ଷରୁ ଲୋୟର ପିଏମ୍‌ଜିଠାରେ ଆନ୍ଦୋଳନ।

# ଗଳା କାଟି ନିଜକୁ ବଳି ପକାଇଲେ

## ଅନ୍ଧବିଶ୍ୱାସର କୁପରିଣତି

ଧାମନଗର,୩।୯ (ଡି.ଏନ.ଏ.)

ମାନସିକ ପୂରଣ ଲାଗି ଠାକୁରଙ୍କ ନିକଟରେ ବଳି ପକାଇବା ଭଳି ଅନ୍ଧବିଶ୍ୱାସର ଏକ ଭିନ୍ନ ନଜିର ଦେଖିବାକୁ ମିଳିଛି। ଭଦ୍ରକ ଜିଲା ଧାମନଗର ବ୍ଲକ, ଧୂଷୁରୀ ଥାନା ଅଧୀନ ସାହାସପୁର ସାଏନ୍ତ ସାହିର ସନ୍ତୋଷ ସାଏନ୍ତ ନାମକ ୪୦ ବର୍ଷର ଜଣେ ଯୁବକ ସୋମବାର ସକାଳେ ଠାକୁର ପୂଜା କରିବା ବେଳେ ନିଜକୁ ବଳି ପକାଇବାକୁ ଉଦ୍ୟମ କରି ଏକ ଛୁରିରେ ନିଜ ଗଳା କାଟି ଦେଇଥିଲେ। ପୂଜା ଘର ରକ୍ତ ଜୁଡୁବୁଡୁ ହୋଇ ସେ ଯନ୍ତ୍ରଣାରେ ଚିତ୍କାର କରିବାରୁ ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ପରେ ୧୦୮ ଆମ୍ବୁଲାନ୍ସ ଦ୍ୱାରା ତାଙ୍କୁ ଭଦ୍ରକ ମେଡ଼ିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଯୁବକଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଏହି ଘଟଣା ନେଇ ଅଧିକ ତଦନ୍ତ କରାଯାଉଥିବା ପୋଲିସ କହିଛି। ସାହାସପୁର ସାଏନ୍ତ ସାହିର ଶଶଧର ସାଏନ୍ତଙ୍କର ସାନ ପୁଅ ସନ୍ତୋଷ ଠାକୁରଙ୍କର ଜଣେ ଭକ୍ତ ତଥା ଅଧ୍ୟାତ୍ମିକତାବାଦୀ ଭାବେ ଜଣାଶୁଣା ଥିଲେ। ସେ ନିୟମିତ ଘରେ ପୂଜାପାଠ କରୁଥିଲେ। ବିବାହ ମଧ କରିଥିଲେ। ସୋମବାର ସକାଳ ସେ ଠାକୁରଙ୍କ ପୂଜାଘରକୁ ଯାଇଥିଲେ। ପୂର୍ବାହ୍ନ ୯ଟା ବେଳକୁ ତାଙ୍କ ସ୍ତ୍ରୀ ଚିତ୍କାର ଶୁଣି ପୂଜାଘରକୁ ଯାଇ ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦେଖି ଡାକ ପକାଇଥିଲେ। ପରିବାର ଓ ସାହିଲୋକେ ଆସି ତାଙ୍କୁ ଭଦ୍ରକ ମେଡ଼ିକାଲ ପଠାଇବା ବ୍ୟବସ୍ଥା କରିଥିଲେ। କିନ୍ତୁ ଡାକ୍ତରଖାନାରେ ପହଞ୍ଚିବା ବେଳକୁ ତାଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। କୌଣସି ମାନସିକ ପୂରଣ ଲକ୍ଷ୍ୟରେ ସନ୍ତୋଷ ନିଜକୁ ବଳି ଦେବା ଉଦ୍ଦେଶ୍ୟରେ ଏପରି କାଣ୍ଡ ଭିଆଇଥିବା ପଡୋଶୀମାନେ ମତ ପ୍ରକାଶ କରିଛନ୍ତି । ଅନ୍ଧବିଶ୍ୱାସର ଏହି କୁପରିଣତି ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

GANDHI INSTITUTE
Balangir, Sambalpur
9348898852
9777988870
www.gandhiinstitute.in
Admission Going On
B.ED
Andhra University
Dear Students,
2017-19 First Semester Result Announced...
Congratulation to All Passout Students and those who have not cleared the papers; Do not get panicked. You have another Chance to clear your Back Papers.
Topper of 1st Semester:
Miss. Priyanka Lahoti
Sambalpur

# ଦାମଙ୍କ ଚକ୍ରବ୍ୟୂହ ବାଣକୁ ନେଇ ଅଡୁଆରେ ବିଜେଡି

ଭୁବନେଶ୍ୱର, ୩।୯(ବ୍ୟୁରୋ)

ନିଜର ରୋକ୍‌ଠୋକ୍ ମନ୍ତବ୍ୟ ଦେଇ ବିଜେଡିକୁ ପୁଣି ଥରେ ଅଡୁଆରେ ପକାଇଛନ୍ତି ଦଳର ବରିଷ୍ଠ ନେତା ଦାମୋଦର ରାଉତ। ସୋମବାର ଦାମଙ୍କ ଚକ୍ରବ୍ୟୂହ ବାଣ ବିଜେଡି ଶିବିରରେ କମ୍ପନ ସୃଷ୍ଟି କରିଛି। କେତେଜଣ ନେତା ଓ ଅଫିସରଙ୍କ ଚକ୍ରବ୍ୟୂହରେ ପଶି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବେ ବଦ୍‌ନାମ ହେଉଛନ୍ତି। ସେହି ନେତା ଓ ଅଫିସରଙ୍କୁ ଭଗବାନ ସହାୟକ ହୁଅନ୍ତୁ। ମେ ୨୯ ମିଡ୍‌ନାଇଟ୍ ଅପରେଶନ୍‌ରେ ସାମିଲ ଥିବା ଲୋକ ଏବେ ବିଜେଡିର ସର୍ବେସର୍ବା ହୋଇଛନ୍ତି। ପ୍ରତ୍ୟେକ ସପ୍ତାହରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଯେଉଁ ଗୋଇନ୍ଦା ରିପୋର୍ଟ ଆସିବା କଥା। ତାହା ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପହଞ୍ଚୁ ନାହିଁ। ପ୍ୟାରିମୋହନ ମହାପାତ୍ର ସେତେବେଳେ ଏଭଳି କରୁଥିଲେ। ସ୍ପେଶାଲ ବ୍ରାଞ୍ଚ ରିପୋର୍ଟକୁ ମାଗିଆଣି ପ୍ୟାରିବାବୁ ତାକୁ ସଂଶୋଧନ କରି ମୁଖ୍ୟମନ୍ତ୍ରୀଙ୍କୁ ଦେଇ ଦେଉଥିଲେ। ଏବେ ପ୍ୟାରିବାବୁଙ୍କ ସମୟରୁ ଅଧିକ ଗଫଲତି ହେଉଛି ବୋଲି ଦାମ କହିଛନ୍ତି। ବିଜୁବାବୁଙ୍କ ସଭାରେ ଯେଉଁମାନେ ଖଣ୍ଡା ବୁଲାଉଥିଲେ ସେମାନେ ଦଳର ଆଗ ଧାଡିର ନେତା ହୋଇଛନ୍ତି। ଯେଉଁମାନେ ବିଜୁବାବୁଙ୍କୁ କେବେହେଲେ ଦେଖି ନାହାନ୍ତି ସେମାନେ ବିଜୁବାବୁଙ୍କ ଆଦର୍ଶ କଥା କହୁଛନ୍ତି ବୋଲି ସେ କହିଛନ୍ତି।

ବିଜେଡି କିନ୍ତୁ ଦାମଙ୍କ ମନ୍ତବ୍ୟର ଜବାବ୍ ରଖିଛି। ଦଳର ମୁଖପାତ୍ର ପ୍ରତାପ ଦେବ କହିଛନ୍ତି ଯେ, ଦଳରେ କିଏ କ'ଣ କରୁଛି ତାହା ଗଣମାଧ୍ୟମ ଆଗରେ କହିବା ଠିକ୍ ନୁହେଁ। ଜଣେ ବରିଷ୍ଠ ନେତା ଭାବରେ ଦାମବାବୁ ଯାହା କହିବା କଥା ତାହା ଦଳୀୟ ଫୋରମରେ କୁହନ୍ତୁ ବୋଲି ସେ କହିଛନ୍ତି।



ଦାମୋଦର ରାଉତ

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ADMISSION OPEN 2018-20
B.Ed, B.P.Ed, B.H.Ed.
10th, +2, +3 (UG, PG, All stream)
BCA, MCA, BLib, PGDCA, MSW, BBA, MEd., MPhil,
At Regular & Distance at lower rate Approved by UGC, NCTE & Equivalent to Odisha Board University
ADHYAN INSTITUTE OF EDUCATION
Jharsuguda, Sundargarh, Sambalpur, Deogarh, Boudh
Mob: 9937693353, 7008624254, 9337325436

ଓଡ଼ିଶାର ଘରେ ଘରେ ପରିଚିତ ।
ହାଇପାୱାର ସ୍କେବିଡଲ୍ ®
ମଲମ ଓ ଲୋସନ୍
ଯାଦୁ, ପାଣିକନ୍ଦା ଓ ଗୋଡ଼ଫଟା ପାଇଁ ଫଳପ୍ରଦ

# କେନ୍ଦ୍ରମନ୍ତ୍ରୀଙ୍କୁ ଅସମ୍ମାନ କରୁଛନ୍ତି ରାଜ୍ୟ ସରକାର: ଭାଜପା

- ଭାଜପା ଅଭିଯୋଗରୁ ରାଜନୈତିକ ଗନ୍ଧ ଆସୁଛି: ବିଜେଡି

ଭୁବନେଶ୍ୱର, ୩।୯(ବ୍ୟୁରୋ)

ରାଜ୍ୟ ଗସ୍ତରେ ଆସୁଥିବା କେନ୍ଦ୍ରମନ୍ତ୍ରୀମାନଙ୍କୁ ବାରମ୍ବାର ଅସମ୍ମାନ କରାଯାଉଛି। ରାଜ୍ୟ ସରକାର ବାସ୍ତବରେ ଅତିଥିମାନଙ୍କୁ ସମ୍ମାନ ଦିଅନ୍ତି ନାହିଁ। ଅସହିଷ୍ଣୁତା ମନୋଭାବ ରଖି ରାଜ୍ୟକୁ ଆସୁଥିବା ଅତିଥିମାନଙ୍କୁ ସୁରକ୍ଷା ଯୋଗାଇବାରେ ରାଜ୍ୟ ସରକାର ହୀନ ରାଜନୀତି ଅଭିସନ୍ଧି ରଖିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହା ସମଗ୍ର ରାଜ୍ୟବାସୀଙ୍କ ପାଇଁ ଲଜ୍ଜାର ବିଷୟ ବୋଲି ଭାଜପା ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂ ଦେଓ କହିଛନ୍ତି।

ସୋମବାର ଦଳୀୟ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କନକ ବର୍ଦ୍ଧନ କହିଛନ୍ତି, ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ବାଲେଶ୍ୱରଠାରେ ନବନିର୍ମିତ ଫକୀର ମୋହନ ମେଡ଼ିକାଲ କଲେଜ ଓ ହସ୍ପିଟାଲର ଶୁଭ ଉଦ୍‌ଘାଟନ ପାଇଁ ରବିବାର କେନ୍ଦ୍ର ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ ଚୌବେ ଭୁବନେଶ୍ୱରଠାରେ ପହଞ୍ଚିଥିଲେ। ମାତ୍ର କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗ ଜଣାଇବାକୁ ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବ କିମ୍ବା କୌଣସି ଉଚ୍ଚପଦସ୍ଥ ପଦାଧିକାରୀ ଉପସ୍ଥିତ ନ ରହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ହେଲିକପ୍ଟର ଯୋଗେ ଭୁବନେଶ୍ୱରଠାରୁ ବାଲେଶ୍ୱର ଯିବା ଲାଗି କାର୍ଯ୍ୟକ୍ରମ ପୂର୍ବରୁ ନିର୍ଦ୍ଧାରିତ ହୋଇଥିଲା, ମାତ୍ର ଶେଷ ମୁହୂର୍ତ୍ତରେ ତାହା ବାତିଲ ହୋଇଥିଲା। ଏହାପରେ ସଡକ ପଥରେ ଚୌବେଙ୍କୁ ବାଲେଶ୍ୱର ଯିବାକୁ ପଡିଥିଲା। ମାତ୍ର ତାଙ୍କ ଗସ୍ତ ସମୟରେ ଯାଜପୁର ଜିଲାର ସୀମା ପର୍ଯ୍ୟନ୍ତ ପୋଲିସ ସୁରକ୍ଷା ଯୋଗାଇ ଦିଆଯାଇଥିଲା। କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀଙ୍କୁ ୱାଇ କାଟେଗୋରି ସୁରକ୍ଷା ମିଳିଥିବା ବେଳେ ରାଜ୍ୟ ସରକାରଙ୍କ ଦାୟିତ୍ୱହୀନତା ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି। ପୂର୍ବରୁ ୨ଟି ମେଡ଼ିକାଲ କଲେଜ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ସମୟରେ ରାଜ୍ୟ ସରକାର କେନ୍ଦ୍ରର କୌଣସି ମନ୍ତ୍ରୀ ବା ଅଧିକାରୀଙ୍କୁ ନିମନ୍ତ୍ରଣ କରି ନ ଥିଲେ। ଗତ ୩୧ତାରିଖରେ ବଲାଙ୍ଗୀର ଜିଲାର ଭୀମଭୋଇ ମେଡ଼ିକାଲ କଲେଜ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ଯୋଗଦେଇଥିଲେ। ମାତ୍ର ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଥିବା ନିମନ୍ତ୍ରଣ ପତ୍ରରେ କେନ୍ଦ୍ରମନ୍ତ୍ରୀଙ୍କ ନାମ ରହି ନ ଥିଲା। ଏହାକୁ ନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା ବୋଲି କନକ କହିଛନ୍ତି।

ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି, ଓଡ଼ିଶା ଗସ୍ତରେ ଆସୁଥିବା କେନ୍ଦ୍ରମନ୍ତ୍ରୀ ବା ସରକାରୀ ପଦାଧିକାରୀଙ୍କ ସୁରକ୍ଷା ଏବଂ ପ୍ରୋଟକଲ୍ ପାଇଁ ରାଜ୍ୟ ସରକାର ସର୍ବଦା ସଚେତନ ରହିଛନ୍ତି। ଭାଜପା ଯେଉଁ ଅଭିଯୋଗ ଆଣୁଛି ତା'ପଛରେ ରାଜନୈତିକ ଅଭିସନ୍ଧି ରହିଥିବା ସ୍ପଷ୍ଟ ବାରି ହୋଇପଡୁଛି। ଯଦି କେନ୍ଦ୍ରମନ୍ତ୍ରୀଙ୍କ ସୁରକ୍ଷାରେ କୌଣସି ପ୍ରକାର ଅସୁବିଧା ହୋଇଥାଏ ତେବେ ସେ ନିଜେ ଏ ସମ୍ପର୍କରେ କହିପାରି ଥାଆନ୍ତେ। ପ୍ରଶାସନିକସ୍ତରରେ ଏସବୁ ଆଲୋଚନା ହେବା କଥା। ଏଭଳି ମିଛ ଅଭିଯୋଗ ଆଣି ଭାଜପା ରାଜନୀତି କରିବାକୁ ଚେଷ୍ଟା କରିବା ଦୁର୍ଭାଗ୍ୟଜନକ ବୋଲି ସସ୍ମିତ କହିଛନ୍ତି।



ମୋର ପତଳା ସ୍ୱାସ୍ଥ୍ୟ ଉପରେ ବହୁତ ଉପହାସ ହେଲା
ଏବେ ଆଉନୁହେଁ
କାରଣ ଏବେ ମୋ ସାଥୀରେ ଅଛି
Endura® MASS
ବହୁତ ହେଲା ଦୁର୍ବଳାତାର ଉପହାସ! ଏବେ ଆଉନୁହେଁ । ଜରୁରୀ ରୁ ଅଧିକ କମ ଓଜନର ସମସ୍ୟା ଦୂର କରନ୍ତୁ, ବିସ୍ୱାସ ଜନକ ଏଣ୍ଡ୍ୟୋରା ମାସ୍ ଆପଣାନ୍ତୁ! ସଠିକ୍ ପୋଷଣ, ସଠିକ୍ ଓଜନ ପାଆନ୍ତୁ ।
ଓଜନ ବଢ଼ାନ୍ତୁ • ଫିଟ୍ ରୁହନ୍ତୁ • ଆକର୍ଷଣୀୟ ଦିଶନ୍ତୁ
EnduraMass
3 ଟି ବଢ଼ିଆ ଫ୍ଲେବରରେ ଉପଲବ୍ଧ: Chocolate, Banana & Vanilla
For Query: 07377150950 • Customer Care: 011-45037555, 9555800200
info@endurasupplements.com • www.endurasupplements.com
Also available at Medplus & Apollo Pharmacy



ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଜୀବିନ୍
ପରିବାରବର୍ଗ



ସାଇ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# classified

real estate

### SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 9439444251. D-63587

Book duplex (ready to move) Tankapani road, near BJEM-2 school, Ranga bazar. Cost-55 lakhs with bank finance. 8917360040, 7077074156. D-64125

Gharabari boundary plot infront of Krupajal Engineering College, Bhubaneswar: 9090899281, 8908805482. D-63484

Plot for sale near AIIMS Hospital, Bhubaneswar. Contact: 9938670164, 6370907396. D-64119

Flats for sale 2BHK/ 3BHK at Patrapada (Ready to move) near Amber Showroom and Krupajal College, Bhubaneswar- Puri NH side. 9861037729, 9040337729. D-63910

Duplex starting from 60 lacs* at Jharapada. Limited offer work in full swing. Call: 9583066080, 7008104326. D-64130

### GENERAL SALE

କଲେଜବ୍ୟାଗ୍ ସ୍କୁଲ, ଲଗେଜ, ଲେଡିଜ୍‌ବ୍ୟାଗ କଲିକତା ଦାମ୍‌ରେ ବିକ୍ରିହେବ। College bag School, luggage, ladies bag for sale. 7978677350, 9778250077. D-59917

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

healthcare

All type of massage and good therapy full body massage Sai herbal spa. 7609005923. D-64201

Sonali ayurvedic full body massage/ smart lady expert therapist. Best facility. 9973747265, 9572698260, 9934132232, 9631368840. D-8096

Opening newly ayurvedic full body massage ladies & gents. 7438851534, 7609923705. D-38527

### AFFIDAVIT

ମୁଁ ବିରଞ୍ଚି ନାରାୟଣ ବାରିକ/ ବିରଞ୍ଚି ବାରିକ, ପିତା- ନରସିଂହ ବାରିକ, ଗ୍ରାମ- ଗୋବର୍ଦ୍ଧନପ୍ରସାଦ, ଥାନା- ଫତେଗଡ଼, ଜିଲ୍ଲା- ନୟାଗଡ଼, ନୋଟାରି ସତ୍ୟପାଠ (37AA340822) ଅନୁଯାୟୀ ଏହା ଦ୍ୱାରା ସମସ୍ତ ଉଦ୍ଦେଶ୍ୟ ପାଇଁ ବିଜୟ ବାରିକ ଭାବେ ପରିଚିତ ହେବି। ଧ-୮୨୧୯


## ସ୍ୱାସ୍ଥ୍ୟକୁ ହିତ କୁକୁର ପାଳନ

ଷ୍ଟକ୍‌ହୋମ୍: କୁକୁର ହେଉଛି ମଣିଷର ଆଦିମ ସାଥୀ। ଏହାକୁ ମଧ ମଣିଷର ଉତ୍ତମ ବନ୍ଧୁ ଭାବରେ ବିବେଚନା କରାଯାଏ। କିନ୍ତୁ କୁକୁର ପୋଷିବା ମୁନିବର ସ୍ୱାସ୍ଥ୍ୟ ପାଇଁ ଉତ୍ତମ ବୋଲି ଏକ ଅଧ୍ୟୟନରୁ ଜଣାପଡିଛି। ସ୍ୱିଡେନ୍‌ରେ କରାଯାଇଥିବା ସଦ୍ୟତମ ଏକ ଅଧ୍ୟୟନର ଫଳାଫଳ ଅନୁଯାୟୀ, କୁକୁର ମାଲିକମାନେ ହୃଦ୍‌ରୋଗରେ ପୀଡିତ ହେବା ଆଶଙ୍କା ଅପେକ୍ଷାକୃତ କମ୍। ଉକ୍ତ ଅଧ୍ୟୟନରେ ୪୦ରୁ ୮୦ବର୍ଷ ବୟସ ମଧ୍ୟରେ ୩୪ଲକ୍ଷ ଲୋକଙ୍କଠାରୁ ତଥ୍ୟ ସଂଗ୍ରହ କରାଯାଇଥିଲା। ତଥ୍ୟାବଳୀକୁ ବିଶ୍ଳେଷଣ କରିବାରୁ ଜଣାପଡିଲା ଯେ, କୁକୁର ପାଳୁଥିବା ଲୋକମାନେ ହୃଦ୍‌ରୋଗରେ ପଡିବା ଆଶଙ୍କା ୨୩% କମ୍। କୁକୁର ରଖିବା ଦ୍ୱାରା ଲୋକଙ୍କ ଚାପ ସମସ୍ୟା ହ୍ରାସ ପାଇଥାଏ। ସେମାନଙ୍କ ହୃଦ୍‌ସ୍ପନ୍ଦନ ଏବଂ ରକ୍ତଚାପ ନିୟନ୍ତ୍ରିତ ରହେ। ଏଥିସହିତ କୁକୁର ରଖୁଥିବା ବ୍ୟକ୍ତି ଶାରୀରିକ ଭାବରେ ସକ୍ରିୟ ରହନ୍ତି। ତେଣୁ ଆଧୁନିକ ଜୀବନ ଶୈଳୀକୁ ବିଚାରକୁ ନେଲେ କୁକୁର ରଖିବା ଜଣେ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପାଇଁ ଉପକାରୀ ବୋଲି ଗବେଷକମାନେ ପରାମର୍ଶ ଦେଇଛନ୍ତି।

## ଖାତକୁ ବସ୍ ଖସି ୧୩ ମୃତ

ଡେରାଡୁନ,୩।୯(ପି.ଟି.)

ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲାରେ ଖାତ ଭିତରକୁ ବସ୍ ଖସି ୧୩ ଜଣଙ୍କ ଜୀବନ ଯାଇଛି। ଏଥିରେ ଦୁଇଜଣ ନାବାଳିକା ଆହତ ହୋଇଛନ୍ତି। ରବିବାର ଗଙ୍ଗୋତ୍ରୀରୁ ୧୫ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ବସ୍ ଋଷିକେଶ-ଗଙ୍ଗୋତ୍ରୀ ରାଜପଥରେ ସାଙ୍କଲାଇ ଅଞ୍ଚଳରେ ୨୦୦ ମିଟର ଗଭୀର ଖାତ ଭିତରକୁ ଖସି ପଡ଼ିଥିଲା। ଭୂସ୍ଖଳନ ଯୋଗୁ ଖରାପ ପାହାଡ଼ିଆ ରାସ୍ତାରେ ଗାଡ଼ି ଚାଳକ ନିୟନ୍ତ୍ରଣ ହରାଇଥିବା ଯୋଗୁ ଦୁର୍ଘଟଣା ଘଟିଥିବା ଗଙ୍ଗୋତ୍ରୀ ଜିଲା ବିପର୍ଯ୍ୟୟ ପରିଚାଳନା ଅଧିକାରୀ ଦେବେନ୍ଦ୍ର ପଟୱାଲ ସୂଚନା ଦେଇଛନ୍ତି। ଗାଡ଼ିଟି ଚୂରମାର ହୋଇ ଭାଗୀରଥି ନଦୀର ଅଳ୍ପ କିଛି ଦୂରରେ ଖସି ପଡ଼ିଛି। ଘଟଣାସ୍ଥଳରୁ ୩ ମହିଳାଙ୍କ ସମେତ ସମସ୍ତ ୧୩ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଆହତ ଦୁଇ ନାବାଳିକାଙ୍କୁ ପ୍ରଥମେ ଉତ୍ତରକାଶୀ ଡାକ୍ତରଖାନା ଏବଂ ପରେ ଡେରାଡୁନ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ପଟୱାଲ ପ୍ରକାଶ କରିଛନ୍ତି। ଗାଡ଼ିରୁ ଡେଇଁପଡ଼ି ସେମାନେ ପଥର ଫାଙ୍କରେ ରହି ଯାଇଥିଲେ। ତେବେ ସମସ୍ତ ମୃତକ ଏବଂ ଆହତ ଆଖପାଖ ଅଞ୍ଚଳର ବୋଲି ସେ କହିଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଗୋଟିଏ ପରିବାରର ବୋଲି ଜଣାପଡ଼ିଛି। ଗଙ୍ଗୋତ୍ରୀ ମନ୍ଦିରକୁ ଦର୍ଶନ କରିବା ପାଇଁ ସେମାନେ ଯାଇଥିଲେ। ଦୁର୍ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ସ୍ଥାନୀୟ ଲୋକେ, ଭଟ୍ୱାଲି ପୋଲିସ, ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆର୍‌ଏଫ୍) ଏବଂ ଆଇଟିବିପି ଯବାନମାନେ ଉଦ୍ଧାରକାର୍ଯ୍ୟରେ ଲାଗି ପଡ଼ିଥିଲେ। ୧୩ ଜଣଙ୍କ ମୃତ୍ୟୁକୁ ନେଇ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ତ୍ରିଭେନ୍ଦ୍ର ସିଂ ରାୱତ୍ ଶୋକପ୍ରକାଶ କରିଛନ୍ତି। ଆହତ ଦୁଇ ନାବାଳିକାଙ୍କୁ ସବୁ ପ୍ରକାର ଚିକିତ୍ସା ସୁବିଧା ଯୋଗାଇବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

# ପ୍ରକୃତିର ମଜା ନେଉଛନ୍ତି ପ୍ରିୟଙ୍କା



**ଲସ୍ ଏଞ୍ଜେଲସ୍:** ଆମେରିକୀୟ ଗାୟକ ନିକ୍ ଜୋନାସ୍‌ଙ୍କ ସହିତ ପ୍ରିୟଙ୍କା ଚୋପ୍ରାଙ୍କର ନିର୍ବନ୍ଧ ସରିଥିବା ବେଳେ ଉଭୟ ସ୍ଥାନୀୟ ମାମଥ୍ ମାଉଣ୍ଟେନ୍‌ରେ ପ୍ରକୃତିର ସୌନ୍ଦର୍ଯ୍ୟକୁ ଉପଭୋଗ କରିଛନ୍ତି। ଆମେରିକାରେ ଲେବର ଡେ’ ହେଉଛି ଏକ ପବ୍ଲିକ୍ ହଲିଡେ। ଏହାକୁ ସେପ୍ଟେମ୍ବରର ପ୍ରଥମ ସୋମବାର ପାଳନ କରାଯାଏ। ଏହି ଦିନ ଗାୟକ ନିକ୍ ଜୋନାସ୍‌ଙ୍କ ପ୍ରିୟତମ ପ୍ରାକୃତିକ ସ୍ଥଳରେ ଉଭୟ ପ୍ରକୃତି କୋଳରେ କିଛି ସମୟ ଆତ୍ମବିସ୍ମୃତ ହେବାକୁ ପସନ୍ଦ କରିଥିଲେ। ପ୍ରିୟଙ୍କା ଚୋପ୍ରା ଏବଂ ନିକ୍ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଫଟୋ ପୋଷ୍ଟକରି ତା ତଳେ ‘ଏ ମ୍ୟାନ୍ ଆଣ୍ଡ ଦି ମାଉଣ୍ଟେନ୍ସ, ପ୍ରିୟଙ୍କା ଚୋପ୍ରା-ନିକ୍ (୨୫)’ ଉଲ୍ଲେଖ କରିଛନ୍ତି। ଉକ୍ତ ଫଟୋରେ ପପ୍ ଷ୍ଟାର ଏକ ବିୟର କ୍ୟାନ୍ ଧରି ପ୍ରକୃତିକୁ ନିରୀକ୍ଷଣ କରୁଛନ୍ତି। ତାଙ୍କର ହାଇକିଙ୍ଗ୍ ବ୍ୟାକ୍‌ପ୍ୟାକ୍ ଏକ ବୃକ୍ଷଶାଖାରେ ଟଙ୍ଗା ହୋଇଥିବାର ଦେଖାଯାଉଛି। ଇତିମଧ୍ୟରେ ପ୍ରିୟଙ୍କା(୩୬) ନିଜ ରୁଚିର ଏକ ଚିତ୍ତ ବିନୋଦନ ସ୍ଥଳରେ ଉଭୟଙ୍କ ଫଟୋ ଉଠାଇ ସୋସିଆଲ୍ ମିଡିଆରେ ଶେୟାର କରିଛନ୍ତି। ଜୋନାସ୍‌ଙ୍କ ପାଇଁ ମାମଥ୍ ମାଉଣ୍ଟେନ୍ ଦୀର୍ଘଦିନରୁ ଏକ ଅବସର ବିନୋଦନ ସ୍ଥଳ ହୋଇଥିବା ବେଳେ ପ୍ରଥମ ଥର ପାଇଁ ସେ ଓ ପ୍ରିୟଙ୍କା ସେଠାରେ ଏକତ୍ର ହେବାର ସୁଯୋଗ ପାଇଥିଲେ।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ୍ୟ ହୋଇପାରେ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୩.୫ | ୨୩.୮ |
| ଚାନ୍ଦବାଲି | ୨୩.୨ | ୨୪.୮ |
| କଟକ | ୩୨.୬ | ୨୩.୪ |
| ପାରାଦ୍ୱୀପ | ୩୧.୭ | ୨୬.୪ |
| ଭୁବନେଶ୍ୱର | ୩୨.୭ | ୨୪.୦ |
| ଗୋପାଳପୁର | ୩୩.୧ | ୨୬.୬ |
| ପୁରୀ | ୩୩.୬ | ୨୬.୦ |
| ଅନୁଗୋଳ | ୩୩.୧ | ୨୨.୦ |
| ବାରିପଦା | ୩୧.୮ | ୨୫.୫ |
| ଝାରସୁଗୁଡ଼ା | ୩୦.୫ | ୨୪.୫ |
| କେନ୍ଦୁଝର | ୨୮.୯ | ୨୩.୪ |
| ସମ୍ବଲପୁର | ୩୧.୪ | ୨୨.୦ |
| ସୁନ୍ଦରଗଡ଼ | --- | ୧୮.୦ |
| ହୀରାକୁଦ | ୩୦.୮ | ୨୦.୬ |
| ତାଳଚେର | ୩୨.୧ | ୨୪.୭ |
| ଭବାନୀପାଟଣା | ୩୧.୦ | ୨୪.୦ |
| ବଲାଙ୍ଗୀର | ୩୨.୭ | ୨୪.୨ |
| କୋରାପୁଟ | ୨୫.୬ | ୧୯.୮ |
| ଫୁଲବାଣୀ | --- | ୨୦.୦ |
| ଟିଟିଲାଗଡ଼ | ୩୩.୦ | ୨୧.୫ |
| ମାଲକାନଗିରି | ୩୦.୦ | ୨୪.୪ |
| ସୋନପୁର | ୩୨.୬ | ୨୨.୬ |
| ଦାରିଙ୍ଗିବାଡ଼ି | ୨୭.୨ | ୧୮.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ପ୍ରଥମ ପୃଷ୍ଠାରୁ...

### ଧାର୍ଯ୍ୟ ହେଲା...

ସମଲେଶ୍ୱରୀ ମନ୍ଦିର ପୂଜକ ଅମ୍ବିକା ପ୍ରସାଦ ରାୟଙ୍କ ସମେତ ଅନ୍ୟ ପୂଜକମାନେ ଉପସ୍ଥିତ ଥିଲେ। ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସରୋଜ କୁମାର ଦଳପତଙ୍କ ପରିଚାଳନାରେ ଲଗ୍ନ ଧାର୍ଯ୍ୟ କାର୍ଯ୍ୟକ୍ରମ ହୋଇଥିଲା। ଶ୍ରୀ ବ୍ରହ୍ମମଣ୍ଡପ ପଣ୍ଡିତ ମହାସଭା ସଭାପତି ପଣ୍ଡିତ ଅମରନାଥ ମିଶ୍ର ଝୁଲଣ ମଣ୍ଡପ ସମ୍ମୁଖରେ ଲଗ୍ନ ପାଠ କରିଥିଲେ। ସାଧାରଣ ସମ୍ପାଦକ ପଣ୍ଡିତ ଚନ୍ଦ୍ରକାନ୍ତ ପାଣିଗ୍ରାହୀ, ପଣ୍ଡିତ ସଚ୍ଚିଦାନନ୍ଦ ପ୍ରସାଦ ମିଶ୍ର କରଶର୍ମା, ପଣ୍ଡିତ ମହେନ୍ଦ୍ର ପୂଜାରୀ, ପଣ୍ଡିତ କମଳାକାନ୍ତ ମିଶ୍ର, ପଣ୍ଡିତ ଶୈଳେନ୍ଦ୍ର ପୂଜାହାରୀ, ପଣ୍ଡିତ ସୁରେଶ ଚନ୍ଦ୍ର ଦେବତା, ପଣ୍ଡିତ ଗୋପୀନାଥ ପଣ୍ଡା, ପଣ୍ଡିତ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ପଣ୍ଡିତ ପ୍ରଭୁଦତ୍ତ ନାୟକ, ବ୍ରହ୍ମପୁରା ଟ୍ରଷ୍ଟ ବୋର୍ଡ ସଭ୍ୟ ଶ୍ରୀମନ୍ତ କୁମାର ମିଶ୍ର, ଶୁଭେନ୍ଦ୍ର ପଣ୍ଡା, ସୁଶାନ୍ତ ପୁରୋହିତ, ପାର୍ଥସାରଥି ମିଶ୍ର, ପ୍ରାଣରଞ୍ଜନ ପଣ୍ଡା, ସରୋଜ କୁମାର ସାହୁ, ଅଭିଷେକ ମିଶ୍ର, ଧିନା ପ୍ରଧାନ, ମିଲୁ ପାଣିଗ୍ରାହୀ, ଶୁଭେନ୍ଦୁ ମିଶ୍ର ପ୍ରମୁଖ ଲଗ୍ନ ଧାର୍ଯ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

### ସ୍ୱାସ୍ଥ୍ୟସେବା କ୍ଷେତ୍ରରେ...

ବ୍ୟାଚରେ ନାମ ଲେଖାଇଥିବା ୧୪ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଜଣାଇ ସେମାନଙ୍କ ଗହଣରେ କିଛି ସମୟ ବିତାଇଥିଲେ। ଏହା ବିଦ୍ୟାର୍ଥୀମାନଙ୍କୁ ବେଶ୍ ଉତ୍ସାହିତ କରିଥିଲା। ମୁଖ୍ୟମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ରାଜ୍ୟର ୭୦ ଲକ୍ଷ ଲୋକଙ୍କୁ ସାମିଲ କରିବା ସକାଶେ ନିଆଯାଇଥିବା କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିବା ବେଳେ କେନ୍ଦ୍ର ମନ୍ତ୍ରୀ ଚୌବେ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଯୋଜନା ସମ୍ପର୍କରେ କହିଥିଲେ। ଓଡ଼ିଶା ସରକାର ଏହି କେନ୍ଦ୍ରୀୟ ଯୋଜନାରେ ସାମିଲ ହୁଅନ୍ତୁ ବୋଲି ସେ ଗୁରୁତ୍ୱାରୋପ କରିଥିଲେ।

ବାଲେଶ୍ୱର ରେମୁଣା ଗୋଲେଇସ୍ଥିତ ନବନିର୍ମିତ ଫକୀରମୋହନ ମେଡିକାଲ କଲେଜ ପରିସର ଲୋକାର୍ପଣ ସମାରୋହ ପାଇଁ ବେଶ୍ ଚଳଚଞ୍ଚଳ ରହିଥିଲା। ସୋମବାର ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀ ମେଡିକାଲ କଲେଜ ପରିସରରେ ନିର୍ମିତ ହେଲିପ୍ୟାଡଠାରେ ପହଞ୍ଚିବା ପରେ ସେଠାରେ ଥିବା ସ୍ୱାସ୍ଥ୍ୟ ମନ୍ତ୍ରୀ, ଶିଳ୍ପ ମନ୍ତ୍ରୀ, ଦୁଇ ଏମ୍‌ପି, ସମସ୍ତ ବିଧାୟକ ଓ ବରିଷ୍ଠ ଅଧିକାରୀଗଣ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଉପସ୍ଥିତ ଲୋକ କଳାକାରମାନେ ଶଙ୍ଖ ବଜାଇ ହୁଳହୁଳି ଦେଇ ଲୋକବାଦ୍ୟର ତାଳେ ତାଳେ ମୁଖ୍ୟମନ୍ତ୍ରୀଙ୍କୁ ପାଛୋଟି ନେଇଥିଲେ। ପରେ ପ୍ରେକ୍ଷାଳୟଠାରେ ଆୟୋଜିତ ଛାତ୍ରୀଛାତ୍ରଙ୍କ ଭାବବିନିମୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ଏଥିରେ ଯୋଗଦେଇ ରାଜ୍ୟରେ ଗୁଣାତ୍ମକ ଚିକିତ୍ସା ସେବା ଯୋଗାଇବା ଦିଗରେ ସରକାର ନେଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ଏକ ଐତିହାସିକ ପଦକ୍ଷେପ ବୋଲି ସେ ବର୍ଣ୍ଣନା କରିଥିଲେ। ଫକୀରମୋହନଙ୍କ ନାମରେ ମେଡିକାଲ କଲେଜ ନାମକରଣ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଚୌବେ ତାଙ୍କ ବକ୍ତବ୍ୟରେ କେନ୍ଦ୍ର ସରକାର ଗତ ୪ ବର୍ଷ ମଧ୍ୟରେ ଦେଶରେ ପ୍ରସ୍ତାବିତ ୭୨ ମେଡିକାଲ କଲେଜ ମଧ୍ୟରୁ ୫୭ଟିକୁ ଅନୁମୋଦନ କରାଯାଇଥିବା କହିଥିଲେ। ଓଡ଼ିଶାରେ ସ୍ୱାସ୍ଥ୍ୟସେବା ବିକାଶ ଦିଗରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟ କରିଥିବାରୁ ସେ ସ୍ୱତନ୍ତ୍ର ଭାବେ ଧନ୍ୟବାଦ ଜଣାଇଥିଲେ। କେନ୍ଦ୍ର ସରକାର ସ୍ୱାସ୍ଥ୍ୟସେବାରେ ଅଧିକ ଉନ୍ନତି ଆଣିବା ଲକ୍ଷ୍ୟ ନେଇ ଆରମ୍ଭ କରିଥିବା ଆୟୁଷ୍ମାନ ଭାରତ ଯୋଜନା ଉପରେ ସେ ଆଲୋକପାତ କରି ଏହାକୁ ଏକ ଐତିହାସିକ ପଦକ୍ଷେପ ବୋଲି ବର୍ଣ୍ଣନା କରିଥିଲେ।

ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଜେନା ତାଙ୍କ ବକ୍ତବ୍ୟରେ ଫକୀରମୋହନ ମେଡିକାଲ କଲେଜ ଓ ହସ୍‌ପିଟାଲ ପକ୍ଷରୁ ପ୍ରଶିକ୍ଷଣ କାର୍ଯ୍ୟ ପାଇଁ ଆଗକୁ ଏକ ‘ଟିଚିଂ ହସ୍‌ପିଟାଲ’ ନିର୍ମାଣ କରାଯିବ ବୋଲି ସୂଚନା ଦେଇଥିଲେ। ସେହିପରି ରାଜ୍ୟର ସମସ୍ତ ସ୍ୱାସ୍ଥ୍ୟ ଉପକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏପିଏଲ ଓ ବିପିଏଲଙ୍କୁ ଏଣିକି ମାଗଣା ସ୍ୱାସ୍ଥ୍ୟସେବା ମିଳିବ। ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଦାସ, ବାଲେଶ୍ୱର ଏମ୍‌ପି ଜେନା, ଭଦ୍ରକର ଏମ୍‌ପି ସେଠୀ ମଧ୍ୟ ବାଲେଶ୍ୱର ମେଡିକାଲ କଲେଜ ସ୍ୱପ୍ନ ସାକାର ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ସାଧୁବାଦ ଜଣାଇ ଏହାଦ୍ୱାରା ଉତ୍ତରଓଡ଼ିଶା ଓ ଅନ୍ୟାନ୍ୟ ଅଞ୍ଚଳର ରୋଗୀ ଉପକୃତ ହେବେ ବୋଲି କହିଥିଲେ। ସୋର ବିଧାୟକ ପର୍ଶୁରାମ ଧଡା, ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ, ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ବାଲେଶ୍ୱର ସଦର ବିଧାୟକ ଜୀବନ ପ୍ରଦୀପ ଦାଶ, ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଜିଲା ପରିଷଦ ଅଧ୍ୟକ୍ଷା ନିବେଦିତା ମହାନ୍ତି, ବାଲେଶ୍ୱର ପୌରପାଳିକା ଅଧ୍ୟକ୍ଷ ଆଲୋକ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲାପାଳ ରମେଶ ଚନ୍ଦ୍ର ରାଉତ ଲୋକାର୍ପଣ ସଭାରେ ସ୍ୱାଗତଭାଷଣ ଦେଇ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ମେଡିକାଲ କଲେଜ ଅଧ୍ୟକ୍ଷ ଡା. ପ୍ରତାପ କୁମାର ରଥ କଲେଜ ସମ୍ବନ୍ଧୀୟ ପ୍ରାକ୍ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ପ୍ରଜ୍ଞା ପ୍ରିୟଦର୍ଶନୀ, କୀର୍ତ୍ତିମାନ ସାହୁ, ଦେବୀ ଅନ୍ୱେଷା ଧଳ, ଅରୁଣ ଗୁପ୍ତା, ତନୁ ମିତ୍ତଲ, ବିବେକ ପ୍ରସାଦ ଦାସ, ଉତ୍କଳିକା ବିଶ୍ୱମ୍ଭର ଓ ରାକେଶଙ୍କୁ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ଅତିଥିମାନେ ସ୍ମୃତି ଫଳକ ପ୍ରଦାନ କରିଥିଲେ। ମେଡିକାଲ କଲେଜ ଅଧୀକ୍ଷକ ଡା. ସୁଧୀର କୁମାର ଘୋଷ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଭାରପ୍ରାପ୍ତ ସଦର ତହସିଲଦାର ଅନୁଜା ତାରିଣୀ ମିଶ୍ର କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ପରେ ‘ଫଟୋ ସେସନ’ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, ଅଧ୍ୟାପିକ, ଅଧ୍ୟାପକମାନଙ୍କ ସହ ମୁଖ୍ୟମନ୍ତ୍ରୀ ଯୋଗ ଦେଇଥିଲେ।

### ଆଜିଠାରୁ ବିଧାନସଭା...

ସେପ୍ଟେମ୍ବର ୭ ତାରିଖରେ ବେସରକାରୀ କାର୍ଯ୍ୟଦିବସ ଥିବା ବେଳେ ୮ ଓ ୯ ତାରିଖ ସରକାରୀ ଛୁଟି ଦିବସ ରହିଛି। ୧୦ରୁ ୧୨ ତାରିଖ ୩ ଦିନ ଖର୍ଚ୍ଚ ଦାବି ଉପରେ ଆଲୋଚନା ହେବ। ୧୩ ତାରିଖରେ ଗଣେଶ ପୂଜା, ୧୪ରେ ନୂଆଖାଇ, ୧୫ ଶନିବାର ଓ ୧୬ ତାରିଖ ରବିବାର ପଡୁଥିବାରୁ ଲଗାତର ୪ ଦିନ ବିଧାନସଭା ଗୃହ କାର୍ଯ୍ୟବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ୧୭ ତାରିଖରେ ଗୃହରେ ବ୍ୟୟମଞ୍ଜୁରୀ ବିଲ୍ ୨୦୧୮-୧୯ ପାରିତ ହେବ। ସେପ୍ଟେମ୍ବର ୨୦ ତାରିଖରେ ଅଧିବେଶନ ଶେଷ ହେବ ହେବ।

### ୬ରେ ଲଘୁଚାପ..

କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ୭ ତାରିଖରେ ଉତ୍ତର ଓଡିଶା ସମେତ ପୁରୀ ଓ ଖୋର୍ଦ୍ଧା ଜିଲାରେ ପ୍ରବଳ ବର୍ଷା ହେବ। ସେହିପରି ୮ ତାରିଖରେ ସୁନ୍ଦରଗଡ, ବରଗଡ, ଝାରସୁଗୁଡା, ସମ୍ବଲପୁର, କେନ୍ଦୁଝର ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉତ୍ତର ଓଡିଶାର ଅଧିକାଂଶ ସ୍ଥାନରେ ଏବଂ ଦକ୍ଷିଣ ଓଡିଶାର ଅଳ୍ପ କେତେକ ସ୍ଥାନରେ ଘଡଘଡି ସହ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ ବୋଲି କୁହାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଗତ ୪୮ ଘଣ୍ଟା ମଧ୍ୟରେ ପାରାଦୀପରେ ୨୩.୩ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ବାରିପଦା ୮.୮, ଭବାନୀପାଟଣା ୨୦ ଏବଂ ମାଲକାନଗିରିରେ ୨୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ରାଜ୍ୟରେ ବର୍ଷା ସ୍ୱାଭାବିକ ରହିଛି। ଜୁନ ପହିଲାରୁ ସେପ୍ଟେମ୍ବର ୩ ତାରିଖ ମଧ୍ୟରେ ରାଜ୍ୟରେ ୧୨ ପ୍ରତିଶତ ଅଧିକ ବର୍ଷା ରେକର୍ଡ କରାଯାଇଛି। ଏହି ସମୟ ମଧ୍ୟରେ ୯୪୧.୬ ପ୍ରତିଶତ ବର୍ଷା ହେବାକୁ ଥିବା ବେଳେ ହୋଇଛି ୧୦୫୦.୯ ପ୍ରତିଶତ ।


## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ହରେକୃଷ୍ଣ ଦାଶ**
ପୂର୍ବତନ ଯୁଗ୍ମ ସଚିବ, ପଞ୍ଚାୟତିରାଜ ବିଭାଗ, କପିଳପ୍ରସାଦ, ଭୁବନେଶ୍ୱର
ଆବିର୍ଭାବ: ୧୪।୦୭।୧୯୪୫
ତିରୋଧାନ: ୧୬।୦୮।୨୦୧୭

ଆପଣ ଆରପାରିକୁ ଚାଲିଯିବା ଏହାମଧ୍ୟରେ ବର୍ଷଟିଏ ବିତିଗଲାଣି। ଆପଣଙ୍କ ପାର୍ଥିବ ଶରୀର ପଞ୍ଚଭୂତରେ ଲୀନ ହୋଇଯାଇଛି ସିନା ହେଲେ ଆପଣ ଆମ୍ଭମାନଙ୍କ ସ୍ମୃତିରେ ଏବେବି ସଜୀବ ଅଛନ୍ତି। ଆଜି ଏ ପବିତ୍ର ତିଥିରେ ଆପଣଙ୍କ ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଶୋକସନ୍ତପ୍ତ ପରିବାର ପକ୍ଷରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି। ଧ-୫୬୧୪୫

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ପ୍ରତୀକ ସିଂହ**
୪ର୍ଥ ବାର୍ଷିକ ଛାତ୍ର (I.T.E.R)
Engineering College, BBSR
ଦରଜୀ ପୋଖରୀ ଛକ, ପୁରୀ
ଜନ୍ମ: ୧୪।୦୭।୧୯୯୭ (ବାହୁଡା ଦଶମୀ)
ତିରୋଧାନ: ୨୫।୦୮।୨୦୧୮

ଆଜି ଏକାଦଶାହ ଉପଲକ୍ଷେ ତୁମ ଅମର ଆତ୍ମାର ଚିର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ସହିତ ଅଜସ୍ର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ଶୋକସନ୍ତପ୍ତ: ପରିବାରବର୍ଗ ଓ ସାଙ୍ଗସାଥୀମାନେ। ଧ-୬୩୭୨୩


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଆଜି ଚତୁର୍ଥାଧିପ ଚନ୍ଦ୍ର ମିତ୍ର ମଙ୍ଗଳଙ୍କ ନକ୍ଷତ୍ରସ୍ଥ ଯୋଗୁ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ଅବଶ୍ୟମ୍ଭାବୀ। ସୁସ୍ଥ ପାରିବାରିକ ଜୀବନ ସାଙ୍ଗକୁ ବନ୍ଧୁମାନଙ୍କ ସହ ସୁସମ୍ପର୍କ ବୃଦ୍ଧି, ନୂତନ ଗୃହ, ଗାଡ଼ି, ମୋଟର କ୍ରୟକରିବା ସକାଶେ ମନ ବଳାଇପାରନ୍ତି। ଛୋଟ ଛୋଟ କଥାକୁ କେନ୍ଦ୍ରକରି ନିଜ ପରିସରରେ କଳହର ଆଶଙ୍କା ଦେଖାଦେଇପାରେ।

**ବୃଷ** – ଆଜି ତୃତୀୟାଧିପ ଚନ୍ଦ୍ର ରାଶିରେ ରହିଥିବାରୁ ସମ୍ପର୍କୀୟା ମହିଳାଙ୍କ ସାହାଯ୍ୟରୁ ଉପକୃତ ହେବେ। ଘରେ କିମ୍ବା କୌଣସି ମୂଲ୍ୟବାନ୍ ଦ୍ରବ୍ୟ ନଷ୍ଟ ହୋଇପାରେ । ହଠାତ୍ ବାହାରକୁ ଯିବା ସମୟକୁ କୌଣସି ଦରକାରୀ କାଗଜପତ୍ର ନ ପାଇ ବ୍ୟସ୍ତ ହେବେ। ମାନସିକ ଅସ୍ଥିରତା କାରଣରୁ କ’ଣ କରିବେ ନ କରିବେ ଏହି ଦ୍ୱନ୍ଦ୍ୱରେ ପଡ଼ି କିଛି ବି କରିପାରିବେ ନାହିଁ।

**ମିଥୁନ** – ରବି ଓ ବୁଧ ପ୍ରଭାବରେ ବନ୍ଧୁବାନ୍ଧବଙ୍କ ସାହାଯ୍ୟ, ସହାନୁଭୂତି ଆପଣଙ୍କ ସ୍ଥଗିତ କାମରେ ସହାୟକ ହୋଇପାରିବ। ପାରସ୍ପରିକ ସହମତି ଅଭାବରୁ ପାରିବାରିକ ଅସ୍ଥିରତା ଓ ଅଶାନ୍ତି କାରଣରୁ ମନ ଭଲ ରହିବ ନାହିଁ। ବ୍ୟବସାୟିକ କ୍ଷେତ୍ରରେ ନିଜର ବୁଦ୍ଧିବଳ ଖଟାଇ ଅର୍ଥଲାଭ କରିବେ। ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟାକଲେ ଉପକୃତ ହେବେ।

**କର୍କଟ** – ଆଜି କାମର ଚାପ ବୃଦ୍ଧି ପାଇଲେ ମଧ ଉପସ୍ଥିତ ବୁଦ୍ଧି ଓ କାର୍ଯ୍ୟଦକ୍ଷତା ବଳରେ ସାଧନ କରିବାରେ ଅସୁବିଧା ହେବନାହିଁ। ସାମାଜିକ ସ୍ତରରେ କିନ୍ତୁ ଯେଉଁ ଆଶା ନେଇ କାହା ପାଇଁ କିଛି କରିବେ, ପ୍ରତିବଦଳରେ କିଛି ପାଇବେ ନାହିଁ। ଶିଳ୍ପ, ବାଣିଜ୍ୟ, ପରିବହନ, ବ୍ୟବସାୟ, ସଭାସମିତି,ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇପାରନ୍ତି।

**ସିଂହ** – ତୃତୀୟରେ ଶୁଭଗ୍ରହ ଓ ରାଶିରେ ବୁଧ ହେତୁ ସକାଳୁ ସକାଳୁ କିଛି ଶୁଭ ଖବର ସାଙ୍ଗକୁ ଅର୍ଥଲାଭରୁ ମନଟା ଖୁସି ହୋଇଯାଇପାରେ। ଈର୍ଷାପରାୟଣ ମନୋଭାବ ପୋଷଣ କରି ନିକଟସ୍ଥ ବ୍ୟକ୍ତିବିଶେଷ ପରୋକ୍ଷ ସମାଲୋଚନା କରିପାରନ୍ତି। ତରବରିଆ ଯାତ୍ରାରୁ ଦୂରେଇ ରହିଲେ ଭଲ। ପରିବହନ, ନିର୍ମାଣ, ବାଣିଜ୍ୟ, ବ୍ୟବସାୟ ସକାଶେ ଦିନଟି ବହୁତ ଭଲ ।

**କନ୍ୟା** – ରାଶ୍ୟାଧିପ ଦ୍ୱାଦଶରେ ରହି ଚନ୍ଦ୍ରଙ୍କ କେନ୍ଦ୍ରସ୍ଥ ହେତୁ ହଠାତ୍ କୌଣସି କାମରେ ବାହାରକୁ ଯିବାକୁ ପଡ଼ିପାରେ। ଆଲୋଚନା କ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସହଜରେ ଗ୍ରହଣ କରିପାରିବେ ନାହିଁ। ଆଜି ଯାହା ପାଇବା ସକାଶେ ଆଶା ରଖିଛନ୍ତି ତାହା ନିଶ୍ଚୟ ପାଇବେ। ଉପସ୍ଥିତ ବୁଦ୍ଧି ଖଟାଇ ପରିବାର ଭିତରେ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ସମ୍ଭାଳି ନେବେ।

**ତୁଳା** – ଚନ୍ଦ୍ର ସହ ଶୁକ୍ରଙ୍କ ଷଡ଼ାଷ୍ଟକ ସ୍ଥିତି ସ୍ୱାସ୍ଥ୍ୟ ସକାଶେ ଅନୁକୂଳ ନ ହୋଇପାରେ। ପାରିବାରିକ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ଭୋଗବିଳାସରେ ସହକର୍ମୀଙ୍କ ହସ୍ତକ୍ଷେପ ଫଳରେ ବାଧାବିଘ୍ନ ଘଟିପାରେ। ଅଫିସ ଭିତରେ କିମ୍ବା ଆଜିର ଫେରନ୍ତା ରାସ୍ତାରେ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି।

**ବିଛା** – ମାନସିକ ସୁସ୍ଥତା ସାଙ୍ଗକୁ ସୁସ୍ଥ ପାରିବାରିକ ଜୀବନ ଦିନଟିକୁ ସରସ, ସୁନ୍ଦର ରଖିବାରେ ସହାୟକ ହେବ। ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ସକାଳୁ ସକାଳୁ ଦୂରଯାତ୍ରା କରିବାକୁ ପଡ଼ିପାରେ। ବ୍ୟବସାୟ ଓ ଶିଳ୍ପ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲଭ ହୋଇପଡ଼ିବ।

**ଧନୁ** – ବିଶେଷ କିଛି ଅସୁବିଧା ନ ଥାଇ ମଧ ନିଜର ପୁରୁଣା କଥାକୁ କେନ୍ଦ୍ରକରି ମନ ଭଲ ରହିବନାହିଁ। ମୂଳା ନକ୍ଷତ୍ର ସକାଶେ ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀମାନଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ପ୍ରତୀକ୍ଷିତ କାର୍ଯ୍ୟ ସକାଶେ ଆତ୍ମୀୟସ୍ୱଜନଙ୍କ ଉପସ୍ଥିତି ଯୋଗୁ ଖୁସି ହେବେ। ଯାନବାହନ କିମ୍ବା ଯାନ୍ତ୍ରିକ ଜିନିଷ କିଣିବା ସକାଶେ ମନ ବଳାଇପାରନ୍ତି।

**ମକର** – ଅନ୍ୟମାନଙ୍କୁ ମନେଇ କାମ ହାସଲ କରିବା ପାଇଁ ପ୍ରକୃଷ୍ଟ ଦିନଟିଏ କହିଲେ ଅତ୍ୟୁକ୍ତି ହେବନାହିଁ। ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ବ୍ୟତିକ୍ରମ ରହିଲେ ମଧ ବ୍ୟବସାୟ,ବାଣିଜ୍ୟ ଓ ପରିବହନରେ ଉନ୍ନତି ଘଟିବ। ଆକସ୍ମିକ ଭାବେ କୌଣସି ସମସ୍ୟାର ସମ୍ମୁଖୀନ ହୋଇ ନିର୍ମାଣାଧୀନ କାମଟି ଆଜି ସମ୍ପୂର୍ଣ୍ଣ କରିପାରିବେ ନାହିଁ।

**କୁମ୍ଭ** – ଧୈର୍ଯ୍ୟଧାରଣ ପୂର୍ବକ ଅନ୍ୟମାନଙ୍କ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେଇ ପାରନ୍ତି। ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କେତେକ କାମ ହାସଲ କରିବେ। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଲାଭକରିବେ। ଯାତ୍ରା,ବାଣିଜ୍ୟ ଓ ବ୍ୟବସାୟ ତଥା ପରିବହନ ସକାଶେ ଦିନଟି ବିଶେଷ ଭାବରେ ଅନୁକୂଳ।

**ମୀନ** – ପାରିବାରିକ ଜୀବନ ଓ କର୍ମକ୍ଷେତ୍ର ଚନ୍ଦ୍ରଙ୍କ ସ୍ଥାନ ସ୍ଥିତିରୁ ପ୍ରାୟତଃ ଶୁଭପ୍ରଦ ରହିବ। ତଥାପି ପୂର୍ବଭାଦ୍ରପଦ୍ ନକ୍ଷତ୍ର ସକାଶେ ଆପଣ ଯେତେ ଭଲ କାମ କଲେ ମଧ ପ୍ରଶଂସା ପାଇପାରିବେନି। ବ୍ୟବସାୟ ଓ କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ। ଈର୍ଷାପରାୟଣତା ଜନିତ ପ୍ରତିବନ୍ଧକ ହେତୁ ବ୍ୟସ୍ତବିବ୍ରତ ହୋଇପାରନ୍ତି।

ଆଜି ଭାଦ୍ରବ କୃଷ୍ଣ ନବମୀ ମଙ୍ଗଳବାର, ବୈଷ୍ଣବ ମତାନୁସାରେ ନନ୍ଦୋତ୍ସବ, ସେପ୍ଟେମ୍ବର ୪ ତାରିଖ, ରାଶି ନକ୍ଷତ୍ର-ମୃଗଶିରା/ବୃଷ, ଦିବା ଘ୮ ।୨୮ମି. ପରେ ମିଥୁନ ଚନ୍ଦ୍ର, କନ୍ୟା ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ୮ ।୩୦ମି. ଗତେ ଘ୧୦ ।୧୦ମି. ମଧ୍ୟେ, ଘ୧୧ ।୪୯ମି. ଗତେ ଘ୧ ।୨୭ମି. ମଧ୍ୟେ ଅମୃତବେଳା। ଦିବା ଘ୧୦ ।୧୦ମି. ଗତେ ଘ୧୧ ।୪୯ମି. ମଧ୍ୟେ, ଘ୩ ।୪୩ମି. ଗତେ ଘ୫ ।୦୪ମି. ମଧ୍ୟେ ମାହେନ୍ଦ୍ର ବେଳା। ଅପରାହ୍ନ ଘ୨ ।୫୦ମି.ଗତେ ଘ୪ ।୨୪ମି. ମଧ୍ୟେ ରାହୁକାଳ।



ଏବେ ବୋହୂ ହେବା ପାଇଁ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ(ବିଏଚ୍‌ୟୁ)ରେ ୩ ମାସିଆ ପାଠ୍ୟକ୍ରମ ପ୍ରଦାନ କରାଯିବ। ଦାମ୍ପତ୍ୟ ଜୀବନରେ ଦେଖାଦେଉଥିବା ବିଭିନ୍ନ ସମସ୍ୟା ବଢୁଥିବାରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ସ୍କିଲ୍ ଇଣ୍ଡିଆ ସିଇଓ ନୀରବ ଶ୍ରୀବାସ୍ତବ ସୂଚନା ଦେଇଛନ୍ତି। ଏନେଇ ବିଏଚ୍‌ୟୁ ଆଇଆଇଟି ପକ୍ଷରୁ ଆରମ୍ଭ କରାଯାଇଛି ଉଦ୍ୟମ। ବାହାଘର ପୂର୍ବରୁ ଯେକୌଣସି ଛାତ୍ରୀ ଏହି ପାଠ୍ୟକ୍ରମରେ ନାମ ଲେଖାଇ ପାରିବେ। ଏଥିରେ ବିଭିନ୍ନ ଘରକରଣା ତାଲିମ୍ ଦିଆଯିବା ସହିତ ଶାଶୂଘରେ କିପରି ଚାଲିଚଳଣ କରାଯିବ ସେ ନେଇ ଶିକ୍ଷା ଦିଆଯିବ।



୫୪ ନମ୍ବର ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଜେଡି ବିଧାୟକ ଦଳ ବୈଠକ।



ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ବିଧାୟକ ଦଳ ବୈଠକ।



ବିଧାନସଭା ପରିସରସ୍ଥିତ ବିରୋଧୀ ଦଳ ନେତାଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ କଂଗ୍ରେସ ବିଧାୟକ ଦଳ ବୈଠକ।

# ସରକାରଙ୍କୁ ଘେରିବାକୁ ବିରୋଧୀ ପ୍ରସ୍ତୁତ

**ଭୁବନେଶ୍ୱର, ୩।୯(ବ୍ୟୁରୋ)**

ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଛି ବିଧାନସଭାର ମୌସୁମୀ ଅଧିବେଶନ । ଏହି ଅଧିବେଶନ ସେପ୍ଟେମ୍ବର ୨୦ ଯାଏ ଚାଲିବ। ସ୍ୱଳ୍ପକାଳୀନ ହୋଇଥିଲେ ମଧ୍ୟ ଏହା ବେଶ୍ ସରଗରମ ହେବ। ବିରୋଧୀ କଂଗ୍ରେସ ଓ ଭାଜପା ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ଷଣ୍ଢଆସି ଆକ୍ରମଣ କରିବାକୁ ରଣନୀତି ପ୍ରସ୍ତୁତ କରିଛନ୍ତି। ରାଜ୍ୟରେ ଆଇନ ଶୃଙ୍ଖଳା, ଶିକ୍ଷକ ଆନ୍ଦୋଳନ, ଚାଷୀଙ୍କୁ ବୀମା ଅର୍ଥ ନ ମିଳିବା, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ପ୍ରସଙ୍ଗକୁ ବିରୋଧୀ ମୁଖ୍ୟ ଅସ୍ତ୍ର କରିବେ।

ସରକାରଙ୍କୁ ଘେରିବାକୁ କଂଗ୍ରେସ ରଣନୀତି ପ୍ରସ୍ତୁତ କରିଛି। କୃଷି ବୀମା ଓ ଶିକ୍ଷକମାନଙ୍କ ସମସ୍ୟା ହେବ ଦଳର ମୁଖ୍ୟ ପ୍ରସଙ୍ଗ। ଦୀର୍ଘଦିନ ହେବ ଚାଷୀମାନେ କୃଷି ବୀମା ପାଉ ନାହାନ୍ତି। ସେଥିପ୍ରତି ସରକାର ଦୃଷ୍ଟି ଦେଉ ନାହାନ୍ତି। ଅନ୍ୟ ପଟେ ଅଧ୍ୟାପକ ଓ ଶିକ୍ଷକମାନେ ଦାବି ପୂରଣ ପାଇଁ ଦୀର୍ଘଦିନ ହେବ ରାଜରାସ୍ତାରେ ବସିଛନ୍ତି। ଏହି ଉଭୟ ପ୍ରସଙ୍ଗକୁ ବିଧାନସଭାରେ ଜୋରଦାର ଉଠାଇ କଂଗ୍ରେସ ସରକାରଙ୍କୁ ଘେରିବାକୁ ଯୋଜନା ପ୍ରସ୍ତୁତ କରିଛି। ଏଥିସହିତ କୃଷକ ସମସ୍ୟା, ବେକାରି ସମସ୍ୟା, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ଲୋକାୟୁକ୍ତ ନିଯୁକ୍ତିରେ ବିଳମ୍ବ , ଡାକ୍ତର ସମସ୍ୟା, ଦୁର୍ନୀତି, ପାନୀୟ ଜଳ ଆଦିକୁ ନେଇ କଂଗ୍ରେସ ସରକାରଙ୍କୁ ନାକେଦମ୍ କରିବ ବୋଲି ବିରୋଧୀ ଦଳ ନେତା ନରସିଂହ ମିଶ୍ର ସୂଚନା ଦେଇଛନ୍ତି। ସୋମବାର ସନ୍ଧ୍ୟାରେ ବିଧାନସଭା ପରିସରରେ ବିରୋଧୀ ଦଳ ନେତାଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା ହୋଇ ରଣନୀତି ପ୍ରସ୍ତୁତ କରାଯାଇଛି। ଏହି ବୈଠକରେ ୧୫ ଜଣ କଂଗ୍ରେସ ବିଧାୟକଙ୍କ ମଧ୍ୟରୁ ନବ କିଶୋର ଦାସ, କୈଳାସ ଚନ୍ଦ୍ର କୁଲେସିକା ଓ କୃଷ୍ଣ ଚନ୍ଦ୍ର ସଗରିଆ ଉପସ୍ଥିତ ନ ଥିଲେ।

ଭାଜପା ମଧ୍ୟ ସରକାରଙ୍କୁ ହଲାପଟା କରିବାକୁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛି। ବିଧାୟକ ଦଳ ନେତା କେ.ଭି ସିଂଦେଓଙ୍କ ଅଧ୍ୟକ୍ଷତାରେ ଦଳୀୟ କାର୍ଯ୍ୟାଳୟରେ ଭାଜପା ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଛି। ଆୟୁଷ୍ମାନ

**ଆଜିଠୁ ବିଧାନସଭା**

- ଚାଷୀଙ୍କୁ ବୀମା ଅର୍ଥ ନ ମିଳିବା, ଶିକ୍ଷକ ଆନ୍ଦୋଳନ ହେବ ମୁଖ୍ୟ ଅସ୍ତ୍ର
- ସରକାରଙ୍କ ଢାଲ ତୈଳଦର ବୃଦ୍ଧି, ପୋଲାଭରମ୍, ମହାନଦୀ

ଭାରତ ଯୋଜନାକୁ ଭାଜପା ମୁଖ୍ୟ ଅସ୍ତ୍ର କରିବ। ଏହାଛଡା ଦୁର୍ନୀତି, ମହିଳା ନିର୍ଯାତନା, ଆଇନଶୃଙ୍ଖଳା, ଚାଷୀ ସମସ୍ୟାକୁ ନେଇ ସରକାରଙ୍କୁ ପ୍ରଚଣ୍ଡ ଆକ୍ରମଣ କରିବ ଭାଜପା। ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ ଭାଜପା ବିଧାୟକ ପ୍ରଦୀପ ପୁରୋହିତ କହିଛନ୍ତି ବାହାର ରାଜ୍ୟକୁ ଯାଇ କାମ କରୁଥିବା ଗରିବ ଲୋକଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ କେନ୍ଦ୍ର ସରକାର ଆୟୁଷ୍ମାନ ଭାରତ କାର୍ଯ୍ୟକାରୀ କରୁଛନ୍ତି। ରାଜ୍ୟ ସରକାର ରାଜନୈତିକ ଉଦ୍ଦେଶ୍ୟ ରଖି ଓଡ଼ିଆଙ୍କ ସହ ବିଶ୍ୱାସଘାତକତା କରିଛନ୍ତି। ବିଧାନସଭାରେ ଏହି ପ୍ରସଙ୍ଗ ଉପରେ ସୌଭାଗ୍ୟ ଯୋଜନାରେ ମଗଣାରେ ବିଜୁଳି ଦେବା ପରିବର୍ତ୍ତେ ଟଙ୍କା ଆଦାୟ କରିବା , ଅଘୋଷିତ ବିଜୁଳି କାଟ, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୩ ଲକ୍ଷ ଲୋକଙ୍କୁ ବାଦ ଦେବା ଓ ହଜାର ହଜାର ଆଦିବାସୀ ପରିବାରଙ୍କୁ ରାଶନ କାର୍ଡ ପାଇବା ସତ୍ତ୍ୱେ ୧ ଟଙ୍କିଆ ଚାଉଳରୁ ବଞ୍ଚିତ କରିବା ଆଦି ବିଷୟରେ ଦଳ ସରକାରଙ୍କଠାରୁ କୈଫିୟତ ତଲବ କରିବ ବୋଲି ସେ କହିଛନ୍ତି। ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଜରିଆରେ ରାଜ୍ୟ ସରକାର ପଲ୍ଲିସଭା ଓ ଜନପ୍ରତିନିଧିଙ୍କୁ କରୁଥିବା ଅଣଦେଖାର ମଧ୍ୟ ଜୋରଦାର ପ୍ରତିବାଦ କରାଯିବ ବୋଲି ସେ କହିଛନ୍ତି। ବୈଠକରେ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ଚୌବେଙ୍କ ସହ ଦଳୀୟ ବିଧାୟକମାନେ ଉପସ୍ଥିତ ଥିଲେ।

ବିରୋଧୀଙ୍କୁ ସମ୍ମୁଖୀନ ହେବାକୁ ଶାସକ ବିଜେଡି ମଧ୍ୟ ରଣନୀତି ପ୍ରସ୍ତୁତ କରିଛି। ତୈଳ ଦର ବୃଦ୍ଧି, ଓଡ଼ିଶା କେନ୍ଦ୍ରୀୟ ଅନୁଦାନ ପ୍ରଦାନରେ ବିଳମ୍ବ, ମହାନଦୀରେ ଛତିଶଗଡ଼ ବ୍ୟାରେଜରୁ ହଠାତ୍ ଜଳ ଛାଡିବା, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି, ପୋଲାଭରମ୍ ଓ ଅନ୍ୟାନ୍ୟ କେନ୍ଦ୍ର ବିରୋଧୀ ପ୍ରସଙ୍ଗକୁ ନେଇ ଶାସକ ଦଳ ବିରୋଧୀଙ୍କ ଆକ୍ରମଣରୁ ବର୍ତ୍ତିବାକୁ ଉଦ୍ୟମ କରିବ।

ସୋମବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଜେଡି ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଥିଲ। ଏଥିରେ ୧୧୨ ଜଣ ସଦସ୍ୟ ଯୋଗ ଦେଇଥିଲେ। ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିଧାନସଭାରେ ଯାହା ଲୋକମାନଙ୍କ ହିତ ପାଇଁ ହୋଇଥିବ ସେ ସବୁ ପ୍ରସଙ୍ଗ ଉପରେ ଆଲୋଚନା ହେବ। ବିରୋଧୀ ଦଳ ଆଣୁଥିବା ବିଭିନ୍ନ ପ୍ରସଙ୍ଗ ଉପରେ ଗୃହରେ ଆଲୋଚନା ପାଇଁ ସରକାର ପ୍ରସ୍ତୁତ ରହିଛନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି ଯେ ଆସନ୍ତା ବିଧାନସଭାରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ହେବ। ବିରୋଧୀ ଦଳ ଆଣୁଥିବା ଜନହିତକର ପ୍ରସ୍ତାବ ଉପରେ ସରକାର ଆଲୋଚନା କରିବାକୁ ପଛାଇବେ ନାହିଁ।

# ବିଧାନସଭା ପାଇଁ ତ୍ରିସ୍ତରୀୟ ସୁରକ୍ଷା

**ଭୁବନେଶ୍ୱର, ୩।୯(ବ୍ୟୁରୋ)**

ମଙ୍ଗଳବାରଠାରୁ ଆରମ୍ଭ ହେବ ବିଧାନସଭା ଅଧିବେଶନ। ଏଥିପାଇଁ ପୋଲିସ ପକ୍ଷରୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସୋମବାର ପୋଲିସ କମିଶନର ସତ୍ୟଜିତ ମହାନ୍ତି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛନ୍ତି। ସେ ବିଧାନସଭା ପରିସର ଓ ଭିତରେ ବୁଲି ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ବରିଷ୍ଠ ପୋଲିସ ଅଧିକାରୀଙ୍କଠାରୁ ପଚାରିବୁଝିଥିଲେ। ୫ ଅତିରିକ୍ତ ଡିସିପି, ୧୨ ଏସ୍‌ପି, ୮୫ ଏଏସ୍‌ଆଇ ଏବଂ ଏସ୍‌ଆଇ ସୁରକ୍ଷା ଦାୟିତ୍ୱରେ ରହିବେ। ବିଧାନସଭା ଭିତରେ ଓ ବାହାରେ ୩୨ ପ୍ଲାଟୁନ ପୋଲିସ ଫୋର୍ସ, ୨ପ୍ଲାଟୁନ ଏସ୍‌ଓଜି ଯବାନ ମୁତୟନ ହେବେ। ବିଧାନସଭା ଚାରିପଟରେ ଥିବା ଗଳିକନ୍ଦି ରାସ୍ତାରେ ବନ୍ଧୁକଧାରୀ ପୋଲିସ ମୁତୟନ ରହିବେ। ଏହାସହ ଏଥର ପ୍ରଥମଥର କ୍ୟୁଆରଟି ମଧ୍ୟ ବିଧାନସଭା ଭିତରେ ମୁତୟନ ରହିବେ। ବିଧାନସଭା ଆଗରେ ଯେପରି ଟ୍ରାଫିକ୍ ସମସ୍ୟା ନ ହୁଏ ସେଥିପାଇଁ ମଧ୍ୟ ଟ୍ରାଫିକ ପୋଲିସ ମୁତୟନ ରହିବେ ବୋଲି ପୋଲିସ କମିଶନର କହିଛନ୍ତି।

- ଯାଞ୍ଚ କଲେ ପୋଲିସ କମିଶନର
- ଜଗିବେ ୩୨ ପ୍ଲାଟୁନ ପୋଲିସ, ୨ପ୍ଲାଟୁନ ଏସ୍‌ଓଜି, ୧୦୦ ଅଫିସର

ବିଧାନସଭା ଚାଲୁଥିବାରୁ ବିଭିନ୍ନ ସଂଗଠନ ନିଜର ଦାବି ନେଇ ଆନ୍ଦୋଳନ କରିବାର ଯୋଜନା ରହିଛି। ତେଣୁ ସେମାନଙ୍କ ଉପରେ ନଜର ରଖିବା ପାଇଁ ଲୋୟର ପିଏମ୍‌ଜିରେ ପୋଲିସ ମୁତୟନ କରାଯାଇଛି। ସେଠାରେ ମହିଳା ପୋଲିସ ରହିବା ସହ ସାଦା ପୋଷାକରେ ପୋଲିସ କର୍ମଚାରୀ ଉପସ୍ଥିତ ରହିବେ। ଏହାସହ ଲୋୟର ପିଏମ୍‌ଜିରେ ୩୦ରୁ ଊର୍ଦ୍ଧ୍ୱ ସିସିଟିଭି କ୍ୟାମେରା ଲଗାଯାଇଛି। ବିକ୍ଷୋଭକାରୀଙ୍କ ପାଇଁ ଦୁଇଟି ବ୍ୟାରିକେଡ କରାଯାଇଛି। ପ୍ରଥମ ବ୍ୟାରିକେଡ ନିକଟରେ ଏକାଧିକ ପୋଲିସ ମୁତୟନ ରହିବେ। ଦ୍ୱିତୀୟ ବ୍ୟାରିକେଡ ନିକଟରେ ବଜ୍ର, ଗ୍ୟାସ ଓ ପାଣି ସ୍ପ୍ରେ ଗାଡି ରହିଛି। ବିକ୍ଷୋଭକାରୀମାନେ ଦ୍ୱିତୀୟ ବ୍ୟାରିକେଡ ଭାଙ୍ଗିବାକୁ ଉଦ୍ୟମ କଲେ ଜରୁରିକାଳୀନ ପରିସ୍ଥିତିରେ ଏସବୁ ବ୍ୟବହାର କରାଯିବ ବୋଲି କମିଶନର କହିଛନ୍ତି।

## ରେଙ୍ଗାଲି ଡ୍ୟାମ୍‌ରୁ ପ୍ରଥମ ବନ୍ୟାଜଳ ନିଷ୍କାସନ

**କଣିହାଁ, ୩।୯(ଡି.ଏନ.ଏ.):** ଅନୁଗୋଳ ଜିଲା କଣିହାଁ ବ୍ଲକ ବ୍ରାହ୍ମଣୀ ନଦୀର ରେଙ୍ଗାଲି ଡ୍ୟାମ୍‌ରୁ ସୋମବାର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯାଇଛି। ସନ୍ଧ୍ୟା ୬ଟାରେ ଏହାର ଗୋଟିଏ ଗେଟ୍ ଖୋଲାଯାଇ ପାଣି ଛଡାଯାଇଛି। ନିର୍ବାହୀ ଯନ୍ତ୍ରୀ ଅଜିତ କୁମାର ଜେନାଙ୍କ ସୂଚନା ମୁତାବକ, ଡ୍ୟାମ୍‌ରେ ଜଳ ନିଷ୍କାସନ ପାଇଁ ୨୪ଟି ଗେଟ୍ ରହିଛି। ଏହାର ଜଳଧାରଣ କ୍ଷମତା ୧୨୩.୦୫ ମିଟର। ଉପରମୁଣ୍ଡରୁ ବନ୍ୟାଜଳ ପ୍ରବେଶ ଯୋଗୁ ଜଳସ୍ତର ବୃଦ୍ଧି ପାଇଛି। ଏଥିଯୋଗୁ ୭ ନମ୍ବର ଗେଟ ଖୋଲାଯାଇଛି।

## ଚିଲିକାରେ ଜଳପଥ ଅବରୋଧ

**ବ୍ରହ୍ମଗିରି, ୩।୯ (ଡି.ଏନ୍.ଏ.):** କୃଷ୍ଣପ୍ରସାଦ ବ୍ଲକ ମଏଁଷା ଗ୍ରାମ ଓ ଜହ୍ନିକୁଦା ଗ୍ରାମର ଡଙ୍ଗା ଚାଳକଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବିବାଦ ହେବାରୁ ସୋମବାର ମଏଁଷା ଗ୍ରାମର ଲୋକମାନେ ଚିଲିକାର ଜଳପଥକୁ ଅବରୋଧ କରିବାରୁ ଡଙ୍ଗା ଚଳାଚଳ ବନ୍ଦ ରହିଥିଲା।

**ମହିଳାଙ୍କୁ ଅସଦାଚରଣ ଅଭିଯୋଗ**

## ଚିଟ୍‌ଫଣ୍ଡ ଅଭିଯୁକ୍ତ ଶୁଭଙ୍କର ନାୟକ ଗିରଫ

**ଭୁବନେଶ୍ୱର, ୩।୯(ବ୍ୟୁରୋ)**

ପୁଣି ଚର୍ଚ୍ଚାରେ ସି-ସୋର ଚିଟ୍‌ଫଣ୍ଡ ଠକେଇ ଅଭିଯୁକ୍ତ ଶୁଭଙ୍କର ନାୟକ। ଜଣେ ମହିଳାଙ୍କୁ ଅସଦାଚରଣ କରିବା ସହ ତାଙ୍କ ପୁଅକୁ ମାଡ ମାରିବା ଘଟଣାରେ ଖାରବେଳନଗର ପୋଲିସ ସୋମବାର ତାଙ୍କୁ ଗିରଫ କରିଛି। ପୋଲିସ ଦଫା ୪୫୮, ୩୪୧, ୨୯୪, ୩୨୩, ୪୨୭, ୩୫୪(ଏ)(୨), ୩୫୪(ଡି)(୨), ୫୦୬ରେ ଏକ ମାମଲା(୨୪୧/୧୮) ରୁଜୁ କରି ଶୁଭଙ୍କରଙ୍କୁ କୋର୍ଟ ଚାଲାଣ କରିଛି। ଏଥିସହ କୋର୍ଟରେ ବୟାନ ରେକର୍ଡ ଲାଗି ପୋଲିସ ମହିଳାଙ୍କୁ ନୋଟିସ ଜାରି କରିଛି। ସୂଚନା ମୁତାବକ, ଖାରବେଳନଗର ଥାନା ଅନ୍ତର୍ଗତ ଚନ୍ଦ୍ରମା ଆପାର୍ଟମେଣ୍ଟର ସ-ବ୍ଲକ୍‌ରେ ଶୁଭଙ୍କର ପରିବାର ସହ ରୁହନ୍ତି। ସ୍ଥାନୀୟ ଜଣେ ମହିଳାଙ୍କ ସହ ତାଙ୍କର ଭଲ ସମ୍ପର୍କ ରହିଥିଲା। ମହିଳାଙ୍କ ସ୍ୱାମୀଙ୍କ ଦେହାନ୍ତ ହେବା ପରେ ସେ ତାଙ୍କର ୧୨ବର୍ଷର ପୁଅ ସହିତ ରହୁଥିଲେ। ରବିବାର ରାତି ପ୍ରାୟ ୮ଟାରେ ଉଭୟଙ୍କ ମଧ୍ୟରେ କୌଣସି କଥାକୁ ନେଇ ଯୁକ୍ତିତର୍କ ହୋଇଥିଲା। ମହିଳାଙ୍କ ୧୨ ବର୍ଷର ପୁଅ ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ଯୁକ୍ତତର୍କ ଧୀରେ ଧୀରେ ଗଣ୍ଡଗୋଳର ରୂପ ନେଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଶୁଭଙ୍କର ମହିଳାଙ୍କୁ ଗାଳି ଗୁଲଜ କରି ଅସଦାଚରଣ କରିବା ସହ ତାଙ୍କ ଗାଡିକୁ ଭଙ୍ଗାରୁଜା କରିଥିଲେ। ପାଟିଶୁଣି ପଡୋଶୀମାନେ ଦୌଡି ଆସିଥିଲେ ହେଁ ଶୁଭଙ୍କର ଝଗଡା ବନ୍ଦ କରି ନ ଥିଲେ। ବରଂ ସର୍ବ ସମ୍ମୁଖରେ ସମ୍ପୃକ୍ତ ମହିଳା ଏବଂ ତାଙ୍କ ପୁଅଙ୍କୁ ମାଡ ମାରିଥିଲେ। ମହିଳାଙ୍କ ପୁଅ ଖାରବେଳନଗର ଥାନାକୁ ଫୋନ୍ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶୁଭଙ୍କରକୁ ଥାନାକୁ ନେଇଯାଇଥିଲା। ସୂଚନାଯୋଗ୍ୟ, ସି-ସୋର ଚିଟଫଣ୍ଡ ଠକେଇ ମାମଲାରେ ସିବିଆଇ ୨୦୧୪ରେ ଶୁଭଙ୍କରଙ୍କୁ ଗିରଫ କରିଥିଲା। ୨୦୧୭ ଅଗଷ୍ଟରେ ସେ ଜାମିନରେ ଆସିଥିଲେ।

**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ smbselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।








@ ଆଦିତ୍ୟ



@ ଅନିଲ



@ ଜଗବନ୍ଧୁ

**ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ** smbselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

## ଘରୋଇ ହୋମିଓପାଥିକ ଚିକିତ୍ସକଙ୍କୁ ପଞ୍ଜୀକରଣ ଦାବି

**ଭୁବନେଶ୍ୱର, ୩।୯(ବ୍ୟୁରୋ):** ରାଜ୍ୟରେ ଥିବା ଘରୋଇ ହୋମିଓପାଥିକ ଚିକିତ୍ସକମାନଙ୍କୁ ସରକାର ପଞ୍ଜୀକରଣ କରନ୍ତୁ ବୋଲି ଦାବି କରି ପ୍ରାଇଭେଟ ହୋମିଓପାଥିକ ପ୍ରାକ୍ଟିସନର୍ସ ଆସୋସିଏଶନ ଆସନ୍ତା ୧୧ ତାରିଖରେ ଲୋୟର ପିଏମ୍‌ଜିରେ ବିକ୍ଷୋଭ କରିବ ବୋଲି ସଂଘ ସଭାପତି ଅଟଳ କୁମାର ଦାଶ କହିଛନ୍ତି। ସେ ଆହୁରି କହିଛନ୍ତି, ସରକାର ପୂର୍ବ ପ୍ରଚଳିତ ନିୟମ ଅନୁଯାୟୀ ଘରୋଇ ହୋମିଓପାଥିକ ଚିକିତ୍ସକମାନଙ୍କୁ ତାଲିକାଭୁକ୍ତ କରି ପଞ୍ଜୀକରଣ କରୁଥିଲେ। ମାତ୍ର ସରକାର ସେହି ନିୟମକୁ ରଦ୍ଦ କରି ଦେଇଛନ୍ତି। ଫଳରେ ସରକାର ଆଉ ରାଜ୍ୟରେ ଥିବା ହୋମିଓପାଥିକ ଚିକିତ୍ସକଙ୍କ ତଥ୍ୟ ସରକାରଙ୍କ ପାଖରେ ରହୁନି ବୋଲି ଦାଶ ସୋମବାର ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟରସ୍ ଆସୋସିଏଶନ ସଭାକକ୍ଷରେ ଖବରଦାତା ସମ୍ମିଳନୀରେ ସଂଘ ସଭାପତି ଏହା ପ୍ରକାଶ କରିଛନ୍ତି। ଦାଶ ଆହୁରି ମଧ୍ୟ କହିଛନ୍ତି, ହୋମିଓପାଥିକ ଚିକିତ୍ସାର ପ୍ରଚାର ଓ ପ୍ରସାର ପାଇଁ ଘରୋଇ ହୋମିଓପାଥିକ ଚିକିତ୍ସକମାନଙ୍କ ଭୂମିକା ରହିଛି। ସେମାନଙ୍କ ବଳରେ ହୋମିଓପାଥିକ ଚିକିତ୍ସା ବିଜ୍ଞାନକୁ ପରାକାଷ୍ଠା କରିଛି। ତେଣୁ ଘରୋଇ ଚିକିତ୍ସକମାନଙ୍କ ଚିକିତ୍ସାର ମାନ ବୃଦ୍ଧି କରିବା ପାଇଁ ସରକାର ସେମାନଙ୍କୁ ତାଲିକାଭୁକ୍ତ କରି ପଞ୍ଜୀକରଣ କରନ୍ତୁ ବୋଲି ସଂଘ ଦାବି କରୁଥିବା ଦାଶ କହିଛନ୍ତି।

**ପୂର୍ବ ତଟ ରେଳପଥ**
**'ଇ' କ୍ରୟ ପ୍ରଣାଳୀ**

ଟେଣ୍ଡର ବିଜ୍ଞପ୍ତି ସଂ.Dy.CMM/CRW/EP/2018-19/1 ତା. 29.08.2018

ଯୋଗାଣକାରୀମାନଙ୍କୁ ଅନୁରୋଧ କରାଯାଉଛି ଯେ, ଭାରତୀୟ ରେଳବାଇ ୱେବ୍‌ସାଇଟ୍ www.ireps.gov.in ଅବଲୋକନ କରନ୍ତୁ ଯେଉଁଥିରେ କି ଏହି ରେଳପଥ ସମ୍ବନ୍ଧୀୟ ଟେଣ୍ଡରଗୁଡ଼ିକ ପ୍ରକାଶ କରାଯାଇଛି ଏବଂ ଟେଣ୍ଡର ନଥିପତ୍ରଗୁଡ଼ିକ ଉପଲବ୍ଧ ଅଛି । ଏହି ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ ପ୍ରସ୍ତାବ ମଧ୍ୟ ଜମା କରାଯାଇପାରିବ । ଇଚ୍ଛୁକ ଟେଣ୍ଡରଦାତାମାନେ ଏହି ସାଇଟ୍ ଅବଲୋକନ କରିବା ସହିତ ସେମାନଙ୍କ ପ୍ରସ୍ତାବ ଦାଖଲ କରିପାରିବେ ।

PR-336/J/18-19

ଉପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ,
ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର

**CLASSIFIED DISPLAY**

**EARN IN DOLLARS**

NO ENTRANCE-NO INTERVIEW-DIRECT JOINING
AIMA is providing 6 months Training at its own campus at Berhampur, Ganjam to Join Merchant Navy, since-2004.
For Spot Admission in 24th batch please Contact / Visit /Call :-
Eligibility:-10th Pass, ITI ,+2,+3,Diploma (Age18-28Yrs)
ALL INDIA MARINE ACADEMY
N.H-5,Golanthara, Berhampur
Ganjam, Odisha-761008
Website : www.aimaedu.in, E-Mail- aimaltd@rediffmail.com
PHONE- 0680-2492300 /2302/ 2303 MOB.9861212145 / 9861264222

**ADMISSION OPEN**
INDUSTRIAL SAFETY ENGINEERING
DURATION - ONE YEAR
10TH/10+2/+3, ITI, DIPLOMA/DEGREE
Approved by Bharat Sevak Samaj, Govt. of India
Job opportunities in India & Abroad on Petrochemical Industries, Oil Refinery, Construction Textiles, Shipping Sectors, Industrial Sectors, etc.
EEURO MARITIME ACADEMY
(ISO 9001 : 2015 CERTIFIED)
Estd.2000
166, Soubhagya Nagar, Siripur, Unit-8, Bhubaneswar
logon : www.eeuromaritime.org
Ph.0674-2385773, M:9437114882, 9090366575

**APOLLO HOSPITALS HYDERABAD**
Apollo HOSPITALS
VASCULAR CLINIC
All vascular and endo-vascular conditions, like upper & lower limb edema management of varicose veins, creation of vascular access to kidney failure patients. lower limb bypass surgeries, lymphedema, abdominal aortic aneurysm, leg artery diseases neuro stroke, thoracic aneurysm,pulmonary embolism, peripheral artery diseases etc.

Apollo Speciality Clinic, 11A, BJB Nagar, BBSR
Date:-08.09.2018, Contact -8480902909
Super Speciality Hospital, Civil Township, Rourkela
Date:-09.09.2018, Contact - 9861016907, 8480902909
Dr. Nihar Ranjan Pradhan
MS. DNB (Vascular surgery), FVES(UK)
Consultant vascular & endovascular surgeon

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରଫର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋଡାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ, ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ

ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
9650446732 9971793786

**BRAIN TUMOUR OPERATION**

NEUROSURGICAL OPERATION
ସବୁ ପ୍ରକାର ଯଥା:
Brain tumour, Head Injury, Spinal Cord Tumour, Brain ପାଇଁ Ashwini Hospital, CDA, Cuttack
ASHWINI HOSPITAL
Phone :- 7894460443 କୁ ଯୋଗାଯୋଗ କରନ୍ତୁ ।

HURRY UP LIMITED SEATS
FOR YOUR CIVIL SERVICE ASPIRATIONS JOIN
START 15TH SEPTEMBER
Surge Ahead
**PANCHASAKHA ACADEMY**
FOR
IAS- (PRELIM-CUM-MAINS) | OAS (ONE MONTH CRASH COURSE)
YES, TOGETHER WE CAN
PH : 6370981054, 8457099246
L-280, HB Colony, Bhubaneswar, www.panchasakha.com

ଆଧୁନିକ ମନୁଷ୍ୟର ସବୁକିଛି ସମସ୍ୟା ଓ ସଙ୍କଟର ପ୍ରତୀକ ପ୍ରତିନିଧି ହେଉଛି ଭାରତ। ଏହି ଭାରତରେ ହିଁ ଘଟିବ ଏକ ଅଭିନବ ଅଭ୍ୟୁଦୟ। ଏହି ଅଭ୍ୟୁଦୟ ହେବ ଏକ ଉଚ୍ଚତର ଓ ସତ୍ୟରେ ଜୀବନ ଆଡକୁ। -ଶ୍ରୀମା

# ବୁଢ଼ା ହେଲେ ବି

ପାଶ୍ଚାତ୍ୟରେ ବଡ଼ ଚୌକିରେ ବସିସାରିଥିବା ବ୍ୟକ୍ତି ପଦ ଲାଳସାରେ ପଡ଼ନ୍ତି ନାହିଁ। ସେମାନେ ଦୀର୍ଘ ବର୍ଷ ଧରି ଆହରଣ କରିଥିବା ଅଭିଜ୍ଞତାକୁ ଉତ୍ତରପିଢ଼ିଙ୍କ ମଧ୍ୟରେ ବାଣ୍ଟିବାକୁ ଉଚିତ ମଣିଥାନ୍ତି। ଉଦାହରଣ ସ୍ୱରୂପ ଆମେରିକାର କେତେକ ପୂର୍ବତନ ରାଷ୍ଟ୍ରପତି ଅବ୍ୟାହତି ନେବା ପରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷାଦାନ କରିବାକୁ ପସନ୍ଦ କରିଥାଆନ୍ତି। ବାରକ୍ ଓବାମା ଆମେରିକା ରାଷ୍ଟ୍ରପତି ପଦରୁ ଯିବା ପରେ ତାଙ୍କୁ ସାଧାରଣ ଜୀବନରେ ଦେଖିବାକୁ ମିଳୁନାହିଁ। ସେଠାରେ ବୟସ ହୋଇଗଲା ପରେ ଯୁବପିଢ଼ିଙ୍କୁ ସୁଯୋଗ ଦେବା ପରମ୍ପରା ରହିଆସିଛି। ଭାରତରେ ଏହାର ବିପରୀତ ଲକ୍ଷ୍ୟ କରାଯାଉଛି। ଘୁଷୁରିବା ସ୍ଥିତିକୁ ଆସିଯାଇଥିବା ବ୍ୟକ୍ତି ପଦବୀ ଛାଡ଼ିବାକୁ ନାରାଜ। ଚାକିରିରୁ ଅବସର ଗ୍ରହଣ କରିବା ପରେ ଅନେକେ ପୁଣି କିଭଳି ଏକ ନୂଆ ପଦ ମାଡ଼ିବସି ସବୁ ସୁବିଧା ହାତେଇ ହେବ କାର୍ଯ୍ୟକାଳ ଭିତରେ ହିଁ ତା'ର ବ୍ୟବସ୍ଥା କରିଦେଇଥାନ୍ତି।

ଭାରତକୁ ଯୁବ ଦେଶ ବୋଲି କୁହାଯାଉଛି। ଦେଶ ଜନସଂଖ୍ୟାର ୬୫ ପ୍ରତିଶତରୁ ଊର୍ଦ୍ଧ୍ୱ ୧୮ରୁ ୩୫ ବର୍ଷ ବୟସ ମଧ୍ୟରେ ଅଛନ୍ତି। ଏହା ସତ୍ତ୍ୱେ ଯୁବପିଢ଼ିକୁ ଅଣଦେଖା କରାଯାଉଛି। ଯୁବବର୍ଗଙ୍କ ବିଷୟରେ ବରିଷ୍ଠମାନେ ଚିନ୍ତା କରୁ ନ ଥିବାର ଦୃଷ୍ଟାନ୍ତ ଖୋଜିଲେ ଅନେକ ମିଳିବ। ସେନାଧ୍ୟକ୍ଷ ରହିଥିବା ଜଣେ ବ୍ୟକ୍ତି ରାଷ୍ଟ୍ରମନ୍ତ୍ରୀ ହେବା ପାଇଁ ବ୍ୟାକୁଳ। ଏବେ ଦେଶରେ ସୈନ୍ୟ ସଙ୍କଟ ଦେଖାଦେଇଛି। କାହିଁକି ଯୁବବର୍ଗ ଦେଶର ସେବା କରିବା ପାଇଁ ଆଗେଇ ଆସୁ ନାହାନ୍ତି, ସେ ନେଇ ଚିନ୍ତା କରି ସମାଧାନର ବାଟ ଖୋଲିଥିଲେ ହୁଏତ ସେହିଭଳି ବ୍ୟକ୍ତିଙ୍କୁ ଅଧିକ ସମ୍ମାନ ମିଳି ପାରିଥାଆନ୍ତା। ସେହିପରି ଉଚ୍ଚ ନ୍ୟାୟାଳୟ ବିଚାରପତି ପଦରୁ ଅବସର ନେବା ପରେ ବି ରାଜ୍ୟ ସଭା ସଦସ୍ୟ କିମ୍ବା ରାଜ୍ୟପାଳ ପଦବୀ ପାଇଁ ମୁହଁମାଡ଼ି ପଡ଼ୁଛନ୍ତି।

ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ରାଜନୈତିକ ମହତ୍ତ୍ୱାକାଂକ୍ଷାକୁ ନେଇ ଏବେ ଚର୍ଚ୍ଚା ଚାଲିଛି। ଗତ ଜୁନ୍‌ରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ମୁଖ୍ୟାଳୟ ନାଗପୁରରେ ସର ସଂଘଚାଳକ ମୋହନ ଭାଗବତଙ୍କ ସହ ତାଙ୍କୁ ଗୋଟିଏ ମଞ୍ଚରେ ବସିଥିବା ଦେଖିବାକୁ ମିଳିଥିଲା। ଫଳରେ ଆଲୋଚନା ଆରମ୍ଭ ହୋଇଥିଲା ଯେ ପ୍ରଣବ ପୁଣି ସକ୍ରିୟ ରାଜନୀତିକୁ ଫେରିବା ଲାଗି ପାଗ ଭିଡ଼ିଲେଣି। ଏହି ଚର୍ଚ୍ଚାରେ ଭଟ୍ଟା ପଡ଼ି ନ ଥିବା ବେଳେ ସେପ୍ଟେମ୍ବର ୨ରେ ହରିୟାଣାର ଗୁରୁଗ୍ରାମଠାରେ ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟାରଙ୍କ ସହ ତାଙ୍କୁ ଦେଖିବାକୁ ମିଳିଛି। କଥା ଉଠିଲାଣି ଯେ, କଂଗ୍ରେସଠାରୁ ସବୁ ସୁବିଧା ନେବା ପରେ ପ୍ରଧାନମନ୍ତ୍ରୀ ପଦବୀ ପାଇଁ ଅତ୍ୟନ୍ତ ଆଶାରେ ରହି ଯାଇଥିବା ଏହି ବିଚକ୍ଷଣ ରାଜନେତା ନୂଆ ସମୀକରଣ ଆଣିବାକୁ ଚେଷ୍ଟା କରୁଛନ୍ତି। ୨୦୧୯ ସାଧାରଣ ନିର୍ବାଚନରେ ଭାଜପା ଆବଶ୍ୟକ ଆସନ ନ ପାଇଲେ ତାହାର ଅଳ୍ପସଂଖ୍ୟକ ସାଂସଦଙ୍କ ସହ ଏବେକାର ଅଣ-ଏନ୍‌ଡିଏ ଦଳଗୁଡ଼ିକର ସାଂସଦଙ୍କୁ ମିଶାଇ ନେତୃତ୍ୱ ନେବାର ସ୍ୱପ୍ନ ପ୍ରଣବ ଦେଖୁଥାଇପାରନ୍ତି। ଦେଖିବାକୁ ଗଲେ ବିରୋଧୀଙ୍କ ମଧ୍ୟରେ ପ୍ରଧାନମନ୍ତ୍ରୀ ହେବା ଭଳି ଚେହେରା ଦୃଶ୍ୟମାନ ହେଉ ନ ଥିବାରୁ ସମ୍ଭବତଃ ପ୍ରଣବ ନିଜକୁ ଏହି ପଦବୀ ଲାଗି ଯୋଗ୍ୟ ମନେକରୁଥାଇପାରନ୍ତି। ଅତୀତରେ ଏହି ୮୨ ବର୍ଷୀୟ ରାଜନେତା ପ୍ରଧାନମନ୍ତ୍ରୀ ହେବା ପାଇଁ ଅନେକ ଥର ଚେଷ୍ଟା କରିଥିଲେ। ରାଜୀବ ଗାନ୍ଧୀଙ୍କ ହତ୍ୟା ପରେ ପ୍ରଣବଙ୍କୁ ନେଇ ଏହିଭଳି ମନ୍ତବ୍ୟ ପ୍ରକାଶ ପାଇଥିଲା। କଂଗ୍ରେସ ତାଙ୍କୁ ରାଷ୍ଟ୍ରପତି ଆସନରେ ସନ୍ତୁଷ୍ଟ କରିବାକୁ ଚାହିଁଥିଲେ ମଧ୍ୟ ସେ ସେଥିରେ ଖୁସି ହୋଇ ନ ଥିଲେ। ବର୍ତ୍ତମାନ ପରିସ୍ଥିତିରେ ଭାଜପାର ଲୋକପ୍ରିୟତା କମିଥିବା ଲକ୍ଷ୍ୟ କରାଯାଇଛି। ଦଳ ଭିତରେ ବହୁ ବରିଷ୍ଠ ନେତା ଅସନ୍ତୁଷ୍ଟ ଅଛନ୍ତି। ଏମାନେ ପ୍ରଣବଙ୍କୁ ତାଙ୍କ ଲକ୍ଷ୍ୟରେ ପହଞ୍ଚିବା ପାଇଁ ସହଯୋଗ କରିପାରନ୍ତି। ରାଷ୍ଟ୍ରପତି ଥିବା ବେଳେ ପ୍ରଣବ 'ସଂଘୀୟ ସାମ୍ମୁଖ୍ୟ' ଗଠନ ନେଇ କେତେକ ଆଞ୍ଚଳିକ ଦଳ ସହ କଥା ହୋଇଥିବା ସେତେବେଳେ ଗଣମାଧ୍ୟମରେ ଆଲୋଚନା ହୋଇଥିଲା। ହେଲେ ସେ ଉଚ୍ଚ ସାମ୍ବିଧାନିକ ପଦବୀରେ ଥିବାରୁ ତାଙ୍କୁ କେହି ପ୍ରଶ୍ନ ପଚାରିପାରି ନ ଥିଲେ। ଏବେ ସକ୍ରିୟ ରାଜନୀତିରେ ପ୍ରବେଶ ଲାଗି ତାଙ୍କୁ ଆକଟ ନ ଥିଲେ ମଧ୍ୟ ବୟସାଧିକ୍ୟ କାରଣ ଓ ରାଷ୍ଟ୍ରପତି ରହିସାରିବା ପରେ ପ୍ରଧାନମନ୍ତ୍ରୀ ହେବା ଲାଗି ହେଉଥିବା ଚେଷ୍ଟା ସାଧାରଣରେ ଆଲୋଚନା ହେଉଛି। ଅତୀତରେ କଂଗ୍ରେସର ବରିଷ୍ଠ ନେତା ଏସ୍.ଏମ୍. କ୍ରିଷ୍ଣା ଓ ସୁଶୀଲ କୁମାର ସିନ୍ଦେ ରାଜ୍ୟପାଳ ରହିବା ପରେ କେନ୍ଦ୍ର ମନ୍ତ୍ରୀ ହୋଇଥିବାରୁ ସମାଲୋଚନାର ଶିକାର ହୋଇଥିଲେ। ଭାରତରେ ରାଷ୍ଟ୍ରପତି ହେବା ପରେ କେହି ପ୍ରଧାନମନ୍ତ୍ରୀ ହୋଇ ନାହାନ୍ତି। ପ୍ରଣବ ଯଦି ସେଭଳି ଲକ୍ଷ୍ୟ ନେଇ ଆଗାଉଥାଆନ୍ତି, ତାହା ହେଲେ ବୁଢ଼ା ହେଲେ ବି ଲୋଭ ସମ୍ବରଣ କରିପାରୁ ନାହାନ୍ତି ବୋଲି କୁହାଯାଇପାରିବ।

## ୨୫ ବର୍ଷ ତଳର ଧରିତ୍ରୀ

୪ ସେପ୍ଟେମ୍ବର ୧୯୯୩

- ଦେଶର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ଆର୍ଥିକ ସ୍ଥିତିକୁ ମଜଭୁତ କରିବା ଲାଗି ସେମାନଙ୍କୁ ପୁଞ୍ଜି ବଜାରରେ ପ୍ରବେଶ ନିମନ୍ତେ ସୁଯୋଗ ଦେବାକୁ କେନ୍ଦ୍ର କ୍ୟାବିନେଟ୍‌ର ନିଷ୍ପତ୍ତି।
- ରୁଷିଆର ଉପରାଷ୍ଟ୍ରପତି ଆଲେକଜାଣ୍ଡାର ରୁଟ୍‌ସ୍କୋଇଙ୍କୁ ଦୁର୍ନୀତି ଅଭିଯୋଗରେ ବହିଷ୍କାର କରିବା ନିମନ୍ତେ ରାଷ୍ଟ୍ରପତି ବୋରିସ ୟେଲଟସିନ ଜାରି କରିଥିବା ଡିକ୍ରୀକୁ ସ୍ଥଗିତ ରଖିବାକୁ ପାର୍ଲାମେଣ୍ଟରେ ଏକ ପ୍ରସ୍ତାବ ଗୃହୀତ।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | | | | 1 | 0 | | | | 7 | 5 | 8 | 6 | 4 | |
| | | | A | | | | | | 0 | | 6 | | | 7 |
| | | | | | | 8 | E | D | 2 | | 4 | | | 5 |
| | A | 5 | 3 | | | | | | | E | | | | 0 |
| | | | | E | | 1 | C | | | | A | | | B |
| 7 | 5 | | B | | | 0 | 1 | | | | 2 | 3 | | |
| C | | E | | | | 3 | 8 | 9 | | | | | 0 | |
| | | | D | C | | | | | | B | | 7 | | |
| 8 | | | | | A | | | 5 | | 9 | | | E | |
| 0 | | | 7 | | | D | | | | | 3 | C | | |
| | | | | 8 | 6 | | | | 3 | | C | | | |
| 1 | | | | | | C | | B | | 4 | | | | 6 |
| B | | | | 7 | | | 6 | E | | | | 5 | | |
| | | | | | 3 | 9 | | 4 | | | | | 8 | |
| | | 6 | | B | 4 | | A | | 5 | | | 1 | D | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 5 | 4 | A | D | 2 | 1 | 6 | 0 | E | C | 3 | 9 | 7 | 8 |
| 8 | A | 9 | 3 | 0 | E | C | 7 | B | 1 | D | 4 | 2 | 5 | 6 |
| C | 0 | E | 1 | 5 | 6 | 3 | D | 8 | 7 | 2 | 9 | 4 | B | A |
| 3 | 2 | 1 | 7 | 9 | 8 | 4 | A | 5 | B | 6 | 0 | D | C | E |
| 6 | 7 | D | 4 | C | B | 9 | 2 | E | 5 | A | 8 | 3 | 0 | 1 |
| D | 8 | 7 | 6 | 4 | C | E | 5 | 9 | 0 | 1 | 2 | B | A | 3 |
| 5 | 6 | A | B | 1 | 9 | 7 | 8 | 2 | 3 | 4 | D | C | E | 0 |
| 1 | 3 | 2 | 8 | 7 | A | B | 0 | 4 | C | E | 5 | 6 | D | 9 |
| 9 | 4 | B | 0 | E | D | A | C | 3 | 8 | 7 | 6 | 5 | 1 | 2 |
| 0 | E | C | 5 | 2 | 3 | D | 1 | 6 | 9 | B | A | 7 | 8 | 4 |
| 4 | 9 | 6 | C | 3 | 7 | 5 | B | 1 | A | 0 | E | 8 | 2 | D |
| 7 | C | 8 | E | A | 1 | 2 | 4 | D | 6 | 3 | B | 0 | 9 | 5 |
| E | B | 0 | D | 8 | 4 | 6 | 9 | A | 2 | 5 | C | 1 | 3 | 7 |
| A | D | 5 | 2 | B | 0 | 8 | 3 | 7 | 4 | 9 | 1 | E | 6 | C |
| 2 | 1 | 3 | 9 | 6 | 5 | 0 | E | C | D | 8 | 7 | A | 4 | B |

ଗତକାଲିର ଉତ୍ତର

# ଭାରତରେ ଶରଣାର୍ଥୀ ସମସ୍ୟା



ବୈକୁଣ୍ଠନାଥ ମିଶ୍ର

ସମଗ୍ର ପୃଥିବୀରେ ଶରଣାର୍ଥୀ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଗୋଟିଏ ଦେଶରେ ଜନ୍ମଗ୍ରହଣ କରି କୌଣସି କାରଣବଶତଃ ନିଜ ଜନ୍ମଭୂମିରୁ ସ୍ଥାନାନ୍ତରିତ ହୋଇ ଅନ୍ୟ ଏକ ଦେଶରେ ବସବାସ କରି ସମୟକ୍ରମେ ସେ ଦେଶର ନାଗରିକତ୍ୱ ଗ୍ରହଣ ଓ ରାଜନୈତିକ ପ୍ରକ୍ରିୟାରେ ଅଂଶଗ୍ରହଣ ସମ୍ପୃକ୍ତ ଦେଶର ମୂଳ ଅଧିବାସୀଙ୍କ ମଧ୍ୟରେ ଭ୍ରୂକୁଞ୍ଚନ ସୃଷ୍ଟି କରେ। ପ୍ରଥମେ ସେମାନେ ଅତ୍ୟନ୍ତ ନିରୀହ ଓ ସରଳ ପ୍ରତୀତ ହୁଅନ୍ତି। ସେମାନେ ସ୍ଥାନୀୟ ମୂଳ ଅଧିବାସୀଙ୍କ ବିଶ୍ୱାସଭାଜନ ହୁଅନ୍ତି ଓ ସମୟସୁବିଧା ଦେଖି ଜମିବାଡି କ୍ରୟ କରି ନିଜର ପ୍ରଭୁତ୍ୱ ବିସ୍ତାର କରନ୍ତି। ବେଳେ ବେଳେ ସେମାନଙ୍କ ଉପଦ୍ରବ ପ୍ରବଳ ହେଲେ ମଧ୍ୟ ସେମାନଙ୍କୁ ସେଥିରୁ ନିବୃତ୍ତ କରିବା ଦୁରୂହ ହୋଇପଡେ। ଅଧିକନ୍ତୁ ରାଜନେତା ଓ ରାଜନୈତିକ ଦଳମାନେ ଭୋଟ ଲୋଭରେ ସେମାନଙ୍କର ନିକଟତର ହୋଇ ପ୍ରିୟଭାଜନ ହୁଅନ୍ତି। ନେତାଙ୍କର ଆଶୀର୍ବାଦର ହାତ ସେମାନଙ୍କ ଉପରକୁ ଲମ୍ବି ଆସିଲେ ବିଚରା ସ୍ଥାନୀୟ ସାଧାରଣ ଜନତା କ'ଣ କରିପାରିବେ? ଫଳରେ ସେମାନେ ନାନା କୌଶଳ ପ୍ରୟୋଗ କରି ସ୍ଥାନୀୟ ଅଧିବାସୀଙ୍କୁ ଶୋଷଣ କରନ୍ତି।

୧୯୭୫ ମସିହାରେ ପାରାଦୀପରୁ କେତେକ ଥାଇଲାଣ୍ଡ ଧୀବରଙ୍କୁ ଭାରତୀୟ ତଟରକ୍ଷୀବାହିନୀ ଗିରଫ କରିଥିଲା। ଉକ୍ତ ଧୀବରମାନେ ଭାରତୀୟ ଜଳସୀମା ମଧ୍ୟକୁ ଅନଧିକାର ପ୍ରବେଶ ଅପରାଧରେ ଧରାହୋଇ ଜଗତ୍‌ସିଂହପୁର ସବ୍‌ଡିଭିଜନାଲ କୋର୍ଟକୁ ଆସିଥିଲେ ଏବଂ ପରେ ଆଳିପିଙ୍ଗଳ କାରାଗାରରେ ସେମାନଙ୍କୁ ରଖାଯାଇଥିଲା। ନିର୍ଦ୍ଦିଷ୍ଟ ସମୟର ଜେଲଦଣ୍ଡ ଭୋଗିସାରିବା ପରେ ଯେତେବେଳେ ସେମାନଙ୍କୁ ମୁକ୍ତ କରାଗଲା ସେତେବେଳକୁ ଅନେକ ବିଳମ୍ବ ହୋଇସାରିଥିଲା। ଭାରତ ସରକାର ଥାଇ ସରକାରଙ୍କ ସହ ଯୋଗାଯୋଗ କରିଥିଲେ ମଧ୍ୟ ଥାଇଲାଣ୍ଡ ସରକାର କୌଣସି ଆଗ୍ରହ ପ୍ରକାଶ କଲେ ନାହିଁ। ବୋଧହୁଏ ସେମାନଙ୍କ ପରିବାର ତରଫରୁ ଆଗ୍ରହ ପ୍ରକାଶ ପାଇଲା ନାହିଁ। ଫଳରେ ସେମାନେ ଜେଲରୁ ମୁକ୍ତହୋଇ ନିକଟସ୍ଥ ଗ୍ରାମରେ ମୂଲମଜୁରି ଲାଗି ଜୀବିକା ନିର୍ବାହ କଲେ। ଅନେକେ ସେମାନଙ୍କ ଭିତରୁ ବର୍ତ୍ତମାନ ମୃତ। କିଛି ମଧ୍ୟ ସେ ଅଞ୍ଚଳରେ ବୈବାହିକ ସୂତ୍ରରେ ଆବଦ୍ଧ ହୋଇ ସଂସାର କରିଗଲେ। ଓଡ଼ିଆ ଭାଷା, ଖାଦ୍ୟ ଓ ଚଳଣିକୁ ସେମାନେ ସମୟକ୍ରମେ ଆପଣେଇନେଲେ।

ଶରଣାର୍ଥୀ ସମସ୍ୟା ଭାରତ ସ୍ୱାଧୀନତା ସମୟରୁ ଲାଗିରହିଛି। ପାକିସ୍ତାନ ସୃଷ୍ଟି ସମୟରେ ପାକିସ୍ତାନରେ ନୂତନ ରୂପେ ପ୍ରତିଷ୍ଠିତ ସରକାର ମାତ୍ର ୨୪ ଘଣ୍ଟା ମଧ୍ୟରେ ହିନ୍ଦୁମାନଙ୍କୁ ଭାରତ ଚାଲିଯିବା ପାଇଁ ନିର୍ଦ୍ଦେଶ ଦେଇ କେତୋଟି ସ୍ୱତନ୍ତ୍ର ଟ୍ରେନର ବ୍ୟବସ୍ଥା କଲେ। ଯେଉଁମାନେ ସେହି ସମୟ ମଧ୍ୟରେ ପାକିସ୍ତାନ ସୀମା ପାର ହୋଇପାରିବେ ନାହିଁ ସେମାନେ ପାକିସ୍ତାନରେ ରହିପାରିବେ, ମାତ୍ର ଦ୍ୱିତୀୟ ଶ୍ରେଣୀ ନାଗରିକ ହିସାବରେ। ଏ ସମ୍ବନ୍ଧରେ ପ୍ରସିଦ୍ଧ ଲେଖକ ଏଡିଥ୍ ପାରଜେଟରଙ୍କ 'ଏ ଗ୍ରେନ ଅଫ୍ ମଷ୍ଟାର୍ଡ ସିଡ୍' ଶୀର୍ଷକ ଲେଖାରେ ତାଙ୍କ ଅନୁଭୂତି ସ୍ପଷ୍ଟ ଉଲ୍ଲେଖ କରିଛନ୍ତି। କେଉଁ ବାପଅଜା ଅମଳରୁ ଘର କରି ରହିଥିବା ମଣିଷକୁ ଯେତେବେଳେ ନିଜ ସ୍ୱତ୍ୱରୁ ଉଚ୍ଛେଦ କରାଗଲା, ସେମାନେ ଭାରତକୁ ଆସି ବହୁ ଦୟନୀୟ ପରିସ୍ଥିତିର ସମ୍ମୁଖୀନ ହେଲେ। ସେମାନେ ମୂଳତଃ ଭାରତୀୟ ହୋଇଥିଲେ ବି ଭିଟାମାଟି ତ୍ୟାଗକରି ଅନ୍ୟ ସ୍ଥାନରେ ନୂତନ ରୂପେ ବାସକରିବା ନିଶ୍ଚିତ ଭାବେ କଷ୍ଟଦାୟକ। ସେହିପରି ୧୯୭୧ରେ ବାଂଲାଦେଶ ପାକିସ୍ତାନଠାରୁ ଅଲଗା ହୋଇ ଏକ ସ୍ୱତନ୍ତ୍ର ଦେଶର ମାନ୍ୟତା ଲାଭ କଲା ପରେ ସେ ଦେଶରୁ ଶରଣାର୍ଥୀମାନଙ୍କର ଭାରତକୁ ସୁଅ ଛୁଟିବାକୁ ଲାଗିଲା। ପଶ୍ଚିମବଙ୍ଗ, ଓଡ଼ିଶା ଭଳି ଉପକୂଳବର୍ତ୍ତୀ ରାଜ୍ୟରେ ବାଂଲାଦେଶୀମାନେ ଦେଖାଯାଉଥିବା ବେଳେ ଆସାମରେ ସେମାନଙ୍କର ସ୍ଥାୟୀ ବସତି ରହିଛି। ଓଡ଼ିଶାର ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲାର ତଟବର୍ତ୍ତୀ ଇଲାକାରେ ମାଇଲ ମାଇଲ ବ୍ୟାପୀ ବିଦେଶୀ ଶରଣାର୍ଥୀଙ୍କ ବସତି ରହିଛି। ସେମାନେ ଓଡ଼ିଶାରେ 'ରିଫ୍ୟୁଜି' ଭାବେ ପରିଚିତ।

ନିକଟରେ ଆସାମ ସରକାର ଏକ ତାଲିକା ପ୍ରସ୍ତୁତ କରିଛନ୍ତି, ଯେଉଁଥିରେ ସେ ରାଜ୍ୟର ମୂଳ ଅଧିବାସୀଙ୍କୁ ଚିହ୍ନଟ କରାଯାଇଛି। ତାଲିକା ବହିର୍ଭୂତ ଲୋକଙ୍କୁ ବିଦେଶୀ ବୋଲି ମନେକରାଯାଉଛି। ବିଶେଷକରି ଯେଉଁମାନେ ବଙ୍ଗଳା କହୁଛନ୍ତି ଅଥଚ ମୁସଲମାନ, ସେମାନଙ୍କୁ ବିଦେଶୀ ଭାବେ ଆଖ୍ୟାୟିତ କରାଯାଉଛି। ସରକାର ପ୍ରସ୍ତୁତ କରିଥିବା ତାଲିକାରୁ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ବାଦ୍ ପଡିଛନ୍ତି। ନ୍ୟାଶ୍‌ନାଲ ରେଜିଷ୍ଟର ଅଫ୍ ସିଟିଜେନ୍ସ (ଏନ୍‌ଆରସି), ଯାହାକି ୨୦୧୮ ଜାନୁୟାରୀରେ ପ୍ରକାଶ ପାଇଥିଲା; ସେଥିରେ ଏହି ତଥ୍ୟ ପ୍ରକାଶ ପାଇଛି। ଆସାମ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୱାଲ କୁହନ୍ତି, ''ଯେଉଁମାନଙ୍କୁ ବିଦେଶୀ ବୋଲି ଚିହ୍ନଟ କରାଗଲା ସେମାନଙ୍କୁ ସମସ୍ତ ପ୍ରକାର ସାମ୍ବିଧାନିକ ଅଧିକାର, ଭୋଟ୍ ଅଧିକାର ଏପରିକି ମୌଳିକ ଅଧିକାରରୁ ବଞ୍ଚିତ କରାଯିବ।'' ସେମାନେ ତାଙ୍କ ଜନ୍ମସ୍ଥାନକୁ ଯାଆନ୍ତୁ ବା ଆଉ ଯୁଆଡେ ଯାଆନ୍ତୁ ସେମାନଙ୍କୁ ଆସାମ ଛାଡିବାକୁ ହେବ। କିନ୍ତୁ ମାନବିକ ଅଧିକାର କର୍ମୀଙ୍କ ମତରେ ଏହା ମାନବିକ ଅଧିକାରର ଉଲ୍ଲଂଘନ। ବିଦେଶୀଙ୍କୁ ବିତାଡିତ କରିବା ସମୟରେ କୌଣସି ଦେଶ ବା ରାଜ୍ୟ ଆନ୍ତର୍ଜାତିକ ମାନବିକ ଅଧିକାରର ମାନ ରକ୍ଷା ପ୍ରତି ଧ୍ୟାନ ଦେବା ଉଚିତ। ବିତାଡିତ କରାଗଲେ ମଧ୍ୟ ସେମାନଙ୍କୁ ନ୍ୟାୟିକ ଲଢ଼େଇର ସୁଯୋଗ ଦେବା ଉଚିତ। ଏହି ପରିପ୍ରେକ୍ଷୀରେ ଭାରତ ପାର୍ଲାମେଣ୍ଟ ୨୦୧୬ ସମ୍ବିଧାନ ସଂଶୋଧନ (ନାଗରିକତ୍ୱ) ଅନୁସାରେ ଭାରତରେ ବସବାସ କରୁଥିବା କୌଣସି ବ୍ୟକ୍ତିଙ୍କୁ ଧାର୍ମିକ ଭିତ୍ତିରେ ବିତାଡିତ କରାଯାଇପାରିବ ନାହିଁ।

ଆସାମର ଚା ବଗିଚାରେ କାମ କରୁଥିବା ବିଦେଶୀଙ୍କ ଯୋଗୁ ସେ ରାଜ୍ୟର ମୂଳ ଅଧିବାସୀମାନେ ବେକାର ହୋଇ ଦୁଃଖରେ କାଳାତିପାତ କରୁଥିବାରୁ ସେମାନେ ବହୁଦିନରୁ ବିଦେଶୀମାନଙ୍କୁ ତଡ଼ିବାର ଦାବି କରିଆସୁଛନ୍ତି। ୧୯୮୦ ଦଶକରେ ଆସାମରେ ବିଦେଶୀ ନାଗରିକ ସମସ୍ୟାକୁ ନେଇ ଏକ ବିରାଟ ଆନ୍ଦୋଳନ ହୋଇଥିଲା। ଏହି ଆନ୍ଦୋଳନରୁ ସୃଷ୍ଟ ଆସାମ ଗଣପରିଷଦ ସହ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କର ଏକ ଚୁକ୍ତି ହୋଇଥିଲା। ଚୁକ୍ତି ଅନୁସାରେ ଆସାମରେ ବିଦେଶୀମାନଙ୍କୁ ଚିହ୍ନଟ କରାଯିବା ଓ ବିତାଡିତ କରାଯିବାର ବ୍ୟବସ୍ଥା ଥିଲା। ମାତ୍ର ରାଜନୈତିକ କାରଣରୁ ଭୋଟ କଟିବା ସମ୍ଭାବନାକୁ ନେଇ ଏହା କାର୍ଯ୍ୟକାରୀ କରାଗଲା ନାହିଁ। ସେହି ସମୟରେ କିଛି ବ୍ୟବସ୍ଥା ଗ୍ରହଣ କରାଯାଇଥିଲେ ଆଜିର ଏ ସମସ୍ୟା ମୁଣ୍ଡ ଟେକି ନ ଥାନ୍ତା। ୨୦୧୪ ନିର୍ବାଚନୀ ଘୋଷଣାରେ ନରେନ୍ଦ୍ର ମୋଦି ଆସାମବାସୀଙ୍କୁ ଆଶ୍ୱାସନା ଦେଇଥିଲେ ଯେ ଆସାମକୁ ବିଦେଶୀମୁକ୍ତ କରାଯିବ, ଯାହା ଆଜିର ସମସ୍ୟାର ମୂଳଉତ୍ସ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆସାମର ସାମ୍ପ୍ରତିକ ପରିସ୍ଥିତିକୁ ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ ବୋଲି ବର୍ଣ୍ଣନା କରି କେନ୍ଦ୍ରର ଏହା ଏକ ରାଜନୈତିକ ଚକ୍ରାନ୍ତ ବୋଲି କହିଛନ୍ତି।

ଯେଉଁ ୪୦ ଲକ୍ଷ ବା ତଦୂର୍ଦ୍ଧ୍ୱ ବ୍ୟକ୍ତି ତାଲିକାରୁ ବାଦ୍ ପଡିଛନ୍ତି, ସେମାନଙ୍କ ମଧ୍ୟରେ ବହୁ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି ଅଛନ୍ତି। ଭାରତୀୟ ସେନାର କମିଶନ୍ଡ ଅଫିସର ମହମ୍ମଦ ଅଜମଲ ହକ୍ ଦୀର୍ଘ ୩୦ ବର୍ଷ ଭାରତୀୟ ସେନା ପାଇଁ ନିଷ୍ଠାପର ଭାବେ କାର୍ଯ୍ୟକରି ଅବସର ନେବା ପରେ ଏବେ ସେ ଏନ୍‌ଆର୍‌ସି ତାଲିକାରୁ ବାଦ୍ ପଡିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗତ ଫକିରୁଦ୍ଦିନ ଅଲ୍ଲୀ ଅହମ୍ମଦଙ୍କ ପରିବାର ତାଲିକାରୁ ବାଦ୍ ପଡିଛନ୍ତି। ଆସାମର ଜଣେ ଭାଜପା ବିଧାୟକ ମଧ୍ୟ ତାଲିକାରୁ ବାଦ୍ ପଡିଛନ୍ତି। ମିଳିଥିବା ସୂଚନା ଅନୁସାରେ ଏନ୍‌ଆର୍‌ସି ତାଲିକା ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ପ୍ରସ୍ତୁତ କରାଯାଇଛି। ସୁପ୍ରିମ୍‌କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଯେଉଁମାନେ ତାଲିକାରୁ ବାଦ୍ ପଡିଛନ୍ତି, ସେମାନଙ୍କୁ ଆସାମର ନାଗରିକତ୍ୱ ପ୍ରମାଣ ଦେବାକୁ ଏକ ଅବସର ଦିଆଯିବ। ସେମାନେ ଏ ସମ୍ବନ୍ଧରେ ସୁପ୍ରିମ୍‌କୋର୍ଟରେ ନ୍ୟାୟ ଭିକ୍ଷା କରିପାରିବେ କିମ୍ବା ଫରେନର୍ସ ଟ୍ରିବ୍ୟୁନାଲରେ ମଧ୍ୟ ଅପିଲ କରିପାରିବେ।

ଶରଣାର୍ଥୀ ସମସ୍ୟା ଗୁରୁତର ହେବା ପୂର୍ବରୁ ପ୍ରାଥମିକ ଅବସ୍ଥାରେ ଏହାର ସମାଧାନ ହେବା ଜରୁରୀ। ନଚେତ୍ ଆସାମ ପରିସ୍ଥିତି ଅନ୍ୟ ରାଜ୍ୟରେ ସୃଷ୍ଟି ନ ହେବ ବୋଲି କିଏ କହିପାରିବ?

ସିଦ୍ଧଳ, ଜଗତ୍‌ସିଂହପୁର,
ମୋ-୯୯୩୭୪୫୦୫୪୦

# ଆମ୍ବଟାକୁଆ ଯାଉ

କାନ୍ତିଲତା ଦାଶ

ଖାଲି ମାଟି ଘୋଡ଼େଇ ଦେଇଥିବା ଆମ୍ବଟାକୁଆ ପାଣି ପବନ ପାଇ ଆପେ ଆପେ ବଡ଼ ହୋଇଛି ମୋ ବାଡ଼ିରେ। ଆମ ଘରକୁ ଲୋକେ ଆମ୍ବଗଛ ଘର ବୋଲି କହିଥାନ୍ତି। ବେଳେବେଳେ ମୁଁ ଦେଖେ ଏଇ ଆମ୍ବଗଛର ପତ୍ରଗୁଡ଼ିକ ଆପେ ଆପେ ପୁଡିଆ ଭଳି ବାନ୍ଧି ହୋଇଥାଏ, ଆଉ ଦେଖେ ତା' ଭିତରେ କାଇ (ନାଲିଜନ୍ଦା)ର ଡିମ୍ବ ଭର୍ତ୍ତି, ଚାରିପାଖେ କାଇ ପ୍ରହରୀ। ମୋର ମନେପଡେ, ପିଲାଦିନେ ଆମ ଘରର ହଳିଆ ଜାଗିଲି କଥା। ସେ ଏ ଡିମ୍ବପୁଡିଆ ଉତାରି ଆଣି ଚଣା ଖାଇଲା ଭଳି ଡିମ୍ବଗୁଡିକ ଖାଇଯାଏ। ଆମ ଘରେ ଯୋଡିଏ ଭୃଙ୍ଗରାଜ ଚଢ଼େଇ ଥାନ୍ତି। ସେ ଚଢ଼େଇଙ୍କର ଖାଦ୍ୟ ଏଇ କାଇଡିମ୍ବ। ସୁତରାଂ ସେଇ ଡିମ୍ବ ସଂଗ୍ରହ କରି ଆଣିବାକୁ ଜାଗିଲି ନିୟୋଜିତ ଥାଏ। ସଂଗୃହୀତ ଡିମ୍ବରୁ ତିନିଭାଗ ସେ ନେଇ ଏକଭାଗ ଚଢ଼େଇ ପାଇଁ ପତ୍ର ଦନାରେ ଦିଏ। ସେ ଯେତେବେଳେ କଞ୍ଚା ଡିମ୍ବଗୁଡିକ ଖାଉଥାଏ, ଆମେ ତା' ପାଟିକୁ କାବା ହୋଇ ଚାହିଁଥାଉ, ଆଉ ପଚାରୁ ଜାଗିଲି କାକା ସେଗୁଡାକ କେମିତି ଲାଗୁଛି? ସେ ଚଣା ଖାଇଲା ପରି ପାଟିକୁ ଡିମ୍ବ ପକଉ ପକଉ ଆମ ଆଡ଼କୁ ନ ଚାହିଁ କହେ, ବଡ଼ ସୁଆଦ ଲାଗୁଛି। ତମେ ବ୍ରାହ୍ମଣ ଲୋକ। ଏଗୁଡାକ ଖାଇନ, ଜାଣିବ କେମିତି? ସେ କିଛି ଖାଇ ବାକିତକ ମଇଳା ଗାମୁଛାରେ ବାନ୍ଧୁ ବାନ୍ଧୁ କହେ, ଏତକ ତମ ଆମ୍ମା ପାଇଁ ନେବି। ତେଲଲୁଣ ଦେଇ ଭାଜିଦେଲେ ଯାଉ ସାଙ୍ଗେ ଚାଖଣା କରି ରାତିକୁ ଆମେ ଖାଇବୁ। ଏ କଥା ଜେଜେମା କି ଜେଜେ ଶୁଣିଲେ କହନ୍ତି ତାଙ୍କର ଖାଦ୍ୟ ସେଇଟା, ତମର କ'ଣ ଗଲା? ଖାଲି ସେତିକି ନୁହେଁ, ବଡ଼ ମୂଷାଟିଏ ଯନ୍ତାରେ ପଡିଲେ, ଆମ ଘରେ ଗାଧୁଆ ପାଣି ଗରମ କରୁଥିବା ସରାବୁର ମା' ଧାଇଁଆସି ମୂଷାଟିକୁ ଝାମ୍ପିନିଏ, ଆଜି ତା'ର ଗୋଟେ ଭଲ ତରକାରି ହେବ।

ମୋର ଏଇ ପ୍ରସଙ୍ଗ ଅବତାରଣା କରିବାର କାରଣ ହେଲା, ଆମ୍ବକୋଇଲି ପ୍ରସ୍ତୁତ ଯାଉ, ପିଠା ଖାଇ ପ୍ରତିବର୍ଷ ଲୋକ ମୃତ୍ୟୁମୁଖରେ ପଡୁଛନ୍ତି। ତାହା ଏବେ ଏକ ଚର୍ଚ୍ଚିତ ପ୍ରସଙ୍ଗ। କିନ୍ତୁ ଏହା ସେମାନଙ୍କ ପାରମ୍ପରିକ ଖାଦ୍ୟ। କେବଳ ଫିମ୍ପମରା ଆମ୍ବଟାକୁଆ ଯାଉ ଖାଇଲେ ସେମାନଙ୍କର ଏପରି ଦଶା ହୁଏ। ଏ ବିଷୟରେ ମୋର ଅନୁଭୂତି ପାଠକଙ୍କ ଜାଣିବା ପାଇଁ ଲେଖିବାକୁ ଉଚିତ ମନେକଲି। ମୋର ଜନ୍ମ ରାୟଗଡା ନିକଟସ୍ଥ 'ପିତାମହଲ' ଗ୍ରାମରେ। ସେ ଗାଁରେ ଆମେ ଏକମାତ୍ର ବ୍ରାହ୍ମଣ ପରିବାର। ପାଇକସାହିରେ ତିରିଶ ଚାଳିଶ ଘର ସେତେବେଳେ ରହୁଥିଲେ। ସେମାନେ ତାଙ୍କ ଖାଦ୍ୟପେୟରେ ସଚେତନ ଥିଲେ। ପାଇକସାହି ପରେ ବାକି ଆଦିବାସୀ ସଉରାକନ୍ଧ ଓ ହରିଜନ ସାହି। ତେବେ ଆଦିବାସୀ ପରିବାରରେ କୟାଁମଞ୍ଜି ଗୁଣ୍ଡ, ଆମ୍ବକୋଇଲି ଗୁଣ୍ଡର ଯାଉ ଓ ପତ୍ରପୋଡ଼ା ପିଠା ଖାଇବା ପିଲାଦିନେ ଦେଖିଛି।

ଖରାଦିନେ ପାଚିଲା ଆମ୍ବ ଖାଇସାରି ତା'ର ଟାକୁଆକୁ ନିଜ ନିଜ ବାଡିରେ ଗଦେଇଥାନ୍ତି। ବର୍ଷା ପଡିଲେ ସେଗୁଡିକରୁ ଗଛ ଉଠିଥାଏ। ସେଇ ଗଛଗୁଡିକ ଏକହାତ ଉଚ୍ଚ ହେଲେ ଉପାଡି ଆଣନ୍ତି। ଗଛମୂଳରେ ଟାକୁଆଟି ଲଟକିଥାଏ। ସେ ଟାକୁଆ ଆଁ କରି ଦୁଇଫାଳିଆ ଥାଏ। ଅନାୟାସରେ ସେ ଟାକୁଆକୁ ଚିରି ତା' ପେଟରୁ କୋଇଲିଟି କାଢି ଯତ୍ନରେ ଗଦାକରେ ଆଦିବାସୀ ରମଣୀଟି। ବଡ଼ ବଡ଼ ଝୁଡିରେ ପୂରାଇ ଖରାରେ ଶୁଖାଇଥାଏ। କୋଇଲିଗୁଡିକ ଶୁଖି ଟାଣ ହେଲେ ଢିଙ୍କି କିମ୍ବା ହାତ ପାହୁରାଣୀରେ ଚୁସ୍‌ଚୁସା କୁଟି ରାତିରେ ଶୁଏଇ ଦିଅନ୍ତିନି ସେମାନେ। କେହି କେହି ଆଦିବାସୀ ରମଣୀ ଛତୁ, ବାଉଁଶ କରଡି, ସୁନୁସୁନିଆ ଶାଗ ସଂଗ୍ରହ କରି ଆମ ଘରେ ଦେଇ ତା' ବଦଳରେ ଚାଉଳ, ଖୁଦ ନେଇଥାନ୍ତି ଯାଉରେ ମିଶେଇ ରାନ୍ଧିବା ପାଇଁ। ପଇସା ଦେଲେ ନିଅନ୍ତି ନାହିଁ। ବିଭିନ୍ନ ଜଙ୍ଗଲଜାତ ଶାଗକନ୍ଦା ଯଥା, ବର୍‌ଡା ଶାଗ, କଣ୍ଟାଖଡା, ଲୁଡୁଲାଇ, ଲହୁଣି, ବାଉଁଶକରଡି, ଚାକୁଣ୍ଡା ଶାଗ, କାଶୁଣ୍ଡି ଇତ୍ୟାଦି ଶାଗ ସବୁ ସଂଗ୍ରହ କରି ଘରେ ଘରେ ଦେଇ ନିଜ ପରିବାରର ଚାଖଣା ଅଭାବ ମେଣ୍ଟାନ୍ତି ଆଦିବାସୀ ରମଣୀ। ଆମ୍ବକୋଇଲିର ଯାଉ, ତାକୁ ଚାଉଳ ଖୁଦ ସହ ଗୋଳେଇ ଲୁଣ ଗୁଡ଼ ଦେଇ ଶାଳପତ୍ରରେ ଲଦି ରଡ଼ନିଆଁରେ ବସାଇ ପୋଡ଼ପିଠା କରନ୍ତି। ତାଙ୍କରି ଭିତରେ ସାଇପଡିଶାରେ ବାଣ୍ଟକୁଣ୍ଟ, ଖିଆପିଆ ହୁଏ। ରାତି ହେଲେ ସାଇଦାଣ୍ଡରେ କରଞ୍ଜତେଲ, ଜଡାତେଲ ଢାଳି ଦିହୁଡି ଜାଳି ବିଭିନ୍ନ ନାଚତାମସା କରନ୍ତି।

ତେବେ ସେ ଆମ୍ବକୋଇଲି ଯାଉ କି ପିଠା, କନ୍ଦା ପୋଡା, କୟାଁମଞ୍ଜି ପୋଡି, କୁଟି ଯାଉ ରନ୍ଧା ଆଉ ଆମ ଗାଁରେ ନାହିଁ। ଏବେ ଗଲେ ଦେଖୁଛୁ ଆଦିବାସୀ ସାହିରେ ସେ କୁକୁଡା ଲଣ୍ଡି, ମଇଁଷି ଗୋବର, ଅପରିଷ୍କାର ଛେଳି ଗାଦି ନାହିଁ, ଢିଙ୍କିକୁଟା ଶବ୍ଦ ଆଉ ଶୁଭୁନି। ସୁନ୍ଦର ଚୂନ ସିମେଣ୍ଟର ଛୋଟ ଛୋଟ ଘର, ସେବାଶ୍ରମ ସ୍କୁଲ, ଛୋଟ ଡାକ୍ତରଖାନା, ରାସ୍ତାଘାଟ, ପ୍ରତ୍ୟେକ ଘରେ ଗୋଟିଏ ଲେଖାଁ ମୋଟରସାଇକେଲ। ଝିଅବୋହୂଙ୍କ ପୋଷାକ ବେଶ୍ ଆଧୁନିକ ଓ ପରିଷ୍କାର ମଧ୍ୟ। ପ୍ରାୟ ପ୍ରତି ଝିଅ ଶିକ୍ଷିତ ଓ ସ୍ମାର୍ଟଫୋନ୍‌ଧାରୀ ଏବଂ କେହି ନା କେହି, କୋଉଠି ନା କୋଉଠି ଚାକିରି ମଧ୍ୟ କରୁଛନ୍ତି। ଏ ସବୁ ସତ୍ତ୍ୱେ କିଛି ଆଦିବାସୀ ପରିବାରରେ ଆମ୍ବକୋଇଲି ଯାଉ, ପିଠା ଖାଇ ମୃତ୍ୟୁମୁଖରେ ପଡୁଥିବା ଖବର ଶୁଣି ବିସ୍ମିତ ହୁଏ।

- ପ୍ଲଟ୍ ନଂ. ୮୦୨, ମହାବୀର ନଗର,
ଝାରପଡ଼ା, ଭୁବନେଶ୍ୱର

## ଏଇ ଭାରତରେ

ମଣିଷକୁ ମଣିଷ ଭଲ ପାଇବା ବୋଧହୁଏ ସବୁଠୁ ଶ୍ରେଷ୍ଠ ଧର୍ମ। ଏଭଳି ସର୍ବଧର୍ମ ସମନ୍ୱୟର ବାର୍ତ୍ତା ବହନ କରି ଜଣେ କ୍ୟାଥୋଲିକ୍ ଧର୍ମଯାଜକ କେରଳ ବନ୍ୟାପୀଡିତଙ୍କୁ ସାହାଯ୍ୟ କରିଥିବା ମୁସଲମାନ ସମ୍ପ୍ରଦାୟକୁ ଧନ୍ୟବାଦମୂଳକ ବକ୍ତୃତା ଦେବା ଅବସରରେ ପ୍ରଶଂସା କରିଛନ୍ତି। ବନ୍ୟା ପ୍ରପୀଡିତ ଲୋକମାନେ ଏକ ଗୀର୍ଜାରେ ଆଶ୍ରୟ ନେଇଥିବା ବେଳେ ମୁସଲମାନ ଭାଇମାନେ ସେମାନଙ୍କୁ ଖାଦ୍ୟ ଯୋଗାଇବା ଭଳି ନିଃସ୍ୱାର୍ଥପର ସେବା କରିଥିଲେ। ସାଇରୋ-ମାଲାବାର ଚର୍ଚ୍ଚର ଫାଦର ସାନୁ ପୁଥୁସେରି ଶୁକ୍ରବାର ପ୍ରାର୍ଥନା ଅବସରରେ କୋଟାୟାମ ଜିଲାର ଜୁମା ମସ୍‌ଜିଦ୍ ପରିଦର୍ଶନ କରିଥିଲେ। ମସଜିଦ୍ ପ୍ରାର୍ଥନା କକ୍ଷରେ ସେ ଧନ୍ୟବାଦମୂଳକ ବକ୍ତୃତା ଦେଇଥିଲେ। ଦୁଇ ସପ୍ତାହ ତଳେ କେରଳର ଭୟାନକ ବନ୍ୟାରେ ୫୮୦ଜଣ ବିପନ୍ନ ଆଚିନାକୋମ୍‌ସ୍ଥିତ ସେଣ୍ଟ୍ ଆଣ୍ଟୋନି ଚର୍ଚ୍ଚରେ ଆଶ୍ରୟ ନେଇଥିଲେ। ଫାଦର ପୁଥୁସେରି ହେଉଛନ୍ତି ଏହି ଗୀର୍ଜାର ଧର୍ମଯାଜକ। ଚର୍ଚ୍ଚ କର୍ତ୍ତୃପକ୍ଷ ବିପନ୍ନଙ୍କ ପାଇଁ ତାଙ୍କ ଗୀର୍ଜା ଦୁଆର ଖୋଲିଦେଇଥିଲେ ହେଁ ପରବର୍ତ୍ତୀ ଦିନ ଖାଦ୍ୟ ଅଭାବ ଦେଖାଦେଇଥିଲା। ଫାଦର ପୁଥୁସେରି ମସ୍‌ଜିଦ୍ ଯାଇ ଖାଦ୍ୟ ପାନୀୟର ବ୍ୟବସ୍ଥା କରିବାକୁ ମୌଲବୀଙ୍କୁ ଅନୁରୋଧ କରିଥିଲେ। ତାଙ୍କ ଅନୁରୋଧକ୍ରମେ ମୁସଲମାନ ଭାଇମାନେ ପ୍ରଚୁର ଖାଦ୍ୟ ଓ ପାନୀୟ ସଂଗ୍ରହ କରି ବିପନ୍ନଙ୍କୁ ଯୋଗାଇ ଦେଇଥିଲେ। ବିପଦ ସମୟରେ ମୁସଲମାନ ଭାଇଙ୍କ ଅକୁଣ୍ଠିତ ସାହାଯ୍ୟ ଓ ସହଯୋଗ ପାଇଁ ଫାଦର ପୁଥୁସେରି ଗଭୀର କୃତଜ୍ଞତା ଜଣାଇଛନ୍ତି।

## ଚିରନ୍ତନୀ

ନ ପାରେ ତୁମ ସାଥିରେ ଉଡି
ବେଦନା ତଳେ ଯାଇଛି ବୁଡ଼ି
ପବନ ତାକୁ ଠେଲିଲା ଆଜି
ସ୍ୱପନ ଏବେ ଦେଲା ଘଉଡି।
(କବିର ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଭାଇରାଲ ଭିଡିଓ

ମହାଶୟ,

ଝିଅମାନଙ୍କ ଅଶ୍ଳୀଳ ଫଟୋ ଓ ଭିଡିଓ ଭାଇରାଲ ହେବା ଏବେ ଗଣମାଧ୍ୟମର ଏକ ରୀତିମତ ଖବର ପାଲଟିଗଲାଣି। ସବୁ ଭାଇରାଲ ଘଟଣା ଏକାଭଳି ନୁହେଁ। ଯେଉଁ କ୍ଷେତ୍ରରେ ଜବରଦସ୍ତି ଓ ବଳାତ୍କାରଜନିତ ଭିଡିଓ ଉଠାଇ ତାକୁ ଭାଇରାଲ କରାଇ ଫାଇଦା ନେବାର ଚେଷ୍ଟା କରାଯାଉଛି, ତାହା ଅକ୍ଷମଣୀୟ ଅପରାଧ। ସେଥିପ୍ରତି କଠିନ ଦଣ୍ଡ ଆବଶ୍ୟକ। କିନ୍ତୁ ଯେଉଁ କ୍ଷେତ୍ରରେ ସହମତିରେ ଫଟୋ ଓ ଭିଡିଓ ଉଠାଯାଉଛି, ସେ ସ୍ଥଳରେ ଦୋଷ ଉଭୟଙ୍କର। ପ୍ରେମ କରିବା, ଭଲ ପାଇବାର ଅର୍ଥ ନୁହେଁ ବିବାହ ପୂର୍ବରୁ ଦୈହିକ ସମ୍ପର୍କ ସ୍ଥାପନ କରିବା। ଏଥିପାଇଁ ଝିଅପୁଅ ସମପରିମାଣରେ ଦାୟୀ। ପ୍ରଶାସନ ଓ ନ୍ୟାୟପାଳିକା ଏଥିପ୍ରତି ସତର୍କ ରହିବା ଭଲ ହେବ। ପୁଅ ଓ ଝିଅ ଉଭୟଙ୍କ ପାଇଁ ନ୍ୟାୟ ସମାନ ହେବା ଉଚିତ।

ପ୍ରଭାତ କୁମାର ଦାସ, ୫୮ ସ୍ୱର୍ଣ୍ଣପୁରୀ, ଭୁବନେଶ୍ୱର

### ଗ୍ରାମାଞ୍ଚଳ ଜବରଦଖଲକାରୀ

ପ୍ରଥମେ ସରକାର 'ସର୍ବକ୍ଷମା ଯୋଜନା' କରି ତେଲିଆ ମୁଣ୍ଡରେ ତେଲ ଢାଳିଲେ। ଏବେ ସହରରେ 'ଜବରଦଖଲ କରିଥିବା ଜବରଦଖଲକାରୀଙ୍କୁ ସରକାରୀ ଅନୁକମ୍ପା' ପ୍ରଦର୍ଶନ କରିବାର ପ୍ରସ୍ତାବ ଉପରେ ମୋହର ବାଜିବ। କିନ୍ତୁ ସରକାର ଗ୍ରାମାଞ୍ଚଳ ସରକାରୀ ଜମି ଜବରଦଖଲକାରୀଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଛନ୍ତି। କଳକାରଖାନା କର୍ତ୍ତୃପକ୍ଷଙ୍କୁ ସରକାର ହଜାର ହଜାର ଏକର ଜମି କୋଉଠି ମାଗଣାରେ ତ କୋଉଠି ଶାଗମାଛ ଦରରେ ଯୋଗାଉଛନ୍ତି। ଗ୍ରାମାଞ୍ଚଳର ବହୁ ଜବରଦଖଲକାରୀ ନିଜ ଭିଟାମାଟିରୁ ବିସ୍ଥାପିତ। କିଏ ବାସଗୃହ ହରାଇଛି ତ କିଏ ସମସ୍ତ ଜମି ହରାଇ ଦାଣ୍ଡର ଭିକାରି ସାଜିଛି। କିଛି ଉପାୟ ନ ପାଇ ସେମାନେ ସରକାରୀ ଜାଗାରେ କୁଡ଼ିଆ ଖଣ୍ଡେ କରି ମୁଣ୍ଡ ଗୁଞ୍ଜିଛନ୍ତି। ତେଣୁ ସରକାର ଶୀଘ୍ର ବିସ୍ଥାପିତ ଓ ଗ୍ରାମାଞ୍ଚଳ ଜବରଦଖଲକାରୀଙ୍କ ଜବରଦଖଲକୁ ଆଇନସିଦ୍ଧ କରି ପଟ୍ଟା ପ୍ରଦାନ କରି ମହାନୁଭବତାର ପରିଚୟ ଦିଅନ୍ତୁ।

ନିର୍ଭୟ କୁମାର ପାଣି, ବିଜିଗୋଳ, କଣିହାଁ, ଅନୁଗୋଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଅତୀତ ମନୁଷ୍ୟ ବିଷୟରେ ବହୁ କଥା ଜାଣିଲେ, ଭବିଷ୍ୟତ ମନୁଷ୍ୟ ଗଢ଼ିବା ଦିଗରେ ସହାୟତା ମିଳେ।
- ବିନୋଦ କାନୁନ୍‌ଗୋ



## ସଂକ୍ଷେପରେ

### ହୀରାକୁଦ ଡ୍ୟାମ୍‌ର ୧୦ ଗେଟରୁ ଜଳ ନିଷ୍କାସନ

ସମ୍ବଲପୁର, ୩।୯ (ବ୍ୟୁରୋ)- ହୀରାକୁଦ ଡ୍ୟାମକୁ ପ୍ରତି ସେକେଣ୍ଡରେ ୧ଲକ୍ଷ ୫୨ ହଜାର ୩୫୯ କ୍ୟୁସେକ୍ ଜଳ ପ୍ରବେଶ କରୁଛି । ତେଣୁ ହୀରାକୁଦ ଡ୍ୟାମର ଜଳସ୍ତର ସୋମବାର ରାତି ୯ଟା ସୁଦ୍ଧା ୬୨୪. ୭୩ ଫୁଟ ରହିଛି । ଏହାକୁ ଦୃଷ୍ଟିରେ ରଖି ୧୦ଟି ସ୍ଲୁଇସ୍ ଗେଟ ଖୋଲା ଯାଇଛି । ଡ୍ୟାମ୍ ବାମ ପାର୍ଶ୍ୱର ୭ଟି ଓ ଡାହାଣ ପାର୍ଶ୍ୱର ୩ଟି ସ୍ଲୁଇସ୍ ଗେଟ ଦେଇ ବନ୍ୟା ଜଳ ନିଷ୍କାସନ କରାଯାଉଛି । ସେହିପରି ଜଳ ଭଣ୍ଡାରରୁ ପ୍ରତି ସେକେଣ୍ଡରେ ୧୦ଟି ସ୍ଲୁଇସ ଗେଟ୍ ସହ ବରଗଡ, ଶାସନ, ସମ୍ବଲପୁର ଡିଷ୍ଟ୍ରିବ୍ୟୁଟେରୀ, ପାୱାର ଚ୍ୟାନେଲ ମାଧ୍ୟମରେ ୧, ୭୪, ୪୫୪ କ୍ୟୁସେକ୍ ଜଳ ନିଷ୍କାସନ କରାଯାଉଛି ବୋଲି ବୁର୍ଲାସ୍ଥିତ ମୁଖ୍ୟ କଣ୍ଟ୍ରୋଲ ରୁମ୍ ପକ୍ଷରୁ ସୂଚିତ କରାଯାଇଛି ।

### ଏମ୍ସ କଲେଜରେ ଗଙ୍ଗାଧର ଜୟନ୍ତୀ

ସମ୍ବଲପୁର, ୩।୯ (ବ୍ୟୁରୋ): ଏମ୍ସ ଯୁକ୍ତ ୨ ଓ ଯୁକ୍ତ ୩ ବିଜ୍ଞାନ କଲେଜରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି । କଲେଜ ଅଧକ୍ଷା ସନ୍ତୋଷ କୁମାର ମିଶ୍ରଙ୍କ ଅଧକ୍ଷତାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା । ସାହିତ୍ୟକ ଡ. ଶ୍ୟାମସୁନ୍ଦର ଧର ମୁଖ୍ୟବକ୍ତା, କଲେଜ ସଭାପତି ଡ. ଶିବକୁମାର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଗଙ୍ଗାଧରଙ୍କ ସାହିତ୍ୟକୃତୀ ଉପରେ ଆଲୋଚନା କରିଥିଲେ । ଉପାଧକ୍ଷ ଅମର ଜସୱାଲ, ସମ୍ପାଦକ ଶ୍ରୀନିବାସ ପାତ୍ର, ଅଧାପକ ଶରତ ମିଶ୍ର ସମ୍ମାନୀତ ଅତିଥି ଥିଲେ । ଛାତ୍ରୀମାନେ ଗଙ୍ଗାଧର ସଂଗୀତ ପରିବେଷଣ କରିଥିଲେ। ଓଡ଼ିଆ ଅଧାପିକା ଡ. ସୁନିତି ଦେବତା ମଞ୍ଚ ପରିଚାଳନା କରିଥିବା ବେଳେ ସଂସ୍କୃତ ଅଧାପିକା ଅନ୍ନପୂର୍ଣ୍ଣା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଛାତ୍ରୀଛାତ୍ର, ଅଧାପିକା, ଅଧାପକ ଓ କର୍ମଚାରୀମାନେ ସାମିଲ ଥିଲେ ।

### ୧୦ରେ ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘର ଆନ୍ଦୋଳନ

ସମ୍ବଲପୁର, ୩।୯ (ବ୍ୟୁରୋ) ସରକାରଙ୍କ ପ୍ରତିଶ୍ରୁତି ପ୍ରହସନ ପାଲିଟିଛି। ଓଡିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀଙ୍କ ଦାବି ପୂରଣ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଛି। ତେଣୁ ସେପ୍ଟେମ୍ବର ୧୦ ତାରିଖ ଓଡିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ ଆନ୍ଦୋଳନକୁ ଓହ୍ଲାଇବ । ସୋମବାର ସମ୍ବଲପୁର ଜିଲା ମୁଖ୍ୟ ଡାକ୍ତରଖାନା ପରିସରରେ ଆୟୋଜିତ ଜରୁରୀ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଏଥିରେ ସମ୍ବଲପୁର ଜିଲାର ବିଭିନ୍ନ ବ୍ଲକ, ସଦର ମହକୁମା ଓ ବୁର୍ଲା ଡାକ୍ତରଖାନାରେ କାର୍ଯ୍ୟରତ ଶହେରୁ ଉର୍ଦ୍ଧ୍ୱ କର୍ମଚାରୀ ଭାଗ ନେଇଥିଲେ। ସମ୍ବଲପୁର ଶାଖା ସଂଘ ସଭାପତି ବିଭୂତିଭୂଷଣ ସାହୁ, ଉପସଭାପତି ଦୀପକ ନନ୍ଦ, ସମ୍ପାଦକ ଆନନ୍ଦ ଦାଶ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ।

# ପିଜି କାଉନ୍‌ସିଲ ଅଧକ୍ଷାଙ୍କୁ ଘେରାଉ

ସମ୍ବଲପୁର/ବୁର୍ଲା,୩।୯(ବ୍ୟୁରୋ/ଡିଏନ.ଏ.)

ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଜ୍ୟୋତିବିହାର) ପିଜି କାଉନସିଲର ଅଫିସ ସମ୍ମୁଖରେ ପିଜି ଛାତ୍ରୀଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣା ଦେଇ ୭ ଘଣ୍ଟା ଧରି ଅଫିସକୁ ଘେରାଉ କରିଥିଲେ । ଗେଟ୍‌ରେ ତାଲା ମାରି ବସିଥିଲେ । ସମସ୍ତ ବିଭାଗ ପିଜିରେ ସେଲଫ ଫାଇନାନ୍ସ ସିଟ୍ ପ୍ରତ୍ୟାହାରକୁ ବିରୋଧ କରିଥିଲେ। ଝାରସୁଗୁଡା

**ଛାତ୍ରୀଙ୍କ ଭବିଷ୍ୟତ ସହ ଖେଳ**

- ସେଲ୍‌ଫ ଫାଇନାନ୍ସିଂ ସିଟ୍ ପ୍ରତ୍ୟାହାରକୁ ବିରୋଧ
- ସିଣ୍ଡିକେଟ ବୈଠକ ପରେ ଚୂଡାନ୍ତ ନିଷ୍ପତ୍ତିକୁ ନେଇ ପ୍ରତିଶ୍ରୁତି

ଜିଲାର ହେମକାନ୍ତି ବିଶ୍ୱାଳ ନାମ୍ନୀ ଜଣେ ଛାତ୍ରୀ ସଂସ୍କୃତ ବିଭାଗରେ ଚଳିତ ବର୍ଷ ନାମ ଲେଖାଇଥିଲେ। ହେଲେ ତାଙ୍କୁ ବହିଷ୍କୃତ କରାଯାଇଛି। ଏହା ବିରୋଧରେ ମଧ ଏହି ଆନ୍ଦୋଳନ ହୋଇଥିଲା । ଅପରାହ୍ନ ୨ଟାରୁ ରାତି ୯ଟା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲିଥିଲା । ପରେ ପିଜି ଅଧକ୍ଷା ପଦ୍ମାବତୀ ଗାହାଣା ଓ ବୁର୍ଲା ଥାନା ଅଧିକାରୀ ମାନସ ପ୍ରଧାନ ଆସି ଛାତ୍ରୀଛାତ୍ରଙ୍କ ସହିତ ଆଲୋଚନା କରିଥିଲେ । ଖୁବ ଶୀଘ୍ର ସିଣ୍ଡିକେଟ ବୈଠକ ଡକାଯାଇ ଏହି ଦାବିଗୁଡିକ ଆଲୋଚନା କଲା ପରେ ଚୂଡାନ୍ତ ନିଷ୍ପତ୍ତି ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ପରେ ରାତି ୯ଟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ସୂଚନାଯୋଗ୍ୟ ଯେ, ଚଳିତବର୍ଷ ସଂସ୍କୃତ ବିଷୟରେ ସ୍ନାତକୋତ୍ତରରେ ହେମକାନ୍ତୀ ନାମ ଲେଖାଇଥିଲେ। ସେ ୧୫ଦିନ ଧରି କ୍ଲାସ ମଧ୍ୟ କରିଥିଲେ । ହେଲେ ପରେ ତାଙ୍କ ବୟସ ହୋଇ ନ ଥିବା ଓ ୪୫ ପ୍ରତିଶତରୁ କମ ମାର୍କ ରଖିଥିବା କହି ତାଙ୍କୁ ବହିଷ୍କାର କରାଯାଇଥିଲା। ଏହାକୁ ନେଇ ସେ ମାନସିକ ଭାରସାମ୍ୟ ହରାଇ ବସିଥିଲେ। ପାଠ ପଢା ବ୍ୟାହତ ହୋଇଥିଲା। ପରେ ଏହି ଘଟଣା ପିଜି ଛାତ୍ରମାନେ ଜାଣିବାକୁ ପାଇଥିଲେ । ଏହାସହ ବିଶ୍ୱବିଦ୍ୟାଳୟରେ ପିଜି ପାଠ ପଢିବା ପାଇଁ ସେଲଫ ଫାଇନାନ୍ସିଂରେ ପ୍ରତ୍ୟେକ ବିଭାଗରେ ଥିବା ଦୁଇଟି ସିଟକୁ ପ୍ରତ୍ୟାହାର କରାଯାଇଛି । ଏହାକୁ ନେଇ ସୋମବାର କଲେଜର ଛାତ୍ରୀଛାତ୍ରମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ । ଆନ୍ଦୋଳନରେ ସପନ ପଣ୍ଡିତ, ପ୍ରୀତମ ଭୂୟାଁ, ପୃଥ୍ୱୀରାଜ ବାଗ, ସୁରଜ ରଥ, ବିମଳ ପାଣିଗ୍ରାହୀ, ସନ୍ଦିପ ବାରିକ, ମାନସ ସାହୁ, ଶ୍ୟାମସୁନ୍ଦରସାହୁ, ପ୍ରକାଶ ଦଳେଇ, ସନୁ ମାରୁନ ପ୍ରମୁଖ ୫୦ରୁ ଅଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।



ସମ୍ବଲପୁର ବିଶ୍ୱବିଦ୍ୟାଳୟ ପିଜି ଛାତ୍ରମାନେ କାଉନସିଲ ଅଫିସ ସମ୍ମୁଖରେ ଧାରଣାରେ ବସିଛନ୍ତି ।

# ଦୁର୍ଘଟଣାରେ ଯୁବକ ମୃତ, ଉତ୍ତ୍ୟକ୍ତ ଗ୍ରାମବାସୀ ଟ୍ରାକ୍ଟର ଜାଳି ଦେଲେ

ରେଙ୍ଗାଲି, ୩।୯(ଡି.ଏନ.ଏ)

ସମ୍ବଲପୁର ଜିଲା ଠେଲକେଲୋଇ ଥାନା ଅନ୍ତର୍ଗତ ଗୁମକାରମା-ଡେରବା ରାସ୍ତାରେ ଏକ ନମ୍ବର ବିହୀନ ଟ୍ରାକ୍ଟର ଜଣେ ଯୁବକଙ୍କୁ ଧକ୍କା ଦେବାରୁ ଯୁବକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ସୋମବାର ସନ୍ଧ୍ୟା ୭ଟା ୩୦ରେ ଏହି ଘଟଣା ଘଟିଛି। ଗୁମକାରମା ଗ୍ରାମର ସୁରେନ୍ଦ୍ର କିସାନ (୪୦)ଙ୍କ ଉପରେ ଟ୍ରାକ୍ଟର ଚଢି ଯିବାରୁ ସେ ଘଟଣାସ୍ଥଳରେ ପ୍ରାଣ ହରାଇଛନ୍ତି। ସେ ରାସ୍ତାରେ ଯାଉଥିବାବେଳେ ଏକ ନମ୍ବର ବିହୀନ ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖା ଦେଇଥିଲା । ଉତ୍ତ୍ୟକ୍ତ ଗ୍ରାମବାସୀ ଟ୍ରାକ୍ଟରଟିକୁ ଜାଳି ଦେଇଥିଲେ। ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟର ଡ୍ରାଇଭରଙ୍କୁ ଉତ୍ତମ ମଧ୍ୟ ଦେଇ ପୋଲିସ ଜିମା ଦେଇଥିଲେ । କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଗ୍ରାମବାସୀ ମୃତଦେହ ଉଠାଇ ଦେଇ ନଥିଲେ । ଟ୍ରାକ୍ଟର ମାଲିକ ଅନ୍ତେଷ୍ଟିକ୍ରିୟା ପାଇଁ ୨୦ ହଜାର ଟଙ୍କା ଦେବା ପରେ ଗ୍ରାମବାସୀ ମୃତଦେହ ଛାଡିଥିଲେ । ପୋଲିସ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବୁର୍ଲା ଡାକ୍ତରଖାନାକୁ ପଠାଇଛି। ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ମଙ୍ଗଳବାର କ୍ଷତିପୂରଣ ପାଇଁ ଠେଲକୋଲୋଇ ଥାନାରେ ଆଲୋଚନା ହେବ।

# ବ୍ରିଟେନ୍‌ରେ ପ୍ରବାସୀଙ୍କ ସମାବେଶ



ୟୁନାଇଟେଡ୍ କିଙ୍ଗଡ଼ମ୍ ଓଡ଼ିଆ ସୋସାଇଟି ପକ୍ଷରୁ ୩୯ତମ ବାର୍ଷିକ ସମାବେଶରେ ଅତିଥି ଓ ଆୟୋଜକ ।

ସମ୍ବଲପୁର, ୩।୯ (ବ୍ୟୁରୋ)

ବ୍ରିଟେନର ଦାରୱେନ୍, ବ୍ଲାକବର୍ଣ୍ଣ ଠାରେ ୟୁନାଇଟେଡ୍ କିଙ୍ଗଡ଼ମ୍ ଓଡ଼ିଆ ସୋସାଇଟି ପକ୍ଷରୁ ୩୯ତମ ବାର୍ଷିକ ସମାବେଶ ଓଡ଼ିଶାର ତାଳ (ରିଦମ୍) ସହ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ପାରମ୍ପରିକ ଖାଦ୍ୟ, ପିଠାପଣା, ହସ୍ତତନ୍ତ, ହସ୍ତଶିଳ୍ପ, ନୃତ୍ୟ, ସଙ୍ଗୀତ ସହିତ ୨ ଦିନ ଧରି ରାଜ୍ୟ କଳା ଓ ସଂସ୍କୃତି ପ୍ରତିବିମ୍ବିତ ହୋଇ ଝଙ୍କୃତ ହୋଇଥିଲା । ଡା. ସନ୍ଦୀପ ନାୟକ ଓ ମମତା ନାୟକଙ୍କ ସଂଯୋଜନାରେ ଉତ୍ସବ ହୋଇଥିଲା । ଏଥିରେ ପାରମ୍ପରିକ ପରିଧାନ ପିନ୍ଧି ରେକର୍ଡ଼ ସଂଖ୍ୟକ ପ୍ରବାସୀ ଓଡ଼ିଆ ଭାଗ ନେଇଥିଲେ । କେନିଆର ସାଂସଦ ଡା. ସ୍ୱରୂପ ମିଶ୍ର, ଓଡ଼ିଶାର ରାଜ୍ୟସଭା ସଦସ ଡ. ଅଚ୍ୟୁତ ସାମନ୍ତ, ଦାରୱେନରେ ଅବସ୍ଥାପିତ ଭାରତର କନସଲ ଜେନେରାଲ ଡ. ଅମନ ପୁରୀ ସମ୍ମାନିତ ଅତିଥି ଭାଗେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରବାସୀ ଶିଶୁଙ୍କଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ଓଡ଼ିଆ ପରିବାରର ସଦସ୍ୟମାନେ ଉତ୍ସାହ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏଥିରେ କାଳୀଜାଇ ଗୀତିକଥାକୁ ନିଖୁଣ ଭାବେ ମଞ୍ଚସ୍ଥ କରାଯାଇଥିଲା । ସେହିଭଳି ସମ୍ବଲପୁରର ୧୨ ଜଣିଆ ସାଂସ୍କୃତିକ ଦଳ ଉକିଆ ପକ୍ଷରୁ ଦୁଲଦୁଲି, ନିଶାନ୍, ତାସା ପ୍ରଭୃତି ବାଦ୍ୟଯନ୍ତ୍ର ଓ ସ୍ୱରରେ ସମ୍ବଲପୁରୀ ସାଂସ୍କୃତିକ ବୈଭବ ଉଥାପନ କରିଥିଲେ । କଳାକାରମାନେ ଡାଲଖାଇ ଓ ରଙ୍ଗବତୀ ନୃତ୍ୟ, ଗୀତରେ ଦର୍ଶକଙ୍କୁ ଝୁମେଇ ଥିଲା । ଓଡ଼ିଶାର ରିମିଲି ମହାନ୍ତି ଓଡ଼ିଶା ହସ୍ତତନ୍ତର ଫେସନ ସୋକୁ ପ୍ରଥମ କରି ବ୍ରିଟେନରେ ପ୍ରଦର୍ଶନ କରିଥିଲେ । ମାଞ୍ଚେଷ୍ଟରର ବ୍ୟାଣ୍ଡ ରେନ୍‌ବୋ ରାଗସ୍‌ର ୧୦ ଜଣିଆ ସଭ୍ୟାସଭ୍ୟଙ୍କ ଗହଣରେ ପ୍ରତିଭାବାନ କଣ୍ଠଶିଳ୍ପୀ ଅସିତ ତ୍ରିପାଠୀ ସଂଗୀତ ପରିବେଷଣ କରିଥିଲେ । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସଂଗଠନର ସଭାପତି ଡ. କୈଳାସ ମହାନ୍ତି ଅଧକ୍ଷତା କରିଥିବା ବେଳେ ସାଧାରଣ ସମ୍ପାଦକ ଡ. ଦେବକାନ୍ତ ବେହେରା ବିବରଣୀ ପାଠ କରିଥିଲେ । ଉତ୍ତମ ତ୍ରିପାଠୀଙ୍କ ଶବ୍ଦ ଓ ଦୃଶ୍ୟ ସଂଯୋଜନା କରିଥିଲେ ।

# ‘କାହ୍ନା ତୁ ଫେରିଆ’ କାର୍ଯ୍ୟକ୍ରମରେ ନୃତ୍ୟଗୀତ ପ୍ରତିଯୋଗିତା



ସମ୍ବଲପୁରରେ ‘କାହ୍ନା ତୁ ଫେରିଆ’ କାର୍ଯ୍ୟକ୍ରମରେ ଛାତ୍ରୀଙ୍କ ସମ୍ବଲପୁରୀ ନୃତ୍ୟ ।

ସମ୍ବଲପୁର, ୩।୯ (ବ୍ୟୁରୋ)

ଭୀମ ଭୋଇ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ‘କାହ୍ନା ତୁ ଫେରିଆ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଛାତ୍ରୀଛାତ୍ରଙ୍କ ନୃତ୍ୟଗୀତ ପ୍ରତିଯୋଗୀତାରେ ସ୍କୁଲ ପରିସର ଝୁମି ଉଠିଥିଲା । କୃଷ୍ଣରାଧା ବେଶ ପ୍ରତିଯୋଗିତାରେ ଶ୍ରୀମନ୍ତ ପ୍ରଧାନ ପ୍ରଥମ, ସପ୍ତାଶ୍ଚର୍ଯ୍ୟା ବାଞ୍ଜି ଦ୍ୱିତୀୟ ଓ କବିତା ପଟେଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଗୀତ ବିଭାଗରେ ମିହିର ସୁନା ପ୍ରଥମ, ଦିବ୍ୟଜ୍ୟୋତି ବାରିକ ଦ୍ୱିତୀୟ ଓ ବିଷ୍ଣୁ ସାହୁ ଏବଂ ଲୋକନାଥ ଛତ୍ରିଆ ଯୁଗ୍ମ ତୃତୀୟ ସ୍ଥାନ ହାସଲ କରିଛନ୍ତି। ପ୍ରଧାନଶିକ୍ଷକ ବ୍ରଜମୋହନ ସାହୁଙ୍କ ପରିଚାଳନା ଓ ଶିକ୍ଷକ ଗୋକୁଳଚନ୍ଦ୍ର ପ୍ରଧାନଙ୍କ ସଂଯୋଜନାରେ ଉତ୍ସବ ହୋଇଥିଲା । କାଇଁଶୀର ହାଇସ୍କୁଲ ପ୍ରଧାନ ଶିକ୍ଷକ ଧନପତି ମହାପାତ୍ର ମୁଖ୍ୟଅତିଥି ଓ ବିଶ୍ୱହିନ୍ଦୁ ପରିଷଦ ପଶ୍ଚିମ ପ୍ରାନ୍ତ ସମ୍ପାଦକ ବିପିନ ଚନ୍ଦ୍ର ଗଡନାୟକ ଏବଂ ଆଇନଜୀବୀ ପ୍ରଦୀପ ସୁପକାର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ବଲପୁର ଜିଲା ପ୍ରାଥମିକ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ବବ୍ରୁବାହାନ ଭୋଇ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶ୍ରୀକୃଷ୍ଣଙ୍କ ଜନ୍ମ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସପ୍ତରୂପା, ପ୍ରିୟତମା, ଚୂଳେଶ୍ୱରୀ, ମୋନାଲିଶା, ଆରତୀ, ଗୀତା, କୁନି କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

### ଶିଶୁ ମନ୍ଦିରରେ ସମ୍ବଲପୁର ସଂକୁଳସ୍ତରୀୟ କ୍ରୀଡା ପ୍ରତିଯୋଗିତା

ଧମା, ୩।୯ (ଡି.ଏନ.ଏ.)

ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରରେ ସମ୍ବଲପୁରସଂକୁଳସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି ।ଏଥିରେ ୬ଟି ବିଦ୍ୟାଳୟରୁ ମୋଟ ୧୩୨ଜଣ ପ୍ରତିଯୋଗୀ ଯୋଗ ଦେଇଥିଲେ। ଧମା ସରପଞ୍ଚ ନରେଶ ସେଠ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। କିଶୋର ବର୍ଗରେ ଧନୁପାଲି ଶିଶୁମନ୍ଦିର ଦୀପକ ସେଠ, ରେଢାଖୋଲର କାଜଲ ଦେହୁରୀ, ବାଲବର୍ଗରେ ଫଡାବାହାଲର ଆଲୋକ କିସାନ, ଧନୁପାଲିର ଅଭିଷେକ ଶତପଥୀ, ସିନ୍ଦେଶ୍ୱର ବେର୍ଣ୍ଣାର ରୀନୁ ମୁଣ୍ଡା, ଶିଶୁବର୍ଗରେ ଧମା ସ୍କୁଲର ସତ୍ୟମ ନାଏକ, ସ୍ମୃତିରେଖା ବାରିକ ପ୍ରମୁଖ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ । ଅପରାହ୍ନରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଧମା ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ପିତାମ୍ବର ପଧାନ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଧମା ଥାନା ଅଧିକାରୀ ରାଜେଶ୍ୱରୀ ଭୋଇ ଯୋଗ ଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଦିଲୀପ ପାଢୀ ଏବଂ ଧନୁପାଲି ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଖେଳ ପରିଚାଳନା କରିଥିଲେ। ପରିଚାଳନା କମିଟି ସଭାପତି ଲୋକନାଥ ମିଶ୍ର ପୁରସ୍କାର ବିତରଣ ସଭା ପରିଚାଳନା କରିଥିଲେ। ଉପସଭାପତି ସତ୍ୟ ନାରାୟଣ ବାରିକ ଧନ୍ୟବାଦ ଦେଇଥିଲେ।

### ଦୁବାଇ ଜୁନିୟର ମଡେଲ ଇଣ୍ଟରନ୍ୟାଶନାଲରେ ଭାଗ ନେବେ ଅର୍ପିତା

ସମ୍ବଲପୁର, ୩।୯ (ବ୍ୟୁରୋ)

ଦୁବାଇରେ ଜୁନିୟର ମଡେଲ ଇଣ୍ଟର୍‌ନ୍ୟାଶନାଲ- ୨୦୧୮ ଶିଶୁ ଆର୍ଟ ଫେସନ୍ ଓ ଟ୍ୟାଲେଣ୍ଟ ଉତ୍ସବ ହେବ । ଆସନ୍ତା ଅକ୍ଟୋବର ୧ରୁ ୫ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ହେବ । ଏହି ପ୍ରତିଯୋଗୀତାରେ ସମ୍ବଲପୁରର ଅର୍ପିତା ବେହେରା ଦେଶର ପ୍ରତିନିଧିତ୍ୱ କରିବେ। ପୂର୍ବରୁ ସେ ରାଜ୍ୟ, ଦେଶ ଓ ଅନ୍ତର୍ଜାତୀୟ ସ୍ତରରେ ଆୟୋଜିତ ଲିଟିଲ୍ ମିସ୍ ପ୍ରତିଯୋଗିତାରେ ଭାଗ ନେଇ ଟାଇଟଲ ବିଜୟିନୀ ହୋଇଛନ୍ତି ।



ଅର୍ପିତା ବେହେରା

### ଖବରକାଗଜ ବିତରକଙ୍କ ମାତୃ ବିୟୋଗ

ବୁର୍ଲା, ୩।୯ (ଡି.ଏନ.ଏ)

ଚିପିଲିମାରେ ଖବରକାଗଜ ବିତରକ ରଜନୀକାନ୍ତ ପଟ୍ଟନାୟକ (ଟିଙ୍କୁ)ଙ୍କ ମା’ ସତ୍ୟବତୀ ପଟ୍ଟନାୟକ (୮୪)ଙ୍କ ବିୟୋଗ ଘଟିଛି। ଚିପିଲିମା ଅଞ୍ଚଳର ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିଥିଲେ । ଚିପିଲିମା ମହାନଦୀ ତଟସ୍ଥିତ ରାଜଘାଟରେ ତାଙ୍କ ଅନ୍ତିମ ସଂସ୍କାର ସଂପର୍ଣ୍ଣ ହୋଇଛି। ପୁଅ ରଜନୀ ମୁଖାଗ୍ନି ଦେଇଥିଲେ।

### ରେଙ୍ଗାଲିରେ ସୁଲଭ ଶୌଚାଳୟ ନିର୍ମାଣ ଦାବି

ରେଙ୍ଗାଲି, ୩।୯(ଡି.ଏନ.ଏ.)

ରେଙ୍ଗାଲିଠାରେ ଏକ ସୁଲଭ ଶୌଚାଳ ନିର୍ମାଣ ପାଇଁ ରେଙ୍ଗାଲି ବିଡିଓଙ୍କୁ ରେଙ୍ଗାଲି ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସମ୍ବଲପୁର, ଝାରସୁଗୁଡା ମଧ୍ୟରେ ଅବସ୍ଥିତ ରେଙ୍ଗାଲି ଏବେ ଏକ ଛୋଟ ସହରରେ ପରିଣତ ହୋଇଗଲାଣି । ରେଙ୍ଗାଲିଠାରେ ବ୍ଲକ ଅଫିସ, ତହସିଲ ଅଫିସ ଥିବାରୁ ଦୂରଦୂରାନ୍ତରୁ ଏଠାକୁ ଲୋକ ଆସିଥାନ୍ତି । ବର୍ତ୍ତମାନ ଇବ୍ ନଦୀ ଉପରେ ସେତୁ ନିର୍ମାଣ ହେତୁ ରେଙ୍ଗାଲି ସହରର ଗୁରୁତ୍ୱ ବହୁ ବଢିଯାଇଛି । କିନ୍ତୁ ବିଡମ୍ବନାର ବିଷୟ ରେଙ୍ଗାଲିରେ ଏକ ସୁଲଭ ଶୌଚାଳୟ ନ ଥିବାରୁ ଦୂରଦୂାନ୍ତରୁ ଆସୁଥିବା ମା, ଭଉଣୀ, ମହିଳାମାନେ ବହୁ ଅସୁବିଧାର ସମ୍ମୁଖୀନ ହେବା ସହ ଶୌଚାଳୟ ଅଭାବରୁ ସେମାନଙ୍କ ମାନ ସମ୍ମାନ ସୁରକ୍ଷିତ ହୋଇପାରୁନାହିଁ । ସୋମବାର ରେଙ୍ଗାଲି ବରିଷ୍ଠ ନାଗରିକ ପରିଷଦର ସଭାପତି ଡ. ତୁଳସୀ ଦାସ ମାହାଣାଙ୍କ ନେତୃତ୍ୱରେ ଅନ୍ତର୍ଯ୍ୟାମୀ ପାଣ, ସୁବଳ ଚାନ୍ଦ ସାହୁ, ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗର୍ଡିଆ, ସାଲେଗ୍ରାମ ସାହୁ, ଦିବ୍ୟ ବେହେରା ବିପିନ ବିହାରୀ ବିଶ୍ୱାଳ ପ୍ରମୁଖ ସୁଲଭ ଶୌଚାଳୟ ନିର୍ମାଣ ପାଇଁ ଏକ ଦାବିପତ୍ର ରେଙ୍ଗାଲି ବିଡିଓ ବେର୍ଣ୍ଣାଦେତ ଲାକ୍ରାଙ୍କୁ ଦେଇଛନ୍ତି । ଏ ବିଷୟରେ ବିଡିଓ ବେର୍ଣ୍ଣାବତ ଲାକ୍ରାଙ୍କୁ ପଚାରିବାରୁ ରେଙ୍ଗାଲି ପଞ୍ଚାୟତ ପକ୍ଷରୁ ଏକ ସୁଲଭ ଶୌଚାଳୟ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି। କିନ୍ତୁ ଜାଗା ଚିହ୍ନଟ ହୋଇପାରୁ ନ ଥିବାରୁ ଶୌଚାଳୟ ନିର୍ମାଣ ହୋଇପାରୁନାହିଁ । ଜମି ଚିହ୍ନଟ ହେଲେ ଖୁବ ଶୀଘ୍ର ଶୌଚାଳୟ ନିର୍ମାଣ କରାଯିବ ବୋଲି ବିଡିଓ ପ୍ରକାଶ କରିଛନ୍ତି।

**IN THE DEBTS RECOVERY TRIBUNAL AT CUTTACK**
**C-71, Sector-7, CDA, Cuttack- 753014 (Odisha)**
**O.A.No. 175/2018**

**Utkal Grameen Bank**
Stressed Asset Recovery Branch
Sambalpur .... Applicant
-Versus-
**Tankadhar Bishi** & Others .... Defendants

To,
Defendant No.1: **Tankadhar Bishi** S/o: Late Bairagi Bishi.
Defendant No.2: **Niranjan Pradhan**, S/o: Ratnakar Pradhan
Defendant No.3: **Sankarsan Bishi**, S/o: Tankadhar Bishi,
All are At: Penthbahal, P.O/P.S: Nakatideul, Dist: Sambalpur, PIN- 768118

**Summons by Paper Publication for Showing Cause as to Why the Relief Prayed for should not be granted**

Take notice that the Applicant has instituted the aforesaid Original Application before this Tribunal for recovery of Rs. 12,15,942.00 only together with current and future interest, cost and other reliefs.

You are therefore hereby directed to appear before this Tribunal in person or through authorised agent, in support of your defence to show cause within 30 days from the date of publication or on **5th day of October, 2018 at 10.30** a.m. as to why the reliefs prayed for should not be granted.

Take notice that in case of default the Application will be heard and determined in your absence.

Given under my hand and seal of this Tribunal, on this 27th day of August, 2018.

**(Srikanta Kumar Maikap)**
***Registrar,***
***Debts Recovery Tribunal, Cuttack***

# ପ୍ରଧାନମନ୍ତ୍ରୀ ଫସଲବୀମା ଦିଅ

ରେଢ଼ାଖୋଲ,୩।୯(ଡି.ଏନ.ଏ.)

ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାର ବୀମା ରାଶି ପ୍ରଦାନ କରାଯିବାକୁ ସୋମବାର ରେଢ଼ାଖୋଲ ବ୍ଲକ ଭରତାପୁର ପଞ୍ଚାୟତବାସୀ ଉପଜଲାପାଳଙ୍କଠାରେ ଦାବି କରିଛନ୍ତି। ଏହି ମର୍ମରେ ଏକ ଦାବି ପତ୍ର ଉପଜିଲାପାଳ ବିଶିକେସନ ଦେହୁରୀଙ୍କୁ ପ୍ରଦାନ କରିଛନ୍ତି। ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି ଯେ ଗତ ବର୍ଷ ମରୁଡି ପରିସ୍ଥିତି ଯୋଗୁ ତ୍ରିବଣପୁର ଧାନମଣ୍ଡିରେ ଧାନ ବିକ୍ରୀ କରାଯାଇନାହିଁ। ବର୍ଷାର ଅନିୟମିତତା ଯୋଗୁ ଉଭୟ ତ୍ରିବଣପୁର ଓ ଭରତାପୁର ପଞ୍ଚାୟତରେ ମରୁଡି ପରିସ୍ଥିତି ସୃଷ୍ଟି ହୋଇଥିଲା। ରାଜସ୍ୱ କୃଷି ବିଭାଗ ପକ୍ଷରୁ ଉଭୟ ପଞ୍ଚାୟତରେ ମରୁଡି ପରିସ୍ଥିତି ସୃଷ୍ଟି ହୋଇଥିବା ନେଇ ରିପୋର୍ଟ ପ୍ରଦାନ କରାଯାଇଥିଲା। ହେଲେ ତ୍ରୀବଣପୁର ପଞ୍ଚାୟତକୁ ୮୬ ପ୍ରତିଶତ ମରୁଡି ଘୋଷଣା କରାଯାଇଥିବା ବେଳେ ଭରତାପୁର ପଞ୍ଚାୟତକୁ ମାତ୍ର ୩୯ ପ୍ରତିଶତ ମରୁଡି ଘୋଷଣା କରାଯାଇଛି। ଗତ ୧୬।୯।୨୦୧୭ରେ ଉପଜିଲାପାଳଙ୍କୁ ଭରତାପୁର ପଞ୍ଚାୟତର ମରୁଡି ପରିସ୍ଥିତିର ଆକଳନ କରାଯିବାକୁ ଏକ ଦାବିପତ୍ର ଦିଆଯାଇଥିଲା। ଦାବିପତ୍ର ପରେ କ୍ଷୟକ୍ଷତିର ଆକଳନ କରାଯାଇ ରିପୋର୍ଟ ମଧ୍ୟ ପ୍ରଦାନ କରାଯାଇଥିଲା। ତାହା ସତ୍ୱେ ଭରତାପୁର ପଞ୍ଚାୟତକୁ ମାତ୍ର ୩୯ ପ୍ରତିଶତ ମରୁଡି ହୋଇଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି। ଚଳିତ ମାସ ୧୦ ତାରିଖ ସୁଦ୍ଧା ଭରତାପୁର ପଞ୍ଚାୟତକୁ ମଧ୍ୟ ୮୬ ପ୍ରତିଶତ ମରୁଡି ଘୋଷଣା କରାଯାଇ ବୀମାରାଶି ପ୍ରଦାନ କରା ନ ଗଲେ ୧୧ ତାରିଖ ପଞ୍ଚାୟତର ସମସ୍ତ ଚାଷୀ ଉପଜଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରିବାକୁ ବାଧ୍ୟ ହେବେ ବୋଲି ଦାବିପତ୍ରରେ ଚେତାବନୀ ଦିଆଯାଇଛି। ସରପଞ୍ଚ ତଥା କୃଷକ ସଂଗଠନର ସଭାପତି ଦୁଃଖବନ୍ଧୁ ପ୍ରଧାନ, ସଂପାଦକ ଲିଙ୍ଗରାଜ ସାହୁ, କିଶୋରଚନ୍ଦ୍ର ବିଶ୍ୱାଳ, ଅଗସ୍ତି ସାହୁ, ଧରଣୀଧର ସାହୁ, ରାମଚନ୍ଦ୍ର ସାହୁ, ଭୀମସେନ ସାମଲ, ଶିବପ୍ରସାଦ ପ୍ରଧାନ, ଶରତ କୁମାର ପ୍ରଧାନଙ୍କ ସମେତ ବହୁ ଚାଷୀଙ୍କ ସ୍ୱାକ୍ଷର ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି।

**ଉତ୍କଳ ଗ୍ରାମୀଣ ବ୍ୟାଙ୍କ**
(ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଦ୍ୱାରା ପ୍ରଯୋଜିତ)
**ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ସା/ପୋ.: ଧନୁପାଲି, ଜିଲ୍ଲା: ସମ୍ବଲପୁର-୭୬୮୦୦୫**

**(ସ୍ଥାବର ସମ୍ପତ୍ତି ନିମନ୍ତେ)**
**ଦଖଲ ନୋଟିସ୍**
**ଦ୍ରଷ୍ଟବ୍ୟ ରୁଲ୍-୮(୧)**

ନିମ୍ନ ସ୍ୱାକ୍ଷରକାରୀ **ଉତ୍କଳ ଗ୍ରାମୀଣ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ର ନଂ. ୩) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ନିୟମ ୮ସହିତ ଧାରା ୧୩(୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ରଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ ପଇଠ କରିବାକୁ କୁହାଯାଇଥିଲା । ବର୍ତ୍ତମାନର ବକେୟା ରାଶି ନିମ୍ନ ସାରଣୀରେ ପ୍ରଦାନ କରାଗଲା। ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ରଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ସିକ୍ୟୁରିଟି ଇଣ୍ଟରେଷ୍ଟ୍ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ରୁଲ୍ ୮ ସହିତ କଥିତ ଆକ୍ଟର ଧାରା ୧୩(୪)ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ଦଖଲ କରିଛନ୍ତି । ତେଣୁ ବିଶେଷକରି ରଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ ଦର୍ଶିତ ରାଶି ସୁଧ, ଦେୟ ଏବଂ ଆନୁସଙ୍ଗିକ ଖର୍ଚ୍ଚ ନିମନ୍ତେ **ଉତ୍କଳ ଗ୍ରାମୀଣ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

**ଏତଦ୍ୱାରା ରଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| କ୍ର. ନଂ. | ରଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ନୋଟିସ୍ ଅନୁଯାୟୀ ବର୍ତ୍ତମାନର ବକେୟା ଦେୟ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|---|
| ୦୧. | **ରଣଗ୍ରହୀତା: ମା ତାରିଣୀ ଇଲେକ୍ଟ୍ରିକାଲ୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଦୀପକ କୁମାର ଅଗ୍ରୱାଲ,** ପିତା: ଶ୍ରୀ ଗୋବିନ୍ଦରାମ ଅଗ୍ରୱାଲ / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀମତୀ କୌଶଲ୍ୟା ଦେବୀ,** ସ୍ୱାମୀ: ରାମ ଲଖନ ଶର୍ମା, **୨) ଶ୍ରୀ କମଲେଶ ଶର୍ମା,** ପିତା: ରାମ ଲଖନ ଶର୍ମା, ସମସ୍ତଙ୍କ ଠିକଣା ସା.: ଜଳଦା ଏ ବ୍ଲକ୍, ପୋ.: ଫର୍ଟିଲାଇଜର, ରାଉରକେଲା, ଜିଲ୍ଲା: ସୁନ୍ଦରଗଡ-୭୬୯୦୪୩ | ୧୯.୦୩.୨୦୧୮ ସୁଦ୍ଧା ଟ.୧୭,୩୪,୩୮୯/- ଏବଂ ପରବର୍ତ୍ତି ସୁଧ + ଅନ୍ୟାନ୍ୟ ଦେୟ | ୧୯.୦୩.୨୦୧୮ / ୨୧.୦୮.୨୦୧୮ | **ଶ୍ରୀମତୀ କୌଶଲ୍ୟା ଦେବୀ,** ସ୍ୱାମୀ: ରାମ ଲଖନ ଶର୍ମାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଜଳଦା, ତହସିଲ: ରାଉରକେଲା, ଥାନା : ଲାଠିକଟା, ଥାନା ନଂ.: ୧୦, ଜିଲ୍ଲା: ସୁନ୍ଦରଗଡ, ଖାତା ନଂ.: ୧୦୫/୨୨୪, ପ୍ଲଟ୍ ନଂ.: ୧୫୪୩/୩୯୭୦, କ୍ଷେତ୍ର: ଏକର୦.୦୫ଡିସିମିଲି |

**ସ୍ଥାନ: ସମ୍ବଲପୁର, ତାରିଖ : ୨୮.୦୮.୨୦୧୮** **ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଉତ୍କଳ ଗ୍ରାମୀଣ ବ୍ୟାଙ୍କ**



ଆମକୁ ପାପ କାର୍ଯ୍ୟ କରିବାରେ ଯିଏ ବାଧା ଦିଏ, ସେ ପ୍ରକୃତରେ ବନ୍ଧୁ।

- ଶଙ୍କରାଚାର୍ଯ୍ୟ

## ସଂକ୍ଷେପରେ

### ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ

**ରିଆମାଳ,୩।୯(ଡି.ଏନ.ଏ.)**

ରିଆମାଳ ବ୍ଲକ୍ ଅନ୍ତର୍ଗତ କୁଣ୍ଡେଇଗୋଲା ଉଚ୍ଚ ବିଦ୍ୟାଳୟର ପଚାଶ ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତୀ କରାଯିବ ବୋଲି ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜିତେନ କୁମାରଙ୍କ ଆହ୍ୱାନ କ୍ରମେ ବହୁ ପୁରାତନ ଛାତ୍ର ବୈଠକରେ ଯୋଗଦେଇଥିଲେ। ନଭେମ୍ବର ମାସ ଶେଷ ସପ୍ତାହରେ ସୁବର୍ଣ୍ଣ ଜୟନ୍ତୀ କରାଯିବ ବୋଲି ସ୍ଥିରୀକୃତ ହୋଇଛି। ଏହି ଅବସରରେ ସଭାପତି ଭାବେ ଦେବାନନ୍ଦ ସାହୁ, ଉପସଭାପତି ଧନେଶ୍ୱର ପାଇକରାୟ, ସମ୍ପାଦକ ଚିତ୍ତ ରଞ୍ଜନ ପ୍ରଧାନ, ସହ ସମ୍ପାଦକ ମହନ୍ତ ବେହେରା, କୋଷାଧ୍ୟକ୍ଷ ନିରାକର ସାହୁ ସର୍ବ ସମ୍ମତି କ୍ରମେ ବିବେଚିତ ହୋଇଥିଲେ। ଅପରପକ୍ଷରେ ସୁବର୍ଣ୍ଣଜୟନ୍ତୀ ଦୁଇ ଦିନ ଧରି କରାଯିବ ବୋଲି ସ୍ଥିର ହୋଇଥିବାବେଳେ, ବିଦ୍ୟାଳୟର ସମସ୍ତ ପୁରାତନ ଛାତ୍ରମାନେ ସହଯୋଗ କରିବା ପାଇଁ ଦେବାନନ୍ଦ ସାହୁ ନିବେଦନ କରିଛନ୍ତି।

# ପାରପୋଷି ପଞ୍ଚାୟତରେ ଅଭିଯୋଗ ଶୁଣାଣି

**ଦେବଗଡ଼,୩।୯(ସ୍ୱ.ପ୍ର.)**

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଅଧୀନ ପାରପୋଷି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ଯୁଗ୍ମ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାପାଳ ସୁଧାଂଶୁ ମୋହନ ସାମଲ ଯୋଗଦେଇ ୩୧ଟି ଅଭିଯୋଗର ଶୁଣାଣି କରି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ୩୧ଟି ଅଭିଯୋଗ ମଧ୍ୟରୁ ୧୪ଟି ବ୍ୟକ୍ତିଗତ ଆପତ୍ତି ଅଭିଯୋଗ ସମ୍ବନ୍ଧୀୟ ହୋଇଥିବାବେଳେ ୧୭ଟି ସାମୂହିକ ସମସ୍ୟା ଉପରେ ପର୍ଯ୍ୟବେସିତ ଥିଲା । ନୂତନ ଝାରମୁଣ୍ଡା ଗ୍ରାମପଞ୍ଚାୟତ ନିର୍ମାଣ, ଇନ୍ଦିରା ଆବାସ ଘର, ଆଇଟିଡିଏ କାର୍ଯ୍ୟାଳୟ ତିଲେଇବଣିକୁ ସ୍ଥାନାନ୍ତର, ଝରାଗୋଗୁଆ ବିଦ୍ୟାଳୟର କୋଠାଘର ମରାମତି, ସୁନାକାନିଠାରେ ନୂତନ ଟ୍ରାନ୍ସଫରମର ସ୍ଥାପନ, ଝରାଗୋଗୁଆ-ବୁଡ଼ିକୁଟୁଣି ରାସ୍ତା ପୂର୍ତ୍ତ ବିଭାଗକୁ ହସ୍ତାନ୍ତର, ବିଏସଏନଏଲ ନେଟ ୱାର୍କ ସଂଯୋଗ, ଘରଡିହ ଚିହ୍ନଟ, ଡୁରିଜଙ୍ଗଲ ଅଙ୍ଗନୱାଡି ମରାମତି, ରାଶନକାର୍ଡ, ପାନୀୟ ଜଳଯୋଗାଣ ଓ ପାରପୋଷିଠାରେ ପାଣିଟାଙ୍କି ନିର୍ମାଣ ଆଦି ସମସ୍ୟା ଉପରେ ଜନସାଧାରଣ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଯୁଗ୍ମ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷିକା ଅନୁପମା ଜେମ୍ସ, ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ଭିନସେଣ୍ଟ ପୁନମ କାନ୍ତ ଏକ୍କାଙ୍କ ସମେତ ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ । ସେହିପରି ଦେବଗଡ ସଦରଠାରେ ଅନୁଷ୍ଠିତ ଶୁଣାଣି ଶିବିରରେ ଯୋଗଦେଇ ଅତିରିକ୍ତ ଜିଲାପାଳ ଧରମ ହାଁସଦା ଲୋକମାନଙ୍କଠାରୁ ୩୮ଟି ଆପତ୍ତି ଅଭିଯୋଗ ସମ୍ବନ୍ଧୀୟ ଦରଖାସ୍ତ ଗ୍ରହଣ କରି ସେଗୁଡିକ ଶୁଣାଣି କରିଥିଲେ ।



ଜନଶୁଣାଣି ଅବସରରେ ଜିଲାପାଳଙ୍କ ସମେତ ଅନ୍ୟମାନେ ।

### କଳାବ୍ୟାଜ ପିନ୍ଧିଲେ କର୍ମଚାରୀ

**ଦେବଗଡ,୩।୯(ସ୍ୱ.ପ୍ର.)**

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ (ଓୟୁଏଟି) ଅଧୀନ ୩୧ଟି କୃଷି ବିଜ୍ଞାନ କେନ୍ଦ୍ରର ସମସ୍ତ ବୈଜ୍ଞାନିକ ଓ କର୍ମଚାରୀମାନେ ଓଡ଼ିଶା କର୍ମଚାରୀ ମହାମଞ୍ଚର ପୃଷ୍ଠପୋଷକତାରେ ଓୟୁଏଟିର ବୈମାତୃକ ମନୋଭାବ ବିରୋଧରେ ସୋମବାର କଳାବ୍ୟାଜ ପରିଧାନ କରି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କର୍ମଚାରୀମାନେ କୃଷି କ୍ଷେତ୍ରର ଉନ୍ନତି ପାଇଁ କାର୍ଯ୍ୟ କରୁଥିବା ବେଳେ ଓୟୁଏଟି ପକ୍ଷରୁ ବିଭିନ୍ନ ସମୟରେ ତାଙ୍କୁ ଅବହେଳା କରାଯାଉଛି। ଏହି ପରିପ୍ରେକ୍ଷୀରେ ଦେବଗଡ଼ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଏବଂ କର୍ମଚାରୀମାନେ ଓଡ଼ିଶା କର୍ମଚାରୀ ମହାମଞ୍ଚର ଆହ୍ୱାନ କ୍ରମେ ବିଭିନ୍ନ ସମସ୍ୟା ନେଇ କଳାବ୍ୟାଜ ପରିଧାନ କରି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବିଭିନ୍ନ ସମସ୍ୟା ମଧ୍ୟରେ ଚାକିରୀ ସ୍ଥାୟୀତ୍ୱ, ଆର୍‌ଏସିପି, ସିଏଏସ୍, ଜାତୀୟ ପେନସନ ଯୋଜନା, ସାମାଜିକ ସୁରକ୍ଷା, ସରକାରଙ୍କ ବୁଝାମଣା ପତ୍ରର ଠିକ୍ ରୂପାୟନ, ସମାନ କାମକୁ ସାମନ ଦରମା ଆଦି ଦାବି କରାଯାଇଛି।

## ସ୍ୱଚ୍ଛତା ପକ୍ଷ ପାଳନରେ ସଚେତନତା ରାଲି

**ଦେବଗଡ,୩।୯(ସ୍ୱ.ପ୍ର.)**

ମନ୍ଦାକିନୀ ବାଳିକା ଉନ୍ନୀତ ପ୍ରାଥମିକ ସ୍କୁଲରେ ସୋମବାର ସ୍ୱଚ୍ଛତା ପକ୍ଷ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁବର୍ଣ୍ଣ କପରଦାରଙ୍କ ତତ୍ତ୍ୱାବଧାନରେ ସ୍କୁଲର ସମସ୍ତ ଛାତ୍ରୀ ଏକ ଶୋଭାଯାତ୍ରା ମାଧ୍ୟମରେ ସହର ପରିକ୍ରମା କରିଥିଲେ। ହାତରେ ପ୍ଲାକାର୍ଡ, ବ୍ୟାନର ଧରି, ସ୍ଲୋଗାନ ଦେଇ ସ୍ୱଚ୍ଛ ବିଦ୍ୟାଳୟ ଅଭିଯାନର ବିଭିନ୍ନ ବାର୍ତ୍ତା ପ୍ରଦାନ କରି ସଚେତନ କରାଇଥିଲେ । କାର୍ଯ୍ୟକ୍ରମରେ ସ୍କୁଲ ପରିଚାଳନା କମିଟିର ସଭାପତି ହୀରାବତି ପାତ୍ରଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଅଂଶଗ୍ରହଣ କରିଥିଲେ ।





ସ୍ୱଚ୍ଛତା ପକ୍ଷ ପାଳନ ଶୋଭାଯାତ୍ରାରେ ସାମିଲ ହୋଇଥିବା ଛାତ୍ରୀମାନେ।

### ଅନ୍ତର୍ଜାତୀୟ ଥିଏଟର ଉତ୍ସବ

## ହେମନ୍ତ କୁମାର ମହାପାତ୍ରଙ୍କୁ ଜାତୀୟ ନାଟ୍ୟ ରତ୍ନ ସମ୍ମାନ

**ଦେବଗଡ,୩।୯(ସ୍ୱ.ପ୍ର.)**

କଟକସ୍ଥିତ ଉତ୍କଳ ଯୁବ ସାଂସ୍କୃତିକ ସଂଘ ଆନୁକୂଲ୍ୟରେ ସେପ୍ଟେମ୍ବର ୧ ରୁ ୧୦ ତାରିଖ ପର୍ଯ୍ୟନ୍ତ ଚାଲିଥିବା ୨୬ ତମ ଅନ୍ତର୍ଜାତୀୟ ଥିଏଟର ଉତ୍ସବରେ ଦେବଗଡର ନାଟ୍ୟ ନିର୍ଦ୍ଦେଶକ ହେମନ୍ତ କୁମାର ମହାପାତ୍ରଙ୍କୁ ଜାତୀୟ ନାଟ୍ୟ ରତ୍ନ ସମ୍ମାନ ପ୍ରଦାନ କରାଯାଇଛି । କଟକର ସାରଳା ରଙ୍ଗମଞ୍ଚରେ ଆୟୋଜିତ ହୋଇଥିବା ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଅର୍ଥ ମନ୍ତ୍ରୀ ଶଶିଭୂଷଣ ବେହେରା ଯୋଗଦେଇ ଏହି ସମ୍ମାନରେ ସାମ୍ମାନିତ କରିଛନ୍ତି। ମହାପାତ୍ରଙ୍କୁ ନାଟକ କ୍ଷେତ୍ରରେ ପ୍ରଚାର ଓ ପ୍ରସାର ଦିଗରେ ଅତୁଳନୀୟ ଅବଦାନ ଏବଂ ସାଂସ୍କୃତିକ ବିପ୍ଳବରେ ନାଟ୍ୟ ନିର୍ଦ୍ଦେଶକ ଭାବେ ସୁଖ୍ୟାତି ଅର୍ଜନ କରିଥିବାରୁ ସମ୍ବର୍ଦ୍ଧିତ କରିବାସହ ମାନପତ୍ର ପ୍ରଦାନ କରିଥିଲେ । ସମ୍ବର୍ଦ୍ଧନା ଉତ୍ସବରେ ଉତ୍କଳ ଯୁବ ସାଂସ୍କୃତିକ ସଂଘର ଅଧ୍ୟକ୍ଷା ପ୍ରଭା ପଟ୍ଟନାୟକ, ଗୋବର୍ଦ୍ଧନ ପୂଜାରୀ, ଡ. ବିଜୟାନନ୍ଦ ସିଂ, ସାଧାରଣ ସମ୍ପାଦକ ପ୍ରଫେସର କାର୍ତ୍ତିକ ଚନ୍ଦ୍ର ରଥ ପ୍ରମୁଖ ଉପସ୍ଥିତ ଥିଲେ ।



ସାରଳା ରଙ୍ଗମଞ୍ଚରେ ଆୟୋଜିତ କାର୍ଯ୍ୟକ୍ରମରେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ପୁରସ୍କୃତ କରୁଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗଉଡ଼ ଘରର ଝୋଟି**
**କାଲି ଆସିଛି ବୋହୂ ପିଲାଟି**
**ଅଢ଼େଇ ଆଙ୍ଗୁଳି ଚୁଟି ।**

ସମୟ ସହ ତାଳ ଦେଇ ସବୁକିଛି ବଦଳି ଯାଇଥାଏ। ଯୁଗ ବଦଳିବା ସହ ମଣିଷର ବେଶ ପୋଷାକ ତଥା ଚାଲିଚଳନରେ ଅନେକ ପରିବର୍ତ୍ତନ ଘଟୁଥିବାର ଲକ୍ଷ୍ୟ କରାଯାଇଥାଏ। ଏପରି ସ୍ଥିତିରେ ଆଧୁନିକତାର ଦୁହାଇ ଦେଇ ଛୋଟ ଚୁଟି ରଖିଥିବା ନୂଆ ବୋହୂ ପ୍ରତି ପାଖ ପଡ଼ିଶା ମହିଳାଙ୍କ ଟୀକାଟିପ୍ପଣୀ ପ୍ରକାଶ ପାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗହ୍ମାରି**
**ବୁଢ଼ା କୋଉ ମଣିଷରେ ସୁମାରି ।**

ସାଧାରଣତଃ ବୃଦ୍ଧ ବ୍ୟକ୍ତିମାନେ ନିଜକୁ ସର୍ବଦା ଅସହାୟ ମନେ କରିଥାନ୍ତି। ବୟସ ଅତିକ୍ରାନ୍ତ ହୋଇଗଲେ ସେମାନେ ନିଜ ଶକ୍ତି ଓ ସାମର୍ଥ୍ୟ ଉପରୁ ଆସ୍ଥା ବା ଭରସା ହରାଇ ବସିଥାନ୍ତି। ଏପରିସ୍ଥଳେ ବୃଦ୍ଧ ବ୍ୟକ୍ତିମାନଙ୍କୁ ଅନୁପଯୁକ୍ତ ମନେକରି ତାଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
ଫ୍ରେଣ୍ଡସ୍ ପବ୍ଲିଶର୍ସ


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

**B.Ed**
M.Ed, B.P.Ed
Under Achrya Nagarjuna and Andhra Universities
SUCCESS POINT
114/7, Naveen Niwas Square, Bhubaneswar
BHUBANESWAR
7682826300
7682826301
BRAHAMPUR
7682826307
7377730723

ADMISSION OPEN 2018-20
**B.Ed.**
Acharya Nagarjuna University
Anuska B.Ed. Academy
Odisha's No-1 B.Ed. Academy
97% 1ST DIVISION
Rasulgarh, Bhubaneswar
8260277745/8260277746
Cuttack No-9937313739
Bhawanipatna: 7982328673
Jajpur/Kendrapara:9692222120
www.anuskagroup.com

SPOT ADMISSION
**B.Ed**
CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash Against Gold
**Gold Cash**
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

**Odisha Finance**
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number:
7302107165
odishafinance55@gmail.com

**MONEY WIZZ FINANCE**
ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉପଲବ୍ଧ।(ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ)
07991019691
07750048332
moneywizz27@gmail.com

**LOAN**
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

**FINANCE**
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦ୍ଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି । ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ । ୩୦% ସବସିଡି ସହିତ ।
7787922501
7787907927
pmjansamridhi@gmail.com

**BUSINESS**
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580
95578-79781

GET INSTANT CASH AGAINST GOLD
**Sell your GOLD more than market value.**
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

(Registration Free)
**Bhartiya Telecom Group**
(Govt. Approved)
ଦ୍ୱାରା ନିଜର ଖାଲି ଜାଗା, ଛାତ, ଚାଷଜମି, ପ୍ଲଟରେ DIGITAL ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ ୬୦ ଲକ୍ଷ । ଭଡ଼ା 45000 + ଅନ୍ୟାନ୍ୟ ସୁବିଧା ସୁଯୋଗ। ଠକମାନଙ୍କ ପ୍ରତି ସାବଧାନ। (କାମ ଆମର, ବିଶ୍ୱାସ ଆପଣଙ୍କର) କେବଳ ଇଚ୍ଛୁକ ବ୍ୟକ୍ତି ଯୋଗାଯୋଗ କରନ୍ତୁ
7052176168
8808619133

**ଫାଇନାନ୍ସ**
ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ମାତ୍ର 1250ରେ (1-90 ଲକ୍ଷ) ପର୍ଯ୍ୟନ୍ତ 0% ସୁଧ 60% ରିହାତି, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, କୃଷି, ରାଶନକାର୍ଡ, ଆଧାରକାର୍ଡ, ସମସ୍ତ ଋଣ 48 ଘଣ୍ଟାରେ
Dhanlaxmi Finance
9045324642
7417158225

!! ଋଣ ଋଣ ଋଣ !!
**ମହାରାଷ୍ଟ୍ର ଫାଇନାନ୍ସ**
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339

**ସୁବର୍ଣ୍ଣ ସୁଯୋଗ**
କଣ ଆପଣ ବେରୋଜଗାର ଅଛନ୍ତି କି ?
ଆପଣଙ୍କର ଭବିଷ୍ୟତପାଇଁ କିଛି ଯୋଜନା ଅଛି କି ? ଏସବୁର ସମାଧାନପାଇଁ ଆମ Company ଠାରୁ କିଛି ସାହାଯ୍ୟ ନେଇ ଆତ୍ମନିର୍ଭରଶୀଳ ହୁଅନ୍ତୁ ।
ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ
7873395955

**LOAN**
ଶିକ୍ଷିତ ଓ ବେରୋଜଗାରି ମାନେ ନିଜର ବ୍ୟବସାୟିକ, ବ୍ୟକ୍ତିଗତ, ଗୃହ, ପ୍ରପର୍ଟି, ସାର୍ଟିଫିକେଟ୍ ଓ ଶିକ୍ଷାର ସହାୟତାରେ କମ୍ପାନୀଠାରୁ ସାହାଯ୍ୟ ନିଅନ୍ତୁ।
7682891639
8018022748

**SMS JOBS DHAMAKA**
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

**ମହାବୀର ଫାଇନାନ୍ସ**
!! ବିନା ଗ୍ୟାରେଣ୍ଟର!!
ସ୍ୱରୋଜଗାର ପାଇଁ ଅଷ୍ଟମ/ଦଶମ ପାସ୍ ମହିଳା / ପୁରୁଷ
ମାର୍କଶିଟ୍, ବ୍ୟବସାୟ, ଦୋକାନୀ, ପ୍ରପର୍ଟି
2,00,000-25,00,000 ପର୍ଯ୍ୟନ୍ତ
1% ସୁଧ, 25% ରିହାତି
20 ବର୍ଷରେ ଫେରସ୍ତ
8750418810
9355438810

**UNIVERSAL COMMUNICATION GROUP**
ଦ୍ୱାରା ନିଜ ଖାଲି ପଡ଼ିଥିବା ଜମି, ଛାତ, ଚାଷଜମି, ପ୍ଲଟ୍‌ରେ ଯେକୌଣସି ସ୍ଥାନରେ ଉପକରଣ ଲଗାନ୍ତୁ ଓ ପାଆନ୍ତୁ 60 ଲକ୍ଷ ଅଗ୍ରିମ, ଭଡ଼ା 80,000 + ଅନ୍ୟାନ୍ୟ ସୁବିଧାସୁଯୋଗ ଏଗ୍ରିମେଣ୍ଟ ସହିତ ।
CALL NOW:
08570958738
08570958378

9911436726, 9540938429



**କେମିତି ମଦ ଛାଡ଼ିବେ**
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
Sealed tenders are invited from the Civil & HT Contractors having valid “C” & “D” Class Civil Contractor license issued by Govt. of Odisha / Military / Railways & having valid IT PAN Card / GST registration for the work of providing false ceiling in control room of Grid S/S Joda under EHT (O&M) Division, Joda. Cost of tender paper **Rs. 2240/-**, EMD - **Rs.4982/-** @ 1% of the estimated value. Sale of tender documents from **Dt.10.09.2018** to **Dt.24.09.2018**. Last date of submission of tender: **Dt.25.09.2018** upto **01.00 PM**. Date of opening of tender **Dt.26.09.2018** at **03.00 PM**. For details visit our website **www.optcl.co.in**.

Corrigendum if any will be published in the OPTCL website only.

**Sd./- Dy. General Manager (Elect)**
**EHT (O&M) Division, Joda**

## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.

### ODISHA POWER TRANSMISSION CORPORATION LIMITED

OPTCL Lifeline of Odisha

(A Government of Odisha Undertaking)
Regd. Office: Janpath, Bhubaneswar -751 022 (Odisha)
**Tel: 0674-2542230 CIN: U40102OR2004SGC007553**

### NOTICE INVITING TENDER (NIT)

**(DOMESTIC COMPETITIVE e-BIDDING)**

**e-TENDER NOTICE NO.: SCRIPS PMU-01/2018-19** **Date: 01.09.2018**

ODISHA POWER TRANSMISSION CORPORATION LTD.(OPTCL), Bhubaneswar, invites bids (in e-tendering mode only) under single stage two-envelop system from reputed EPC/Turnkey Contractors for **Engineering, Supply, Erection and Commissioning of 2x12.5 MVA (Five Nos.), 3x12.5 MVA (One No.) & 4x12.5 MVA (One No.), 33/11KV Gas (SF6) insulated Substation (GIS) in Bhubaneswar City at an Estimated Cost of Rs.86.17 Crore on "EPC/TURNKEY CONTRACT BASIS".** Interested bidders are required to enroll themselves in the tender portal **"www.tenderwizard.com/OPTCL"**. Complete set of bidding documents are available on **"www.tenderwizard.com/OPTCL"** portal from Dt.**(05.09.2018)/(11:00)AM** up to Dt.**(05.10.2018) / (12:45)PM.** Interested bidders may visit OPTCL's official website **"http://www.optcl.co.in"** and Tender Portal **"http://www.tenderwizard.com/OPTCL"** for further detail.

**Note:** Bidders are requested to regularly visit OPTCL website/Tender Portal only for amendment/errata/corrigendum (if any) and any other information regarding the tender, as the same shall be published only on the OPTCL website/Tender Portal.

**Sd/-**
**Chief General Manager (SCRIPS-PMU)**
**e-Mail: scripspmu@optcl.co.in**

**CR Advt. No. 30/2018-19**

Please connect us: optcl.odisha optcl_odisha energyodisha

## ଓଡିଶା ରାଜ୍ୟ ଅର୍ଥ ନିଗମ

### ଓ.ଏମ୍.ପି. ଛକ, କଟକ-୭୫୩୦୦୩

ବିଜ୍ଞାପନ ନଂ DDAC/୦୫/୧୮-୧୯ **ବିକ୍ରୟ ବିଜ୍ଞାପନ** ତା.୦୩.୦୯.୨୦୧୮

ଓଡିଶା ରାଜ୍ୟ ଅର୍ଥ ନିଗମ ନିର୍ଦ୍ଧାରିତ ଢଉମୁଦଦିଆ ଟେଣ୍ଡର ଫର୍ମ ମାଧ୍ୟମରେ ତା ୧୭.୦୯.୨୦୧୮ ସମୟ ଦିବା ୧୦.୦୦ ଘଟିକାରେ ଓଡିଶା ରାଜ୍ୟ ଅର୍ଥ ନିଗମ, ମୁଖ୍ୟ କାର୍ଯ୍ୟାଳୟ, ଓ.ଏମ୍.ପି ଛକ, କଟକ-୦୩ ଠାରେ ହେବାକୁ ଥିବା **Default-cum-Disposal Advisory Committee (DDAC)** ଦ୍ୱାରା ନିମ୍ନୋକ୍ତ ଜବତ ସମ୍ପତ୍ତିକୁ “ଯେଉଁଠାରେ ଯେଉଁଭଳି ଅଛି ସେହି ଅବସ୍ଥାରେ” ବିକ୍ରୟ ପାଇଁ ଦରଖାସ୍ତ ଆହ୍ୱାନ କରୁଅଛି । ନିର୍ଦ୍ଧାରିତ ଟେଣ୍ଡର ଦରଖାସ୍ତ ଫର୍ମ, ବିକ୍ରୟର ନିୟମ ଓ ସର୍ତ୍ତାବଳୀ, ସ୍ଥାବର/ଅସ୍ଥାବର ସମ୍ପତ୍ତିର ବିଶଦବିବରଣୀ ଟେଣ୍ଡର ପକାଇବାର ପ୍ରଣାଳୀ ଇତ୍ୟାଦି ଗୁଡିକ ଆମ୍ଭର ୱେବ୍ ସାଇଟ୍ **www.osfcindia.com** ରୁ ସଂଗ୍ରହ କରି ହେବ । ଟେଣ୍ଡର ଫର୍ମକୁ ସଠିକ୍ ଭାବେ ପୁରଣ କରି ତା ୧୫.୦୯.୨୦୧୮ ସମୟ ଅପରାହ୍ନ ୫ ଘଟିକା ମଧ୍ୟରେ ଆମ୍ଭ କଟକ ସ୍ଥିତ ମୁଖ୍ୟ କାର୍ଯ୍ୟାଳୟର ଟେଣ୍ଡର ବାକ୍ସରେ ପକାଇବାକୁ ହେବ କିମ୍ବା Registered Post/ Speed Post ମାଧ୍ୟମରେ ତଳଲିଖିତ ଠିକଣାରେ ପଠାଇ ପାରିବେ । କୌଣସି ଟେଣ୍ଡର ଆବେଦନ ପତ୍ର ଯଦି ବିଳମ୍ବରେ ଏବଂ ନିର୍ଦ୍ଧାରିତ ଅମାନତ ଜମା ବିନା ଏବଂ ଠିକ୍ ଭାବରେ ପୁରଣ କରାଯାଇ ନ ଥିବ ତେବେ ତାହା ନାକଚ ହୋଇଯିବ ।

ନିଲାମଧାରୀ ସେମାନଙ୍କର ପରିଚୟ ପତ୍ରର ପ୍ରମାଣ ସହ ନିଜେ କିମ୍ବା ତାଙ୍କର ସ୍ୱିକୃତ ପ୍ରତିନିଧି ମାଧ୍ୟମରେ DDAC ରେ ଉପସ୍ଥିତ ହେବେ ଏବଂ ଯୋଉଁ ମାନଙ୍କର ନିଲାମ ଡାକ ସର୍ବାଧିକ ହେବ ସେମାନେ ଘୋଷିତ ହୋଇଥିବା ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ବା ରାଜି ହୋଇଥିବା ନିଲାମ ମୂଲ୍ୟର ୨୫ ପ୍ରତିଶତ ଅମାନତ ଭାବେ ପୁର୍ବରୁ ଦେଇଥିବା ଅମାନତ ଜମାକୁ ବାଦ୍ ଦେଇ ସେହିଠାରେ ବ୍ୟାଙ୍କ ଡ୍ରାଫ୍ଟ/ ପେ ଅର୍ଡ଼ର/ ବ୍ୟାଙ୍କର ଚେକ୍ / ନଗଦଟଙ୍କା ଜମା ଭାବେ ଦେବାକୁ ହେବ । ଯଦି ନିଲାମଧାରୀ ଏହି ସର୍ତ୍ତକୁ ପାଳନ ନ କରନ୍ତି ତେବେ ତାଙ୍କର ଅମାନତ ଜମା ବ୍ୟାଜ୍ୟାପ୍ତି ହୋଇଯିବ । ବିକ୍ରୟ ସମ୍ପତ୍ତିର ବଳକା ଦେୟ ପତ୍ର ମାଧମରେ କ୍ରେତାଙ୍କୁ ଅବଗତ କରାଯିବ ଏବଂ ସେମାନେ ବିକ୍ରୟ ପତ୍ର ପ୍ରେରଣର ୩୦ ଦିନ ମଧ୍ୟରେ ଉକ୍ତ ଟଙ୍କା ଜମା ଦେବାକୁ ହେବ । ଯଦି କ୍ରେତା ନିର୍ଦ୍ଧାରିତ ସମୟ ମଧ୍ୟରେ ଉକ୍ତ ଦେୟ ଦେଇ ନ ପାରନ୍ତି ତେବେ ସେ ଦେଇଥିବା ଜମାକୁ ମଧ ନିଗମ ବ୍ୟାଜ୍ୟାପ୍ତି କରିପାରିବ ।

ଉକ୍ତ ସମ୍ପତ୍ତିର କୌଣସି ଅଂଶ କିମ୍ବା ସମସ୍ତ କ୍ରୟ ପ୍ରସ୍ତାବକୁ ଗ୍ରହଣ କିମ୍ବା ନାକଚ କରିବା ନିଷ୍ପତ୍ତି ନିଗମର ଇଚ୍ଛାଧୀନ ଅଟେ ଏବଂ କୌଣସି କାରଣ ନ ଦର୍ଶାଇ ମଧ୍ୟ ନିଗମ ଉକ୍ତ ସମ୍ପତ୍ତିକୁ ଋଣଗ୍ରହିତାଙ୍କୁ ଫେରସ୍ତ କରିପାରିବ ।

### ବିକ୍ରୟ ସମ୍ପତ୍ତିର ବିବରଣୀ

| କ୍ରମାଙ୍କ | ଶିଳ୍ପର / ଋଣ ଗ୍ରହିତାଙ୍କ ନାମ / ସଂରକ୍ଷିତ ମୂଲ୍ୟ | ଅମାନତ ଜମା |
|---|---|---|
| ୦୧. | ମେସର୍ସ ରେଡିଏଣ୍ଟ ଟେଲିସିଷ୍ଟମ (ପ୍ରା) ଲିଃ, IDCO Plot No.A/129, ଶିଳ୍ପାଞ୍ଚଳ ମଞ୍ଚେଶ୍ୱର, ଭୁବନେଶ୍ୱର(ଜ.ଗୃ.କ) **ସଂ.ମୂ-ଟ.୪୭୮.୧୩ ଲକ୍ଷ (ଭୁବନେଶ୍ୱର ଶାଖା)** | ୨୩,୯୧,୦୦୦/- |
| ୦୨. | ମେସର୍ସ ଟ୍ରାୟୋ ମଲ୍ଟି ପର୍ପୋଜ ଇଣ୍ଡଷ୍ଟ୍ରି, ଶିଳ୍ପାଞ୍ଚଳ, ଜଗତପୁର, କଟକ (ଜ.ଗୃ.), **ସଂ.ମୂ-ଟ.୧୮୮.୨୨ ଲକ୍ଷ (କଟକ ଶାଖା)** | ୯,୪୧,୫୦୦/- |
| ୦୩. | ଶ୍ରୀ ହରେନ୍ଦ୍ର ପାଣ୍ଡେ ଙ୍କ **Tata Truck No.OR-05-E-0225, TATA LP Truck 1996 model (kept in seized unit premises at Jagatpur under Cuttack Branch), ସଂ.ମୂ-ଟ.୦.୮୦ ଲକ୍ଷ (କଟକ ଶାଖା)** | ୪,୦୦୦/- |
| ୦୪. | ମେସର୍ସ ଶିବ ବାବା ପାୱାରଲୁମ ଇଣ୍ଡଷ୍ଟ୍ରି (ପ୍ରା) ଲିଃ, ଶିଳ୍ପାଞ୍ଚଳ ଜାରକା, ଧର୍ମଶାଳା, ଯାଜପୁର, (ଜ.ଗୃ.କ), **ସଂ.ମୂ-ଟ.୫୧.୯୨ ଲକ୍ଷ, (ପାରାଦୀପ ଶାଖା)** | ୨,୬୦,୦୦୦/- |
| ୦୫. | ମେସର୍ସ ଗଜଲକ୍ଷ୍ମୀ ରାଇସ୍ ମିଲ୍, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା (ଜ.) **ସଂ.ମୂ-ଟ.୧୪.୧୮ ଲକ୍ଷ, (ପାରାଦୀପ ଶାଖା)** | ୭୧,୦୦୦/- |
| ୦୬. | ମେସର୍ସ ମା କାଳୀ ରାଇସ୍ ମିଲ୍, ଅରଖପୁର, ପୁରୁଷୋତ୍ତମ ପୁର, ଗଞ୍ଜାମ (ଜ.ଗୃ.) **ସଂ.ମୂ-ଟ.୪.୬୧ ଲକ୍ଷ, (ବ୍ରହ୍ମପୁର ଶାଖା)** | ୨୩,୧୦୦/- |

ଋଣ ଗ୍ରହିତା/ ଜାମିନ ଦାତା/ ବନ୍ଧକ ଦାତାଙ୍କୁ ଏତଦ୍ୱାରା ବିଜ୍ଞାପନ ଜାରି ମାଧମରେ ଅନୁରୋଧ କରାଯାଉଅଛି ଯେ ସେ ନିଜେ କିମ୍ବା ତାଙ୍କର ସ୍ୱିକୃତିପ୍ରାପ୍ତ ପ୍ରତିନିଧି ଜରିଆରେ ନିଗମର DDAC ସମ୍ମୁଖରେ ନିର୍ଦ୍ଧାରିତ ସମୟ, ତାରିଖ ଓ ସ୍ଥାନରେ ହାଜର ହୋଇ ଋଣ ପରିଶୋଧ କରି ସେମାନଙ୍କର ଜବତ ସମ୍ପତ୍ତିକୁ ମୁକୁଳାଇବା ପାଇଁ ପ୍ରସ୍ତାବ ଦେବେ । ସେ ମଧ ନିଜ ଇଚ୍ଛାନୁଯାୟୀ ଉପଯୁକ୍ତ ଗ୍ରାହକ ଯୋଗଡ କରି ଓ ଉପର ବିହିତ ମାଧମରେ ଟେଣ୍ଡର ପ୍ରଦାନ କରି ନିଲାମରେ ଭାଗନେଇ ତାଙ୍କ ସମ୍ପତ୍ତିକୁ ଉପଯୁକ୍ତ ମୂଲ୍ୟରେ ବିକ୍ରି କରିବାରେ ସୁଯୋଗ ନେଇ ପାରିବେ । ଯଦି ସେମାନେ DDAC ସମ୍ମୁଖରେ ଉପସ୍ଥିତ ନ ହୁଅନ୍ତି କିମ୍ବା ନିଗମକୁ ସନ୍ତୁଷ୍ଟ କଲାଭଳି ପ୍ରସ୍ତାବ ନ ଦିଅନ୍ତି ତେବେ ଧରାଯିବ ଯେ ସେମାନଙ୍କର ସମ୍ପତ୍ତି ମୁକୁଳାଇବାର ଉଦ୍ଦେଶ୍ୟ ନାହିଁ । ନିଗମ ଋଣ ଗ୍ରହିତା / ଜାମିନ ଦାତା / ବନ୍ଧକ ଦାତାଙ୍କୁ ବ୍ୟକ୍ତିଗତ ନୋଟିସ୍ ଦେବାକୁ ବାଧ୍ୟ ନୁହେଁ ଏବଂ ଏହି ବିଜ୍ଞାପନ ସେମାନଙ୍କର ଅବଗତ ନିମନ୍ତେ ଯଥେଷ୍ଟ ।

ବି.ଦ୍ର- ବିକ୍ରୟ ବିଜ୍ଞାପନ ଏବଂ ୱେବ ସାଇଟ୍ ରେ ପ୍ରକାଶିତ ହୋଇଥିବା ତଥ୍ୟ ଜନିତ ତ୍ରୁଟି ମାର୍ଜ୍ଜନୀୟ ।

ଜ.ଗୃ.କ.- ଜମି, ଗୃହ ଓ କଳକବ୍‌ଜା
ସଂ.ମୂ- ସଂରକ୍ଷିତ ମୂଲ୍ୟ

**ପରିଚାଳନା ନିର୍ଦ୍ଦେଶକଙ୍କ ଆଦେଶମତେ**
**ଉପସାଧାରଣ ପରିଚାଳକ (ଋଣ ଆଦାୟ ବିଭାଗ)**
**ଓଡିଶା ରାଜ୍ୟ ଅର୍ଥ ନିଗମ, ଓ.ଏମ.ପି ଛକ, କଟକ-୩**



ସୌ|ନ୍ଦ|ର୍ଯ୍ୟ

# ତ୍ୱଚା ପାଇଁ ଉପକାରୀ ସଜନାଶାଗ

**ସଜନାଶାଗ, ଫୁଲ ହେଉ ଅବା ଛୁଇଁରୁ ପ୍ରସ୍ତୁତ ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ବ୍ୟଞ୍ଜନ ଅଧିକାଂଶଙ୍କର ଖୁବ୍ ପ୍ରିୟ, ଯାହାକି ବେଶ୍ ପୁଷ୍ଟିକର ମଧ୍ୟ ହେଲେ ଆପଣ ଜାଣନ୍ତି, ଶରୀରକୁ ବିଭିନ୍ନ ପୋଷକ ତତ୍ତ୍ୱ ଯୋଗାଉଥିବା ଏହି ସଜନାରେ ଭରି ରହିଛି ଅନେକ ସୌନ୍ଦର୍ଯ୍ୟବୃଦ୍ଧି ଉପାଦାନ। ଜାଣିରଖନ୍ତୁ ଏହାକୁ ବ୍ୟବହାର କରିବାର ଉପାୟ...**

❖ସଜନା ତେଲ ଏବଂ ଏହାର ପତ୍ର ଗୁଣ୍ଡ ଉଭୟ ଲଗାଇବା ଦ୍ୱାରା ତ୍ୱଚାରେ ରିଙ୍କଲ ମାର୍କ ଦେଖାଯାଇ ନ ଥାଏ। ଏହା ତ୍ୱଚାକୁ ସଫା, ଟାଇଟ୍ ରଖିବା ସହ ଏଜିଂ ସମସ୍ୟା ଦୂର କରି ୟଙ୍ଗର୍ ଲୁକ୍ ଦେଇଥାଏ। ଏହାକୁ ଫେସ୍ ପ୍ୟାକ୍ ଭାବେ ବ୍ୟବହାର କରିପାରିବେ। ଫେସ୍ ପ୍ୟାକ୍ ପାଇଁ ସଜନାଶାଗକୁ ଶୁଖାଇ ଭଲ ଭାବେ ଗୁଣ୍ଡ କରିଦିଅନ୍ତୁ। ଏକ ଚାମଚ ଏହି ଗୁଣ୍ଡରେ ଅଧା ଚାମଚ ଲେମ୍ବୁରସ, ଏକ ଚାମଚ ଲେଖାଏଁ ମହୁ ଏବଂ ଗୋଲାପ ଜଳ ମିଶାଇ ମୁହଁରେ ଲଗାନ୍ତୁ। ୧୦ ମିନିଟ୍ ରଖିବା ପରେ ନଖ ଉଷୁମ ପାଣିରେ ମୁହଁ ଧୋଇ ଦିଅନ୍ତୁ।

❖ସଜନା ତେଲ ଓଠ ପାଇଁ ସବୁଠୁ ଭଲ ମଶ୍ଚରାଇଜର ଭାବେ କାମ କରିଥାଏ। ବିଭିନ୍ନ ଲିପ୍‌ବାମ୍ ଏବଂ ଲିପ୍ କେୟାର ପ୍ରଡକ୍ଟରେ ଏହାକୁ ବ୍ୟବହାର କରାଯାଇଥାଏ। ଏହାକୁ ସେନ୍‌ସିଟିଭ୍ ସ୍କିନ୍‌ରେ ଲଗାଇବା ଦ୍ୱାରା ମଧ୍ୟ ତାହା ମଶ୍ଚରାଇଜ୍‌ଡ୍ ରହିଥାଏ।

❖ସ୍କିନ୍ ଟୋନ୍ ଡାର୍କ ଥିଲେ କିମ୍ବା ମୁହଁରେ ଡାର୍କ ସ୍ପଟ୍ ଥିଲେ ଅନେକେ ବିଭିନ୍ନ ପ୍ରକାର ଫେୟାରନେସ୍ ପ୍ରଡକ୍ଟ ବ୍ୟବହାର କରିଥାନ୍ତି। କିନ୍ତୁ ଆପଣ ଚାହିଁଲେ ସଜନାଶାଗ ପେଷ୍ଟକୁ ଲଗାଇପାରିବେ। ଏହା ସ୍ପଟ୍‌ଲେସ୍ କରିବା ସହ ସ୍କିନ୍‌ଟୋନ୍ ବଢାଇ ତ୍ୱଚାକୁ ଉଜ୍ଜ୍ୱଳ କରିବାରେ ସାହାଯ୍ୟ କରିଥାଏ।

❖ସଜନା ତେଲରେ ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ଭରି ରହିଛି, ଯାହାକି ବ୍ରଣ ସମସ୍ୟା ଦୂର କରିଥାଏ। ସଜନାଶାଗକୁ ପେଷ୍ଟ କରି ବି ଆପଣ ବ୍ରଣ ହୋଇଥିବା ସ୍ଥାନରେ ଲଗାଇଲେ ଉପକୃତ ହେବେ।

❖ସଜନାଶାଗ ଗୁଣ୍ଡ ଲଗାଇବା ସହିତ ଖାଇଲେ ତ୍ୱଚା ପାଇଁ ଲାଭଦାୟକ। ସଜନା ଶାଗ, ଛୁଇଁ ଖାଇବା ଦ୍ୱାରା ଏହା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରିଥାଏ। ଫଳରେ ବ୍ରଣ ଏବଂ ଅନ୍ୟ ତ୍ୱଚା ସମ୍ବନ୍ଧୀୟ ସମସ୍ୟା ବି ଦୂର ହୋଇଥାଏ।

❖ଏଥିରେ କୋଲାଜେନ୍ ପ୍ରୋଟିନ୍ ଭରି ରହିଛି। ଫଳରେ ଏହାକୁ ବ୍ୟବହାର କରିବା ଦ୍ୱାରା ସ୍କିନ୍ ଟାଇଟ୍ ଏବଂ ସୁନ୍ଦର ରହିଥାଏ।





# ଗୁରୁ

**ଜୀବନର ଲକ୍ଷ୍ୟପଥ ବାଛିବାରେ ଠିକ୍ ମାର୍ଗଦର୍ଶନ ଯୋଗାନ୍ତି ଯିଏ, ଆଉ ପ୍ରତ୍ୟେକ ସଫଳ ବ୍ୟକ୍ତିତ୍ୱ ପଛରେ ଥାଏ ଯାହାଙ୍କ ପ୍ରେରଣା, ସେ ହେଉଛନ୍ତି ଗୁରୁ। ଆସନ୍ତା କାଲି ଗୁରୁଦିବସ ଉପଲକ୍ଷେ ଗୁରୁଙ୍କୁ ନିଜ ସଫଳତାର ଶ୍ରେୟ ମାନୁଥିବା କେତେଜଣ ମହିଳାଙ୍କ ସମ୍ପର୍କରେ ବିଶେଷ ଉପସ୍ଥାପନା...**



ଗୀତାଞ୍ଜଳି

**ଗୁରୁଙ୍କ ବିନା ଲକ୍ଷ୍ୟ ହାସଲ ମୁସ୍କିଲ:** ମହିଳା ଫୁଟବଲରେ ଜଣେ ସଫଳ ଖେଳାଳି ଭାବେ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି ଗୀତାଞ୍ଜଳି ଖୁଣ୍ଟିଆ। ସେ ୨୦୦୬ରୁ ୨୦୧୦ ମସିହା ପର୍ଯ୍ୟନ୍ତ ଭାରତୀୟ ମହିଳା ଫୁଟବଲ ଦଳର ନିୟମିତ ଖେଳାଳି ମଧ୍ୟ ରହିଛନ୍ତି। ଯଦିଓ ବର୍ତ୍ତମାନ ସେ ରାଜ୍ୟ ମହିଳା ଫୁଟବଲ ଦଳର କୋଚ୍ ଭାର ସମ୍ଭାଳିବା ସହ ଜଣେ ଗୁରୁ ଭାବେ ମଧ୍ୟ ପରିଗଣିତ ହେଲେଣି ହେଲେ ନିଜ ସଫଳତାର ଶ୍ରେୟ ସେ ସର୍ବଦା ନିଜ ପ୍ରଥମ କ୍ରୀଡ଼ା ଗୁରୁଙ୍କୁ ଦିଅନ୍ତି। ସେ କୁହନ୍ତି, ଗୁରୁଙ୍କ ବିନା ଜୀବନର ଲକ୍ଷ୍ୟସ୍ଥଳରେ ପହଞ୍ଚିବା କଷ୍ଟକର। କାରଣ ପ୍ରତ୍ୟେକ ସଫଳ ବ୍ୟକ୍ତିତ୍ୱ ପଛରେ ଜଣେ ଗୁରୁଙ୍କର ବି ପରିଶ୍ରମ ଲୁଚି ରହିଥାଏ। ଆଉ ମୋ ପ୍ରତିଟି ସଫଳତା ପଛରେ ବି ମୋ ଗୁରୁଙ୍କ ଭୂମିକା ରହିଛି। କ୍ରୀଡ଼ା ପ୍ରତି ମୋର ଅହେତୁକ ଦୁର୍ବଳତା। ପାଠପଢ଼ା ସମୟରେ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ାରେ ଭାଗନେବା ସହ ବିଭିନ୍ନ ବିଭାଗର ପ୍ରତିଯୋଗିତାରେ ସଫଳ ହେଉଥିଲି। ହେଲେ ଷଷ୍ଠଶ୍ରେଣୀରେ ପଢ଼ିବା ବେଳେ ଆମ ବିଦ୍ୟାଳୟର ପିଇଟି ଭୀମସେନ ବେହେରା ପ୍ରଥମ ଥର ପାଇଁ ମୋତେ କ୍ରୀଡ଼ା କ୍ଷେତ୍ରରେ ଆଗକୁ ବଢ଼ିବାର ପ୍ରେରଣା ଯୋଗାଇ ଦେଇଥିଲେ। ସେ ହିଁ ପ୍ରଥମେ ଆଗ୍ରହୀ ଛାତ୍ରୀଛାତ୍ରଙ୍କୁ ବାରବାଟୀ ଷ୍ଟାଡିୟମ ବୁଲାଇ ନେଇ ବିଭିନ୍ନ ଖେଳ ଦେଖାଇଥିଲେ। ଆଉ ତାଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ଖେଳ ସମ୍ପର୍କରେ ଜାଣିବା ପରେ ମହିଳା ଫୁଟବଲ ନିମନ୍ତେ ମୋର ଆଗ୍ରହ ସୃଷ୍ଟି ହୋଇଥିଲା। ଏକଥା ଜାଣି, ଯେଉଁ ଖେଳ ବି ଖେଳ ନା କାହିଁକି ସେଥିରେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଚେଷ୍ଟାକର ବୋଲି ସାର୍ ପରାମର୍ଶ ଦେଇଥିଲେ। ସେବେଠୁ ମୁଁ କ୍ରୀଡ଼ା କ୍ଷେତ୍ରରେ ଆଗେଇ ପାରିଛି। ଯଦିଓ ବର୍ତ୍ତମାନ ସାର୍‌ଙ୍କର ପରଲୋକ ଘଟିଛି ହେଲେ ମୋ କ୍ରୀଡ଼ା ଜୀବନର ପ୍ରଥମ ଗୁରୁଙ୍କ ପ୍ରତିଟି ଛୋଟକଥା, ଉପଦେଶ ଏବେ ବି ମୋ ଜୀବନରେ ଆଗକୁ ବଢ଼ିବାରେ ସାହାଯ୍ୟ କରୁଛି। ତାଙ୍କ ଭଳି ଗୁରୁ ପାଇ ସର୍ବଦା ନିଜକୁ ଭାଗ୍ୟବାନ୍ ମନେକରେ।

*-ଗୀତାଞ୍ଜଳି ଖୁଣ୍ଟିଆ, ଓଡ଼ିଶା ମହିଳା ଫୁଟବଲ ଦଳର କୋଚ୍*

**ଏ ଭଳି ଗୁରୁ ପାଇ ମୋ ସ୍ୱପ୍ନ ସାର୍ଥକ ହୋଇଛି:** ନିମାପଡ଼ା ବ୍ଲକ୍ ଭଇଁଚିକୋରଡି ଗ୍ରାମର ମମତାରାଣୀ ସେଠୀ। ଭଲ ପାଠ ପଢିବା ସାଙ୍ଗକୁ ପିଲାବେଳୁ ଭଲ ଚିତ୍ରାଙ୍କନ ବି କରୁଥିଲେ। ହେଲେ ପରିବାରର ଆର୍ଥିକ ପରିସ୍ଥିତି ସେତେଟା ସ୍ୱଚ୍ଛଳ ନ ଥିବାରୁ ମାଟ୍ରିକ୍ ପଢିବା ପରେ ପାଠପଢାରେ ବନ୍ଧା ହୋଇଥିଲା ଡୋରି। ସେ ବିବାହ, ବ୍ରତ ଆଦି ଉତ୍ସବରେ ସାଙ୍ଗସାଥୀ କିମ୍ବା ଅନ୍ୟମାନଙ୍କ କେଶବିନ୍ୟାସ ଓ ସାଜସଜ୍ଜା ଆଦି କାର୍ଯ୍ୟ କରି ସମସ୍ତଙ୍କ ପ୍ରଶଂସାର ପାତ୍ରୀ ହେଲେ। ଧୀରେ ଧୀରେ ଏହି କାର୍ଯ୍ୟରେ ତାଙ୍କୁ ଖୁସି ଆଣିଦେଲା। କିନ୍ତୁ ଆବଶ୍ୟକ ସୁଯୋଗ ଅଭାବରୁ ଧୀରେ ଧୀରେ ତାଙ୍କ ଭିତରେ ଥିବା ଚିତ୍ର ଆର୍କବାର କଳା ଭିତରେ ହିଁ ଲୁଚିଗଲା। ୨୦୧୦ ମସିହାରେ ତାଙ୍କ ବିବାହ ହେଲା ବଂଶୀଧର ସେଠୀଙ୍କ ସହ, ଯିଏ କି ଥିଲେ ଜଣେ ମୂର୍ତ୍ତି କାରିଗର। ଆଉ ଏହା ଥିଲା ମମତାଙ୍କ ପାଇଁ ହାତୀ ମୁଣ୍ଡରେ ସୁନାକଳସ ଢାଳିବା ଭଳି। ଅର୍ଥାତ୍ ସ୍ତ୍ରୀଙ୍କ ଆଗ୍ରହ ଜାଣି ସ୍ୱାମୀ ସାଜିଲେ ଗୁରୁ ଆଉ ଶିଖାଇଲେ ମୂର୍ତ୍ତି ଗଢିବା। ବର୍ତ୍ତମାନ ମମତା ଜଣେ ସଫଳ ମୂର୍ତ୍ତି କାରିଗର ଭାବେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ସେ କୁହନ୍ତି, ନିଜ ସ୍ୱାମୀଙ୍କୁ ଗୁରୁ ଭାବେ ପାଇବାର ସୌଭାଗ୍ୟ ସମସ୍ତଙ୍କୁ ମିଳି ନ ଥାଏ। ତେଣୁ ଏଥିପାଇଁ ମୁଁ ଗର୍ବିତ। ନିଜ ସ୍ୱାମୀ ହିଁ ମୋ ଅନ୍ତର୍ନିହିତ କଳାକୁ ବାହାରକୁ ଆଣିବାରେ ସାହାଯ୍ୟ କରିଛନ୍ତି। ସେ ନିଜେ ମୋ ହାତ ଧରି ମୂର୍ତ୍ତିର ସୂକ୍ଷ୍ମ କାରୁକାର୍ଯ୍ୟର କୌଶଳ ଶିଖାଇଲେ। ଆଜି ତାଙ୍କ ଉଦ୍ୟମ ଓ ପ୍ରେରଣା ଯୋଗୁ ମାଟି, ଫାଇବର, ବ୍ରୋଞ୍ଜ ଏବଂ ମାର୍ବଲ ମୂର୍ତ୍ତି ନିର୍ମାଣରେ ଦକ୍ଷତା ହାସଲ କରିପାରିଛି।

*-ମମତାରାଣୀ ସେଠୀ, ମୂର୍ତ୍ତି କାରିଗର*



ଗୁରୁ ତଥା ସ୍ୱାମୀ ବଂଶୀଧରଙ୍କ ସହ ମମତାରାଣୀ

**ଗୁରୁଙ୍କ ଆଶୀର୍ବାଦରୁ ମିଳିଛି ସଫଳତା:** ଜଣେ ଯୁବ ନୃତ୍ୟଶିଳ୍ପୀ ଭାବେ ବେଶ୍ ପରିଚିତ ରୋଜାଲିନ୍ ପଣ୍ଡା। ଶ୍ରୀକ୍ଷେତ୍ରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଉତ୍ସବରେ ତାଙ୍କ ନୃତ୍ୟର ଝଲକ ଦେଖିବାକୁ ମିଳିଥାଏ। କେବଳ ପୁରୀ ନୁହେଁ, ଓଡ଼ିଶା ଏବଂ ବାହାର ରାଜ୍ୟରେ ନିଜ ଯାଦୁକରୀ ନୃତ୍ୟ ପରିବେଷଣ କରି ସେ ସମ୍ମାନିତ ହୋଇଛନ୍ତି। ସେ ଓଡ଼ିଶୀନୃତ୍ୟରେ ପ୍ରାଚୀନ କଳାକେନ୍ଦ୍ର ଚଣ୍ଡିଗଡ଼ରୁ ନୃତ୍ୟ ଭାସ୍କର ଓ ଅଖିଳ ଭାରତୀୟ ଗାନ୍ଧର୍ବ ମହାବିଦ୍ୟାଳୟରୁ ନୃତ୍ୟ ବିଶାରଦ ଉପାଧି ହାସଲ କରିଛନ୍ତି। ଜଣେ ଯୁବ ନୃତ୍ୟଶିଳ୍ପୀ ଭାବେ ଥିବା ନିଜର କଳାନୈପୁଣ୍ୟ ଲାଗି ସେ ଦର୍ଶକଙ୍କ ନିକଟରେ ବେଶ୍ ସୁନାମ ଅର୍ଜନ କରିଛନ୍ତି। ତେବେ ଓଡ଼ିଶୀ ବ୍ୟତୀତ କଥକ, ସମ୍ବଲପୁରୀ କ୍ଲାସିକାଲ, ମାହାରୀ ନୃତ୍ୟ ପ୍ରତି ଆଗ୍ରହ ରଖୁଥିବା ରୋଜାଲିନ୍ ନିଜ ସଫଳତା ପଛରେ ଗୁରୁ ଅଶୋକ କୁମାର ଦାସଙ୍କ ଆଶୀର୍ବାଦ ଏବଂ ପ୍ରେରଣା ରହିଛି ବୋଲି ପ୍ରକାଶ କରନ୍ତି। ସେ କୁହନ୍ତି, ଆଜି ନୃତ୍ୟ କ୍ଷେତ୍ରରେ ଯେଉଁ ସ୍ଥାନରେ ପହଞ୍ଚିଛି ତାହା କେବଳ ମୋ ଗୁରୁଙ୍କ ଲାଗି ସମ୍ଭବ ହୋଇପାରିଛି। ପିଲାବେଳୁ ନୃତ୍ୟଶିକ୍ଷା ପ୍ରତି ରହିଥିବା ମୋର ଦୁର୍ବଳତା ତାଙ୍କ ଯୋଗୁ ପୂରଣ ହୋଇଛି। ତାଳ,ଲୟ, ଅଭିନୟ କିପରି ନିଖୁଣ ଭାବେ କରିପାରିବି ସେ ମୋତେ ଶିଖାଇଛନ୍ତି। ଯେକୌଣସି ପରିସ୍ଥିତିରେ ବି ଡରି ନ ଯାଇ କିମ୍ବା ହାର ନ ମାନି ତାକୁ ସାମ୍ନା କରିବାର ସାହସ ମୁଁ ତାଙ୍କଠାରୁ ପାଇଛି। ନିଷ୍ଠା ଓ ସମର୍ପଣ ଭାବ ସହିତ ନୃତ୍ୟ ପରିବେଷଣ କରିବାକୁ ସେ ସର୍ବଦା ମାର୍ଗଦର୍ଶନ କରିଛନ୍ତି। ତାଙ୍କଠାରୁ ଶିକ୍ଷାଲାଭ କରି ରାଜ୍ୟ ତଥା ଜାତୀୟ ସ୍ତରରେ ନୃତ୍ୟ ପରିବେଷଣକରି ଗୌରବ ଅର୍ଜନ କରିଛି। ତେବେ ବିଭିନ୍ନ ମଞ୍ଚରେ ବିଶେଷକରି ଗତବର୍ଷ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିବା ଅନ୍ତର୍ଜାତୀୟ ନୃତ୍ୟ ମହୋତ୍ସବରେ ଗୁରୁଙ୍କ ସହିତ ନୃତ୍ୟ ପରିବେଷଣ ମୋ ପାଇଁ ଭାଗ୍ୟର କଥା। ସେ କେବଳ ନୃତ୍ୟଗୁରୁ ନୁହନ୍ତି ବରଂ ଜଣେ ସଫଳ ମାର୍ଗଦର୍ଶକ। ତାଙ୍କ ଭଳି ଗୁରୁ ପାଇବା ମୋ ପାଇଁ ନିଶ୍ଚିତ ଭାବେ ଗୌରବର ବିଷୟ। ନିଜ ପିତାମାତା ଏବଂ ଗୁରୁଙ୍କ ଆଶୀର୍ବାଦ ନେଇ କରାଯାଇଥିବା କାର୍ଯ୍ୟରେ କିପରି ନିଶ୍ଚିତ ସଫଳତା ମିଳିଥାଏ, ତାହା ଅଙ୍ଗେ ନିଭାଇଛି।

*-ରୋଜାଲିନ୍ ପଣ୍ଡା, ଓଡ଼ିଶୀ ନୃତ୍ୟଶିଳ୍ପୀ*



ଗୁରୁ ଅଶୋକଙ୍କ ସହ ରୋଜାଲିନ୍

ଫ୍ୟା|ଶ|ନ

# ଶାଢ଼ି ପିନ୍ଧୁଥିଲେ



**ଶାଢ଼ିକୁ ସଜାଡ଼ି ପିନ୍ଧି ଜାଣିଲେ ଏହା ପ୍ରତ୍ୟେକ ନାରୀଙ୍କୁ ଖୁବ୍ ସୁନ୍ଦର ମାନିଥାଏ। ତେଣୁ ଶାଢ଼ି ପିନ୍ଧିବା ବେଳେ କେଉଁ କଥା ପ୍ରତି ନଜର ଦେଲେ ଆପଣ ଅଧିକ ସୁନ୍ଦର ଲାଗିବେ ଜାଣିରଖନ୍ତୁ ଟିପ୍ସ...**

■ଯଦି ଆପଣ ଖୁବ୍ ଡେଙ୍ଗା ଏବଂ ପତଳା ତେବେ ଅନ୍ୟ ଶାଢ଼ି ତୁଳନାରେ ହେଭି ବର୍ଡର ଥିବା ବଡ଼ ବୋଲ୍ଡ ପ୍ରିଣ୍ଟ ଥିବା ଶାଢ଼ି ଚୟନ କରନ୍ତୁ, ଏହା ଆପଣଙ୍କୁ ସୁନ୍ଦର ମାନିବ। କିନ୍ତୁ ଡେଙ୍ଗା ହୋଇଥିଲେ ହେଁ ଯଦି ଆପଣ ମୋଟା ତେବେ ଏପରି ଶାଢ଼ି ନ ବାଛି ଜର୍ଜେଟ, ସିଫନ୍, ନେଟ୍ ଶାଢ଼ି ଭଳି ପତଳା ଏବଂ ହାଲୁକା ଶାଢ଼ି ପିନ୍ଧନ୍ତୁ।

■ଯଦି ଆପଣଙ୍କୁ ଲାଇଟ୍ କଲର ଶାଢ଼ିରେ ହେଭି ଏମ୍ବ୍ରୋଏଡରି କାମ ଥିବା ଶାଢ଼ି ପସନ୍ଦ ତେବେ ଜାଣିରଖନ୍ତୁ ପତଳା ବା ସ୍ଲିମ୍ ଫିଗରକୁ ଏହା ଭଲ ମାନିଥାଏ। ସେହିପରି ଆପଣ ପତଳା ହୋଇଥିଲେ ପାଟ, ମଠା, କଟନ୍, ଅର୍ଗାଞ୍ଜା ବାଛନ୍ତୁ, ଆକର୍ଷଣୀୟ ଲାଗିବେ।

■ମୋଟା ହୋଇଥିବାରୁ କେଉଁଭଳି ଶାଢ଼ି ଆପଣଙ୍କୁ ମାନିବ ବୋଲି ଚିନ୍ତା କରୁଛନ୍ତି ତେବେ ଡାର୍କ କଲରର ସିଫନ୍, ସିଲ୍କ ଭଳି ଶାଢ଼ି ସହ ଫୁଲ୍‌ସ୍ଲିଭ୍ ଲଙ୍ଗ୍ ବ୍ଲାଉଜ୍ ବାଛନ୍ତୁ। ମନେରଖନ୍ତୁ, କଟନ କିମ୍ବା ଅନ୍ୟ ହେଭି ଶାଢ଼ି ଆଦୌ ବାଛନ୍ତୁ ନାହିଁ। ଆବଶ୍ୟକରୁ ଅଧିକ ମୋଟା ଲାଗିବେ।

■ଅନେକଙ୍କର ଶରୀରର ଉପରଭାଗ ତୁଳନାରେ ତଳଭାଗ ସାଧାରଣତଃ ମୋଟା ଥାଏ। ତେଣୁ ଆପଣଙ୍କ ଫିଗର ଏପରି ହୋଇଥିଲେ ହେଭି ଶାଢ଼ି ନ ବାଛି ଜର୍ଜେଟ, ସିଫନ୍ କିମ୍ବା ବର୍ଡର ୱାର୍କ, ଏମ୍ବ୍ରୋଏଡରି ୱାର୍କ ଥିବା ପ୍ଲେନ୍ ଶାଢ଼ି ପିନ୍ଧନ୍ତୁ, ସୁନ୍ଦର ଲାଗିବେ। ମନେରଖନ୍ତୁ, ଯଦି ଆପଣଙ୍କର କେବଳ ଶରୀରର ମଧ୍ୟଭାଗ ଅର୍ଥାତ୍ ପେଟ, ଅଣ୍ଟା ଆଦି ଅପେକ୍ଷାକୃତ ମୋଟା ତେବେ ନେଟ୍ କିମ୍ବା ପତଳା ସିଫନ୍ ଭଳି ଶାଢ଼ି ନ ପିନ୍ଧି ପାଟ ଏବଂ ଅନ୍ୟ ହେଭି ଶାଢ଼ି ବିଶେଷକରି ଏମ୍ବ୍ରୋଏଡରି ୱାର୍କ ଥିବା ଶାଢ଼ି ବାଛନ୍ତୁ, ଭଲ ମାନିବ।

ଖା|ଦ୍ୟ|ରୁ|ଚି

# କଞ୍ଚାଆମ୍ବ ମାଛ

**ଆବଶ୍ୟକ ସାମଗ୍ରୀ:** ୧୮୦ ଗ୍ରାମ୍ ମାଛ, ୧୦୦ ଗ୍ରାମ୍ କଞ୍ଚାଆମ୍ବ, ୨୦୦ ଗ୍ରାମ୍ ପିଆଜ, ୮୦ ଗ୍ରାମ୍ ଟମାଟୋ, ୧୦ ଗ୍ରାମ୍ ଗୋଟା ଜିରା, ୨ ଗ୍ରାମ୍ ସୋରିଷ, ଅଳ୍ପ ମେଥି, ଛୋଟ ଛୋଟ କଟା ହୋଇଥିବା ଗୋଟିଏ କଞ୍ଚାଲଙ୍କା ଏବଂ ଅଦା, ୫ଗ୍ରାମ୍ ଶୁଖିଲା ଲଙ୍କା, ୫ଗ୍ରାମ୍ ଲେଖାଏଁ ହଳଦୀ ଓ ଜିରା ଗୁଣ୍ଡ, ୩ ଗ୍ରାମ୍ ଲଙ୍କାଗୁଣ୍ଡ, ୩ ଗ୍ରାମ୍ ଲୁଣ, ୨ ଗ୍ରାମ୍ ଗରମ ମସଲା, ୧୦ ମି.ଲି. ତେଲ ୧୫ମି.ଲି. ନଡ଼ିଆ ରସ।

**ପ୍ରସ୍ତୁତି ପ୍ରଣାଳୀ:** ଚୁଲାରେ ଏକ ପ୍ୟାନ୍ ବସାଇ ତେଲ ଗରମ କରନ୍ତୁ। ସେଥିରେ ସୋରିଷ, ମେଥି ପକାନ୍ତୁ। ଫୁଟିବା ଆରମ୍ଭ ହେଲେ କଟା ଅଦା ଏବଂ କଞ୍ଚାଲଙ୍କା ପକାଇ ଭାଜନ୍ତୁ। ସେଥିରେ କଟା ପିଆଜ ପକାଇ ଲାଲ୍ ହେବା ଯାଏ ଭାଜନ୍ତୁ। ଏକ କପ୍‌ରେ ଲଙ୍କା, ହଳଦୀ ଏବଂ ଜିରାଗୁଣ୍ଡ ପକାଇ ଅଳ୍ପ ପାଣି ଦେଇ ପେଷ୍ଟ କରନ୍ତୁ। ଏହାକୁ ପ୍ୟାନ୍‌ରେ ଢାଳି ଗୋଳାନ୍ତୁ। ଛୋଟ ଛୋଟ କଟା ଟମାଟୋ ମଧ୍ୟ ପକାଇ ଗୋଳାନ୍ତୁ। କଷି ହୋଇଯିବା ପରେ ସେଥିରେ କଟା ଆମ୍ବ ଏବଂ ଏକ କପ୍ ପାଣି ପକାଇ କିଛି ସମୟ ଘୋଡାଇ ଦିଅନ୍ତୁ। ବର୍ତ୍ତମାନ ନଡିଆକୁ ପେଷ୍ଟକରି ଏଥିରେ ଢାଳନ୍ତୁ। ଶେଷରେ ସେଥିରେ କଟା ମାଛ ଏବଂ ସ୍ୱାଦାନୁସାରେ ଲୁଣ ପକାଇ ୧୦ରୁ ୧୫ ମିନିଟ୍ ଚୁଲା ସିମ୍ ରଖି ଛାଡି ଦିଅନ୍ତୁ। ସିଝିଯିବା ପରେ ଏହାକୁ କାଢି ଗରମ ଗରମ ପରଷନ୍ତୁ।



| Dollar | Sensex | Nifty | Gold | Silver |
|---|---|---|---|---|
| 71.21 (21) | 38,312.52 (332.55) | 11,582.35 (98.15) | 31,250.00 (`100) | 37,700.00 (`650) |



“ ଏଭଳି କ୍ରୟ କର, ଯାହାକୁ ବିକ୍ରି କରିବା ପାଇଁ ବାଧ ହେବେ ନାହିଁ।
– ୱାରେନ୍ ବଫେ, ପ୍ରତିଷ୍ଠାତା, ୱର୍କଶେୟାର ହାଥାୱେ



“ ଅନ୍ୟମାନଙ୍କ ସହିତ ନିଜକୁ କେବେ ତୁଳନା କରନାହିଁ। ଯଦି ଏଭଳି କରୁଛନ୍ତି ଏହାର ଅର୍ଥ ନିଜେ ନିଜକୁ ଅପମାନିତ କରୁଛନ୍ତି।
– ବିଲ୍ ଗେଟ୍ସ, ପ୍ରତିଷ୍ଠାତା, ମାଇକ୍ରୋସଫ୍ଟ



## ସଂକ୍ଷେପରେ

### ଯାଞ୍ଚ ଘେରକୁ ଆସିବ କୋଚର ପରିବାର ସମ୍ପତ୍ତି



**ମୁମ୍ବାଇ,୩-୯:** ଭିଡିଓକନ ଗ୍ରୁପ୍‌କୁ ଋଣ ପ୍ରଦାନ ମାମଲାରେ ଆଇସିଆଇସିଆଇ ବ୍ୟାଙ୍କ ସିଇଓ ତଥା ଏମ୍‌ଡି ଚନ୍ଦା କୋଚର ଯାଞ୍ଚର ସାମ୍ନା କରୁଛନ୍ତି। ତାଙ୍କ ସମ୍ପର୍କରେ ଯାଞ୍ଚ କରୁଥିବା ଜଷ୍ଟିସ ଶ୍ରୀକ୍ରିଷ୍ଣା କମିଶନ ତାଙ୍କ ପରିବାରର ସମ୍ପତ୍ତି କିଣାବିକାର ଯାଞ୍ଚ କରିବେ। ଆଇସିଆଇସିଆଇ ବ୍ୟାଙ୍କ ବୋର୍ଡ ପକ୍ଷରୁ ଏସଂକ୍ରାନ୍ତରେ କମିଟିକୁ ପତ୍ର ଲେଖାଯାଇଛି। ଚନ୍ଦା କୋଚର ଆଇସିଆଇସିଆଇ ବ୍ୟାଙ୍କର ଦାୟିତ୍ୱ ନେବା ପରଠାରୁ ତାଙ୍କ ପରିବାର ପକ୍ଷରୁ ବଜାର ଦର ଠାରୁ କମ୍‌ରେ ଅଥବା ରିହାତିରେ ସମ୍ପତ୍ତି କିଣାଯାଇଛି କି ନା ତାହା ଯାଞ୍ଚ କରାଯିବା ଆବଶ୍ୟକ ବୋଲି ପତ୍ରରେ ଦର୍ଶାଯାଇଛି। ଏହାଛଡା ତାଙ୍କର କାର୍ଯ୍ୟକାଳ ଭିତରେ ଆଇସିଆଇସିଆଇ ବ୍ୟାଙ୍କ ସହ ସମ୍ପର୍କ ରଖିଥିବା ବିଲ୍ଡର ଅଥବା ରିଏଲ ଇଷ୍ଟେଟ କମ୍ପାନୀଙ୍କ ଆର୍ଥିକ କାରବାର ମଧ ଯାଞ୍ଚ ଘେରକୁ ଆସିବା ଦରକାର ବୋଲି କୁହାଯାଇଛି। ବ୍ୟାଙ୍କ ବୋର୍ଡ ପକ୍ଷରୁ ଏଭଳି ପତ୍ର ଆସିଥିବା ଜଷ୍ଟିସ ଶ୍ରୀକ୍ରିଷ୍ଣା ସ୍ୱୀକାର କରିଛନ୍ତି।

### ୧୦ରୁ ଅଧିକ ଶାଖା ଥିଲେ ଇଣ୍ଟରନାଲ୍ ଅମ୍ବୁଡ୍ସମ୍ୟାନ୍ ରଖିବେ ବ୍ୟାଙ୍କ

**ମୁମ୍ବାଇ,୩-୯(ପି.ଟି.):** ଯେଉଁ ବାଣିଜ୍ୟିକ ବ୍ୟାଙ୍କଗୁଡିକର ଶାଖା ସଂଖ୍ୟା ୧୦ରୁ ଅଧିକ ସେମାନଙ୍କୁ ଇଣ୍ଟରନାଲ୍ ଅମ୍ବୁଡ୍ସମ୍ୟାନ୍ ନିଯୁକ୍ତ କରିବାକୁ ପଡିବ। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ସୋମବାର ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକୁ ଏହି ନିର୍ଦ୍ଦେଶ ଦେଇଥିବା ବେଳେ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ(ଆର୍‌ଆର୍‌ବି)କୁ ଏଥିରେ ଅନ୍ତର୍ଭୁକ୍ତ କରି ନାହିଁ। ବିଭିନ୍ନ ସମସ୍ୟାକୁ ନେଇ ଗ୍ରାହକମାନଙ୍କର ଯେଉଁ ଅଭିଯୋଗ ରହିଛି ତାହାକୁ ଉକ୍ତ ବ୍ୟାଙ୍କରେ ସମାଧାନ କରିବା ପାଇଁ ଏହି ଇଣ୍ଟରନାଲ୍ ବା ଆଭ୍ୟନ୍ତରୀଣ ଅମ୍ବୁଡ୍ସମ୍ୟାନ୍ ନିଯୁକ୍ତି ବ୍ୟବସ୍ଥା ରହିଛି। ଏମାନେ ଗ୍ରାହକମାନଙ୍କ ଅଭିଯୋଗକୁ ତର୍ଜମା କରିବେ। ବ୍ୟାଙ୍କ ସେବା ଯୋଗାଇବାରେ କାହିଁକି ସକ୍ଷମ ହୋଇ ନାହିଁ ସେ ବାବଦରେ ସମୀକ୍ଷା କରିବେ।

### ଟେସ୍‌ଲା କାର୍ ପାଇବେ ଆଇଟି କମ୍ପାନୀ କର୍ମଚାରୀ

**ବେଙ୍ଗାଲୁରୁ,୩-୯:** ରାଜସ୍ୱ ବୃଦ୍ଧି ଉଦ୍ଦେଶ୍ୟରେ ବିକ୍ରି ବଢ଼ାଇବା ଲକ୍ଷ୍ୟରେ ଆଇଟି କମ୍ପାନୀଗୁଡିକ ନୂଆ ନୂଆ ମାଧମ ଖୋଜି ବାହାର କରୁଛନ୍ତି। ମାଫ୍‌ସିସ୍ କମ୍ପାନୀ ଏହାର ସେଲ୍ସ ଷ୍ଟାଫଙ୍କୁ ଇନସେଣ୍ଟିଭ ଭାବେ ଟେସ୍‌ଲା କାର୍ ଦେବାକୁ ପ୍ରତିଶ୍ରୁତି ଦେଇଛି। କେବଳ ମାଫ୍‌ସିସ୍ ନୁହେଁ ଇନଫୋସିସ୍ ଓ ଆକ୍ସେଞ୍ଚର ଭଳି ଆଇଟି କମ୍ପାନୀ ମାନେ ମଧ ସେମାନଙ୍କର ସେଲ୍ସ ଷ୍ଟାଫଙ୍କୁ ଇନସେଣ୍ଟିଭ ଦେବାକୁ ଇଚ୍ଛା ଜାହିର କରିଛି। ମାଫ୍‌ସିସ୍ ସିଇଓ ନିତୀନ ରାକେଶ କମ୍ପାନୀର ସେଲ୍ସ ଷ୍ଟାଫଙ୍କୁ କହିଛନ୍ତି ଯେ, ରାଜସ୍ୱ ଆଦାୟରେ ଅଗ୍ରଣୀ ରହିଥିବା ସେଲ୍ସ କର୍ମଚାରୀଙ୍କୁ କମ୍ପାନୀର ଏକଜିକ୍ୟୁଟିଭ ଟିମ୍ ସହିତ ଦୁଇ ଦିନ ରହିବାର ସୁଯୋଗ ମିଳିବ ଏବଂ ତାଙ୍କୁ ଏକ ଟେସ୍‌ଲା କାର୍ ଇନସେଣ୍ଟିଭ ଭାବେ ଦିଆଯିବ। କର୍ମଚାରୀଙ୍କୁ ଅଟୋମେଶନ ଲାଗି ପ୍ରୋତ୍ସାହିତ କରାଯାଉଛି ବୋଲି ସେ କହିଛନ୍ତି।

### ଇରାନ ଅଶୋଧିତ ତେଲ ସ୍ମଗ୍‌ଲିଂ କରିବ

**ତେହେରାନ,୩-୯:** ଅଶୋଧିତ ତେଲ ବିକ୍ରିକୁ ନେଇ ନଭେମ୍ବରରେ ଇରାନ ବିରୋଧରେ ଆମେରିକାର କଟକଣା ଲାଗୁ ହୋଇଯିବ। ତେବେ ଏହାକୁ ବେଖାତିର କରି ଇରାନ ସ୍ମଗଲିଂ, ଡିସକାଉଣ୍ଟ ଆଦି ଜରିଆରେ ଦୈନିକ ୮ ଲକ୍ଷ ବ୍ୟାରେଲ ତେଲ ବିକିବାକୁ ଯୋଜନା ପ୍ରସ୍ତୁତ କରିଛି। ପୂର୍ବରୁ ମଧ ଆମେରିକା ଏଭଳି କଟକଣା ଲାଗୁ କରିଥିଲା। ସେତେବେଳେ ଇରାନ ନିଜର ତେଲ ବିକିବା ଲାଗି ଉକ୍ତ ବାଟ ଆପଣାଇଥିଲା। ଦେଶର ତୈଳମନ୍ତ୍ରୀ ବାଇଜାନ ନାମଦାର ଜାଙ୍ଗାନେହଙ୍କ ଗୋଟିଏ ବକ୍ତବ୍ୟରୁ ଏହା ସ୍ପଷ୍ଟ ହୋଇଛି। ସେ କହିଛନ୍ତି ଯେ, ନିଜ ଦେଶର ତେଲ ବିକିବା ଲାଗି ଇରାନ ବିକଳ୍ପ ରାସ୍ତା ଆପଣାଇବ। ପୂର୍ବର କଟକଣା ଲାଗୁ ପୂର୍ବରୁ ଓପେକ୍ ଦେଶ ଜାହାଜର ଗତିବିଧି ତଥା କେତେ ତେଲ ରପ୍ତାନି ହେଉଛି ଜାଣିବା ଲାଗି ଏକ ଟ୍ରାକିଂ ସିଷ୍ଟମ ଆପଣାଇଥିଲା, ଯାହାକୁ ପରେ ପ୍ରତ୍ୟାହାର କରିନିଆଯାଇଛି। ଟ୍ରାକିଂ ସିଷ୍ଟମ ବନ୍ଦ ହୋଇଯିବା କାରଣରୁ କଟକଣା ବେଳେ ଇରାନ କେତେ ତେଲ ବିକିଥିଲା ତାହା ଜଣାପଡି ନ ଥିଲା। କଟକଣା ପରେ ମଧ ଇରାନରୁ ଚାଇନା, ଭାରତ ଓ ତୁର୍କି ଅଶୋଧିତ ତେଲ କିଣିବା ଜାରି ରଖିବେ ବୋଲି ଦୁବାଇସ୍ଥିତ କାମାର ଏନର୍ଜି କନ୍‌ସଲଟାନ୍ସିର ସିଇଓ ରବିନ ମିଲ୍ସ କହିଛନ୍ତି।

## ବିମୁଦ୍ରୀକରଣ ନୁହେଁ, ଏନ୍‌ପିଏ ସମସ୍ୟା ଦାୟୀ
# ରାଜନଙ୍କ ମୁଣ୍ଡରେ ଅଠା ବୋଳିଲେ ରାଜୀବ

ନୂଆଦିଲ୍ଲୀ,୩-୯

ବିମୁଦ୍ରୀକରଣ ଯୋଗୁ ଦେଶର ଅଭିବୃଦ୍ଧି ଗତି ଧିମା ହୋଇଛି। ଏକଥା ମାନିବାକୁ କେନ୍ଦ୍ର ସରକାର ରାଜି ନୁହନ୍ତି। ନୀତି ଆୟୋଗ ଏଥିପାଇଁ ଓଲଟା ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ରଘୁରାମ ରାଜନଙ୍କ ନୀତିକୁ ଦାୟୀ କରିଛି। ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର ସୋମବାର କହିଛନ୍ତି ଯେ, ଏନ୍‌ପିଏ( ଅନାଦାୟ ଋଣ) ସମସ୍ୟା ଯୋଗୁ ଦେଶର ଅଭିବୃଦ୍ଧି ହାର ଧିମା ହୋଇଛି। ବିମୁଦ୍ରୀକରଣକୁ ଏଥିପାଇଁ ଦାୟୀ କରାଯାଇପାରିବ ନାହିଁ।

ରିଜର୍ଭ ବ୍ୟାଙ୍କର ଗଭର୍ନର ଭାବେ ରାଜନଙ୍କ କାର୍ଯ୍ୟକାଳ ମଧରେ ବ୍ୟାଙ୍କଗୁଡିକର ଏନ୍‌ପିଏ ସର୍ବାଧିକ ବୃଦ୍ଧି ପାଇଛି ବୋଲି କୁମାର ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ବିମୁଦ୍ରୀକରଣ ଓ ଅଭିବୃଦ୍ଧି ହାର ହ୍ରାସ ମଧରେ ପ୍ରତ୍ୟକ୍ଷ ସମ୍ପର୍କ ରହିଥିବା ପ୍ରମାଣ ମିଳିନାହିଁ। ଭ୍ରାନ୍ତ ଧାରଣାର ବଶବର୍ତ୍ତୀ ହୋଇ ଲୋକେ ଏଭଳି ଆଶଙ୍କାବ୍ୟକ୍ତ କରୁଛନ୍ତି। ଏପରି କି ପୂର୍ବତନ ପ୍ରଧାନମନ୍ତ୍ରୀ ଡ.ମନମୋହନ ସିଂହ ଓ ପୂର୍ବତନ ଅର୍ଥମନ୍ତ୍ରୀ ପି.ଚିଦାମ୍ବରମଙ୍କ ବକ୍ତବ୍ୟ ଏଭଳି ଧାରଣାକୁ ଅଧିକ ମଜଭୁତ୍ କରିଛି। ୨୦୧୫-୧୬ରେ ଦେଶର ଅଭିବୃଦ୍ଧି ହାର ୯.୨% ଥିଲା। ଏହା ପରଠାରୁ କ୍ରମାଗତ ହ୍ରାସ ପାଇଚାଲିଲା। ବିମୁଦ୍ରୀକରଣ ଏଥିପାଇଁ ଦାୟୀ ନୁହେଁ। ଗତ ଦେଢ଼ବର୍ଷ ହେବ ଏହି ଧାରା ଜାରି ରହିଛି। ତାଙ୍କର ଯୁକ୍ତି ହେଲା, ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ଏନ୍‌ପିଏ ବୃଦ୍ଧି ଜିଡିପି ଅଭିବୃଦ୍ଧି ହାରରେ ବାଧକ ସାଜିଛି। ବର୍ତ୍ତମାନର ଏନ୍‌ଡିଏ ସରକାର କ୍ଷମତାକୁ ଆସିବା ବେଳେ ଦେଶର ମୋଟ୍ ଏନ୍‌ପିଏ ପରିମାଣ ୪ ଲକ୍ଷ କୋଟି ଟଙ୍କା ଥିଲା, ଯାହା ୨୦୧୭ ମଧଭାଗରେ ବଢ଼ି ୧୦.୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଅନାଦାୟ ଋଣ ଚିହ୍ନଟ ଲାଗି ରାଜନଙ୍କ ନୀତି ଯୋଗୁ ଏଭଳି ବୃଦ୍ଧି ହୋଇଛି ବୋଲି ସେ ଅଭିଯୋଗ କରିଛନ୍ତି। ଏହାକୁ ଦେଖି ବ୍ୟାଙ୍କ ଗୁଡିକ ବାଧ ହୋଇ ଉଦ୍ୟୋଗ ଜଗତକୁ ଋଣ ଦେବା ବନ୍ଦ କରିଦେଲେ। ବାସ୍ତବରେ ଦେଖିବାକୁ ଗଲେ କ୍ଷୁଦ୍ର ଓ ମଧମ ଉଦ୍ୟୋଗକୁ ଋଣ ଦେବା ସମ୍ପୂର୍ଣ୍ଣ ହ୍ରାସ ପାଇଲା। ବୃହତ୍ ଉଦ୍ୟୋଗକୁ ଋଣ ପ୍ରଦାନ ୧%, ଏପରି କି କିଛି ମାସ ଧରି ଅଢ଼େଇ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇଲା। ବିତ୍ତୀୟ ନିଅଣ୍ଟକୁ ନିୟନ୍ତ୍ରଣରେ ରଖି ସରକାର ପ୍ରକଳ୍ପ ନିର୍ମାଣରେ ବ୍ୟୟ ବଢ଼ାଇବା ଯୋଗୁ ହିଁ ବିକାଶ ହାର ଏବେ ବଢ଼ିଛି ବୋଲି କୁମାର ଯୁକ୍ତି ବାଢ଼ିଛନ୍ତି।

### ବିକାଶର ଧିମା ଗତି



- ୨୦୧୫-୧୬ରେ ଜିଡିପି ଅଭିବୃଦ୍ଧି ଥିଲା ୯.୨%
- ୨୦୧୮-୧୯ ପ୍ରଥମ ତ୍ରୈମାସରେ ୮.୨%
- ୨୦୧୭ ମଧଭାଗ ପର୍ଯ୍ୟନ୍ତ ଏନ୍‌ପିଏ ୧୦.୫ ଲକ୍ଷ କୋଟି ଟଙ୍କା
- ବୃହତ୍ ଉଦ୍ୟୋଗକୁ ଋଣ ପ୍ରଦାନ ୧%କୁ ହ୍ରାସ

# ଜିଏସ୍‌ଟି ବିଜ୍ଞାପନରେ ୧୩୨ କୋଟି ଖର୍ଚ୍ଚ

ନୂଆଦିଲ୍ଲୀ,୩-୯



କେନ୍ଦ୍ର ସରକାର ଛପା ଗଣମାଧ୍ୟମରେ ଜିଏସ୍‌ଟି ବିଜ୍ଞାପନ ଦେଇ ୧୩୨.୩୮ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଏକ ଆର୍‌ଟିଆଇ ଉତ୍ତରରେ କୁହାଯାଇଛି। ମନ୍ତ୍ରଣାଳୟ ପକ୍ଷରୁ ବ୍ୟୁରୋ ଅଫ ଆଉଟରିଚ୍ ଆଣ୍ଡ କମ୍ୟୁନିକେଶନ କହିଛି ଯେ, ଛପା ଗଣମାଧ୍ୟମକୁ ଦିଆଯାଇଥିବା ବିଜ୍ଞାପନରେ ୧,୨୬,୯୩,୯୭,୧୨୧ ଟଙ୍କା ପ୍ରଦାନ କରାଯାଇଛି। ମେଗାଷ୍ଟାର ଅମିତାଭ ବଚ୍ଚନଙ୍କୁ ଜିଏସ୍‌ଟି ସମ୍ପର୍କରେ ସଚେତନ କରିବା ଲାଗି କେନ୍ଦ୍ର ସରକାର ତାଙ୍କୁ ବ୍ରାଣ୍ଡ ଆମ୍ବାସଡ଼ର ଭାବେ ନିୟୋଜିତ କରିଥିଲେ। ଆଉଟଡୋର ମେଡିଆ ବାବଦରେ ୫ କୋଟି ଟଙ୍କା ବ୍ୟୟ କରାଯାଇଛି। ଅପରପକ୍ଷରେ ଇଲେକ୍ଟ୍ରୋନିକ ଗଣମାଧ୍ୟମରେ ଏଥିପାଇଁ ଟଙ୍କାଟିଏ ଖର୍ଚ୍ଚ କରାଯାଇନି। ଗତବର୍ଷ ଜୁଲାଇ ପହିଲାରୁ ଦେଶରେ ବସ୍ତୁ ଏବଂ ସେବା କର(ଜିଏସ୍‌ଟି) ଲାଗୁ କରାଯାଇଥିଲା। ଏହି ଅପ୍ରତ୍ୟକ୍ଷ ଟିକସ ବ୍ୟବସ୍ଥାକୁ ଆପଣାଇବା ଲାଗି ସରକାର ଜୁଲାଇ ପହିଲା ପୂର୍ବରୁ ଛପା ଗଣମାଧ୍ୟମ ଜରିଆରେ ବ୍ୟବସାୟୀ ଓ ଜନସାଧାରଣଙ୍କୁ ସଚେତନ କରିବା ଆରମ୍ଭ କରିଥିଲେ।

## ପଳାତକ ଅପରାଧୀ ମାମଲା
# ମାଲ୍ୟାଙ୍କୁ ୩ ସପ୍ତାହ ମହଲତ

ମୁମ୍ବାଇ,୩-୯



ପଳାତକ ଅପରାଧୀ ଘୋଷଣା ମାମଲାରେ ପିଏମ୍‌ଏଲ୍‌ଏ ଅଦାଲତ ସୋମବାର ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କୁ ଜବାବ ଦେବା ଲାଗି ୩ ସପ୍ତାହ ସମୟ ଦେଇଛନ୍ତି। ଲଣ୍ଡନ ପଳାଇଥିବା ମାଲ୍ୟାଙ୍କୁ ପଳାତକ ଅପରାଧୀ ଭାବେ ଘୋଷଣା କରିବା ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ପିଏମ୍‌ଏଲ୍‌ଏ ଅଦାଲତରେ ମାମଲା ଦାଏର କରାଯାଇଛି। ଚଳିତ ମାସ ୨୪ ତାରିଖ ସୁଦ୍ଧା ସେ ଜବାବ ଦାଖଲ କରିବେ।

ପିଏମ୍‌ଏଲ୍‌ଏ ଅଦାଲତରେ ଅଗଷ୍ଟ ୨୭ରେ ମାଲ୍ୟାଙ୍କ ବିରୋଧରେ ମାମଲାର ଶୁଣାଣି ହେବାର ଥିଲା। ସେଦିନ ଅଦାଲତରେ ତାଙ୍କ ଭଉଣୀଙ୍କ ସମେତ ଅନ୍ୟ କେତେକ ଏହି ମାମଲାରେ ପକ୍ଷଭୁକ୍ତ ହେବାକୁ ଆବେଦନ କରିଥିଲେ। ସେମାନେ ଇଡି ପକ୍ଷରୁ ଦାଖଲ କାଗଜପତ୍ର ଯୋଗାଇ ଦେବାକୁ ଆବେଦନରେ ଦର୍ଶାଇଥିଲେ। ଏହି କାରଣରୁ ବିଚାରପତି ଆଜିର ଦିନରେ ଏହାର ଶୁଣାଣି କରିବେ ବୋଲି ଦିନ ଧାର୍ଯ୍ୟ କରିଥିଲେ। ତେବେ ସୋମବାର ଶୁଣାଣି ବେଳେ ମାଲ୍ୟାଙ୍କୁ ଜବାବ ଦେବା ଲାଗି ସମୟ ଦେବାକୁ ଇଡି ବିରୋଧ କରିଥିଲା। ପଳାତକ ଅପରାଧୀ ଆଇନରେ ଏଭଳି ବ୍ୟବସ୍ଥା ନାହିଁ ବୋଲି ଇଡି ଓକିଲ ଯୁକ୍ତି ଦର୍ଶାଇଥିଲେ। ବିଚାରପତି ସମସ୍ତ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ମାଲ୍ୟାଙ୍କୁ ଜବାବ ଦେବାକୁ ୩ ସପ୍ତାହ ସମୟ ଦେଇଛନ୍ତି। ପଳାତକ ଅପରାଧୀ ଆଇନାନୁଯାୟୀ ପଳାତକ ବ୍ୟକ୍ତିଙ୍କୁ ଅଦାଲତ ଅପରାଧୀ ଭାବେ ଘୋଷଣା କଲେ ତାଙ୍କର ସମସ୍ତ ସମ୍ପତ୍ତି ବାଜ୍ୟାପ୍ତ ହୋଇଯିବ। ମାଲ୍ୟା ପ୍ରାୟ ୯ ହଜାର କୋଟି ଟଙ୍କାର ବ୍ୟାଙ୍କ ଋଣ ନେଇ ଲଣ୍ଡନ ପଳାଇଛନ୍ତି।

## ବଦଳିରେ ଯିବାକୁ ବିଳମ୍ବ
# ରେଲୱେ ବାବୁଙ୍କ ପଦୋନ୍ନତି ଅଟକିବ

ନୂଆଦିଲ୍ଲୀ,୩-୯

ବଦଳି ପରେ ନୂଆ ସ୍ଥାନକୁ ଯିବାରେ ବିଳମ୍ବ କଲେ ଅଥବା ଯିବାକୁ ନ ଚାହିଁଲେ ରେଲୱେ ବାବୁମାନଙ୍କ ପଦୋନ୍ନତି ଅଟକିବ। ଏଭଳି କ୍ଷେତ୍ରରେ ଅନ୍ତତଃପକ୍ଷେ ପଦୋନ୍ନତିକୁ ବର୍ଷେ ଝୁଲାଇ ଦେବାକୁ ରେଲୱେ ବୋର୍ଡ ପକ୍ଷରୁ ନିଷ୍ପତ୍ତି ନିଆଯାଇ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି।

ସୂଚନା ଥାଉ କି, ରେଲୱେ ବୋର୍ଡ ପକ୍ଷରୁ ୨୦୧୫ରେ ଏକ ସମନ୍ୱିତ ଟ୍ରାନ୍ସଫର ନୀତି ଆପଣାଯାଇଥିଲା। ବଦଳି ହୋଇଥିବା କର୍ମଚାରୀ ମାସକ ମଧରେ ଯେପରି ବଦଳି ସ୍ଥାନକୁ ଯିବେ ତାହା ବିଭାଗୀୟ ମୁଖ୍ୟ ଦେଖିବେ। କିନ୍ତୁ ଦେଖାଯାଇଛି ଯେ, ଗୋଟିଏ ଜୋନ୍ କିମ୍ବା ଅନ୍ୟ ୟୁନିଟ୍‌କୁ ପଦୋନ୍ନତି ସହ ବଦଳି ହୋଇଥିବା ଅଧିକାରୀ ନିର୍ଦ୍ଧାରିତ ସମୟ ମଧରେ ନୂଆ ସ୍ଥାନକୁ ଯାଉ ନାହାନ୍ତି। ସେମାନେ ବିଭିନ୍ନ ଆଳ ଦେଖାଇ ବଦଳିକୁ ଟାଳି ଦେବାକୁ ଚେଷ୍ଟା କରୁଛନ୍ତି ଅଥବା ଏଥିରେ ବିଳମ୍ବ କରୁଛନ୍ତି। ଏହାଦ୍ୱାରା ଜୋନ୍ କିମ୍ବା ୟୁନିଟ୍‌ର ପ୍ରଶାସନିକ କ୍ଷେତ୍ରରେ ଅସୁବିଧା ସୃଷ୍ଟି ହେଉଛି। ବଦଳି ଅଥବା ପଦୋନ୍ନତିକୁ ମାନୁ ନଥିବା ଅଧିକାରୀଙ୍କ ଏଭଳି ଅଭ୍ୟାସକୁ ରୋକିବା ମୁଖ୍ୟ ଉଦ୍ଦେଶ୍ୟ। ଏଥିପାଇଁ ଏଭଳି ପଦକ୍ଷେପ ନିଆଯାଉଛି ବୋଲି ଅଗଷ୍ଟ ୨୯ରେ ଜାରି କରାଯାଇଥିବା ନିର୍ଦ୍ଦେଶରେ ଉଲ୍ଲେଖ କରାଯାଇଛି। ବଦଳି/ପଦୋନ୍ନତିକୁ ଅବଜ୍ଞା କରୁଥିବା ଅଧିକାରୀଙ୍କ କାର୍ଯ୍ୟକୁ ନିର୍ଦ୍ଦେଶ ଅବମାନନା ବୋଲି ଧରାଯିବ ଏବଂ ବର୍ଷକ ପାଇଁ ତାଙ୍କର ପଦୋନ୍ନତିକୁ ରୋକାଯିବ। ଏହାଦ୍ୱାରା ସେମାନେ ନିଜର ବରିଷ୍ଠତା ହରାଇବେ ବୋଲି ନିର୍ଦ୍ଦେଶନାମାରେ ଦର୍ଶାଯାଇଛି।

# ନୂଆ ରେକର୍ଡ ଛୁଇଁଲା ତୈଳ ଦର

ନୂଆଦିଲ୍ଲୀ, ୩-୯(ପି.ଟି.)

ଦେଶରେ ସୋମବାର ପେଟ୍ରୋଲ ଓ ଡିଜେଲ ଦର ଆଉ ଏକ ନୂଆ ରେକର୍ଡ ସ୍ତରରେ ପହଞ୍ଚିଛି। ସୂଚନା ଅନୁସାରେ ରାଜଧାନୀ ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ଦର ୭୯.୧୫ଟଙ୍କାକୁ ବୃଦ୍ଧି ପାଇଥିବା ବେଳେ ଡିଜେଲ ଦର ୭୧.୧୫ ଟଙ୍କାରେ ପହଞ୍ଚିଛି। ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡିକର ସୂଚନା ଅନୁସାରେ ସୋମବାର ପେଟ୍ରୋଲ ଲିଟର ପିଛା ଦର ୩୧ ପଇସା ବୃଦ୍ଧି ପାଇଛି। ସେହିପରି ଡିଜେଲ ଦର ୩୯ ପଇସା ବୃଦ୍ଧି ପାଇଛି। ଫଳରେ ମୁମ୍ବାଇରେ ପେଟ୍ରୋଲ ଦର୮୬.୫୬ଟଙ୍କାକୁବୃଦ୍ଧିପାଇଥିବା ବେଳେ ଡିଜେଲ ଦର ୭୫.୫୪ ଟଙ୍କାକୁ ବୃଦ୍ଧି ପାଇଛି।

# ସାର୍ବଜନୀନ ପରିବହନ ଲାଗି ‘ଗୋଟିଏ ଦେଶ ଗୋଟିଏ କାର୍ଡ’ ନୀତି

ନୂଆଦିଲ୍ଲୀ,୩-୯




ସାର୍ବଜନୀନ ପରିବହନ ବ୍ୟବସ୍ଥାକୁ ଏକସୂତ୍ରରେ ବାନ୍ଧିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଖୁବଶୀଘ୍ର ‘ଗୋଟିଏ ଦେଶ ଗୋଟିଏ କାର୍ଡ’ ନୀତି ଆପଣାଇବେ। ଏହାଦ୍ୱାରା ଏକାଧିକ ପରିବହନ ବ୍ୟବସ୍ଥାରେ ନିରନ୍ତର ସେବା ଯୋଗାଇବା ସମ୍ଭବ ହୋଇପାରିବ ବୋଲି ନୀତି ଆୟୋଗ ସିଇଓ ଅମିତାଭ କାନ୍ତ କହିଛନ୍ତି।

ଫ୍ୟୁଚର ମୋବିଲିଟି ସମ୍ମିଳନୀ ୨୦୧୮ରେ ଯୋଗ ଦେଇ ସେ କହିଛନ୍ତି ଯେ, ଭାରତ ଏକ ଜନବହୁଳ ରାଷ୍ଟ୍ର ହୋଇଥିବା ବେଳେ ଦେଶର ବିକାଶରେ ପରିବହନ ମେରୁଦଣ୍ଡ ସଦୃଶ। ଗାଡି ସହିତ ଆମକୁ ଲୋକଙ୍କ ହିତ ପ୍ରତି ପ୍ରଥମେ ଦୃଷ୍ଟି ଦେବାକୁ ପଡିବ। ସ୍ୱଚ୍ଛ ତଥା ନିରନ୍ତର ପରିବହନ ଲାଗି ଆମକୁ ଯୋଜନା ପ୍ରସ୍ତୁତ କରିବାକୁ ହେବ। ଦେଶର ଜିଡିପିରେ ସଡ଼କ ପରିବହନର ଯୋଗଦାନ ୪% ଥିବା ବେଳେ ଏହା ଫସିଲ ଫୁଏଲ ଉପରେ ନିର୍ଭରଶୀଳ। ପାଣିପାଗରେ ପରିବର୍ତ୍ତନ, ବାୟୁ ପ୍ରଦୂଷଣ ଯୋଗୁ ଜନଜୀବନ ପ୍ରଭାବିତ ହେଉଛି। ଏହାକୁ ରୋକିବାକୁ ହେବ। ଏହି ସମ୍ମିଳନୀରେ ଯୋଗ ଦେଇ ନୀତି ଆୟୋଗ ପରାମର୍ଶଦାତା ଅନୀଲ ଶ୍ରୀବାସ୍ତବ କହିଥିଲେ ଯେ, ସାରା ଭାରତରେ ଏକ ସୁଦୃଢ଼ ଇକୋ ପରିବହନ ବ୍ୟବସ୍ଥା ଆପଣାଇବା ଲାଗି କେନ୍ଦ୍ର ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି।

# କେରଳ ବନ୍ୟା ପୀଡ଼ିତଙ୍କୁ ଆର୍ଥିକ ସହାୟତା ଦେଲା ଓଏସ୍‌ଏଚ୍‌ବି

ଭୁବନେଶ୍ୱର,୩-୯



କେରଳ ବନ୍ୟା ପୀଡ଼ିତଙ୍କ ଉଦ୍ଦେଶ୍ୟରେ ଓଡିଶା ରାଜ୍ୟ ଗୃହ ନିର୍ମାଣ ବୋର୍ଡ(ଓଏସ୍‌ଏଚ୍‌ବି) ୧୦ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିଛି। ଏହି ଅର୍ଥରାଶି ସଂସ୍ଥା ପକ୍ଷରୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ପ୍ରଦାନ କରାଯାଇଛି। ବୋର୍ଡ ସୂଚନା ଅନୁସାରେ, ଶନିବାର ରାଜ୍ୟ ସଚିବାଳୟରେ ବୋର୍ଡ଼ ଅଧକ୍ଷ ଭୂପିନ୍ଦର ସିଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୧୦ ଲକ୍ଷ ଟଙ୍କାର ଚେକ୍ ହସ୍ତାନ୍ତର କରିଛନ୍ତି। ଏହି ଅବସରରେ ବୋର୍ଡର ସଚିବ ଗଙ୍ଗାଧର ପାତ୍ର, ମୁଖ୍ୟଯନ୍ତ୍ରୀ ଅରୁଣ କୁମାର ମିଶ୍ର, ବିତ୍ତ ଉପଦେଷ୍ଟା ପଦ୍ମିନୀ ପାତ୍ର, ଲୋକସମ୍ପର୍କ ଅଧିକାରୀ ବସନ୍ତ ସାହାଣୀ, ବୋର୍ଡର କର୍ମଚାରୀ ସଂଘ ସଭାପତି ମନୋଜ ମହାନ୍ତି, ସାଧାରଣ ସମ୍ପାଦକ ସଚ୍ଚିଦାନନ୍ଦ ଆଚାର୍ଯ୍ୟ, ଉପସଭାପତି ବିଷ୍ଣୁ ପ୍ରସାଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୧୦ ହଜାରରୁ ଉର୍ଦ୍ଧ୍ୱ ପୋଷାକ ଦେଲା ସିଟିଲାଇଫ୍

କୋଲକାତା,୩-୯




ଉତ୍ତର-ପୂର୍ବ ଭାରତରେ ଏକ ପ୍ରମୁଖ ଫ୍ୟାମିଲି ଷ୍ଟୋର ଚେନ୍ ଭାବେ ଆଦୃତ ହୋଇଥିବା ସିଟି ଲାଇଫ୍ କେରଳ ବନ୍ୟା ପ୍ରଭାବିତଙ୍କୁ ସହାୟତାର ହାତ ବଢ଼ାଇଛି। କମ୍ପାନୀର ସୂଚନା ଅନୁସାରେ, ବନ୍ୟାରେ ମାତ୍ରାଧିକ ପ୍ରଭାବିତ ହୋଇଥିବା ସେଠାକାର ଅଧିବାସୀଙ୍କୁ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ପୋଷାକପତ୍ର ପ୍ରଦାନ କରିଛି। ସେଠାକାର ସ୍ଥାନୀୟ ଏକ ଅଣ ସରକାରୀ ସଂଗଠନ (ଏନଜିଓ)ମାଧ୍ୟମରେ କେରଳ ସରକାରଙ୍କୁ ଏହି ପୋଷାକ ପ୍ରଦାନ କରାଯାଇଛି। ଏହାର ମୂଲ୍ୟ ପ୍ରାୟ ୧୪ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି କମ୍ପାନୀ କହିଛି। ଏ ସମ୍ପର୍କରେ ସୂଚନା ଦେଇ ସିଟିଲାଇଫ୍‌ର ସହ ପ୍ରତିଷ୍ଠାତା ରିତେଶ କେଡିଆ, ରାଜେଶ ବୈଦ, ମନୀଷ କକ୍ରାଣି ପ୍ରମୁଖ କହିଛନ୍ତି, ସମାଜ ମଙ୍ଗଳ କ୍ଷେତ୍ରରେ ସିଟିଲାଇଫ୍ ସର୍ବଦା ଏହାର ଦାୟିତ୍ୱବୋଧକୁ ବଜାୟ ରଖିବ।

**THE ODISHA MINING CORPORATION LIMITED**
OMC House, Bhubaneswar-751001, Odisha
CIN : U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

**ADVERTISEMENT FOR ENGAGEMENT OF RETIRED REVENUE OFFICIAL ON FULL TIME CONTRACT BASIS IN OMC LTD. AT BHAWANIPATNA (WALK-IN-INTERVIEW)**

| POST | POSITION | DATE & TIME | VENUE FOR WALK-IN-INTERVIEW |
|---|---|---|---|
| Retired Revenue Official | 01 | 12.09.2018 11:00 AM | The Odisha Mining Corporation Ltd., OMC House, Post Box No.34, Bhubaneswar-751 001 |

**A) ELIGIBILITY CRITERIA**
- He should have retired from Govt. service on attaining the age of superannuation as a Revenue Official.
- He should have professional excellence in Govt. assignments, good service records, physically & mentally fit for engagement after retirement on superannuation.
- Applications are invited from the intending retired Revenue Officials belonging to Kalahandi, Koraput & Rayagada District.
- Not more than 65 years of age as on **31.08.2018**.

**B) GENERAL CONDITIONS**
- Officers against whom departmental proceedings or criminal cases contemplated / pending or who have been penalized for misconduct during preceding five years of service period shall not be considered.

**C) TERMS OF ENGAGEMENT**
- The engagement will be on full time contract basis.
- The Retired Revenue Official is required to hold the Office at Bhawanipatna and take up assignments as per the scope of work.
- The above engagement is purely temporary and can be terminated by either side by giving one month's prior notice.
- He should abide by the Rules and Regulations of the Corporation.

**D) SCOPE OF WORK**
- To deal with CA Land issues at Bhawanipatna Office & other works in Revenue Department, Forest Department and other Government Offices.
- To report to Executive Director (F&E), OMC, Head Office on day to day progress of the work.
- To interact & liaise with Senior Officers at various Government bodies for processing of different Forest and Environment matters of OMC.
- Should have good communication and presentation skill, negotiation skills with ability to interact with people at various levels of the organization.
- Any other related works to be assigned from time to time.

**E) MONTHLY CONSOLIDATED REMUNERATION AND OTHER BENEFITS**
- The monthly consolidated remuneration is negotiable.
- During the above engagement, no accommodation / house rent allowance will be admissible.
- Besides the monthly consolidated remuneration, no other financial benefits will be given. However, while on official tour, he shall be paid TA/DA as admissible to the Executives in the rank of **Manager** in OMC.
- The monthly consolidated remuneration shall be drawn on pro rata basis.
- The monthly consolidated remuneration shall be drawn on voucher basis and no PF or other contribution shall be deducted / deposited except applicable income tax.
- He will not get the benefits of bonus, gift, incentive, liveries etc or any other benefit at par with the regular employees of OMC.
- Interested eligible candidates are required to download the bio-data format from OMC website **www.omcltd.in** and submit the same duly filled in and signed together with self-attested supporting documents at the time of **Walk-in-Interview on 12.09.2018 at 11:00 AM**. at OMC House, Bhubaneswar.

**Sd/-**
**Director (Personnel)**

“ନ୍ୟୁ କ୍ୟାସେଲ ବିପକ୍ଷ ମ୍ୟାଚ ପାଇଁ ଲେରଏ ସାନେଙ୍କ ଭଳି ଖେଳାଳି ବାଦ୍ ପଡ଼ିଥିବାରୁ ଆମ ଦଳରେ କୌଣସି ଖେଳାଳିଙ୍କ ସ୍ଥାନ ସୁରକ୍ଷିତ ନୁହେଁ।
–ଗାବ୍ରିଏଲ ଜେସସ୍, ମାଞ୍ଚେଷ୍ଟର ସିଟି ଫରୱାର୍ଡ



“ଚଳିତ ବର୍ଷର ବିଶ୍ୱ ଫର୍ମୁଲା ୱାନ ଚାମ୍ପିୟନଶିପ୍‌ରେ ଲୁଇସ୍ ହାମିଲଟନ ମୋଠାରୁ ୩୦ ପଏଣ୍ଟ ଆଗରେ ରହିଥିଲେ ମଧ ମୁଁ ପ୍ରତ୍ୟାବର୍ତ୍ତନ କରିପାରିବି ବୋଲି ଆଶା ରଖିଛି ।
–ସେବାଷ୍ଟିଆନ ଭେଟେଲ, ଫେରାରି ଡ୍ରାଇଭର



## ସଂକ୍ଷେପରେ

### ଡେଟିଂ କରୁଛନ୍ତି ଶାସ୍ତ୍ରୀ



**ନୂଆଦିଲ୍ଲୀ,୩।୯:** କ୍ରିକେଟ ସହ ବଲିଉଡ୍‌ର ସମ୍ପର୍କ ବହୁତ ପୁରୁଣା। କୌଣସି କ୍ରିକେଟର ଅଭିନେତ୍ରୀଙ୍କୁ ଡେଟ୍ କି ବିବାହ କରିବା କିଛି ନୂଆ କଥା ନୁହେଁ। ଗତବର୍ଷ ଭାରତୀୟ ଅଧିନାୟକ ବିରାଟ କୋହଲି ଓ ଅନୁଷ୍କା ଶର୍ମାଙ୍କୁ ବିବାହ କରିବା ପରେ ଏବେ ଆଉ ଏକ ଯୋଡ଼ି ଖୁବ ଚର୍ଚ୍ଚାକୁ ଆସିଛି। ଭାରତୀୟ ଦଳର ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ ବର୍ତ୍ତମାନ ବଲିଉଡ୍ ଅଭିନେତ୍ରୀ ନିମରତ କୌରଙ୍କୁ ଡେଟିଂ କରୁଛନ୍ତି। ଏହି ଅଭିନେତ୍ରୀ ଅକ୍ଷୟ କୁମାରଙ୍କ ଅଭିନୀତ ଫିଲ୍ମ 'ଏୟାରଲିଫ୍ଟ'ରେ ଅଭିନୟ କରିଥିଲେ। ପ୍ରାୟ ଦୁଇବର୍ଷ ହେଲା ଶାସ୍ତ୍ରୀ ଓ ନିମରତ ରିଲେଶନରେ ଅଛନ୍ତି। 'ପୁନେ ମିରର' ଏକ ଖବରକାଗଜ ଅନୁଯାୟୀ ଉଭୟ ଦୁଇ ବର୍ଷ ହେଲା ଡେଟ୍ କରୁଛନ୍ତି। ଏହା ସତ୍ତ୍ୱେ ସେମାନେ ଖବରକୁ ସଭିଙ୍କ ଠାରୁ ଲୁଚାଇ ରଖିଥିଲେ। ସେମାନେ ପ୍ରଥମେ ୨୦୧୫ରେ ଏକ କାର ଲଞ୍ଚିଂ ଉତ୍ସବରେ ଦେଖାହୋଇଥିଲେ। ଏବେ ଶାସ୍ତ୍ରୀ ଭାରତୀୟ ଦଳ ସହ ଇଂଲଣ୍ଡରେ ଥିବାବେଳେ ନିମରତ ଏକ ଲୋକପ୍ରିୟ ୱେବ ଶୋରେ କାମ କରୁଛନ୍ତି।

### ଅନ୍‌ଅଫିସିଆଲ୍ ଟେଷ୍ଟ: ଭାରତ ଏ' ଅଗ୍ରଣୀ

**ବେଙ୍ଗାଲୁରୁ, ୩।୯ (ପି.ଟି.):** ଅଙ୍କିତ ବାଓନେଙ୍କ ଧୈର୍ଯ୍ୟପୂର୍ଣ୍ଣ ଅପରାଜିତ ୯୧ ରନ ଯୋଗୁ ଭାରତ ଏ' ଏଠାରେ ଚାଲିଥିବା ଅଷ୍ଟ୍ରେଲିଆ ଏ' ବିପକ୍ଷ ପ୍ରଥମ ଅନ୍ ଅଫିସିଆଲ କ୍ରିକେଟ ଟେଷ୍ଟ ମ୍ୟାଚରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ଲାଭ କରିପାରିଛି। ଭାରତ ଏ' ଏକଦା ୧୨୭ ରନରେ ୫ଟି ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ମାତ୍ର ବାଓନେଙ୍କ ୧୫୯ ବଲ୍‌ରୁ ୯୧ ରନ ଯୋଗୁ ଦଳ ୨୭୪ ରନ କରିପାରିଥିଲା। ଅଷ୍ଟ୍ରେଲିଆ ଏ' ଏହାର ପ୍ରଥମ ଇନିଂସରେ ୨୪୩ ରନ କରିଥିଲା। ସୋମବାର ଦ୍ୱିତୀୟ ଦିବସ ଖେଳ ଷ୍ଟମ୍ପ ଅପସାରଣ ବେଳକୁ ପ୍ରଥମ ଇନିଂସରେ ଶତକ ହାସଲ କରିଥିବା ଉସ୍‌ମାନ ଖ୍ୱାଜା ଓ ଟ୍ରାଭିସ୍ ହେଡ୍ ଯଥାକ୍ରମେ ୧୬ ଓ ୧୩ ରନ କରି ଅପରାଜିତ ରହିଥିଲେ। ଏକମାତ୍ର ବ୍ୟାଟ୍ସମ୍ୟାନ ଭାବେ କର୍ଟିସ ପାଟରସନ ୧୩ ରନ କରି ଆଉଟ ହୋଇଥିଲେ। ଅଷ୍ଟ୍ରେଲିଆ ଏ'ର ଏହି ଓପନର ମହମ୍ମଦ ସିରାଜଙ୍କ ବଲ୍‌ରେ ଉଇକେଟକିପର କୋନା ଭରତଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଥିଲେ।

#### ସଂକ୍ଷିପ୍ତ ସ୍କୋର

ଅଷ୍ଟ୍ରେଲିଆ ଏ': ୨୪୩ ଓ ୪୨/୧।
ଭାରତ ଏ': ୨୭୪ (ଅଙ୍କିତ ବାଓନେ-୯୧*,ମୟଙ୍କ ଅଗ୍ରୱାଲ-୪୭, କ୍ରିଷ୍ଣାପ୍ପା ଗୋଥାମ-୩୧ ; ମାଇକେଲ ନେସର-୪/୬୧)।

# 'ଦୃଢ଼ ଇଚ୍ଛାଶକ୍ତି, ସଂକଳ୍ପବଦ୍ଧତା ସଫଳତାର ମୂଳମନ୍ତ୍ର'

## ଦୂତୀଙ୍କୁ ନାଗରିକ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୩।୯ (କ୍ରୀଡ଼ା ପ୍ରତିନିଧି)



ସମ୍ବର୍ଦ୍ଧିତ ହେବା ଅବସରରେ ଅତିଥି ଓ ପରିବାର ସଦସ୍ୟଙ୍କ ଗହଣରେ ଦୂତୀ ଚାନ୍ଦ।

ଇଚ୍ଛାଶକ୍ତି, ସଂଯମତା, ସଂକଳ୍ପବଦ୍ଧତା, ଦୃଢ଼ତା, କଠିନ ପରିଶ୍ରମ ଏବଂ ଜିଦ୍ ମନୋବୃତ୍ତି ହିଁ ଜଣକୁ ଶୀର୍ଷରେ ପହଞ୍ଚାଇବାରେ ସହାୟକ ହୋଇଥାଏ। ସଂକଳ୍ପରୁ ହିଁ ସିଦ୍ଧି ମିଳିଥାଏ। ଏହିସବୁ ଗୁଣ ଯୋଗୁ ଆଜି ଦୂତୀ ଚାନ୍ଦ ଦେଶ ଓ ରାଜ୍ୟକୁ ଗର୍ବିତ କରିପାରିଛନ୍ତି ବୋଲି ସୋମବାର ଏଠାରେ ଆୟୋଜିତ ନାଗରିକ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟପାଳ ପ୍ରଫେସର ଗଣେଶି ଲାଲ ପ୍ରକାଶ କରିଛନ୍ତି। ଏହି ଅବସରରେ ରାଜ୍ୟପାଳ ହକି ଯାଦୁଗର ମେଜର ଧ୍ୟାନଚାନ୍ଦ, ଓଁକାରନାଥ ଠାକୁର ଓ ଏକଲବ୍ୟଙ୍କ ନିଷ୍ଠା ଓ ସଂକଳ୍ପବଦ୍ଧତାକୁ ଉଦାହରଣ ଦେଇଛନ୍ତି। ନିଷ୍ଠା ଓ ଏକାଗ୍ରତା ବଜାୟ ରହିଲେ ଦୂତୀ ଆଗାମୀ ଦିନରେ ଅଲିମ୍ପିକ୍ସରେ ମଧ ସଫଳତା ପାଇପାରିବେ ବୋଲି ସେ କହିଛନ୍ତି। ସାରା ସଂସାର ଦୌଡୁଛି, ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ତାରା ସମସ୍ତେ ଦୌଡୁଛନ୍ତି, ମାତ୍ର ମୁଁ ଦୌଡ଼ି ମଧ ଦୌଡୁନାହିଁ, ମୋତେ ଆହୁରି ଅନେକ କିଛି କରିବାର ଅଛି, ମୁଁ ନିଶ୍ଚିତ ପାରିବି, ମୋଠାରୁ କେହି ବଡ଼ ନାହିଁ, ମୁଁ ସବୁଠାରୁ ସୁନ୍ଦର, ମୁଁ ସବୁଠାରୁ ଆଗରେ ବୋଲି ନିଜ ଉପରେ ଆତ୍ମବିଶ୍ୱାସ ରଖି ଆଗେଇ ଯାଅ, ଦେଖିବ ନିଶ୍ଚିତ ଆହୁରି ସଫଳତା ମିଳିବ ଏବଂ ଦିନେ କ୍ୟାରିୟରର ଶୀର୍ଷସ୍ଥାନରେ ପହଞ୍ଚି ପାରିବ ବୋଲି ରାଜ୍ୟପାଳ କହିଛନ୍ତି। ଏଠାରେ ଉପସ୍ଥିତ ସମସ୍ତ ବ୍ୟକ୍ତି ତାରା, ଦୂତୀ ଏକମାତ୍ର ଚାନ୍ଦ ବୋଲି ବର୍ଣ୍ଣନା କରିଥିଲେ। ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ଆହୁରି ସଫଳତା ପାଇଁ ଦୂତୀଙ୍କୁ ଆଶୀର୍ବାଦ କରିଥିଲେ ଗଣେଶୀଲାଲ।

### ଯାଜପୁରରୁ ଜାକର୍ତ୍ତା

ଯାଜପୁର ଜିଲା ଚକା ଗୋପାଳପୁର ଗ୍ରାମର ମା ଅଖଜି ଓ ପିତା ଚକ୍ରଧର ଚାନ୍ଦଙ୍କ କନ୍ୟା ଦୂତୀ ଏବେ ଓଡ଼ିଶାବାସୀଙ୍କ ଭଲପାଇବାରେ ଅଭୀଭୂତ। ଯାଜପୁରର ବ୍ରାହ୍ମଣୀ ନଦୀ କୂଳରେ ୫–୬ ବର୍ଷରୁ ଦୌଡ଼ିବା ଆରମ୍ଭ କରିଥିବା ଛୋଟ ଝିଅଟି ଏବେ ଇଣ୍ଡୋନେସିଆର ଜାକର୍ତ୍ତାରେ ଅନୁଷ୍ଠିତ ଏସିଆନ ଗେମ୍ସରେ ୨ଟି ରୌପ୍ୟ ପଦକ ହାସଲ କରି ଦେଶକୁ ଗର୍ବିତ କରିବା ସହ ସମାଲୋଚକଙ୍କୁ ଦୃଢ଼ ଜବାବ ଦେଇଛନ୍ତି। ସୋମବାର ସମ୍ବର୍ଦ୍ଧିତ ହେବା ଅବସରରେ ସେ ବଖାଣିଥିଲେ ନିଜ ସଂଘର୍ଷର କାହାଣୀ। ଛୋଟବେଳେ କିପରି ସେ ଦୌଡ଼ିବା ସମୟରେ ତାଙ୍କୁ ଲୋକମାନେ ହସରେ ଉଡ଼ାଉଥିଲେ, ଆଥଲେଟିକ୍ସରେ କ୍ୟାରିୟର କରି ଜୀବନରେ କିଛି କରିହେବନି ବୋଲି କହୁଥିଲେ ତାହା ସେ ବର୍ଣ୍ଣନା କରିବା ସହ ୨୦୧୪ରେ ବିବାଦୀୟ ହାଇପରଆଣ୍ଡ୍ରୋଜେନିଜମ ନିୟମ ପାଇଁ ତାଙ୍କ କ୍ୟାରିୟର କିପରି ସଙ୍କଟ ମଧକୁ ଚାଲି ଯାଇଥିଲା ତାହା ସେ ସ୍ମରଣକୁ ଆଣିଥିଲେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପ୍ରତିଟି ସମୟରେ ତାଙ୍କ ନିକଟରେ ଛିଡ଼ା ହୋଇଥିବାରୁ ସେ ଆଜି ଏଠାରେ ପହଞ୍ଚି ପାରିଛନ୍ତି ବୋଲି କହିବାକୁ ଦ୍ୱିଧା କରି ନ ଥିଲେ। ଏହା ସହିତ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଥିଲେ। ୧୦୦ ମିଟରରେ ରୌପ୍ୟ ପଦକ ଜିତିବାପରେ ମୁଖ୍ୟମନ୍ତ୍ରୀ ସଙ୍ଗେସଙ୍ଗେ ତାଙ୍କ ପାଇଁ ଦେଢ଼କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ଏହା କେବଳ ତାଙ୍କୁ ନୁହେଁ ଜାକର୍ତ୍ତାରେ ଉପସ୍ଥିତ ଅନେକ ଆଥଲେଟ୍ ଓ କୋଚ୍‌ଙ୍କୁ ଉଲ୍ଲସିତ କରିଥିଲା। ଏହି ଖବର ଦେବା ସହ କିମ୍ବଦନ୍ତୀ ଆଥଲେଟ୍ ପି.ଟି. ଉଷା ଖୁସିରେ ତାଙ୍କୁ କୁଣ୍ଢାଇ ପକାଇଥିଲେ ବୋଲି ଦୂତୀ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଆର୍ଥିକ ଘୋଷଣାରେ ମୁଁ ଅତ୍ୟନ୍ତ ଆନନ୍ଦିତ ହୋଇଥିଲି ଏବଂ ୨୦୦ ଇଭେଣ୍ଟରେ ମଧ ଜୀବନ ଲଗାଇ ଦୌଡ଼ିବି ବୋଲି ସଂକଳ୍ପ କରିଥିଲି। ଦେଶ ଓ ରାଜ୍ୟବାସୀଙ୍କ ଭଲ ପାଇବା, ଆଶୀର୍ବାଦ ଯୋଗୁ ମୁଁ ସଫଳ ହୋଇପାରିଲି ଏବଂ ଏହି ଇଭେଣ୍ଟରେ ମଧ ରୌପ୍ୟ ପଦକ ହାସଲ କରିପାରିଲି ବୋଲି ଦୂତୀ କହିଥିଲେ। ଏହି ଅବସରରେ ଦୂତୀ ନିଜ ଗ୍ରାମରେ ବୁଣାକାର ବୃତ୍ତିକୁ ବେଉସା କରିଥିବା ଲୋକଙ୍କ ଦୁଃଖ ଦୁର୍ଦ୍ଦଶାକୁ ସ୍ମରଣକୁ ଆଣିଥିଲେ। ସମସ୍ତଙ୍କ ଭଲପାଇବା ଓ ଶ୍ରଦ୍ଧା ଯୋଗୁ ସେ ଆଜି ଏଠାରେ ପହଞ୍ଚି ପାରିଛନ୍ତି। ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତି ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ଘୋଷଣା କରିଛନ୍ତି। ତେଣୁ ସେ ଆହୁରି କଠିନ ପରିଶ୍ରମ କରି ଅଲିମ୍ପିକ୍ସରେ ମଧ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଚେଷ୍ଟା କରିବେ ବୋଲି କହିଛନ୍ତି। ତାଙ୍କର ଉତ୍‌ଥାନ ପାଇଁ ଗଣମାଧମର ଭୂମିକା ଅନେକ ରହିଛି। ଲୋକଲୋଚନକୁ ଆସି ନ ଥିଲେ ମୁଁ ହୁଏତ ସମସ୍ତଙ୍କ ଦୃଷ୍ଟି ଆଢୁଆଳରେ ରହି ଯାଇଥାନ୍ତି। ଶେଷରେ ମୁଁ ମୋ କୋଚ୍, ବାପା, ମା' ଓ ଭଉଣୀ ସରସ୍ୱତୀ ଚାନ୍ଦଙ୍କୁ ଧନ୍ୟବାଦ ଦେବାକୁ ଚାହିଁବି। ଅନେକ ଅଭାବ ଓ ଅସୁବିଧା ମଧରେ ବାପା, ମା ମୋତେ ଆଗକୁ ବଢ଼ିବାକୁ ଦେଇଛନ୍ତି। ଭଉଣୀ ମୋତେ ଜଣେ ଆଥଲେଟ୍ ହେବାପାଇଁ ମାର୍ଗଦର୍ଶନ କରିଛନ୍ତି ଏବଂ କୋଚ୍‌ଙ୍କ କଠିନ ପରିଶ୍ରମ ଓ ଗାଇଡ୍ ଯୋଗୁ ମୁଁ ନିଜ ତ୍ରୁଟିକୁ ସୁଧାରିବା ସହ ପ୍ରଦର୍ଶନରେ ଉନ୍ନତି ଆଣି ପାରିଛି ବୋଲି ଦୂତୀ କହିଛନ୍ତି।

> ଜାକର୍ତ୍ତାରେ ଅନୁଷ୍ଠିତ ଏସିଆନ ଗେମ୍ସର ଉଭୟ ମହିଳା ୧୦୦ ଓ ୨୦୦ ମିଟରରେ ରୌପ୍ୟ ପଦକ ଜିତି ଦେଶ ଏବଂ ରାଜ୍ୟକୁ ଗର୍ବିତ କରିଛନ୍ତି ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦ। ସୋମବାର ଭୁବନେଶ୍ୱରରେ କିଟ୍ ପକ୍ଷରୁ ଆୟୋଜିତ ନାଗରିକ ସମ୍ବର୍ଦ୍ଧନା ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶି ଲାଲଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଦୂତୀଙ୍କୁ ଅଭିନନ୍ଦନ ଜଣାଇବା ସହ ୨୦୨୦ ଅଲିମ୍ପିକ୍ସରେ ପଦକ ଜିତିବା ପାଇଁ ଶୁଭକାମନା ଜଣାଇଛନ୍ତି।

### ଦୂତୀ ଓଡ଼ିଆ ଜାତିର ସୁଭଦ୍ରା

କେବଳ ଦୂତୀ ନୁହନ୍ତି ଆଜି ଦୂତୀଙ୍କ ଗାଁରୁ ଆସିଥିବା ୯୦ ଲୋକ ପ୍ରକୃତରେ ଆଜି ସମ୍ବର୍ଦ୍ଧିତ ବୋଲି ଅନ୍ୟତମ ଅତିଥି ଏମପି ପ୍ରସନ୍ନ ପାଟ୍ଟଶାଣୀ ପ୍ରକାଶ କରିଥିଲେ। ଦୂତୀ ହେଉଛନ୍ତି ଓଡ଼ିଆ ଜାତୀର ସୁଭଦ୍ରା। ଗୋଡ଼ଟଣା ନୀତି ଯୋଗୁ ଅନେକ ଲୋକ ତାଙ୍କୁ ତଳେ ପକାଇ ଦେବାକୁ ଚେଷ୍ଟା କରିଥିଲେ। ମାତ୍ର ନିଜ ପ୍ରତିଭା ବଳରେ ସେ ଆଜି ସଫଳତାର ସୋପାନ ଚଢ଼ି ଚାଲିଛନ୍ତି। ଏହି ସଫଳତା ନିଶ୍ଚିତଭାବେ ତାଙ୍କ ସମାଲୋଚକଙ୍କ ମୁହଁ ତଳକୁ କରିଥିବ। ସମସ୍ତଙ୍କ ଆଶୀର୍ବାଦ, ସ୍ନେହ ଓ ସଦିଚ୍ଛା ନେଇ ଦୂତୀ ନିଶ୍ଚିତ ଆଗାମୀ ଦିନରେ ମଧ ବଡ଼ ସଫଳତା ପାଇପାରିବେ ବୋଲି ପାଟ୍ଟଶାଣୀ କହିଥିଲେ।

### ରୁପା ପଦକ ସୁନାଠାରୁ ବଡ଼

ଦୂତୀ ଜାକର୍ତ୍ତାରୁ ଆଣିଥିବା ରୁପା ପଦକ ଆମପାଇଁ ସୁନାଠାରୁ ବି ବଡ଼ ବୋଲି କହିଥିଲେ ବିଶିଷ୍ଟ ଅଭିନେତା ତଥା ରାଜ୍ୟସଭା ସଦସ୍ୟ ଅନୁଭବ ମହାନ୍ତି। ଆମେ ଏହି ମଞ୍ଚରେ ଦୂତୀଙ୍କୁ ଶୁଭେଚ୍ଛା ଜଣାଇଥିଲୁ। ଆଜି ଏଠାରେ ଅଭିନନ୍ଦନ ପାଇଁ ଏକାଠି ହୋଇଛୁ। ଆମେ ଯାହା ଆଶା କରିଥିଲୁ ସେ ତା'ଠାରୁ ଅଧିକ ଆଣିଛନ୍ତି। ଓଡ଼ିଆ ଜାତିର ଆଶା ଆକାଂକ୍ଷାକୁ ଦୂତୀ ତଳେ ପକାଇବାକୁ ଦେଇ ନାହାନ୍ତି । ତାଙ୍କ ନାଁ ଦୂତୀ ଚାନ୍ଦ, ସେ ଦୁଇଟି ଚାନ୍ଦ ଆଣି ନାରୀଜାତି ପାଇଁ ଉଦାହରଣ ସାଜିଛନ୍ତି। ବାପା, ମା'ଙ୍କୁ ଯିଏ ସମ୍ମାନ ଦେଇଛି ସେ କେବେହେଲେ କେଉଁଠି ହାରିବ ନାହିଁ । ଆଗାମୀ ଦିନରେ ସେ ଯେ ଆହୁରି ସଫଳତା ଆଣିବେ ଏଥିରେ କିଛି ସନ୍ଦେହ ନାହିଁ ବୋଲି ଅନୁଭବ କହିଥିଲେ।

### ଉଷାଙ୍କ ପରେ ଦୂତୀ

କିମ୍ବଦନ୍ତୀ ଆଥଲେଟ୍ ପି.ଟି. ଉଷା ୩୦ ବର୍ଷ ତଳେ ଏସିଆଡ୍‌ର ମହିଳା ୧୦୦ ମିଟରରେ ପଦକ ଆଣି ଦେଶକୁ ଗର୍ବିତ କରିଥିଲେ। ଏବେ ଜଣେ ଓଡ଼ିଆ ଝିଅ ଦୂତୀ ଦୀର୍ଘ ବର୍ଷ ବ୍ୟବଧାନରେ ସେହି ଇଭେଣ୍ଟରେ ପଦକ ଜିତି ନିଜ ଦକ୍ଷତା ପ୍ରତିପାଦନ କରିଛନ୍ତି। ଏହା ଦ୍ୱାରା ସେ ଏହି ଇଭେଣ୍ଟ ପାଇଁ ସମ୍ପୂର୍ଣ୍ଣ ଫିଟ୍ ବୋଲି ପ୍ରମାଣିତ କରିଛନ୍ତି। ତାଙ୍କ ଅସୁବିଧା ସମୟରେ ଉଭୟ ମାନସିକ ଓ ଆର୍ଥିକ ସମର୍ଥନ ଯୋଗାଇ ଦେଇଥିବାରୁ ଅଚ୍ୟୁତ ସାମନ୍ତଙ୍କୁ ଯେତେ ଧନ୍ୟବାଦ ଦେଲେ କମ୍ ହେବ। ଦୂତୀ ଆହୁରି ଆଗକୁ ଯାଇପାରିବେ ଏଥିରେ କୌଣସି ସନ୍ଦେହ ନାହିଁ ବୋଲି ଦୂରଦ୍ରଷ୍ଟା କିମ୍ବଦନ୍ତୀ ହକି ତାରକା ତଥା ପୂର୍ବତନ ରାଜ୍ୟସଭା ସଦସ୍ୟ ପଦ୍ମଶ୍ରୀ ଦିଲୀପ ତିର୍କୀ ପ୍ରକାଶ କରିଛନ୍ତି।

### ସମସ୍ତ ଭାରତୀୟଙ୍କୁ ଗର୍ବିତ କରିଛନ୍ତି

ଆମେ ଆଜି ଏପରି ଜଣେ ଆଥଲେଟ୍‌ଙ୍କୁ ସମ୍ବର୍ଦ୍ଧିତ କରୁଛୁ, ଯିଏକି ପ୍ରତିଟି ଭାରତୀୟଙ୍କୁ ଗର୍ବିତ କରିଛନ୍ତି। ନିଜ ସଂଘର୍ଷମୟ ଜୀବନରେ ସେ କଠିନ ପରିଶ୍ରମ କରି ଆଗକୁ ବଢ଼ିଛନ୍ତି। ଏସିଆଡ୍‌ରେ ସେ ୨ଟି ରୌପ୍ୟ ପଦକ ଜିତିଛନ୍ତି ଅର୍ଥ ଆମ ପାଇଁ ବଡ଼ ସଫଳତା ବୋଲି କୁହାଯାଇପାରିବ। ନିଜ ଝିଅ ଭଳି ଦୂତୀଙ୍କୁ ଅଚ୍ୟୁତ ସାମନ୍ତ ଯେପରି ସାହାଯ୍ୟ ସହଯୋଗ ଜାରି ରଖିଛନ୍ତି ତାହା ବାସ୍ତବିକ ପ୍ରଶଂସନୀୟ। ନିଷ୍ଠାର ସହିତ ପରିଶ୍ରମ ଜାରି ରଖିଲେ ଦୂତୀ ଆଗାମୀ ୨୦୨୦ ଅଲିମ୍ପିକ୍ସରେ ମଧ ପଦକ ଜିତିପାରିବେ ବୋଲି କ୍ରୀଡ଼ା ସଚିବ ବିଶାଳ ଦେବ ପ୍ରକାଶ କରିଛନ୍ତି।

### ଅଲିମ୍ପିକ୍ସରେ ପଦକ ସମ୍ଭବ

ଦୂତୀ ଯେପରି ଭାବେ ଆଗକୁ ବଢୁଛନ୍ତି ନିଶ୍ଚିତ ଆଗାମୀ ଦିନରେ ଅଲିମ୍ପିକ୍ସରେ ପଦକ ଜିତି ଦେଶ ଓ ରାଜ୍ୟକୁ ଗର୍ବିତ କରିପାରିବେ ବୋଲି ଅନ୍ୟତମ ଅତିଥି ବିଧାୟକ ପ୍ରିୟଦର୍ଶୀ ମିଶ୍ର ଓ ମେୟର ଅନନ୍ତ ନାରାୟଣ ଜେନା ପ୍ରକାଶ କରିଛନ୍ତି। ଅଲିମ୍ପିକ୍ସ ପ୍ରସ୍ତୁତି ପାଇଁ ରାଜ୍ୟ ସରକାର ସମସ୍ତ ସାହାଯ୍ୟ ସହଯୋଗ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଦୂତୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ ବୋଲି ସେ ମତବ୍ୟକ୍ତ କରିଛନ୍ତି।

### ଆନନ୍ଦ ଫେରାଇବାର ବେଳ

ଏସିଆନ ଗେମ୍ସରେ ୨ଟି ରୌପ୍ୟ ପଦକ ଜିତି ଦୂତୀ ଆମକୁ ଖୁସି ଆଣି ଦେଇଛନ୍ତି। ଏବେ ତାଙ୍କୁ ସମ୍ବର୍ଦ୍ଧିତ କରି ଆନନ୍ଦ ଫେରାଇବାର ବେଳ ବୋଲି ଅତିଥି ମାନଙ୍କୁ ସ୍ୱାଗତ ଅବସରରେ ପ୍ରକାଶ କରିଛନ୍ତି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ରାଜ୍ୟସଭା ସଦସ୍ୟ ଅଚ୍ୟୁତ ସାମନ୍ତ। ଏଠାକୁ ତାଙ୍କ ଗ୍ରାମରୁ ୯୦ ଜଣ ଗ୍ରାମବାସୀ ଆସିଛନ୍ତି। ଏହା ସେମାନଙ୍କର ଦୂତୀଙ୍କୁ ଭଲପାଇବାକୁ ସୂଚାଉଛି। ତେଣୁ ସମସ୍ତେ ଏବେଠାରୁ ଦୂତୀଙ୍କ ପାଇଁ ଦୀପ ଜାଳିଲେ ନିଶ୍ଚିତ ଦୂତୀ ୨୦୨୦ ଅଲିମ୍ପିକ୍ସରେ ପଦକ ଜିତିପାରିବେ ବୋଲି ସେ କହିଛନ୍ତି। ଦୂତୀଙ୍କ ପାଇଁ ସମଗ୍ର ଦେଶ ଗର୍ବିତ। ଆଗକୁ ମଧ ଦୂତୀ ସେଭଳି ପ୍ରଦର୍ଶନ ଜାରି ରଖି ଦେଶ ଓ ରାଜ୍ୟକୁ ଗର୍ବିତ କରିବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

ସମ୍ବର୍ଦ୍ଧନା ଉତ୍ସବରେ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ, ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ କ୍ରିକେଟର ତଥା ଜାତୀୟ କୋଚ୍ ଦେବାଶିଷ ମହାନ୍ତି, ଅନ୍ତର୍ଜାତୀୟ ମହିଳା କବାଡ଼ି ଖେଳାଳି ରଶ୍ମିତା ସାହୁଙ୍କ ସମେତ ଅନେକ କ୍ରୀଡ଼ାବିତ୍, କ୍ରୀଡ଼ାପ୍ରେମୀ ଓ ଶୁଭେଚ୍ଛୁ ଏହି ଅବସରରେ ଦୂତୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଶେଷରେ କିଟ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଓସିଏ ଛାଡ଼ିଲେ ୪ କ୍ରିକେଟର

କଟକ ଅଫିସ,୩।୯

## ଉତ୍ତରାଖଣ୍ଡରୁ ଖେଳିବେ ଦେବେନ୍ଦ୍ର, ସୌରଭ


ସୌରଭ ରାୱତ୍


ଦେବେନ୍ଦ୍ର ସିଂ କୁଅଁର

ଚଳିତ ସିଜନ ଆରମ୍ଭରୁ ୪ଜଣ କ୍ରିକେଟର ଓଡ଼ିଶାରୁ ବିଦାୟ ନେଇଛନ୍ତି। ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିବା ପରେ ପୁର୍ନବାର ଏମାନେ ନିଜ ରାଜ୍ୟ ପକ୍ଷରୁ ଖେଳିବା ପାଇଁ ଇଚ୍ଛା ପ୍ରକଟ କରି ଫେରି ଯାଇଥିବା ଜଣାପଡ଼ିଛି । ଏମାନଙ୍କ ମଧରେ ୨ ପ୍ରମୁଖ ଖେଳାଳି ସୌରଭ ରାୱତ ଓ ଦେବେନ୍ଦ୍ର ସିଂ କୁଅଁର ରହିଛନ୍ତି । କିଛି ଦିନ ତଳେ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ରେ ନୋ ଅବଜେକ୍ସନ ସାର୍ଟିଫିକେଟ(ଏନ୍‌ଓସି) ପ୍ରଦାନ କରି ଏମାନେ ଓଡ଼ିଶା କ୍ରିକେଟକୁ ଅଲବିଦା ଜଣାଇଛନ୍ତି ।

ଆସନ୍ତା ରଣଜୀ ସିଜିନରେ ପ୍ରଥମ ଥର ନିମନ୍ତେ ଭାଗ ନେବ ଉତ୍ତରାଖଣ୍ଡ କ୍ରିକେଟ ଦଳ । ଦୀର୍ଘ ୧୮ବର୍ଷ ପରେ ଏହି ଦଳକୁ ଦେଶର ପ୍ରମୁଖ ଘରୋଇ କ୍ରିକେଟ ଟୁର୍ନାମେଣ୍ଟ ଖେଳିବାକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ସବୁଜ ସଙ୍କେତ ଦେଇଛି । ତେବେ ଉତ୍ତରାଖଣ୍ଡ ରଣ୍‌ଜୀ ଖେଳିବାର ଯୋଗ୍ୟତା ପାଇବା ପରେ ଏହି ରାଜ୍ୟର ୨ ଖେଳାଳି ସୌରଭ ରାୱତ ଓ ଦେବେନ୍ଦ୍ର ସିଂ କୁଅଁର ଉତ୍ତରାଖଣ୍ଡକୁ ଫେରି ଯାଇଥିବା ଜଣାପଡ଼ିଛି । ଓଡ଼ିଶା ପକ୍ଷରୁ ୨୩ବର୍ଷରୁ କମ୍ ବର୍ଗରେ ନିୟମିତ ଖେଳାଳି ଭାବେ ରହିଥିବା ଏହି ୨ ପ୍ରତିଭା ରାଜ୍ୟ ନିମନ୍ତେ ଅନେକ ଭଲ ଇନିଂସ୍ ଖେଳିବାର ରେକର୍ଡ ମଧ ରଖିଛନ୍ତି । ୨୩ବର୍ଷରୁ କମ୍ ଦଳର ମଧ୍ୟକ୍ରମ ବ୍ୟାଟିଂ ଭାର ମଧ ଏହି ୨ ଖେଳାଳି ସମ୍ଭାଳୁଥିଲେ । ହେଲେ ଓଡ଼ିଶା ସିନିୟର ତଥା ରଣ୍‌ଜୀ ଦଳରେ ଏମାନଙ୍କ ସ୍ଥାନ ସୁରକ୍ଷିତ ନଥିବା ଆଶା କରି ଉଭୟ ଖେଳାଳି ଏହି ନିଷ୍ପତ୍ତି ନେଇ ଥାଇ ପାରନ୍ତି ବୋଲି ଆଶା କରାଯାଉଛି । ସୌରଭ ଓଡ଼ିଶା ପକ୍ଷରୁ ପ୍ରଥମଶ୍ରେଣୀ, ଲିଷ୍ଟ–ଏ, ଓ ଟି୨୦ ମ୍ୟାଚ୍‌ରେ ସିନିୟର ଦଳରେ ସାମିଲ ହୋଇ ପାରିଥିବା ବେଳେ ଦେବେନ୍ଦ୍ର ମାତ୍ର ଗୋଟିଏ ଟି୨୦ ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିଲେ । ଦେବେନ୍ଦ୍ର ଗତ ସି.କେ. ନାଇଡୁ ଟ୍ରଫିରେ ଓଡ଼ିଶା ଦଳର ଅଧିନାୟକ ଭାର ସମ୍ଭାଳିଥିଲେ । ଏପରିକି ଗତ ସିଜନରେ ମଧ ତାଙ୍କର ପ୍ରଦର୍ଶନ ଭଲ ରହିଥିଲା । ଉତ୍ତରପ୍ରଦେଶ ଓ ମଧପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ଦୁଇଟି ଅର୍ଦ୍ଧଶତକ ଇନିଂସ୍ ଦେବେନ୍ଦ୍ର ଖେଳିଥିଲେ । ୨୦୧୭ରେ ସେ ସିନିୟର ଦଳରେ ସାମିଲ ହୋଇ ୨ଟି ଟି୨୦ ମ୍ୟାଚ୍ ଖେଳିଥିବା ବେଳେ ଗୋଟିଏ ମ୍ୟାଚରେ ବ୍ୟାଟିଂ କରିବାର ସୁଯୋଗ ପାଇ ମାତ୍ର ୧୩ରନ୍ କରିଥିଲେ । କଲିକତାଠାରେ ଆସାମ ବିପକ୍ଷ ମ୍ୟାଚରେ ସେ ଏହି ରନ କରିଥିଲେ । ଅନ୍ୟପକ୍ଷରେ ୨୩ବର୍ଷରୁ କମ୍ ଓ ରଣ୍‌ଜୀ ଦଳରେ ଉଇକେଟ କିପର ଓ ବ୍ୟାଟ୍ସମ୍ୟାନ ଭାବେ ଖେଳିଥିବା ସୌରଭ ରାୱତ ମଧ ଓଡ଼ିଶା ଛାଡ଼ି ଉତ୍ତରାଖଣ୍ଡ ପଳାଇଛନ୍ତି । ସୌରଭ ମୋଟ ୧୧ଟି ପ୍ରଥମ ଶ୍ରେଣୀ ମ୍ୟାଚ୍‌ରୁ ୨ଟି ଅର୍ଦ୍ଧଶତକ ବଳରେ ୩୩୫ରନ କରିଛନ୍ତି । ୨୦୧୬ରେ ସୌରାଷ୍ଟ୍ର ବିପକ୍ଷରେ ସେ ପ୍ରଥମ ଶ୍ରେଣୀ କ୍ରିକେଟରେ ପଦାର୍ପଣ କରିଥିଲେ । ଉକ୍ତ ବର୍ଷ କର୍ଣ୍ଣାଟକ ବିପକ୍ଷ ମ୍ୟାଚରେ ସେ କ୍ୟାରିୟରର ସର୍ବାଧିକ ସ୍କୋର ୮୫ରନ୍ କରିଥିଲେ । ଏହାଛଡ଼ା ସୌରଭ ଗୋଟିଏ ଲିଷ୍ଟ–ଏ ଓ ଗୋଟିଏ ଟି୨୦ ମ୍ୟାଚ୍ ମଧ ଓଡ଼ିଶା ପକ୍ଷରୁ ଖେଳିଛନ୍ତି । ଗତ ରଣ୍‌ଜୀ ସିଜନରେ ମଧ ସୌରଭ କେତୋଟି ମ୍ୟାଚ୍ ନିମନ୍ତେ ରାଜ୍ୟ ଦଳରେ ରହିଥିଲେ । ଏହି ୨ ସିନିୟର ବର୍ଗର ଖେଳାଳିଙ୍କ ରାଜ୍ୟ ଛାଡ଼ିବା ପଛରେ ମୁଖ୍ୟ କାରଣ ଭାବେ ସିନିୟର ଦଳରେ ସୁଯୋଗର ଅଭାବ ବୋଲି କୁହାଯାଉଛି । ଅନ୍ୟପକ୍ଷରେ ୧୯ବର୍ଷରୁ କମ୍ ବର୍ଗରେ ରାଜ୍ୟ ପକ୍ଷରୁ ଖେଳିଥିବା ଅଜିତ ଯାଦବ ଓ ପ୍ରିୟତମ ସିଂ ମଧ ନିଜ ରାଜ୍ୟ ବିହାରକୁ ଯାଇଛନ୍ତି ବୋଲି ଓସିଏ ପକ୍ଷରୁ ସୂଚନା ଦିଆଯାଇଛି ।

# ଜାତୀୟ ଶିବିରରେ ଓଡ଼ିଶାର ୬


ଦୀପା | ଇଭା | ଜବାମଣୀ | ସୋନି | ଶାନ୍ତି | ମନିଷା | ବନ୍ୟା

**କଟକ ଅଫିସ, ୩।୯:** ୧୮ବର୍ଷରୁ କମ୍ ମହିଳା ସାଫ୍ ଫୁଟବଲ ଚାମ୍ପିୟନଶିପ ନିମନ୍ତେ ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ୍(ଏଆଇଏଫ୍‌ଏଫ୍) ପକ୍ଷରୁ ପଞ୍ଜାବ ପଟିଆଲାର ସାଇ ପ୍ରଶିକ୍ଷଣ କେନ୍ଦ୍ରରେ ଜାତୀୟ ଦଳର ଚୟନ ଶିବିର ଅନୁଷ୍ଠିତ ହେବ । ଉକ୍ତ ଶିବିର ନିମନ୍ତେ ରାଜ୍ୟର ୬ଜଣ ଖେଳାଳି ଚୟନ ହୋଇଛନ୍ତି । ଏମାନେ ହେଲେ କଟକ ସାଇ ହଷ୍ଟେଲର ଇଭା ପାନ୍ନା, ସୋନି ବେହେରା, ଦୀପା ନାୟକ, ଭୁବନେଶ୍ୱର ସ୍ପୋର୍ଟସ ହଷ୍ଟେଲର ଜବାମଣୀ ଟୁଡୁ, ଶାନ୍ତି ମୁର୍ମୁ, ମନୀଷା ନାୟକ । ଭୁବନେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲର ଖେଳାଳି ବନ୍ୟା କବିରାଜ ଷ୍ଟାଣ୍ଡବାଏ ଖେଳାଳି ଭାବେ ରହିଛନ୍ତି ।

# ରାଇଜିଂ ଷ୍ଟାର, ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ

**କଟକ ଅଫିସ, ୩।୯:** ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗ୍‌ରେ ସୋମବାର ଦୁଇଟି ମ୍ୟାଚ୍ ଖେଳାଯାଇଥିଲା । ଏଥିରେ ରାଇଜିଂ ଷ୍ଟାର ଓ ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ ହୋଇଛନ୍ତି । ରାଇଜିଂ ଷ୍ଟାର ୪–୨ ଗୋଲରେ ରୋଭର୍ସ କ୍ଲବକୁ ପରାସ୍ତ କରିଥିଲା । ରୋଭର୍ସ ପକ୍ଷରୁ ବିଜୁ ଓରାମ ୭ମ ମିନିଟରେ ପ୍ରଥମ ଗୋଲ ଦେବା ପରେ ରାଇଜିଂ ପକ୍ଷରୁ ଏହାର ଏକ ମିନିଟ ପରେ ରଜକ ନାଗ ଏକ ଗୋଲ ଦେଇ ମ୍ୟାଚ୍‌କୁ ରୋମାଞ୍ଚକର କରିଥିଲେ । ପ୍ରଥମାର୍ଦ୍ଧରେ ରଜକଙ୍କ ଗୋଲକୁ ମିଶାଇ ରାଇଜିଂ ପକ୍ଷରୁ ୪ଟି ଗୋଲ ହୋଇଥିଲା । ସଞ୍ଜିତ ଖୋରା ୧୩ତମ ଓ ୩୯ତମ ମିନିଟରେ ୨ଟି ଓ ଚନ୍ଦ୍ର ମୁଦୁଲି ୩୨ତମ ମିନିଟରେ ଗୋଟିଏ ଗୋଲ ସ୍କୋର କରିଥିଲେ । ପ୍ରଥମାର୍ଦ୍ଧର ଖେଳ ୪–୧ରେ ଶେଷ ହୋଇଥିଲା । ଦ୍ୱିତୀୟାର୍ଦ୍ଧର ୬୯ତମ ମିନିଟରେ ରୋଭର୍ସ ପକ୍ଷରୁ ଦାଶରଥୀ କହଁର ଏକ ଗୋଲ ଦେଇଥିଲେ । ଅନ୍ୟଏକ ମ୍ୟାଚ୍‌ରେ ରାଧାରମଣ କ୍ଲବକୁ ୩–୧ ଗୋଲରେ ରାଇଜିଂ ଷ୍ଟୁଡେଣ୍ଟ ହରାଇଛି । ମ୍ୟାଚ୍‌ର ୨ୟ ମିନିଟରେ ରାଇଜିଂ ଷ୍ଟୁଡେଣ୍ଟର ଚନ୍ଦ୍ରଶେଖର ବେହେରା ଗୋଲ ଦେଇ ଦଳର ଖାତା ଖୋଲିଥିଲେ । ପରେ ୩୪ତମ ମିନିଟରେ ଏସ୍‌ଏସ ଆଲାମଙ୍କ ଏକ ଗୋଲ ବଳରେ ରାଇଜିଂ ଦଳ ପ୍ରଥମାର୍ଦ୍ଧକୁ ୨–୦ରେ ଅଗ୍ରଣୀ ରଖିଥିଲା । ଦ୍ୱିତୀୟାର୍ଦ୍ଧର ୪୨ତମ ମିନିଟରେ ରାଧାରମଣ ପକ୍ଷରୁ ପ୍ରସନ୍ନଜିତ ସିଂ ଏକ ଗୋଲ ଦେଇଥିଲେ । ପରେ ପୁର୍ନବାର ରାଇଜିଂ ପକ୍ଷରୁ ଏକ ଗୋଲ ହୋଇଥିଲା । ୭୨ତମ ମିନିଟରେ ଲାଖାଇ ମୁର୍ମୁ ଏହି ଗୋଲ ଦେଇଥିଲେ ।

## ସଂକ୍ଷେପରେ

### ଧୋନୀଙ୍କୁ ପଛରେ ପକାଇଲେ କୋହଲି

**ସାଉଥମ୍ପଟନ,୩।୯:** ଭାରତୀୟ ଟେଷ୍ଟ ଦଳର ଅଧିନାୟକ ଭାବେ ସର୍ବାଧିକ ରନ୍ କରିବା କ୍ଷେତ୍ରରେ ଅଧିନାୟକ ବିରାଟ କୋହଲି ପୂର୍ବତନ ତଥା ସଫଳତମ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କୁ ପଛରେ ପକାଇ ଦେଇଛନ୍ତି। ରୋଜ ବାଉଲଠାରେ ଅନୁଷ୍ଠିତ ଟେଷ୍ଟରେ ମୋଟ ୧୦୪ ରନ୍ କରି କୋହଲି ଭାରତୀୟ ଅଧିନାୟକ ଭାବେ ଟେଷ୍ଟରେ ସର୍ବାଧିକ ରନ୍ ସ୍କୋରର ହୋଇଯାଇଛନ୍ତି। ୬୦ ଟେଷ୍ଟରେ ଧୋନୀ ନେତୃତ୍ୱ ନେଇ ୩୪୫୪ ରନ୍ କରିଥିଲେ। ଏଥିରେ ୫ ଶତକ ଓ ୨୪ ଅର୍ଦ୍ଧଶତକ ରହିଛି। ଏହି ତାଲିକାରେ ଧୋନୀଙ୍କ ପଛକୁ ସୁନୀଲ ଗାଭାସ୍କର (୨୪୮୩), ରାହୁଲ ଦ୍ରାବିଡ (୧୯୫୦), ଗୁଣ୍ଡାପା ବିଶ୍ୱନାଥ (୧୮୮୦) ଓ ଦିଲୀପ ଭେଙ୍ଗସରକାର (୧୫୮୯)ଙ୍କ ଭଳି ବ୍ୟାଟ୍ସମ୍ୟାନ ରହିଛନ୍ତି। ଉଲ୍ଲେଖଥାଉ କି, କୋହଲି ପ୍ରଥମ ଭାରତୀୟ ଅଧିନାୟକ ଭବେ ନିଜ ନେତୃତ୍ୱରେ ୪,୦୦୦ ରନ୍ ମଧ ପୂରଣ କରିଛନ୍ତି।

### ଦିଲ୍ଲୀ ରଣଜୀ ଦଳର ପରାମର୍ଶଦାତା ଲାନ୍ସ କ୍ଲୁଜନର

**ନୂଆଦିଲ୍ଲୀ,୩।୯(ପି.ଟି.):** ପୂର୍ବତନ ଦକ୍ଷିଣ ଆଫ୍ରିକୀୟ ଅଲରାଉଣ୍ଡର ଲାନ୍ସ କ୍ଲୁଜନରଙ୍କୁ ଦିଲ୍ଲୀ ରଣଜୀ ଦଳର ପରାମର୍ଶଦାତା ଭାବେ ନିଯୁକ୍ତ କରାଯାଇଛି। ପୂର୍ବତନ ଅଧିନାୟକ ମିଥୁନ ମାନହଂସ ଦଳର ମୁଖ୍ୟ କୋଚ୍ ଦାୟିତ୍ୱ ତୁଲାଇବେ। ପ୍ରଥମ ଥର ଲାଗି କ୍ଲୁଜନରଙ୍କ ଭଳି ହାଇପ୍ରୋଫାଇଲ ବ୍ୟକ୍ତିଙ୍କ ନିଯୁକ୍ତି ଦିଆଯାଇଛି। ''ଆସନ୍ତା ୧୯ ତାରିଖଠାରୁ ଆରମ୍ଭ ହେବାକୁ ଥିବା ଘରୋଇ ଦିନିକିଆ କ୍ରିକେଟ ଓ ଟି୨୦ ଟୁର୍ନାମେଣ୍ଟ ଲାଗି କ୍ଲୁଜନର ପରାମର୍ଶଦାତା କାର୍ଯ୍ୟ କରିବେ। ସେ ମୁଖ୍ୟ କୋଚ୍ ମିଥୁନ ଓ ଅନ୍ୟ କୋଚ୍‌ଙ୍କ ସହ କାର୍ଯ୍ୟ କରିବେ'' ବୋଲି ଡିଡିସିଏ ସଭାପତି ରଜତ ଶର୍ମା କହିଛନ୍ତି। ୪୬ ବର୍ଷୀୟ ପୂର୍ବତନ ଅଲରାଉଣ୍ଡର ୪୯ ଟେଷ୍ଟ ଖେଳିଛନ୍ତି। ଏଥିରୁ ସେ ୧୯୦୬ ରନ୍ କରିବା ସହ ୮୦ ଉଇକେଟ ନେଇଥିଲେ।

ଭାରତର ବ୍ୟାଟିଂ ଲାଇନ୍‌ଅପ୍ ଇଂଲଣ୍ଡ ଅପେକ୍ଷା ଅଷ୍ଟ୍ରେଲିଆରେ ଭଲ ପ୍ରଦର୍ଶନ କରିଥିଲା।
**-ଶେନ୍ ୱାଟସନ, ପୂର୍ବତନ ଅଷ୍ଟ୍ରେଲୀୟ ଅଲରାଉଣ୍ଡର**



ଭାରତ-ଇଂଲଣ୍ଡ ସିରିଜକୁ ଲକ୍ଷ୍ୟ କଲେ ଏବେ ମଧ ଟେଷ୍ଟ ଖେଳ ଚମକ ରହିଛି ବୋଲି ପ୍ରମାଣ କରୁଛି।
**-ଜୋ ରୁଟ୍, ଇଂଲଣ୍ଡ କ୍ରିକେଟ ଅଧିନାୟକ**



# କୁକ୍‌ଙ୍କ ସନ୍ନ୍ୟାସ



ଇନିଂସ କୁକ୍‌ଙ୍କ କ୍ୟାରିୟର ସର୍ବାଧିକ ବ୍ୟକ୍ତିଗତ ସ୍କୋର। ଚଳିତ ଭାରତ ବିପକ୍ଷ ଟେଷ୍ଟ ସିରିଜରେ ନୈରାଶ୍ୟଜନକ ପ୍ରଦର୍ଶନ କରି ସେ ୭ଟି ଇନିଂସରୁ ମାତ୍ର ୧୦୯ ରନ କରିଛନ୍ତି। ଏଥିଯୋଗୁ ତାଙ୍କୁ ଚାରିଆଡୁ ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା ଏବଂ କ୍ୟାରିୟର ସଙ୍କଟ ମଧ୍ୟକୁ ଚାଲିଯାଇଥିଲା। 'ଗତ କିଛିମାସ ହେବ କ୍ୟାରିୟରକୁ ନେଇ ବହୁଚିନ୍ତା କରିବା ପରେ ଶେଷରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବାକୁ ନିଷ୍ପତ୍ତି ନେଇଛି। ଭାରତ ବିପକ୍ଷ ଟେଷ୍ଟ ସିରିଜ ମୋର ଅନ୍ତିମ ସିରିଜ ହେବ' ବୋଲି କୁକ୍ ସୋମବାର ପ୍ରକାଶ କରିଛନ୍ତି। 'ଏହା ମୋ ପାଇଁ ଏକ ଦୁଃଖଦ ଦିନ। ମୁଁ ସବୁକିଛି ଦେଇ ସାରିଛି ଏବଂ ଟ୍ୟାଙ୍କ୍‌ରେ ଦେବାକୁ ଆଉ କିଛି ନାହିଁ। ଯାହା ମୁଁ ଭାବି ନ ଥିଲି ତାହାଠାରୁ ଢ଼େର ଅଧିକ ହାସଲ କରିପାରିଛି। ବହୁତ ଦିନ ଧରି ଜାତୀୟ ଦଳ ପକ୍ଷରୁ ଖେଳିବା ସହ କିଛି ମହାନ ଖେଳାଳିଙ୍କ ସହ ଏକାଠି ଖେଳିବାର ସୌଭାଗ୍ୟ ପାଇଛି' ବୋଲି କୁକ୍ ଏହି ଅବସରରେ ପ୍ରକାଶ କରିଛନ୍ତି। ୨୦୦୬ରେ ବିଦର୍ଭରେ ଭାରତ ବିପକ୍ଷରେ ଖେଳି କ୍ୟାରିୟର ଆରମ୍ଭ କରିଥିବା କୁକ୍ ୨୦୧୨ରେ ଭାରତ ମାଟିରେ ଘରୋଇ ଦଳକୁ ୨-୧ରେ ହରାଇଥିଲେ। ଏହା ତାଙ୍କ କ୍ୟାରିୟର ଶ୍ରେଷ୍ଠ ସିରିଜ ବିଜୟ ଥିଲା। ୨୦୧୨ରେ ସିରିଜରେ ସେ ମୋଟେରାରେ ୧୭୬, ମୁମ୍ବାଇରେ ୧୨୨ ଓ ଇଡେନ ଗାର୍ଡେନ୍ସରେ ୧୯୦ ରନର ଇନିଂସ ଖେଳି ଘରୋଇ ଦଳକୁ ଅଡୁଆରେ ପକାଇଥିଲେ।

**ଲଣ୍ଡନ, ୩।୯ (ପି.ଟି.):** ଇଂଲଣ୍ଡର ସର୍ବକାଳୀନ ସର୍ବାଧିକ ଟେଷ୍ଟ ରନ ସଂଗ୍ରହକାରୀ ବ୍ୟାଟ୍ସମ୍ୟାନ ତଥା ପ୍ରାକ୍ତନ ଇଂଲଣ୍ଡ ଅଧିନାୟକ ଆଲିଷ୍ଟର କୁକ୍ ସୋମବାର ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ସେପ୍ଟେମ୍ବର ୭ରୁ ଭାରତ ବିପକ୍ଷରେ ଖେଳାଯିବାକୁ ଥିବା ଟେଷ୍ଟ ସିରିଜର ୫ମ ମ୍ୟାଚ୍ କୁକ୍‌ଙ୍କ କ୍ୟାରିୟର ଅନ୍ତିମ ମ୍ୟାଚ୍ ହେବ। ବର୍ତ୍ତମାନ ସୁଦ୍ଧା ୧୬୦ଟି ଟେଷ୍ଟ ମ୍ୟାଚ୍ ଖେଳିସାରିଥିବା ବାମହାତୀ ବ୍ୟାଟ୍ସମ୍ୟାନ କୁକ୍ ୪୪.୮୮ ଆଭରେଜରେ ୧୨,୨୫୪ ରନ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ୩୨ଟି ଶତକ ଓ ୫୬ଟି ଅର୍ଦ୍ଧଶତକ ସାମିଲ ରହିଛି। ୨୦୧୧ରେ ବିର୍ମିଂହାମରେ ଭାରତ ବିପକ୍ଷରେ ଖେଳିଥିବା ୨୯୪ ରନର ମାରାଥନ

| ଅନ୍ତର୍ଜାତୀୟ କ୍ୟାରିୟର | | | | | | |
|---|---|---|---|---|---|---|
| | ମ୍ୟାଚ୍ | ରନ | ସର୍ବାଧିକ | ଆଭରେଜ | ଶତକ | ଅର୍ଦ୍ଧଶତକ |
| ଟେଷ୍ଟ | ୧୬୦ | ୧୨,୨୫୪ | ୨୯୪ | ୪୪.୮୮ | ୩୨ | ୫୬ |
| ଦିନିକିଆ | ୯୨ | ୩୨୦୪ | ୧୩୭ | ୩୬.୪୧ | ୫ | ୧୯ |
| ଟି୨୦ | ୪ | ୬୧ | ୨୬ | ୧୫.୨୫ | ୦ | ୦ |

### ସଂଖ୍ୟାରେ କୁକ୍

- ୧୬୦- ୨୦୦୬ରେ ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିବା କୁକ୍ ବର୍ତ୍ତମାନ ସୁଦ୍ଧା ୧୬୦ଟି ମ୍ୟାଚ୍ ଖେଳିସାରିଛନ୍ତି।
- ୧୨,୨୫୪- କୁକ୍ ଟେଷ୍ଟ କ୍ରିକେଟରେ ୧୨,୨୫୪ ରନ ସଂଗ୍ରହ କରିଛନ୍ତି। ସର୍ବାଧିକ ରନ ସଂଗ୍ରହକାରୀ ଇଂଲଣ୍ଡ ବ୍ୟାଟ୍ସମ୍ୟାନ ତାଲିକାରେ ସେ ଗ୍ରାହମ ଗୁଚ୍ (୮୯୦୦)ଙ୍କଠାରୁ ୩ ହଜାରରୁ ଊର୍ଦ୍ଧ୍ୱ ରନ ଆଗରେ ରହିଛନ୍ତି। ବିଶ୍ୱ ତାଲିକାରେ କୁକ୍ ୬ଷ୍ଠ ସ୍ଥାନରେ ରହିଛନ୍ତି।
- ୨୬,୦୮୬- ଟେଷ୍ଟ କ୍ରିକେଟରେ କୁକ୍ ୨୬,୦୮୬ ବଲ୍ କିମ୍ବା ୪,୩୪୭ ଓଭର ସାମ୍ନା କରିଛନ୍ତି।
- ୨୯୪- ୨୦୧୧ରେ ଭାରତ ବିପକ୍ଷରେ ଏଜବାଷ୍ଟନରେ ୨୯୪ ରନ ସଂଗ୍ରହ କରିଥିଲେ, ଯାହା ତାଙ୍କର ସର୍ବାଧିକ ବ୍ୟକ୍ତିଗତ ସ୍କୋର।
- ୩୨- ଟେଷ୍ଟ କ୍ରିକେଟରେ ମୋଟ୍ ୩୨ଟି ଶତକ ହାସଲ କରିଛନ୍ତି। ଟେଷ୍ଟ କ୍ରିକେଟରେ ସର୍ବାଧିକ ଶତକ ଅର୍ଜନକାରୀ ବ୍ୟାଟ୍ସମ୍ୟାନ ତାଲିକାରେ କୁକ୍ ମହାନ ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନ ଷ୍ଟିଭ ସ୍ମିଥ୍‌ଙ୍କ ସହ ଯୁଗ୍ମଭାବେ ୧୦ମ ସ୍ଥାନରେ ରହିଛନ୍ତି। କୁକ୍‌ଙ୍କ ପଛକୁ କେଭିନ ପିଟରସନ (୨୩) ଇଂଲଣ୍ଡ ପାଇଁ ସର୍ବାଧିକ ଟେଷ୍ଟ ଶତକ ହାସଲ କରିଛନ୍ତି।
- ୧୭୩- ଟେଷ୍ଟ କ୍ରିକେଟରେ କୁକ୍ ୧୭୩ଟି କ୍ୟାଚ୍ ନେଇଛନ୍ତି। ଏଥିରୁ ସର୍ବାଧିକ କ୍ୟାଚ୍ ସେ ପ୍ରଥମ ସ୍ଲିପ୍‌ରେ ଧରିଛନ୍ତି।
- ୧- କୁକ୍ ଟେଷ୍ଟ କ୍ୟାରିୟରେ ଗୋଟିଏ ମାତ୍ର ଉଇକେଟ୍ ଅକ୍ତିଆର କରିଛନ୍ତି। କୁକ୍‌ଙ୍କ ଏକମାତ୍ର ଶିକାର ହୋଇଥିବା ବ୍ୟାଟ୍ସମ୍ୟାନ ଜଣକ ହେଲେ ଇଶାନ୍ତ ଶର୍ମା। ୨୦୧୪ ସିରିଜରେ ଟ୍ରେଣ୍ଟବ୍ରିଜରେ ମ୍ୟାଟ ପ୍ରାୟରଙ୍କ ହାତରେ ଇଶାନ୍ତଙ୍କୁ ଆଉଟ୍ କରି କୁକ୍ ଏହି ଉଇକେଟ୍ ନେଇଥିଲେ।

### ୟୁଏସ୍ ଓପନ: କ୍ୱାର୍ଟରରେ ସେରେନା, ନାଡାଲ



**ନ୍ୟୁୟର୍କ,୩।୯(ଏଏଫ୍‌ପି)**

ମହିଳା ସିଙ୍ଗଲ୍ସ ବର୍ଗର ଛ' ଥର ଚାମ୍ପିୟନ ସେରେନା ୱିଲିୟମ୍ସ ଚଳିତ ୟୁଏସ୍ ଓପନ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେରେନା ୬-୦, ୪-୬, ୬-୩ ସେଟ୍‌ରେ ଅଣ ସିଡ୍ କାଇଆ କାନେପିଙ୍କୁ ପରାସ୍ତ କରିଛନ୍ତି। ୨୩ ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ସେରେନା କ୍ୱାର୍ଟର ଫାଇନାଲରେ କାରୋଲିନା ପ୍ଲିସ୍କୋଭାଙ୍କୁ ଭେଟିବେ। ଅନ୍ୟ ଏକ ମ୍ୟାଚ୍‌ରେ ୮ମ ସିଡ୍ ପ୍ଲିସ୍କୋଭା ୬-୪, ୬-୪ ସେଟ୍‌ରେ ଆଶଲେଘ ବାର୍ଟିଙ୍କୁ ପରାସ୍ତ କରିଛନ୍ତି। ଅପରପକ୍ଷରେ ପୁରୁଷ ସିଙ୍ଗଲ୍ସରେ ସ୍ପାନିଶ ଟେନିସ ତାରକା ରାଫାଲ ନାଡାଲ ଓ ୯ମ ସିଡ୍ ଡୋମିନିକ୍ ଥିଏମ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ରାଉଣ୍ଡ-୧୬'ର ଏକ ମୁକାବିଲାରେ ବିଶ୍ୱ ମାନ୍ୟତାର ଶୀର୍ଷ ସ୍ଥାନରେ ଥିବା ନାଡାଲ ୬-୩, ୬-୩, ୬-୭, ୬-୪ ସେଟ୍‌ରେ ୨୬ ବର୍ଷୀୟ ଜର୍ଜିଆର ନିକୋଲୋଜ ବସିଲାସଭିଲିଙ୍କୁ ପରାସ୍ତ କରିଥିଲେ। ସେହିଭଳି ଅନ୍ୟ ଏକ ପ୍ରି-କ୍ୱାର୍ଟର ମୁକାବିଲାରେ ଅଷ୍ଟ୍ରେଲିଆ ଯୁବ ତାରକା ଡୋମିନିକ୍ ଥିଏମ୍ ୭-୫, ୬-୨, ୭-୬ (୭/୨) ସେଟ୍‌ରେ ଗତବର୍ଷର ରନର୍ସଅପ୍ କେଭିନ ଆଣ୍ଡରସନଙ୍କୁ ହରାଇଛନ୍ତି।

DSPL-146

# ଶିଶୁର ପରିପୂରକ ଖାଦ୍ୟାଭ୍ୟାସ

## ଏକ ସଚେତନତା ଅଭିଯାନ



ରାଜ୍ୟର କନିଷ୍ଠତମ ନାଗରିକ ମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ ଏବଂ ବିକାଶ ନିମନ୍ତେ ଏକ ଉଦ୍ୟମ

୬ ମାସରୁ ୨୪ ମାସ ମଧ୍ୟର ଶିଶୁ ମାନଙ୍କ ପାଇଁ ପରିପୂରକ ଖାଦ୍ୟାଭ୍ୟାସର ଗୁରୁତ୍ୱ ବୃଦ୍ଧି ପାଇଁ ଏକ ପ୍ରଚେଷ୍ଟା

ପିତାମାତା ଏବଂ ଶିଶୁର ଦେଖା ଚାହାଁ କରୁଥିବା ଲୋକମାନେ ଏକଥା ଜାଣି ରଖିବା ଦରକାର ଯେ ଶିଶୁଟିକୁ ୬ ମାସ ହେବା ପରେ ସ୍ତନ୍ୟପାନ ସହ ନିମ୍ନଲିଖିତ ବିଷୟକୁ ସୁନିଶ୍ଚିତ କରାଯିବା ଦରକାର



- ଘରେ ରନ୍ଧା ହୋଇଥିବା ସ୍ୱାସ୍ଥ୍ୟକାର ଖାଦ୍ୟକୁ ଉପଯୁକ୍ତ ପରିମାଣରେ ଦେବା ଆବଶ୍ୟକ
- ଶିଶୁକୁ ଯେଉଁସବୁ ଖାଦ୍ୟରୁ ଉପଯୁକ୍ତ ପରିମାଣର ଆବଶ୍ୟକୀୟ ପୋଷକ ମିଳିପାରିବ ତାହା ଖାଇବାକୁ ଦିଅନ୍ତୁ
- ଖାଦ୍ୟ ପ୍ରସ୍ତୁତି ସମୟରେ କିମ୍ବା ପିଲାକୁ ଖୁଆଉଥିବା ସମୟରେ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖନ୍ତୁ

**ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ, ଓଡିଶା ସରକାର**

33001/13/0007/1819

## ସଂକ୍ଷେପରେ

### ପୂର୍ବତନ ପାକ୍ସ ସମ୍ପାଦକଙ୍କୁ ୨ ବର୍ଷ ଜେଲ

କଟକ ଅଫିସ, ୩।୯

୧ହଜାର ଟଙ୍କା ଲାଞ୍ଚ ପାଇଁ ୨ ବର୍ଷ ସଶ୍ରମ ଜେଲ୍ ଓ ୫ହଜାର ଟଙ୍କା ଜରିମାନା। ଜରିମାନା ଅନାଦାୟ ହେଲେ ଆଉ ୬ ମାସ ସଶ୍ରମ ଜେଲଦଣ୍ଡ। ବଲାଙ୍ଗୀର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତର ବିଚାରପତି ଏଭଳି ରାୟ ଶୁଣାଇଛନ୍ତି। ଅଭିଯୁକ୍ତ ହେଉଛନ୍ତି ବଲାଙ୍ଗୀର ଜିଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ପୂର୍ବତନ କନିଷ୍ଠ ସୁପରଭାଇଜର ସୋମନାଥ ସାହୁ। ଅଭିଯୁକ୍ତ ସାହୁ ବର୍ତ୍ତମାନ ବଲାଙ୍ଗୀର ଜିଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ମୁଖ୍ୟ ଶାଖାରେ ବ୍ୟାଙ୍କିଙ୍ଗ ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ କରୁଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ଅଭିଯୁକ୍ତ ସାହୁ ପୂର୍ବରୁ ଶିବତୁଲା ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ)ର ଭାରପ୍ରାପ୍ତ ସମ୍ପାଦକ ଥିଲେ। ଏହି ସମୟରେ ସେ ତରଭା ଥାନା ଅନ୍ତର୍ଗତ ରମ୍ଭା ସିଡୋଳ ଗ୍ରାମର ଦିଲୀପ ନାୟକଙ୍କଠାରୁ ୧ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଦିଲୀପଙ୍କୁ ଶିବତୁଲା ମଣ୍ଡିରେ ୧୩.୯୬ କୁଇଣ୍ଟାଲ ଧାନ ବିକ୍ରି ବାବଦରେ ୧୩ହଜାର ୯୬୦ ଟଙ୍କାର ଚେକ୍ ଦେବା ପାଇଁ ସାହୁ ଏହି ଲାଞ୍ଚ ଦାବି କରିଥିଲେ। ଆଗତ ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି କରି ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତର ବିଚାରପତି ଅଭିଯୁକ୍ତ ସାହୁଙ୍କୁ ପୃଥକ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି। ପ୍ରଥମ ଦଫାରେ ଅଭିଯୁକ୍ତଙ୍କୁ ୨ ବର୍ଷ ସଶ୍ରମ ଜେଲ୍ ଓ ୫ହଜାର ଟଙ୍କା ଜରିମାନା ଦଣ୍ଡ ଦିଆଯାଇଛି। ସେହିପରି ଅନ୍ୟ ଏକ ଦଫାରେ ଅଭିଯୁକ୍ତଙ୍କୁ ୨ ବର୍ଷ ସଶ୍ରମ ଜେଲ୍ ଓ ୫ହଜାର ଜରିମାନା ଦଣ୍ଡ ଦିଆଯାଇଛି। ତେବେ ସମସ୍ତ ଦଣ୍ଡ ଏକକାଳୀନ ଚାଲିବ ବୋଲି ବିଚାରପତି ଆଦେଶ ଦେଇଛନ୍ତି। ଭିଜିଲାନ୍ସ ପକ୍ଷରୁ ସ୍ୱତନ୍ତ୍ର ପିପି ଉମେଶ ଚନ୍ଦ୍ର ମିଶ୍ର ମାମଲା ପରିଚାଳନା କରୁଥିଲେ।

### ଫେଲ୍ ମାରିଲା ସେଣ୍ଟ୍ରାଲ କିଚେନ୍ ସିଷ୍ଟମ୍

# ଅପରାହ୍ନ ଯାଏ ପହଞ୍ଚିଲା ନାହିଁ ମଧ୍ୟାହ୍ନ ଭୋଜନ

ବଲାଙ୍ଗୀର ଅଫିସ, ୩।୯

ସେଣ୍ଟ୍ରାଲ କିଚେନ୍ ଏଜେନ୍ସି ଜରିଆରେ ବଲାଙ୍ଗୀର ଜିଲାର ପୁଇଁତଳା ବ୍ଲକ ଓ ବଲାଙ୍ଗୀର ପୌରାଞ୍ଚଳର ଶତାଧିକ ସ୍କୁଲ ପାଇଁ ସୋମବାରଠାରୁ ଆରମ୍ଭ ହୋଇଥିବା ମଧ୍ୟାହ୍ନଭୋଜନ ବ୍ୟବସ୍ଥା ପ୍ରଥମ ଦିନରେ ହିଁ ସମସ୍ୟା ସୃଷ୍ଟି କରିଛି। ଶତାଧିକ ସ୍କୁଲରେ ମଧ୍ୟାହ୍ନଭୋଜନ ନ ପହଞ୍ଚିବାରୁ ଛାତ୍ରୀଛାତ୍ରମାନେ ଭୋକରେ ଆଉଟୁ ପାଉଟୁ ହୋଇ ଘରକୁ ଫେରିଛନ୍ତି । ଏପରିକି କେତେକ ଛାତ୍ରୀଛାତ୍ର ଭୋକ ସମ୍ଭାଳି ନ ପାରି ଶ୍ରେଣୀଗୃହରେ କାନ୍ଦିଥିଲେ । କେତେକ ମଧ୍ୟାହ୍ନଭୋଜନକୁ ଅପେକ୍ଷା କରି କରି ଶୋଇ ପଡିଥିବା ସୂଚନା ମିଳିଛି। ସେଣ୍ଟ୍ରାଲ କିଚେନ୍ ଏଜେନ୍ସି ଜରିଆରେ ମଧ୍ୟାହ୍ନଭୋଜନ ଯୋଗାଇବାର ପ୍ରଥମ ଦିନରୁ ଏଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହେବା ଶିକ୍ଷୟିତ୍ରୀ, ଶିକ୍ଷକ ଓ ମଧ୍ୟାହ୍ନଭୋଜନ କମିଟି

**ପ୍ରଥମ ଦିନରୁ ହିଁ ଅବ୍ୟବସ୍ଥା**
- ଉପାସରେ ଘରକୁ ଫେରିଲେ ଛାତ୍ରୀଛାତ୍ର
- ପାଠପଢ଼ା ବାଧାପ୍ରାପ୍ତ, ଚିନ୍ତାରେ ଶିକ୍ଷକ
- କ୍ରିଷ୍ଣକ୍ରିପା ଟ୍ରଷ୍ଟକୁ କାରଣଦର୍ଶାଅ ନୋଟିସ୍





ପୃଥ୍ୱୀରାଜ ହାଇସ୍କୁଲରେ ଛାତ୍ରମାନଙ୍କୁ ବିସ୍କୁଟ ବଣ୍ଟନ କରାଯାଉଛି (ବାମ)। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଛାତ୍ରମାନଙ୍କୁ ବିସ୍କୁଟ ବଣ୍ଟନ କରାଯାଉଛି ।

ସଦସ୍ୟମାନଙ୍କୁ ଚିନ୍ତାରେ ପକାଇଛି । ପୁଇଁତଲା ବ୍ଲକର ବିଲେଇସର୍ଡାଠାରେ ଥିବା କ୍ରିଷ୍ଣକ୍ରିପା ଟ୍ରଷ୍ଟ ସହ ବଲାଙ୍ଗୀର ଜିଲା ପ୍ରଶାସନର ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା । ଏହି ଚୁକ୍ତିନାମା ଅନୁଯାୟୀ ପୁଇଁତଲା ବ୍ଲକର ୧୭୨ ଏବଂ ବଲାଙ୍ଗୀର ପୌରାଞ୍ଚଳ ଅନ୍ତର୍ଗତ ୪୪ ଏପରି ୨୧୬ ସ୍କୁଲର ୧୭ ହଜାର ୮୮୩ ଛାତ୍ରୀଛାତ୍ରଙ୍କ ପାଇଁ ସେଣ୍ଟ୍ରାଲ କିଚେନ୍ ଏଜେନ୍ସି ଜରିଆରେ ଉତ୍ତମ ମାନର ରନ୍ଧା ମଧ୍ୟାହ୍ନଭୋଜନ ଯୋଗାଇବା ପାଇଁ ସ୍ଥିର ହୋଇଥିଲା । ଫଳରେ ବିଲେଇସର୍ଡାଠାରେ ଥିବା କ୍ରିଷ୍ଣକ୍ରିପା ଟ୍ରଷ୍ଟର ସେଣ୍ଟ୍ରାଲ କିଚେନ୍‌କୁ ରବିବାର ବଲାଙ୍ଗୀର ଏମ୍‌ପି କଳିକେଶ ନାରାୟଣ ସିଂହଦେଓ ଉଦ୍‌ଘାଟନ କରିଥିଲେ। ସୋମବାରଠାରୁ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ଆରମ୍ଭ କରାଯିବ ବୋଲି ସ୍ଥିର ହୋଇଥିଲା । ଏଣୁ ସମୁଦାୟ ୨୧୬ସ୍କୁଲକୁ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଚିଠି କରାଯାଇ ସ୍କୁଲଗୁଡ଼ିକରେ ହେଉଥିବା ରନ୍ଧା କାର୍ଯ୍ୟକ୍ରମକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ବିଲେଇସର୍ଡା ସେଣ୍ଟ୍ରାଲ କିଚେନ୍‌ରୁ ସୋମବାର ମଧ୍ୟାହ୍ନଭୋଜନ ଆସିବ ବୋଲି ସ୍କୁଲ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ର ଅପେକ୍ଷା କରିଥିଲେ। ହେଲେ ଶତାଧିକ ସ୍କୁଲରେ ନିର୍ଦ୍ଦିଷ୍ଟ ସମୟରେ ମଧ୍ୟାହ୍ନଭୋଜନ ପହଞ୍ଚି ନ ଥିଲା। ଏପରି ଅନ୍ୟ ସ୍କୁଲଗୁଡ଼ିକରେ ଆଦୌ ରନ୍ଧାଖାଦ୍ୟ ପହଞ୍ଚି ନ ଥିବା ଜଣାପଡିଛି।

ବଲାଙ୍ଗୀର ପୌରାଞ୍ଚଳ ଅନ୍ତର୍ଗତ ସର୍ବପୁରାତନ ପୃଥ୍ୱୀରାଜ ହାଇସ୍କୁଲ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଟାଉନ ହାଇସ୍କୁଲ, ଟାଉନ ବାଳିକା ହାଇସ୍କୁଲ, ପ୍ରାକ୍ଟିସିଂ ସ୍କୁଲ ଓ ସୁଦପଡା ସ୍କୁଲ ସହ ଅନେକ ସ୍କୁଲରେ ଆଦୌ ମଧ୍ୟାହ୍ନଭୋଜନ ପହଞ୍ଚି ନ ଥିଲା । ଫଳରେ ସହସ୍ରାଧିକ ଛାତ୍ରୀଛାତ୍ର ଭୋକ ଉପାସରେ ଆଉଟୁ ପାଉଟୁ ହୋଇଥିଲେ । ପ୍ରାକ୍ଟିସିଂ ସ୍କୁଲ ଓ ସୁଦପଡା ସ୍କୁଲରେ କେତେଜଣ ପିଲା ଭୋକ ଯୋଗୁ କାନ୍ଦି ପକାଇଥିବା ସହ ଶୋଇ ପଡିଥିବା ଦେଖାଯାଇଥିଲା । ସେହିପରି ପୁଇଁତଲା ବ୍ଲକର ରଣ୍ଡା, ମଲମଣ୍ଡା, ନିଲଜୀପାଲି, ଜାମଗାଁ ସ୍କୁଲରେ ମଧ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ପୂର୍ବାହ୍ନ ସାଢ଼େ ୯ଟାରୁ ସ୍କୁଲକୁ ଆସି ମଧ୍ୟାହ୍ନଭୋଜନ ଖାଇବାକୁ ନ ପାଇବାରୁ ବହୁ ସ୍କୁଲରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା । ଅପରାହ୍ନ ୧ଟା୧୫ରୁ ଖାଇବା ଛୁଟି ଆରମ୍ଭ ହେଉଥିବାରୁ ମଧ୍ୟାହ୍ନଭୋଜନକୁ ଅପେକ୍ଷା କରି କରି ଅପରାହ୍ନ ୪ଟା ପର୍ଯ୍ୟନ୍ତ ଆଉ ପାଠପଢା ହୋଇପାରି ନ ଥିଲା । ପୃଥ୍ୱୀରାଜ ହାଇସ୍କୁଲ, ସରକାରୀ ବାଳିକା ହାଇସ୍କୁଲ ଭଳି କିଛି ସ୍କୁଲରେ ଶେଷରେ ଛାତ୍ରୀଛାତ୍ରଙ୍କୁ ବିସ୍କୁଟ ବଣ୍ଟନ କରିଥିବା ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ସେଠୀ ଓ ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ନନ୍ଦ ସୂଚନା ଦେଇଥିଲେ । ଏ ସଂକ୍ରାନ୍ତରେ କ୍ରିଷ୍ଣକ୍ରିପା ଟ୍ରଷ୍ଟର ନିର୍ଦ୍ଦେଶକ ବୀରେନ୍ଦ୍ର ପଣ୍ଡାଙ୍କୁ ପଚରାଯିବାରୁ ଗୋଟିଏ ଗାଡି ଭାସି ଯିବାରୁ ଏଭଳି ପରିସ୍ଥିତି ହୋଇଥିବା ସଫେଇ ଦେଇଛନ୍ତି । ତେବେ ଶତାଧିକ ସ୍କୁଲରେ ମଧ୍ୟାହ୍ନଭୋଜନ ପହଞ୍ଚି ନ ଥିବାରୁ ଟ୍ରଷ୍ଟ ଏ ଦିଗରେ ଆଦୌ ପ୍ରସ୍ତୁତ ନ ହୋଇ କାର୍ଯ୍ୟକ୍ରମ ହାତକୁ ନେଇଥିବା ଅଭିଯୋଗ ହୋଇଛି । ଏ ନେଇ ଜିଲା ଶିକ୍ଷା ଅଧିକାରୀ ସୁବୋଧ ଦାଶଙ୍କୁ ପଚରାଯିବାରୁ ସୋମବାର ଏମ୍‌ଡିଏମ୍ ଅବ୍ୟବସ୍ଥାକୁ ନେଇ ଟ୍ରଷ୍ଟକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ସୂଚନା ଦେଇଛନ୍ତି । ତେବେ ମଙ୍ଗଳବାର ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ସୁଚାରୁରୂପେ ଚାଲିବ କି ନାହିଁ ସେନେଇ ସନ୍ଦେହ ପ୍ରକାଶ ପାଇଛି । ଏ ଦିଗରେ ଶିକ୍ଷା ବିଭାଗ କ'ଣ ନିଷ୍ପତ୍ତି ନେବ ଜଣାପଡିନାହିଁ।

### ଲଗାଣ ବର୍ଷାରେ ଇନ୍ଦିରାଆବାସ ଭାଙ୍ଗିଯିବା ଘଟଣା

# ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ୪ ଶିଶୁ

ନୂଆପଡା ଅଫିସ,୩।୯

ନୂଆପଡା ଜିଲା ଲଖନା ଗାଁର ଇନ୍ଦିରାଆବାସ ନିମ୍ନମାନର କାମ ଯୋଗୁ ଲଗାଣ ବର୍ଷାରେ ଭାଙ୍ଗିଯିବା ଏବଂ ସେଥିରେ ମହିଳାଙ୍କ ମୃତ୍ୟୁହେବା ପରେ ଆନ୍ଦୋଳନ ହେବା ଘଟଣା ସାରା ଜିଲାରେ ଚର୍ଚ୍ଚାର ବିଷୟ ହୋଇଥିଲା। ଏହା ପରେ ପ୍ରଶାସନ ତରଫରୁ ପରିବାରକୁ ସହାୟତା ଦେବା ପାଇଁ ଲିଖିତ ପ୍ରତିଶ୍ରୁତି ଦିଆଯାଇଥିଲା। ଘଟଣାର ୩ ସପ୍ତାହ ବିତିଯାଇଥିଲେ ହେଁ ପରିବାର ପ୍ରତି ପ୍ରଶାସନ ଧ୍ୟାନ ଦେଉ ନ ଥିବାରୁ ପରିବାରର ୪ ଶିଶୁ, ମାନସିକ ବିକାରଗ୍ରସ୍ତ ବାପା ଏବଂ ଅଜା ପଞ୍ଚାୟତ କାର୍ଯ୍ୟାଳୟରେ ଆଶ୍ରୟ ନେଇଛନ୍ତି। ଲିଖିତ ପ୍ରତିଶ୍ରୁତି ମୁତାବକ କୌଣସି ସହାୟତା ମିଳି ନ ଥିବାରୁ ଶିଶୁମାନେ ବାର ଦୁଆର ହେଉଛନ୍ତି । ସୋମବାର ବାଧ୍ୟ ହୋଇ ନୂଆପଡାକୁ ଆସି ଜିଲାପାଳଙ୍କୁ ଭେଟି ଗୁହାରି କରିଛନ୍ତି । ପ୍ରକାଶ ଯେ ଗତ ୨୦୧୪-୧୫ରେ ଲଖନା ଗାଁର ନାଗପଡାର ଉଦ୍ଧବ ରାଉତଙ୍କ ଘରେ ନିଆଁ ଲାଗିଯାଇଥିଲା। ଏହା ପରେ ପ୍ରଶାସନ ତରଫରୁ ତାଙ୍କୁ ଏକ ଘର ଯୋଗାଇ ଦିଆଯାଇଥିଲା। ଏହାକୁ ଜଣେ ଠିକାଦାର କାମ କରି ଅଧାରେ ସବୁତକ ବିଲ ଉଠାଇ ନେଇଥିଲେ। ଗତମାସ ୧୧ ତାରିଖରେ ଲଗାଣ ବର୍ଷାରେ ନିମ୍ନମାନର କାମ ଯୋଗୁ ତାହା ଭାଙ୍ଗିଯାଇଥିଲା । ଠିକ ସମୟରେ ଉଦ୍ଧବ ଏବଂ ତାଙ୍କ ବାପା ପିଲଉ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଥିଲେ । ଘରେ ଶୋଇଥିବା ଲଳିତା ରାଉତଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ୪ଶିଶୁ ଅଳ୍ପକେ ବର୍ତ୍ତି ଯାଇଥିଲେ । ଏହାକୁ ନେଇ ସର୍ବଦଳୀୟ ଭାବେ କୁରୁମପୁରୀ ନିକଟରେ ଜାତୀୟ ରାଜପଥ ୩୫୩କୁ ଅବରୋଧ କରାଯାଇଥିଲା। ପୋଲିସ ପ୍ରଶାସନ ସହ କୋମନା ବିଡିଓ ପହଞ୍ଚି ଆଲୋଚନା କରିଥିଲେ। ପରିବାରକୁ ରେଡକ୍ରସରୁ ୧୦ ହଜାର, ହରିଶ୍ଚନ୍ଦ୍ର ଯୋଜନାରୁ ୨ ହଜାର ଟଙ୍କା ଦେବା ସହ ଘର ବ୍ୟବସ୍ଥା କରିବା, ଅନ୍ନପୂର୍ଣ୍ଣା ଯୋଜନାରେ ଚାଉଳ ଯୋଗାଇ ଦେବା, ଶିଶୁମାନଙ୍କୁ ପାଠ ପଢାଇବା ବ୍ୟବସ୍ଥା କରିବା ସହ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ଦେବାକୁ ପ୍ରଶାସନ ପକ୍ଷରୁ ଲିଖିତ ଭାବେ ପ୍ରତିଶ୍ରୁତି ଦିଆଯାଇଥିଲା। ଏଯାଏ କେବଳ ୧୨ହଜାର ଟଙ୍କା ମିଳିଛି । କୌଣସି ଅଧିକାରୀ ସେମାନଙ୍କୁ ଦେଖିବାକୁ ଆସିନାହାନ୍ତି। ବିପଦସଙ୍କୁଳ ଅବସ୍ଥାରେ ପଞ୍ଚାୟତ ଘରେ ରହୁଛନ୍ତି । ଅନ୍ନପୂର୍ଣ୍ଣା ଯୋଜନାରୁ ଚାଉଳ ଦିଆଯାଉନାହିଁ କି ଘର ଯୋଗାଇବା କୌଣସି ବ୍ୟବସ୍ଥା କରାଯାଉ ନାହିଁ ବୋଲି ଉଦ୍ଧବଙ୍କ ବାପା ପିଲଉ କହିଛନ୍ତି। ଲଳିତାଙ୍କ ବଡ ପୁଅ ମନୋଜ ୬ଷ୍ଠ, ମୀନା ୫ମ, ମଣ୍ଟୁ ୨ୟ ଏବଂ ପୂର୍ଣ୍ଣମୀ ପ୍ରଥମ ଶ୍ରେଣୀରେ ପାଠ ପଢୁଥିବା ବେଳେ ଏବେ ବେସାହାରା ହୋଇ ରହିଛନ୍ତି । ବାପା ଉଦ୍ଧବ ଦାଦନରୁ ଫେରିବା ପରେ ସ୍ତ୍ରୀଙ୍କ ମୃତ୍ୟୁ ଖବର ଶୁଣି ମାନସିକ ସ୍ଥିତି ହରାଇ ବସିଛନ୍ତି । ଶିଶୁମାନେ ବର୍ତ୍ତମାନ ଅସୁରକ୍ଷିତ ଅବସ୍ଥାରେ ପ୍ରମାଦ ଗଣୁଛନ୍ତି । ସୋମବାର ସକାଳେ ୪ଶିଶୁ ଅଜା ପିଲଉଙ୍କ ସହ ନୂଆପଡା ଆସି ଜିଲାପାଳ ଡା. ପୋମା ଟୁଡୁଙ୍କୁ ଭେଟି ପୁଣି ଥରେ ଗୁହାରି କରିଛନ୍ତି । ଜିଲାପାଳ ଟୁଡୁ କୋମନା ବିଡିଓଙ୍କୁ ଫୋନ ଯୋଗେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ଉପରେ ଜିଲା ଶିଶୁ ସୁରକ୍ଷା ବିଭାଗ ଆଗକୁ ଆସି ଶିଶୁମାନଙ୍କ ଥଇଥାନ ଏବଂ ସୁରକ୍ଷା ବ୍ୟବସ୍ଥା ପ୍ରତି ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

- ପଞ୍ଚାୟତ ଘରେ ଆଶ୍ରୟ ନେଇଛନ୍ତି
- ସରକାରୀ ସହାୟତା ପାଇଁ ୪ ଶିଶୁ ବାର ଦୁଆର



### ଆଇନ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳ

# ପୈଠ କରାଯାଉନି ବାର କାଉନ୍‌ସିଲ ଫି

ଦୀପକ କୁମାର ଭଳ
କଟକ ଅଫିସ, ୩।୯-

- ସରକାରୀ ଆଇନ କଲେଜର ଅବହେଳା
- ବାକି ରହିଛି କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା
- ରାଜ୍ୟ ବାହାରକୁ ଯାଇ ହଇରାଣ ହେଉଛନ୍ତି ଛାତ୍ରୀଛାତ୍ର

ଭାରତୀୟ ବାର କାଉନ୍‌ସିଲରେ ସମସ୍ତ ରାଜ୍ୟର ଆଇନ ଛାତ୍ରୀଛାତ୍ରଙ୍କ ନାମ ପଞ୍ଜୀକରଣ ନିତାନ୍ତ ଆବଶ୍ୟକ। ପଞ୍ଜୀକରଣ ହେବା ଦ୍ୱାରା ଛାତ୍ରୀଛାତ୍ରମାନେ ଭାରତର ଯେକୌଣସି କୋର୍ଟରେ ଓକିଲାତି କରିପାରିବେ। ଏହି ପଞ୍ଜୀକରଣ କରିବା ପାଇଁ ପ୍ରତି ଶିକ୍ଷାବର୍ଷରେ ଆଇନ କଲେଜ ତରଫରୁ କାଉନ୍‌ସିଲରେ ଫି' ଜମା କରିବାକୁ ପଡିଥାଏ। ହେଲେ ଓଡ଼ିଶାର ଅଧିକାଂଶ ସରକାରୀ ଆଇନ କଲେଜ ଏହି ଫି ଜମା କରୁନାହାନ୍ତି। ଫଳରେ ରାଜ୍ୟ ବାହାରକୁ ଏବଂ ସୁପ୍ରିମ୍‌କୋର୍ଟରେ ଓକିଲାତି କରିବାକୁ ଯାଉଥିବା ଛାତ୍ରୀଛାତ୍ରମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଓକିଲାତି କରିବା ପାଇଁ ସେମାନଙ୍କୁ ଲାଇସେନ୍ସ ମିଳୁନାହିଁ। ଛାତ୍ରୀଛାତ୍ରମାନେ କଲେଜ କର୍ତ୍ତୃପକ୍ଷଙ୍କ ନିକଟରେ ଏନେଇ ଅଭିଯୋଗ କରୁଥିଲେ ମଧ ଏଥିପ୍ରତି ଧ୍ୟାନ ଦିଆଯାଉନାହିଁ। ସବୁଠୁ ବଡ଼ କଥା ହେଉଛି, ଭାରତୀୟ ବାର କାଉନ୍‌ସିଲ ଫି ବାବଦରେ ଛାତ୍ରୀଛାତ୍ରଙ୍କଠାରୁ ଟଙ୍କା ନେଉଥିଲେ ମଧ ତାହା ଜମା କରାଯାଉନାହିଁ। ଓଡ଼ିଶାର ସରକାରୀ ଆଇନ କଲେଜଗୁଡ଼ିକ ଏହି ଫି ବାବଦକୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ବକେୟା ରଖିଥିବା ଜଣାପଡିଛି।

ବାର କାଉନ୍‌ସିଲର ୨୦୧୧ ନିର୍ଦ୍ଦେଶାନାମା ଅନୁଯାୟୀ ୩ ବର୍ଷିଆ ଏବଂ ୫ ବର୍ଷିଆ ଏଲଏଲବି କୋର୍ସ ପାଇଁ ଦେଢ଼ ଲକ୍ଷ ଟଙ୍କା ଲେଖାଏ ଫି ରହିଥିଲା। ୨୦୧୬ ନୂତନ ନିର୍ଦ୍ଦେଶନାମା ଅନୁସାରେ ୩ ବର୍ଷିଆ ଏବଂ ୫ ବର୍ଷିଆ ଏଲଏଲବି କୋର୍ସ ପାଇଁ ଯଥାକ୍ରମେ ୩ ଲକ୍ଷ ଏବଂ ୫ ଲକ୍ଷ ଟଙ୍କା ଫି ଆକାରରେ ଜମା କରିବାକୁ କୁହାଯାଇଛି। ଉଭୟ ନୂଆ ଏବଂ ପୁରୁଣା କଲେଜ ଏହି ଫି ଜମା କରିବାକୁ ନିର୍ଦ୍ଦେଶ ରହିଛି। ଓଡ଼ିଶାର ଘରୋଇ ଆଇନ କଲେଜଗୁଡିକ ଏହି ଫି ଜମା କରୁଥିବାବେଳେ ଅଧିକାଂଶ ସରକାରୀ କଲେଜ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି। ଭାରତୀୟ ବାର କାଉନ୍‌ସିଲ ୱେବ୍‌ସାଇଟ୍‌ରୁ ମିଳିଥିବା ସୂଚନା ଅନୁଯାୟୀ, ଓଡ଼ିଶାର ଉତ୍କଳ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଫକୀର ମୋହନ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧୀନରେ ୨୧ଟି ସରକାରୀ ଆଇନ କଲେଜ ରହିଛି। ଏହି କଲେଜଗୁଡିକ ମଧ୍ୟରୁ କେଉଁଥିରେ ୩ ବର୍ଷିଆ, କେଉଁଥିରେ ୫ ବର୍ଷିଆ ଏବଂ କେଉଁଥିରେ ଉଭୟ ୩ ଓ ୫ ବର୍ଷିଆ ଏଲଏଲବି କୋର୍ସ ରହିଛି। ୨୦୧୫-୧୬ ଶିକ୍ଷାବର୍ଷ କିମ୍ବା ତା'ପରଠାରୁ ଏହି ଫି କୌଣସି ସରକାରୀ କଲେଜ ଜମା କରିନାହାନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନ ୟୁନିଭର୍ସିଟି ଲ କଲେଜ ଏବଂ ମଧୁସୂଦନ ଲ କଲେଜ ଉଭୟ ୩ ବର୍ଷିଆ ଏବଂ ୫ ବର୍ଷିଆ ଏଲଏଲବି କୋର୍ସ ପାଇଁ ୨୦୧୨-୧୩ରେ ଶେଷ ଥର ଫି ଜମା କରିଥିଲେ। ଏହି ତଥ୍ୟ ଭାରତୀୟ ବାର କାଉନ୍‌ସିଲ ୱେବ୍‌ସାଇଟ୍‌ରେ ପ୍ରକାଶ ପାଇଛି। ୟୁନିଭରସିଟି ଲ' କଲେଜର ଛାତ୍ର ଅବିନାଶ ମହାନ୍ତି କୁହନ୍ତି, ମୁଁ ଓକିଲାତି କରିବା ପାଇଁ ଦିଲ୍ଲୀ ଯାଇଥିଲି। ସେଠାକାର ରାଜ୍ୟ ବାର କାଉନ୍‌ସିଲରେ ଲାଇସେନ୍ସ ପାଇଁ ଆବେଦନ କରିଥିଲି। ହେଲେ ଆମ କଲେଜ ବାର କାଉନ୍‌ସିଲର ଫି ଜମା କରି ନ ଥବାରୁ ମୋର ଆବେଦନକୁ ଖାରଜ କରି ଦିଆଯାଇଥିଲା। ଏନେଇ କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ ସେମାନେ ଆଦୌ ଶୁଣୁନାହାନ୍ତି ବୋଲି ସେ କହିଛନ୍ତି। ୟୁନିଭରସିଟି ଲ' କଲେଜର ଅଧକ୍ଷ ପ୍ରଣବ କୁମାର ରଣାଙ୍କୁ ପଚାରିବାରୁ ସେ କହିଲେ, ଆମେ ଫି ଜମା କରୁଛୁ। ଫି ବାବାଦକୁ ଆଉ କିଛି ଟଙ୍କା ବାକି ରହିଛି, ଯାହାକୁ ଆମେ ଖୁବ୍‌ଶୀଘ୍ର ଜମା କରିଦେବୁ ବୋଲି ସେ କହିଛନ୍ତି।

କଟକ ମଧୁସୂଦନ ଆଇନ କଲେଜ ଅଧକ୍ଷ ଏସ୍. କେ. ନନ୍ଦଙ୍କୁ ପଚାରିବାରୁ ସେ କହିଲେ, ଆମେ ଫି ଜମା କରିଦେଇଛୁ। ହେଲେ ବିଳମ୍ବରେ ଫି ଜମା କରିଥିବାରୁ ତାହା ଉପରେ ଫାଇନ୍ ଲାଗିଛି। ଫାଇନ ଜମା କରି ଦେବା ପରେ ଏହି ସମସ୍ୟାର ସମାଧାନ ହୋଇଯିବ ବୋଲି ସେ କହିଛନ୍ତି।

# ରୋଭର ସହ ଯୋଗାଯୋଗ ଉଦ୍ୟମ

ୱାଶିଂଟନ୍:

ମଙ୍ଗଳ ପରିବେଶ ସମ୍ପର୍କରେ ତଥ୍ୟ ଯୋଗାଉଥିବା ମାର୍ସ ରୋଭର ଅପର୍ଚ୍ୟୁନିଟି ସହ ପୁଣି ଯୋଗାଯୋଗ ସ୍ଥାପନ ପାଇଁ ନାସା ଉଦ୍ୟମ କରୁଛି। ନାସା ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ରୋଭର ଉପରିଭାଗ ଆକାଶ ସମ୍ପୂର୍ଣ୍ଣ ନିର୍ମଳ ହୋଇଯିବା ପରେ ଏହା ସହିତ ପୁଣି ଯୋଗାଯୋଗ ପାଇଁ ଏକ ୪୫ ଦିନିଆ ସକ୍ରିୟ ପ୍ରୟାସ ଅଭିଯାନ ଆରମ୍ଭ ହେବ। ଜୁନ୍ ପ୍ରଥମ ସପ୍ତାହରେ ଏକ ବୃହତ୍ ଧୂଳିଝଡ଼ ଯୋଗୁ ରୋଭର ସୌରଶକ୍ତି ପାଇବାକୁ ଅକ୍ଷମ ହୋଇଥିଲା। ଫଳରେ ଏହା ସହିତ ଯୋଗାଯୋଗ ହୋଇପାରି ନ ଥିଲା। ବର୍ତ୍ତମାନ ଧୂଳିଝଡ଼ର ବ୍ୟାପକତା ହ୍ରାସ ପାଇଛି। ମାର୍ସ ରିକନାଇସାନ୍ସ



ଅର୍ବିଟର ନିମନ୍ତେ କାର୍ଯ୍ୟ କରୁଥିବା ପ୍ରକଳ୍ପ ବୈଜ୍ଞାନିକ ରିଚ୍ ଜୁରେକ୍ କହନ୍ତି, ୨୦୧୮ର ମଙ୍ଗଳ ଧୂଳିଝଡ଼ର ବ୍ୟାପକତା ରେକର୍ଡ ସୃଷ୍ଟିକାରୀ। ବର୍ତ୍ତମାନ ରୋଭରଠାରୁ ୩ ହଜାର କିଲୋମିଟର ପରିମିତ ଅଞ୍ଚଳ ମଧ୍ୟରେ ଧୂଳିଝଡ଼ର କୌଣସି ସୂଚନା ନାହିଁ। ସେଥିପାଇଁ ରୋଭର୍‌ର ପୂର୍ବସ୍ଥିତି ଫେରାଇ ଆଣିବା ପାଇଁ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ଜେଟ୍ ପ୍ରପଲସନ୍ ଲାବୋରେଟରିର ଅପର୍ଚ୍ୟୁନିଟି ପ୍ରୋଜେକ୍ଟ ମ୍ୟାନେଜର ଜନ୍ କୋଲାସ୍ ପ୍ରକାଶ କରିଛନ୍ତି। କିନ୍ତୁ ରୋଭରକୁ ସକ୍ରିୟ କରିବା ପାଇଁ ନାସା ଏହାର ଉଦ୍ୟମକୁ ୪୫ ଦିନ ମଧ୍ୟରେ ସୀମିତ ରଖିଥିବାରୁ ଏହା ସମାଲୋଚକଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏ ସମ୍ପର୍କରେ ନାସାର ସହଯୋଗୀ ପ୍ରଶାସକ ଥୋମାସ୍ ଜୁରବଚନ କହନ୍ତି, ମଙ୍ଗଳଯାନକୁ ସକ୍ରିୟ କରିବା କାର୍ଯ୍ୟ ଜାରି ରହିବ। ଧାର୍ଯ୍ୟ ୪୫ ଦିନ ମଧ୍ୟରେ ରୋଭର ସକ୍ରିୟ ନହେଲେ ପୁନଶ୍ଚ ଉଦ୍ୟମ କରାଯିବ।

### [ଇତିହାସର ଆଇନାରେ]

**ସେପ୍ଟେମ୍ବର ୪ର ପ୍ରମୁଖ ଘଟଣା**

୧୯୭୦ ସେପ୍ଟେମ୍ବର ୪ରେ ଚିଲିର ରାଷ୍ଟ୍ରପତି ଭାବେ ସାଲଭାଡର ଆଲେଣ୍ଡେ ନିର୍ବାଚିତ ହୋଇଥିଲେ। ସେ ଜଣେ ଚିକିତ୍ସକ ଏବଂ ରାଜନେତା ଥିଲେ। ପ୍ରାୟ ୪୦ ବର୍ଷ ଧରି ଚିଲି ରାଜନୀତି ଜଗତରେ ସେ ସକ୍ରିୟ ରହିଥିଲେ। ସୋସିଆଲିଷ୍ଟ ଦଳର ନେତା ହୋଇଥିବା ବେଳେ ସିନେଟର ଏବଂ କ୍ୟାବିନେଟ୍ ମନ୍ତ୍ରୀ ହୋଇଥିଲେ।

୧୯୯୮ ସେପ୍ଟେମ୍ବର ୪ରେ ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟର ଦୁଇ ଜଣ ଛାତ୍ର ଲ୍ୟାରି ପେଜ୍ ଏବଂ ସେର୍ଜିବ୍ରିନ୍ ଗୁଗୁଲ୍‌ର ପ୍ରତିଷ୍ଠା କରିଥିଲେ। ଆମେରିକୀୟ ବହୁରାଷ୍ଟ୍ରୀୟ କମ୍ପାନୀ ଗୁଗଲ୍ ଇଣ୍ଟରନେଟ୍ ସର୍ଚ୍ଚ, କ୍ଲାଉଡ କମ୍ପ୍ୟୁଟିଂ, ଅନଲାଇନ୍ ଆଡଭର୍ଟାଇଜିଂ ଟେକ୍ନୋଲୋଜି ପାଇଁ ଖୁବ୍ ଲୋକପ୍ରିୟ। ଲ୍ୟାରିପେଜ୍ ଆମେରିକାର ପ୍ରତିଷ୍ଠିତ କମ୍ପ୍ୟୁଟର ସାଇଣ୍ଟିଷ୍ଟ ଏବଂ ଇଣ୍ଟରନେଟ୍ ଉଦ୍ୟୋଗୀ।

# ଶିବରାଜଙ୍କ ଗାଡ଼ିକୁ ଟେକାମାଡ଼

**ଭୋପାଳ,୩।୯(ପି.ଟି.)-** ମଧ୍ୟପ୍ରଦେଶ ଚୁରହୁଟଠାରେ ରବିବାର ରାତିରେ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ 'ଜନ ଆଶୀର୍ବାଦ ଯାତ୍ରା'ରେ ବାହାରିଥିବା ବେଳେ ତାଙ୍କ ଗାଡି ଉପରକୁ କଂଗ୍ରେସ କର୍ମୀମାନେ ଟେକାମାଡ କରିଥିଲେ। ସୌଭାଗ୍ୟବଶତଃ ତାଙ୍କର କୌଣସି କ୍ଷତି ହୋଇନାହିଁ। ଏପର୍ଯ୍ୟନ୍ତ ୩ ଆକ୍ରମଣକାରୀ ଗିରଫ ହୋଇଛନ୍ତି। ଏହି ଘଟଣା ପରେ ଶିବରାଜ ନିଜର ପ୍ରତିକ୍ରିୟାରେ କହିଛନ୍ତି ଯେ 'କଂଗ୍ରେସ ମୋ ରକ୍ତର ପିପାସୁ ହୋଇଯାଇଛି। ବିଚାରର ସଂଘର୍ଷ ଚାଲିଥାଏ। ଭିନ୍ନ ଭିନ୍ନ ଦଳ ନିଜର କାର୍ଯ୍ୟକ୍ରମ କରିଥାନ୍ତି, କିନ୍ତୁ କେବେ ଏଭଳି ହୋଇନି। ଏହି ପରିପ୍ରେକ୍ଷୀରେ ସୋନିଆ ଗାନ୍ଧୀ, ରାହୁଲ ଏବଂ କଂଗ୍ରେସ ରାଜ୍ୟ ସଭାପତିଙ୍କୁ ସେ ପଚାରିବାକୁ ଚାହିଁଛନ୍ତି ଯେ ଏସବୁ କାହା ନିର୍ଦ୍ଦେଶରେ ଘଟିଛି। ଆକ୍ରମଣକୁ ହତ୍ୟା ଷଡଯନ୍ତ୍ର ବୋଲି କହିଛନ୍ତି ଗୃହମନ୍ତ୍ରୀ ଭୂପେନ୍ଦ୍ର ସିଂ। ସେ କହିଛନ୍ତି କଂଗ୍ରେସ କର୍ମୀମାନେ ମୁଖ୍ୟମନ୍ତ୍ରୀଙ୍କ ଗାଡିକୁ ଟାର୍ଗେଟ କରି ପଥର ମାଡ଼ କରିଛନ୍ତି। ଏଥିରେ ତାଙ୍କ ଗାଡ଼ିର କାଚ ଭାଙ୍ଗି ତାଙ୍କ ଦେହରେ ମଧ ପଥର ବାଜିଥିଲା। ତେବେ ସୁରକ୍ଷାକର୍ମୀମାନେ ସଜାଗ ଥିବାରୁ ବଡ଼ ଅଘଟଣକୁ ରୋକିହେଲା। କଂଗ୍ରେସ ଗୋଇନ୍ଦା ବିଫଳତାକୁ ଦାୟୀ କରି ଗୃହମନ୍ତ୍ରୀଙ୍କୁ ଇସ୍ତଫା ଦେବାକୁ କହିଛି।








Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

## ସଂକ୍ଷେପରେ

### ତୃତୀୟ ଦିନରେ ପହଞ୍ଚିଲା ପଦ୍ମପୁର ସରକାରୀ ବସ୍ ଧର୍ମଘଟ

ପଦ୍ମପୁର,୩।୯(ଡି.ଏନ୍.ଏ.)- ଓଡ଼ିଶା ରାଜ୍ୟ ପରିବହନ ନିଗମ ପଦ୍ମପୁର ଶାଖା ପକ୍ଷରୁ ଦିଆଯାଇଥିବା ବନ୍ଦ ଡାକରା ସୋମବାର ୩ୟ ଦିନରେ ପହଞ୍ଚିଛି। ହେଲେ ସରକାର କିମ୍ବା ନିଗମ ପକ୍ଷରୁ କିଛି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ଏନେଇ ସଂଘ ସଭାପତି ପ୍ରଶାନ୍ତ ମାଝିଙ୍କ ସଭାପତିତ୍ୱରେ ଏକ ବୈଠକ ବିଭିନ୍ନ ଅନୁଷ୍ଠାନ, ରାଜନୈତିକ ଦଳ କର୍ମକର୍ତ୍ତା, ବରିଷ୍ଠ ନାଗରିକଙ୍କୁ ନେଇ ହୋଇଥିଲା । କର୍ମଚାରୀମାନଙ୍କ ଦାବି ତୁରନ୍ତ ମାନିବା ସହ ଆକ୍ରୋଶମୂଳକ ପଦକ୍ଷେପକୁ ପ୍ରତ୍ୟାହାର ପାଇଁ ଦାବି କରାଯାଇଥିଲା। ସମ୍ପାଦକ ଥବୀର ପଣ୍ଡା ଧନ୍ୟବାଦ ଦେଇଥିଲେ।

### ନୂଆଁଖାଇ ଭେଟ୍‌ଘାଟ୍ ଲାଗି ସଜ୍‌ବାଜ୍ ବଇଠକ

ପଦ୍ମପୁର,୩।୯(ଡି.ଏନ୍.ଏ.)- ଥାନୀୟ ରିକ୍ରେସନ୍ ସେଣ୍ଟରନେ ପଦ୍ମପୁର ସାଁସ୍‌କୁର୍‌ତିକ୍ ଅନୁଷ୍ଠାନ୍ ଏବିସିଡିର ୨୨ ତମ୍ ରାଜ୍‌ବୋଡାସମ୍ୱର ନୂଆଁଖାଇ ଭେଟ୍‌ଘାଟ୍ ଉଛବ୍ ଲାଗି ଗୁଟେ ସଜ୍‌ବାଜ୍ ବଇଠକ୍ ଅନୁଷ୍ଠିତ୍ ହେଇଯାଇଛେ। ଇ ବଇଠକ୍‌ରେ ଅନୀଲ କୁମାର ବେହେରା ସଭାପତିତ୍ୱ କରିଥିଲେ। ଚଲ୍‌ତି ବଛର୍ ଭିନେ ଭିନେ ଦିଗେ ସଫଲ୍‌ତା ଅର୍‌ଜନ୍ କରିଥିବାର ବୋଡାସମ୍ୱର ଅଂଚଲ୍‌ର ଲୋକ୍‌ମାନ୍‌କୁ ସନ୍‌ମାନିତ୍ କରାଯିବାର ସଂଗେ ୫ନେ ସଫଲ୍ ଚାଷୀଙ୍କୁ ବି ସନ୍‌ମାନିତ୍ କରାଯିବା ବଲି ବଇଠକ୍‌ରେ ଥିର୍ ହେଇଥିଲା। ଇଥିରେ ସାମିଲ ହେବାର ଲାଗି ଭିନେ ଭିନେ ସମାଜର ଲୁକ୍‌କୁ ନିଉତା ଦିଆଯିବାର ସଂଗେ ସଂଗୀତ୍ ଆସର, ଥାନୀୟ ଲୋକ୍‌ନାଚ୍ ଆର୍ ରାଏଜ୍ ବାହାରୁ ସାଁସ୍‌କୁର୍‌ତିକ୍ ଦଲ୍‌ମାନ୍‌କୁ ଡକାଯିବାର ପରସ୍‌ତାବ୍ ରହିଛେ। ଅନୁଷ୍ଠାନ୍‌ର ସଦସ୍ୟ ସରୋଜ, ପ୍ରତାପ, ଅଂଶୁମାନ, ରବୀନ୍ଦ୍ର, ଅମିୟ, ଲିଙ୍ଗରାଜ ପର୍‌ମୁଖ୍ ଆଲୋଚନାରେ ଭାଗ୍ ନେଇଥିଲେ। ନାଟିଅକାର ଅଶୋକ ବହିଦାର, ଅଧାପକ କେଶରଞ୍ଜନ ପ୍ରଧାନ, ରମେଶ ଗୁର୍ଲା ପର୍‌ମୁଖ ବଇଠକ୍‌ରେ ଯୋଗ୍‌ଦେଇ ମାର୍‌ଗଦର୍‌ଶନ୍ କରିଥିଲେ। ସଂପାଦକ ରଘୁନାଥ ପୁରୀ ବିବରଣୀ ପାଠ୍ କର୍‌ବାର ସଂଗେ ଧଏନ୍‌ବାଦ୍ ଦେଇଥିଲେ।

### ଜମଲା ଦୁର୍ଗାପୂଜା କମିଟି ଗଠିତ

ପଦ୍ମପୁର, ୩।୯ (ଡି.ଏନ୍.ଏ.)- ପଦ୍ମପୁର ବ୍ଲକ ଅଧୀନ ଜମଲା ଦୁର୍ଗାପୂଜା କମିଟିର ୨୦୧୮ ପାଇଁ ଏକ ନୂତନ କମିଟି ଗଠିତ ହୋଇଯାଇଛି । ଏଥିରେ ସଭାପତି ଭାବେ ତୁଳାରାମ ବେହେରା, ଉପସଭାପତି ଗଣେଶ ରାମ ଅଗ୍ରୱାଲ, ସମ୍ପାଦକ ଗଣେଶ ଭୋଇ, ସହସମ୍ପାଦକ ଲକ୍ଷ୍ମୀକାନ୍ତ ଭୋଇ, କୋଷାଧ୍ୟକ୍ଷ ଶ୍ରୀଧର ପାଣିଗ୍ରାହୀ ପ୍ରମୁଖ ମନୋନୀତ ହୋଇଛନ୍ତି।

### ବରପାଲିରେ ଧାର୍ଯ୍ୟ ହେଲା ନୂଆଁଖାଇ ଲଗନ୍

ବରପାଲି,୩।୯(ଡି.ଏନ୍.ଏ.)- ପଶ୍ଚିମ ଓଡ଼ିଶାର ଗଣପରବ୍ ନୂଆଁଖାଇ ଲାଗି ଲଗନ୍ ଧାର୍ଯ୍ ହେଇଛେ। ଇ ଅବ୍‌ଛର୍‌ଥି ସୋମବାର ଥାନୀୟ ଜଗନ୍ନାଥ ଗୁଡି ପରିସରରେ ସନାତନୀ ବ୍ରାହ୍ମଣ ସମାଜ ବ୍ଲକ୍ ସଭାପତି ରାଜୀବଲୋଚନ ହୋତାଙ୍କର ଅଧକ୍ଷତାନେ ଗୁଟେ ସଭା ଅନୁଷ୍ଠିତ୍ ହେଇଥିଲା। ଇଥିରେ ଆଘର ପରଂପରା ଅନ୍‌ସାରେ ପଣ୍ଡିତମାନେ ସାମିଲ ହେଇ ଆଏବାର ୧୪ ତାରିଖ୍ ଶୁକୁର୍‌ବାର ଭୁଦୋ ଉଜଲ୍‌ପଖ୍ ପଁଚ୍‌ମୀ ସକାଲର ୮ ଘଁଟା ୬ ମିନିଟ୍‌ରୁ ୧୦ ଘଁଟା ୧୯ ମିନିଟ୍ ଭିତ୍‌ରେ ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କରନେ ନବାନ୍ନ ଭୋଗ୍ ଅର୍‌ପନ୍ କରାଯିବାକେ ଧାର୍ଯ୍ ହେଇଛେ।

### ସବୁଜ ପତ୍ରିକା ମହିଳା ମହାସଂଘ ବୈଠକ

ବରପାଲି,୩।୯(ଡି.ଏନ୍.ଏ.)- ବରପାଲି ବ୍ଲକ ଆନୁକୂଲ୍ୟରେ ଓଡ଼ିଶା ସବୁଜ ପତ୍ରିକା ମହିଳା ମହାସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ସଭାନେତ୍ରୀ ଲକ୍ଷ୍ମୀଦେବୀଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ବିଜେପୁର ବିଧାୟିକା ରୀତା ସାହୁ, ଏନ୍‌ଏସି ଅଧକ୍ଷା ମୀନା ସେଠ ଅତିଥି ଭାବେ ଯୋଗଦେଇଥିଲେ। ବରପାଲି ବ୍ଲକର ସମସ୍ତ ସବୁଜ ପତ୍ରିକାଧାରୀ ମହିଳାମାନଙ୍କୁ ବୈଠକରେ ସଚେତନ କରିବା ପୂର୍ବକ ସଂଗଠିତ ହେବାକୁ ଆହ୍ୱାନ କରାଯାଇଥିଲା। ବୈଠକରେ ପୁରୀ ଜିଲା ସଭାନେତ୍ରୀ ମଞ୍ଜୁଲା ମହାପାତ୍ର, ରାଜ୍ୟ ସମ୍ପାଦିକା ନନ୍ଦିନୀ ମେହେର, ଉପସଭାନେତ୍ରୀ ଉର୍ମିଳା ଦାଶ, ସମ୍ବଲପୁର ସଭାନେତ୍ରୀ ଅଞ୍ଜଳୀ ରାଓ, ନିରାକାର ଦାଶ। କୁମୋଦିନୀ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଏହାକୁ ଆହୁରି ସଂଗଠିତ ହେବାକୁ ବୈଠକରେ ସ୍ଥିର କରାଯାଇଥିଲା।

# ପୋଲିସ- ଗଣମାଧ୍ୟମ ମଧ୍ୟରେ ସମନ୍ୱୟ ଜରୁରୀ- ଡିଆଇଜି

ବରଗଡ଼ ଅଫିସ୍,୩।୯

ପୋଲିସ ଓ ଗଣମାଧ୍ୟମ ସମାଜର ଦୁଇଟି ଅଙ୍ଗ । ଉଭୟେ ସମାନ କାର୍ଯ୍ୟକ୍ଷେତ୍ରରେ କାମ କରୁଛନ୍ତି । ସମାଜକୁ ଶୃଙ୍ଖଳିତ କରିବାରେ ଉଭୟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆଇନ ଶୃଙ୍ଖଳା ରକ୍ଷା ପୋଲିସର ଦାୟିତ୍ୱ ହୋଇଥିବା ବେଳେ ସମାଜରେ ଘଟୁଥିବା ପ୍ରତ୍ୟେକ ଘଟଣା, ଦୁର୍ଘଟଣା ଲୋକଙ୍କ ପାଖକୁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମ(ପ୍ରେସ) ହିଁ ପହଞ୍ଚାଇଥାଏ। ଏହି ଦୃଷ୍ଟିରୁ ସମାଜର ହିତ ପାଇଁ ଉଭୟ ପୋଲିସ ଓ ଗଣମାଧ୍ୟମ ମଧ୍ୟରେ ସମନ୍ୱୟ ରହିବାର ଆବଶ୍ୟକତା ରହିଛି । ବରଗଡ଼ ଏସ୍‌ପି ଓ ଖବରଦାତାଙ୍କ

- ଏସ୍‌ପି-ଖବରଦାତା ବିବାଦର ସମାଧାନ
- ଦୁଇଟି ପର୍ଯ୍ୟାୟରେ ସରିଲା ଆଲୋଚନା
- ଆପୋସ ବୁଝାମଣାରେ ହେଲା ଅବସାନ



ବୈଠକରେ ଡିଆଇଜି, ଏସ୍‌ପି ଓ ଅନ୍ୟମାନେ।

ମଧ୍ୟରେ ଉପୁଜିଥିବା ବିବାଦର ସମାଧାନ କରିବାକୁ ଆସି ସୋମବାର ସନ୍ଧ୍ୟାରେ ଜିଲା ପୋଲିସ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଉତ୍ତରାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇ ଏହା କହିଛନ୍ତି । ଗତ ୨୮ତାରିଖରେ ବରଗଡ଼ ଏସ୍‌ଡ଼ିପିଓଙ୍କ ଅଫିସରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଏସ୍‌ପି ମୁକେଶ କୁମାର ଭାମୁ ଡାକି ଖବରଦାତାଙ୍କ ପ୍ରତି ଅଶୋଭନୀୟ ଆଚରଣ ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ନେଇ ଗତ ୩୦ତାରିଖ ବରଗଡ଼ର ୩୦ ଜଣିଆ ଖବରଦାତା ପ୍ରତିନିଧି ଦଳ ଡିଆଇଜି ଭୋଇଙ୍କୁ ଭେଟି ଘଟଣା ସମ୍ପର୍କରେ ଅବଗତ କରିଥିଲେ।

ଏହି କ୍ରମରେ ଡିଆଇଜି ଭୋଇ ସୋମବାର ବରଗଡ଼କୁ ଆସି ଦୁଇଟି ପର୍ଯ୍ୟାୟରେ ସ୍ଥାନୀୟ ଖବରଦାତାଙ୍କ ସହିତ ଆଲୋଚନା କରିଥିଲେ । ପ୍ରଥମ ପର୍ଯ୍ୟାୟରେ ୧୧ଜଣିଆ ଖବରଦାତା ପ୍ରତିନିଧିଙ୍କ ସହିତ ଡିଆଇଜି ଭୋଇ ଆଲୋଚନା କରିଥିଲେ । ଘଟଣାକୁ ନେଇ ଏସ୍‌ପି ନିଜେ ଅନୁତପ୍ତ ଏବଂ ତାର ଯେଭଳି ପୁନରାବୃତ୍ତି ନ ହେବ, ସେଥିପାଇଁ ସେ ଏସ୍‌ପିଙ୍କୁ ପରାମର୍ଶ ଦେଇଥିବା କହିବା ସହିତ ପୋଲିସ- ଗଣମାଧ୍ୟମ ମଧ୍ୟରେ ଉଚିତ୍ ସମନ୍ୱୟ ରଖିବାକୁ ଡିଆଇଜି କହିଥିଲେ ।

ସେହିପରି ଜିଲାର ସମସ୍ତ ଖବରଦାତାଙ୍କୁ ନେଇ ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନାରେ ଡିଆଇଜି ଭୋଇଙ୍କ ସମେତ ଏସ୍‌ପି ଭାମୁ, ଅତିରିକ୍ତ ଏସ୍‌ପି ଯଶୋବନ୍ତ ସେନାପତି, ଡିଏସ୍‌ପି ନଗେନ୍ଦ୍ର ପ୍ରସାଦ ନାୟକ, ଏସ୍‌ଡ଼ିପିଓ ସୁରେଶ କୁମାର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଅଶୋଭନୀୟ ଆଚରଣ ପ୍ରଦର୍ଶନ ନେଇ କୌଣସି ପ୍ରଶ୍ନ ଉଠୁନି କିମ୍ବା ତାହା ଉଦ୍ଦେଶ୍ୟ ବି ନ ଥିଲା, ଘଟଣା ଦିନ ଯାହା ଘଟିଥିଲା, ତାହା ଆକସ୍ମିକ ଥିଲା ବୋଲି ଏସ୍‌ପି କହିଥିଲେ । ଏହା ସହିତ ପୋଲିସ- ଗଣମାଧ୍ୟମ ମଧ୍ୟରେ ଭଲ ସମ୍ପର୍କ ଥିଲା, ଅଛି ଏବଂ ସବୁବେଳେ ସୁସମ୍ପର୍କ ରହିବ ବୋଲି ଏସ୍‌ପି ପ୍ରକାଶ କରିଥିଲେ। ସେହିପରି ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସମ୍ପର୍କ ସୁଦୃଢ଼ କରିବା ପାଇଁ ବିଭାଗ ପକ୍ଷରୁ ରହିଥିବା ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ଡିଆଇଜି ଭୋଇ ଏସ୍‌ପିଙ୍କୁ ପରାମର୍ଶ ଦେଇଥିଲେ। ପରେ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ଏସ୍‌ପି ଓ ଖବରଦାତାଙ୍କ ମଧ୍ୟରେ ରହିଥିବା ବିବାଦର ସମାଧାନ ହୋଇଥିଲା।

ବୀମା କ୍ଷତିପୂରଣ ଦାବି

# ବ୍ୟାଙ୍କରେ ତାଲା ମାରିଲେ ଚାଷୀ

ଗାଇସିଲେଟ୍,୩।୯(ଡି.ଏନ୍.ଏ)

ବରଗଡ଼ ଜିଲାରେ ଫସଲବୀମା କ୍ଷତିପୂରଣ ଦାବିରେ ଆନ୍ଦୋଳନ ତେଜି ଉଠିଛି । ସୋମବାର ଜିଲାର ଗାଇସିଲେଟ ବ୍ଲକ ଅଧୀନ ତାଲପାଲିସ୍ଥିତ ଷ୍ଟେଟବ୍ୟାଙ୍କରେ ଚାଷୀମାନେ ତାଲା ପକାଇବା ସହିତ ଧାରଣା ଦେଇ ପ୍ରତିବାଦ କରିଥିଲେ। ବରଗଡ଼ରୁ ବ୍ୟାଙ୍କ ଅଧିକାରୀ ଶୁଭେନ୍ଦୁ କୁମାର ଜେନା ପହଞ୍ଚି ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଯଥାଶୀଘ୍ର ଚାଷୀଙ୍କ ଆକାଉଣ୍ଟରେ ବୀମା କ୍ଷତିପୂରଣ ଜମା ହେବ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ପରେ ସନ୍ଧ୍ୟା ପ୍ରାୟ ୭ଟାରେ ଚାଷୀମାନେ ଧାରଣାରୁ ଉଠିବା ସହିତ ବ୍ୟାଙ୍କରେ ପକାଇଥିବା ତାଲା ଖୋଲିଥିଲେ। ପ୍ରକାଶ ଯେ, ତାଲପାଲି ଅଞ୍ଚଳର ଚାଷୀମାନେ ତାଲପାଲି ଷ୍ଟେଟବ୍ୟାଙ୍କରେ ଫସଲବୀମା ପ୍ରିମିୟମ ଭରିଥିଲେ। ଇତିମଧ୍ୟରେ ୨୦୧୭ ଫସଲକ୍ଷତିର ବୀମା କ୍ଷତିପୂରଣ ରାଶି ଆସିଥିଲେ ସୁଦ୍ଧା ବର୍ତ୍ତମାନସୁଦ୍ଧା ଆକାଉଣ୍ଟରେ ଜମା ହୋଇପାରି ନାହିଁ। ଏ ନେଇ ବ୍ୟାଙ୍କ



ବ୍ୟାଙ୍କରେ ତାଲା ପକାଇ ଚାଷୀମାନେ ଧାରଣାରେ ବସିଛନ୍ତି ।

ଶାଖା ପରିଚାଳକଙ୍କୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଚାଷୀମାନେ ଗତ ୩୦ତାରିଖରେ ଘଟଣା ସଂକ୍ରାନ୍ତରେ ବରଗଡ଼ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତୁରନ୍ତ ଫସଲବୀମା କ୍ଷତିପୂରଣ ନ ମିଳିଲେ ବ୍ୟାଙ୍କ ଅଚଳ ଚେତାବନୀ ଦେଇଥିଲେ। ଏହି କ୍ରମରେ ସୋମବାର ସକାଳୁ ଅଞ୍ଚଳର ଚାଷୀମାନେ ସଂଗଠିତ ହୋଇ ବ୍ୟାଙ୍କରେ ତାଲା ପକାଇବା ସହ ଧାରଣାରେ ବସି ପ୍ରତିବାଦ କରିଥିଲେ। ଖଗେଶ୍ୱର ସାହୁ, ଜୟଚନ୍ଦ୍ର ସାହୁ, ସୁବଳ ସାହୁ, ଧନେଶ୍ୱର ମେହେରଙ୍କ ସହ ଶତାଧିକ ଚାଷୀ ଆନ୍ଦୋଳନରେ ସାମିଲ ହୋଇଥିଲେ।

## ବିଗୁଡୁଛି ଆଇନଶୃଙ୍ଖଳା ଡିଆଇଜିଙ୍କୁ ଭେଟିଲା ଓକିଲ ସଂଘ

ବରଗଡ଼ ଅଫିସ୍,୩।୯

ବରଗଡ଼ ଜିଲା ଓକିଲ ସଂଘର ଏକ ପ୍ରତିନିଧି ଦଳ ସୋମବାର ଜିଲା ପୋଲିସ କାର୍ଯ୍ୟାଳୟରେ ଉତ୍ତରାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇଙ୍କୁ ଭେଟିଥିଲେ । ଜିଲାର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ତଥା ବରଗଡ଼ ଜିଲା ପୋଲିସର କିଛି କର୍ମଚାରୀଙ୍କ ଆପରାଧିକ ପ୍ରବୃତ୍ତି ବିଷୟରେ ଆଲୋଚନା କରି ବିହିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପ୍ରତିନିଧି ଦଳ ଡିଆଇଜିଙ୍କୁ ଅବଗତ କରିଥିଲେ । ଡିଆଇଜି ଭୋଇ ସମସ୍ତ ଘଟଣାକୁ ଅନୁଶୀଳନ କରି ସେ ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ପ୍ରତିନିଧି ଦଳରେ ଓକିଲ ସଂଘର ସଭାପତି ଅଶୋକ କୁମାର ଯୋଶୀ, ସମ୍ପାଦକ ଲିପସିତ୍ ମିଶ୍ର, ଉପସଭାପତି କିରଣ ମିଶ୍ର, ଯୁଗ୍ମ ସମ୍ପାଦକ ଆଦିତ୍ୟ ପାଢ଼ୀ, କାର୍ଯ୍ୟକାରୀ କମିଟି ସଭ୍ୟ ସୁଶିଳ କୁମାର ମହାପାତ୍ର, କିଶୋର ଚନ୍ଦ୍ର ଦାଶ, ମହେଶ ଅଗ୍ରୱାଲ, ପଞ୍ଚାନନ ମିଶ୍ର, ଚନ୍ଦ୍ରଧ୍ୱଜ ଜାଲ, ପ୍ରଦୀପ କୁମାର ମହାପାତ୍ର, ଶଶୀଭୂଷଣ ପ୍ରଧାନ, ରବି ନାରାୟଣ ଦାଶ, ଯୋଗେଶ ପ୍ରଧାନ, ମୋତିଲାଲ ଦାଶ, ଲଲାଟେନ୍ଦୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଗୁରୁଦିବସକୁ କଳାଦିବସ ପାଳନ ନିଷ୍ପତ୍ତି

ବରଗଡ଼ ଅଫିସ୍,୩।୯

ଅଧାପକ, କର୍ମଚାରୀମାନଙ୍କର ନ୍ୟାୟୋଚିତ ଦାବିକୁ ନେଇ ଚାଲିଥିବା ଆନ୍ଦୋଳନକୁ ଆହୁରି ବ୍ୟାପକ ଓ ତୀବ୍ରତର କରିବା ପାଇଁ ସୋମବାର ବରଗଡ଼ରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଓଡ଼ିଶା ସ୍କୁଲ, କଲେଜ ଶିକ୍ଷକ ଓ କର୍ମଚାରୀ ମିଳିତ ମଞ୍ଚ, ବରଗଡ଼ ଜିଲା ଆବାହକ ନିଳମଣି ପୁରୋହିତଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ବୈଠକରେ ବିଭିନ୍ନ ସ୍କୁଲ, କଲେଜରୁ ଆସିଥିବା ପ୍ରତିନିଧିମାନେ ସେମାନଙ୍କ ଦାବିପ୍ରତି ସରକାରଙ୍କ ଅଣଦେଖା ମନୋଭାବକୁ ସମାଲୋଚନା କରିଥିଲେ। ସେହିପରି ଆସନ୍ତା ୫ତାରିଖ ଗୁରୁଦିବସକୁ କଳାଦିବସ ଭାବେ ପାଳନ କରିବା ଏବଂ ୬ତାରିଖରୁ ସ୍କୁଲ, କଲେଜଗୁଡ଼ିକରେ ତାଲା ପକାଇବାକୁ ନିଷ୍ପତ୍ତି ନେଇଥିଲେ। ଏନେଇ ପର୍ଯ୍ୟବେକ୍ଷକ ଦଳ ଗଠନ କରାଯାଇ ସେମାନଙ୍କୁ ପ୍ରତ୍ୟେକ ବିଦ୍ୟାଳୟକୁ ଯିବା ପାଇଁ ଏବଂ ଯେଉଁ ବିଦ୍ୟାଳୟ ଖୋଲିଥିବ, ସେଗୁଡ଼ିକୁ କାର୍ଯ୍ୟବନ୍ଦ କରି ସହଯୋଗ କରିବାରେ ପ୍ରବର୍ତ୍ତାଇବା ପାଇଁ ପରାମର୍ଶ ଦିଆଯାଇଥିଲା।

## ବିକାଶରେ ଶ୍ରୀକୃଷ୍ଣ ଜନ୍ମୋତ୍ସବ

ବରଗଡ଼ ଅଫିସ୍,୩।୯

ବରଗଡ଼ ସହର ଉପକଣ୍ଠ ସିମେଣ୍ଟନଗର ବିକାଶ ସ୍କୁଲରେ ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ ସୋମବାର ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ ସ୍ୱତନ୍ତ୍ର ପ୍ରାର୍ଥନା ସଭାରେ ବିଦ୍ୟାଳୟର ଅଧକ୍ଷ ସନାତନ ମହାପାତ୍ରଙ୍କ ସମେତ ଶିକ୍ଷୟିତ୍ରୀଶିକ୍ଷକମାନେ ରାଧାକୃଷ୍ଣଙ୍କ ପୂଜାର୍ଚ୍ଚନା କରିଥିଲେ। ବିଦ୍ୟାଳୟର ସଂସ୍କୃତ ବିଭାଗ ଶିକ୍ଷୟିତ୍ରୀ ରଞ୍ଜୁଲତା ଶତପଥୀ ଶ୍ରୀକୃଷ୍ଣ ଜନ୍ମୋତ୍ସବ ଉପରେ ନିଜ ବକ୍ତବ୍ୟ ରଖିଥିଲେ । ସଙ୍ଗୀତ ଶିକ୍ଷକ ନବୀନ ପାଣ୍ଡେଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର କୃଷ୍ଣପ୍ରେମ ଆଧାରିତ ସଙ୍ଗୀତ ପରିବେଷଣ କରିଥିଲେ। ସେହିପରି ଛାତ୍ରୀଛାତ୍ର ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇ ନୃତ୍ୟ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମରେ ଦହିହାଣ୍ଡି ଭଗ୍ନ, ଦୋଳିଖେଳ, ଡାଣ୍ଡିଆ ନୃତ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ ଚିତ୍ତାକର୍ଷକ ହୋଇଥିଲା। ଶିକ୍ଷକ ମଣ୍ଟୁ ଦେବତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସ୍ଥାନ ନିରୂପଣକୁ ନେଇ ବିବାଦ

ବରଗଡ଼ ଅଫିସ୍,୩।୯

ବରଗଡ଼ ସହରରେ ସମ୍ବିଧାନ ପ୍ରଣେତା ଡ. ବି.ଆର ଆମ୍ବେଡ଼କରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ସ୍ଥାନ ନିରୂପଣକୁ ନେଇ ବିବାଦୀୟ ପରିସ୍ଥିତି ଉପୁଜିଛି। ଏହି ପରିପ୍ରେକ୍ଷୀରେ ସୋମବାର ସ୍ଥାନୀୟ ଡଃ ଆମ୍ବେଡ଼କର ଯୁବାସଂଘ, ବରଗଡ଼ ଜିଲା ପକ୍ଷରୁ ପୌରାଧକ୍ଷ ପ୍ରଶାନ୍ତ କୁମାର ବେହେରାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି ।

ସ୍ମାରକପତ୍ରରେ ଉଲ୍ଲେଖିତ ରହିଛି, ବରଗଡ଼ ସହରର ସ୍ଥାନୀୟ ସିଭିଲ



ପୌରାଧ୍ୟକ୍ଷଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

କୋର୍ଟ ସମ୍ମୁଖରେ ଆମ୍ବେଡ଼କରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ପୂର୍ବରୁ ନିଷ୍ପତ୍ତି ହୋଇଥିଲା । ଏପରି କି ଏଥିପାଇଁ ଶିଳାନ୍ୟାସ କାର୍ଯ୍ୟକ୍ରମ ସହିତ କାମ ମଧ୍ୟ ଆରମ୍ଭ ହୋଇଥିଲା । ହେଲେ ବର୍ତ୍ତମାନ କାମକୁ ବନ୍ଦ କରି ଦିଆଯାଇ ଅନ୍ୟ ଏକ ସ୍ଥାନରେ ପ୍ରତିମୂର୍ତ୍ତି ସ୍ଥାପନର ଭିତ୍ତିପ୍ରସ୍ତର କାର୍ଯ୍ୟ ହୋଇଛି । ତେବେ ସେହି ସ୍ଥାନରେ ଆମ୍ବେଡ଼କରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଶୋଭନୀୟ ନୁହେଁ ବୋଲି ଡ.ଆମ୍ବେଡ଼କର ଯୁବାସଂଘ ଅଭିଯୋଗ କରିଛି । ଫଳରେ ଉକ୍ତ ସ୍ଥାନର କାମ ବନ୍ଦ କରି ପୂର୍ବ ନିର୍ଦ୍ଧାରୀତ ସ୍ଥାନରେ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ସଂଘ ପକ୍ଷରୁ ଦାବି ହୋଇଛି । ନଚେତ୍ ଯୁବାସଂଘ ପ୍ରତିବାଦରେ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଯୁବାସଂଘର ସଭାପତି ସୁରେନ୍ଦ୍ର କୁମାର ତାଣ୍ଡି ଏବଂ ସମ୍ପାଦକ ଅଭୟ କୁମାର ବାଦୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସ୍ମାରକପତ୍ର ପ୍ରଦାନ କରିଥିଲେ ।

# ଯାଦବ ସମାଜର ଜନ୍ମାଷ୍ଟମୀ ଉତ୍ସବ

ବରଗଡ଼ ଅଫିସ୍,୩।୯

ବରଗଡ଼ ପୌରାଞ୍ଚଳ ଓ ବ୍ଲକ ଯାଦବ ସମାଜର ମିଳିତ ଆନୁକୂଲ୍ୟରେ ବାନ୍ଧୁଟିକ୍ରାସ୍ଥିତ ସ୍ୱୟଂସିଦ୍ଧା ଭବନରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବରଗଡ଼ ଲୋକସଭା ଏମ୍‌ପି ଡଃ ପ୍ରଭାସ ସିଂ, ଜିଲା ଯୋଜନା ବୋର୍ଡ଼ ଅଧକ୍ଷ ତଥା ବିଧାୟକ ଦେବେଶ ଆଚାର୍ଯ୍ୟ, ପୂର୍ବତନ ବିଧାୟକ ସାଧୁ ନେପାକ, ବରଗଡ଼ ପୌରାଧକ୍ଷ ପ୍ରଶାନ୍ତ କୁମାର ବେହେରା, ଉପାଧକ୍ଷା କଳ୍ପନା ମାଝି, ଭାଜପା ରାଜ୍ୟ ଉପସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ଉତ୍କଳ ଯାଦବ ମହାସଭାର ଉପସଭାପତି ଧନସିଂ ଭୋଇ, ବରଗଡ଼ ଜିଲା ଯାଦବ ସଂଘ ସଭାପତି ଲମ୍ୱୋଦର ମଲ୍ଲିକ, ବରଗଡ଼ ବ୍ଲକ ସଭାପତି ଜଗଦୀଶ ବଗାର, ପୌରାଞ୍ଚଳ ସଭାପତି ରଣଜିତ ବଗର୍ତ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ଉତ୍କଳ ଯାଦବ ମହାସଭାର ସମ୍ପାଦକ ପ୍ରଦୀପ୍ତ ଷାଣ୍ଢ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରବୀନ୍ଦ୍ର ବାଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଯାଦବ ସମାଜର ସଭ୍ୟାସଭ୍ୟ ସେଥିରେ ସହଯୋଗ କରିଥିଲେ।

## ଭେଡେନରେ ତାଲାବନ୍ଦ ଆନ୍ଦୋଳନ ଚତୁର୍ଥ ଦିନରେ

ଭେଡେନ,୩।୯(ଡି.ଏନ.ଏ.)- ବରଗଡ଼ ଜିଲା ଭେଡେନସ୍ଥିତ ସମ୍ବଲପୁର ଜିଲା କେନ୍ଦ୍ରସମବାୟ ବ୍ୟାଙ୍କରେ ଚାଷୀମାନଙ୍କ ତାଲା ବନ୍ଦ ଆନ୍ଦୋଳନ ସୋମବାର ଚତୁର୍ଥ ଦିବସରେ ପହଞ୍ଚିଛି। ଅର୍ଜୁଣ୍ଡା, ସଂକ୍ରୀଡା, ଅରେଇଗୁଡି, ରେଶମ, ଭେଡେନ, କୁବେଡେଗା ଆଦି ପଞ୍ଚାୟତର ଚାଷୀମାନେ ବୀମାରାଶୀ ସଂଶୋଧନ ପାଇଁ ଦାବି କରୁଛନ୍ତି। ସୋମବାର ବରଗଡ ଏଆର୍‌ସିଏସ୍ ଭେଡେନରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ। ସେହିପରି ରୁଷୁଡା ପ୍ୟାକ୍ସରେ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ତାଲା ପକାଇ ଆନ୍ଦୋଳନ କରୁଛନ୍ତି ।

**IN THE DEBTS RECOVERY TRIBUNAL AT CUTTACK**
**C-71, Sector-7, CDA, Cuttack- 753014 (Odisha)**
**O.A.No. 175/2018**

**Utkal Grameen Bank**
Stressed Asset Recovery Branch
Sambalpur .... Applicant

-Versus-

**Tankadhar Bishi** & Others .... Defendants

To,
Defendant No.1: **Tankadhar Bishi** S/o: Late Bairagi Bishi.
Defendant No.2: **Niranjan Pradhan**, S/o: Ratnakar Pradhan
Defendant No.3: **Sankarsan Bishi**, S/o: Tankadhar Bishi,
All are At: Penthbahal, P.O/P.S: Nakatideul, Dist: Sambalpur, PIN- 768118

**Summons by Paper Publication for Showing Cause as to Why the Relief Prayed for should not be granted**

Take notice that the Applicant has instituted the aforesaid Original Application before this Tribunal for recovery of Rs. 12,15,942.00 only together with current and future interest, cost and other reliefs.

You are therefore hereby directed to appear before this Tribunal in person or through authorised agent, in support of your defence to show cause within 30 days from the date of publication or on **5th day of October, 2018 at 10.30** a.m. as to why the reliefs prayed for should not be granted.

Take notice that in case of default the Application will be heard and determined in your absence.

Given under my hand and seal of this Tribunal, on this 27th day of August, 2018.

**(Srikanta Kumar Maikap)**
*Registrar,*
*Debts Recovery Tribunal, Cuttack*

ଫସଲ ବୀମା ପ୍ରଦାନ ଦାବି

# ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ

ପାଇକମାଲ, ୩।୯(ଡି.ଏନ.ଏ.)

ଫସଲ ବୀମା ପ୍ରଦାନ ଦାବି ନେଇ ପାଇକମାଲ ଅଞ୍ଚଳର ଚାଷୀମାନେ ସୋମବାର ତହସିଲଦାରଙ୍କୁ ଏକ ଦାବିତ୍ର ପ୍ରଦାନ କରିଛନ୍ତି। ୨୦୧୭ ଫଲସ ବୀମା ଟଙ୍କା ପାଇବା ନେଇ ଅଞ୍ଚଳର ଚାଷୀମାନେ ବ୍ୟାଙ୍କକୁ ଆସୁଛନ୍ତି। ହେଲେ ଟଙ୍କା ନ ପାଇ ନିରାଶ ହୋଇ ଫେରୁଛନ୍ତି। ଏଭଳିସ୍ଥିତିରେ ଶତାଧିକ ଚାଷୀ ସୋମବାର ସ୍ଥାନୀୟ ଷ୍ଟେଟ ବ୍ୟାଙ୍କକୁ ଆସିଥିଲେ। ହେଲେ ବ୍ୟାଙ୍କ ପକ୍ଷରୁ ଟଙ୍କା ଦେବାକୁ ଚାଷୀଙ୍କୁ ମନା କରାଯାଇଥିଲା। ଏନେଇ ଚାଷୀମାନେ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ତହସିଲଦାର ସଦାଶିବ ନାୟକଙ୍କୁ ଭେଟି ଫସଲ ବୀମା ଟଙ୍କା ପ୍ରଦାନ ନେଇ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏ ନେଇ ତହସିଲଦାର ନାଏକଙ୍କୁ ପଚାରିବାରୁ ଘଟଣା ସଂକ୍ରାନ୍ତରେ ଜିଲାପାଳଙ୍କୁ ଅବଗତ କରାଯାଇଛି। ତୁରନ୍ତ ଏହାର ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଦାବିପତ୍ର ପ୍ରଦାନ ବେଳେ ଅନୀଳ କୁମାର ସାହୁ, ଖଗେଶ୍ୱର ଜଗତ, ସୁବାଷ ମେହେର, ଭୁଜ ମଲ୍ଲିକ, ବିଶେଶ୍ୱର ଧରୁଆ, ଚତୁର୍ଭୁଜ ବାଗ, ପରମେଶ୍ୱର ବରିହା, ନିରାକାର ସାହୁ, କାଣ୍ଡିଲାଲ ଧରୁଆ, ତ୍ରିନାଥ ଭୁଏ, ଅଶ୍ୱିନୀ ହଂସ, ସଦାନନ୍ଦ ମଲ୍ଲିକ, ଦୁର୍ବାଦଳ ହଂସ, ଉତ୍ତର କୁମାର ମାଝି, ଡିହାରୁ ବାରିକଙ୍କ ସହ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

**ଉତ୍କଳ ଗ୍ରାମୀଣ ବ୍ୟାଙ୍କ**
(ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଦ୍ୱାରା ପ୍ରଯୋଜିତ)
**ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ସା/ପୋ.: ଧନୁପାଲି, ଜିଲ୍ଲା: ସମ୍ବଲପୁର-୭୬୮୦୦୫**

**(ସ୍ଥାବର ସମ୍ପତ୍ତି ନିମନ୍ତେ)**
**ଦଖଲ ନୋଟିସ୍**
**ଦ୍ରଷ୍ଟବ୍ୟ ରୁଲ୍-୮(୧)**

ନିମ୍ନ ସ୍ୱାକ୍ଷରକାରୀ **ଉତ୍କଳ ଗ୍ରାମୀଣ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ର ନଂ. ୩) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ନିୟମ ୮ସହିତ ଧାରା ୧୩(୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ ପଇଠ କରିବାକୁ କୁହାଯାଇଥିଲା । ବର୍ତ୍ତମାନର ବକେୟା ରାଶି ନିମ୍ନ ସାରଣୀରେ ପ୍ରଦାନ କରାଗଲା। ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ରୁଲ୍ ୮ ସହିତ କଥିତ ଆକ୍ଟର ଧାରା ୧୩(୪)ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ଦଖଲ କରିଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ ଦର୍ଶିତ ରାଶି ସୁଧ, ଦେୟ ଏବଂ ଆନୁସଙ୍ଗିକ ଖର୍ଚ୍ଚ ନିମନ୍ତେ **ଉତ୍କଳ ଗ୍ରାମୀଣ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

**ଏତଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| କ୍ର. ନଂ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ନୋଟିସ୍ ଅନୁଯାୟୀ ବର୍ତ୍ତମାନର ବକେୟା ଦେୟ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|---|
| ୦୧. | **ଋଣଗ୍ରହୀତା: ମା ତାରିଣୀ ଇଲେକ୍ଟ୍ରିକାଲ୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଦୀପକ କୁମାର ଅଗ୍ରୱାଲ,** ପିତା: ଶ୍ରୀ ଗୋବିନ୍ଦରାମ ଅଗ୍ରୱାଲ / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀମତୀ କୌଶଲ୍ୟା ଦେବୀ,** ସ୍ୱାମୀ: ରାମ ଲଖନ ଶର୍ମା, **୨) ଶ୍ରୀ କମଲେଶ ଶର୍ମା,** ପିତା: ରାମ ଲଖନ ଶର୍ମା, ସମସ୍ତଙ୍କ ଠିକଣା ସା.: ଜଳଦା ଏ ବ୍ଲକ୍, ପୋ.: ଫର୍ଟିଲାଇଜର, ରାଉରକେଲା, ଜିଲ୍ଲା: ସୁନ୍ଦରଗଡ-୭୬୯୦୪୩ | ୧୯.୦୩.୨୦୧୮ ସୁଦ୍ଧା ଟ.୧୭,୩୪,୩୮୯/- ଏବଂ ପରବର୍ତ୍ତି ସୁଧ + ଅନ୍ୟାନ୍ୟ ଦେୟ | ୧୯.୦୩.୨୦୧୮ / ୨୧.୦୮.୨୦୧୮ | **ଶ୍ରୀମତୀ କୌଶଲ୍ୟା ଦେବୀ,** ସ୍ୱାମୀ: ରାମ ଲଖନ ଶର୍ମାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଜଳଦା, ତହସିଲ: ରାଉରକେଲା, ଥାନା : ଲାଠିକେଟା, ଥାନା ନଂ.: ୧୦, ଜିଲ୍ଲା: ସୁନ୍ଦରଗଡ, ଖାତା ନଂ.: ୧୦୫/୨୨୪, ପ୍ଲଟ୍ ନଂ.: ୧୫୪୩/୩୧୭୦, କ୍ଷେତ୍ର: ଏକର୦.୦୫ଡିସିମିଲି |

**ସ୍ଥାନ: ସମ୍ବଲପୁର, ତାରିଖ : ୨୮.୦୮.୨୦୧୮**
**ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଉତ୍କଳ ଗ୍ରାମୀଣ ବ୍ୟାଙ୍କ**



ମୁଁ ବୃଥାରେ ସମୟ ନଷ୍ଟ କରିଦେଇଥିଲି, ଆଜି ସମୟ ମୋତେ ନଷ୍ଟ କରିଦେଇଛି।
- ସେକ୍ସପିୟର

## ଯୋଗେଶ୍ୱର ମନ୍ଦିରରେ ଜନ୍ମାଷ୍ଟମୀ ପାଳିତ

ସୋନପୁର,୩।୯(ନି.ପ୍ର.): ସୁବର୍ଣ୍ଣପୁର ଯୋଗ ବିହାରସ୍ଥିତ ଶ୍ରୀ ଯୋଗେଶ୍ୱର ମନ୍ଦିରରେ ଏକ ଆଧାତ୍ମିକ ପରିବେଶ ମଧ୍ୟରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଭାରତ ସ୍ୱାଭିମାନ ଓ ପତଞ୍ଜଳି ଯୋଗ ସମିତି ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀକୃଷ୍ଣ ଜନ୍ମୋତ୍ସବ ପୁରାଣ ପାଠ ସହ ରାଧାକୃଷ୍ଣଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଘଣ୍ଟ ଶଙ୍ଖ ହୁଳହୁଳି ଧ୍ୱନିରେ ଶ୍ରୀକୃଷ୍ଣଙ୍କୁ ପରମ ଶ୍ରଦ୍ଧାର ସହ ଆବାହନ କରାଯାଇଥିଲା। ଏଥିରେ ଶତାଧିକ ଅବାଳ ବୃଦ୍ଧବନିତାଙ୍କ ସହ ଭାରତ ସ୍ୱାଭିମାନ, ପତଞ୍ଜଳି ଯୋଗ ସମିତିର ବରିଷ୍ଠ ସଭ୍ୟମାନେ ଯୋଗ ଦେଇଥିଲେ। ଯୋଗେଶ୍ୱର ମନ୍ଦିରର ପୂଜାରୀ ବିଦେଶୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

■ବୀରମହାରାଜପୁର କଲେଜ ଜୟନ୍ତୀ ସମାରୋହରେ ବକ୍ତାଙ୍କ ମତ

# ଗଙ୍ଗାଧର ଥିଲେ ଅମୃତ ସନ୍ଧାନୀ



ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥି।

**ବୀରମହାରାଜପୁର, ୩।୯(ଡି.ଏନ.ଏ.)**

ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୫୬ତମ ଜୟନ୍ତୀ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କଲେଜରେ ଶନିବାର ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ମୂରଲୀଧର ହୋତାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ବୌଦ୍ଧ ପଞ୍ଚାୟତ କଲେଜ ଅବସରପ୍ରାପ୍ତ ଓଡିଆ ପ୍ରାଧ୍ୟାପକ ବାସୁଦେବ ପାତ୍ର ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ବିନିକା ସିଦ୍ଧାର୍ଥ କଲେଜର ଅବସରପ୍ରାପ୍ତ ଓଡିଆ ଅଧ୍ୟାପକ ଅନୀଲ ଦାନୀ ମୁଖ୍ୟବକ୍ତା ଭାବେ ମଞ୍ଚାସୀନ ଥିଲେ। ଏଥିରେ ମତ ଉପସ୍ଥାପନ କରି ଅତିଥିମାନେ କହିଥିଲେ ଯେ, ରଙ୍ଗଜୀବ ଗଙ୍ଗାଧର ଥିଲେ ଅମୃତ ସନ୍ଧାନୀ। ବିଶ୍ୱକୁ ମଧୁମୟ ଦୃଷ୍ଟିରେ ଦେଖିଥିବା ଗଙ୍ଗାଧରଙ୍କ ପ୍ରକୃତି ଚିତ୍ର, ତାଙ୍କର ଅପୂର୍ବ ପାଣ୍ଡିତ୍ୟ ଓ ତାଙ୍କ ସୃଷ୍ଟିରେ ନାରୀ ଚରିତ୍ରର ସୁନ୍ଦର ଚିତ୍ରଣ କରିଥିଲେ। ସ୍ୱଭାବ କବିଙ୍କ ରଚନା କିପରି କାଳଜୟୀ ହୋଇଛି, ସେହି ପ୍ରସଙ୍ଗରେ ମଧ୍ୟ ମତପ୍ରକାଶ କରିଥିଲେ ଅଧ୍ୟାପକ ବିଜୟ ପୁରୋହିତ। ଅଧ୍ୟାପକ ଡ. ହିମାଂଶୁ ଶେଖର ପାଢ଼ୀ, ଅଧ୍ୟାପିକା ଡ. ଗୀତାଞ୍ଜଳି ମିଶ୍ର ଏବଂ ଗୌରାଙ୍ଗ ଜଗଦଲା। କାର୍ଯ୍ୟକ୍ରମ ଆରମ୍ଭରେ ଓଡିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ସୂର୍ଯ୍ୟ ନାରାୟଣ ପଣ୍ଡା ସ୍ୱାଗତ ଭାଷଣ ସହ ସମାରୋହର ଆଭିମୁଖ୍ୟ ପ୍ରକାଶ କରିଥିବା ବେଳେ ଅଧ୍ୟାପକ ସଞ୍ଜୟ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମଗ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଅଧ୍ୟାପକ ପ୍ରକାଶ କୁମାର ସେଠ। ଏହି ଅବସରରେ କେତେ ଜଣ ଛାତ୍ରୀଛାତ୍ର ମଧ୍ୟ ପ୍ରସଙ୍ଗଭିତ୍ତିକ ବକ୍ତବ୍ୟ ରଖିଥିଲେ। ଶେଷରେ ଅଧ୍ୟାପିକା ଯାମିନୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗଉଡ଼ ଘରର ଝୋଟି
କାଲି ଆସିଛି ବୋହୂ ପିଲାଟି
ଅଢ଼େଇ ଆଙ୍ଗୁଳି ଚୁଟି।**

ସମୟ ସହ ତାଳ ଦେଇ ସବୁକିଛି ବଦଳି ଯାଇଥାଏ। ଯୁଗ ବଦଳିବା ସହ ମଣିଷର ବେଶ ପୋଷାକ ତଥା ଚାଲିଚଳନରେ ଅନେକ ପରିବର୍ତ୍ତନ ଘଟୁଥିବାର ଲକ୍ଷ୍ୟ କରାଯାଇଥାଏ। ଏପରି ସ୍ଥିତିରେ ଆଧୁନିକତାର ଦ୍ୱାହି ଦେଇ ଛୋଟ ଚୁଟି ରଖିଥିବା ନୂଆ ବୋହୂ ପ୍ରତି ପାଖ ପଡ଼ିଶା ମହିଳାଙ୍କ ଟୀକାଟିପ୍ପଣୀ ପ୍ରକାଶ ପାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗହ୍ମାରି
ବୁଢ଼ା କୋଡ ମଣିଷରେ ସୁମାରି।**

ସାଧାରଣତଃ ବୃଦ୍ଧ ବ୍ୟକ୍ତିମାନେ ନିଜକୁ ସର୍ବଦା ଅସହାୟ ମନେ କରିଥାନ୍ତି। ବୟସ ଅତିକ୍ରାନ୍ତ ହୋଇଗଲେ ସେମାନେ ନିଜ ଶକ୍ତି ଓ ସାମର୍ଥ୍ୟ ଉପରୁ ଆସ୍ଥା ବା ଭରସା ହରାଇ ବସିଥାନ୍ତି। ଏପରିସ୍ଥଳେ ବୃଦ୍ଧ ବ୍ୟକ୍ତିମାନଙ୍କୁ ଅନୁପଯୁକ୍ତ ମନେକରି ତାଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
ଫ୍ରେଣ୍ଡସ୍ ପବ୍ଲିଶର୍ସ

■ତରଭାରେ ମୁଁ ହିରୋ ମୋ ଓଡ଼ିଶା କାର୍ଯ୍ୟକ୍ରମ

# ଯୁବବର୍ଗର ଉନ୍ନତିରେ ସମାଜର ଉନ୍ନତି



ତରଭା ଏଇଏସ କଲେଜରେ ବିଜୁ ଯୁବ ବାହିନୀ ତରଫରୁ ମୁଁ ହିରୋ ମୋ ଓଡିଶା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ତରଭା, ୩।୯(ଡି.ଏନ.ଏ.)**

ତରଭା ଏଇଏସ କଲେଜରେ ବିଜୁ ଯୁବ ବାହିନୀ ତରଫରୁ ମୁଁ ହିରୋ ମୋ ଓଡିଶା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ତରଭା ଚେକ୍‌ଗେଟ ପାଖରୁ ଶତାଧିକ ଯୁବକ ବାଇକ ଏକ ବାଇକ ରାଲିରେ ନଗର ପରିକ୍ରମା କରି ତରଭା ସଭାସ୍ଥଳରେ ପହଞ୍ଚି ଥିଲେ। ଜିଲା ଯୁବ ସଂଯୋଜକ ହାକିମ ଖାନ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସସ୍ମିତା ମଲ୍ଲିକ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଏନଏସି ଅଧ୍ୟକ୍ଷା ମୋନିକାଲାଲ ଅଗ୍ରୱାଲ, ଏଇଏସ କଲେଜ ଅଧ୍ୟକ୍ଷ ଶମ୍ଭୁଭୂଷଣ ପଣ୍ଡା, ସ୍ଥାନୀୟ ବିଡିଓ ଆନନ୍ଦ ମିଶ୍ର, ଆଇଆଇସି ସୁରୁବାବୁ ଛତ୍ରିଆ, ଜିଲା ପରିଷଦ ସଭ୍ୟ ସରୋଜ କମ୍ପ ଓ ପ୍ରବୀଣ ନାଗ, ଏନଏସି ଇଓ କନିକା ଚକ୍ରବର୍ତ୍ତୀ ପ୍ରମୁଖ ଯୋଗ ଦେଇଥିଲେ। ସଭା ପ୍ରାରମ୍ଭରେ ତରଭା ସହର ଯୁବ ବାହିନୀ ସଂଯୋଜକ ଜନାର୍ଦ୍ଦନ ଥନାପତି ପ୍ରାରମ୍ଭିକ ସୂଚନା ପ୍ରଦାନ ପରେ ଖାନ ଆଭିମୁଖ୍ୟ ପ୍ରଦାନ କରିଥିଲେ। ଉପସ୍ଥିତ ସମସ୍ତ ଅତିଥି ଯୁବବର୍ଗର ଉନ୍ନତି ହେଲେ ସମାଜର ଉନ୍ନତି ହେବ ଏବଂ ସେମାନଙ୍କ ଭିତରେ ଥିବା ବିଭିନ୍ନ ଦକ୍ଷତାକୁ ପ୍ରତିପାଦନ କରାଯାଇପାରିବ ବୋଲି ପ୍ରକାଶ କରିଥିଲେ। ଏଥିରେ ଅଞ୍ଚଳରେ ଉଲ୍ଲେଖନୀୟ ସଫଳତା ପାଇଁ କରାଟେରେ ହେମନ୍ତ ମାଝୀ, ଫୁଟବଲରେ ବିଜୟ ନାଏକ, ପର୍ବତାରୋହୀ ଭବାନୀ ଶଙ୍କର ରଣା, ସଙ୍ଗୀତରେ ସ୍ୱୟଂ ମିଶ୍ର ପ୍ରମୁଖ ଚାରିଜଣଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସୁବାଷ ସେଠୀ, ରାଜେନ୍ଦ୍ର ଝାଙ୍କର, ଦୁର୍ଗାପ୍ରସାଦ ସାହୁ,ଗଦିଦାର କୁଅଁର, ଅଶ୍ୱିନୀ ବିଶି, ଅଶ୍ୱିନୀ ସାହୁ, ସୁରେଶ ନାଗ ପ୍ରମୁଖ ସହଯୋଗ କରିଥିଲେ।

# ସୁବର୍ଣ୍ଣପୁରରେ ନୂଆଁଖାଇ ଲଗ୍ନ ଧାର୍ଯ୍ୟ

**ସୋନପୁର,୩।୯(ନି.ପ୍ର.)**

ଗଡଜାତ ପରମ୍ପରା ଅନୁସାରେ ନୂଆଁଖାଇ ଲଗ୍ନ ସୋମବାର ଅପରାହ୍ନ ସାଢେ ୪ଟାରେ ସୋନପୁର ଗଡଭିତର ଜଗନ୍ନାଥ ମନ୍ଦିର ପରିସରରେ ଧାର୍ଯ୍ୟ ହୋଇଛି। ଆସନ୍ତା ସେପ୍ଟେମ୍ବର ୧୪ତାରିଖ ଭାଦ୍ରବ ମାସ ସିଂହ ଶୁକ୍ଳପକ୍ଷ ୨୯ ଦିନ ପଞ୍ଚମୀ ତିଥି ଶୁକ୍ରବାର ସମଲେଇ ମନ୍ଦିରରୁ ସକାଳ ୭ଟା ୪୫ ମିନିଟ୍‌ରୁ ୮ଟା ୧୫ ମଧ୍ୟରେ ସ୍ୱତନ୍ତ୍ର ଭାବେ ପାହୁର ଶୋଭାଯାତ୍ରା ବାହାରିବ। ଏହା ଅଷ୍ଟଚଣ୍ଡୀ ଓ ମଝିପଡାସ୍ଥିତ ଅନୁମାନଙ୍କ ପୀଠକୁ ଯିବ। ସକାଳ ଘ୮.୩୧ମିନିଟ୍‌ରୁ ଘ୮.୪୫ମିନିଟ୍ ମଧ୍ୟେ ଅମୃତ ଶୁଦ୍ଧ ତୁଳା ଲଗ୍ନ ଧନୁ ନବାଂଶ ବିଶାଖା ନକ୍ଷତ୍ର ଅମୃତ ସମୟରେ ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' ସୁରେଶ୍ୱରୀଙ୍କଠାରେ ନବାହ୍ନ ଭୋଗ ଲାଗିବ। ଏହାପରେ ଜିଲାବାସୀ ନବାହ୍ନ ଭକ୍ଷଣ କରିବେ। ଜିଲାର ପଣ୍ଡିତମାନେ ସମବେତ ହୋଇ ଏହି ଲଗ୍ନ ଧାର୍ଯ୍ୟ କରିଛନ୍ତି। ସମସ୍ତଙ୍କ ସମ୍ମତି ହେବା ପରେ ପଣ୍ଡିତ ସମବେତ ମନ୍ତ୍ରୋଚାରଣରେ ମନ୍ଦିର ଗୁଞ୍ଜରିତ ହେବା ସହ ବିଶେଷ ପୂଜାର୍ଚ୍ଚନା ହୋଇଥିଲା। ପଣ୍ଡିତ ମହାସଭାରେ ଜ୍ୟୋର୍ତିବିତ ସିତାଂଶୁ ଶେଖର ପାଣିଗ୍ରାହୀ, ଶିବନାରାୟଣ ପୂଜାହାରୀ, ମହେଶ କୁମାର ପୂଜାହାରୀ, ପ୍ରଫୁଲ୍ଲ କୁମାର ପୂଜାହାରୀ, ବୈଦ୍ୟନାଥ ଗୁରୁ ଓ ଗୌରିଶଙ୍କର ରଥଙ୍କ ସମେତ ବହୁ ପଣ୍ଡିତ ଲଗ୍ନଧାର୍ଯ୍ୟରେ ସାମିଲ ଥିଲେ। ଏଥିସହ ମ୍ୟୁନିସିପାଲିଟିର ଅଧ୍ୟକ୍ଷା ସୀମନ୍ତିନୀ ନାଏକ, ସାମାଜିକ କର୍ମୀ ଶ୍ରୀବତ୍ସ ମଲ୍ଲିକ, କାଉନସିଲର ଜିତେନ୍ଦ୍ର ସାହୁ, ଷଷ୍ଠୀ କୁମାର ବଡମାଲି, ବୀଜାରୁ ନେଗୀ, ତ୍ରିଲୋଚନ ତରିଆ, ଜନ୍ମେଜୟ ପାତ୍ର, ଲକ୍ଷ୍ମଣ ନାଏକ ଓ ଶିବକୁମାର ସାହୁ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।



ସୋନପୁରରେ ପଣ୍ଡିତମାନେ ସୋମବାର ନୂଆଁଖାଇ ଲଗ୍ନ ଧାର୍ଯ୍ୟ କରୁଛନ୍ତି। ପାର୍ଶ୍ୱରେ ଉପସ୍ଥିତ ଲୋକପ୍ରତିନିଧି ଓ ସାମାଜିକକର୍ମୀ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

**B.Ed** M.Ed, B.P.Ed
Under Achrya Nagarjuna and Andhra Universities
SUCCESS POINT
114/7, Naveen Niwas Square, Bhubaneswar
BHUBANESWAR 7682826300 7682826301
BRAHAMPUR 7682826307 7377730723

ADMISSION OPEN 2018-20
**B.Ed.**
Acharya Nagarjuna University
Anuska B.Ed. Academy
Odisha's No-1 B.Ed. Academy
97% 1ST DIVISION
Rasulgarh, Bhubaneswar
8260277745/8260277746
Cuttack No-9937313739
Bhawanipatna: 7982328673
Jajpur/Kendrapara:9692222120
www.anuskagroup.com

SPOT ADMISSION
**B.Ed** CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash Against Gold
**Gold Cash**
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

**Odisha Finance**
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number: 7302107165
odishafinance55@gmail.com

**MONEY WIZZ FINANCE**
ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉପଲବ୍ଧ। (ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ)
07991019691
07750048332
moneywizz27@gmail.com

**LOAN**
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

**FINANCE**
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦ୍ଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି। ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ। ୩୦% ସବସିଡି ସହିତ।
7787922501
7787907927
pmjansamridhi@gmail.com

**BUSINESS**
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580 95578-79781

GET INSTANT CASH AGAINST GOLD
**Sell your GOLD more than market value.**
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

(Registration Free)
**Bhartiya Telecom Group**
(Govt. Approved)
ଦ୍ୱାରା ନିଜର ଖାଲି ଜାଗା, ଛାତ, ଚାଷଜମି, ପ୍ଲଟରେ DIGITAL ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ 60 ଲକ୍ଷ। ଭଡ଼ା 45000 + ଅନ୍ୟାନ୍ୟ ସୁବିଧା ସୁଯୋଗ। ଠକମାନଙ୍କ ପ୍ରତି ସାବଧାନ।
(କାମ ଆମର, ବିଶ୍ୱାସ ଆପଣଙ୍କର)
କେବଳ ଇଚ୍ଛୁକ ବ୍ୟକ୍ତି ଯୋଗାଯୋଗ କରନ୍ତୁ
7052176168
8808619133

**ଫାଇନାନ୍ସ**
ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ମାତ୍ର 1250ରେ (1-90 ଲକ୍ଷ) ପର୍ଯ୍ୟନ୍ତ 0% ସୁଧ 60% ରିହାତି, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, କୃଷି, ରାଶନକାର୍ଡ, ଆଧାରକାର୍ଡ, ସମସ୍ତ ଋଣ 48 ଘଣ୍ଟାରେ
Dhanlaxmi Finance
9045324642
7417158225

!! ଋଣ ଋଣ ଋଣ !!
**ମହାରାଷ୍ଟ୍ର ଫାଇନାନ୍ସ**
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ ୧୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339

**ସୁବର୍ଣ୍ଣ ସୁଯୋଗ**
କଣ ଆପଣ ବେରୋଜଗାର ଅଛନ୍ତି କି ?
ଆପଣଙ୍କର ଭବିଷ୍ୟତପାଇଁ କିଛି ଯୋଜନା ଅଛି କି ? ଏସବୁର ସମାଧାନପାଇଁ ଆମ Company ଠାରୁ କିଛି ସାହାଯ୍ୟ ନେଇ ଆତ୍ମନିର୍ଭରଶୀଳ ହୁଅନ୍ତୁ।
ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ
7873395955

**LOAN**
ଶିକ୍ଷିତ ଓ ବେରୋଜଗାରି ମାନେ ନିଜର ବ୍ୟବସାୟିକ, ବ୍ୟକ୍ତିଗତ, ଗୃହ, ପ୍ରପର୍ଟି, ସାର୍ଟିଫିକେଟ୍ ଓ ଶିକ୍ଷାର ସହାୟତାରେ କମ୍ପାନୀଠାରୁ ସାହାଯ୍ୟ ନିଅନ୍ତୁ।
7682891639
8018022748

**SMS JOBS DHAMAKA**
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

**ମହାବୀର ଫାଇନାନ୍ସ**
!! ବିନା ଗ୍ୟାରେଣ୍ଟର!!
ସ୍ୱରୋଜଗାର ପାଇଁ ଅଷ୍ଟମ/ଦଶମ ପାସ୍ ମହିଳା / ପୁରୁଷ
ମାର୍କଶିଟ୍, ବ୍ୟବସାୟ, ଦୋକାନ, ପ୍ରପର୍ଟି
2,00,000-25,00,000 ପର୍ଯ୍ୟନ୍ତ
1% ସୁଧ, 25% ରିହାତି
20 ବର୍ଷରେ ଫେରସ୍ତ
8750418810
9355438810

**UNIVERSAL COMMUNICATION GROUP**
ଦ୍ୱାରା ନିଜ ଖାଲି ପଡ଼ିଥିବା ଜମି, ଛାତ, ଚାଷଜମି, ପ୍ଲଟ୍‌ରେ ଯେକୌଣସି ସ୍ଥାନରେ ଉପକରଣ ଲଗାନ୍ତୁ ଓ ପାଆନ୍ତୁ 60 ଲକ୍ଷ ଅଗ୍ରିମ, ଭଡ଼ା 80,000 + ଅନ୍ୟାନ୍ୟ ସୁବିଧାସୁଯୋଗ ଏଗ୍ରିମେଣ୍ଟ ସହିତ।
CALL NOW:
08570958738
08570958378

**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

9911436726, 9540938429



**କେମିତି ମଦ ଛାଡ଼ିବେ**
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଆଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

**SMS JOB**
Send SMS, Earn MONEY
ଘରେବସି SMS JOB କରି Part/Full Time ଶିକ୍ଷିତ ବେରୋଜଗାର ମାସକୁ ୨୫୦୦୦/- ରୁ ୬୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ।
WORK From Home
କମ୍ପାନୀ ଦ୍ୱାରା Mobile+Laptop+ Bike + SIM + ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9667693638
9667693639

**ଏବିଏସ୍ ଫାଇନାନ୍ସ**
ଦ୍ୱାରା ସମସ୍ତ ଭାରତରେ ଲୋନ୍ ନେବା ପାଇଁ ଏବଂ ଜିଲ୍ଲାସ୍ତରରେ ଏଜେଣ୍ଟ ହେବାକୁ ସମ୍ପର୍କ କରନ୍ତୁ।
ଭୁବନେଶ୍ୱର: 7290027868
କଟକ: 7590022879
ପୁରୀ: 7290027864
ଅନୁଗୁଳ: 7290022884
ଯାଜପୁର: 9870548741
ବାଲେଶ୍ୱର: 9870548676
ଗଞ୍ଜାମ: 9870548744

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ। ପ୍ରଥମେ କାମ ପରେ ଦାମ୍, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଭେହିକିଲ୍, ବ୍ୟବସାୟ, ସମସ୍ତ ଋଣ 2% ସୁଧ, 40% ରିହାତି ଘରେ ବସି ଉପଲବ୍ଧ।
**ADARSH FINANCE**
Ram Nagar, Narnel, Haryana
7310635473
7310568831

**BARSHA FINANCE**
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।

- ବ୍ୟାସଦେବ



## ସଂକ୍ଷେପରେ



### ଉନ୍ନୟନ କାର୍ଯ୍ୟରେ ଅନିୟମିତତା ଅଭିଯୋଗ

ବରଗଡ଼ ଅଫିସ୍,୩।୯: ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଧୀନ ଲୁହାଖଣ୍ଡି ପଞ୍ଚାୟତ ବରପଦର ଗ୍ରାମରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟାପକ ଅନିୟମିତତା କରାଯାଇଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ସୋମବାର ଗ୍ରାମର ୱାର୍ଡ଼ସଭ୍ୟ ବିରାଟ ବାଗ, ଶାନ୍ତି ବାଗ ପ୍ରମୁଖ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଗ୍ରାମର ବିଭିନ୍ନ ପ୍ରକଳ୍ପରେ ହୋଇଥିବା ଅନିୟମିତତାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏ ନେଇ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ତପିରାମ ମାଝିଙ୍କୁ ଗ୍ରାମବାସୀ ଏକ ସ୍ମାରକପତ୍ର ଦେଇଛନ୍ତି। ଗ୍ରାମରେ ବଜାର ପିଣ୍ଡି, ପାଣି ଟାଙ୍କି, ସ୍ୱର୍ଗଦ୍ୱାର, ରାସ୍ତା କଂକ୍ରିଟକରଣ, ମହାଦେବ ମନ୍ଦିରର ପାଚେରି, ୱାର୍ଡ଼ ନଂ-୧୪ର କ୍ଲବ ଗୃହ ନିର୍ମାଣ ଆଦି କାମ ନିମ୍ନମାନର ହୋଇଥିବା ଅଭିଯୋଗ କରିଛନ୍ତି। ଫଳରେ ଏହାର ବିଧିବଦ୍ଧ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି।

# ପୁଣି ଠକିଲା ବୀମା କମ୍ପାନୀ, ଚାଷୀଙ୍କ ଆନ୍ଦୋଳନ ଚେତାବନୀ

ବରଗଡ଼ ଅଫିସ୍,୩।୯

ବରଗଡ଼ ଜିଲାରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ବାଟବଣା ହୋଇପଡିଛି। ଚାଷୀମାନେ ବୀମା ପ୍ରିମିୟମ ଭରିଥିଲେ ସୁଦ୍ଧା ଗତ ୨୦୧୭ ଫସଲକ୍ଷତିର ବୀମା କ୍ଷତିପୂରଣ ଏପର୍ଯ୍ୟନ୍ତ ପାଇ ପାରିନାହାନ୍ତି । ଚାଷୀଙ୍କୁ ସେମାନଙ୍କ ପ୍ରାପ୍ୟ କ୍ଷତିପୂରଣ ଦେବା ବଦଳରେ ବୀମା କମ୍ପାନୀ ବିଭିନ୍ନ ସମୟରେ ନାନା ଆଳ ଦେଖାଉଛି। କେତେବେଳେ ନିର୍ଦ୍ଧାରୀତ ପରିମାଣରୁ କମ୍ ବୀମା କ୍ଷତିପୂରଣ ପ୍ରଦାନ କରୁଛି ତ ଆଉ କେଉଁଠି କେତେକ ପଞ୍ଚାୟତକୁ ବୀମା କ୍ଷତିପୂରଣ ତାଲିକାରୁ ବାଦ୍ ଦିଆଯାଇଛି । ସେହିପରି ଚାଷୀ ଆନ୍ଦୋଳନବେଳେ ଖୋଦ୍ ବୀମା କର୍ତ୍ତୃପକ୍ଷ ଦେଇଥିବା ପ୍ରତିଶ୍ରୁତି ନ ରଖି ଠକି ଚାଲିଛି । ଏହାକୁ ନେଇ ଅସନ୍ତୋଷ ବଢ଼ିଚାଲିଥିବାବେଳେ ବରଗଡ଼ ଜିଲା ଚାଷୀ ସଂଗଠନ ସମନ୍ୱୟ ସମିତି ପୁଣି ଆନ୍ଦୋଳନ ଚେତାବନୀ ଦେଇଛି । ଏହି ପରିପ୍ରେକ୍ଷୀରେ ସୋମବାର ସମିତି ପକ୍ଷରୁ ନ୍ୟାଶନାଲ ଇନ୍‌ସ୍ୟୁରାନ୍ସ କମ୍ପାନୀ ଭୁବନେଶ୍ୱରର ମୁଖ୍ୟ ଆଞ୍ଚଳିକ ପ୍ରବନ୍ଧକଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ତପିରାମ ମାଝି ସ୍ମାରକପତ୍ର ଗ୍ରହଣ କରିଥିଲେ ।

ପ୍ରକାଶ ଯେ, ଗତ ଅଗଷ୍ଟ ୧୬ତାରିଖରେ ବରଗଡ଼ ଜିଲା ଚାଷୀ ସଂଗଠନ ସମନ୍ୱୟ ସମିତି ନେତୃତ୍ୱରେ ଶତାଧିକ ଚାଷୀ ବୀମା କ୍ଷତିପୂରଣ ଦାବି ନେଇ ଭୁବନେଶ୍ୱରସ୍ଥିତ ନ୍ୟାଶନାଲ ଇନ୍‌ସ୍ୟୁରେନ୍ସ କମ୍ପାନୀର ଆଞ୍ଚଳିକ କାର୍ଯ୍ୟାଳୟ(ରିଜିଓନାଲ) ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ। ସେତେବେଳେ ଆନ୍ଦୋଳନରତ ଚାଷୀଙ୍କ ସହିତ ବୀମା କର୍ତ୍ତୃପକ୍ଷ ଆଲୋଚନା କରିଥିଲେ।



ଫସଲବୀମା କ୍ଷତିପୂରଣ ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀମାନେ।

ଆଲୋଚନା ବେଳେ ବରଗଡ଼ ଜିଲାର ୬୦୯ ଚାଷୀଙ୍କ ଜମିକୁ ନେଇ ଅନୁଧ୍ୟାନ ଜାରି ରହିଥିବା ଯୋଗୁ ଅନ୍ୟ ୧୦କୋଟି ଟଙ୍କା ଜମା ହୋଇପାରି ନାହିଁ ଏବଂ ବାକି ଯେଉଁ ୬୪ କୋଟି ରହିଛି, ସେ ନେଇ ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି ନିଆଯିବ ବୋଲି ବୀମା ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ଏପର୍ଯ୍ୟନ୍ତ ସେହି ବକେୟା ବୀମା କ୍ଷତିପୂରଣ ପ୍ରଦାନ କରିବା ତ ଦୂରର କଥା, ଉଚ୍ଚସ୍ତରୀୟ ବୈଠକ ବସିପାରି ନାହିଁ। ଚାଷୀଙ୍କ ଫସଲକ୍ଷତି ମୁତାବକ ଜିଲାର ଚାଷୀମାନେ ସମୁଦାୟ ୭୩୪ କୋଟି ଟଙ୍କାର ବୀମା କ୍ଷତିପୂରଣ ପାଇବାକୁ ହକ୍‌ଦାର ଥିବାବେଳେ ସେଥିରୁ କେବଳ ୬୭୯ କୋଟି ଟଙ୍କା ପ୍ରଦାନ କରି ବୀମା କମ୍ପାନୀ ଖସିଯିବା ପାଇଁ ଉଦ୍ୟମ କରୁଛି । ମାତ୍ର ୬୭୯ କୋଟି ମଧ୍ୟରୁ ୭୪ କୋଟି ଟଙ୍କା ଏପର୍ଯ୍ୟନ୍ତ ଜମା ହୋଇପାରି ନାହିଁ । ଫଳରେ ଏଭଳି ଆଳ ଦେଖାଇ ବୀମା କ୍ଷତିପୂରଣରୁ ବଞ୍ଚିତ କରାଯାଉ ଥିବାଯୋଗୁ ବୀମା କମ୍ପାନୀ ବିରୋଧରେ ପୁଣି ଆନ୍ଦୋଳନ ତେଜି ଉଠିଛି । ତେବେ ଆଗାମୀ ଦିନରେ ସୁଧ ସହିତ ତୁରନ୍ତ ବକେୟା ବୀମା କ୍ଷତିପୂରଣ ପ୍ରଦାନ କରା ନ ଗଲେ ଚାଷୀ ସଂଗଠନ ସମନ୍ୱୟ ସମିତି ପୁଣି ଆନ୍ଦୋଳନକୁ ଓହ୍ଲାଇବ ବୋଲି ସ୍ମାରକପତ୍ରରେ ଚେତାବନୀ ଦେଇଛି। ସ୍ମାରକପତ୍ରର ନକଲ କପି କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ, ରାଜ୍ୟ କୃଷି ଉତ୍ପାଦନ କମିଶନର, ସମବାୟ ସଚିବ, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାର ନୋଡ଼ାଲ ଅଫିସର, ପୋଲିସ ମହାନିର୍ଦ୍ଦେଶକ ଏବଂ ବରଗଡ଼ ଜିଲାପାଳଙ୍କ ନିକଟକୁ ପଠାଯାଇଥିବା ସ୍ମାରକପତ୍ରରେ ସୂଚନା ଦିଆଯାଇଛି। ସ୍ମାରକପତ୍ର ପ୍ରଦାନବେଳେ ସମିତି ସଭାପତି ଜୟକୃଷ୍ଣ ସାହୁ, କିଶୋର ଦେବତା ସଦାନନ୍ଦ ପୂଜାରୀ, ଲକ୍ଷ୍ମଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଚକବନ୍ଦୀ ବନ୍ଦ ଦାବି, ଜିଲାପାଳଙ୍କୁ ଫେରାଦ

ବରଗଡ଼ ଅଫିସ୍,୩।୯

ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ାକୁ ସହରାଞ୍ଚଳ ଭାବେ ସାମିଲ କରାଯାଇଛି। ଏହାସତ୍ତ୍ୱେ ଏଠାରେ ଚକବନ୍ଦୀ ପଟ୍ଟା ଅନୁସାରେ ଖଜଣା ଦେବା ପାଇଁ ସ୍ଥାନୀୟ ରାଜସ୍ୱ ଅନୁନିରୀକ୍ଷକ ଚାଷୀମାନଙ୍କୁ କହୁଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ସମ୍ପୃକ୍ତ ଅଞ୍ଚଳର ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏହି କ୍ରମରେ ଏକ ଚାଷୀ ପ୍ରତିନିଧି ଦଳ ସୋମବାର ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି। ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ତପିରାମ ମାଝିଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ସ୍ମାରକପତ୍ରରେ ଉଲ୍ଲେଖିତ ରହିଛି, ରାଜ୍ୟ ସରକାରଙ୍କ ଗତ ୨୦୧୬ ଏପ୍ରିଲ ୨୬ତାରିଖର ବିଜ୍ଞପ୍ତି ଅନୁସାରେ ବରାହଗୋଡ଼ାକୁ ବରଗଡ଼ ସହରାଞ୍ଚଳରେ ସାମିଲ କରାଯାଇଛି। ଏହି ଦୃଷ୍ଟିରୁ ଏଠାରେ ଚକବନ୍ଦୀ କାର୍ଯ୍ୟକାରୀ ହେବା କଥା ନୁହେଁ। ମାତ୍ର ରାଜସ୍ୱ ବିଭାଗର ନିର୍ଦ୍ଦେଶ ମୁତାବକ



ଚକବନ୍ଦୀ ବନ୍ଦ ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀମାନେ।

ସ୍ଥାନୀୟ ଚାଷୀଙ୍କଠାରୁ ୨୦୧୮ ଖରିଫ ଧାନବିକ୍ରି ପାଇଁ ଚକବନ୍ଦୀ ମୁତାବକ ଖଜଣା ଅସୁଲି କରାଯାଉଛି । ଏଠାରେ ଚକବନ୍ଦୀ ବନ୍ଦ ପାଇଁ ଅଞ୍ଚଳର କେତେକ ଚାଷୀ ହାଇକୋର୍ଟର ଦ୍ୱାରସ୍ଥ ହୋଇ ବ୍ୟକ୍ତିଗତ ସ୍ଥଗିତାଦେଶ ମଧ୍ୟ ଆଣି ସାରିଛନ୍ତି। ଏହାସତ୍ତ୍ୱେ ଅଞ୍ଚଳର ଚାଷୀଙ୍କଠାରୁ ଚକବନ୍ଦୀ ମୁତାବକ ଖଜଣା ଅସୁଲି କରାଯାଉଥିବା ଅଭିଯୋଗ ହୋଇଛି । ଫଳରେ ଏ ଦିଗରେ ବିହିତ ପଦକ୍ଷେପ ନେବା ସହିତ ସମ୍ପୃକ୍ତ ଅଞ୍ଚଳରେ ଚକବନ୍ଦୀ ବନ୍ଦ କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି। ଏକାଦଶିଆ ସାହୁ, ନରସିଂହ ସାହୁ, ସ୍ୱାଧୀନ ସାହୁ, ମାଧବ ପ୍ରଧାନ, ବିଶ୍ୱଜିତ ପ୍ରଧାନ ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିବା ପାଇଁ ଆସିଥିଲେ ।

# ମହୁଲବୁରାଇ ପଡ଼ାକୁ ବିଦ୍ୟୁତ୍ ସେବା ଅପହଞ୍ଚ

ବରଗଡ଼ ଅଫିସ୍,୩।୯

ବିଦ୍ୟୁତ୍ ସେବା ଯୋଗାଇବା ପାଇଁ ସରକାର ଯୋଜନା ପରେ ଯୋଜନା ହାତକୁ ନେଉଛନ୍ତି । ରାଜୀବ ଗାନ୍ଧୀ ବିଦ୍ୟୁତ୍ ଯୋଜନା, ବିଜୁ ଗ୍ରାମଜ୍ୟୋତି ଯୋଜନା ଭଳି ଅନେକ କାର୍ଯ୍ୟକ୍ରମ ସରକାର ହାତକୁ ନେଇଛନ୍ତି । ମାତ୍ର ଏବେ ମଧ୍ୟ ଅନେକ ଗ୍ରାମବାସୀଙ୍କ ପାଇଁ ବିଦ୍ୟୁତ୍ ସେବା ଦିବାସ୍ୱପ୍ନ ପାଲଟି ଯାଇଛି । ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଧୀନ ରେଶମ ପଞ୍ଚାୟତ ପଧାନପାଲି ନିକଟ ମହୁଲବୁରେଇ ପଡ଼ା ଏହାର ଉଦାହରଣ।। ଏଠାକୁ ଏପର୍ଯ୍ୟନ୍ତ ବିଦ୍ୟୁତ୍ ସେବା ପହଞ୍ଚି ପାରିନାହିଁ । ଫଳରେ ବିଦ୍ୟୁତ୍ ସେବା ଯୋଗାଇଦେବା ଦାବି ନେଇ ପଡ଼ାବାସୀ ସୋମବାର ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅନୁପସ୍ଥିତିରେ ପଡ଼ାବାସୀ ଅତିରିକ୍ତ ଜିଲାପାଳ ତପିରାମ ମାଝିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି ।

ପ୍ରକାଶ ଯେ, ମହୁଲବୁରେଇ ପଡ଼ାରେ ଦୀର୍ଘବର୍ଷ ଧରି ୨୦ରୁ ଊର୍ଦ୍ଧ୍ୱ



ବିଦ୍ୟୁତ୍ ସଂଯୋଗ ଦାବିରେ ଜିଲାପାଳଙ୍କୁ ଭେଟିବାକୁ ଯାଉଛନ୍ତି।

ପରିବାର ପିଲାଛୁଆ ଧରି ରହି ଆସୁଛନ୍ତି। ସମସ୍ତେ ଗରୀବ ଶ୍ରେଣୀର ଅଟନ୍ତି । ମାତ୍ର ଏପର୍ଯ୍ୟନ୍ତ ଏହି ପଡ଼ାକୁ ବିଦ୍ୟୁତ୍ ସଂଯୋଗ ହୋଇପାରି ନାହିଁ । ପ୍ରତି ନିର୍ବାଚନ ସମୟରେ ପ୍ରାର୍ଥୀମାନେ ଏଠାକୁ ଆସି ଏହାକୁ ଏକ ମୁଖ୍ୟ ପ୍ରସଙ୍ଗ ରଖି ପଡ଼ାବାସୀଙ୍କ ଭୋଟ୍ ହାତେଇଥାନ୍ତି। କିନ୍ତୁ ନିର୍ବାଚନ ସରିଗଲା ପରେ ସେହି ପ୍ରାର୍ଥୀମାନେ ନିଜ ନିର୍ବାଚନୀ ପ୍ରତିଶ୍ରୁତିକୁ ଭୁଲି ଯାଇଥାନ୍ତି ବୋଲି ପଡ଼ାବାସୀ ଅଭିଯୋଗ କରିଛନ୍ତି । ଅନ୍ୟପଟେ ବିଦ୍ୟୁତ୍ ସେବା ମିଳୁ ନ ଥିବା ଯୋଗୁ ପଡ଼ାର ପିଲାଛୁଆଙ୍କ ପାଠପଢ଼ାରେ ପ୍ରତିବନ୍ଧକ ସାଜିଛି । ଏହା ସହିତ ପଙ୍ଖା, କୁଲର, ଟିଭି ଆଦି ପଡ଼ାବାସୀ ଚଲାଇ ନ ପାରି ବହୁବିଧ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ଅନ୍ୟ ପଡ଼ା ଭଳି ମହୁଲବୁରେଇ ପଡ଼ାକୁ ମଧ୍ୟ ବିଦ୍ୟୁତ୍ ସଂଯୋଗ କରିବା ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ପଡ଼ାବାସୀ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ପଡ଼ାର ପ୍ରଭାକର ବାରିକଙ୍କ ସମେତ ବହୁସଂଖ୍ୟକ ପଡ଼ାବାସୀ ସ୍ମାରକପତ୍ର ପ୍ରଦାନ କରିବାକୁ ଆସିଥିଲେ।

# ମହାନଦୀରୁ ଅବାଧରେ ଚାଲିଛି କଇଁଛ ଶିକାର

ଅତାବିରା,୩।୯(ଡି.ଏନ.ଏ.)

ବହୁ ମୂଲ୍ୟବାନ ଅଲିଭ୍‌ରିଡ୍‌ଲେ କଇଁଛ ଶିକାର ଉପରେ କେନ୍ଦ୍ର ଓ ରାଜ୍ୟ ସରକାର ରୋକ୍ ଲଗାଇବାକୁ କଡ଼ାକଡ଼ି କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଜାରି କରିଛନ୍ତି। ଏହାସତ୍ତ୍ୱେ ମହାନଦୀ ଅବବାହିକା ନିକଟ ଛକ, ବଜାରଗୁଡ଼ିକରେ ଏହାର ଖୁଲମଖୁଲା ବିକ୍ରି ଚାଲିଛି। ସୋମବାର ବରଗଡ଼ ଜିଲା ଉଦେପୁର-ଦେଓଗାଁ ମହାନଦୀ ଫେରି ଘାଟ ନିକଟରେ ଜାଲ ବିଛାଯାଇ କଇଁଛ ଶିକାର କରାଯିବା ପରେ ଗୋଡ଼ଭଗା-ଡୁରୁମ-ସୋନପୁର



ଗୋଡଭଗା- ଡୁରୁମ ୫୪ ନମ୍ବର ରାଜ୍ୟ ରାଜପଥ ଉଦେପୁର ଛକରେ ଚାଲିଛି କଇଁଛ ବିକ୍ରି।

ରାଜ୍ୟ ରାଜପଥ ଉଦେପୁର ଛକରେ ବିକ୍ରି କରାଯାଉଥିବା ଦେଖିବାକୁ ମିଳିଥିଲା। ମହାନଦୀରୁ କଇଁଛ କିଣି ଜଣେ ବେପାରୀ ଉଦେପୁର ଛକରେ ବିକ୍ରି କରୁଥିଲା। ଫଳରେ ଅଲିଭ୍ ପ୍ରଜାତି କଇଁଛଙ୍କ ସଂଖ୍ୟା ଦିନକୁ ଦିନ ଲୋପ ପାଇବାକୁ ବସିଛି। ଅବାଧରେ ଏହାକୁ ଶିକାର କରାଯାଉଥିଲେ ମଧ୍ୟ ପୋଲିସ କିମ୍ବା ପ୍ରଶାସନ ନୀରବ ବସି ରହିଛି। ଏ ସମ୍ପର୍କରେ ଭେଡେନ ଥାନା ରୁଷୁଡା ଫାଣ୍ଡି ଅଧିକାରୀ ପ୍ରକାଶ ଚନ୍ଦ୍ର ପାତ୍ରଙ୍କୁ ପଚାରିବାରେ ତଦନ୍ତ କରି ଧରପଗଡ଼ କରାଯିବ କହିଛନ୍ତି।

# ଲରମ୍ଭା କଲେଜର ପ୍ରତିଷ୍ଠା ଦିବସ



ଅତାବିରା ବ୍ଲକ ଲରମ୍ଭା କଲେଜର ୫୫ତମ ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ଅତିଥି ବୃନ୍ଦ।

ଅତାବିରା,୩।୯(ଡି.ଏନ୍.ଏ.)

ବରଗଡ଼ ଜିଲା ଅତାବିରା ବ୍ଲକ ଲରମ୍ଭା କଲେଜର ୫୫ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ଟିଟିଲାଗଡ଼ ଡିଏଭି କଲେଜ ଓଡ଼ିଆ ବିଭାଗ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଅଜାମ୍ବର ମଲ୍ଲ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ ସମ୍ପ୍ରତି ମୋବାଇଲ ଫୋନ ପୁରାଣର ଶକୁନି ଓ ଟିଭି ମନ୍ଥରା ରୂପ ଧାରଣ କରିଥିବା କହିଥିଲେ। ଏହା ଛାତ୍ରୀଛାତ୍ରଙ୍କ ଜୀବନରେ ପ୍ରତିବନ୍ଧକ ସାଜିଥିବା ଦର୍ଶାଇଛନ୍ତି। ସଭାରେ ରାଜ୍ୟ ହସ୍ତତନ୍ତ ଓ ବୟନ ଶିଳ୍ପମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି, ଡ. ଅଜାମ୍ବର ମଲ୍ଲ ମୁଖ୍ୟ ବକ୍ତା, ଏମ୍‌ପି ଡ. ପ୍ରଭାସ କୁମାର ସିଂ, ଅତାବିରା ବ୍ଲକ ଅଧ୍ୟକ୍ଷା ରୀତା ସାହୁ, ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି, ଅଧ୍ୟକ୍ଷା ଓ ଅନ୍ୟମାନେ ବ୍ରଜମୋହନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସ୍ୱାଗତ ଭାଷଣ ଓ ବିବରଣୀ ପାଠ କରିଥିଲେ କଲେଜ ଅଧ୍ୟକ୍ଷ ପ୍ରଫେସର ଧବଳେଶ୍ୱର ମେହେର। ଅତିଥି ପରିଚୟ ଦେଇଥିଲେ ପ୍ରାଧ୍ୟାପକ ଡ. ପୁଷ୍ପ କୁମାର ମେହେର। ଏହି ଅବସରରେ ପ୍ରାଧ୍ୟାପକ ଡ. ନରେନ୍ଦ୍ର କୁମାର ବେହେରାଙ୍କ ରଚିତ ପୁସ୍ତକ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କଲେଜ ଛାତ୍ରୀମାନେ ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିଲେ। ସଭାପତିଙ୍କ ଅନୁପସ୍ଥିତିରେ ମନ୍ତ୍ରୀ ଛୁରିଆ ସଭା ପରିଚାଳନା କରିଥିଲେ। ଶେଷରେ ପ୍ରାଧ୍ୟାପକ ଡ. ନରେନ୍ଦ୍ର କୁମାର ବେହେରା ଧନ୍ୟବାଦ ଦେଇଥିଲେ।

# ଗର୍ଭଣାରେ ଖାଦ୍ୟ ପ୍ରଦର୍ଶନୀ, ଜାତୀୟ ପୁଷ୍ଟିକର ସପ୍ତାହ ପାଳିତ

ସୋହେଲା,୩।୯(ଡି.ଏନ.ଏ.)

ବରଗଡ଼ ଜିଲା ସୋହେଲା ନିକଟ ଗର୍ଭଣା ଗ୍ରାମର ୫ନମ୍ବର ଅଙ୍ଗନୱାଡ଼ି କେନ୍ଦ୍ରରେ ଜାତୀୟ ପୁଷ୍ଟିକର ସପ୍ତାହ ପାଳନ ଅବସରରେ ଅଙ୍ଗନୱାଡ଼ି କର୍ମୀ, ସହାୟିକା ଓ ମହିଳାମାନଙ୍କ ଦ୍ୱାରା ଏକ ଖାଦ୍ୟ ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି। ଏହାକୁ ସୋହେଲା ସିଡିପିଓ ରାଶେଶ୍ୱରୀ ସାହୁ ଉଦ୍‌ଘାଟନ କରିଥିଲେ। ଏଥିରେ ଗର୍ଭବତୀ, ପ୍ରସୂତୀ, କିଶୋରୀ ଓ ୬ବର୍ଷ ହୋଇଥିବା ଶିଶୁମାନଙ୍କ ମା'ମାନେ ଉପସ୍ଥିତ ରହିଥିଲେ। ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ବିଭିନ୍ନ ଯୋଜନା ଓ ଗ୍ରାମାଞ୍ଚଳରେ ମିଳୁଥିବା ପନିପରିବା ଓ ଋତୁକାଳୀନ ଫଳକୁ କିପରି ପୁଷ୍ଟିକର ଖାଦ୍ୟ ଭାବେ ବ୍ୟବହାର କରାଯାଇପାରିବ ସେ ସମ୍ପର୍କରେ ସେମାନଙ୍କୁ ଅବଗତ



ଖାଦ୍ୟ ପ୍ରଦର୍ଶନୀରେ ମହିଳାମାନେ ବୁଲି ଦେଖୁଛନ୍ତି।

କରାଯାଇଥିଲା। କାର୍ଯ୍ୟକ୍ରମରେ ଗର୍ଭଣା ସେକ୍ଟର ଅନ୍ତର୍ଗତ ବିଭିନ୍ନ କେନ୍ଦ୍ରର କର୍ମୀମାନଙ୍କ ଦ୍ୱାରା ଗ୍ରାମାଞ୍ଚଳ ବାଡ଼ି ବଗିଚାରେ ଉପଲବ୍ଧ ହେଉଥିବା ବିଭିନ୍ନ ପନିପରିବା, ଫଳମୂଳ, ପୁଷ୍ଟିକର ଲଡୁ, କ୍ଷିରି, ଗଜା ମୁଗ, ଅଣ୍ଡା ଓ ଛତୁଆରେ ପ୍ରସ୍ତୁତ ଖାଦ୍ୟ ସମଗ୍ରୀ ପ୍ରଦର୍ଶିତ ହୋଇଥିଲା। ଗର୍ଭଣା ଗ୍ରାମର ଅଙ୍ଗନୱାଡ଼ି କର୍ମୀ ଅରୁଣା ସାହୁ, ବବିତା ବଣିଆଁ, ନୀଳେନ୍ଦ୍ରୀ ସାହୁ, ରୁକ୍ମଣୀ ଭୁଏ, ଯୋଗେଶ୍ୱରୀ ପଣ୍ଡା କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ। ଗର୍ଭଣା ସେକ୍ଟର ଜଟିପାଲି, ନଅଗାଁ, ଡୁମ୍ବେରପାଲି, ଭାତବିଡ଼ା, ଚେପଟିବାହାଲ ଓ ଲେବିଡ଼ି ଗ୍ରାମର ଅଙ୍ଗନୱାଡ଼ି କର୍ମୀମାନେ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅଙ୍ଗନୱାଡ଼ି କର୍ମୀ ଗୀର୍ଜା ଓ ବାସନ୍ତୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ।

# ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱଚ୍ଛତା ପକ୍ଷ ପାଳିତ

ଭଟଲି,୩।୯(ଡି.ଏନ୍.ଏ.)

ବରଗଡ଼ ଜିଲା ଭଟଲିସ୍ଥିତ ଶାନ୍ତି ବାଳିକା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ସ୍ୱଚ୍ଛତା ସମ୍ପର୍କିତ ଏକ ସଚେତନତା ଶୋଭାଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଇନ୍ଦିରା ଖମାରୀଙ୍କ ନେତୃତ୍ୱରେ ଶତାଧିକ ଛାତ୍ରୀ ଏବଂ ଶିକ୍ଷୟିତ୍ରୀ ଶିକ୍ଷକ ଏଥିରେ ସାମିଲ୍ ହୋଇଥିଲେ। ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ଗ୍ରାମ୍ୟ ପରିବେଶକୁ ସ୍ୱଚ୍ଛ ରଖିବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସ୍ୱଚ୍ଛତା ଅଭିଯାନକୁ ସଫଳ କରିବା ପାଇଁ ଲୋକଙ୍କୁ ସଚେତନ କରାଯାଇଥିଲା। ସେହିପରି କୁଶନପୁରୀ ସରକାରୀ ପ୍ରାଥମିକ ବିଦ୍ୟାଳୟ, ବାଞ୍ଜିପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବଡ଼ମାଲ ସରକାରୀ ଉଚ୍ଚବିଦ୍ୟାଳୟ, କେଶାଇପାଲି ସରକାରୀ ଉଚ୍ଚବିଦ୍ୟାଳୟ ଓ ଦଧିବାମନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ଅନୁରୂପ ଶୋଭାଯାତ୍ରା ବାହାରିଥିଲା।

**ସଂକ୍ଷେପରେ**

## ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ତଳଗାଁ,୩।୯(ଡି.ଏନ୍.ଏ.)
ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ତଳଗାଁ ପଞ୍ଚାୟତ ବଡ଼କୋଇ ଗ୍ରାମର ତାରାବତୀ କହଁର (୩୫) ସୋମବାର ସାପ କାମୁଡ଼ାରେ ମୃତ୍ୟୁବରଣ କରିଛନ୍ତି। ରବିବାର ରାତିରେ ଘରେ ଶୋଇଥିବା ସମୟରେ ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ତେବେ ତୁରନ୍ତ ତାଙ୍କୁ ମେଡିକାଲ ନେବା ପରିବର୍ତ୍ତେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ପରିବାର ଲୋକେ ତାଙ୍କୁ ଝଡ଼ାଫୁଙ୍କା କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାରାବତୀଙ୍କୁ ବାଣିଗୋଛା ମେଡିକାଲ ନିଆଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାରାବତୀଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

# ପରିବାରର ବିରୋଧ ସତ୍ତ୍ୱେ ବିବାହ କଲେ ପ୍ରେମୀଯୁଗଳ

ବୌଦ୍ଧ,୩।୯(ସ୍ୱ.ପ୍ର.)

ଭିନ୍ନ ଜାତିର ହୋଇଥିବାରୁ ପରିବାରର ବିରୋଧ ସତ୍ତ୍ୱେ ସୋମବାର ବିବାହ ପଞ୍ଜୀକରଣ କାର୍ଯ୍ୟାଳୟରେ ବିବାହ କରିଛନ୍ତି ପ୍ରେମୀଯୁଗଳ। ବୌଦ୍ଧ ଜିଲା ବାଉଁଶୁଣୀ ଥାନାର ଡିମିରିଖୋଲ ଗ୍ରାମର ବିକ୍ରମ ମହାଲିକ (୨୪) ଓ କମଳିନୀ କର୍ଣ୍ଣ (୧୮) ଗତ ୩ ବର୍ଷ ହେଲା ପରସ୍ପରକୁ ପ୍ରେମ କରିଆସୁଥିଲେ। ହେଲେ ଏହାକୁ କମଳିନୀଙ୍କ ପରିବାର ଲୋକେ ବିରୋଧ କରୁଥିଲେ। ସେତେବେଳେ କମଳିନୀଙ୍କ ବୟସ ୧୫ ବର୍ଷ ହୋଇଥିବାରୁ ଆଇନ ଅନୁଯାୟୀ ବିବାହ ସମ୍ଭବ ନ ଥିଲା। ତେଣୁ ଉଭୟ ଘରୁ ପଳାଇ ଯାଇଥିଲେ। କମଳିନୀଙ୍କ ପରିବାର ଲୋକେ ଏନେଇ ବାଉଁଶୁଣୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ବିକ୍ରମଙ୍କୁ ଗିରଫ କରି କୋର୍ଟ ପଠାଇଥିଲା। ଦୀର୍ଘ ୪ ମାସ ଜେଲରେ ରହିବା ପରେ ବିକ୍ରମ ଜାମିନରେ ଆସିଥିଲେ। ଏପଟେ କମଳିନୀ ନିଜ ପରିବାର ପାଖକୁ ନ ଯାଇ ବୌଦ୍ଧ ସୁଧାର ଗୃହରେ ରହିଥିଲେ। ଏବେ କମଳିନୀଙ୍କୁ ୧୮ ବର୍ଷ ହେବା ପରେ ଉଭୟ ବିବାହ କରିବାକୁ ବୌଦ୍ଧ ବିବାହ ପଞ୍ଜୀକରଣ ଅଧିକାରୀଙ୍କ ନିକଟରେ ଆବେଦନ କରିଥିଲେ। ସେମାବାର ବିବାହ ପଞ୍ଜୀକରଣ ଅଧିକାରୀ ଖଦାଳ ପାତ୍ରଙ୍କ ନିକଟରେ ସେମାନଙ୍କ ବିବାହ ପଞ୍ଜୀକୃତ ହୋଇଛି। ଏହି ବିବାହ ଉତ୍ସବରେ ସୁଧାର ଗୃହର ଅଧକ୍ଷା ନିର୍ମଳା ଜେନା, କାଉନସିଲର ସବିତା ହୋତା ଓ ବିକ୍ରମଙ୍କ ବାପା ଉପସ୍ଥିତ ଥିଲେ। ଏହି ବିବାହରେ କମଳିନୀ ବେଶ୍ ଖୁସି ଥିବା କହିଛନ୍ତି। ବିକ୍ରମଙ୍କ ବାପା ପୁଅବୋହୂଙ୍କୁ ଘରକୁ ନେଇଛନ୍ତି।


ବିବାହ ପଞ୍ଜୀକରଣ କାର୍ଯ୍ୟାଳୟରେ ବିକ୍ରମ ଓ କମଳିନୀଙ୍କ ସମେତ ଅନ୍ୟମାନେ।

## ଶୋଭାଯାତ୍ରାରେ ଯାଇ ସ୍ମାରକପତ୍ର ପ୍ରଦାନ

ବରଗଡ଼ ଅଫିସ୍,୩।୯–
ସମ୍ବିଧାନ ପୋଡ଼ି ଘଟଣାକୁ ଏସ୍‌ସି,ଏସ୍‌ଟି, ଓବିସି ରିଲିଜିଅସ୍ ମାଇନୋରିଟି ସମତା ସଂଘ ବରଗଡ଼ ନିନ୍ଦା କରିଛି । ଏହାର ପ୍ରତିବାଦରେ ସୋମବାର ସଂଘ ପକ୍ଷରୁ ଏକ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା । ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ତପିରାମ ମାଝି ସ୍ମାରକପତ୍ର ଗ୍ରହଣ କରିଥିଲେ । ସ୍ମାରକପତ୍ରରେ ୪ଦଫା ଦାବି କରାଯାଇଛି। ସମ୍ବିଧାନ ପୋଡ଼ି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଦେଶଦ୍ରୋହୀଭାବେ ଦଣ୍ଡିତ କରିବା, ସମ୍ବିଧାନର ସୁରକ୍ଷା ନେଇ ପ୍ରତ୍ୟେକ ଅନୁଷ୍ଠାନ, ସମସ୍ତ ଅଧିକାରୀଙ୍କ ପାଇଁ ସର୍କୁଲାର ଲାଗୁ କରାଯିବା, ସମ୍ବିଧାନର ମୌଳିକ ତଥ୍ୟ ଆଧାରିତ ବିଷୟବସ୍ତୁ ଶିକ୍ଷାନୁଷ୍ଠାନର ପାଠ୍ୟଖସଡ଼ାରେ ସାମିଲ କରାଯିବା ଆଦି ରହିଛି। ମନୋଜ କୁମାର କଲେତ, ପୂର୍ଣ୍ଣଚନ୍ଦ୍ର ପାଇକ, ହିମାଂଶୁ ବିଭାର, ସୁରେଖା ଭୋଇ ନେତୃତ୍ୱ ନେଇଥିଲେ।

# ଘଣ୍ଟାପଡ଼ା ଅଞ୍ଚଳରେ ହାତୀ ଉପଦ୍ରବ

କନ୍ଧମାଳ/ଘଣ୍ଟାପଡ଼ା, ୩।୯ (ଡି.ଏନ୍.ଏ.)

ବୌଦ୍ଧ ଜିଲା କନ୍ଧମାଳ ରେଞ୍ଜ ଅନ୍ତର୍ଗତ ଘଣ୍ଟାପଡ଼ା ସେକସନ୍‌ର ସଂରକ୍ଷିତ ସୂନାଦେଇ ପାହାଡରେ ରହିଥିବା ଏକ ହାତୀପଲ ଅଞ୍ଚଳରେ ବ୍ୟାପକ ଉପଦ୍ରବ କରିବା ସହ ଆତଙ୍କ ସୃଷ୍ଟି କରୁଛନ୍ତି। ହାତୀପଲ ଦିନରେ ମଧ୍ୟ ଗ୍ରାମ ରାସ୍ତାକୁ ଚାଲି ଆସି ଚାଷ ଜମି, ବାଡି ବଗିଚା ସବୁ ମାଡି ଦଳି ଦେଉଛନ୍ତି। ଫଳରେ ଲୋକେ ଜମିକୁ ଯାଇ ପାରୁନାହାନ୍ତି। ଏପରି କି ସଞ୍ଜ ହେଲେ ଲୋକେ ଘରୁ ବାହାରକୁ ବାହାରିବା ମୁସ୍କିଲ ହୋଇପଡୁଛି। ଫଳରେ ଘର କବାଟ ବନ୍ଦ କରି ଭଗବାନଙ୍କ ଭରସାରେ ରହୁଛନ୍ତି । ଘଣ୍ଟାପଡ଼ା ପଞ୍ଚାୟତ ଅଧୀନ ସୁର୍କାଭଟ୍ଟା, କୁନାସିଲା, ଗଦଗୁଭା, ଲଣ୍ଡାପଦର, ମାଣିକପୁର, ବଡ଼ବାହାଲ, ତମ୍ବାସିନା, ବଘିଆ ଆଦି ଗ୍ରାମକୁ ଲାଗି ଏହି ପାହାଡ ଥିବାରୁ ପାଦ ଦେଶରେ ଥିବା ଜମି ସବୁ ମାଡି ଦଳି ଦେଉଛନ୍ତି । ଘଣ୍ଟାପଡ଼ା ବନବିଭାଗର କହିବାନୁସାରେ କନ୍ଧମାଳ ରେଞ୍ଜ ଅଧୀନ ଲାଖ ପର୍ବତରେ ଏକ ହାତୀପଲ ବହୁ ଦିନ ଧରି ରହିଆସୁଥିଲେ । ସେଠାରେ ଏହି ହାତୀ ତିନୋଟି ଛୁଆ ଜନ୍ମ ଦେଇଛନ୍ତି । ଛୋଟ ଛୁଆକୁ ସୁରକ୍ଷା ଦେଇ ଏମାନେ ତେଲ ନଦୀ ଆରପଟକୁ ଯିବାକୁ ଉଦ୍ୟମ କରୁଛନ୍ତି । କିନ୍ତୁ ତେଲ ନଦୀରେ ବନ୍ୟା ଜଳ ପୂର୍ଣ୍ଣ ଥିବାରୁ ସେମାନେ ଯାଇପାରୁ ନାହାନ୍ତି । କିଛିଦିନ ହେଲା ଘଣ୍ଟାପଡ଼ା ଅଞ୍ଚଳକୁ ହାତୀପଲ ଚାଲି ଆସିଛନ୍ତି। ବନ ବିଭାଗ ପକ୍ଷରୁ ହାତୀପଲ ଉପରେ ନଜର ରଖାଯାଇଥିବା କୁହାଯାଇଛି। ଏପରି କି ହାତୀପଲଙ୍କୁ ଦେଖିବାକୁ ଆସି ଗତ ୩୧ତାରିଖରେ କନ୍ଧମାଳ ପଞ୍ଚାୟତ ଅନ୍ତର୍ଗତ କଲେରାକୋଠା ଗ୍ରାମର କରୁଣା ରଣା (୫୧)ଙ୍କୁ ଏକ ମାଇ ହାତୀ ଶୁଣ୍ଢରେ କଚାଡି ମାରିଦେଇଥିଲା । ଆଗରୁ ପୁଣି ୨ମାସ ତଳେ ଘୁଚାଙ୍ଗି ଗ୍ରାମର ଜଣେ ବ୍ୟକ୍ତିଙ୍କୁ କଚାଡି ମାରିଦେଇଥିଲା । ଏଥିରେ ବନବିଭାଗ କେବଳ ଔପଚାରିକା ଭାବେ କାର୍ଯ୍ୟ ତୁଲାଇ କଥାକୁ ଏଡାଇ ଚାଲିଛନ୍ତି । ତେଣୁ ଲୋକେ ଆତଙ୍କିତ ଅବସ୍ଥାରେ ଦିନ କାଟୁଛନ୍ତି । ଗତ ବର୍ଷ କମ୍ ବର୍ଷା ଯୋଗୁ ଅଞ୍ଚଳରେ ମରୁଡି ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଚଳିତ ବର୍ଷ ଚାଷୀମାନେ ପମ୍ପ ସାହାର୍ଯ୍ୟରେ ଚାଷ କାର୍ଯ୍ୟ ତୁଲାଉଥିବା ସ୍ଥଳେ ହଠାତ୍ ଲଘୁଚାପ ଜନିତ ବର୍ଷା ଯୋଗୁ ବନ୍ୟାରେ ଧାନ ଚାଷ କ୍ଷତିଗ୍ରସ୍ତ ହୋଇଛି। ଏଭଳିସ୍ଥିତିରେ ହାତୀପଲ ଚାଷ ଜମିରେ ପଶି ଉପଦ୍ରବ କରିବା ଚାଷୀମାନେ ଚିନ୍ତାରେ ପଡିଯାଇଛନ୍ତି।


ଘଣ୍ଟାପଡ଼ା ଅଞ୍ଚଳରେ ଉପଦ୍ରବ କରୁଥିବା ହାତୀପଲ।

- ଲୋକେ ଆତଙ୍କିତ ଅବସ୍ଥାରେ
- ଭଗବାନଙ୍କ ଭରସାରେ ଚାଷୀ

### ସୂଚନା ଅଧିକାର ଆଇନରେ ତଥ୍ୟ ଦେବାରେ ଅବହେଳା

## ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ବୌଦ୍ଧ,୩।୯(ସ୍ୱ.ପ୍ର.)

ସୂଚନା ଅଧିକାର ଆଇନରେ ଆବଦେନକାରୀଙ୍କୁ ତଥ୍ୟ ଦେବାରେ ଅବହେଳା କରି ହରଡ଼ଘଣାରେ ପଡ଼ିଛନ୍ତି ଅଧିକାରୀ। ବୌଦ୍ଧ ଜିଲା ଉଠା ଜଳସେଚନ ବିଭାଗ ପକ୍ଷରୁ ଆବେଦନକାରୀଙ୍କୁ ତଥ୍ୟ ପ୍ରଦାନରେ ଅବହେଳା କରିଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସୂଚନା କମିଶନର ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଭେଜିଗୋଡ଼ା ଗ୍ରାମରେ ଉଠା ଜଳସେଚନ ବିଭାଗ ପକ୍ଷରୁ ଦୁଇଟି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି। ଏହି କାର୍ଯ୍ୟ ସମ୍ପର୍କରେ ଗ୍ରାମର ଯୁବ ସାମାଜିକ କର୍ମୀ ପ୍ରବୀଣ କୁମାର ପାତ୍ର ୨୦୧୬ ଫେବୃୟାରୀ ୨୪ରେ ବିଭାଗୀୟ ଜନସୂଚନା ଅଧିକାରୀଙ୍କୁ ତଥ୍ୟ ଦେବା ପାଇଁ ଆବେଦନ କରିଥିଲେ। କିନ୍ତୁ ଜନସୂଚନା ଅଧିକାରୀ ଧାର୍ଯ୍ୟ ସମୟରେ ତଥ୍ୟ ନ ଦେବାରୁ ପାତ୍ର ସେହିବର୍ଷ ଏପ୍ରିଲ ୨୫ରେ ବିଭାଗୀୟ ନିବାହୀ ଯନ୍ତ୍ରୀ ତଥା ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ନିକଟରେ ଅପିଲ କରିଥିଲେ। କିନ୍ତୁ ଅପିଲ କର୍ତ୍ତୃପକ୍ଷଙ୍କ ମଧ୍ୟ ଧାର୍ଯ୍ୟ ସମୟରେ ତଥ୍ୟ ପ୍ରଦାନରେ ବିଫଳ ହୋଇଥିଲେ। ଏହାପରେ ଆବେଦନକାରୀ ପାତ୍ର ନ୍ୟାୟ ପାଇଁ ଓଡ଼ିଶା ସୂଚନା କମିଶନରଙ୍କ ଦ୍ୱାରସ୍ଥ ହୋଇଥିଲେ। ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ସୂଚନା ଅଧିକାର ଆଇନ ଉଲ୍ଲଂଘନ ହୋଇଥିବା ଅନୁଭବ କରି ସୂଚନା କମିଶନର ଉଭୟ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା କମିଶନଙ୍କ ଏହି ନିର୍ଦ୍ଦେଶ ପରେ ଅଧିକାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଆବଦେନକାରୀ ପାତ୍ର ଦାବି କରିଛନ୍ତି। ଏନେଇ ଉଠା ଜଳସେଚନ ବିଭାଗ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ପାଇଁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ନ ଥିଲା।

# ଦୃଷ୍ଟିହୀନ ପାଲଟିଯାଉଛି ପୁଅ

**ଚିକିତ୍ସା ସହାୟତା ଯୋଗାଇ ଦେବାକୁ ଅସହାୟ ମା'ବାପାଙ୍କ ନିବେଦନ**

ତଳଗାଁ,୩।୯(ଡି.ଏନ୍.ଏ.)

ବୌଦ୍ଧ ଜିଲା କରଞ୍ଜକଟା ପଞ୍ଚାୟତ ଲକ୍ଷ୍ମଣପୁର ଗ୍ରାମର ରବୀନ୍ଦ୍ର ରଣାଙ୍କ ଚତୁର୍ଥ ଶ୍ରେଣୀରେ ପାଠ ପଢୁଥିବା ଏକମାତ୍ର ପୁଅ ଅଶ୍ୱିନୀ (୯)ଙ୍କ ଦୃଷ୍ଟିଶକ୍ତି ଗତ ୩ ବର୍ଷ ହେବ କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ବର୍ତ୍ତମାନ ଅଶ୍ୱିନୀଙ୍କୁ ଆଉ କିଛି ଦେଖାଯାଉ ନାହିଁ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ତାଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ସକାଶେ ଆବଶ୍ୟକ ଚିକିତ୍ସା ସହାୟତା ଯୋଗାଇ ଦେବାକୁ ସୋମବାର ମା'ବାପା ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ନିଜ ଆଖି ଆଗରେ ପୁଅ ଦୃଷ୍ଟିହୀନ ହୋଇ ଯାଉଥିବାବେଳେ ଅର୍ଥାଭାବରୁ ଚିକିତ୍ସା କରାଇ ପାରୁନାହାନ୍ତି। ଭଲ ମେଡିକାଲରେ ଚିକିତ୍ସା କରିବାକୁ ପରିବାରର ସାମର୍ଥ୍ୟ ନ ଥିବାରୁ ଚିନ୍ତାରେ ଭାଙ୍ଗିପଡ଼ିଛନ୍ତି। ରବୀନ୍ଦ୍ରଙ୍କ କହିବାନୁଯାୟୀ, ଅଶ୍ୱିନୀଙ୍କ ଦୃଷ୍ଟିଶକ୍ତି ଜନ୍ମରୁ ସ୍ୱାଭାବିକ ଥିଲା। ସେ ପ୍ରଥମ ଶ୍ରେଣୀ ପାସ କରିବା ପର୍ଯ୍ୟନ୍ତ ସବୁକିଛି ଭଲଭାବେ ଦେଖିପାରୁଥିଲେ। ତେବେ ସେ ଦ୍ୱିତୀୟ ଶ୍ରେଣୀରେ ନାମ ଲେଖାଇବା ପରେ ହଠାତ୍ ତାଙ୍କ ଦୁଇ ଆଖିରେ ଏକ ଧଳା ଚିହ୍ନ ଦେଖାଗଲା। ପରିବାର ଲୋକେ ପ୍ରଥମେ ତାଙ୍କୁ ସ୍ଥାନୀୟ ପୁରୁଣାକଟକ ସ୍ୱାସ୍ଥ୍ୟକେନ୍ଦ୍ର, ବୌଦ୍ଧ ଜିଲା ମୁଖ୍ୟ ଡାକ୍ତରଖାନା ଓ ଫୁଲବାଣୀ ନେଇ ପରୀକ୍ଷା କରିବା ସହ ଆଖି ଦୁଇଟିର ଚିକିତ୍ସା କରାଇଥିଲେ। ମାତ୍ର ସେଥିରେ କୌଣସି ସୁଫଳ ମିଳି ନ ଥିଲା। ଧୀରେ ଧୀରେ ଦୁଇ ଆଖିରେ ଧଳା ପରଦା ମାଡ଼ିଯାଇଥିଲା। ରବୀନ୍ଦ୍ର ଘରେ ଥିବା ସୁନାରୁପା, ଜମିବାଡ଼ି ବିକି ଗତବର୍ଷ ଅଶ୍ୱିନୀଙ୍କୁ ଚିକିତ୍ସା ପାଇଁ ବୁର୍ଲା ମେଡିକାଲ ନେଇଥିଲେ। ସେଠାରେ ୪ ଦିନ ରହି ପରୀକ୍ଷା ନିରୀକ୍ଷା କରିବା ପରେ ଡାକ୍ତର ଅଶ୍ୱିନୀଙ୍କୁ ଚେନ୍ନାଇସ୍ଥିତ ଶଙ୍କର ନେତ୍ରାଳୟ ନେବାକୁ ପରାମର୍ଶ ଦେଇଛନ୍ତି। ହେଲେ ଏଥିପାଇଁ ଆବଶ୍ୟକ ଟଙ୍କା ନ ଥିବାରୁ ପରିବାର ଲୋକେ ଭାଙ୍ଗି ପଡ଼ିଛନ୍ତି। ସୋମବାର ହରଭଙ୍ଗା ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରକୁ ଆସି ପୁଅର ଚିକିତ୍ସା ପାଇଁ ସହାୟତା ଲୋଡ଼ିଛନ୍ତି। ଜିଲାପାଳ ସୀତାଂଶୁ କୁମାର ରାଉତ ସିଡିଏମ୍‌ଓଙ୍କ ସହ ପରାମର୍ଶ କରି ଆବଶ୍ୟକ ଚିକିତ୍ସା ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।


ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ମା'ଙ୍କ ସହ ଅଶ୍ୱିନୀ।

### ବାର୍‌ହା ଶିକାର ଲାଗି ବିଛାଯାଇଥିଲା ତାର

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ପୋଡିଗଲେ ଯୁବକ

ମନମୁଣ୍ଡା, ୩।୯(ଡି.ଏନ.ଏ.)

ବାର୍‌ହା ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାର ଜାଲିରେ ଲାଗି ବୌଦ୍ଧ ଜିଲା କନ୍ଧମାଳ ବ୍ଲକ ରତାଖଣ୍ଡି ଗାଁର ଜଣେ ଯୁବକ ପୋଡି ଗୁରୁତର ହୋଇଛନ୍ତି। ଯୁବକ ଜଣକ ହେଲେ ଗ୍ରାମର ଏକା କର୍ଣ୍ଣଙ୍କ ଜ୍ୱାଇଁ ଗଣେଶ୍ୱର ମହାକୁଡ(୩୮)। ଏ ନେଇ ଏକା କର୍ଣ୍ଣ ରବିବାର ରାତିରେ ମନମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ ଗଣେଶ୍ୱର ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ଗାଁ ସମୀପ କଙ୍କାଳି ପାହାଡ ତଳ କେନ୍ଦୁମୁଡାକୁ ଶୌଚ ପାଇଁ ଯାଇଥିଲେ। ପୂର୍ବରୁ ସେଠାରେ ବାର୍‌ହା ଶିକାର ପାଇଁ ୩୩କେଭି ଲାଇନରୁ ହୁକ୍ ଟାଣି ଶିକାରୀ ବିଛାଥିଲେ ତାର ଜାଲି। ଅନ୍ଧାରରେ ଦେଖି ନ ପାରି ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯାଇଥିଲେ ଗଣେଶ୍ୱର। ବିଦ୍ୟୁତ୍‌ଘାତରେ ତାଙ୍କ ଶରୀରର ବହୁ ଅଂଶ ପୋଡି ଯାଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପ୍ରକାଶଥାଉକି, ରତାଖଣ୍ଡିର ୨ଜଣ ବ୍ୟକ୍ତି ବାର୍‌ହା ଶିକାର ପାଇଁ ସେଠାରେ ବିଦ୍ୟୁତ୍ ତାର ବିଛାଇଥିବା ଲୋକେ ଦେଖିଥିବା ପୋଲିସକୁ କହିଛନ୍ତି। ଉଲ୍ଲେଖଥାଉକି, ଉକ୍ତ ପାହାଡକୁ ଲାଗି ଗ୍ରାମ୍ୟ ଜଙ୍ଗଲ ରହିଛି। ସେଠାରେ ତାର ବିଛାଇ ବାର୍‌ହା ଶିକାର କରାଯାଉଥିବା ନେଇ ଗ୍ରାମବାସୀ ବନବିଭାଗ ନିକଟରେ ପୂର୍ବରୁ ଅଭିଯୋଗ କରି ଆସିଛନ୍ତି।

**OFFICE OF THE DISTRICT MAGISTRATE & COLLECTOR, SAMBALPUR, S.H. SPORTS SECTION**

**TENDER CALL NOTICE No. 120/S.H. sbp date 01.09.2018**

Sealed Tenders are invited through Speed Post/ Registered Post only from the authorized Dealer/ Manufactural Registered Firms/ Suppliers for supply of Sports dress Materials & Shoes materials etc for the Sports Hostel, Sambalpur which must be reach to the District Sports Officer, District Sports Office, Sambalpur latest by 5.00 P.M. on 03.10.18 positively. And the Tender will be opened on 04.10.18 at 4.00 P.M. Details regarding Tender Call Notice can be obtained from the official website of the Collectorate, Sambalpur i.e www.sambalpur.nic.in.

*Sd./- Coach in Charge, Sports Hostel, Sambalpur*

**OFFICE OF THE CHIEF CONSTRUCTION ENGINEER UPPER INDRAVATI IRRIGATION PROJECT**

AT/PO: MUKHIGUDA, DIST.- KALAHANDI, ODISHA, PIN: 766026
Email ID: seuircc@rediffmail.com

Lr. No. 822 Dt. 01.09.2018

**CANCELLATION NOTICE**

**Bid Identification No. CCE UIIP-01(01-02)/2018-19, Dt.10.04.2018**

**No. 471-A:-** The tender for work "Renovation and Restoration of Upper Indravati Right Main Canal under CLSRP from RD 00KM to 41.10KM" invited vide Bid Identification No. CCE UIIP-01(01-02)/ 2018-19, dt.10.04.2018 is hereby cancelled as per Govt. in DoWR letter no. II-T-UIP-2/2018-22978/WR dated 29.08.2018.

*Sd./- Chief Construction Engineer*
*Upper Indravati Irrigation Project*

32352/11/0006/1819

Classified Display
on
Every Tuesday and Friday

**ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା**
**ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନବରଙ୍ଗପୁର**
**ବ୍ଲକସ୍ତରୀୟ ଜନଶୁଣାଣି**

**No. CAD-788:-** ନବରଙ୍ଗପୁର ଜିଲ୍ଲାର ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ଜଣାଇ ଦିଆଯାଉଛି କି, ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ ଗ୍ରାମୀଣ କର୍ମନିଯୁକ୍ତି ଯୋଜନାରେ ୨୦୧୭-୧୮ ଆର୍ଥିକବର୍ଷର ଅକ୍ଟୋବର ମାସଠାରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟଗୁଡ଼ିକର ବ୍ଲକସ୍ତରୀୟ ଜନଶୁଣାଣି ପାଇଁ ଅସଟ (OSSAAT) ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ପ୍ରକାରେ ସମସ୍ତ ପଞ୍ଚାୟତ ସମିତି ପରିସରରେ ଦିନ ଓ ସମୟ ଧାର୍ଯ୍ୟ କରାଯାଇଛି।

ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ସମସ୍ତ ଜନସାଧାରଣ, ଅଣକୁଶଳୀ ଶ୍ରମିକ, ହିତାଧିକାରୀ, ଯୋଜନା ସହ ସମ୍ପୃକ୍ତ ଥିବା ସଂଗଠନ, ବିଭିନ୍ନ ସରକାରୀ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ତ୍ରିସ୍ତରୀୟ ପଞ୍ଚାୟତିରାଜର ନିର୍ବାଚିତ ପ୍ରତିନିଧିମାନେ ଅଂଶଗ୍ରହଣ କରି ଯୋଜନାର କାର୍ଯ୍ୟକାରିତାରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ, ସୁନିଶ୍ଚିତ କରିବା ଓ ଯୋଜନାକୁ ସଫଳତାର ସହିତ ଆଗେଇ ନେବା ପାଇଁ ଆପଣଙ୍କର ସହଭାଗିତା, ବହୁମୂଲ୍ୟ ମତାମତ, ଆପତ୍ତି ଓ ଅଭିଯୋଗ ଉପସ୍ଥାପନାକୁ ଜିଲ୍ଲା ପ୍ରଶାସନ ସ୍ୱାଗତ କରୁଛି।

**କାର୍ଯ୍ୟସୂଚୀ:**

| କ୍ର. ନଂ. | ବ୍ଲକ୍‌ର ନାମ | ତାରିଖ | ସମୟ (ପୂର୍ବାହ୍ନ) | ଜନଶୁଣାଣି କରିବା ନିମନ୍ତେ କ୍ଷମତାପ୍ରାପ୍ତ ଅଧିକାରୀ |
|---|---|---|---|---|
| ୧ | ଚନ୍ଦାହାଣ୍ଡି | ୧୦।୦୯।୨୦୧୮ | ୧୦.୦୦ | ଉପଜିଲ୍ଲାପାଳ, ନବରଙ୍ଗପୁର |
| ୨ | ଡାବୁଗାଁ | ୧୧।୦୯।୨୦୧୮ | ୧୦.୦୦ | ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନବରଙ୍ଗପୁର |
| ୩ | ଝରିଗାଁ | ୧୨।୦୯।୨୦୧୮ | ୧୦.୦୦ | ଜିଲ୍ଲାପାଳ, ନବରଙ୍ଗପୁର |
| ୪ | ନନ୍ଦାହାଣ୍ଡି | ୧୪।୦୯।୨୦୧୮ | ୧୦.୦୦ | ଅତିରିକ୍ତ ଜିଲ୍ଲାପାଳ, ନବରଙ୍ଗପୁର |
| ୫ | କୋଷାଗୁମୁଡ଼ା | ୧୮।୦୯।୨୦୧୮ | ୧୦.୦୦ | ଅତିରିକ୍ତ ଜିଲ୍ଲାପାଳ, ନବରଙ୍ଗପୁର |
| ୬ | ନବରଙ୍ଗପୁର | ୧୯।୦୯।୨୦୧୮ | ୧୦.୦୦ | ଜିଲ୍ଲାପାଳ, ନବରଙ୍ଗପୁର |
| ୭ | ପାପଡ଼ାହାଣ୍ଡି | ୨୨।୦୯।୨୦୧୮ | ୧୦.୦୦ | ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ରଶାସନ) ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନବରଙ୍ଗପୁର |
| ୮ | ରାଇଘର | ୨୪।୦୯।୨୦୧୮ | ୧୦.୦୦ | ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନବରଙ୍ଗପୁର |
| ୯ | ତେନ୍ତୁଳିଖୁଣ୍ଟି | ୨୫।୦୯।୨୦୧୮ | ୧୦.୦୦ | ଉପଜିଲ୍ଲାପାଳ, ନବରଙ୍ଗପୁର |
| ୧୦ | ଉମରକୋଟ | ୨୬।୦୯।୨୦୧୮ | ୧୦.୦୦ | ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ରଶାସନ) ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନବରଙ୍ଗପୁର |

ସ୍ୱା./– ପ୍ରକଳ୍ପ ନିର୍ଦ୍ଦେଶ
ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନବରଙ୍ଗପୁର

ସ୍ୱା./– ଜିଲ୍ଲାପାଳ ତଥା କାର୍ଯ୍ୟକ୍ରମ ସଂଯୋଜକ
ନବରଙ୍ଗପୁର

19076/11/0003/1819

**State Health Assurance Society, Odisha**
**Deptt. of Health & Family Welfare, Govt. of Odisha**
**Bhubaneswar-751012, District-Khordha (Odisha)**
**Phone No.-0674-2560311,**
**Email ID, snaodisha@gmail.com**

**Tender for hiring an agency to deal with IEC activities through road shows (Caravan Movement), documentation, animation movies & wall paintings for promoting Biju Swasthya Kalyan Yojana in Odisha**

**Advt No. 09/2018** **Date:04.09.2018**

No.402-E: Sealed tenders are invited from eligible bidders for undertaking IEC activities for promoting Biju Swasthya Kalyan Yojana in Odisha. The tender document with all information relating to the tender process including tender document cost, EMD, eligibility criteria, scope of work, terms & conditions, evaluation criteria and formats of submission of tender may be downloaded from the website: www.nhmodisha.gov.in

A pre-bid meeting shall be held on 07.09.2018, 11.30 AM. Any amendment in the tender document due to decision in pre-bid meeting / extension of bid if any shall only be notified in the website mentioned above. The sealed tenders should reach the office of the undersigned by courier / registered post or may be dropped in the tender box, on or before 24.09.2018, 3.00 PM. The technical bid shall be opened on 24.09.2018 at 3.30 PM. Presentation by qualified bidders will be held at 25.09.2018 at 11.30 AM The undersigned reserves the right to reject any or all the tenders or cancel the tender without assigning any reason thereof.

**Sd./- Chief Executive Officer,**
**State Health Assurance Society, Odisha**

10001/11/0022/1819



ଏ ଜନ୍ମରେ ସୁକର୍ମ କଲେ ଆଗାମୀ ଜନ୍ମରେ ଉଚ୍ଚତର ଜୀବନ ମିଳେ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ନିଶା ଦେଇ ରେଳଯାତ୍ରୀଙ୍କୁ ଲୁଟ୍ ଅଭିଯୋଗ

**ଟିଟିଲାଗଡ, ୩।୯ (ଡି.ଏନ୍.ଏ.):** ବିଶାଖାପାଟଣା-ଦୁର୍ଗ ପାସେଞ୍ଜର ଟ୍ରେନ୍‌ରେ ମୃଦୁ ପାନୀୟରେ ନିଶା ଦେଇ ଦୁଇଜଣ ଲୁଟେରା ରେଳଯାତ୍ରୀଙ୍କୁ ଲୁଟ୍ କରିଥିବା ଅଭିଯୋଗ ହୋଇଛି । ଟିଟିଲାଗଡ ରେଳବାଇ ପୋଲିସ ଏକ ମାମଲା ରୁଜୁ କରି ଦୁଇ ଜଣ ସନ୍ଦିଗ୍ଧଙ୍କୁ ସେହି ଟ୍ରେନ୍‌ରୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡିଛି । ପ୍ରକାଶ ଯେ, ବଲାଙ୍ଗୀର ଜିଲା ବେଲପଡା ଥାନା ଅନ୍ତର୍ଗତ ଖରଖରା ଗ୍ରାମର ଦୁଇ ଭାଇ ଚମ୍ପଧର ଧରୁଆ ଓ ଦେବନ୍ତ ବିଶାଖାପାଟଣାରୁ ଏହି ପାସେଞ୍ଜର ଟ୍ରେନ୍‌ରେ କଣ୍ଟାବାଞ୍ଜି ଆସୁଥିଲେ । ବାଟରେ ଦୁଇ ଜଣ ଯୁବକ ସେମାନଙ୍କ ସଙ୍ଗେ ବନ୍ଧୁତା ସ୍ଥାପନ କରି ମୃଦୁ ପାନୀୟ ପିଇବାକୁ ଦେଇଥିଲେ । ଏହାପରେ ଦୁଇ ଭାଇ ଚେତାଶୂନ୍ୟ ହୋଇଯାଇଥିଲେ। ଟ୍ରେନ୍‌ଟି ଟିଟିଲାଗଡ ଷ୍ଟେଶନ୍‌ରେ ପହଞ୍ଚିବା ପରେ କିଛି ଯାତ୍ରୀ ରେଲୱେ ପୋଲିସକୁ ଏ ସମ୍ପର୍କରେ ଖବର ଦେଇଥିଲେ । ଚେତାଶୂନ୍ୟ ଦୁଇ ଭାଇଙ୍କୁ ଟ୍ରେନ୍‌ରୁ ଉଦ୍ଧାର କରାଯାଇ ଡାକ୍ତରଖାନା ପଠାଯାଇଥିଲା । ଚମ୍ପଧରଙ୍କ ପର୍ସରୁ ୫ ହଜାର ଟଙ୍କା ଓ ମୋବାଇଲ ଲୁଟ୍ ହୋଇଥିବା ଜଣାପଡିଛି । ପରେ ସେହି ଟ୍ରେନ୍‌ରୁ ଅନ୍ୟ ଦୁଇଜଣ ସୁନୀଲ ଅମାତ୍ ଓ କିଶୋର ମଲ୍ଲିକ ମଧ ଲୁଟ୍‌ର ଶୀକାର ହୋଇଥିବା ଅଭିଯୋଗ ହୋଇଥିଲା । ପୋଲିସ ଉକ୍ତ ଟ୍ରେନ୍‌ରୁ ଦୁଇ ସନ୍ଦିଗ୍ଧ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଥିବା ସୂଚନା ଦେଇଛି ।

### ନୂଆଁଖାଇ ଲଗ୍ନ ଧାର୍ଯ୍ୟ

**ବରପାଲି,୩।୯(ଡି.ଏନ୍.ଏ.):** ପଶ୍ଚିମ ନୂଆଁଖାଇ ପାଇଁ ଲଗ୍ନ ଧାର୍ଯ୍ୟ ହୋଇଛି । ଏହି ଅବସରରେ ସୋମବାର ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସନାତନୀ ବ୍ରାହ୍ମଣ ସମାଜ ବ୍ଲକ ସଭାପତି ରାଜୀବଲୋଚନ ହୋତାଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି।




ବ୍ଲକ୍ ଅଫିସ ସମ୍ମୁଖରେ ଆମରଣ ଅନଶନରେ ବସିଥିବା ମହିଳାପୁରୁଷମାନେ।

# ଜବର ଦଖଲ ଜମି ଉଚ୍ଛେଦ ଦାବିରେ ଅନଶନ

**ବଙ୍ଗୋମୁଣ୍ଡା,୩।୯(ଡି.ଏନ୍.ଏ.)**

ବଙ୍ଗୋମୁଣ୍ଡା ବ୍ଲକ ଗନ୍ଧରାବନ୍ଧ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବୋରୋବାହାଲ ଗ୍ରାମରେ ଗୋଚର ଜମି ଓ ଶ୍ମଶାନ ଘାଟରେ ଜବର ଦଖଲ କରାଯାଇଥିବା ଜମି ଉଚ୍ଛେଦ ଦାବି ନେଇ ଆମରଣ ଅନଶନରେ ବସିଲେ ମହିଳା ।

ବଙ୍ଗୋମୁଣ୍ଡା ବ୍ଲକ ସମ୍ମୁଖରେ ବୋରୋବାହାଲ ଗାଁର ମହିଳାଙ୍କ ଦ୍ୱାରା ଘେରାଓ କରାଯିବା ସହ ଆମରଣ ଅନଶନ କରାଯାଇଛି । ଗାଁର ଶତାଧିକ ମହିଳା ଏକ ରାଲିରେ ବୋରୋବାହାଲ ଗାଁରୁ ବାହାରି ବଙ୍ଗୋମୁଣ୍ଡା ନଗର ପରିକ୍ରମା କରିବା ପରେ ବଙ୍ଗୋମୁଣ୍ଡା ବ୍ଲକଠାରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ସହ ବ୍ଲକ୍ ଅଫିସ୍ ଘେରାଓ କରିଥିଲେ । ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି ମହିଳା ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି । ସୂଚନାଯୋଗ୍ୟ, ବୋରୋବାହାଲ ଗାଁର ଶହଶହ ଏକରର ଗୋଚର ଜମିରେ ଗାଁର କେତେକ ପ୍ରଭାବଶାଳୀ ଲୋକେ ଜମି ଅକ୍ତିଆର କରି ଘର ନିର୍ମାଣ କରିବାରେ ଲାଗିଛନ୍ତି । ଫଳରେ ଗାଁର ଗୃହପାଳିତ ପଶୁଙ୍କ ଚରାଭୂମି ନିଅଣ୍ଟ ପୁଡୁଛି । ବର୍ତ୍ତମାନ ଉକ୍ତ ଜମି ଜବରଦଖଲ ଯୋଗୁ ଗୃହ ପାଳିତ ପଶୁମାନଙ୍କର ଚରାଭୂମି ଆଉ ଦେଖିବାକୁ ମିଳୁ ନାହିଁ । ଏ ନେଇ ବ୍ଲକ୍ ଅଫିସଠାରୁ ଆରମ୍ଭ କରି ତହସିଲ ଅଫିସ ପର୍ଯ୍ୟନ୍ତ ବାରମ୍ବାର ଅଭିଯୋଗ ଜଣାଇଥିଲେ ମଧ କୌଣସି ପ୍ରକାର ସୁଫଳ ମିଳିପାରି ନ ଥିବାରୁ ଏହି ଅନଶନ କରିଥିବା ମହିଳାମାନେ ପ୍ରକାଶ କରିଛନ୍ତି । ସୋମବାର ବଙ୍ଗୋମୁଣ୍ଡା ବ୍ଲକ ବିଡିଓ ସ୍ନିଗ୍ଧାରାଣୀ ପ୍ରଧାନ, ତହସିଲଦାର ବୃନ୍ଦାବନ ପତି, ଆଇଆଇସି ଭାନୁଶଙ୍କର ଯାଦବ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲେ । ହେଲେ ସମସ୍ୟାର ସମାଧାନ ପାଇଁ ଏକ ଲିଖିତ ପ୍ରତିଶ୍ରୁତି ଦେବାକୁ ଅନଶନକାରୀମାନେ ଦାବି କରିଥିଲେ । ଉକ୍ତ ଦାବି ଆନୁସାରେ ବିଡିଓ ଏବଂ ତହସିଲଦାରଙ୍କ ଯୁଗ୍ମ ସ୍ୱାକ୍ଷରିତ ଏକ ଚୁକ୍ତିପତ୍ର ଆସନ୍ତା ନଭେମ୍ବର ମାସ ଶେଷସୁଦ୍ଧା ଚିହ୍ନଟ କରି ସରକାରୀ ନିୟମ ଅନୁସାରେ ଉଚ୍ଛେଦ ପ୍ରକ୍ରିୟା କରାଯିବାର ଚୁକ୍ତିପତ୍ର ପ୍ରଦାନ କରିଥିଲେ । ହେଲେ ଉକ୍ତି ଚୁକ୍ତିପତ୍ରକୁ ମଧ ଅନଶନକାରୀମାନେ ଗ୍ରହଣ କରିନାହାନ୍ତି । ଜିଲାପାଳ ଘଟଣାସ୍ଥଳକୁ ଆସି ସମସ୍ୟାର ସମାଧାନ କରିବା ପାଇଁ ଅସଶନକାରୀମାନେ ଦାବି କରିଛନ୍ତି । ଫଳରେ ସୋମବାର ରାତିରେ ମଧ ଅନଶନ ଜାରି ରହିଛି । ସ୍ଥାନୀୟ ଡାକ୍ତର ତ୍ରିବିକ୍ରମ ସିଂ ରାଏ ଏବଂ ସହଯୋଗୀ ପ୍ରାଣକୃଷ୍ଣ ତ୍ରିପାଠୀ ଘଟଣାସ୍ଥଳରେ ପହଞ୍ଚି ଅନଶନକାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ତେବେ ବଙ୍ଗୋମୁଣ୍ଡା ପୋଲିସଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଶାନ୍ତିଶୃଙ୍ଖଳା ରକ୍ଷା ଓ ଆନୁସଙ୍ଗିକ ବ୍ୟବସ୍ଥା ପାଇଁ ଘଟଣାସ୍ଥଳରେ ମୁତୟନ ଅଛନ୍ତି । ଗାଁର ଶତାଧିକ ମହିଳା ସମର୍ଥନ କରୁଥିବାବେଳେ ସେ ମଧ୍ୟରୁ ୨୭ଜଣ ଆମରଣ ଅନଶନ କରିବେ ବୋଲି ପ୍ରକାଶ କରିଛନ୍ତି । ସେମାନଙ୍କ ମଧ୍ୟରୁ ଗୀତାଞ୍ଜଳି, ଭୂମିସୁତା, ସଜନେ, କୈକେୟୀ, ବୁନ୍ଧ, ସୁନ୍ଦରମତୀ, କାନ୍ତି, ନିରାଶ, ଉପାସି, ନିଳାବତି, ସୁରେ, କୌଶଲ୍ୟା, କାନ୍ତି, ସୁବର୍ଣ୍ଣ, ଦିଗାସ, ରଜନୀ, ରିଚେକ, ରାମା, କସ୍ତୁରି, ବସମତି ପୁଟେଲ, ସାବିତ୍ରି, ଗୁର୍ଜିମତି, କାଲମତି, ବୈଦେହି, ପ୍ରେମଶିଳା ମାଝୀ, ତିହାରି ତାଣ୍ଡି, ପୁନ୍ୟ ତାଣ୍ଡି ପ୍ରମୁଖ ଆମରଣ ଅନଶନକାରୀ ଅଟନ୍ତି । ଏହି କାର୍ଯ୍ୟକ୍ରମକୁ ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଷ୍ଟ୍ରପତି ବେହେରା, ହୃଷି ପୁଟେଲ ପ୍ରମୁଖ ସମ୍ପୂର୍ଣ୍ଣ ସମର୍ଥନ ଓ ସହଯୋଗ କରୁଛନ୍ତି ।

କଥାଦେଇ ଭୁଲିଗଲା ପର୍‌ଶାସନ୍

# ୯ ମାସ୍ ହେଲା ସରକାରୀ ସାହାଯ୍ ଆଶ୍‌ରେ ରାହି

**ଖପ୍ରାଖୋଲ,୩।୯(ଡି.ଏନ.ଏ.)**



ନିସାହା ବିଧବା ରାହି ପନିକା।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ୍ ଧଣ୍ଡାମୁଣ୍ଡା ପଁନ୍‌ଚେତ୍‌ର ପାଟିମାଲ ଗାଁ । ଗାଁର ଚାଷୀ ଛାଲୁ ପନିକା ଫସଲହାନୀ ଲାଗି ଗଲା ୨୦୧୭ ଡିସେମ୍ବର ୧୭ ତାରିଖରେ ବେଁକେ ରଶି ଲଗେଇ ଜୀବନ୍ ହାରିଥିଲେ । ମୁରୁତ୍ ଚାଷୀର ପରିବାରକେ ସରକାରୀ ସାହାଯ୍ ଯୁଗେଇ ଦେବାର ଦାବିରେ ଅଂଚଲ୍‌ବାସୀ ଆର୍ ତାକର ପରିବାର ଲୋକ୍ ମୁରୁତ୍ ଚାଷୀଙ୍କର ଲାସ୍ ଧରି ଧଣ୍ଡାମୁଣ୍ଡା–ଖପ୍ରାଖୋଲ ରାସ୍ତାର ପାଟିମାଲଠାନେ ବାଟ୍ ଛେଁକିଥିଲେ । ଘଟ୍‌ନା ଥଲ୍‌କେ ଖପ୍ରାଖୋଲ ତହସିଲଦାର ପୁହୁଁଚି ଆଂଦୋଳନକାରିଙ୍କୁ ବୁଝାସୁଝା କର୍‌ବାର ସଂଗେ ରେଡକ୍ରସ ପାଁଠିରୁ ୧୦ ହଜାର ଟଁକା ଆର୍ ପଁନ୍‌ଚେତ୍ ତର୍‌ଫୁ ହରିଶ୍ଚନ୍ଦ୍ର ଯୋଜ୍‌ନାରେ ୨ ହଜାର ଟଁକା ମୁରୁତ୍ ଚାଷୀଙ୍କର ପରିବାରକେ ଦେଇଥିଲେ । ସେନ୍‌ତା ଆଂଦୋଳନକାରିଙ୍କର ଦାବି ପୂରନ୍ ନେଇ ବି କଥା ଦେଇଥିଲେ । ଆଏଜ୍ ଇ ଘଟ୍‌ନାକେ ୯ ମାସ୍ ବିତି ଯାଇଥିଲେ ବି ମୁରୁତ୍ ଚାଷୀଙ୍କର ବିଧବା ମାଏଝି ରାହି ପନିକା(୪୫)କୁଁ ଆଏଜ୍‌ତକ୍ ଭତା ନୁହେ ମିଲେ । ଜାତୀୟ ପରିବାର କଲ୍ୟାଣ ଯୋଜ୍‌ନାରେ ମିଲୁଥିବାର ୨୦ ହଜାର ଟଁକା ବି ନୁହେ ମିଲେ । ଏହେଦେ ନିସାହା ବିଧାବା ରାହି ଆର୍ ତାକର ୧୪ ବଛର୍‌ର ପୁଓ ପାଉଥିବାର ୧୦ କେ.ଜି. ସରକାରୀ ଚାଉଲ୍‌ରେ ବଁଚୁଛନ୍ । ନିଜର ଯେନ୍ ଟୁକ୍‌ରେ ଦୁଇ ଟୁକ୍‌ରି ଚାଷ୍‌ଜମି ଅଛେ ସେଟା ବି ଆପ୍‌ନେର ମୁର୍‌ଦୁ ଉତାରୁ ଭଗାଲି ଦେଇ ପରିବାର ଚଲଉଥିବାର ରାହି କାଁଦି କାଁଦି କହିଛନ୍ । ଇ ବାବ୍‌ଦେ ଖପ୍ରାଖୋଲ ବିଡିଓ ପଞ୍ଚାନନ ଖମାରୀଙ୍କୁ ପଚ୍‌ରାବାରେ ଦୁଖି ପରିବାର୍‌କେ ବହୁତ୍ ଜଲ୍‌ଦି ବିଧବା ଭତା ସଂଗେ ଉନିଆ ସରକାରୀ ସୁବିଧା ସୁଯୋଗ୍ ବି ଯୁଗେଇ ଦିଆଯିବା ବଲି କହିଛନ୍ ।

### ଭେଡେନରେ ତାଲାବନ୍ଦ ଆନ୍ଦୋଳନ ଚତୁର୍ଥ ଦିନରେ

**ଭେଡେନ,୩।୯(ଡି.ଏନ.ଏ.)**

ବରଗଡ଼ ଜିଲା ଭେଡେନସ୍ଥିତ ସମ୍ବଲପୁର ଜିଲା କେନ୍ଦ୍ରସମବାୟ ବ୍ୟାଙ୍କରେ ଚାଷୀମାନଙ୍କ ତାଲା ବନ୍ଦ ଆନ୍ଦୋଳନ ସୋମବାର ଚତୁର୍ଥ ଦିବସରେ ପହଞ୍ଚିଛି । ଅର୍ଜୁଣ୍ଡା, ସଂକ୍ରୀଡା, ଅରେଇଗୁଡି, ରେଶମ, ଭେଡେନ, କୁବେଡେଗା ଆଦି ପଞ୍ଚାୟତର ଚାଷୀମାନେ ବୀମାରାଶୀ ସଂଶୋଧନ ପାଇଁ ଦାବି କରୁଛନ୍ତି ।

# ସ୍ୱଚ୍ଛତା ସଚେତନତା ଦିବସରେ ଗାଁ ପରିକ୍ରମା

**ଦେଓଗାଁ,୩।୯(ଡି.ଏନ.ଏ.)**



ବ୍ରାହ୍ମଣୀଯୋରରେ ସ୍ୱଚ୍ଛତା ସଚେତନତା ଦିବସ ଅବସରରେ ଶୋଭାଯାତ୍ରା ।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବ୍ରାହ୍ମଣୀଯୋର ସରକାରୀ ଉନ୍ନିତ ହାଇସ୍କୁଲଠାରେ ସ୍ୱଚ୍ଛତା ସଚେତନତା ଦିବସ ପାଳନ ଅବସରରେ ସୋମବାର ଗାଁରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ପ୍ରଦୀପ ଛତ୍ରୀୟା ସଭାପତିତ୍ୱ କରିଥିବାବେଳେ ଶିକ୍ଷକ ଦେବଦତ୍ତ ଦ୍ୱିବେଦୀଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା ଏହି କାର୍ଯ୍ୟକ୍ରମ । ଏହି ଅବସରରେ ପରିବେଶକୁ ସ୍ୱଚ୍ଛତା ରଖିବା ଦିଗରେ କି କି ପଦକ୍ଷେପ ନେବା ଜରୁରୀ ସେ ନେଇ ଉପସ୍ଥିତ ସିଆରସିସି ସଂକୀର୍ତ୍ତନ ମହାଲିଙ୍ଗ ତଥା ଶିକ୍ଷୟିତ୍ରୀ ଶିକ୍ଷକ ବୃନ୍ଦ ମାର୍ଗଦର୍ଶନ କରିଥିଲେ । ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସଚେତନତା ଧର୍ମୀ ନାରାଦେଇ ଗାଁରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଶିକ୍ଷୟତ୍ରୀ ଗାୟତ୍ରୀ ପୁଟେଲ, ଲୀନା ସାହୁ, ପୁଷ୍ପାଞ୍ଜଳୀ ସାହୁ, ଦୀପାଞ୍ଜଳି ସେଠୀ ଶିକ୍ଷକ ସଦାନନ୍ଦ ନାଏକ, ବିରେନ୍ଦ୍ର ସୁନା ଉପସ୍ଥିତ ଥିଲେ ।

ସରକାରୀ ଜମିରେ ଦୋକାନ ନିର୍ମାଣ ଅଭିଯୋଗ

# ଜବରଦଖଲ ମୁକ୍ତ କରିବାକୁ ଗ୍ରାମବାସୀଙ୍କ ଦାବି

**ବଲାଙ୍ଗୀର ଅଫିସ,୩।୯**



କାଲସାଏପାଲିର ମହିଳାମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଆସିଛନ୍ତି ।

ବଲାଙ୍ଗୀର ସଦର ବ୍ଲକ୍ ଅନ୍ତର୍ଗତ ଖୁଜେନପାଲି ଗ୍ରାମପଞ୍ଚାୟତର କାଲସାଏପାଲି ଗ୍ରାମର ସରକାରୀ ଜମିରେ ଦୁଇ ଜଣ ବ୍ୟକ୍ତି ଜବରଦଖଲ କରି ସେଠାରେ ଦୋକାନ ଘର ତିଆରି କରିଥିବା ଅଭିଯୋଗ ହୋଇଛି । ଏହି ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରିବା ପାଇଁ ଦୁଇ ବର୍ଷ ତଳେ ଗ୍ରାମବାସୀ ରାଜସ୍ୱ ନିରୀକ୍ଷକଙ୍କୁ ଜଣାଇଥିଲେ । ରାଜସ୍ୱ ନିରୀକ୍ଷକ ଜମି ଚିହ୍ନଟ କରି ତହସିଲଦାରଙ୍କୁ ରିପୋର୍ଟ ମଧ କରିଥିଲେ । ଇତି ମଧ୍ୟରେ ଗ୍ରାମବାସୀ ପୂର୍ବତନ ଜିଲାପାଳଙ୍କ ସମେତ ତହସିଲଦାରଙ୍କୁ ଜଣାଇଥିଲେ ମଧ ଜମି ଜବରଦଖଲ ମୁକ୍ତ ହୋଇପାରୁ ନାହିଁ । ଏ ନେଇ ସୋମବାର ଗ୍ରାମର ଶତାଧିକ ମହିଳା ଓ ପୁରୁଷ ପୁଣି ଥରେ ଜିଲାପାଳଙ୍କୁ ସାକ୍ଷାତ କରି ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରିବାକୁ ଦାବି ଜଣାଇଛନ୍ତି । ସରକାରୀ ଜମି ନ ଥିବାରୁ ଗ୍ରାମରେ କୌଣସି ସରକାରୀ ପ୍ରକଳ୍ପ ହୋଇପାରୁ ନ ଥିବା ସେମାନେ ଜଣାଇଛନ୍ତି ।

# ୬ରେ ବୁଲିବ ପାଟଣା ହାଇକୋର୍ଟ ଜ୍ୟୋତି ଯାତ୍ରା

**ବଲାଙ୍ଗୀର ଅଫିସ,୩।୯**

ବଲାଙ୍ଗୀର ନାଗରିକ କମିଟି ସାଧାରଣ ଅଧିବେଶନରେ ଆସନ୍ତା ୬ତାରିଖ ସକାଳ ୧୦ଟା ସମୟରେ ପାଟଣେଶ୍ୱରୀ ମନ୍ଦିରରୁ ପାଟଣା ହାଇକୋର୍ଟ ପର୍ଯ୍ୟନ୍ତ ଜ୍ୟୋତି ଯାତ୍ରା ବାହାରିବ । ଏହି ଜ୍ୟୋତି ସହର ପରିକ୍ରମା କରିବ ବୋଲି ନାଗରିକ କମିଟି ସଭାପତି ଭବାନୀ ଶଙ୍କର ଶତପଥୀ ସୂଚନା ଦେଇଛନ୍ତି । ପୂର୍ବତନ ପାଟଣା ଷ୍ଟେଟ୍‌ରେ ଥିବା ହାଇକୋର୍ଟର ୭୮ତମ ସ୍ଥାପନା ଦିବସ ଉପଲକ୍ଷେ ଏହି ଜ୍ୟୋତିଯାତ୍ରା ପରିକ୍ରମା କରିବ । ବଲାଙ୍ଗୀରରେ ହାଇକୋର୍ଟ ବେଞ୍ଚ ସ୍ଥାପନ ଦାବିର ଯଥାର୍ଥତାକୁ ସରକାରଙ୍କୁ ଏକ ଭିନ୍ନ ଢ଼ଙ୍ଗରେ ଜଣାଇବା ପାଇଁ ଏହି ଜ୍ୟୋତି ପରିକ୍ରମାର ପରିକଳ୍ପନା କରାଯାଇଛି ବୋଲି ସେ କହିଛନ୍ତି । କମିଟି ସଭାପତି ଶତପଥୀ ସୂଚନା ଦେଇଛନ୍ତି ଯେ, ୧୯୪୦ ସେପ୍ଟେମ୍ବର ୯ରେ ତତ୍କାଳୀନ ପାଟଣା ରାଜ୍ୟରେ ଏକ ହାଇକୋର୍ଟ ସ୍ଥାପନ ହୋଇଥିଲା । ଏହା ୧୯୪୫ରେ ୩୯ଟି ରାଜ୍ୟ ସମୁଦାୟ ଦ୍ୱାରା ଏକ ସର୍ବସାଧାରଣ ବା କମନ ହାଇକୋର୍ଟ ଭାବେ ପ୍ରତିଷ୍ଠା ଲାଭ କଲା । ଯାହାକି ଓଡିଶା ଓ ଛତିଶଗଡ ରାଜ୍ୟର ହାଇକୋର୍ଟ ଭାବେ ବ୍ରିଟିଶ ସରକାରଙ୍କ ଦ୍ୱାରା ମାନ୍ୟତା ପାଇଥିଲା । ଏହି ୩୯ଟି ରାଜ୍ୟ ସମୁଦାୟ ହେଲେ ଆଠମଲ୍ଲିକ, ବଡମ୍ବା, ବସ୍ତର, ବୌଦ୍ଧ, ବଣାଇଁ, ଦଶପଲ୍ଲା, ନୟାଗଡ, ଖଣ୍ଡପଡା, ଢେଙ୍କାନାଳ, କଳାହାଣ୍ଡି, ସୋନପୁର, କାଁକେର, କେନ୍ଦୁଝର, ଖଇରାଗଡ, ନନ୍ଦଗାଓ, ନୀଳଗିରି, ପାଲଲହଡା, ପାଟଣା, ରାଏଗଡ, ସାରଙ୍ଗଗଡ, ଷଡେଇକେଲା, ସରଗୁଜା, ତାଳଚେର ଓ ରାଜନନ୍ଦଗାଁଓ । ପାଟଣା ହାଇକୋର୍ଟ ଉପରୋକ୍ତ ରାଜ୍ୟମାନଙ୍କର ଦେୱାନୀ ଓ ଫୌଜଦାରୀ ମକଦ୍ଦମା ଫଇସଲାର ସର୍ବୋଚ୍ଚ କୋର୍ଟ ଥିଲା । ପାଟଣା ରାଜ୍ୟ ଓଡିଶା ସହ ମିଶ୍ରଣ ପରେ ଏବଂ ୧୯୪୮ରେ ଓଡିଶା ହାଇକୋର୍ଟର ସ୍ଥାପନ ପରେ ପାଟଣା ହାଇକୋର୍ଟ ଏଥିରେ ବିଲୀନ ହୋଇଥିଲା ବୋଲି ସେ ସୂଚନା ଦେଇଛନ୍ତି । ଏପରି ଏକ ଐତିହାସିକ ପୃଷ୍ଠଭୂମି ଥିବାରୁ ବଲାଙ୍ଗୀରଠାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ଦାବି ଯଥାର୍ଥ ବୋଲି ବଲାଙ୍ଗୀର ନାଗରିକ କମିଟି ପକ୍ଷରୁ ରାଜ୍ୟ ସରକାରଙ୍କଠାରେ ଦାବି କରାଯାଇଛି ।

### କେଓମାଲରେ ମୋ' ସ୍କୁଲ ଅଭିଯାନ

**ଟିକ୍ରାପଡା,୩।୯ (ଡି.ଏନ.ଏ.)**

ସଇଁତଳା ବ୍ଲକ ଯୁରାବନ୍ଧ ପଞ୍ଚାୟତ ଅଧିନ କେଓମାଲସ୍ଥିତ ସରକାରୀ ହାଇସ୍କୁଲଠାରେ ମୋ'ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ଜୟଶ୍ରୀ ସାହୁ ଏଥିରେ ଅଧକ୍ଷତା କରିଥିବାବେଳେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ କେତକୀ ଅମାତ ଯୋଗଦେଇଥିଲେ। ସିଆରସିସି ନିରଞ୍ଜନ ମାଝୀ ସଭା ସଂଯୋଜନା କରିଥିଲେ। ସମ୍ମାନିତ ଅତିଥିଭାବେ ସମିତି ସଭ୍ୟ ଗଙ୍ଗାଧର ବାରିକ, ସାମାଜିକ କର୍ମୀ ପବିତ୍ର ଅମାତ, ସଞ୍ଜୀବ କୁମାର ସାହୁ ଅତିଥି ଭାବେ ଯୋଗଦେଇଥିଲେ। ପୁରାତନ ଛାତ୍ର ଓ ସାଧାରଣ ଲୋକଙ୍କୁ ବିଦ୍ୟାଳୟ ସହ ଯୋଡିବା ସହ ବିଦ୍ୟାଳୟ ଉନ୍ନତି ପାଇଁ ଅର୍ଥ ସଂଗ୍ରହ ଲକ୍ଷ୍ୟରେ ସରକାରଙ୍କ ତରଫରୁ ଏହି ପ୍ରକାର ଅଭିଯାନ କରାଯାଉଥିବା ବକ୍ତାଗଣ ପ୍ରକାଶ କରିଥିଲେ।


**IN THE DEBTS RECOVERY TRIBUNAL AT CUTTACK**
**C-71, Sector-7, CDA, Cuttack- 753014 (Odisha)**
**O.A.No. 175/2018**

**Utkal Grameen Bank**
Stressed Asset Recovery Branch
Sambalpur .... Applicant
-Versus-
**Tankadhar Bishi** & Others .... Defendants

To,
Defendant No.1: **Tankadhar Bishi** S/o: Late Bairagi Bishi.
Defendant No.2: **Niranjan Pradhan**, S/o: Ratnakar Pradhan
Defendant No.3: **Sankarsan Bishi**, S/o: Tankadhar Bishi,
All are At: Penthbahal, P.O/P.S: Nakatideul, Dist: Sambalpur, PIN- 768118

**Summons by Paper Publication for Showing Cause as to Why the Relief Prayed for should not be granted**

Take notice that the Applicant has instituted the aforesaid Original Application before this Tribunal for recovery of Rs. 12,15,942.00 only together with current and future interest, cost and other reliefs.

You are therefore hereby directed to appear before this Tribunal in person or through authorised agent, in support of your defence to show cause within 30 days from the date of publication or on **5th day of October, 2018 at 10.30** a.m. as to why the reliefs prayed for should not be granted.

Take notice that in case of default the Application will be heard and determined in your absence.

Given under my hand and seal of this Tribunal, on this 27th day of August, 2018.

**(Srikanta Kumar Maikap)**
***Registrar,***
***Debts Recovery Tribunal, Cuttack***


# ବୁରୋଭାଡିରେ ସାମୂହିକ ସଫେଇ କାର୍ଯ୍ୟ

**ଲୋଇସିଂହା,୩।୯(ଡି.ଏନ.ଏ.)**



ସାମୂହିକ ଭାବେ ଗ୍ରାମବାସୀ ରାସ୍ତା ସଫେଇ କରୁଛନ୍ତି।

ଗାଁକୁ ମ୍ୟାଲେରିଆ ମୁକ୍ତ କରିବା ପାଇଁ ଆଗଲପୁର ବ୍ଲକ ବୁରୋଭାଡି ଗ୍ରାମବାସୀ ସୋମବାର ସାମୂହିକ ଭାବେ ଗ୍ରାମ ସଫେଇ କାର୍ଯ୍ୟ କରିଛନ୍ତି । ବର୍ଷା ଋତୁରେ ସନ୍ତସନ୍ତିଆ ହୋଇ ମଶାଙ୍କ ଉପଦ୍ରବ ବୃଦ୍ଧି ପାଇଥାଏ । ପ୍ରତିବର୍ଷ ୧୦ରୁ ୧୨ ଜଣ ମ୍ୟାଲେରିଆ ରୋଗରେ ଆକ୍ରାନ୍ତ ହୋଇଥାନ୍ତି । ଏହାକୁ ରୋକିବା ପାଇଁ ଗ୍ରାମବାସୀ ଗାଁକୁ ସଫା ସୁତରା ରଖିବାକୁ ପଦକ୍ଷେପ ଗ୍ରହଣ କରିଛନ୍ତି । ସଫେଇ କାର୍ଯ୍ୟକ୍ରମରେ ଅଶ୍ୱନୀ ରାଏ, ଆଶୋକ ରାଏ, ଗିରିଧନ ରାଏ, ମଦନ ଭୋଇ, ହେମନ୍ତ ବାଗ, ଭଞ୍ଜ ରାଏ, ପଞ୍ଚାୟତ ପ୍ରତିନିଧି ଏବଂ ଯୁବଗୋଷ୍ଠୀ ସାମିଲ ଥିଲେ ।


**ଉତ୍କଳ ଗ୍ରାମୀଣ ବ୍ୟାଙ୍କ**
(ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଦ୍ୱାରା ପ୍ରଯୋଜିତ)
**ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ସା/ପୋ.: ଧନୁପାଲି, ଜିଲ୍ଲା: ସମ୍ବଲପୁର-୭୬୮୦୦୫**

**(ସ୍ଥାବର ସମ୍ପତ୍ତି ନିମନ୍ତେ)**
**ଦଖଲ ନୋଟିସ୍**
**ଦ୍ରଷ୍ଟବ୍ୟ ରୁଲ୍-୮(୧)**

ନିମ୍ନ ସ୍ୱାକ୍ଷରକାରୀ **ଉତ୍କଳ ଗ୍ରାମୀଣ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ର ନଂ. ୩) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ନିୟମ ୮ସହିତ ଧାରା ୧୩(୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ ପଇଠ କରିବାକୁ କୁହାଯାଇଥିଲା । ବର୍ତ୍ତମାନର ବକେୟା ରାଶି ନିମ୍ନ ସାରଣୀରେ ପ୍ରଦାନ କରାଗଲା। ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ରୁଲ୍ ୮ ସହିତ କଥିତ ଆକ୍ଟର ଧାରା ୧୩(୪)ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ଦଖଲ କରିଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ ଦର୍ଶିତ ରାଶି ସୁଧ, ଦେୟ ଏବଂ ଆନୁସଙ୍ଗିକ ଖର୍ଚ୍ଚ ନିମନ୍ତେ **ଉତ୍କଳ ଗ୍ରାମୀଣ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

**ଏତଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| କ୍ର. ନଂ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ନୋଟିସ୍ ଅନୁଯାୟୀ ବର୍ତ୍ତମାନର ବକେୟା ଦେୟ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|---|
| ୦୧. | **ଋଣଗ୍ରହୀତା: ମା ତାରିଣୀ ଇଲେକ୍ଟ୍ରିକାଲ୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ଦୀପକ କୁମାର ଅଗ୍ରୱାଲ,** ପିତା: ଶ୍ରୀ ଗୋବିନ୍ଦରାମ ଅଗ୍ରୱାଲ / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀମତୀ କୌଶଲ୍ୟା ଦେବୀ,** ସ୍ୱାମୀ: ରାମ ଲଖନ ଶର୍ମା, **୨) ଶ୍ରୀ କମଳେଶ ଶର୍ମା,** ପିତା: ରାମ ଲଖନ ଶର୍ମା, ସମସ୍ତଙ୍କ ଠିକଣା ସା.: ଜଳଦା ଏ ବ୍ଲକ୍, ପୋ.: ଫର୍ଟିଲାଇଜର, ରାଉରକେଲା, ଜିଲ୍ଲା: ସୁନ୍ଦରଗଡ-୭୬୯୦୪୩ | ୧୯.୦୩.୨୦୧୮ ସୁଦ୍ଧା ଟ.୧୭,୩୪,୩୮୯/- ଏବଂ ପରବର୍ତ୍ତି ସୁଧ + ଅନ୍ୟାନ୍ୟ ଦେୟ | ୧୯.୦୩.୨୦୧୮ / ୨୧.୦୮.୨୦୧୮ | **ଶ୍ରୀମତୀ କୌଶଲ୍ୟା ଦେବୀ,** ସ୍ୱାମୀ: ରାମ ଲଖନ ଶର୍ମାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଜଳଦା, ତହସିଲ: ରାଉରକେଲା, ଥାନା : ଲାଠିକଟା, ଥାନା ନଂ.: ୧୦, ଜିଲ୍ଲା: ସୁନ୍ଦରଗଡ, ଖାତା ନଂ.: ୧୦୫/୨୨୪, ପ୍ଲଟ୍ ନଂ.: ୧୫୪୩/୩୯୭୦, କ୍ଷେତ୍ର: ଏକର୦.୦୫ଡିସିମିଲି |

**ସ୍ଥାନ: ସମ୍ବଲପୁର, ତାରିଖ : ୨୮.୦୮.୨୦୧୮**
**ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଉତ୍କଳ ଗ୍ରାମୀଣ ବ୍ୟାଙ୍କ**

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୪ ସେପ୍ଟେମ୍ବର, ୨୦୧୮



ଅନ୍ତର ଭିତରେ ପ୍ରସନ୍ନତା ଅଛି କି ନାହିଁ,
ତାହା ଚେହେରାରୁ ଜଣାପଡ଼ିଯିବ।
- ଥୋମାସ୍ ବାର୍ଥୋଲିନ୍



## ସଂକ୍ଷେପରେ

### ସାପ କାମୁଡ଼ାରେ ଛାତ୍ରୀଙ୍କ ମୃତ୍ୟୁ

ପଲମ,୩।୯(ଡି.ଏନ.ଏ.)
କଳାହାଣ୍ଡି ନର୍ଲା ବ୍ଲକ ଅଧୀନସ୍ଥ ମୁସ୍କୁଟି ପଞ୍ଚାୟତସ୍ଥିତ କେନ୍ଦୁପଡା ଗ୍ରାମରେ ସାପ କାମୁଡ଼ାରେ ଜଣେ ନାବାଳିକାଙ୍କ ରବିବାର ରାତିରେ ମୃତ୍ୟୁ ଘଟିଛି । ସେ ହେଲେ ତିଲୋତ୍ତମା ଭୋଇ (୧୫) । ରବିବାର ରାତିରେ ଶୋଇଥିବା ବେଳେ ତିଲୋତ୍ତମାଙ୍କୁ ସାପ କାମୁଡ଼ି ଦେଇଥିଲା । ପରିବାର ଲୋକେ ତାଙ୍କୁ କେସିଙ୍ଗା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ସୂଚନାଯୋଗ୍ୟ ଯେ, ତିଲୋତ୍ତମା ମିଳିତ ପଞ୍ଚାୟତ ବିଦ୍ୟାପୀଠ ମୁସ୍କୁଟିରେ ଦଶମ ଶ୍ରେଣୀର ଛାତ୍ରୀ ଥିଲେ । ଝିଅର ମୃତ୍ୟୁରେ ପରିବାର ଏବଂ ଗାଁ ଲୋକଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି ।

### ୩ ଦିନ ହେଲା ଯୁବକ ନିଖୋଜ

ଲାଞ୍ଜିଗଡ଼,୩।୯(ଡି.ଏନ.ଏ.)
କଳାହାଣ୍ଡି ଜିଲା ଲାଞ୍ଜିଗଡ ଶାନ୍ତିନଗରପଡାର ଜଣେ ଯୁବକ ଯଦୁମଣି ରାଉତ ୩ ଦିନ ହେଲା ନିଖୋଜ ଅଛନ୍ତି । ଏ ନେଇ ଲାଞ୍ଜିଗଡ଼ ଥାନାରେ ତାଙ୍କ ଭାଇ ହେମନ୍ତ ରାଉତ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ସୂଚନାନୁଯାୟୀ, ଶାନ୍ତିନଗର ପଡାର ଯଦୁଙ୍କୁ ତାଙ୍କ ମୋବାଇଲରେ ଗତ ୩୧ ତାରିଖ ଏକ ଫୋନ ଆସିଥିଲା । ଏହାପରେ ସେ ଉଠି ଯାଇଥିଲେ । ତାଙ୍କୁ ମଦ ପିଇବାକୁ କିଛି ଲୋକ ଡାକି ନେଇଥିବା ଶୁଣିବାକୁ ମିଳୁବେଳେ ସେହି ଦିନଠାରୁ ସେ ଘରକୁ ଫେରି ନ ଥିବା ଜଣାପଡିଛି ।

### ଜନ୍ମାଷ୍ଟମୀ ଉତ୍ସବ ପାଳିତ

ମଣ୍ଡଲ,୩।୯(ଡି.ଏନ.ଏ.)
କଳାହାଣ୍ଡି ଜିଲା କଲମପୁର ବ୍ଲକ ନୂଆଗାଁ ଆଞ୍ଚଳିକ ଯାଦବ ଆନୁକୂଲ୍ୟରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି । ନୂଆଗାଁ ଆଞ୍ଚଳିକ ଯାଦବ ସମାଜ ସଭାପତି କିଶୋର ଚନ୍ଦ୍ର ହଂସଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମାଜର ସୁରେଶ ଯୁଆଡି, ଗଗନେ ତାଣ୍ଡି, ଗଙ୍ଗାରାମ ଖର୍ସେଲ, ଭାଗିରଥି ଖର୍ସେଲ, ଇନ୍ଦ୍ରମଣି ଯୁଆଡି, କ୍ଷୀରୋଦ ବାଗ, ମାନ ବାଗ, ରୋହିତାସ୍ୱ ହସ, ଭବାନୀଶଙ୍କର ଧ.ମାଝି ଏବଂ ଯାଦବ ସମାଜ ସମସ୍ତେ କର୍ମକର୍ତ୍ତା ଏବଂ ମହିଳାମାନେ ଉପସ୍ଥିତି ରହିଥିଲେ। ଶ୍ରୀକୃଷ୍ଣଙ୍କ ପୂଜା ରବିବାର ରାତି ୮ଟାରେ ଆରମ୍ଭ ହୋଇ ରାତିସାରା ଉଜାଗର ରହି ମହିଳାମାନେ ପୂଜା କରିଥିଲେ । ସେହିପରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରତାଲୁପଡା, ନୂଆଗାଁ ଶାଖା ବାଳିକୃଷ୍ଣ ସଂଘ, ଭାଟିଗାଁ ପତିତପାବନ ମନ୍ଦିର ସହ ଅଞ୍ଚଳର ବିଭିନ୍ନ ସ୍ଥାନରେ ଜନ୍ମାଷ୍ଟମୀ ଉତ୍ସବ ପାଳନ କରାଯାଇଛି ।

ପଲମ,୩।୯(ଡି.ଏନ.ଏ.)
କର୍ଲାମୁଣ୍ଡା ବ୍ଲକ ଅଧୀନ ଯୋରାଡବରା ପଞ୍ଚାୟତସ୍ଥିତ ଶିଶାଖାଲ ଗ୍ରାମରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି । ୩୦ରୁ ଊର୍ଦ୍ଧ୍ୱ ମହିଳା ଏକତ୍ରିତ ହୋଇ ପାରମ୍ପରିକରେ ଜନ୍ମାଷ୍ଟମୀ ମଣ୍ଡପଠାରେ ରାଧାକୃଷ୍ଣ ମୂର୍ତ୍ତୀ ସ୍ଥାପନ କରି ଉପାସନା ସହ ପୂଜାର୍ଚ୍ଚନା କରିଥିଲେ । ପୂଜା କାର୍ଯ୍ୟରେ ଗ୍ରାମର ଜିତେନ୍ଦ୍ରିୟ ସାହୁ ଓ ସାବେତ୍ରୀ ସାହୁ ରହିଥିଲେ । ପୂଜକ ଭାବେ ଶ୍ରୀକୃଷ୍ଣ ତ୍ରିପାଠି ପୂଜାର୍ଚ୍ଚନା କରିଥିଲେ। ଆଜକୁ ପ୍ରାୟ ୩୦ବର୍ଷ ହେଲା ଗ୍ରାମର ମହିଳାମାନେ ଏକତ୍ର ହୋଇ ଜନ୍ମାଷ୍ଟମୀ ସହ ନନ୍ଦୋତ୍ସବ ପାଳନ କରାଯାଉଛି ।

ବିଦ୍ୟୁତ୍ ତାର ସଂସ୍ପର୍ଶରେ ଯୁବଚାଷୀ ମୃତ

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ

କଲମପୁର,୩।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୟପାଟଣା ଥାନା ଅନ୍ତର୍ଗତ ଦୁଲକିବନ୍ଧରେ ସୋମବାର ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଭାଗ ଚାଷୀଙ୍କ ମୃତ୍ୟୁ ଘଟିଛି । ମୃତ ଚାଷୀ ହେଉଛନ୍ତି କଲମପୁର ବ୍ଲକ ଦୁଲକିବନ୍ଧ (କୁଟୃଛକ) ଗ୍ରାମର ଏମ୍. ଶ୍ୟାମ କୁମାର (୨୨)। କ୍ଷତି ପୂରଣ ଦାବିରେ କୁଟୃଛକରେ ଶବ ରଖି ଲୋକେ ରାସ୍ତାରୋକୋ କରିଛନ୍ତି। ସେଠାରେ ପରିସ୍ଥିତି ଉତ୍ତେଜନା ରହିଛି ।

ମିଳିଥିବା ସୂଚନା ଅନୁଯାୟୀ, ଜୟପାଟଣା ଥାନା କଲମପୁର ବ୍ଲକ ଦୁଲକିବନ୍ଧ (କୁଟୃଛକ) ଗ୍ରାମର ଏମ୍. ଶ୍ୟାମ କୁମାର ସକାଳ ପ୍ରାୟ ସାଢେ ୧୦ଟାରେ ନିକଟସ୍ଥ ଜମିରେ ଘାଷ ବଛା କାମ ଚାଲି ଥିବାବେଳେ ଦେଖିବା ପାଇଁ ସେଠାକୁ ଯାଇଥିଲେ । ବଡକୁଟୃରୁ କନ୍ୟାଶ୍ରମକୁ ତାଙ୍କ ଜମିଦେଇ ଯାଇଥିବା ଓହଳି ରହିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏମ. ଶ୍ୟାମ କୁମାର ଗୁରୁତର ହୋଇଥିଲେ। ପରିବାର ଲୋକେ ଓ ସମ୍ପର୍କୀୟମାନେ ତାଙ୍କୁ ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।



କ୍ଷତିପୂରଣ ଦାବିରେ ମୃତଦେହ ରଖି ବଡକୁଟୃ ଛକରେ ଲୋକେ ରାସ୍ତାରୋକୋ କରିଛନ୍ତି ।

ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରିବା ସହ ଜୟପାଟଣା ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିଲା । ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ଏ ସମ୍ପର୍କରେ ଖବର ଦେବା ପରେ ମଧ୍ୟ ସମୋନେ ମୃତକଙ୍କ ପରିବାର ଲୋକଙ୍କ ସହ ଯୋଗାଯୋଗ କରି ନ ଥିଲେ କିମ୍ବା ଘଟଣାସ୍ଥଳକୁ ଯାଇ ନ ଥିଲେ । ଫଳରେ ଲୋକେ ଉତ୍ତ୍ୟକ୍ତ ହେବା ସହ କ୍ଷତି ପୂରଣ ସହ ବିପଦପୂର୍ଣ୍ଣ ଭାବେ ଓହଳି ଥିବା ବିଦ୍ୟୁତ୍ ତାରକୁ ଉଚ୍ଚରେ ଟାଣିବା ଦାବିରେ ମୃତଦେହ ରଖି ବଡକୁଟୃ ଛକରେ ରାସ୍ତା ଅବରୋଧ କରିଥିଲେ। ପରିସ୍ଥିତି ଉତ୍ତେଜନା ଥିବାରୁ ସେଠାରେ ପୋଲିସ ଉପସ୍ଥିତ ରହିଛି। ଖବର ଲେଖାହେବା ଯାଏ କୌଣସି ସମାଧାନ ହୋଇ ପାରିନାହିଁ । ମୃତ ଏମ୍. ଶ୍ୟାମ କୁମାରଙ୍କ ଘର ଆନ୍ଧ୍ରପ୍ରଦେଶରେ ହୋଇଥିବା ବେଳେ ଦୀର୍ଘଦିନ ହେଲା ସେମାନେ ଦୁଲକିବନ୍ଧ (କୁଟୃଛକ)ରେ ରହି ଆସୁଥିଲେ। ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁ ଏଭଳି ଦୁର୍ଘଟଣା ବାରମ୍ବାର ଘଟୁଥିଲେ ମଧ୍ୟ ଠିକ ସମୟରେ ମରାମତି କରା ଯାଉ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗଉଡ଼ ଘରର ଝୋଟି**
**କାଲି ଆସିଛି ବୋହୂ ପିଲାଟି**
**ଅଢ଼େଇ ଆଙ୍ଗୁଳି ଚୁଟି ।**

ସମୟ ସହ ତାଳ ଦେଇ ସବୁକିଛି ବଦଳି ଯାଇଥାଏ। ଯୁଗ ବଦଳିବା ସହ ମଣିଷର ବେଶ ପୋଷାକ ତଥା ଚାଲିଚଳନରେ ଅନେକ ପରିବର୍ତ୍ତନ ଘଟୁଥିବାର ଲକ୍ଷ୍ୟ କରାଯାଇଥାଏ। ଏପରି ସ୍ଥିତିରେ ଆଧୁନିକତାର ଦ୍ୱାହି ଦେଇ ଛୋଟ ଚୁଟି ରଖିଥିବା ନୂଆ ବୋହୂ ପ୍ରତି ପାଖ ପଡ଼ିଶା ମହିଳାଙ୍କ ଟୀକାଟିପ୍ପଣୀ ପ୍ରକାଶ ପାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗହ୍ଣାରି**
**ବୁଢ଼ା କୋଉ ମଣିଷରେ ସୁମାରି ।**

ସାଧାରଣତଃ ବୃଦ୍ଧ ବ୍ୟକ୍ତିମାନେ ନିଜକୁ ସର୍ବଦା ଅସହାୟ ମନେ କରିଥାନ୍ତି। ବୟସ ଅତିକ୍ରାନ୍ତ ହୋଇଗଲେ ସେମାନେ ନିଜ ଶକ୍ତି ଓ ସାମର୍ଥ୍ୟ ଉପରୁ ଆସ୍ଥା ବା ଭରସା ହରାଇ ବସିଥାନ୍ତି। ଏପରିସ୍ଥଳେ ବୃଦ୍ଧ ବ୍ୟକ୍ତିମାନଙ୍କୁ ଅନୁପଯୁକ୍ତ ମନେକରି ତାଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଲୋଇସିଂହାରେ ମେଗା ଋଣ ମେଳା



ମେଗା ଋଣମେଳାରେ ମଞ୍ଚାସୀନ ଅତିଥି।

ଲୋଇସିଂହା,୩।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ତରଫରୁ ଲୋଇସିଂହା ବ୍ଲକ ପରିସରରେ ମେଗା ଋଣ ମେଳା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଲୋଇସିଂହା ବ୍ଲକର ୮୫ଜିଏଲଜି ମହିଳା ଗୋଷ୍ଠୀଙ୍କୁ ୫୩ଲକ୍ଷ ଏବଂ ଆଗଲପୁର ୬୮ଜିଏଲଜି ମହିଳା ଗୋଷ୍ଠୀଙ୍କୁ ୪୫.୮୭ ଲକ୍ଷ ଋଣ ପ୍ରଦାନ କରାଯାଇଥିଲା । ବେକାର ଯୁବତୀଯୁବକମାାନଙ୍କୁ ସ୍ୱବଲମ୍ବୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ରାଜ୍ୟର ସମସ୍ତ ପ୍ୟାକ୍ସ ଗୁଡିକୁ ୧ହଜାର କୋଟି ପ୍ରଦାନ କରିଛନ୍ତି । ସଭାରେ ସମବାୟ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ଏମପି କଳିକେଶ ନାରାୟଣ ସିଂ ଦେଓ, ବିଧାୟକ ଯୋଗେନ୍ଦ୍ର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ କେତକ ମହିଳା ଗୋଷ୍ଠୀଙ୍କୁ ଋଣ ପ୍ରଦାନ କରି ଟଙ୍କାକୁ ସୁବିନିଯୋଗ କରି ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇଥିଲେ । ଏହାବାଦ ଉପଯୁକ୍ତ ସମୟରେ ଋଣ ଟଙ୍କା ପରିଶୋଧ କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଏମପି, ବିଧାୟକ ଏବଂ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲୋଇସିଂହା ଓ ଆଗଲପୁର ବ୍ଲକରେ ବୀମାରାଶି ପ୍ରଦାନରେ ଅନିୟମିତତା କରାଯାଇଛି । ଚାଷୀମାନେ ଉପଯୁକ୍ତ କ୍ଷତିପୂରଣ ପାଇ ପାରିବେ ଓ କ୍ରପ କଟିଂକୁ ସର୍ବସାଧାରଣ କରିବା ପାଇଁ ମୁଖ୍ୟ ଅତିଥି ତଥା ସମବାୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କର ହରିଶ୍ଚନ୍ଦ୍ର ଦାସ, ଏଜିଏମ ରବୀନ୍ଦ୍ର ସାହୁ, ସ୍ଥାନୀୟ ଶାଖା ପରିଚାଳକ ରମାକାନ୍ତ ପ୍ରଧାନ ଏବଂ ବିଭାଗୀୟ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ ।

# ଶାରଦୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

ଲୋଇସିଂହା,୩।୯(ଡି.ଏନ.ଏ.)

ଆଗଲପୁର ବ୍ଲକ ନଅଗାଁ(ଖ) ନୋଡାଲ ହାଇସ୍କୁଲ ଖେଳ ପଡିଆଠାରେ ଶାରଦୀୟ କ୍ରୀଡ଼ା ପ୍ରତିଯୋଗୀତା ସୋମବାର ଉଦଘାଟିତ ହୋଇଯାଇଛି। ଦୁଇ ଦିନ ଧରି ଆୟୋଜିତ ଏହି ପ୍ରତିଯୋଗୀତାରେ ଖୋଖୋ, କବାଡି, ଫୁଟବଲ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଛି । ଏହି ପ୍ରତିଯୋଗୀତାରେ ବ୍ଲକର ୨୮ଟି ସ୍କୁଲରୁ ୨୨୩ଜଣ ପ୍ରତିଯୋଗୀ ଭାଗ ନେଇଛନ୍ତି । ଉଦ୍‌ଘାଟନୀ ଦିବସରେ ଜୁନିୟର ଏବଂ ସବ ଜୁନିୟର ଖୋଖୋ, କବାଡି ଅନୁଷ୍ଠିତ ହୋଇଥିଲା । ଖୋଖୋ ଜୁନିୟର ବାଳିକାବାଳକ ବିଭାଗରେ ୭ଟି ଦଳ ଏବଂ ସବଜୁନିୟର ବିଭାଗରେ ୬ଟି ଦଳ ଏବଂ କବାଡି ଜୁନିୟର ବାଳିକାରେ ୪ଟି ଦଳ ଓ ସବ ଜୁନିୟର ବାଳକରେ ୩ଟି ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ମଙ୍ଗଳବାର ଉଦ୍‌ଯାପନୀ ଦିବସରେ ଫୁଟବଲ ପ୍ରତିଯୋଗୀତା ଅନୁଷ୍ଠିତ ହେବ । ଆୟୋଜକସ୍କୁଲର ପ୍ରଧାନଶିକ୍ଷକ ପରମାନନ୍ଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ବିଇଓ ମଞ୍ଜୁଲତା ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀତା ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏବିଓ ସବିତା ମିଶ୍ର, ସିଆରସି ଭାସ୍କର ଭୋଇ ଉପସ୍ଥିତ ଥିଲେ ।



ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିଥିବା ଛାତ୍ରୀଛାତ୍ର ।

## ବିଜୁ ଯୁବବାହିନୀ ପକ୍ଷରୁ ବୃକ୍ଷରୋପଣ

ବଲାଙ୍ଗୀର ଅଫିସ,୩।୯

ବଲାଙ୍ଗୀର ମ୍ୟୁନସିପାଲିଟି ବିଜୁ ଯୁବବାହିନୀ ଆନୁକୂଲ୍ୟରେ ଜିଲା ସଂଯୋଜକ ରାଜେନ୍ଦ୍ର ଝାଙ୍କରଙ୍କ ସଂଯୋଜନାରେ ସ୍ଥାନୀୟ ରାଜେନ୍ଦ୍ର ନାରାୟଣ ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ସୋମବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଯୁବ ନେତା ଅର୍କେଶ ନାରାୟଣ ସିଂଦେଓ, ପୌରାଧକ୍ଷା ସନ୍ତୋଷିନୀ ବେହେରା, ଯୁବ ବିଜେଡି ସଭାପତି ଲୋଟସ ଷଡଙ୍ଗୀ, ପ୍ରୋଗ୍ରାମ ଅଫିସର ବଂଶୀଧର ମେହେର, ଅନ୍ୟତମ ପ୍ରୋଗ୍ରାମ ଅଫିସର ଥବୀର ସାଏ, ମ୍ୟୁନସିପାଲିଟି କୋଅର୍ଡିନେଟର ସୁଦାମ ସାହୁ ଯୋଗଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଜୁ ଯୁବବାହିନୀର ଶତାଧିକ ସଦସ୍ୟାସଦସ୍ୟ ଅଂଶଗ୍ରହଣ କରି ସ୍ପୋର୍ଟ୍ସ କମ୍ପ୍ଲେକ୍ସ କାନ୍ଥ ଚାରିପଟେ ବିଭିନ୍ନ ପ୍ରକାର ଗଛ ଲଗାଇଥିଲେ । ଏହି କାର୍ଯ୍ୟକ୍ରମରେ ମନୀଷ ମିଶ୍ର, ଜଗନ୍ନାଥ ମିଶ୍ର, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଦେବେନ୍ଦ୍ର ପାତ୍ର, ସଞ୍ଜୀବ ସାହୁ, ପ୍ରଦୀପ ପାରୁଆ, ଖୁସିରାମ ଦୀପ, ସୁବ୍ରତ ପଟେଲ, କୁନ୍ତି ସିଂ, ଇକୁ ମେହେର, ଜିଲା ଛାତ୍ର ବିଜେଡି ସଭାପତି ଗୁଞ୍ଜି ଖାନ୍, ମନ ସ୍ୱାଇଁଙ୍କ ସମେତ ଶତାଧିକ ସଦସ୍ୟ ଅଂଶଗ୍ରହଣ କରିଥିଲେ ।


**OFFICE OF THE DISTRICT MAGISTRATE & COLLECTOR, SAMBALPUR, S.H. SPORTS SECTION**

**TENDER CALL NOTICE No. 120/S.H. sbp date 01.09.2018**

Sealed Tenders are invited through Speed Post/ Registered Post only from the authorized Dealer/ Manufactural Registered Firms/ Suppliers for supply of Sports dress Materials & Shoes materials etc for the Sports Hostel, Sambalpur which must be reach to the District Sports Officer, District Sports Office, Sambalpur latest by 5.00 P.M. on 03.10.18 positively. And the Tender will be opened on 04.10.18 at 4.00 P.M. Details regarding Tender Call Notice can be obtained from the official website of the Collectorate, Sambalpur i.e www.sambalpur.nic.in.

*Sd./- Coach in Charge, Sports Hostel, Sambalpur*

**OFFICE OF THE CHIEF CONSTRUCTION ENGINEER**
**UPPER INDRAVATI IRRIGATION PROJECT**
AT/PO: MUKHIGUDA, DIST.- KALAHANDI, ODISHA, PIN: 766026
Email ID: seuircc@rediffmail.com

Lr. No. 822 Dt. 01.09.2018

**CANCELLATION NOTICE**

**Bid Identification No. CCE UIIP-01(01-02)/2018-19, Dt.10.04.2018**

**No. 471-A:-** The tender for work "Renovation and Restoration of Upper Indravati Right Main Canal under CLSRP from RD 00KM to 41.10KM" invited vide Bid Identification No. CCE UIIP-01(01-02)/ 2018-19, dt.10.04.2018 is hereby cancelled as per Govt. in DoWR letter no. II-T-UIP-2/2018-22978/WR dated 29.08.2018.

*Sd./- Chief Construction Engineer*
*Upper Indravati Irrigation Project*

32352/11/0006/1819

Classified Display
on
Every Tuesday and Friday

**ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା**
**ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନବରଙ୍ଗପୁର**
**ବ୍ଲକ୍‌ସ୍ତରୀୟ ଜନଶୁଣାଣି**

**No. CAD-788:-** ନବରଙ୍ଗପୁର ଜିଲ୍ଲାର ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ଜଣାଇ ଦିଆଯାଉଛି କି, ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ ଗ୍ରାମୀଣ କର୍ମନିଯୁକ୍ତି ଯୋଜନାରେ ୨୦୧୭-୧୮ ଆର୍ଥିକବର୍ଷର ଅକ୍ଟୋବର ମାସଠାରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟଗୁଡ଼ିକର ବ୍ଲକ୍‌ସ୍ତରୀୟ ଜନଶୁଣାଣି ପାଇଁ ଅସଟ (OSSAAT) ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ପ୍ରକାରେ ସମସ୍ତ ପଞ୍ଚାୟତ ସମିତି ପରିସରରେ ଦିନ ଓ ସମୟ ଧାର୍ଯ୍ୟ କରାଯାଇଛି।

ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ସମସ୍ତ ଜନସାଧାରଣ, ଅଣକୁଶଳୀ ଶ୍ରମିକ, ହିତାଧିକାରୀ, ଯୋଜନା ସହ ସମ୍ପୃକ୍ତ ଥିବା ସଂଗଠନ, ବିଭିନ୍ନ ସରକାରୀ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ତ୍ରିସ୍ତରୀୟ ପଞ୍ଚାୟତିରାଜର ନିର୍ବାଚିତ ପ୍ରତିନିଧିମାନେ ଅଂଶଗ୍ରହଣ କରି ଯୋଜନାର କାର୍ଯ୍ୟକାରିତାରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ, ସୁନିଶ୍ଚିତ କରିବା ଓ ଯୋଜନାକୁ ସଫଳତାର ସହିତ ଆଗେଇ ନେବା ପାଇଁ ଆପଣଙ୍କର ସହଭାଗିତା, ବହୁମୂଲ୍ୟ ମତାମତ, ଆପତ୍ତି ଓ ଅଭିଯୋଗ ଉପସ୍ଥାପନାକୁ ଜିଲ୍ଲା ପ୍ରଶାସନ ସ୍ୱାଗତ କରୁଛି।

**କାର୍ଯ୍ୟସୂଚୀ:**

| କ୍ର. ନଂ. | ବ୍ଲକ୍‌ର ନାମ | ତାରିଖ | ସମୟ (ପୂର୍ବାହ୍ନ) | ଜନଶୁଣାଣି କରିବା ନିମନ୍ତେ କ୍ଷମତାପ୍ରାପ୍ତ ଅଧିକାରୀ |
|---|---|---|---|---|
| ୧ | ଚନ୍ଦାହାଣ୍ଡି | ୧୦।୦୯।୨୦୧୮ | ୧୦.୦୦ | ଉପଜିଲ୍ଲାପାଳ, ନବରଙ୍ଗପୁର |
| ୨ | ଡାବୁଗାଁ | ୧୧।୦୯।୨୦୧୮ | ୧୦.୦୦ | ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନବରଙ୍ଗପୁର |
| ୩ | ଝରିଗାଁ | ୧୨।୦୯।୨୦୧୮ | ୧୦.୦୦ | ଜିଲ୍ଲାପାଳ, ନବରଙ୍ଗପୁର |
| ୪ | ନନ୍ଦାହାଣ୍ଡି | ୧୫।୦୯।୨୦୧୮ | ୧୦.୦୦ | ଅତିରିକ୍ତ ଜିଲ୍ଲାପାଳ, ନବରଙ୍ଗପୁର |
| ୫ | କୋଷାଗୁମୁଡ଼ା | ୧୮।୦୯।୨୦୧୮ | ୧୦.୦୦ | ଅତିରିକ୍ତ ଜିଲ୍ଲାପାଳ, ନବରଙ୍ଗପୁର |
| ୬ | ନବରଙ୍ଗପୁର | ୧୯।୦୯।୨୦୧୮ | ୧୦.୦୦ | ଜିଲ୍ଲାପାଳ, ନବରଙ୍ଗପୁର |
| ୭ | ପାପଡ଼ାହାଣ୍ଡି | ୨୨।୦୯।୨୦୧୮ | ୧୦.୦୦ | ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ରଶାସନ) ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନବରଙ୍ଗପୁର |
| ୮ | ରାଇଘର | ୨୪।୦୯।୨୦୧୮ | ୧୦.୦୦ | ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନବରଙ୍ଗପୁର |
| ୯ | ତେନ୍ତୁଲିଖୁଣ୍ଟି | ୨୫।୦୯।୨୦୧୮ | ୧୦.୦୦ | ଉପଜିଲ୍ଲାପାଳ, ନବରଙ୍ଗପୁର |
| ୧୦ | ଉମରକୋଟ | ୨୬।୦୯।୨୦୧୮ | ୧୦.୦୦ | ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ରଶାସନ) ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନବରଙ୍ଗପୁର |

ସ୍ୱା./- ପ୍ରକଳ୍ପ ନିର୍ଦ୍ଦେଶ
ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନବରଙ୍ଗପୁର

ସ୍ୱା./- ଜିଲ୍ଲାପାଳ ତଥା କାର୍ଯ୍ୟକ୍ରମ ସଂଯୋଜକ
ନବରଙ୍ଗପୁର

19076/11/0003/1819

**State Health Assurance Society, Odisha**
**Deptt. of Health & Family Welfare, Govt. of Odisha**
**Bhubaneswar-751012, District-Khordha (Odisha)**
**Phone No.-0674-2560311,**
**Email ID, snaodisha@gmail.com**

**Tender for hiring an agency to deal with IEC activities through road shows (Caravan Movement), documentation, animation movies & wall paintings for promoting Biju Swasthya Kalyan Yojana in Odisha**

**Advt No. 09/2018** **Date:04.09.2018**

No.402-E: Sealed tenders are invited from eligible bidders for undertaking IEC activities for promoting Biju Swasthya Kalyan Yojana in Odisha. The tender document with all information relating to the tender process including tender document cost, EMD, eligibility criteria, scope of work, terms & conditions, evaluation criteria and formats of submission of tender may be downloaded from the website: www.nhmodisha.gov.in

A pre-bid meeting shall be held on 07.09.2018, 11.30 AM. Any amendment in the tender document due to decision in pre-bid meeting / extension of bid if any shall only be notified in the website mentioned above. The sealed tenders should reach the office of the undersigned by courier / registered post or may be dropped in the tender box, on or before 24.09.2018, 3.00 PM. The technical bid shall be opened on 24.09.2018 at 3.30 PM. Presentation by qualified bidders will be held at 25.09.2018 at 11.30 AM The undersigned reserves the right to reject any or all the tenders or cancel the tender without assigning any reason thereof.

**Sd./- Chief Executive Officer,**
**State Health Assurance Society, Odisha**

10001/11/0022/1819



ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।

-ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ



### ରଘୁନାଥପାଲି ନିର୍ବାଚନମଣ୍ଡଳୀ: ବିଜେଡି ମହିଳା ସଭାନେତ୍ରୀ ହେଲେ ଇନ୍ଦିରା

**ରାଉରକେଲା ଅଫିସ,୩। ୯**-ବିଜୁ ମହିଳା ଜନତା ଦଳ(ବିଜେଡି)ର ରାଜ୍ୟ ସଭାନେତ୍ରୀ ପ୍ରମିଳା ମଲ୍ଲିକଙ୍କ ଅନୁମୋଦନକ୍ରମେ ରଘୁନାଥପାଲି ମହିଳା ବିଜେଡି ସଭାନେତ୍ରୀ ଭାବେ ଇନ୍ଦିରା ନାୟକଙ୍କୁ ମନୋନୀତ କରାଯାଇଛି। ଏନେଇ ଇନ୍ଦିରା ନିଜ ପ୍ରତିକ୍ରିୟାରେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ, ରାଜ୍ୟ ସଭାନେତ୍ରୀ ମଲ୍ଲିକଙ୍କ ସମେତ ଅନ୍ୟ ବିଜେଡି ନେତାଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଛନ୍ତି। ରାଜ୍ୟରେ ବିଜେଡି କ୍ଷମତାସୀନ ହେବା ପରେ ନିରନ୍ତର ଭାବେ ମହିଳାଙ୍କ ସର୍ବାଙ୍ଗୀନ ବିକାଶ ପାଇଁ କାମ କରୁଛି । ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ନେଇ ସରକାର ଅନେକ ଯୋଜନା ପ୍ରଚଳନ କରିଛନ୍ତି। ରାଜ୍ୟ ବିକାଶରେ ମହିଳାଙ୍କ ଭୂମିକା ରହିଛି। ଏଣୁ ସାମାଜିକ ବିକାଶ କ୍ଷେତ୍ରରେ ସେମାନଙ୍କ ସହଭାଗିତା ଉପରେ ଇନ୍ଦିରା ଗୁରୁତ୍ୱାରୋପ କରିଛନ୍ତି। ଆଗାମୀ ଦିନରେ ରଘୁନାଥପାଲି ମହିଳା ବିଜେଡିକୁ ସଙ୍ଗଠିତ କରାଯିବା ସହ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।



### ସଡ଼କ ଦୁର୍ଘଟଣା, ୨ ବାଇକ୍ ଆରୋହୀ ଆହତ

**ରାଉରକେଲାଅଫିସ/ବେଦବ୍ୟାସ (ଡି.ଏନ.ଏ.)୩।୯**-ବ୍ରାହ୍ମଣୀତରଙ୍ଗ ଥାନା ବେଲଡିହିଠାରେ ସୋମବାର ସନ୍ଧ୍ୟାରେ ଘଟିଥିବା ଏକ ସଡ଼କ ଦୁର୍ଘଟଣାରେ ୨ ବାଇକ ଆରୋହୀ ଆହତ ହୋଇଛନ୍ତି। ସେମାନେ ହେଲେ ରାମ ତିର୍କୀ(୨୨) ଓ ମାନୁଏଲ ଧନୱାର(୨୮)। ଉଭୟଙ୍କୁ ଚିକିତ୍ସା ନିମନ୍ତେ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନେ ମାଣ୍ଡିଆକୁଦର ଅଞ୍ଚଳ ବାସିନ୍ଦା। ଦୁର୍ଘଟଣା ଘଟାଇଥିବା ଟ୍ରକ (ନଂ. ଓଆର-୧୪ଏସ ୪୧୨୩) ଓ ବାଇକ (ନଂ.୧୪ଏନ-୪୬୬୩)କୁ ପୋଲିସ ଜବତ କରିଛି। ଟ୍ରକ ଚାଳକ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ସୂଚନା ମିଳିଛି।

### ଗାଡ଼ି ପାର୍କିଂକୁ ନେଇ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ: ୩ ଗିରଫ

**ରାଉରକେଲା ଅଫିସ,୩। ୯**-ସେକ୍ଟର-୧୬ ଇ ବ୍ଲକ ଅଞ୍ଚଳ ବାସିନ୍ଦା ବିଭୂଦତ୍ତ ସାମଲ ନାମକ ଜଣେ ଯୁବକଙ୍କୁ ସେକ୍ଟର ୧୮ ମାର୍କେଟ ଅଞ୍ଚଳରେ ମରଣାନ୍ତକ ଆକ୍ରମଣ ହୋଇଛି। ଏନେଇ ସେକ୍ଟର-୧୫ ଥାନା ପୋଲିସ ରବିବାର ଏକ ମାମଲା (ନଂ. ୮୭/ ୨୦୧୮) ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସାମଲ ଗତ ୧ତାରିଖରେ ଘର ସଉଦା କିଣିବାକୁ ବଜାରକୁ ଆସିଥିଲେ । ସେଠାରେ ଗାଡି ପାର୍କିଂକୁ ନେଇ ସେକ୍ଟର-୧୫ ଅଞ୍ଚଳର ୩ ଯୁବକଙ୍କ ସହ ତାଙ୍କର ବଚସା ହୋଇଥିଲା। ସେହି ଘଟଣାକୁ କେନ୍ଦ୍ର କରି ସମ୍ପୃକ୍ତ ଯୁବକମାନେ ସାମଲଙ୍କୁ ଆକ୍ରମଣ କରିଥିଲେ । ଏଥିରେ ତାଙ୍କ ମୁଣ୍ଡ ଫାଟିଛି । ଖବରପାଇ ସାମଲଙ୍କ ବଡ ଭାଇ ବ୍ରହ୍ମଦତ୍ତ ଘଟଣାସ୍ଥଳରେ ପହଞ୍ଚି ଥିଲେ। ସେଠାରେ ସମ୍ପୃକ୍ତ ଯୁବକମାନେ ବ୍ରହ୍ମଦତ୍ତଙ୍କୁ ମଧ ଗାଲିଗୁଲଜ କରିବା ସହ ଧମକ ଚମକ ଦେଇଥିବା ଅଭିଯୋଗ ହୋଇଛି। ଆହତ ବିଭୂଦତ୍ତଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା (ଆରଜିଏଚ)ରେ ଭର୍ତ୍ତି କରାଯାଇଛି । ଆକ୍ରମଣକାରୀ ୩ ଯୁବକଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି।

■ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଘରୁ ନାବାଳିକା ଉଦ୍ଧାର ଘଟଣା

# କଟକରେ ରୁଜୁ ହେବ ମାମଲା

**ରାଉରକେଲା ଅଫିସ,୩।୯**

- ■ କର୍ତ୍ତୃପକ୍ଷଙ୍କ ଅବହେଳା
- ■ ପଚରାଉଚରା କଲାନି ସିଡବ୍ଲୁସି
- ■ ଘଟଣାକୁ ଚାପି ଦେବାକୁ ଉଦ୍ୟମ

ଗତ ରବିବାର ସେକ୍ଟର-୪ ଅଞ୍ଚଳର ଜଣେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଘରୁ ଏକ ନାବାଳିକାଙ୍କୁ ଉଦ୍ଧାର କରାଯାଇଥିଲା। ଏ ନେଇ କଟକରେ ମାମଲା ରୁଜୁ କରାଯିବ ବୋଲି ଚାଇଲ୍ଡ ଲାଇନ କର୍ତ୍ତୃପକ୍ଷ ସୂଚନା ପ୍ରଦାନ କରିଛନ୍ତି । ଏହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ସୋମବାର ଜିଲା ଶ୍ରମଦପ୍ତର ଅଧିକାରୀଙ୍କ ଦ୍ୱାରା ନାବାଳିକାଙ୍କୁ ପଚରାଉଚରା କରାଯାଇଥିଲା। ଏଥିରେ ଜିଲା ଶିଶୁ ମଙ୍ଗଳ ସମିତି(ସିଡବ୍ଲୁସି) ପକ୍ଷରୁ କେହି ଯୋଗ ନ ଦେବା ଅନ୍ୟ ଏକ ବିବାଦ ସୃଷ୍ଟି କରିଛି ।

ମିଳିଥିବା ସୂଚନା ଅନୁଯାୟୀ, ନାବାଳିକାଙ୍କୁ ସମ୍ପୃକ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଘରେ ଚାକରାଣୀ ଭାବେ ରଖିଥିବା ଦଲାଲ ହେଉଛନ୍ତି ରାଉରକେଲା ସିଭିଲ ଟାଉନଶିପ ଅଞ୍ଚଳର ବାସିନ୍ଦା। ନାବାଳିକା ଯାହା ଘରେ ରହି କାମ କରୁଥିଲେ ତାଙ୍କ ଘର ମଧ ରାଉରକେଲାରେ। ନାବାଳିକାଙ୍କ ମା'ବାପା ମଧ ସୁନ୍ଦରଗଡ ଜିଲା ଗୁରୁଣ୍ଡିଆ ବ୍ଲକ ତାମଡା ଅଞ୍ଚଳ ବାସିନ୍ଦା। ଏପରି ପରିସ୍ଥିତିରେ ସେହି ମାମଲାକୁ କାହିଁକି କଟକ ସ୍ଥାନାନ୍ତର କରାଯିବ ତାହା ସନ୍ଦେହ ସୃଷ୍ଟି କରିଛି। ନାବାଳିକା ଯେଉଁ କ୍ୱାର୍ଟର୍ସରୁ ଉଦ୍ଧାର ହେଲେ ତା'ପଛ କ୍ୱାର୍ଟର୍ସରେ ରହୁଛନ୍ତି ସିଡବ୍ଲୁସି ଅଧକ୍ଷ ବସନ୍ତ ମଲ୍ଲିକ। ଉଦ୍ଧାର ପରେ ସମ୍ପୃକ୍ତ ନାବଳିକା ଜଣଙ୍କୁ ସିଡବ୍ଲୁସି ପକ୍ଷରୁ ପଚରାଉଚରା କରାଯିବା କଥା। ଆବଶ୍ୟକ ସ୍ଥଳେ ଏନେଇ ମାମଲା ରୁଜୁ କରିପାରିବେ ସିଡବ୍ଲୁସି କର୍ତ୍ତୃପକ୍ଷ। ଉଭୟ ନିୟମରୁ ଗୋଟାଏ ବି ଏଯାଏ ପାଳନ କରାଯାଇନି।

ଗୋଟିଏ ପରିବାରର ୩ ନାବାଳିକା ଭଉଣୀଙ୍କୁ ଚାକରାଣୀ ସଜାଇଥିବା ଦଲାଲ ବାବଦରେ କେହି ମୁହଁ ଖୋଲି ନାହାନ୍ତି। ଏ ନେଇ ପୋଲିସ, ଶ୍ରମ ବିଭାଗ ନା ଶିକ୍ଷା ଅଧିକାରୀ କେହି ହେଲେ ତତ୍ପରତା ଦେଖାଇ ନାହାଁନ୍ତି। ଆହୁରି ଆଶ୍ଚର୍ଯ୍ୟ କଥା ଯେ, ଏନେଇ କେହି ଥାନାରେ ଅଭିଯୋଗ ବି କରି ନାହାନ୍ତି । ନାବାଳିକା ଉଦ୍ଧାର ପରେ ତାଙ୍କୁ ଚାଇଲ୍ଡ ଲାଇନରେ ଛାଡି ଦିଆଯାଇଛି। ଘଟଣାକୁ ଚାପି ଦେବାକୁ ଉଦ୍ୟମ ଆରମ୍ଭ ହୋଇଥିବା ଚର୍ଚ୍ଚା ହେଉଛି। ଏନେଇ ଜିଲା ଶିଶୁ ମଙ୍ଗଳ ସମିତି ଅଧକ୍ଷ ବସନ୍ତ ମଲ୍ଲିକଙ୍କୁ ପଚାରାଯିବାରୁ ସେ କହିଥିଲେ ଆମେ ନାବାଳିକାଙ୍କୁ ମଙ୍ଗଳବାର ପଚରାଉଚରା କରିବୁ। ପୋଲିସ ମାମଲାଟିକୁ ଶ୍ରମ ବିଭାଗକୁ ହସ୍ତାନ୍ତର କରିଛି। ଏଣୁ ସେହି ବିଭାଗ କି ପଦକ୍ଷେପ ନେବ ସେକଥା ତାଙ୍କ ଉପରେ ନିର୍ଭର କରୁଛି। ଏନେଇ ଆଇନଜୀବୀ କୈଳାସ ସାବତଙ୍କୁ ପଚାରାଯିବାରୁ ସେ କହିଥିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ପ୍ରତି ଥର ଦୋଷୀ ଖସିଯାଉଛନ୍ତି । ଏବେ ଏହାର ପୁନରାବୃତ୍ତି ହେବା ନେଇ ସେ ସନ୍ଦେହ ପ୍ରକାଶ କରିଛନ୍ତି ।

## ଫଟୋରେ ଖବର



ସ୍ତ୍ରୀଙ୍କୁ ଏକ ଠେଲା ଗାଡ଼ିରେ ବସାଇ ଜଣେ ବ୍ୟକ୍ତି ରାଉରକେଲା ରିଂଗ ରୋଡ଼ରେ ଭିକ୍ଷାବୃତ୍ତି କରୁଛନ୍ତି ।



ରାସ୍ତାରେ ଦବି ଯାଇଥିବା ଏକ ଟ୍ରକ

## ସରୁନି ସ୍ୱେରେଜ କାମ, ରାସ୍ତାରେ ଫସୁଛି ଭାରିଯାନ

**ରାଉରକେଲା ଅଫିସ, ୩। ୯**

ସହରରେ ଭୂତଳ ପାଇପ ପକାଇବା କାମ ଯୋଗୁ ବହୁ ସ୍ଥାନରେ ରାସ୍ତା ଦବି ସମସ୍ୟା ସୃଷ୍ଟି କରୁଛି। ଏନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ ଯାଉନି। ଫଳରେ ଛେଣ୍ଡ ଅଞ୍ଚଳ ବାସନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପାଇପ ପାଇଁ ଖୋଳା ଯାଇଥିବା ଗାତକୁ ଭଲ ରୂପେ ମାଟି ବାଲି ପକାଇ ପୋତା ଯାଉନି। ଫଳରେ ଛୋଟ ବଡ ଭାରିଯାନ ସେହି ଖାଲୁଆ ସ୍ଥାନରେ ଫସି ରହୁଛି। ସୋମବାର ଏକ ସିଲିଣ୍ଡର ବୋଝେଇ ଭାରିଯାନ ଏଭଳି ସମସ୍ୟାର ସମ୍ମୁଖୀନ ହୋଇ ଥିଲା । ଖୋଳା ଯାଇଥିବା ରାସ୍ତା ଦବି ଯିବାରୁ ଉକ୍ତ ଗାଡି ବାହାର କରିବାକୁ ଲୋକେ ନାକେଦମ ହୋଇଥିଲେ। ଏ ସଂକ୍ରାନ୍ତରେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

## ଜୁଆ ଆଡ୍ଡାରେ ଚଢ଼ାଉ, ୧୧ ଗିରଫ

■ ୨,୩୭,୫୦୦ ଟଙ୍କା, ୧୧ ମୋବାଇଲ ଫୋନ, ୫ ବାଇକ ଜବତ

**ରାଜଗାଙ୍ଗପୁର,୩।୯(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଗୋଶାଳାପଡ଼ାର ଏକ ଘରେ ଚାଲିଥିବା ଜୁଆ ଆଡ୍ଡାରେ ରବିବାର ସନ୍ଧ୍ୟା ୭ଟାରେ ଚଢ଼ାଉ କରି ପୋଲିସ ୧୧ଜଣଙ୍କୁ ଗିରଫ କରିଛି। ସେଠାରୁ ୨ଲକ୍ଷ ୩୭ ହଜାର ୫ଶହ ଟଙ୍କା, ୧୧ ମୋବାଇଲ ଫୋନ, ୧୦ଟି ତାସ ପ୍ୟାକେଟ ଓ ୫ଟି ବାଇକ ଜବତ କରାଯାଇଛି। ଗିରଫ ବ୍ୟକ୍ତିମାନଙ୍କ ମଧ୍ୟରେ ଘର ମାଲିକ ଅଛନ୍ତି। ସୋମବାର ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ରାଜଗାଙ୍ଗପୁର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଥାନା ଅଧିକାରୀ ପ୍ରଦୀପ କୁମାର ଜେନା ସୂଚନା ଦେଇଛନ୍ତି। ଗୋଶାଳାପଡ଼ାର ଏକ ନବନିର୍ମିତ ଘରେ ଜୁଆ ଆଡ୍ଡା ଚାଲୁଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ସେଠାରେ ଚଢ଼ାଉ କରିଥିଲା। ଏ ନେଇ ଏକ ମାମଲା (ନଂ. ୨୨୯/୧୮) ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଚୁକ୍ତିନାମାକୁ ଉଲ୍ଲଂଘନ କରୁଛନ୍ତି ଗ୍ୟାସ ଏଜେନ୍ସି କର୍ତ୍ତୃପକ୍ଷ

**ରାଉରକେଲା ଅଫିସ,୩। ୯**

ଘରୋଇ ଗ୍ୟାସ ଡେଲିଭରି ବୟ ଓ ମେକାନିକ ଆସୋସିଏଶନ ବୈଠକ ସୋମବାର ନୁଆକୋର୍ଟ ସମ୍ମୁଖ ବିରଜାପାଲିରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉପସ୍ଥିତ ଆସୋସିଏଶନ କର୍ମକର୍ତ୍ତା ଅଭିଯୋଗ କରିଥିଲେ ଯେ, ନିକଟରେ ଜିଲା ଶ୍ରମ ଦପ୍ତରରେ ଅନୁଷ୍ଠିତ ତ୍ରିପାକ୍ଷିକ ଚୁକ୍ତିନାମାକୁ ଗ୍ୟାସ ଏଜେନ୍ସି ମାଲିକ ଉଲ୍ଲଂଘନ କରିଛନ୍ତି। ଏମାନେ କର୍ମଚାରୀଙ୍କୁ ସର୍ବନିମ୍ନ ପରିଚୟ ପତ୍ର ଖଣ୍ଡେ ଯୋଗାଉ ନାହାନ୍ତି । ସମସ୍ତଙ୍କୁ ପୋଷାକ, ଦୈନିକ ହାଜିରା ଖାତାରେ ଦସ୍ତଖତ, ଗାଡି ଚଳାଉଥିବା କର୍ମଚାରୀଙ୍କୁ ଡ୍ରାଇଭର ମାନ୍ୟତା, ମରାମତିରେ ନିୟୋଜିତ କର୍ମଚାରୀଙ୍କୁ ମେକାନିକ ମାନ୍ୟତା ପ୍ରଦାନ ନେଇ ପୂର୍ବରୁ ଆଲୋଚନା ସତ୍ତ୍ୱେ ଏଜେନ୍ସି ମାଲିକ ଏହାକୁ ପାଳନ କରୁ ନାହାଁନ୍ତି । ଚୁକ୍ତି ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ ଉପସ୍ଥିତ କର୍ମକର୍ତ୍ତା। ଏହା ବ୍ୟତୀତ ଇ ପେମେଣ୍ଟ, ପେ ସ୍ଲିପ ଓ ସାଇକେଲ ଆଲାଉନ୍ସ ଭଳି ଅନେକ ଦାବି ଆଜି ବି ଅଣଦେଖା ହୋଇ ରହିଛି। ଆଗାମୀ ଦିନରେ କର୍ତ୍ତୃପକ୍ଷ ଏନେଇ ଧ୍ୟାନ ନ ଦେଲେ ଆନ୍ଦୋଳନକୁ ଜୋରଦାର କରାଯିବା ବୋଲି ଏଥିରେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ସାମୁଏଲ ହରିପାଲ, ଜିତେନ୍ଦ୍ର ହରିପାଲ, ଯୁଗଳ ତନ୍ତି, କୃଷ୍ଣଚନ୍ଦ୍ର ପାତ୍ର, କେଶବ ନାୟକ ଓ ଅନ୍ତର୍ଯ୍ୟାମୀ ସୁନା ପ୍ରମୁଖ ଉପସ୍ଥିତ ଥିଲେ।





ଘରୋଇ ଗ୍ୟାସ ଡେଲିଭରି ବୟ, ମେକାନିକ ଆସୋସିଏଶନ ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତା ।

## ବେଦବ୍ୟାସ ଗୋଶାଳାରେ ଜନ୍ମାଷ୍ଟମୀ

**ରାଉରକେଲା ଅଫିସ,୩। ୯**

ବେଦବ୍ୟାସ ଗୋଶାଳାରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି । ଏଥିରେ ରାଉରକେଲା ଓ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ସକାଳୁ ଗୋଶାଳା ପ୍ରାଙ୍ଗଣରେ ଥିବା ରାଧାକୃଷ୍ଣ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ମଞ୍ଜୁଦେବୀ ବାଗାଡିଆଙ୍କ ପକ୍ଷରୁ ଛପନ ଭୋଗର ଆୟୋଜନ କରାଯାଇଥିଲା। ଗୁରୁକୁଳ ଆଶ୍ରମର ଉମାକାନ୍ତ ପଣ୍ଡା ଓ ଆଶ୍ରମ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ । କଲ୍ୟାଣ ଆଶ୍ରମର ଅଗ୍ନିବାବା ଅତିଥି ଭାବେ ଯୋଗ ଦେଇ ପବିତ୍ର ଜନ୍ମାଷ୍ଟମୀ ପାଳନ ପଛରେ ରହିଥିବା ପୌରାଣିକ କଥାବସ୍ତୁ ଉପରେ ଆଲୋଚନା କରିଥିଲେ। ଏଥିରେ ଗୋଶାଳା ଅଧକ୍ଷ ଗଣେଶ ବାଗଡିଆ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ପ୍ରତିଭାଙ୍କୁ ସମ୍ମାନୀତ କରିଥିଲେ। ଗୋଶାଳା ସମ୍ପାଦକ କୈଳାସ ମାରୋଠିଆ, ଗୃହସ୍ଥି ଉଦ୍ୟୋଗର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏସସି ରାଠୋଡ ପ୍ରମୁଖ ଉପସ୍ଥିତ ଥିଲେ। ସୁମନ ଅଗ୍ରୱାଲ, ଭାନୁବେନ ପଟେଲ ଓ ଗୃହସ୍ଥି ପରିବାର କର୍ମକର୍ତ୍ତା ସହଯୋଗ କରିଥିଲେ।



ବେଦବ୍ୟାସ ଗୋଶାଳାରେ ଆୟୋଜିତ ଜନ୍ମାଷ୍ଟମୀ ଉତ୍ସବରେ ଯୋଗଦେଇଥିବା ଶ୍ରଦ୍ଧାଳୁମାନେ ।

## ବୋଲବମ୍ ସେବା ସଂଘ ପକ୍ଷରୁ ଚାରାରୋପଣ

**ଲହୁଣୀପଡ଼ା,୩।୯(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ରାଜାମୁଣ୍ଡାସ୍ଥିତ ବୋଲବମ୍ ସେବା ସଂଘ ପକ୍ଷରୁ ସୋମବାର ସକାଳ ୯ଟାରେ ତୁମକଲା ଗ୍ରାମରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗ୍ରାମସ୍ଥିତ ବ୍ରାହ୍ମଣୀ ନଦୀ କୂଳରେ ଏହି ବୃକ୍ଷରୋପଣ କରାଯାଇଛି। ଏହି ଅବସରରେ ୬ଶହରୁ ଊର୍ଦ୍ଧ୍ୱ ମୂଲ୍ୟବାନ ବୃକ୍ଷରୋପଣ କରାଯାଇଛି। ବୋଲବମ୍ ସେବା ସଂଘର କର୍ମକର୍ତ୍ତା ବିଭୂତି ଭୂଷଣ କର, ବିକ୍ରମ ସ୍ୱାଇଁ, ପପୁ ଜିତ, ଅଶୋକ ବେହେରା, ରଣଜିତ ପତି, ରାଜା ଜୟସ୍ୱାଲ, ପ୍ରମୋଦ ରଣା, ମିଥୁନ ପଣ୍ଡା, ଦିପୁ ତ୍ରିପାଠୀ, ବିକାଶ ଚନ୍ଦ୍ର, ରମେଶ କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ବୃକ୍ଷରୋପଣ କରାଯାଇଥିଲା।


**IN THE DEBTS RECOVERY TRIBUNAL AT CUTTACK**
**C-71, Sector-7, CDA, Cuttack- 753014 (Odisha)**
**O.A.No. 175/2018**

**Utkal Grameen Bank**
Stressed Asset Recovery Branch
Sambalpur .... Applicant

-Versus-

**Tankadhar Bishi** & Others .... Defendants

To,
Defendant No.1: **Tankadhar Bishi** S/o: Late Bairagi Bishi.
Defendant No.2: **Niranjan Pradhan**, S/o: Ratnakar Pradhan
Defendant No.3: **Sankarsan Bishi**, S/o: Tankadhar Bishi,
All are At: Penthbahal, P.O/P.S: Nakatideul, Dist: Sambalpur, PIN- 768118

**Summons by Paper Publication for Showing Cause as to Why the Relief Prayed for should not be granted**

Take notice that the Applicant has instituted the aforesaid Original Application before this Tribunal for recovery of Rs. 12,15,942.00 only together with current and future interest, cost and other reliefs.

You are therefore hereby directed to appear before this Tribunal in person or through authorised agent, in support of your defence to show cause within 30 days from the date of publication or on **5th day of October, 2018 at 10.30** a.m. as to why the reliefs prayed for should not be granted.

Take notice that in case of default the Application will be heard and determined in your absence.

Given under my hand and seal of this Tribunal, on this 27th day of August, 2018.

**(Srikanta Kumar Maikap)**
*Registrar,*
*Debts Recovery Tribunal, Cuttack*



**ଉତ୍କଳ ଗ୍ରାମୀଣ ବ୍ୟାଙ୍କ**
(ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଦ୍ୱାରା ପ୍ରଯୋଜିତ)
**ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ସା/ପୋ.: ଧନୁପାଲି, ଜିଲ୍ଲା: ସମ୍ବଲପୁର-୭୬୮୦୦୫**

**(ସ୍ଥାବର ସମ୍ପତ୍ତି ନିମନ୍ତେ)**
**ଦଖଲ ନୋଟିସ୍**
**ଦ୍ରଷ୍ଟବ୍ୟ ରୁଲ୍-୮(୧)**

ନିମ୍ନ ସ୍ୱାକ୍ଷରକାରୀ **ଉତ୍କଳ ଗ୍ରାମୀଣ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ର ନଂ. ୩) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ନିୟମ ୮ସହିତ ଧାରା ୧୩(୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ ପଇଠ କରିବାକୁ କୁହାଯାଇଥିଲା । ବର୍ତ୍ତମାନର ବକେୟା ରାଶି ନିମ୍ନ ସାରଣୀରେ ପ୍ରଦାନ କରାଗଲା। ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ରୁଲ୍ ୮ ସହିତ କଥିତ ଆକ୍ଟର ଧାରା ୧୩(୪)ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ଦଖଲ କରିଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ ଦର୍ଶିତ ରାଶି ସୁଧ, ଦେୟ ଏବଂ ଆନୁସଙ୍ଗିକ ଖର୍ଚ୍ଚ ନିମନ୍ତେ **ଉତ୍କଳ ଗ୍ରାମୀଣ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

**ଏତଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| କ୍ର. ନଂ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ନୋଟିସ୍ ଅନୁଯାୟୀ ବର୍ତ୍ତମାନର ବକେୟା ଦେୟ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
| --- | --- | --- | --- | --- |
| ୦୧. | **ଋଣଗ୍ରହୀତା: ମା ତାରିଣୀ ଇଲେକ୍ଟ୍ରିକାଲ୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଦୀପକ କୁମାର ଅଗ୍ରୱାଲ,** ପିତା: ଶ୍ରୀ ଗୋବିନ୍ଦରାମ ଅଗ୍ରୱାଲ / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀମତୀ କୌଶଲ୍ୟା ଦେବୀ,** ସ୍ୱାମୀ: ରାମ ଲଖନ ଶର୍ମା, **୨) ଶ୍ରୀ କମଳେଶ ଶର୍ମା,** ପିତା: ରାମ ଲଖନ ଶର୍ମା, ସମସ୍ତଙ୍କ ଠିକଣା ସା.: ଜଳଦା ଏ ବ୍ଲକ୍, ପୋ.: ଫର୍ଟିଲାଇଜର, ରାଉରକେଲା, ଜିଲ୍ଲା: ସୁନ୍ଦରଗଡ-୭୬୯୦୪୩ | ୧୯.୦୩.୨୦୧୮ ସୁଦ୍ଧା ଟ.୧୭,୩୪,୩୮୯/- ଏବଂ ପରବର୍ତ୍ତି ସୁଧ + ଅନ୍ୟାନ୍ୟ ଦେୟ | ୧୯.୦୩.୨୦୧୮ / ୨୧.୦୮.୨୦୧୮ | **ଶ୍ରୀମତୀ କୌଶଲ୍ୟା ଦେବୀ,** ସ୍ୱାମୀ: ରାମ ଲଖନ ଶର୍ମାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଜଳଦା, ତହସିଲ: ରାଉରକେଲା, ଥାନା : ଲାଠିକଟା, ଥାନା ନଂ.: ୧୦, ଜିଲ୍ଲା: ସୁନ୍ଦରଗଡ, ଖାତା ନଂ.: ୧୦୫/୨୨୪, ପ୍ଲଟ୍ ନଂ.: ୧୫୪୩/୩୧୭୦, କ୍ଷେତ୍ର: ଏକର୦.୦୫ଡିସିମିଲ |

**ସ୍ଥାନ: ସମ୍ବଲପୁର, ତାରିଖ : ୨୮.୦୮.୨୦୧୮**

**ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଉତ୍କଳ ଗ୍ରାମୀଣ ବ୍ୟାଙ୍କ**



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।

- ବ୍ୟାସଦେବ

# ରାଜପଥ ପାର୍ଶ୍ୱରେ ମୃତ ପ୍ରାଣୀଙ୍କୁ ଫିଙ୍ଗୁଛନ୍ତି ପାଟ୍ରୋଲିଂ କର୍ମଚାରୀ

ବଡ଼ଗାଁ,୩।୯(ଡି.ଏନ୍.ଏ.)

ରାଜ୍ୟ ଓ କେନ୍ଦ୍ର ସରକାର ସ୍ୱଚ୍ଛ ଭାରତ ମିଶନ ଯୋଜନା କରି ଲୋକଙ୍କୁ ସଚେତନ କରାଉଥିବାବେଳେ ଏ ଦିଗରେ ସରକାରୀ କଳ, ରାଜପଥ ନିର୍ମାଣ କରିଥିବା କମ୍ପାନୀ ଓ ଏହାର ପରିଚାଳନା ଦାୟିତ୍ୱ ତୁଲାଉଥିବା କର୍ମଚାରୀମାନେ ଦାୟିତ୍ୱବାନ ହେଉନାହାନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ୧୦ନଂ ରାଜ୍ୟ ରାଜପଥ ପାର୍ଶ୍ୱରେ ଦେଖିବାକୁ ମିଳୁଛି। ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ତୁଡ଼ାଲଗା, ବଡ଼ଗାଁ, ଇତମା, ଜରଙ୍ଗଲୋଇ ପଞ୍ଚାୟତର କେତେକ ଗ୍ରାମ ଦେଇ ଯାଇଥିବା ଏହି ରାଜପଥରେ ଦୈନନ୍ଦିନ ଦୁର୍ଘଟଣା ଘଟି ଗାଈ ବଳଦ, କୁକୁର, ପ୍ରାଣ ହରାଇଥାନ୍ତି। ହେଲେ ଏହି ମୃତ ପ୍ରାଣୀଙ୍କୁ କୌଣସି ସ୍ଥାନରେ ପୋତିବା ବ୍ୟବସ୍ଥା କରାଯାଉ ନାହିଁ। ରାଜ୍ୟପଥ–୧୦ ସମ୍ପ୍ରସାରଣ କରିଥିବା ଏଲ୍ଏଣ୍ଡଟି କମ୍ପାନୀ ରାସ୍ତାର ଦେଖାରେଖା, ସଫେଇ କାର୍ଯ୍ୟ ତୁଲାଉଛି। ଏଥିପାଇଁ କମ୍ପାନୀର ପାଟ୍ରୋଲିଂ ଗାଡ଼ି ନିୟୋଜିତ କରାଯାଇଛି। ହେଲେ କମ୍ପାନୀର ପାଟ୍ରୋଲିଂ ଗାଡ଼ିରେ ନିୟୋଜିତ କର୍ମଚାରୀମାନେ ମୃତ ପ୍ରାଣୀଙ୍କୁ ରାସ୍ତାରୁ ଉଠାଇ ପାର୍ଶ୍ୱରେ ଫିଙ୍ଗିଦେଇ କିମ୍ବା ଡ୍ରେନ୍‌ରେ ଭର୍ତ୍ତି କରି ଚାଲିଯାଉଛନ୍ତି। ପରବର୍ତ୍ତୀ ସମୟରେ ସେଗୁଡ଼ିକ ପଚିଶଢ଼ି ଦୁର୍ଗନ୍ଧ ବାହାରୁଛି। ମୃତ ପ୍ରାଣୀଙ୍କୁ ନ ପୋତି ଖୋଲା ସ୍ଥାନରେ ଫିଙ୍ଗି ଦେବା ଓ ଡ୍ରେନ୍ ଭିତରେ ପକାଯାଉଥିବାରୁ ପରିବେଶ ଉପରେ ଏହା କୁପ୍ରଭାବ ପଡୁଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା କମ୍ପାନୀ କର୍ମଚାରୀଙ୍କ ଏଭଳି କାର୍ଯ୍ୟରେ ସରକାରୀ ଅଧିକାରୀମାନେ ନୀରବଦ୍ରଷ୍ଟା ସାଜିଛନ୍ତି। ରାସ୍ତାରୁ ମୃତ ପ୍ରାଣୀଙ୍କୁ ଉଠାଇ ପୋତିବା କାର୍ଯ୍ୟ ପଞ୍ଚାୟତ କରି ଆସୁଥିଲେ ମଧ୍ୟ ଦୀର୍ଘବର୍ଷ ହେଲା ଅର୍ଥ ଅଭାବ ଦର୍ଶାଇ ଏହି କାମରୁ ଦୂରେଇ ରହୁଥିବାବେଳେ ଚିଲ ଶାଗୁଣାଙ୍କ ବଂଶ ଲୋପ ପାଇଯିବାରୁ ପ୍ରାକୃତିକ ଭାବେ ଏହାର ପରିଚାଳନା ହୋଇ ପାରୁନାହିଁ। ଏହା ଉପରେ ଜିଲା ପ୍ରଶାସନ ପଦକ୍ଷେପ ନେବାକୁ ଦାବି ହେଉଛି।

# ଜିଲାପାଳଙ୍କ ଜନଶୁଣାଣି, ରାସ୍ତା ସମସ୍ୟା ନେଇ ଅଭିଯୋଗ

ଟେନସା,୩।୯(ଡି.ଏନ୍.ଏ.)

କୋଇଡ଼ା ବ୍ଲକରେ ସୋମବାର ସୁନ୍ଦରଗଡ଼ ଜିଲାପାଳ ସୁରେନ୍ଦ୍ର କୁମାର ମୀନାଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି ଅନୁଷ୍ଠିତ ହୋଇଛି। ଏଥିରେ ରାଉରକେଲା ଏସ୍‌ପି, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ବଣାଇ ଉପଜିଲାପାଳ, କୋଇଡ଼ା ବିଡିଓଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ଏହି ଜନଶୁଣାଣି ସକାଳ ୧୦ଟାରେ ହେବାକୁ ଥିଲା। ରାସ୍ତା ଦୁରବସ୍ଥା ଯୋଗୁ ଜିଲାପାଳ ଜାମ୍‌ରେ ଫସିଯିବାରୁ ୨ ଘଣ୍ଟା ବିଳମ୍ବରେ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ବହୁ ଲୋକ କୋଇଡ଼ା–ଟେନସା ରାସ୍ତା, କୋଇଡ଼ା–ବାଲାଟା–ଲହୁଣୀପଡ଼ା ରାସ୍ତା, କୋଇଡ଼ା ମୁଖ୍ୟ ବଜାର ରାସ୍ତାର ଦୁରବସ୍ଥା ନେଇ ଅଭିଯୋଗ କରିଥିଲେ। ତୁରନ୍ତ ରାସ୍ତା କାମ କରିବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବହୁ ପୁରାତନ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟରେ ନିୟମିତ ପ୍ରଧାନ ଶିକ୍ଷକ ନ ଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା କୋଇଡ଼ା ପଞ୍ଚାୟତବାସୀ ଅଭିଯୋଗ କରିଥିଲେ। ସେହିପରି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଉପରେ ମଧ୍ୟ ଅଭିଯୋଗ ହୋଇଥିଲା। ଏଥିରେ ୫୦ରୁ ଊର୍ଦ୍ଧ୍ୱ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ତୁରନ୍ତ ଏ ସବୁ ଅଭିଯୋଗ ସମାଧାନ କରିବା ପାଇଁ କୋଇଡ଼ା ବିଡିଓ ପବିତ୍ରମୋହନ ବେହେରାଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।



ଅଭିଯୋଗ ଶୁଣାଣି ଶିବିରରେ ଅଧିକାରୀ ଓ ଜନସାଧାରଣ।

## ଫଟୋରେ ଖବର



ନନ୍ଦ ଉତ୍ସବ ଅବସରରେ ଝାରସୁଗୁଡା ସରବାହାଲ ଶିଶୁ ମନ୍ଦିର ଛାତ୍ରମାନେ ଦହିହାଣ୍ଡି ଭାଙ୍ଗୁଛନ୍ତି।



କୋଲାବିରା ଜଗନ୍ନାଥ ମନ୍ଦିରରେ ନୂଆଁଖାଇ ପାଇଁ ଲଗ୍ନ ଧାର୍ଯ୍ୟ କରାଯାଉଛି।

# ନବାହ୍ନ ଭକ୍ଷଣ ପାଇଁ ଲଗ୍ନ ସ୍ଥିର

କୋଲାବିରା.୩।୯(ଡି.ଏନ.ଏ.)

ସୋମବାର ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ନନ୍ଦୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ଏକତ୍ରୀତ ହୋଇ ନବାହ୍ନ ଭକ୍ଷଣ (ନୂଆଁଖାଇ) ପାଇଁ ଲଗ୍ନସ୍ଥିର କରିଛନ୍ତି। ଆସନ୍ତା ୧୪ ତାରିଖ ଶୁକ୍ରବାର ଭାଦ୍ରବ ଶୁକ୍ଳ ପଞ୍ଚମୀ ତିଥିରେ ପୂର୍ବାହ୍ନ ୧୦ଟାରୁ ୧୦ଟା ୪୫ ମିନିଟ ମଧ୍ୟରେ ମା'ସମଲେଇଙ୍କ ନିକଟରେ ନବାନ୍ନ ଲାଗି କରିବା ଲାଗି ସ୍ଥିର କରାଯାଇଛି। ସ୍ଥାନୀୟ ମହାଦେବ ବାବା ,ହନୁମାନ ମନ୍ଦିର ଏବଂ ସମଲେଇଶ୍ୱରୀ ଦେବୀଙ୍କୁ ନବାନ୍ନ ଭକ୍ଷଣ ଲଗ୍ନ ବିଷୟରେ ଅବଗତ ତଥା ନିମନ୍ତ୍ରଣ କରାଯାଇଥିଲା। ପୂଜକ ଓମ୍‌ପ୍ରକାଶ ପୂଜାରୀ ଏବଂ ବିଜୟ ପୂଜାରୀ ପୂଜାକାର୍ଯ୍ୟ ସମାପନ କରିଥିଲେ । ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂ, ବିନୋଦ ବିହାରୀ ହୋତା, ଗୋବିନ୍ଦ ଭୋଇ, ଗୋବିନ୍ଦ ଧୂରୁଆ, ସଲିତ କୁଅଁର,ନରୋତ୍ତମ ପୁରୋହିତ, ଭୀଷ୍ମଦେବ ହୋତା, ବୀରେନ୍ଦ୍ର ମହାପାତ୍ର, ଅନନ୍ତରାମ ସାହୁ, ଯଜାତି କେଶରୀ ବେହେରା, ପ୍ରଦ୍ୟୁମ୍ନ ପୁରୋହିତ, ଋଷି ସାହୁ,ଶୋଭାରାମ ରାୟ, ଲିଙ୍ଗ ହୋତା, ପରମେଶ୍ୱର ବେହେର, ଡୋଲାମଣୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗଉଡ଼ ଘରର ଝୋଟି**
**କାଲି ଆସିଛି ବୋହୂ ପିଲାଟି**
**ଅଢ଼େଇ ଆଙ୍ଗୁଳି ଚୁଟି ।**

ସମୟ ସହ ତାଳ ଦେଇ ସବୁକିଛି ବଦଳି ଯାଇଥାଏ। ଯୁଗ ବଦଳିବା ସହ ମଣିଷର ବେଶ ପୋଷାକ ତଥା ଚାଲିଚଳନରେ ଅନେକ ପରିବର୍ତ୍ତନ ଘଟୁଥିବାର ଲକ୍ଷ୍ୟ କରାଯାଇଥାଏ। ଏପରି ସ୍ଥିତିରେ ଆଧୁନିକତାର ଦ୍ୱାହି ଦେଇ ଛୋଟ ଚୁଟି ରଖିଥିବା ନୂଆ ବୋହୂ ପ୍ରତି ପାଖ ପଡ଼ିଶା ମହିଳାଙ୍କ ଟୀକାଟିପ୍ପଣୀ ପ୍ରକାଶ ପାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗହ୍ମାରି**
**ବୁଢ଼ା କୋଉ ମଣିଷରେ ସୁମାରି ।**

ସାଧାରଣତଃ ବୃଦ୍ଧ ବ୍ୟକ୍ତିମାନେ ନିଜକୁ ସର୍ବଦା ଅସହାୟ ମନେ କରିଥାନ୍ତି। ବୟସ ଅତିକ୍ରାନ୍ତ ହୋଇଗଲେ ସେମାନେ ନିଜ ଶକ୍ତି ଓ ସାମର୍ଥ୍ୟ ଉପରୁ ଆସ୍ଥା ବା ଭରସା ହରାଇ ବସିଥାନ୍ତି। ଏପରିସ୍ଥଳେ ବୃଦ୍ଧ ବ୍ୟକ୍ତିମାନଙ୍କୁ ଅନୁପଯୁକ୍ତ ମନେକରି ତାଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
ଫ୍ରେଣ୍ଡସ୍ ପବ୍ଲିଶର୍ସ


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

**B.Ed** M.Ed, B.P.Ed
Under Achrya Nagarjuna and Andhra Universities
SUCCESS POINT
114/7, Naveen Niwas Square, Bhubaneswar
BHUBANESWAR 7682826300 7682826301
BRAHAMPUR 7682826307 7377730723

ADMISSION OPEN 2018-20
**B.Ed.**
Acharya Nagarjuna University
Anuska B.Ed. Academy
Odisha's No-1 B.Ed. Academy
97% 1ST DIVISION
Rasulgarh, Bhubaneswar 8260277745/8260277746
Cuttack No-9937313739
Bhawanipatna: 7982328673
Jajpur/Kendrapara:9692222120
www.anuskagroup.com

SPOT ADMISSION
**B.Ed** CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash Against Gold
**Gold Cash**
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

**Odisha Finance**
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number: 7302107165
odishafinance55@gmail.com

**MONEY WIZZ FINANCE**
ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉପଲବ୍ଧ।(ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ)
07991019691
07750048332
moneywizz27@gmail.com

**LOAN**
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

**FINANCE**
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦ୍ଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି। ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ। ୩୦% ସବସିଡି ସହିତ।
7787922501
7787907927
pmjansamridhi@gmail.com

**BUSINESS**
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580 95578-79781

GET INSTANT CASH AGAINST GOLD
**Sell your GOLD more than market value.**
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

(Registration Free)
**Bhartiya Telecom Group**
(Govt. Approved)
ଦ୍ୱାରା ନିଜର ଖାଲି ଜାଗା, ଛାତ, ଚାଷଜମି, ପ୍ଲଟରେ DIGITAL ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ 60 ଲକ୍ଷ । ଭଡ଼ା 45000 + ଅନ୍ୟାନ୍ୟ ସୁବିଧା ସୁଯୋଗ। ଠକମାନଙ୍କ ପ୍ରତି ସାବଧାନ। (କାମ ଆମର, ବିଶ୍ୱାସ ଆପଣଙ୍କର) କେବଳ ଇଚ୍ଛୁକ ବ୍ୟକ୍ତି ଯୋଗାଯୋଗ କରନ୍ତୁ
7052176168
8808619133

**ଫାଇନାନ୍ସ**
ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ମାତ୍ର 1250ରେ (1-90 ଲକ୍ଷ) ପର୍ଯ୍ୟନ୍ତ 0% ସୁଧ 60% ରିହାତି, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, କୃଷି, ରାଶନକାର୍ଡ, ଆଧାରକାର୍ଡ, ସମସ୍ତ ଋଣ 48 ଘଣ୍ଟାରେ
Dhanlaxmi Finance
9045324642
7417158225

!! ଋଣ ଋଣ ଋଣ !!
**ମହାରାଷ୍ଟ୍ର ଫାଇନାନ୍ସ**
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ ୧00000-୯000000 ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339

**ସୁବର୍ଣ୍ଣ ସୁଯୋଗ**
କଣ ଆପଣ ବେରୋଜଗାର ଅଛନ୍ତି କି ?
ଆପଣଙ୍କର ଭବିଷ୍ୟତପାଇଁ କିଛି ଯୋଜନା ଅଛି କି ? ଏସବୁର ସମାଧାନପାଇଁ ଆମ Company ଠାରୁ କିଛି ସାହାଯ୍ୟ ନେଇ ଆତ୍ମନିର୍ଭରଶୀଳ ହୁଅନ୍ତୁ।
ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ
7873395955

**LOAN**
ଶିକ୍ଷିତ ଓ ବେରୋଜଗାରି ମାନେ ନିଜର ବ୍ୟବସାୟିକ, ବ୍ୟକ୍ତିଗତ, ଗୃହ, ପ୍ରପର୍ଟି, ସାର୍ଟିଫିକେଟ୍ ଓ ଶିକ୍ଷାର ସହାୟତାରେ କମ୍ପାନୀଠାରୁ ସାହାଯ୍ୟ ନିଅନ୍ତୁ।
7682891639
8018022748

**SMS JOBS DHAMAKA**
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

**ମହାବୀର ଫାଇନାନ୍ସ**
!! ବିନା ଗ୍ୟାରେଣ୍ଟର!!
ସ୍ୱରୋଜଗାର ପାଇଁ ଅଷ୍ଟମ/ଦଶମ ପାସ୍ ମହିଳା / ପୁରୁଷ
ମାର୍କଶିଟ୍, ବ୍ୟବସାୟ, ଦୋକାନ୍, ପ୍ରପର୍ଟି
2,00,000-25,00,000 ପର୍ଯ୍ୟନ୍ତ
1% ସୁଧ, 25% ରିହାତି 20 ବର୍ଷରେ ଫେରସ୍ତ
8750418810
9355438810

**UNIVERSAL COMMUNICATION GROUP**
ଦ୍ୱାରା ନିଜ ଖାଲି ପଡ଼ିଥିବା ଜମି, ଛାତ, ଚାଷଜମି, ପ୍ଲଟ୍‌ରେ ଯେକୌଣସି ସ୍ଥାନରେ ଉପକରଣ ଲଗାନ୍ତୁ ଓ ପାଆନ୍ତୁ 60 ଲକ୍ଷ ଅଗ୍ରିମ, ଭଡ଼ା 80,000 + ଅନ୍ୟାନ୍ୟ ସୁବିଧାସୁଯୋଗ ଏଗ୍ରିମେଣ୍ଟ ସହିତ ।
CALL NOW:
08570958738
08570958378



9911436726, 9540938429

**କେମିତି ମଦ ଛାଡ଼ିବେ**
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
**ବାଲେଶ୍ୱର:** ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। **ଭଦ୍ରକ:** ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। **ଯାଜପୁର:** ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। **କଟକ:** ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। **ଭୁବନେଶ୍ୱର:** ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍–୩। **ପୁରୀ:** ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। **ବାରିପଦା:** ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। **ସମ୍ବଲପୁର:** ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। **ରାଉରକେଲା:** ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। **ପାରାଦୀପ:** ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। **କେନ୍ଦ୍ରାପଡ଼ା:** ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍‌ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। **କେନ୍ଦୁଝର:** ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। **ଝାରସୁଗୁଡ଼ା:** ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। **ଅନୁଗୋଳ:** ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। **ବ୍ରହ୍ମପୁର:** ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। **ଭବାନୀପାଟଣା:** ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। **ବରଗଡ଼:** ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। **ଫୁଲବାଣୀ:** ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। **ନୟାଗଡ଼:** ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। **ପୂଜା ହେଲ୍‌ଥ ସେଣ୍ଟର**
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

**SMS JOB**
Send SMS, Earn MONEY
ଘରେବସି SMS JOB କରି Part/Full Time ଶିକ୍ଷିତ ବେରୋଜଗାର ମାସକୁ ୨୫୦୦୦/- ରୁ ୬୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
WORK From Home
କମ୍ପାନୀ ଦ୍ୱାରା Mobile+Laptop+ Bike + SIM + ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9667693638
9667693639

**ଏବିଏସ୍ ଫାଇନାନ୍ସ**
ଦ୍ୱାରା ସମସ୍ତ ଭାରତରେ ଲୋନ୍ ନେବା ପାଇଁ ଏବଂ ଜିଲ୍ଲାସ୍ତରରେ ଏଜେଣ୍ଟ ହେବାକୁ ସମ୍ପର୍କ କରନ୍ତୁ।
ଭୁବନେଶ୍ୱର: 7290027868
କଟକ: 7590022879
ପୁରୀ: 7290027864
ଅନୁଗୁଳ: 7290022884
ଯାଜପୁର: 9870548741
ବାଲେଶ୍ୱର: 9870548676
ଗଞ୍ଜାମ: 9870548744

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ। ପ୍ରଥମେ କାମ ପରେ ଦାମ୍, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଭେହିକିଲ୍, ବ୍ୟବସାୟ, ସମସ୍ତ ଋଣ 2% ସୁଧ, 40% ରିହାତି ଘରେ ବସି ଉପଲବ୍ଧ।
**ADARSH FINANCE**
Ram Nagar, Narnel, Haryana
7310635473
7310568831

**BARSHA FINANCE**
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra



ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ଲାକ୍ରା, ରୋହିଦାସଙ୍କୁ ୫୦ ଲକ୍ଷ ଟଙ୍କାର ପୁରସ୍କାର

**ଭୁବନେଶ୍ୱର, ୩।୯(ସ୍ପୋର୍ଟ୍ସ ବ୍ୟୁରୋ)-** ଏସିଆନ୍ ଗେମ୍ସରେ ବ୍ରୋଞ୍ଜ ପଦକ ଜିତିଥିବା ଭାରତୀୟ ପୁରୁଷ ହକି ଦଳର ଓଡ଼ିଆ ସଦସ୍ୟ ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସଙ୍କୁ ୫୦ ଲକ୍ଷ ଲେଖାଏ ପୁରସ୍କାର ରାଶି ପ୍ରଦାନ କରାଯିବ। ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଘୋଷଣା କରିଛନ୍ତି। ପୂର୍ବରୁ ଦୁଇଟି ରୌପ୍ୟ ଜିତିଥିବା ଦୂତୀ ଚାନ୍ଦଙ୍କ ଲାଗି ତିନିକୋଟି ଟଙ୍କାର ପୁରସ୍କାର ରାଶି ଦେଇଛନ୍ତି। ସେହିଭଳି ରୌପ୍ୟ ପଦକ ପାଇଥିବା ଭାରତୀୟ ମହିଳା ଦଳର ୪ ଓଡ଼ିଶା ସଦସ୍ୟଙ୍କୁ ଏକ କୋଟି ଲେଖାଏ ପ୍ରଦାନ କରାଯାଇଛି। ଉଲ୍ଲେଖଥାଉ କି, ଭାରତୀୟ ଦଳ ୨-୧ ବ୍ୟବଧାନରେ ପାକିସ୍ତାନକୁ ହରାଇ ବ୍ରୋଞ୍ଜ ପଦକ ହାସଲ କରିଥିଲା।

### ସାପ କାମୁଡ଼ାରେ ବାଳକ ମୃତ

**ନୂଆଗାଁ,୩।୯(ଡି.ଏନ୍.ଏ.)-** ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ଲାଙ୍ଗଇ ଗ୍ରାମର କୋଲାଇ ମୁଣ୍ଡାରୀ (୧୬)ଙ୍କ ରବିବାର ସାପକାମୁଡ଼ାରେ ମୃତ୍ୟୁ ହୋଇଛି। ରବିବାର ରାତିରେ କୋଲାଇ ଘରେ ଶୋଇଥିବାବେଳେ କୌଣସି ସାପ ତାଙ୍କ ହାତକୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ବିଶ୍ରା ଥାନା ଅଧିକାରୀ ବିକାଶ ରଞ୍ଜନ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଏକ ଅପମୃତ୍ୟୁ ମାମଲା (ନଂ.୨୭/୧୮) ରୁଜୁ କରି ପୋଲିସ ତଦନ୍ତ କରୁଛି। ବିଜେଡି ଯୁବନେତା ରୋହିତ ତନ୍ତୀ ପରିବାରକୁ ଭେଟି ସାନ୍ତ୍ୱନା ପ୍ରଦାନ କରିଛନ୍ତି।

### ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି

**ବଡ଼ଗାଁ,୩।୯ (ଡି.ଏନ୍.ଏ.)-** ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ସଭାଗୃହରେ ଶନିବାର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି ଅନୁଷ୍ଠିତ ହୋଇଛି। ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ମିଞ୍ଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଜନଶୁଣାଣିରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶିକା ସୌଦାମିନୀ ସେଠୀ, ବିଡିଓ ସୁଶାନ୍ତ କୁମାର ସିଂ, ଏବିଡିଓ ଚୌକା ଓରାମ, ଏଇ ସହଦେବ ମୁଣ୍ଡାରୀ ଯୋଗଦେଇଥିଲେ। ବ୍ଲକ ଅଞ୍ଚଳରେ ହୋଇଥିବା ବିଭିନ୍ନ ଯୋଜନାର କାର୍ଯ୍ୟଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ଏଥିରେ କେତେଜଣ ଶ୍ରମିକ ବିଳମ୍ବରେ ମଜୁରି ମିଳୁଥିବା ଓ କେତେକ କାର୍ଯ୍ୟ ଅସମ୍ପୂର୍ଣ୍ଣ ଥିବା ଅଭିଯୋଗ ହୋଇଥିଲା। ଟିମନା ପଞ୍ଚାୟତର ୨ଜଣ ଗ୍ରାମସାଥୀଙ୍କ ବିରୋଧରେ ଶ୍ରମିକମାନେ ଦୁର୍ନୀତି ଅଭିଯୋଗ ଆଣିଥିଲେ।



### ଉପଜିଲାପାଳଙ୍କ ଅଙ୍ଗନୱାଡି କେନ୍ଦ୍ର, ବିଦ୍ୟାଳୟ ପରିଦର୍ଶନ

**ଟେନସା,୩।୯(ଡି.ଏନ୍.ଏ.)-** ବଣାଇ ଉପଜିଲାପାଳ ଡ. ବିଜୟ ଯୁଦ୍ଧୁଲା କୋଇଡ଼ା ବ୍ଲକ କୋଇଡ଼ା ଉନ୍ନୀତ ଉଚ୍ଚ ପ୍ରାଥମିକ ଆବାସିକ ବିଦ୍ୟାଳୟ ଏବଂ ଗୋପପୁରସାହି ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରି ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ସାମଗ୍ରୀ ପ୍ରଦାନ କରିଛନ୍ତି। କୋଇଡ଼ା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୪୬୮ଟି ଖାଇବା ଟ୍ରେ, ୪୬୮ଟି ଗ୍ଲାସ, ହାତଧୁଆ ସାବୁନ, ଦରି, ୪ଟି ୱାଟର ଫିଲଟର, ୪ଟି ଡଷ୍ଟବିନ, ୮ଟି କାର୍ଯ୍ୟାଳୟ ଚୌକି, ୨ଟି ଆଲମିରା ଓ ଗୋପପୁରସାହି ଅଙ୍ଗନୱାଡି କେନ୍ଦ୍ରରେ ଶିଶୁଙ୍କ ପାଇଁ ୩୦ ସେଟ ଛୋଟ ଚୌକି ଓ ଛୋଟ ଟେବୁଲ, ସିଲଟ, ଖଡ଼ି, ଖେଳନା, ଛବି ଆଦି ବଣ୍ଟନ କରିଥିଲେ। ଉପରୋକ୍ତ ସମସ୍ତ ଉପକରଣ ଓ ସାମଗ୍ରୀ ଏସ୍‌ଆର୍ ରୁଙ୍ଗଟା ଗ୍ରୁପ କମ୍ପାନୀ ତେହେରାଇ ଖଣିର ସିଏସ୍‌ଆର୍ ସାମାଜିକ ଦାୟିତ୍ୱବୋଧ ବିଭାଗ ଆନୁକୂଲ୍ୟରେ ଯୋଗାଇ ଦିଆଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ରୁଙ୍ଗଟାର ବରିଷ୍ଠ ପ୍ରଶାସନିକ ଅଧିକାରୀ ରାମୁ ଅଗ୍ରୱାଲ, ପି.ଏଲ୍. ରାଉତ, ଅଜୟ କର ପ୍ରମୁଖ ଉପସ୍ଥିତ ଥିଲେ।





ବର୍ଷାରେ ଭାଙ୍ଗିଯାଇଥିବା ଘର (ବାମ) । ହାତୀବାରି-ବୀରମିତ୍ରପୁର ରାସ୍ତାର ଖଟମା ନାଳରେ ନିର୍ମିତ ପୋଲ ଉପରେ ପାଣି ପ୍ରବାହିତ ହେଉଛି ।

# ବର୍ଷାରେ ଭାଙ୍ଗିଲା ଘର, ପୋଲ ଉପରେ ପାଣି

**ନୂଆଗାଁ,୩।୯(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ଅଞ୍ଚଳରେ ଦୀର୍ଘ ୫ ଦିନ ହେଲା ବର୍ଷା ଲାଗି ରହିଛି। ପ୍ରବଳ ବର୍ଷା ଯୋଗୁ କେଉଁଠି ରାସ୍ତା ଭାଙ୍ଗି ପଡ଼ିଛି ତ ଆଉ କେଉଁଠି ଲୋକଙ୍କ ଘର ଭାଙ୍ଗିଛି। ଶନିବାର ଓ ରବିବାର ପ୍ରବଳ ବର୍ଷା ଯୋଗୁ ଚିତାପେଡ଼ି ପଞ୍ଚାୟତର ତିଲଖନ ସିଂଙ୍କ ମାଟି ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଫଳରେ ସେ ଏବେ ସମ୍ପୂର୍ଣ୍ଣ ବାସହରା ହୋଇପଡ଼ିଛନ୍ତି। ସୋମବାର ଚିତାପେଡ଼ି ସରପଞ୍ଚ ସୁମିତ୍ର ଯୋଜ, ନାଏବ ସରପଞ୍ଚ ଏତୋ ଖାଖା ପ୍ରମୁଖ ତିଲଖନଙ୍କ ଘରକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ତେବେ ତାଙ୍କ ଘରଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବାରୁ ବର୍ତ୍ତମାନ ସେହି ଘରେ ରହିହେବ ନାହିଁ ବୋଲି ପଞ୍ଚାୟତ କର୍ତ୍ତୃପକ୍ଷ ହୃଦୟଙ୍ଗମ କରିବା ପରେ ତାଙ୍କୁ ଏବେ ଅସ୍ଥାୟୀ ଭାବରେ ପଞ୍ଚାୟତ କାର୍ଯ୍ୟାଳୟର ଏକ କୋଠରି ଦିଆଯିବ ବୋଲି କୁହାଯାଇଛି। ତାଙ୍କୁ ବିଜୁ ପକ୍କାଘର ଯୋଜନାରେ ତୁରନ୍ତ ଘର ଯୋଗାଇ ଦେବାକୁ ବିଜେଡି ଯୁବନେତା ଲିଟୁନ ସିଂ ସରପଞ୍ଚଙ୍କୁ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ ଉପଯୁକ୍ତ ହିତାଧିକାରୀଙ୍କୁ ଘର ମିଳୁ ନ ଥିବାରୁ ଏବେ ବି ବ୍ଲକର ୨୦ ପଞ୍ଚାୟତର ହଜାର ହଜାର ଲୋକେ ବିପଦସଙ୍କୁଳ ଅବସ୍ଥାରେ ମାଟି ଘରେ ରହୁଛନ୍ତି। ପ୍ରଶାସନ ପକ୍ଷରୁ ଉପଯୁକ୍ତ ସର୍ଭେ କରାଯାଇ ଘର ଆବଣ୍ଟନ କଲେ ଲୋକେ ଉପକୃତ ହୋଇପାରନ୍ତେ ବୋଲି ମତ ପ୍ରକାଶ ପାଇଛି। ସେହିପରି ପ୍ରବଳ ବର୍ଷା ଯୋଗୁ ହାତୀବାରି-ବୀରମିତ୍ରପୁରକୁ ସଂଯୋଗ କରୁଥିବା ରାସ୍ତାର ଖଟମା ନାଳ ଉପରେ ନିର୍ମିତ ପୋଲ ଉପରେ ପାଣି ପ୍ରବାହିତ ହୋଇଥିଲା। ଫଳରେ ଗତ ଶନିବାର ଓ ରବିବାର ଦୁଇଦିନ ଧରି ଏହି ରାସ୍ତାରେ କିଛି ଘଣ୍ଟା ପର୍ଯ୍ୟନ୍ତ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଦୀର୍ଘଦିନରୁ ଏହି ନାଳ ଉପରେ ଏକ ବଡ଼ ପୋଲ ନିର୍ମାଣ ପାଇଁ ଦାବି ହୋଇ ଆସୁଥିଲେ ହେଁ ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେଉ ନ ଥିବାରୁ ବର୍ଷାଦିନେ ସମସ୍ୟା ଉପୁଜୁଛି। ଏ ଦିଗରେ ମଧ୍ୟ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।




ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଥିବା ରବୀନ୍ଦ୍ର ପଟେଲଙ୍କ ସମେତ ଅନ୍ୟମାନେ।

■ ତୃତୀୟ ଦିନରେ ଅନଶନ

## ଜିଲାପାଳ ଆସିଲେ, ଆଲୋଚନା ନ କରି ପଳାଇଲେ

**ବଡ଼ଗାଁ,୩।୯(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳରେ ଗତବର୍ଷ ମରୁଡ଼ି କ୍ଷତିପୂରଣ ବାବଦ ମାତ୍ର ୫୫୦ ଚାଷୀଙ୍କୁ କୃଷି ବୀମା ପ୍ରଦାନ ପାଇଁ ନିର୍ଦ୍ଦେଶ ମିଳିବା ପରେ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି। ସମସ୍ତ କ୍ଷତିଗ୍ରସ୍ତଙ୍କୁ ବୀମା ରାଶି ପ୍ରଦାନ ପାଇଁ ଭୋଇପାଲି ଜୟ ଯବାନ, ଜୟ କିଷାନ ବଜାର ସଂଘ କର୍ମକର୍ତ୍ତାମାନେ ଜିଲାପାଳଙ୍କୁ ଅବଗତ କରିଥିଲେ ମଧ୍ୟ ସୁଫଳ ନ ମିଳିବାରୁ ଗତ ୧ ତାରିଖରୁ ପୂର୍ବ ଘୋଷଣା ଅନୁଯାୟୀ ସଂଘ ସଭାପତି ରବୀନ୍ଦ୍ର ପଟେଲ ବ୍ଲକ ଅଫିସ ସମ୍ମୁଖରେ ଆମରଣ ଅନଶନ କରୁଛନ୍ତି। ୨ ଦିନ ହେଲା ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ରବିନ୍ଦ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି। ସୋମବାର ବିଡିଓ ସୁଶାନ୍ତ କୁମାର ସିଂ, ତହସିଲଦାର ସୋନାଲି ଚାନ୍ଦ, ଜିଲା କୃଷି ଅଧିକାରୀ କିସୁନ ମୁର୍ମୁ, ସହକାରୀ କୃଷି ଅଧିକାରୀ ନରେଶ ମହାନନ୍ଦ, ରାଜଗାଙ୍ଗପୁର ରୋଗପୋକ ବିଶେଷଜ୍ଞ ସଞ୍ଜୀବ ମହାନ୍ତି, ବଡ଼ଗାଁ ଏବିଡିଓ ଚୋକା ଓରାମ, ଏ.ଏସ୍.ଆଇ. ରବି ନାରାୟଣ ପଣ୍ଡ ଅନସ୍ଥଳସ୍ଥଳକୁ ଯାଇ ପଟେଲଙ୍କୁ ଆନ୍ଦୋଳନରୁ ଓହରିଯିବାକୁ ବୁଝଶୁଝା କରିଥିଲେ। ୩ ଦିନ ମଧ୍ୟରେ ଜିଲା ପ୍ରଶାସନ ସହ ଆଲୋଚନା କରି ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନଶନ ଜାରି ରଖିବେ ବୋଲି ପଟେଲ କହିଥିଲେ। ଅନ୍ୟପକ୍ଷରେ ରାତି ପ୍ରାୟ ସାଢ଼େ ୧୦ଟାରେ ଜିଲାପାଳ ସୁରେନ୍ଦ୍ର କୁମାର ମୀନା ବ୍ଲକ କାର୍ଯ୍ୟାଳୟରେ ଆସି ପହଞ୍ଚିଥିଲେ। ବିଡିଓଙ୍କ ଅଫିସକୁ ଯାଇ ଅନଶନକାରୀଙ୍କୁ ସେଠାକୁ ଡକାଇଥିଲେ। ହେଲେ ଜିଲାପାଳ ଅନଶନସ୍ଥଳକୁ ଆସି ପଟେଲଙ୍କ ସମେତ ସେଠାରେ ଉପସ୍ଥିତ କେତେଜଣ ପଞ୍ଚାୟତ ପ୍ରତିନିଧି ତଥା ଚାଷୀଙ୍କ ସହ ଆଲୋଚନା କରନ୍ତୁ ବୋଲି ପଟେଲ ଦାବି କରିଥିଲେ। କିନ୍ତୁ ଜିଲାପାଳ କିଛି ସମୟ ବିଡିଓଙ୍କ ଅଫିସରେ ରହି ପୁଣି ଗାଡ଼ିରେ ଫେରିଯାଇଥିଲେ। ଏହାକୁ ନେଇ ପଟେଲ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଜିଲାପାଳ ଅନଶନସ୍ଥଳକୁ ଆସି ସମସ୍ତଙ୍କ ସମ୍ମୁଖରେ କୌଣସି ପ୍ରତିଶ୍ରୁତି ଦେବା ଉଚିତ ଥିଲା ବୋଲି ସେ କହିଛନ୍ତି।

### ଅଶୋକା ସିନ୍ଥେଟିକ୍ସ ମଜଦୁର ସଂଘର ବିକ୍ଷୋଭ

**ସୁନ୍ଦରଗଡ଼,୩।୯(ଡି.ଏନ୍.ଏ.)**

୫ଦଫା ଦାବି ନେଇ କିରେଇସ୍ଥିତ ଅଶୋକା ସିନ୍ଥେଟିକ୍ସ (ସୂତାକଳ) ମଜଦୁର ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଂଘ ସଭାପତି ଆଡ୍‌ଭୋକେଟ ଶ୍ୟାମସୁନ୍ଦର ମିଶ୍ର ଓ ସମ୍ପାଦକ କେଦାର ଚନ୍ଦ୍ର ପଟେଲଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ ୧୦୦ଜଣ ଶ୍ରମିକ ସାମିଲ ହୋଇଥିଲେ। ୨୦୧୭ରୁ ବର୍ତ୍ତମାନ ପର୍ଯ୍ୟନ୍ତ ଶ୍ରମିକଙ୍କ ଦରମା, ୨୦୧୬ ବୋନସ୍ ଗ୍ରାଚ୍ୟୁଟି, ଅନ୍ୟାନ୍ୟ ପାଉଣା ପ୍ରଦାନ, ୨୦୧୪ରୁ ଭବିଷ୍ୟତନିଧି ଦେୟ ପ୍ରଦାନ, ବେଆଇନ ଭାବେ କାରଖାନା ବନ୍ଦ କରିଥିବା ମାଲିକଙ୍କ ବିରୋଧରେ ଶ୍ରମ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ, କାରଖାନାକୁ ତୁରନ୍ତ ଚାଲୁ କରିବା, ଶିଳ୍ପ ଜମିର ମାଲିକାନା ରଦ୍ଦ କରାଯିବା, ବିଦ୍ୟୁତ୍‌କରଣ କରିବା ପାଇଁ ମାଲିକ ଦେଇଥିବା ଟଙ୍କାକୁ ଶ୍ରମିକଙ୍କ ପାଉଣା ଆକାରରେ ଦିଆଯିବା ଆଦି ଦାବି କରାଯାଇଥିଲା। ଏ ନେଇ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳ ଭାସ୍କରଚନ୍ଦ୍ର ତୁରୁକ ଶ୍ରମିକମାନଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳ ଆସିବା ପରେ ଏ ସମ୍ପର୍କରେ ଆଲୋଚନା କରି ଶ୍ରମ ବିଭାଗ, ଶ୍ରମିକ ପ୍ରତିନିଧି, ଭବିଷ୍ୟତନିଧି କର୍ତ୍ତୃପକ୍ଷ ଓ ମିଲ୍ ମାଲିକଙ୍କ ଉପସ୍ଥିତିରେ ବୈଠକ ପରେ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବିକ୍ଷୋଭରେ ମଜଦୁର ସଂଘର ଭେଷଜ ରଥ, ପରମେଶ୍ୱର ପଟେଲ, ସୁରେନ୍ଦ୍ର ଦେଓ, ସନାତନ ପଟେଲ, ନିତ୍ୟାନନ୍ଦ ନାଏକ ପ୍ରମୁଖ ସାମିଲ ଥିଲେ।

### ଆଠକୋଶିଆ ଆଦିବାସୀ ଏକତା ମଞ୍ଚ ପକ୍ଷରୁ ଦାବିପତ୍ର ପ୍ରଦାନ

**ସୁନ୍ଦରଗଡ଼,୩।୯(ଡି.ଏନ୍.ଏ.)**

କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କ ସୁନ୍ଦରଗଡ଼ ଗସ୍ତ ଅବସରରେ ଆଠକୋଶିଆ ଆଦିବାସୀ ଏକତା ମଞ୍ଚ ପକ୍ଷରୁ ତାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲ ଅଧିକାର ସ୍ୱୀକୃତ ଆଇନ-୨୦୦୬ ଅନୁଯାୟୀ ସମସ୍ତ ବ୍ୟକ୍ତିଗତ ଜଙ୍ଗଲ ଅଧିକାର ଓ ଗୋଷ୍ଠୀଗତ ଜଙ୍ଗଲ ସମ୍ବଳ ସୁପରିଚାଳନା ପାଇଁ ଗୋଷ୍ଠୀ ଅଧିକାରପତ୍ର ତ୍ୱରାନ୍ୱିତ ପ୍ରକ୍ରିୟାରେ ପ୍ରଦାନ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଆଠକୋଶିଆ ଏକତା ମଞ୍ଚର ସିସିଲିଆ କାଣ୍ଡୁଲାନା, ସୁପ୍ରିୟାନ ଖାଖା, ପ୍ରଫୁଲ୍ଲ ଟପ୍ପୋ, ବଳରାମ ନାଏକ, ଆବ୍ରାହାମ ଲାକଡ଼ା ପ୍ରମୁଖଙ୍କୁ ନେଇ ଏକ ପ୍ରତିନିଧି ଦଳ ଓରାମଙ୍କୁ ସାକ୍ଷାତ କରି ଏହି ଦାବିପତ୍ର ପ୍ରଦାନ କରିଥିଲେ। ଏହି ଦାବି ସମ୍ପର୍କରେ ଜିଲା ପ୍ରଶାସନ ସହିତ ଆଲୋଚନା ପରେ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଓରାମ ପ୍ରତିଶ୍ରୁତି ଦେଇଛନ୍ତି।



ସଙ୍କୁଳସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଅବସରରେ ଯୋଗଦେଇଥିବା ଅତିଥିମାନେ।

## ସଂକୁଳସ୍ତରୀୟ ଖେଳକୁଦ ପ୍ରତିଯୋଗିତା

**ଲହୁଣୀପଡା, ୩।୯(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ଲହୁଣୀପଡା ବାଳିକା ଉଚ୍ଚ ବିଦ୍ୟାଳୟ ଖେଳପଡିଆଠାରେ ବଣେଇ ସଂକୁଳସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହାକୁ ବଣେଇ ସଂକୁଳ ସଂଯୋଜକ ଦିନେଶ କୁମାର ମାହାନ୍ତ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବଣେଇ ସଂକୁଳ ଅନ୍ତର୍ଗତ ପାଞ୍ଚଟି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ଡା. କୁମୁଦ ବନ୍ଧୁ ପତି ଓ ସମ୍ମାନିତ ଅତିଥି ଭାବେ ଦିନେଶ କୁମାର ମାହାନ୍ତ ଯୋଗଦେଇଥିଲେ। ସଂକୁଳ ପ୍ରମୁଖ ମାନସ କୁମାର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଲହୁଣୀପଡା ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ନିରୋଦଚନ୍ଦ୍ର ଦିକ୍ଷିତ ପରିଚୟ ପ୍ରଦାନ କରିଥିଲେ। ଘୃତ କୁମାର ବେହେରା, ସୁମନ୍ତ କୁମାର ସାହୁ, ରାମଚନ୍ଦ୍ର ପାତ୍ର, ମୀନକେତନ ମାହାନ୍ତ, ଫୁଲେଶ୍ୱରୀ ପାତ୍ର ପ୍ରମୁଖ କ୍ରୀଡା ପରିଚାଳନା କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଗୁରୁମାଗୁରୁଜୀଙ୍କ ସମେତ ଲହୁଣୀପଡା ଶିଶୁ ବିଦ୍ୟାମନ୍ଦିରର ଗୁରୁମା ଗୁରୁଜୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ଜଗନ୍ନାଥ ଯୁବକ ସଂଘର ସଦସ୍ୟମାନେ ଡ୍ରେନ ସଫେଇ କରୁଛନ୍ତି।

## ଡ୍ରେନ ସଫାକଲେ ଯୁବଗୋଷ୍ଠୀ

**ଲହୁଣିପଡା,୩।୯(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ଲହୁଣିପଡା ବ୍ଲକ ସଦର ପଞ୍ଚାୟତ ଯାତ୍ରା ପଡିଆ ସାହିର ଯୁବକମାନେ ଏକାଠି ହୋଇ ଆବର୍ଜନାରେ ପୋତି ହୋଇଯାଇଥିବା ଗାଁ ଡ୍ରେନକୁ ରବିବାର ସଫେଇ କରିଛନ୍ତି। ସକାଳୁ ଯାତ୍ରା ପଡିଆ ଜୟ ଜଗନ୍ନାଥ ଯୁବକ ସଂଘର ସଦସ୍ୟମାନେ ଡ୍ରେନ ଓ ରାସ୍ତା ସଫେଇ କରି ଏକ ଉଦାହରଣ ସୃଷ୍ଟି କରିଛନ୍ତି। ଏହି ଯୁବକମାନେ ପ୍ରତ୍ୟେକ ରବିବାର ସଚେତନତା ସୃଷ୍ଟି କରିବା ପାଇଁ ମଧ୍ୟ ,ହି ଅବସରରେ ନିଷ୍ପତ୍ତି ନେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିବା ପ୍ରଦୀପ କୁମାର ବାରିକ, ରାଜୀବ ମାହାନ୍ତ, ସନ୍ତୋଷ ରାୟ, ରଞ୍ଜନ ମାହାନ୍ତ, ଦେବେନ୍ଦ୍ର ବାରିକ, ପ୍ରକାଶ ମାହାନ୍ତ, ଲିଟୁନ ମାହାନ୍ତ, ମାନସ ପଶାୟତ, ଦେବାଶିଶ ରାୟ ପ୍ରମୁଖ କହିଛନ୍ତି ଯେ, ମୁଖ୍ୟରାସ୍ତାରୁ ସାହି ଭିତର ଦେଇ ଯାଇଥିବା ଡ୍ରେନର ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ଅଳିଆ ଆବର୍ଜନା ଜମାହୋଇଥିଲା। ଫଳରେ ଜଳ ନିଷ୍କାସନରେ ସମସ୍ୟା ସୃଷ୍ଟି ହେଉଥିଲା। ଡ୍ରେନ ପାଣି ରାସ୍ତା ଉପରକୁ ଉଠି ଆସି ପୁତିଗନ୍ଧମୟ ପରିବେଶ ସୃଷ୍ଟି କରୁଥିଲା। ଏଥିପାଇଁ କୌଣସି ସ୍ତରରେ ବି ଉଦ୍ୟମ ହେଉ ନ ଥିଲା। ଏହି ରାସ୍ତାଦେଇ ବ୍ରାହ୍ମଣସାହି ଓ ଗଲାରଡିହିର ଲୋକମାନେ ନାକରେ କପଡା ଦେଇ ଯିବା ଆସିବା କରିବାକୁ ବାଧ୍ୟ ହେଉଥିଲେ। ସ୍ଥିତିରେ ସୁଧାର ଆଣିବାକୁ ଅଣ୍ଟା ଭିଡିଥିଲେ ଜଗନ୍ନାଥ ଯୁବକ ସଂଘର ସଦସ୍ୟମାନେ। କାହାର ସହାୟତାକୁ ଅପେକ୍ଷା ନ କରି ସେମାନେ ଆଗକୁ ବାହାରିଥିଲେ। ସକାଳୁ ଫାଉଡା, ଶାବଳ ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ଧରି ସେମାନେ ଏହି ଡ୍ରେନକୁ ସଫେଇ କରିଥିଲେ।

## ଏନ୍‌ଟିପିସି ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳିତ

**ସୁନ୍ଦରଗଡ଼,୩।୯(ଡି.ଏନ୍.ଏ.)**

ଏନ୍‌ଟିପିସିସ୍ଥିତ ଏନ୍‌ଟିପିସି ବୃହତ ତାପଜ ବିଦ୍ୟୁତ୍ ପ୍ରକଳ୍ପ ପକ୍ଷରୁ ୭ଟି ଶିକ୍ଷାନୁଷ୍ଠାନରେ ସ୍ୱଚ୍ଛତା ପକ୍ଷ-୨୦୧୮ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସ୍ୱଚ୍ଛତା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ପ୍ରକଳ୍ପ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ଲୋଚନ ହାଇସ୍କୁଲ, ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଦର୍ଲିପାଲିସ୍ଥିତ ଦାମୋଦର ନାଏକ ମହାବିଦ୍ୟାଳୟ, ଖେରାଡେଗା, ରାଏଡିହି ଭୋରୁଭଗା ଓ ପ୍ରକଳ୍ପ ପ୍ରଭାବିତ ପୁନର୍ବାସ କଲୋନୀରେ ସ୍ୱଚ୍ଛତା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଡ୍ରଇଁ, ବକ୍ତୃତା, ପ୍ରବନ୍ଧ ଆଦି ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀଛାତ୍ର ଓ ବିଦ୍ୟାଳୟଗୁଡ଼ିକୁ ଟଏଲେଟ ସାବୁନ ବଣ୍ଟନ କରାଯାଇଥିଲା। ଏନ୍‌ଟିପିସିର ଜିଏମ୍ କେ.ଆର୍. ପାଣ୍ଡୁ ଲୋଚନ ହାଇସ୍କୁଲଠାରେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଲୋଚନ ହାଇସ୍କୁଲ ପ୍ରଧାନ ଶିକ୍ଷକ ବିଶ୍ୱଜିତ ପଟେଲ, ଏନ୍‌ଟିପିସି ଏଜିଏମ୍ (ପୁନର୍ବାସ ଓ ଥଇଥାନ) ଅନ୍ତର୍ଯ୍ୟାମୀ ଦାସ ଓ ଅନ୍ୟ ବରିଷ୍ଠ ଅଧିକାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଲୋଚନ ହାଇସ୍କୁଲ ପରିସରରେ ସଫେଇ ଅଭିଯାନ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିସହ ସ୍ୱଚ୍ଛତା ସମ୍ପର୍କରେ ଅଡିଓ ଭିଜୁଆଲ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଥିଲା।




ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ସଫେଇ କାର୍ଯ୍ୟକ୍ରମ କରାଯାଉଛି।



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।

- ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର



**ସଂକ୍ଷେପରେ**

## ଦଳ ବିରୋଧୀ କାର୍ଯ୍ୟ, ବିଶୃଙ୍ଖଳା: ୪ ଭାଜପା ମହିଳା କର୍ମକର୍ତ୍ତା ନିଲମ୍ବିତ

**ଝାରସୁଗୁଡ଼ା ଅଫିସ,୩।୯-** ଦଳ ଭିତରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ଅଭିଯୋଗରେ ଝାରସୁଗୁଡ଼ା ଜିଲା ଭାଜପା ଏହାର ୪ ମହିଳା କାର୍ଯ୍ୟକର୍ତ୍ତାଙ୍କୁ ସୋମବାର ନିଲମ୍ବିତ କରିଛି। ନିଲମ୍ବିତ ହୋଇଥିବା ସଦସ୍ୟାମାନେ ହେଲେ ଝାରସୁଗୁଡ଼ାର ସବିତା ପ୍ରଧାନ, ଲଖନପୁରର ବିନୋଦିନୀ ପ୍ରଧାନ, ଲମ୍ପ୍‌ଟିବାହାଲର ମିକି ନାଏକ ଏବଂ ବ୍ରଜରାଜନଗରର ସଙ୍ଗୀତା ସୁନା। ସେମାନଙ୍କୁ ୬ ବର୍ଷ ପାଇଁ ନିଲମ୍ବିତ କରାଯିବା ସହ ଦଳ ପ୍ରାଥମିକ ସଭ୍ୟ ପଦରୁ ବରଖାସ୍ତ କରାଯାଇଛି। ଭାଜପା ରାଜ୍ୟ ସଭାପତିଙ୍କ ସହମତିକ୍ରମେ ଜିଲା ସଭାପତି ରାଧାରାଣୀ ପଣ୍ଡା ସେମାନଙ୍କୁ ନିଲମ୍ବନ କରିଥିବା ଭାଜପା ମିଡିଆ ସେଲ୍ ତରଫରୁ ସୂଚନା ଦିଆଯାଇଛି। ନିଲମ୍ବିତ ହୋଇଥିବା ସଦସ୍ୟାମାନେ ଦଳ ବିରୋଧୀ କାର୍ଯ୍ୟକ୍ରମରେ ସମ୍ପୃକ୍ତ ରହିବା ସହ ଦଳୀୟ ନେତାଙ୍କ ବିରୋଧରେ ଅଶାଳୀନ ମନ୍ତବ୍ୟ ଦେଉଥିବା ଦଳ ଜାଣିବାକୁ ପାଇଥିଲା। ତେଣୁ ସେମାନଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି କୁହାଯାଇଛି।

## ପୋଲିସ ସହାୟତା କେନ୍ଦ୍ର ସହ ଯୋଗାଯୋଗ ସୁବିଧା

**କୋଲାବିରା,୩।୯(ଡି.ଏନ.ଏ.)** -ଝାରସୁଗୁଡା ଜିଲା କୋଲାବିରା ଥାନା ଅର୍ନ୍ତଗତ ବଡବାହାଲ ଛକ (ଗାଇଗୋଠ ଛକ)ରେ ନୂତନ ଭାବେ ଉଦ୍‌ଘାଟିତ ହୋଇଥିବା ପୋଲିସ ସହାୟତା କେନ୍ଦ୍ର ପାଇଁ ଏକ ମୋବାଇଲ ନମ୍ବର (୮୭୫୮୭୪୬୭୦୮) ଉପଲବ୍ଧ ହୋଇଛି। ଏହି ଫୋନ ନମ୍ବରରେ ପୋଲିସଙ୍କୁ ଯୋଗାଯୋଗ କରାଯାଇପାରିବ। ଜନସାଧାରଣ ଏହାର ସୁବିଧା ନେବାକୁ କୋଲାବିରା ଥାନାଧିକାରୀ ସୁକୁମାର ତ୍ରିପାଠୀ ସୂଚନା ଦେଇଛନ୍ତି। ଗତମାସ ୨୭ ତାରିଖରେ ଏହି ସହାୟତା କେନ୍ଦ୍ର ଉଦ୍‌ଘାଟିତ ହୋଇଥିଲା।




ରାଫେଲ୍ ଫାଇଟର୍ ଜେଟ୍ କିଣା ଘୋଟାଲାକୁ ନେଇ ଆୟୋଜିତ ଖବରଦାତା ସମ୍ମିଳନୀରେ କଂଗ୍ରେସ କର୍ମକର୍ତ୍ତା।

# ରାଫେଲ ଡିଲ୍‌ରେ ବଡ ଘୋଟାଲା ହୋଇଛି: କଂଗ୍ରେସ

**ଝାରସୁଗୁଡ଼ା ଅଫିସ,୩।୯**

ରାଫେଲ୍ ଫାଇଟର୍ ଜେଟ୍ କିଣାରେ ଏକ ବଡ ଧରଣର ଘୋଟାଲା ହୋଇଛି। ଏହି ଘୋଟାଲାରେ କଂଗ୍ରେସ କାର୍ଯ୍ୟକର୍ତ୍ତା ସିଧାସଳଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ୍ କରିଛନ୍ତି। ୟୁପିଏ ସରକାର ସମୟରେ ରାଫେଲ୍ ଫାଇଟର ଜେଟ୍ କ୍ରୟ ପାଇଁ ହୋଇଥିବା ଚୁକ୍ତିର ମୂଲ୍ୟ ତୁଳନାରେ ପ୍ରାୟ ତିନିଗୁଣା ଅର୍ଥ ବିନିମୟରେ ନୂଆ ଚୁକ୍ତି କରାଯାଇଛି। ଯାହା ସାଧାରଣ ଟିକସଦାତାଙ୍କ ଅର୍ଥର ଦୁରୁପଯୋଗ ବୋଲି ଅଭିଯୋଗ କରିଛନ୍ତି ଏଆଇସିସି ସାଧାରଣ ସମ୍ପାଦକ ମସ୍ତାନ ଅଲ୍ଲୀ।

ସୋମବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏଆଇସିସି ସମ୍ପାଦକ ଅଲ୍ଲୀ କହିଲେ, ୟୁପିଏ ସରକାର ଗୋଟିଏ ରାଫେଲ ଫାଇଟର ଜେଟ୍ ୫୨୬.୧୦ କୋଟି ଟଙ୍କାରେ କ୍ରୟ କରିବାକୁ ଫ୍ରାନ୍ସ କମ୍ପାନୀ ଡାସଲ୍ଟ ସହ ଚୁକ୍ତି କରିଥିଲା। ହେଲେ କେନ୍ଦ୍ରରେ ସରକାର ପରିବର୍ତ୍ତନ ପରେ ପ୍ରଧାନମନ୍ତ୍ରୀ ମୋଦି ପ୍ରତିରକ୍ଷା ବିଶେଷଜ୍ଞଙ୍କ ଅନୁପସ୍ଥିତିରେ ପୁରୁଣା ଚୁକ୍ତିକୁ ବାତିଲ କରିଦେଇଥିଲେ। ଏହାପରେ ଗୋଟିଏ ରାଫେଲ୍ ଫାଇଟର ଜେଟ୍‌କୁ ୧୬୭୦.୭୦ କୋଟି ଟଙ୍କାରେ କ୍ରୟ କରିବାକୁ ସିଧାସଳଖ ଫ୍ରାନ୍ସ ସରକାର ସହ ଚୁକ୍ତି କରିଥିଲେ। ଯାହା ଜାତୀୟ ସ୍ୱାର୍ଥର ପରିପନ୍ଥୀ ବୋଲି

**୩ ଗୁଣା ଅଧିକ ଅର୍ଥ ପାଇଁ ଚୁକ୍ତି**

- **୫୨୬.୧୦ କୋଟି ଟଙ୍କାରେ କିଣିବାକୁ ଚୁକ୍ତି ହୋଇଥିଲା**
- **ଏବେ ୧୬୭୦.୭୦କୋଟିରେ ଚୁକ୍ତି ହୋଇଛି**
- **ଫ୍ରାନ୍ସ ସରକାରଙ୍କ ସହ ଚୁକ୍ତି କରିଛନ୍ତି କେନ୍ଦ୍ର ସରକାର**

ସେ ଅଭିଯୋଗ କରିଛନ୍ତି। ସେହିପରି ପୁରୁଣା ଚୁକ୍ତି ଅନୁସାରେ ୧୦୮ଟି ରାଫେଲ୍ ହିନ୍ଦୁସ୍ତାନ ଏରୋନେଟିକ୍ସ ଲିମିଟେଡ(ଏଚ୍ଏଏଲ୍)ରେ ନିର୍ମାଣ ହୋଇଥାନ୍ତା। ସୁନାବେଡାସ୍ଥିତ ଏଚ୍ଏଏଲ୍‌ରେ ନିର୍ମାଣ ହୋଇଥିଲେ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଥାନ୍ତା। କିନ୍ତୁ ପ୍ରଧାନମନ୍ତ୍ରୀ ଶିକ୍ଷିତ ଯୁବକଙ୍କୁ ଏହି ସୁଯୋଗରୁ ବଞ୍ଚିତ କରିଛନ୍ତି ବୋଲି ଝାରସୁଗୁଡା ବିଧାୟକ ନବ କିଶୋର ଦାସ ଅଭିଯୋଗ କରିଛନ୍ତି। ତେଣୁ ସରକାର ଏହି ଡିଲ୍ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବାକୁ କଂଗ୍ରେସ ଦାବି କରିଛି। ନଚେତ୍ ଆଗାମୀ ଦିନରେ ଜିଲାସ୍ତରରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି କଂଗ୍ରେସ ଚେତାବନୀ ଦେଇଛି। ଏହି ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତା ଲକ୍ଷ୍ମଣ ମେହେର, ରାଜ କିଶୋର ଷଡଙ୍ଗୀ, କିଶୋର ପଟେଲ, ଜଗନ୍ନାଥ ଜେନା, ଗିରିଶ ପଣ୍ଡା, ତେଜରାଜ ସାହୁ, ପ୍ରମୋଦ ପଣ୍ଡା, ଶାନ୍ତି ପ୍ରଧାନ, ରୋଜାଲିନ ପଟେଲ, ସ୍ୱାପ୍ନାମୟୀ ପଟେଲ, ହର୍ଷ ଜଗତ, ଦିଗାମ୍ବର ମାଝୀ, ଜୟନ୍ତୀ ବାହୁକ ପ୍ରମୁଖ ଉପସ୍ଥିତ ଥିଲେ।

ଏ ବାବଦରେ ଭାଜପା ବିଧାୟିକା ରାଧାରାଣୀ ପଣ୍ଡା କହିଛନ୍ତି, ୟୁପିଏ ସରକାର କେନ୍ଦ୍ରରେ ୪୦ ବର୍ଷରୁ ଅଧିକ ଶାସନ କରିଛି। ସେମାନଙ୍କ ଘୋଟାଲା ତାଲିକା ବାହାର କରାଗଲେ ଏକ ପୁରାଣ ହେବ। ପ୍ରଧାନମନ୍ତ୍ରୀ କେବଳ ଜନକଲ୍ୟାଣ କାମ କରନ୍ତି। ତେଣୁ କଂଗ୍ରେସ ଏଭଳି ମିଥ୍ୟା ପ୍ରଚାରରୁ ବିରତ ରହି ଆଇନର ଆଶ୍ରୟ ନେଉ ବୋଲି ସେ ପରାମର୍ଶ ଦେଇଛନ୍ତି । ଝାରସୁଗୁଡ଼ା ବିଧାୟକ ଯୋଜନା ହାଇଜାକ୍ କରିବାରେ ମାହିର। ଝାରସୁଗୁଡ଼ା ବିମାନବନ୍ଦର ତାଙ୍କ ଉଦ୍ୟମରେ ହୋଇଥିବା ସେ ପ୍ରଚାର କରାଉଛନ୍ତି।

## କୋଲାବିରାରେ ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ପାଳିତ

**କୋଲାବିରା,୩।୯(ଡି.ଏନ.ଏ.)**

ଝାରସୁଗୁଡ଼ା ଜିଲା କୋଲାବିରା ତଥା ଉପାନ୍ତ ଅଞ୍ଚଳରେ ସୋମବାର ଜନ୍ମାଷ୍ଟମୀ ଓ ନନ୍ଦଉତ୍ସବ ପାଳିତ ହୋଇଯାଇଛି। ଶ୍ରଦ୍ଧାଳୁମାନେ ଉପବାସରେ ରହି ପ୍ରଭୁଙ୍କ ଧରାବତରଣକୁ ଅପେକ୍ଷା କରିଥିଲେ । ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଜନ୍ମାଷ୍ଟମୀ ଉତ୍ସବ ପାଳନ କରାଯାଇଥିଲା। ଏହି ଅବସରରେ ସକାଳରୁ ରାତି ପର୍ଯ୍ୟନ୍ତ ପ୍ରବଚନ, ଭଜନ,



ସଙ୍ଗୀତ ପରିବେଷଣ ସହିତ ଭାଗବତ ପାଠ ଆଦି ଅନୁଷ୍ଠିତ ହୋଇଥିଲା। ଶତାଧିକ ଶ୍ରଦ୍ଧାଳୁ ଏହି ଉତ୍ସବରେ ଯୋଗ ଦେବା ସହ କୃଷ୍ଣଙ୍କ ବିଚିତ୍ର ଓ ମଧୁର ଲୀଳା ଶ୍ରବଣ କରିଥିଲେ। ଏହି ଉତ୍ସବକୁ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସଭ୍ୟ ବୃନ୍ଦଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଏହି ଅବସରରେ ପେଡା,ଖିରି ଓ ଅନ୍ୟାନ୍ୟ ପ୍ରସାଦ ଅର୍ପଣ କରାଯାଇଥିଲା।

■ ଝାରସୁଗୁଡ଼ା ଜିଲା ଫୁଟବଲ ଲିଗ୍

# ଚିତୁଆପଡା, ଫଟାମାଲ ବିଜୟୀ

**ଝାରସୁଗୁଡ଼ା ଅଫିସ,୩।୯**

ଝାରସୁଗୁଡ଼ା ଓଏମ୍‌ପି ସ୍ଥିତ ଓଏସ୍‌ଏପି ପଡିଆରେ ଚାଲିଥିବା ଜିଲା ଫୁଟବଲ ଲିଗ୍‌ରେ ସୋମବାର ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଛି। ପ୍ରଥମ ମ୍ୟାଚ ଚିତୁଆପଡା ଓ ଡିପାପଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ୨-୦ ଗୋଲରେ ଚିତୁଆପଡା ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଫଟାମାଲ ଓ ଉତ୍କଳ ଆଥିଲେଟିକ୍ କ୍ଲବ ମଧ୍ୟ ଖେଳାଯାଇଥିଲା। ଦ୍ୱିତୀୟ ମ୍ୟାଚରେ ଫଟାମାଲ ଦଳ ୫-୦ ଗୋଲରେ ଉତ୍କଳ ଆଥିଲେଟିକ୍ କ୍ଲବକୁ ପରାସ୍ତ କରିଛି। ବିଜୟ ବେହେରା, ପ୍ରଜ୍ୱଳ ପଟେଲ, ପ୍ରଭା ଓରାମ, ଭିକାରୀ ମୁଣ୍ଡା, ଗଣେଶ ନାୟକ, ଶଙ୍କର ପଟେଲ, ତାପସ ରାୟଚୌଧୁରୀ, ଗର୍ଡେନ୍ ଡୋସେନ୍ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଅତିଥିମାନେ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ସୁଜିତ କୁଜୁର, ଅଜିତ କୁଜୁର, ମାନସ ଆଚାର୍ଯ୍ୟ, ଦଶରଥ ମୁଣ୍ଡା, ସଞ୍ଜୟ ଦାସ, ଶୀତଳ ଗୁଡୁମ ପ୍ରଭୃତି ଏହି ମ୍ୟାଚ୍‌କୁ ପରିଚାଳନା କରିଥିଲେ।



ମ୍ୟାଚ୍ ପୂର୍ବରୁ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।



ପରୀ-୨ ଅଭିଯାନ ଅବସରରେ ଝାରସୁଗୁଡ଼ାର ଏକ ହୋଟେଲରେ ଚଢାଉ କରାଯାଉଛି।

# ଦୁଇଦିନ ବିଳମ୍ବରେ ଆରମ୍ଭ ହେଲା ପରୀ-୨

■ ୮ ଶିଶୁ ଶ୍ରମିକ ଉଦ୍ଧାର

**ଝାରସୁଗୁଡ଼ା ଅଫିସ,୩।୯**

ଶିଶୁ ଶ୍ରମିକ ଉଦ୍ଧାର ପାଇଁ ପ୍ରଚଳିତ 'ଅପରେଶନ ମୁସ୍କାନ' ନାମ ପରିବର୍ତ୍ତନ କରାଯାଇ 'ପରୀ-୨' ରଖାଯାଇଛି। ବର୍ତ୍ତମାନ ଅପରେଶନ ପରୀ-୨ରେ ଶିଶୁ ଶ୍ରମିକ ଉଦ୍ଧାର କରାଯାଉଛି। ସେପ୍ଟେମ୍ବର ୧ରୁ ଆରମ୍ଭ ହେବାକୁ ଥିବା ଏହି ଅପରେଶନ ୨ ଦିନ ବିଳମ୍ବରେ ଅର୍ଥାତ୍ ୩ ତାରିଖରୁ ଆରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ସୋମବାର ଝାରସୁଗୁଡ଼ା ସହରାଞ୍ଚଳର ବିଭିନ୍ନ ଦୋକାନରୁ ୮ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ବସଷ୍ଟାଣ୍ଡ, ମଙ୍ଗଳବଜାର, ବେହେରାମାଲ, ପୁରୁଣାବସ୍ତି ଅଞ୍ଚଳର ଜୋତା ଦୋକାନ, ରଙ୍ଗ ଦୋକାନ, ଗ୍ୟାରେଜ, ହୋଟେଲ, ସାଇକେଲ ମାର୍ଟରୁ ୮ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାରକାରୀ ଦଳରେ ପୋଲିସ ପକ୍ଷରୁ ସରୋଜ ପୁନମ କିସ୍ପଟା, ଚାଇଲ୍ଡଲାଇନର ଆଶିଷ ପଣ୍ଡା, ଶିଶୁ ସୁରକ୍ଷା ୟୁନିଟ୍‌ର ସୁନନ୍ଦ ମହାରଣା, ଚୂଡାମଣି ପଣ୍ଡା, ଶିଶୁ କଲ୍ୟାଣ କମିଟିର ଆନନ୍ଦିନୀ ପାଢୀ, ଏବଂ ଶ୍ରମ ବିଭାଗର ଦିବ୍ୟଜ୍ୟୋତି ନାୟକ ସାମିଲ ହୋଇଥିଲେ।

# ପୋଖରୀରେ ବୁଡି ଛାତ୍ର ନିଖୋଜ

**ବ୍ରଜରାଜନଗର, ୩।୯ (ଡି.ଏନ.ଏ)**

ସ୍ଥାନୀୟ ରେସଜା ବନ୍ଧ ପାଣିରେ ବୁଡ଼ି ଜଣେ ଛାତ୍ର ନିଖୋଜ ଅଛନ୍ତି। ବନ୍ଧ ପାଖ ଭଜତପଡାର ଛାତ୍ର ଲକ୍ଷ୍ମଣ ଛୁରା (୧୫) ସୋମବାର ସକାଳ ୯ଟାରେ ଗାଧୋଇବାକୁ ଯାଇଥିଲା । କୂଳ ପାହାଚରେ ତାଙ୍କ ସାଙ୍ଗ କପଡା ସଫା କରୁଥିବା ବେଳେ ତାର ୮ ମିଟର ଦୂରରେ ଲକ୍ଷ୍ମଣ ଗାଧୋଉ ଥିଲେ । ବାରମ୍ବାର ପାଣିରେ ବୁଡ଼ି ସେ ଗାଧୋଉଥିଲେ ମଧ୍ୟ ଆଉ ଉପରକୁ ଉଠି ପାରି ନ ଥିଲେ । ଏହି କଥା ପ୍ରଚାରିତ ହେବା ପରେ ଆଖପାଖ ଅଞ୍ଚଳର ବହୁ ଲୋକ ସେଠାରେ ଜମା ହୋଇଥିଲେ । ଅଗ୍ନିଶମ କର୍ମଚାରୀମାନେ ଦିନ ତମାମ ଲକ୍ଷ୍ମଣଙ୍କୁ ଉଦ୍ଧାର ପାଇଁ ଚେଷ୍ଟା କରିଥିଲେ । ଅପରାହ୍ନରେ ଓଡ୍ରାଫ୍ ଟିମ୍ ଆସି ଖୋଜାଖୋଜି କଲାପରେ ମଧ ଲକ୍ଷ୍ମଣଙ୍କୁ ଉଦ୍ଧାର କରିବାରେ ସଫଳ ହୋଇ ନ ଥିଲେ ।

**State Health Assurance Society, Odisha**
Deptt. of Health & Family Welfare, Govt. of Odisha
Bhubaneswar-751012, District-Khordha (Odisha)
Phone No.-0674-2560311,
Email ID, snaodisha@gmail.com

**Tender for hiring an agency to deal with IEC activities through road shows (Caravan Movement), documentation, animation movies & wall paintings for promoting Biju Swasthya Kalyan Yojana in Odisha**

**Advt No. 09/2018** **Date:04.09.2018**

No.402-E: Sealed tenders are invited from eligible bidders for undertaking IEC activities for promoting Biju Swasthya Kalyan Yojana in Odisha. The tender document with all information relating to the tender process including tender document cost, EMD, eligibility criteria, scope of work, terms & conditions, evaluation criteria and formats of submission of tender may be downloaded from the website: www.nhmodisha.gov.in

A pre-bid meeting shall be held on 07.09.2018, 11.30 AM. Any amendment in the tender document due to decision in pre-bid meeting / extension of bid if any shall only be notified in the website mentioned above. The sealed tenders should reach the office of the undersigned by courier / registered post or may be dropped in the tender box, on or before 24.09.2018, 3.00 PM. The technical bid shall be opened on 24.09.2018 at 3.30 PM. Presentation by qualified bidders will be held at 25.09.2018 at 11.30 AM. The undersigned reserves the right to reject any or all the tenders or cancel the tender without assigning any reason thereof.

10001/11/0022/1819

**Sd./- Chief Executive Officer,
State Health Assurance Society, Odisha**

**OFFICE OF THE DISTRICT MAGISTRATE & COLLECTOR, SAMBALPUR, S.H. SPORTS SECTION**

**TENDER CALL NOTICE No. 120/S.H. sbp date 01.09.2018**

Sealed Tenders are invited through Speed Post/ Registered Post only from the authorized Dealer/ Manufactural Registered Firms/ Suppliers for supply of Sports dress Materials & Shoes materials etc for the Sports Hostel, Sambalpur which must be reach to the District Sports Officer, District Sports Office, Sambalpur latest by 5.00 P.M. on 03.10.18 positively. And the Tender will be opened on 04.10.18 at 4.00 P.M. Details regarding Tender Call Notice can be obtained from the official website of the Collectorate, Sambalpur i.e www.sambalpur.nic.in.

*Sd./- Coach in Charge, Sports Hostel, Sambalpur*

**OFFICE OF THE CHIEF CONSTRUCTION ENGINEER
UPPER INDRAVATI IRRIGATION PROJECT**
AT/PO: MUKHIGUDA, DIST.- KALAHANDI, ODISHA, PIN: 766026
Email ID: seuircc@rediffmail.com

Lr. No. 822 Dt. 01.09.2018

**CANCELLATION NOTICE**

**Bid Identification No. CCE UIIP-01(01-02)/2018-19, Dt.10.04.2018**

**No. 471-A:-** The tender for work "Renovation and Restoration of Upper Indravati Right Main Canal under CLSRP from RD 00KM to 41.10KM" invited vide Bid Identification No. CCE UIIP-01(01-02)/ 2018-19, dt.10.04.2018 is hereby cancelled as per Govt. in DoWR letter no. II-T-UIP-2/2018-22978/WR dated 29.08.2018.

*Sd./- Chief Construction Engineer
Upper Indravati Irrigation Project*

32352/11/0006/1819

Classified Display
on
Every Tuesday and Friday

**ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା
ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନବରଙ୍ଗପୁର**

**ବ୍ଲକସ୍ତରୀୟ ଜନଶୁଣାଣି**

**No. CAD-788:-** ନବରଙ୍ଗପୁର ଜିଲ୍ଲାର ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ଜଣାଇ ଦିଆଯାଉଛି କି, ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ ଗ୍ରାମୀଣ କର୍ମନିଯୁକ୍ତି ଯୋଜନାରେ ୨୦୧୭-୧୮ ଆର୍ଥିକବର୍ଷର ଅକ୍ଟୋବର ମାସଠାରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟଗୁଡ଼ିକର ବ୍ଲକସ୍ତରୀୟ ଜନଶୁଣାଣି ପାଇଁ ଅସଟ (OSSAAT) ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ପ୍ରକାରେ ସମସ୍ତ ପଞ୍ଚାୟତ ସମିତି ପରିସରରେ ଦିନ ଓ ସମୟ ଧାର୍ଯ୍ୟ କରାଯାଇଛି।

ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ସମସ୍ତ ଜନସାଧାରଣ, ଅଣକୁଶଳୀ ଶ୍ରମିକ, ହିତାଧିକାରୀ, ଯୋଜନା ସହ ସମ୍ପୃକ୍ତ ଥିବା ସଂଗଠନ, ବିଭିନ୍ନ ସରକାରୀ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ତ୍ରିସ୍ତରୀୟ ପଞ୍ଚାୟତିରାଜର ନିର୍ବାଚିତ ପ୍ରତିନିଧିମାନେ ଅଂଶଗ୍ରହଣ କରି ଯୋଜନାର କାର୍ଯ୍ୟକାରିତାରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ, ସୁନିଶ୍ଚିତ କରିବା ଓ ଯୋଜନାକୁ ସଫଳତାର ସହିତ ଆଗେଇ ନେବା ପାଇଁ ଆପଣଙ୍କର ସହଭାଗିତା, ବହୁମୂଲ୍ୟ ମତାମତ, ଆପତ୍ତି ଓ ଅଭିଯୋଗ ଉପସ୍ଥାପନାକୁ ଜିଲ୍ଲା ପ୍ରଶାସନ ସ୍ୱାଗତ କରୁଛି।

**କାର୍ଯ୍ୟସୂଚୀ:**

| କ୍ର. ନଂ. | ବ୍ଲକ୍‌ର ନାମ | ତାରିଖ | ସମୟ (ପୂର୍ବାହ୍ନ) | ଜନଶୁଣାଣି କରିବା ନିମନ୍ତେ କ୍ଷମତାପ୍ରାପ୍ତ ଅଧିକାରୀ |
|---|---|---|---|---|
| ୧ | ଚନ୍ଦାହାଣ୍ଡି | ୧୦।୦୯।୨୦୧୮ | ୧୦.୦୦ | ଉପଜିଲ୍ଲାପାଳ, ନବରଙ୍ଗପୁର |
| ୨ | ଡାବୁଗାଁ | ୧୧।୦୯।୨୦୧୮ | ୧୦.୦୦ | ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନବରଙ୍ଗପୁର |
| ୩ | ଝରିଗାଁ | ୧୨।୦୯।୨୦୧୮ | ୧୦.୦୦ | ଜିଲ୍ଲାପାଳ, ନବରଙ୍ଗପୁର |
| ୪ | ନନ୍ଦାହାଣ୍ଡି | ୧୫।୦୯।୨୦୧୮ | ୧୦.୦୦ | ଅତିରିକ୍ତ ଜିଲ୍ଲାପାଳ, ନବରଙ୍ଗପୁର |
| ୫ | କୋଷାଗୁମୁଡ଼ା | ୧୮।୦୯।୨୦୧୮ | ୧୦.୦୦ | ଅତିରିକ୍ତ ଜିଲ୍ଲାପାଳ, ନବରଙ୍ଗପୁର |
| ୬ | ନବରଙ୍ଗପୁର | ୧୯।୦୯।୨୦୧୮ | ୧୦.୦୦ | ଜିଲ୍ଲାପାଳ, ନବରଙ୍ଗପୁର |
| ୭ | ପାପଡ଼ାହାଣ୍ଡି | ୨୨।୦୯।୨୦୧୮ | ୧୦.୦୦ | ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ରଶାସନ) ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନବରଙ୍ଗପୁର |
| ୮ | ରାଇଘର | ୨୪।୦୯।୨୦୧୮ | ୧୦.୦୦ | ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନବରଙ୍ଗପୁର |
| ୯ | ତେନ୍ତୁଳିଖୁଣ୍ଟି | ୨୫।୦୯।୨୦୧୮ | ୧୦.୦୦ | ଉପଜିଲ୍ଲାପାଳ, ନବରଙ୍ଗପୁର |
| ୧୦ | ଉମରକୋଟ | ୨୬।୦୯।୨୦୧୮ | ୧୦.୦୦ | ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ରଶାସନ) ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନବରଙ୍ଗପୁର |

**ସ୍ୱା./- ପ୍ରକଳ୍ପ ନିର୍ଦ୍ଦେଶ
ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନବରଙ୍ଗପୁର**

**ସ୍ୱା./- ଜିଲ୍ଲାପାଳ ତଥା କାର୍ଯ୍ୟକ୍ରମ ସଂଯୋଜକ
ନବରଙ୍ଗପୁର**

19076/11/0003/1819

**ବିଜୁ ଯୁବ ବାହିନୀ ତରଫରୁ ଚାରାରୋପଣ**
ନୂଆପଡା ଜିଲା ସିନାପାଲି ବ୍ଲକ୍ ଖଇରପଦର ଗ୍ରାମପଞ୍ଚାୟତ ବିଜୁ ଯୁବ ବାହିନୀ ତରଫରୁ ବିନୋଦ ବିହାରୀ ଉଚ୍ଚ ବିଦ୍ୟାଳୟ ଓ ଖଇରପଦର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

## ସଂକ୍ଷେପରେ



### ହଷ୍ଟେଲ ଛାତରୁ କଂକ୍ରିଟ ହୋଇଥିବା ସିମେଣ୍ଟ ଝଡ଼ୁଛି

ଖଡିଆଳ,୩।୯(ଡି.ଏନ.ଏ.)
ନୂଆପଡା ଜିଲା ଖଡିଆଳ ବ୍ଲକ ଭୋଲିଆସିକୁଆଁ ସେବାଶ୍ରମ ବିଦ୍ୟାଳୟ ଛାତ୍ରୀ ନିବାସର ଛାତରୁ କଂକ୍ରିଟ ସିମେଣ୍ଟ ଝଡୁଥିବା ଦେଖିବାକୁ ମିଳିଛି । ଏହାକୁ ନେଇ ହଷ୍ଟେଲର ଛାତ୍ରୀମାନେ ଭୟରେ ରହିଛନ୍ତି। ପ୍ରଥମରୁ ୧୦ମ ଶ୍ରେଣୀ ପାଇଁ ଉକ୍ତ ହଷ୍ଟେଲରେ ଚଳିତବର୍ଷ ୧୫୦ ଜଣ ଅନ୍ତେବାସୀ ରହି ପାଠ ପଢୁଛନ୍ତି । ଗୋଟିଏ କୋଠରିରେ ୨୦ରୁ ୩୦ଜଣ ଅନ୍ତେବାସିନୀ ରହିବାର ବ୍ୟବସ୍ଥା ଥିବା ବେଳେ ବର୍ତ୍ତମାନ କୋଠରିଗୁଡିକର ଛାତ ପଡିଥିବା ବାଲି ସିମେଣ୍ଟ ଓ ମେଟାଲଗୁଡିକ ଖସି ପଡୁଥିବା ଦେଖିବାକୁ ମିଳିଛି। ସୌଭାଗ୍ୟବଶତଃ କୌଣସି ଅନ୍ତେବାସୀଙ୍କୁ ଏ ପର୍ଯ୍ୟନ୍ତ ଆଘାତ ପାଇ ନ ଥିଲେ ହେଁ କୋଠରି ମଧ୍ୟରେ ରହି ପାଠ ପଢୁଥିବାବେଳେ କି ଶୋଇବାବେଳେ ଭୟ ଅବସ୍ଥାରେ ରହୁଛନ୍ତି। ଏ ନେଇ ସ୍କୁଲ କର୍ତ୍ତୃପକ୍ଷ ପକ୍ଷରୁ ବାରମ୍ବାର ଜଣାଇଲେ ସୁଦ୍ଧା ହଷ୍ଟେଲ ମରାମତି ଦିଗରେ ପ୍ରଶାସନ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି । ଗୋଟିଏ ପଟେ ଅନୁସୂଚିତ ଜାତି ଜନଜାତି ଛାତ୍ରଛାତ୍ରୀଙ୍କ ଶିକ୍ଷାର ବିକାଶ ପାଇଁ ସ୍କୁଲ, ହଷ୍ଟେଲ ସହ ଭିତ୍ତିଭୂମିକ ବିକାଶ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଅନ୍ୟପଟେ ଭୋଲିଆସିକୁଆଁ ସେବାଶ୍ରମ ସ୍କୁଲ ହଷ୍ଟେଲ ବିପଦପୂର୍ଣ୍ଣ ଅବସ୍ଥାରେ ରହିଥିବା ବେଳେ ପ୍ରଶାସନର ନୀରବତାକୁ ନେଇ ଅସନ୍ତୋଷ ଦେଖାଦେଇଛି । ଏହି ପରିସ୍ଥିତିରେ ଜିଲା ପ୍ରଶାସନ ଦୃଷ୍ଟି ଦେଇ ହଷ୍ଟେଲ ମରାମତି କରିବା ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି ।



### ବିଜୁ ଯୁବ ବାହିନୀ ତରଫରୁ ଚାରାରୋପଣ

ସିନାପାଲି,୩।୯(ଡି.ଏନ.ଏ.)
ନୂଆପଡା ଜିଲା ସିନାପାଲି ବ୍ଲକ୍ ଖଇରପଦର ଗ୍ରାମପଞ୍ଚାୟତ ବିଜୁ ଯୁବ ବାହିନୀ ତରଫରୁ ବିନୋଦ ବିହାରୀ ଉଚ୍ଚ ବିଦ୍ୟାଳୟ ଓ ଖଇରପଦର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରବିବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିନାପାଲି ଜିଲା ପରିଷଦ ସଦସ୍ୟ ପ୍ରିୟରଞ୍ଜନ ମେହେର, ଖଇରପଦର ପଞ୍ଚାୟତ ସରପଞ୍ଚ ଜୟରାମ ମାଝି, ସମିତି ସଭ୍ୟ ରାମେଶ୍ୱର ମାଝି, ସିନାପାଲି ବ୍ଲକ୍ ବିଜୁ ଯୁବ ବାହିନୀ କୋଅର୍ଡିନେଟର ଅଭିମନ୍ୟୁ ବାଗ ପ୍ରମୁଖ ଉପସ୍ଥିତ ରହି ଚାରାରୋପଣ କରିଥିଲେ। ବିଜୁ ଯୁବ ବାହିନୀ ତରଫରୁ ବୈକୁଣ୍ଠ ସୁନାନୀ, ହରସିଂ ମାଝି, ହିମାଂଶୁ ମାଝି, ଆର୍ତ୍ତତ୍ରାଣ ମାଝି, ଆର୍.କେ. ସୁନାନୀ, ତପେଶ୍ୱର ସୁନାନୀ, ଜଗନ୍ନାଥ ସୁନାନୀ, ବୁଧେଶ୍ୱର ମାଝି, ଅରୁଣ ମାଝି, ଖିରସିନ୍ଧୁ ବାଗ, ଗଜାନନ ସୁନାନୀ, ଝସକେତନ ସୁନାନୀ, ମନ୍କୁ ହାତୀ, ନାଟୁ ସୁନାନୀ, ଶିଶୁପାଳ ତାଣ୍ଡି, ଭୂପେନ୍ଦ୍ର ସୁନାନୀ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

---

ମଦ ବୋଝେଇ ବାଇକ୍ ଦୁର୍ଘଟଣାରେ ସ୍କୁଲ ଛାତ୍ରୀ ଗୁରୁତର

# ଉତ୍ତ୍ୟକ୍ତ ଛାତ୍ରୀଛାତ୍ରଙ୍କ ରାସ୍ତାରୋକୋ

ନୂଆପଡା ଅଫିସ,୩।୯


ନୂଆପଡା-ବରଗଡ ରାସ୍ତାରେ ଜୁନାନୀ ଛକ ନିକଟରେ ଛାତ୍ରୀଛାତ୍ରମାନେ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି ।

- ଜୁନାନୀ ଗାଁରେ ମଦ ଚଢାଉ
- ୫୬ଟି ପାଉଚ ଜବତ
- ଅଭିଯୁକ୍ତ ବାଇକ୍‌ରେ ମଦ ପାଉଚ ନେଉଥିଲେ

ସୋମବାର ପୂର୍ବାହ୍ନ ସାଢେ ୯ଟାରେ ସ୍ଥାନୀୟ ଜୁନାନୀ ଛକ ନିକଟରେ ଗୋଡଫୁଲା ହାଇସ୍କୁଲକୁ ସାଇକେଲରେ ଯାଉଥିବା ଗୋଲାପି ବିଭାର(୧୫) ନାମ୍ନୀ ଜଣେ ଛାତ୍ରୀଙ୍କୁ ବାଇକ୍ ଧକ୍କା ଦେଇଥିଲା। ଏଥିରେ ସେ ଗୁରୁତର ଭାବେ ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ ନୂଆପଡାରେ ଭର୍ତ୍ତି କରିବା ପରେ ବୁର୍ଲାକୁ ସ୍ଥାନାନ୍ତର କରାଯାଇଛି । ଅନ୍ୟପଟେ ଏହାକୁ ନେଇ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିବା ପରେ ପୋଲିସ ଆସି ଅଭିଯୁକ୍ତଙ୍କ ବାଇକରୁ ମଦ ପାଉଚ ଜବତ କରିଛି ।

ସ୍ଥାନୀୟ ଗୋଡଫୁଲା ଗ୍ରାମପଞ୍ଚାୟତ ଜୁନାନୀ ଗାଁର ଛାତ୍ରୀ ଗୋଲାପି ଗୋଡଫୁଲା ହାଇସ୍କୁଲରେ ଦଶମ ଶ୍ରେଣୀରେ ପାଠ ପଢୁଛନ୍ତି । ପୂର୍ବାହ୍ନ ସାଢେ ୯ଟାରେ ସାଙ୍ଗମାନଙ୍କ ସହ ସାଇକେଲରେ ସ୍କୁଲକୁ ଯାଉଥିଲେ। ନୂଆପଡା-ବରଗଡ ରାସ୍ତାରେ ଜୁନାନୀ ଛକ ନିକଟରେ ପଛୁପଟୁ ଆସୁଥିବା ବାଇକ୍ ଆରୋହୀ ଅଶୋକ ରାଉତ (୩୨) ତାଙ୍କୁ ଧକ୍କା ଦେଇଥିଲେ। ଛାତ୍ରୀ ଜଣଙ୍କ ପଡ଼ିଯାଇ ଗୁରୁତର ଭାବେ ଆହତ ହୋଇ ଅଚେତ ହୋଇପଡିଥିଲେ। ଖବର ପାଇ ସ୍ଥାନୀୟ ଗ୍ରାମବାସୀଙ୍କ ସମେତ ସ୍କୁଲ ଛାତ୍ରୀଛାତ୍ରମାନେ ଆସି ରାସ୍ତାକୁ ଅବରୋଧ କରି ଆନ୍ଦୋଳନ କରିଥିଲେ । ଅଭିଯୁକ୍ତଙ୍କ ଗିରଫ କରିବା ସହ ଏହା ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ । ରାସ୍ତାରେ ଟାୟାର ଜାଳି ପ୍ରତିବାଦ ଜଣାଇଥିଲେ । ଉଲ୍ଲେଖ ଯୋଗ୍ୟ ଯେ, ଅଭିଯୁକ୍ତ ଅଶୋକ ନିଶାସକ୍ତ ଥିବାବେଳେ ତାଙ୍କ ବାଇକରେ ମଦ ପାଉଚ ବେଆଇନ ଭାବେ ବିକ୍ରି କରିବାକୁ ନେଉଥିଲେ । ତେଣୁ ଅଞ୍ଚଳରେ ବେଆଇନ ମଦ ବିକ୍ରି ଉପରେ ଅଙ୍କୁଶ ଲଗାଇବାକୁ ଛାତ୍ରୀଛାତ୍ର ଦାବି କରିଥିଲେ। ଘଟଣାସ୍ଥଳରେ ନୂଆପଡା ଥାନାଧିକାରୀ ବିବେକାନନ୍ଦ ମହନ୍ତ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିବାର ପ୍ରତିଶ୍ରୁତି ଦେଇଥିଲେ ଅଭିଯୁକ୍ତଙ୍କ ବାଇକ୍‌ରୁ ୪୦ଟି ମଦ ପାଉଚ ଜବତ କରିଥିବା ବେଳେ ସ୍ଥାନୀୟ ଜୁନାନୀ ଗାଁରେ ତୁରନ୍ତ ଚଢାଉ କରି ମଦ ବିକ୍ରି କରୁଥିବା ଅଭିଯୋଗରେ ସ୍ୱାମୀ ସ୍ତ୍ରୀ ପଦୁମ ଦାସ ଏବଂ ବିଶାଖା ଦାସଙ୍କୁ ଗିରଫ କରିବା ସହ ତାଙ୍କ ଘରୁ ୫୬ଟି ମଦ ପାଉଚ ଜବତ କରାଯାଇଥିଲା । ଏ ନେଇ ଥାନାରେ ଏକ ମାମଲା (ନଂ.୧୨୦/୧୮) ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି । ଥାନାଧିକାରୀଙ୍କ ସୂଚନାନୁଯାୟୀ ବାଇକ୍ ଆରୋହୀ ଅଶୋକ ମଧ୍ୟ ଆହତ ହୋଇ ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ସେ ସୁସ୍ଥ ହେବା ପରେ ଗିରଫ କରାଯିବ ବୋଲି କହିଛନ୍ତି । ତେବେ ନିର୍ଭର ପ୍ରତିଶ୍ରୁତି ପରେ ମଧ୍ୟାହ୍ନ ୧୨ଟାରେ ରାସ୍ତାରୋକୋ ହଟିଥିଲା ।

## ଶ୍ରୀକୃଷ୍ଣଙ୍କ ପାଲିଙ୍କି ଶୋଭାଯାତ୍ରା

ସିନାପାଲି,୩।୯(ଡି.ଏନ.ଏ.)

ସିନାପାଲିସ୍ଥିତ ଶ୍ରୀରାଧାକୃଷ୍ଣ ମନ୍ଦିର ପରିସରରେ ଶ୍ରୀକୃଷ୍ଣଙ୍କ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଏହି ଅବସରରେ ପୁରାଣ ପାଠ ସହିତ ଭଜନସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସୋମବାର ଉଦ୍‌ଯାପନୀ ସମାରୋହରେ ଶ୍ରୀକୃଷ୍ଣଙ୍କ ପାଲିଙ୍କି ଶୋଭାଯାତ୍ରା ନଗର ପରିକ୍ରମା କରାଯାଇଥିଲା । ସିନାପାଲିସ୍ଥିତ ଶ୍ରୀକୃଷ୍ଣଙ୍କ ମନ୍ଦିରରୁ ଭବ୍ୟ ଶୋଭାଯାତ୍ରାରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମେତ ମହିଳାମାନେ ବହୁ ସଂଖ୍ୟାରେ ଯୋଗଦାନ କରି ନଗର ପରିକ୍ରମା କରିଥିଲେ। ପରେ ଦଧିହାଣ୍ଡି ଭଙ୍ଗା ଯାଇଥିଲା। ଯାହା ଦେଖିବାକୁ ଜନସାଧାରଣଙ୍କର ଭିଡ ଜମିଥିଲା। ସହରର ବିଭିନ୍ନ ଛକମାନଙ୍କରେ ରଙ୍ଗ ଅବିର ବୋଳି ଭକ୍ତମାନେ କୃଷ୍ଣ ଭଗବାନଙ୍କ ନାମ ବୋଲି ବେଶ୍ ଉତ୍ସାହର ସହ ଶୋଭାଯାତ୍ରାକୁ ଉଦ୍‌ଯାପିତ କରାଯାଇଥିଲା । ଶୋଭାଯାତ୍ରାରେ ଶ୍ରୀରାଧାକୃଷ୍ଣ ମନ୍ଦିର ପରିଚାଳନା କମିଟି ମୁଖ୍ୟ ପରିଚାଳିକା ସୌଦାମିନୀ ପାତ୍ର, ସଭାପତି ପ୍ରଦୀପ ଜୈନ, ମଦନ ଅଗ୍ରୱାଲ, ପ୍ରଜେଶ ପାଣିଗ୍ରାହୀ, ଗିରିଧାରୀ ମେହେର, ସୁବାସ ଚନ୍ଦ୍ର ସାହୁ, ଲମ୍ବୋଦର ମେହେର, ଗୟାଧର ସେଠୀ, ସୁବାସ ଅଗ୍ରୱାଲ ସମେତ ଅନେକ ସାମିଲ ଥିଲେ । ମନ୍ଦିର ପୂଜକ ଜନ୍ମେଜୟ ପଣ୍ଡା ପୂଜା କାର୍ଯ୍ୟ ପରିଚାଳନା କରିଥିଲେ । ଏହା ବ୍ୟତୀତ ଜନ୍ମାଷ୍ଟମୀ ଅବସରରେ ସିନାପାଲି ବ୍ଲକ୍‌ର ସିନାପାଲି, ସିଂଗଝର, ହାତୀବନ୍ଧା, ନିଲଜୀ, ଗଣ୍ଡାବାହାଲିଠାରେ ଥିବା ସରସ୍ୱତୀ ଶିଶୁ ମନ୍ଦିରରେ ବେଶ୍ ଉତ୍ସାହର ସହିତ ଜନ୍ମାଷ୍ଟମୀ ପାଳିତ ହୋଇଥିଲା । ଏହି ଅବସରରେ ରାଧାକୃଷ୍ଣ ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସମସ୍ତ ପ୍ରତିଯୋଗୀଙ୍କୁ ସିନାପାଲି ସହର ପରିକ୍ରମା ପରେ ଶିଶୁ ମନ୍ଦିର ପରିସରରେ ଦଧିହାଣ୍ଡି ଭଙ୍ଗାଯାଇଥିଲା ।


ଶ୍ରୀକୃଷ୍ଣଙ୍କ ପାଲିଙ୍କି ଶୋଭାଯାତ୍ରା ସହର ପରିକ୍ରମା କରାଯାଉଛି।

---

ଇଣ୍ଡିପେଣ୍ଡେଣ୍ଟ କପ ଫୁଟବଲ ଉଦ୍‌ଯାପିତ

## ପାଟଣାଗଡକୁ ହରାଇ ବୋର୍ଡା ଚାମ୍ପିୟନ

ତରବୋଡ,୩।୯(ଡି.ଏନ.ଏ.)

ନୂଆପଡା ଜିଲା ତରବୋଡ ରାଜୀବ ଗାନ୍ଧୀ ମିନିଷ୍ଟାଡିୟମରେ ଚାଲିଥିବା ଏକାଦଶ ଆନ୍ତଃ ଜିଲା ଇଣ୍ଡିପେଣ୍ଡେଣ୍ଟ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ତରବୋଡ ଫୁଟବଲ ସଂଘ ଆନୁକୁଲ୍ୟରେ ଚାଲିଥିବା ଟୁର୍ଣ୍ଣାମେଣ୍ଟରେ ପାଟଣାଗଡ ଓ ବୋର୍ଡା ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ପାଟଣାଗଡକୁ ୦-୧ ଗୋଲରେ ହରାଇ ବୋର୍ଡା ଚାମ୍ପିୟନ ହୋଇଛି । ଫାଇନାଲ ମ୍ୟାଚରେ ସ୍ୱତନ୍ତ୍ର ଯୋଜନା ସଚିବ ଓଡିଶା ସୁଜିତ କୁମାର ମୁଖ୍ୟଅତିଥି, ଜିଲା ବିଜେଡି ସଭାପତି ରାଜେନ୍ଦ୍ର ଡୋଲକିଆ, କୋମନା ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ମିଶ୍ର, ଏମ୍‌ପି ପ୍ରତିନିଧି କ୍ଷମାସିଂ ନିଆଲ, କାଳିଆ ପ୍ରଧାନ, ଆଗ୍ରେନ ସମିତି ସଭ୍ୟ ମୁରଲିଧର ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଉଦ୍‌ଯାପନୀ ଉତ୍ସବରେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ତଥା ଓଡିଶା କ୍ରିକେଟ ସଂଘ ଉପସଭାପତି ସରୋଜ କୁମାର ସାହୁ ମୁଖ୍ୟଅତିଥି, ତରବୋଡ କର୍ମଚାରୀ ଏକତା ମଞ୍ଚ ସମ୍ପାଦକ ଅମିୟ ଦାସ, ନୂଆପଡା ନିର୍ବାଚନ ମଣ୍ଡଳୀ ବିଜେଡି ଯୁବ ସଭାପତି ସୁଧୀର ମିଶ୍ର, ସାମାଜିକ କର୍ମୀ ମାଧବ ପ୍ରସାଦ ସାହୁ, ତରବୋଡ ଫାଣ୍ଡି ଅଧିକାରୀ ଲଛିନ୍ଦ୍ର ଚଲାନ, କୁରେଶ୍ୱର ସରପଞ୍ଚ ଅନନ୍ତ ଚରଣ ସାହୁ, ଠାକୁର ଜଗତ, ରଞ୍ଜିତ ସୁନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ଶ୍ରେଷ୍ଠ ସ୍କୋରର ବୋର୍ଡା ଦଳର ଧରଣୀ ମାଝି, ଶ୍ରେଷ୍ଠ ଗୋଲ ରକ୍ଷକ ଧର୍ମୁ ଓ ଶ୍ରେଷ୍ଠ ଡିଫେନ୍ସ ଭାବେ ପାଟଣାଗଡର ସାନ୍ତନୁଙ୍କୁ ପୁରସ୍କୃତ କରାଯାଇଥିଲା । ବଳରାମ ସରାଫ, ଆଭାସ ପ୍ରଧାନ ଓ ହରିହର ସାହୁ ଖେଳ ପରିଚାଳନା କରିଥିଲେ । ଆୟୋଜକ ଅନୁଷ୍ଠାନ ସଭାପତି ଦୁଃଖଭଞ୍ଜନ ନାୟକ, ସମ୍ପାଦକ ଦୟାଲାଲ ଅହିର, ଉପସଭାପତି ଅଜୟ ଅହିର, ଉପଦେଷ୍ଟା କମିଟି ସଦସ୍ୟ ଭୋଜରାମ ଅହିର, ଦେବରାଜ ଶବର, ପଞ୍ଚୁ ପ୍ରଧାନୀ, ପୂର୍ଣ୍ଣଚନ୍ଦ୍ର ପରିଡା, ସଞ୍ଜୀବ କୁମାର ପାଣିଗ୍ରାହୀ, କୁମୁଦ ବନଛୋର, ସୁକୃ ଭୋଇ, ଅକ୍ଷୟ ଗହିର, ବିନୋଦ ବନଛୋର, ଭାଗ୍ୟବନ୍ତ ଗହିର, ଅଜୟ ଗହିର, ସତ୍ୟବ୍ରତ ସାମଲ, ପରସରାମ ଅହିର, ସୌଭାଗ୍ୟ ଗହିର ଏବଂ ଅନୁଷ୍ଠାନ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।


ଫାଇନାଲ ମ୍ୟାଚ୍‌ରେ ଅତିଥିଙ୍କ ସହ ଖେଳାଳି ।

## ଶିକ୍ଷା ଅଧିକାର ଆନ୍ଦୋଳନ ମହାସଂଘ ସଚେତନତା ପଦଯାତ୍ରା ପ୍ରସ୍ତୁତି

ସିନାପାଲି,୩।୯(ଡି.ଏନ.ଏ.)

ଆସନ୍ତା ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀଠାରୁ ଶିକ୍ଷା ଅଧିକାର ଆନ୍ଦୋଳନ ମହାସଂଘ ତରଫରୁ ହେବାକୁ ଥିବା ସଚେତନତା ପଦଯାତ୍ରା ପାଇଁ ରବିବାର ସ୍ଥାନୀୟ ଦୁର୍ଗାମଣ୍ଡପରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମହାସଂଘ ରାଜ୍ୟ ସଂଯୋଜକ ସୁରଥ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସିନାପାଲି ଅଞ୍ଚଳର ଅନେକ ବ୍ୟକ୍ତି ଉପସ୍ଥିତ ଥିଲେ। ସଚେତନତା ପଦଯାତ୍ରା ସିନାପାଲିରୁ ବାହାରି ରାଜଧାନୀକୁ ଯାଉଥିବାରୁ ଏଠାରେ ଉଦଘାଟନ କାର୍ଯ୍ୟକ୍ରମକୁ ଆକର୍ଷଣ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ଶିକ୍ଷା ଅଧିକାର ଆଇନ ଅନୁସାରେ ସମସ୍ତ ସରକାରୀ କର୍ମଚାରୀଙ୍କ ପୁଅଝିଅଙ୍କୁ ସରକାରୀ ବିଦ୍ୟାଳୟରେ ଶିକ୍ଷା ପ୍ରଦାନ ସହିତ ସରକାରୀ ଆବାସ ଗୃହ ତିଆରି କରିବା ଦାବି ନେଇ ଶିକ୍ଷା ଅଧିକାର ଆନ୍ଦୋଳନ ମହାସଂଘ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରିଛି। ପ୍ରସ୍ତୁତି ବୈଠକରେ ସୁବ୍ରତ ଠାକୁର, ଅରିଗନ ଯୋଷୀ, ରବୀନ୍ଦ୍ରନାଥ ଯୋଷୀ, ବୈଷ୍ଣବ ମେହେର, ତରୁଣ କୁମାର ମେହେର, ସନ୍ତୋଷ ବାଗ, ଜିତୁ ମେହେର, ଗୟାରାମ ମେହେର, ରାମଚନ୍ଦ୍ର ସାହୁ, ବିପିନ ବିହାରୀ ସାହୁ, କୈଳାସ ଦୀପ, ଶୁକଦେବ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ସଚେତନତା ପଦଯାତ୍ରା ପାଇଁ ଆଲୋଚନା କରାଯାଉଛି।

## ନୂଆଁଖାଇ ପାଇଁ ଲଗ୍ନ ଧାର୍ଯ୍ୟ

ଖଡିଆଳ,୩।୯(ଡି.ଏନ.ଏ.)

ଆସନ୍ତା ୧୪ ତାରିଖରେ ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ । ଏଥିପାଇଁ ନୂଆଁଖାଇ ପର୍ବ ପାଳନ ଘରେ ଘରେ ପ୍ରସ୍ତୁତି ଓ ସଫେଇ କାର୍ଯ୍ୟ ଆରମ୍ଭ ହୋଇ ଚଳଚଞ୍ଚଳ ହୋଇ ପଡିଛି । ରାଜାରାଜୁଡା ଅମଳରୁ ଖଡିଆଳ ରାଜ ଦରବାରଠାରେ ରାଜ ଜ୍ୟୋତିଷ ପକ୍ଷରୁ ଲଗ୍ନ ଧାର୍ଯ୍ୟ କରିବାର ପରମ୍ପରା ରହି ଆସିଥିବା ବେଳେ ଚଳିତବର୍ଷ ନୂଆଁଖାଇ ପର୍ବ ପାଳନ ପାଇଁ ସୋମବାର ଖଡିଆଳ ରାଜଦରବାର ହଲ୍‌ଠାରେ ନୂଆଁଖାଇ ସମୟ ଧାର୍ଯ୍ୟ କରାଯାଇଥିଲା । ଖଡିଆଳ ଯୁବ ରାଜ ଦେବଦେବ ସିଂଦେଓଙ୍କ ଉପସ୍ଥିତିରେ ରାଜ ଜ୍ୟୋତିଷ ସୁଘୋଷ ପାଢୀଯୋଶୀ ଓ ଜ୍ୟୋତିଷ ତାରାପ୍ରସାଦ ଆଚାର୍ଯ୍ୟ ନୂଆଁଖାଇ ପାଇଁ ସମୟ ଧାର୍ଯ୍ୟ କରିଥିଲେ । ନୂଆଁଖାଇ ୧୪ ତାରିଖ ଅର୍ଥାତ ପୂର୍ବଦିନ ୧୩ ତାରିଖ ରାତି ୮ଟା ପରେ ଖଡିଆଳର ଇଷ୍ଟଦେବୀ ମା' ସମଲେଶ୍ୱରୀ ଓ ଗଡଦେବୀ ମା' ସମଲେଶ୍ୱରୀଙ୍କ ନିକଟରେ ପୂଜାର୍ଚ୍ଚନା ଏବଂ ଭୋଗ ଲାଗିବା ପରେ ତାପରଦିନ ଅର୍ଥାତ୍ ୧୪ ତାରିଖରେ ଗାଁ ଦେବାଦେବୀଙ୍କୁ ନବାନ୍ନ ଅର୍ପଣ ପରେ ଦିନ ୧୧ଟା ୪୫ ମିନିଟ ସମୟଠାରୁ ୧୨ଟା ୪୫ ମିନିଟ ସମୟ ମଧ୍ୟରେ ସର୍ବସାଧାରଣ ନବାନ୍ନ ଖାଇବା ପାଇଁ ଲଗ୍ନ ଧାର୍ଯ୍ୟ ସ୍ଥିର ହୋଇଥିବା ଜଣାପଡିଛି ।

## ୩ଦିନ ହେଲା ଯୁବକ ନିଖୋଜ, ସନ୍ଦେହରେ ୩ ଅଟକ

ଭବାନୀପାଟଣା,୩।୯(ଡି.ଏନ.ଏ.)

ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ଯୁଗସାଇପାଟଣା ନିକଟ ଝିନକାପିଟା ଗାଁର ମଦନ ମାଝି (୪୫) ଗତ ଗୁରୁବାରଠାରୁ ନିଖୋଜ ଅଛନ୍ତି । ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି । ମଦନ ଗୁରୁବାର ପଡୋଶୀ ଲୋକଙ୍କ ସହିତ ଗୁଣିଗାରେଡିକୁ ନେଇ ପାଟିତୁଣ୍ଡ ହୋଇଥିଲା । ସେହିଦିନଠାରୁ ମଦନ ନିଖୋଜ ଥିବା ତାଙ୍କ ସ୍ତ୍ରୀ ସୁରେ ମାଝି ରବିବାର ସନ୍ଧ୍ୟାରେ ସଦର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଖୋଳତାଡ ଆରମ୍ଭ କରିଛି । ଏହି ଘଟଣାରେ ସନ୍ଦେହରେ ୩ଜଣଙ୍କୁ ସଦର ଥାନାକୁ ଆଣି ଅଟକ ରଖି ପଚରାଉଚରା କରୁଛି ।

**IN THE DEBTS RECOVERY TRIBUNAL AT CUTTACK**
**C-71, Sector-7, CDA, Cuttack- 753014 (Odisha)**
**O.A.No. 175/2018**

Utkal Grameen Bank
Stressed Asset Recovery Branch
Sambalpur .... Applicant
-Versus-
Tankadhar Bishi & Others .... Defendants
To,
Defendant No.1: **Tankadhar Bishi** S/o: Late Bairagi Bishi.
Defendant No.2: **Niranjan Pradhan**, S/o: Ratnakar Pradhan
Defendant No.3: **Sankarsan Bishi**, S/o: Tankadhar Bishi,
All are At: Penthbahal, P.O/P.S: Nakatideul, Dist: Sambalpur, PIN- 768118

**Summons by Paper Publication for Showing Cause as to Why the Relief Prayed for should not be granted**

Take notice that the Applicant has instituted the aforesaid Original Application before this Tribunal for recovery of Rs. 12,15,942.00 only together with current and future interest, cost and other reliefs.

You are therefore hereby directed to appear before this Tribunal in person or through authorised agent, in support of your defence to show cause within 30 days from the date of publication or on **5th day of October, 2018 at 10.30** a.m. as to why the reliefs prayed for should not be granted.

Take notice that in case of default the Application will be heard and determined in your absence.

Given under my hand and seal of this Tribunal, on this 27th day of August, 2018.

**(Srikanta Kumar Maikap)**
***Registrar,***
***Debts Recovery Tribunal, Cuttack***

---

## ଅବସ୍ତା ଯେନ୍ତା କେ ସେନ୍ତା: ପର୍‌ଶାସନ୍ ଚୁପ୍

ସିନାପାଲି,୩।୯(ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ବ୍ଲକ୍ କେନ୍ଦୁମୁଣ୍ଡା ପ୍ରାଥମିକ ସ୍କୁଲ୍ ନାନା ପର୍‌କାର ସମସିଆରେ ଘେରି ରହିଛେ। ହେଲେ ପର୍‌ଶାସନ୍ ଇଥିର୍ ଉପ୍‌ରେ ଦୁରୁଷ୍‌ଟି ନାଇଁ ଦେବାର ଲାଗି ଜନସାଧାରନ୍ ଆର୍ ଅଭିଭାବକ୍ ମହଲ୍‌ରେ ଦିନୁ ଦିନ୍‌କେ ଅସନ୍‌ତୋଷ୍ ଭାବ୍ ବୁଦ୍ଧି ପାଉଛେ। ଇ ସ୍କୁଲ୍‌ଟା ୧୯୩୬ ସାଲେ ଥାପିତ୍ ହେଇଥିଲା। ଏହେଦେ ସ୍କୁଲ୍‌ରେ ୧ରୁ ୫ ଶ୍ରେଣୀ ତକ୍ ଥିଲାବେଲେ ମୋଟ୍ ୧୩୨ ଝନ୍ ଛାତ୍ରୀଛାତ୍ର ପାଠ୍ ପଢୁଛନ୍। ସେମାନ୍‌କର ପାଠ୍‌ପଢ଼ାର ଲାଗି ୪ ଝନ୍ ଶିକ୍ଷକ୍ ନିୟୋଜିତ୍ ହେଇଛନ୍। ସ୍କୁଲ୍‌ରେ ନାନା ସମସିଆ ଲାଗି ରହିଥିଲା ବେଲେ ବାଡ଼ା ନାଇଁଥିବାର ଲାଗି ଛାତ୍ରୀଛାତ୍ର ବଡ଼ା ଅସ୍‌ବିଧା ଭୁଗୁଛନ୍। ବେଲ୍ ବୁଡ୍‌ଲେ ମହୁଆକର ଆସର ଜମୁଥିଲା ବେଲେ ସକାଲ୍ ପାଏଲେ ସ୍କୁଲ୍ ପରିସରରେ ମଦ ପାଉଚ୍, ଖାଲି ବୁତଲ୍, ପଲିଥିନ୍, ଅଏଁଠା ପଡିଥିବାର ଦେଖିବାକେ ମିଳୁଛେ ବଲି ଅଭିଯୋଗ୍ ହେଉଛେ। ସ୍କୁଲ୍‌ଟା ଦେଶ୍ ସୁଆଧୀନ୍ ହେବାର ଆଗ୍‌ରୁ ଥାପିତ୍ ହେଇଥିଲା ବେଲେ ଇ ଅଂଚଲ୍‌ର ସବୁଠାନୁ ପୁର୍‌ନା ଶିକ୍ଷାନୁଷ୍‌ଠାନ୍ ଆଏ। ସେତେବେଲେ କେନ୍ଦୁମୁଣ୍ଡା, ଖଇରପଦର, କଇଁଟପଦର, ନଙ୍ଗଲବୋଡ ସମେତ ଆସର ପାସର ଅଂଚଲ୍‌ର ବହୁତ୍‌ଟେ ଛାତ୍ରୀଛାତ୍ର ପାଠ୍‌ପଢ଼୍‌ବାକେ ଇଠାନ୍‌କେ ଆସୁଥିଲେ। ଶିକ୍ଷାନୁଷ୍‌ଠାନ୍‌ଟା ବହୁତ୍ ପୁର୍‌ନା ହେଇଥିଲେ ବି ସମିଆ ଅନ୍‌ସାରେ ତାର ବିକାଶ ନାଇଁ ହେଇପାରି। ସ୍କୁଲ୍‌ରେ ବାଡା, ପିଇଲା ପାଏନ୍, ବିଦ୍ୟୁତ୍ ସଂଯୋଗ୍ ଲେଖେନ୍ କିଛି ସୁବିଧା ନାଁଇଁନ। ବର୍‌ଷା ଦିନେ ଗାଁ ଖୁଲିର ପାଏନ୍ ସ୍କୁଲ୍ ଭିତର ଦେଇ ଯାଉଛେ। ଯେନ୍‌ଥିର୍‌ଲାଗି ଛାତ୍ରୀଛାତ୍ର ବର୍‌ଷା ଦିନେ ବଡ଼ଭାରି ଅସ୍‌ବିଧା ଭୁଗୁଛନ୍। ସ୍କୁଲ୍‌ର ବାଡା ନାଇଁଥିବାର ଲାଗି ପାସର କେତେ ଲୋକ୍ ସ୍କୁଲ୍‌ର ଜାଗାକେ ମାଡି ବସ୍‌ବାର ଚେଷ୍‌ଟା କରୁଥିବାର ଲେଖେନ୍ ଅଭିଯୋଗ୍ ହେଉଛେ। ଇ ସ୍କୁଲ୍‌ର ସମସିଆ ବାବ୍‌ଦେ ନୂଆପଡା ଜିଲାପାଲ, ସିନାପାଲି ବିଡିଓ, ସିନାପାଲି ଶିକ୍ଷା ଅଧିକାରୀ ସମେତ ବିଧାୟକ, ଏମ୍‌ପିକୁଁ ଜନେଇଥିଲେ ବି କେହି ଧିଆନ୍ ନାଇଁ ଦେବାର ବଲି ଅଭିଭାବକ୍‌ମାନେ ଦୁଖ୍‌ମନା ହେଇ କହିଛନ୍। ଇ ବାବ୍‌ଦେ ସିନାପାଲି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉତ୍କଳମଣି ଅଗସ୍ତିକୁଁ ପଚ୍‌ରାବାରେ ବିଦ୍ୟାଳୟର ସମସିଆ ଉପ୍‌ରେ ପର୍‌ଶାସନକେ ରିପୋର୍ଟ ପଠାଯାଇଛେ, ଯେତେ ଜଲ୍‌ଦି ହେବା ସମସିଆର ସମାଧାନ କରାଯିବାକେ ଚେଷ୍‌ଟା କରାଯିବା ବଲି କହିଥିଲେ।


କେନ୍ଦୁମୁଣ୍ଡା ପ୍ରାଥମିକ ବିଦ୍ୟାଳୟ

**୮୨ ବଛର୍ ପୁର୍‌ନା ସ୍କୁଲ୍**

**ଉତ୍କଳ ଗ୍ରାମୀଣ ବ୍ୟାଙ୍କ**
(ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଦ୍ୱାରା ପ୍ରଯୋଜିତ)
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ସା/ପୋ.: ଧନୁପାଲି, ଜିଲ୍ଲା: ସମ୍ବଲପୁର-୭୬୮୦୦୫

(ସ୍ଥାବର ସମ୍ପତ୍ତି ନିମନ୍ତେ)
**ଦଖଲ ନୋଟିସ୍**
ଦ୍ରଷ୍ଟବ୍ୟ ରୁଲ୍-୮(୧)

ନିମ୍ନ ସ୍ୱାକ୍ଷରକାରୀ **ଉତ୍କଳ ଗ୍ରାମୀଣ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ର ନଂ. ୩) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ନିୟମ ୮ସହିତ ଧାରା ୧୩(୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ ପଇଠ କରିବାକୁ କୁହାଯାଇଥିଲା । ବର୍ତ୍ତମାନର ବକେୟା ରାଶି ନିମ୍ନ ସାରଣୀରେ ପ୍ରଦାନ କରାଗଲା। ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ରୁଲ୍ ୮ ସହିତ କଥିତ ଆକ୍ଟର ଧାରା ୧୩(୪)ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ଦଖଲ କରିଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ ଦର୍ଶିତ ରାଶି ସୁଧ, ଦେୟ ଏବଂ ଆନୁସଙ୍ଗିକ ଖର୍ଚ୍ଚ ନିମନ୍ତେ **ଉତ୍କଳ ଗ୍ରାମୀଣ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

**ଏତଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| କ୍ର. ନଂ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ନୋଟିସ୍ ଅନୁଯାୟୀ ବର୍ତ୍ତମାନର ବକେୟା ଦେୟ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|---|
| ୦୧. | ଋଣଗ୍ରହୀତା: ମା ତାରିଣୀ ଇଲେକ୍ଟ୍ରିକାଲ୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଦୀପକ କୁମାର ଅଗ୍ରୱାଲ, ପିତା: ଶ୍ରୀ ଗୋବିନ୍ଦରାମ ଅଗ୍ରୱାଲ / ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀମତୀ କୌଶଲ୍ୟା ଦେବୀ, ସ୍ୱାମୀ: ରାମ ଲଖନ ଶର୍ମା, ୨) ଶ୍ରୀ କମଲେଶ ଶର୍ମା, ପିତା: ରାମ ଲଖନ ଶର୍ମା, ସମସ୍ତଙ୍କ ଠିକଣା ସା.: ଜଳଦା ଏ ବ୍ଲକ୍, ପୋ.: ଫର୍ଟିଲାଇଜର, ରାଉରକେଲା, ଜିଲ୍ଲା: ସୁନ୍ଦରଗଡ-୭୬୯୦୪୩ | ୧୯.୦୩.୨୦୧୮ ସୁଦ୍ଧା ଟ.୧୭,୩୪,୩୮୯/- ଏବଂ ପରବର୍ତ୍ତୀ ସୁଧ + ଅନ୍ୟାନ୍ୟ ଦେୟ | ୧୯.୦୩.୨୦୧୮ / ୨୧.୦୮.୨୦୧୮ | ଶ୍ରୀମତୀ କୌଶଲ୍ୟା ଦେବୀ, ସ୍ୱାମୀ: ରାମ ଲଖନ ଶର୍ମାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଜଳଦା, ତହସିଲ: ରାଉରକେଲା, ଥାନା : ଲାଠିକଟା, ଥାନା ନଂ.: ୧୦, ଜିଲ୍ଲା: ସୁନ୍ଦରଗଡ, ଖାତା ନଂ.: ୧୦୫/୨୨୪, ପ୍ଲଟ୍ ନଂ.: ୧୫୪୩/୩୧୭୦, କ୍ଷେତ୍ର: ଏକର୦.୦୫ଡିସିମିଲି |

ସ୍ଥାନ: ସମ୍ବଲପୁର, ତାରିଖ : ୨୮.୦୮.୨୦୧୮
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଉତ୍କଳ ଗ୍ରାମୀଣ ବ୍ୟାଙ୍କ

## ସଂକ୍ଷେପରେ

### କାଣ୍ଡେଲ ହାଇସ୍କୁଲରେ ମୋ ସ୍କୁଲ ଅଭିଯାନ

କେସିଙ୍ଗା,୩।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧୀନ କାଣ୍ଡେଲ ଉଚ୍ଚ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ ଓ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି । ପ୍ରଥମେ ସକାଳ ୮ଟାରେ ଛାତ୍ରୀଛାତ୍ରମାନେ ହାତରେ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ଗ୍ରାମ ପରିକ୍ରମା କରିଥିଲେ । ବିଦ୍ୟାଳୟ ପରିସରରେ ଶପଥ ପାଠ ପୂର୍ବକ ଅପରାହ୍ନ ୨ଟାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୋ ସ୍କୁଲ ଅଭିଯାନ ସମ୍ପର୍କରେ ବିଭିନ୍ନ କାର୍ଯ୍ୟକ୍ରମମାନ ହାତକୁ ନେବା ପାଇଁ ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ରମେଶ ଚନ୍ଦ୍ର ସାହା ଅଭିଭାଷଣରେ ମତ ରଖିଥିଲେ । ଛାତ୍ରୀଛାତ୍ର ଓ ସମସ୍ତ ଶିକ୍ଷକ ତଥା ଅଭିଭାବକମାନେ ବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ କେସିଙ୍ଗା ବ୍ଲକ ଶିକ୍ଷା ଅଧିକାରୀ ନୀଳମାଧବ ପଣ୍ଡା, ଅତିରିକ୍ତ ବ୍ଲକଶିକ୍ଷା ଅଧିକାରୀ ରାଘବ ମାଝି, ପ୍ରଧାନ ଶିକ୍ଷକ ପ୍ରଭାକର ବେଉରିଆ, ଶିକ୍ଷାବିତ୍ ଶଶାଙ୍କ ମହଲା, ସିଆରସିସି ଗିରିଧାରୀ ସେଠୀ, ବରିଷ୍ଠ ଶିକ୍ଷକ ରମେଶ ଚନ୍ଦ୍ର ସାହାଙ୍କ ସମେତ ଅଭିଭାବକ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ହିନ୍ଦୀ ଶିକ୍ଷକ ରମେଶ ଭୋଇ ପରିଚାଳନା କରିଥିଲେ ।

### ଲାଞ୍ଜିଗଡ଼ ଯୁବକ ସଂଘର ନୂତନ କର୍ମକର୍ତ୍ତା

ଲାଞ୍ଜିଗଡ଼,୩।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ସ୍ଥିତ ଏକ ଅଗ୍ରଣୀ ଯୁବ ସଙ୍ଗଠନ ଲାଞ୍ଜିଗଡ଼ ଯୁବକ ସଂଘର ନୂତନ କର୍ମକର୍ତ୍ତା ଚୟନ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ନୂତନ ସଭାପତି ଭାବେ ହିମାଦ୍ରୀ ପେସନିଆ, ଉପସଭାପତି ନରେନ୍ଦ୍ର ପ୍ରଧାନୀ, ସମ୍ପାଦକ ଭୁପେନ୍ଦ୍ର ମହାରଥା, କୋଷାଧକ୍ଷ କିଶୋର ପେସନିଆ ପ୍ରମୁଖ ମନୋନୀତ ହୋଇଥିଲେ । ଉପଦେଷ୍ଟା କମିଟିରେ ଚନ୍ଦ୍ରଧ୍ୱଜ ପେସନିଆ, କାମରାଜ ଦଳବେହେରା, ରାଜେନ୍ଦ୍ର ପ୍ରତାପ ସିଂଦେଓ, ବିନୋଦ ଗଉଡ, ଚୁଡାମଣି ସିଂ, ମୀନକେତନ ବନ୍ଧପାରିଆ ଓ ଶ୍ରୀମୁଖ ଅଗସ୍ତି ପ୍ରମୁଖ ମନୋନୀତ ହୋଇଛନ୍ତି ।

# ଓୟୁଏଟି ବିରୋଧରେ କଳାବ୍ୟାଜ୍ ପରିଧାନ

ଭବାନୀପାଟଣା,୩।୯(ଡି.ଏନ.ଏ.)

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ୩୧ଟି କୃଷି ବିଜ୍ଞାନ କେନ୍ଦ୍ରର ସମସ୍ତ ବୈଜ୍ଞାନିକ ଓ କର୍ମଚାରୀ ଓଡିଶା କର୍ମଚାରୀ ମହାମଞ୍ଚର ପୃଷ୍ଠପୋଷକତାରେ ଓୟୁଏଟିର ବୈମାତୃକ ମନୋଭାବ ବିରୋଧରେ ସେପ୍ଟେମ୍ବର ୩ରୁ ୧୧ ତାରିଖ ଯାଏ କଳାବ୍ୟାଜ୍ ପରିଧାନ କରିବାକୁ ନିଷ୍ପତ୍ତି ନେଇଛନ୍ତି । କର୍ମଚାରୀମାନେ ଗତ ୧୩ ବର୍ଷଧରି ନିଜର କ୍ୟାରିୟର ଓ ଜୀବିକାକୁ ଓଡିଶା କୃଷି କ୍ଷେତ୍ରର ଉନ୍ନତି ପାଇଁ ଉତ୍ସର୍ଗକୃତ କରିଥିବା ସତ୍ତ୍ୱେ ଅବଦାନରେ ଓୟୁଏଟିଠାରୁ ବିଭିନ୍ନ ସମୟରେ ଅବହେଳା ଓ ନିର୍ଯାତନାର ଶିକାର ହେଉଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି । ପ୍ରକାଶ ଯୋଗ୍ୟ ଯେ, ଓୟୁଏଟିର ପ୍ରକୃତ ଉପସ୍ଥିତି ପ୍ରତି ଜିଲାରେ ତାର କୃଷିବିଜ୍ଞାନ କେନ୍ଦ୍ର ମାଧ୍ୟମରେ ହୋଇଥାଏ । କିନ୍ତୁ




କର୍ମଚାରୀମାନେ କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ କରୁଛନ୍ତି ।

ଯେଉଁମାନଙ୍କ ଅକ୍ଳାନ୍ତ ଉଦ୍ୟମ, ପରିଶ୍ରମ ଦ୍ୱାରା ଭାରତ ଓ ଓଡିଶା ସରକାରଙ୍କର ସମସ୍ତ ଯୋଜନାକୁ ରୁପାନ୍ତରିତ କରାଯାଏ । ଯଦି ସେହିମାନଙ୍କୁ ଉଚିତ ନ୍ୟାୟ ପ୍ରଦାନ କରା ନ ଯାଏ ତାହେଲେ ଆଗାମୀ ଦିନରେ କୃଷି ବିଜ୍ଞାନ କେନ୍ଦ୍ର ମାନଙ୍କୁ କିପରି ଆହୁରି କ୍ରିୟାଶିଳ କରାଯାଇ ୨୦୨୧ ସୁଦ୍ଧା କୃଷକର ଦିଗୁଣ ରୋଜଗାର ସ୍ଲୋଗାନ ଫଳବତି କରାଯାଇପାରିବ ଏହା ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ମଧ୍ୟରେ ଚାକିରର ସ୍ଥାୟୀତ୍ୱ ଆର.ଏ.ସି.ପି/ସି.ଏ.ଏସ., ଜାତୀୟ ପେନସନ ଯୋଜନା, ସାମାଜିକ ସୁରକ୍ଷା, ଭାରତ ସରକାରଙ୍କ ବୁଝାମଣା ପତ୍ରର ଠିକ ରୁପାୟନ, ସମାନ କାମକୁ ସମାନ ଦରମା ଇତ୍ୟାଦି ଅନ୍ତର୍ଭୁକ୍ତ । ପ୍ରତି ଜିଲାରେ ଅବସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ଓ ଓ.ୟୁ.ଏ.ଟି. ଅଦିନରେ କାର୍ଯ୍ୟକାରୀ ଚାଷୀମାନଙ୍କ ଆସ୍ଥାଭାଜନ ହୋଇପାରିଛି । ବିଭିନ୍ନ ସମୟରେ କୃଷିବିଜ୍ଞାନ କେନ୍ଦ୍ରରୁ ପ୍ରଶିକ୍ଷିତ ହୋଇ କୃଷିଜୀବି ଓ ମହିଳା ରାଜ୍ୟସ୍ତରରେ ଓ ଜାତୀୟସ୍ତରରେ ସମ୍ମାନୀତ ହେଉଛନ୍ତି । ଓଡିଶା ରାଜ୍ୟ ଗତ ବର୍ଷରେ କୃଷି କର୍ମଣ ପୁରସ୍କାର ମଧ୍ୟ ପାଇଆସୁଛି । ସରକାର ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନ ୩୧ଟି କୃଷି ବିଜ୍ଞାନ କେନ୍ଦ୍ରର ସମସ୍ତ ବୈଜ୍ଞାନିକ ଓ କର୍ମଚାରୀବୃନ୍ଦ ଓଡିଶା କର୍ମଚାରୀମାନଙ୍କ ନ୍ୟାର୍ଯ୍ୟ ଦାବିପ୍ରତି ସୁବିଚାର କରିବା ପାଇଁ ସେମାନେ ଦାବି କରିଛନ୍ତି । ଯଦି ଦାବି ପୂରଣ ନ ହେଲେ ଆସନ୍ତା ୧୭ରୁ ୧୯ ତାରିଖ ସ୍ଥାନୀୟ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ କର୍ମଚାରୀମାନେ ଚେତାବନୀ ଦେଇଛନ୍ତି ।

# ଅବ୍ୟବସ୍ଥାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଲାଞ୍ଜିଗଡ଼,୩।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁରଠାରେ ଜିଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ଓ ବ୍ଲକ ପ୍ରଶାସନର ମିଳିତ ଆନୁକୂଲ୍ୟରେ ସୋମବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଆରମ୍ଭରୁ ଅବ୍ୟବସ୍ଥା ହୋଇଥିବା ଶିବିର ଅବ୍ୟବସ୍ଥାରେ ଶେଷ ହୋଇଥିବା ଜଣାପଡିଛି । ଏପରିକି ଦୂର ଦୁରାନ୍ତରରୁ ବହୁ କଷ୍ଟରେ ବ୍ଲକ କାର୍ଯ୍ୟାଳୟକୁ ଆସିଥିବା ଶତାଧିକ ଭିନ୍ନକ୍ଷମଙ୍କୁ କେହି ପଚାରି ନ ଥିବା ଅଭିଯୋଗ ହୋଇଛି । ବ୍ଲକର ପାହାଡ଼ପଦର, ମାଳିଯୁବାଙ୍ଗ, କାନକୁଟ୍ରୁ ସମେତ ଅନ୍ୟାନ୍ୟ ପଞ୍ଚାୟତରୁ ଶତାଧିକ ଭିନ୍ନକ୍ଷମ ଏହି ଶିବିରକୁ ବସ୍ ଓ ଟ୍ରେନ୍ ପାସ୍ ତଥା ନିଜ ଭିନ୍ନକ୍ଷମ ପ୍ରମାଣପତ୍ରର ଅନଲାଇନ୍ ଆବେଦନ କରିବାକୁ ଆସିଥିଲେ । ଦିନ ତମାମ ଶିବିରରେ ବସିଥିବା ବେଳେ ସେମାନଙ୍କୁ ଭବାନୀପାଟଣାରୁ ଆସିଥିବା ଡାକ୍ତରମାନେ ମଧ୍ୟ ପଚାରି ନ ଥିଲେ । ଶିବିରକୁ ଆସିଥିବା ଭିନ୍ନକ୍ଷମମାନଙ୍କୁ ଖାଇବାକୁ ଦେବା ତ ଦୂରର କଥା ପାଣି ମୁନ୍ଦେ ମଧ୍ୟ ମିଳି ନ ଥିଲା । ଫଳରେ ଏଠାକୁ ଆସିଥିବା ଭିନ୍ନକ୍ଷମମାନେ ବହୁ ହଇରାଣ ହୋଇଥିଲେ । ଏପରିକି ବ୍ୟାପକ ଖର୍ଚ୍ଚାନ୍ତ ହୋଇ ଗାଡିଭଡା କରି ବିଶ୍ୱନାଥପୁରକୁ ଆସିଥିବା ବେଳେ ସନ୍ଧ୍ୟା ପର୍ଯ୍ୟନ୍ତ ସେମାନଙ୍କ କଥା ବୁଝିବାକୁ ନା ବ୍ଲକ ପ୍ରଶାସନ ନା ଜିଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ରର କର୍ମକର୍ତ୍ତା କେହି ମଧ୍ୟ ଉଚିତ୍ ମଣି ନ ଥିଲେ । ସେହିପରି ଭବାନୀପାଟଣାରୁ ଆସିଥିବା ଡାକ୍ତରମାନେ ନିଜ ଡ୍ୟୁଟି କରିବା ବଦଳରେ ଅଧାରୁ ଉଠି ଚାଲିଯାଇଥିଲେ । ଫଳରେ ଭିନ୍ନକ୍ଷମମାନଙ୍କୁ ହତାଶ ହେବାକୁ ପଡିଥିଲା । ଏହାକୁ ନେଇ ଶତାଧିକ ଭିନ୍ନକ୍ଷମ ଓ ସେମାନଙ୍କୁ ଆଣି ଥିବା ସରପଞ୍ଚ, ସମିତି ସଦସ୍ୟ, ୱାର୍ଡସଭ୍ୟ/ସଭ୍ୟାମାନେ ସାମାଜିକ ସମ୍ପ୍ରସାରଣ ଅଧିକାରୀ ଶଙ୍କର୍ଷଣ ସାହୁ ଓ ଏବିଡିଓ ବିଭୁତିଭୂଷଣ ଶତପଥୀଙ୍କୁ ଘେରିବା ସହ ହୋହଲ୍ଲା କରିଥିଲେ । ଭିନ୍ନକ୍ଷମମାନଙ୍କୁ ଡାକିଆଣି ଏପରି ହଇରାଣ କରିବା ଘଟଣାକୁ ଜିଲା ଭିନ୍ନକ୍ଷମ ସଂଘ ସମ୍ପାଦକ ଡୋଳାମଣି ପ୍ରଧାନ ନାପସନ୍ଦ କରିବା ସହିତ ଭିନ୍ନକ୍ଷମମାନଙ୍କ ପାଇଁ ସରକାର ଅନେକ ମହତ୍ୱପୂର୍ଣ୍ଣ ଯୋଜନା କରୁଥିବା ବେଳେ କିଛି ପ୍ରଶାସନିକ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁ ତାହା ଫସର ଫାଟୁଛି ବୋଲି କହିଛନ୍ତି । ତେବେ ଲୋକଙ୍କ ହୋହଲ୍ଲା ପରେ ସନ୍ଧ୍ୟାରେ ବ୍ଲକ ପ୍ରଶାସନର ଚେତା ପଶିବା ସହ ସେମାନଙ୍କୁ ଘରକୁ ପଠାଇବା ବ୍ୟବସ୍ଥା କରିଥିଲା ।



ଶିବିରକୁ ଆସିଥିବା ବିଭିନ୍ନ ଅଞ୍ଚଳର ଲୋକେ ।

# ଶ୍ରମ ଶିବିର, କୌଶଳ ବିକାଶ ତାଲିମ ଶିବିର ଉଦ୍‌ଯାପିତ

ଭବାନୀପାଟଣା,୩।୯(ଡି.ଏନ.ଏ.)

କଳାହାଣ୍ଡି ଜିଲାର ଭବାନୀପାଟଣା ବ୍ଲକ ଅନ୍ତର୍ଗତ ତଲବେଲ୍ ଗାଁଠାରେ ଏକତା ପରିଷଦ କଳାହାଣ୍ଡି ଶାଖା ତରଫରୁ ଚାଲିଥିବା ଏକ ପାଞ୍ଚଦିନିଆ ଶ୍ରମ ଶିବିର ଓ କୌଶଳ ବିକାଶ ତାଲିମ୍ ଶିବିର ଶନିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ଉକ୍ତ ଶିବିରକୁ ଗତ ୨୯ ତାରିଖରେ କଳାହାଣ୍ଡି ଜିଲା ଡିଡିଏମ ନାବାର୍ଡ ମଳୟ କୁମାର ମେହେର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ସେଥିରେ ତଲବେଲ୍ ଗାଁ ସରପଞ୍ଚ କିକେୟୀ ମାଝି, ଏକତା ପରିଷଦ ରାଜ୍ୟ ସଂଯୋଜକ ଭାରତ ଭୁଷଣ ଠାକୁର, ଏ.ଏଫ୍.ସି କଳାହାଣ୍ଡି ସଂଯୋଜକ କୃଷ୍ଣଚନ୍ଦ୍ର ମିଶ୍ର, ତଲବେଲ ଗାଁ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ସୂର୍ଯ୍ୟନାରାୟଣ ଯୋଶି, ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଉମାଚରଣ ପ୍ରଧାନ ଯୋଗଦେଇଥିଲେ । ଶିବିରରେ ସୁନ୍ଦରଗଡ, ରାୟଗଡା, କନ୍ଧମାଳ, ବଲାଙ୍ଗୀର ଓ କଳାହାଣ୍ଡିର ବିଭିନ୍ନ ଅଞ୍ଚଳରୁ ଯୁବତୀଯୁବକମାନେ ଯୋଗଦେଇଥିଲେ । ଶିବିରର ଯୁବତୀଯୁବକମାନେ କିପରି ସ୍ୱାବଲମ୍ବୀ ହୋଇ ନିଜ ଗାଁ, ଅଞ୍ଚଳ, ଜିଲା ସମସ୍ୟା ପ୍ରତି ଅବଗତ ହୋଇ ବିକାଶ ଦିଗରେ କାମ କରି ଓ ସେମାନଙ୍କ ମଧ୍ୟରେ ଶ୍ରମଦାନ, ସାଂସ୍କୃତିକ ବିକାଶ ହୋଇପାରିବ ସେ ଉପରେ ଆଲୋକପାତ କରିଥିଲେ । ଶିବିର ଦ୍ୱିତୀୟ ଦିନରେ ଶିବିରାର୍ଥୀମାନେ ଉପରବେଲଗାଁଠାରେ ପ୍ରାୟ ୧ କି.ମି. ରାସ୍ତା କଡରେ ବୃକ୍ଷରୋପଣ କରିବା, ତୃତୀୟ ଓ ଚତୁର୍ଥ ଦିବସରେ ତଲବେଲା ନୂତନ ଉଚ୍ଚବିଦ୍ୟାଳୟ ଯାତାୟାତ ପାଇଁ ୫୦୦ ମିଟର ଏକ ରାସ୍ତା ନିର୍ମାଣରେ ଶ୍ରମଦାନ ଦ୍ୱାରା କରିଥିଲେ । ଏଥିରେ ତଲବେଲ ଗାଁ ଓ ଉପରବେଲ୍ ଗାଁର ଗ୍ରାମବାସୀ ଶ୍ରମଦାନ ଦେଇଥିଲେ । ଦ୍ୱିତୀୟ ଦିବସରେ ଅତିଥି ଭାବେ ଜନମ୍ ମାଟିର ସଭାପତି ବିଜୟ ସାହୁ, ସଦସ୍ୟ ବଦ୍ରିନାରାୟଣ ପଟ୍ଟନାୟକ, ସାମନ୍ତ ଖମାରୀ ଓ ଗିରିଧାରି ପାତ୍ର ଯୋଗଦେଇ ତାଲିମାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ । ଶନିବାର ଉଦ୍‌ଯାପନୀରେ ଉପଜିଲାପାଳ ମିର୍ଦ୍ଧା ଟୋପ୍ପୋ କାର୍ଯ୍ୟକ୍ରମରେ ଯୋଗଦେଇ ଯୁବଶିବିରାର୍ଥୀମାନଙ୍କୁ ନିଜ ଅଞ୍ଚଳର ବିକାଶ ପାଇଁ ମୁଖ୍ୟ ବର୍ଣ୍ଣଧାର ସାଜିବାକୁ ପରାମର୍ଶ ଦେଇ ଶିକ୍ଷା ପ୍ରତି ଗୁରୁତ୍ୱ ଦେବା, ନିଜ ସଂସ୍କୃତି ଓ ପରମ୍ପରାକୁ ବଜାୟୀ ରଖିବାକୁ କହିଥିଲେ । ଶିବିରକୁ କଳାହାଣ୍ଡି ଏକତା ପରିଷଦ ସଂଯୋଜକ ସରୋଜ କୁମାର ବାଗ ପରିଚାଳନା କରୁଥିବା ବେଳେ ଖୋର୍ଦ୍ଧା ଜିଲା ସଂଯୋଜକ କିଶୋର ବିଶ୍ୱାଳ, ରାୟଗଡା ଜିଲା ସଂଯୋଜିକା ମମତା ପ୍ରଧାନୀ, କନ୍ଧମାଳ ଜିଲା ସଂଯୋଜିକା ବିନିନିକା ପ୍ରଧାନ ଏବଂ ସୁନ୍ଦରଗଡ ଜିଲା ସଂଯୋଜକ ଆଲମା ଏକତା ସହାୟତା କରିଥିଲେ ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

B.Ed
M.Ed, B.P.Ed
Under Achrya Nagarjuna and Andhra Universities
SUCCESS POINT
114/7, Naveen Niwas Square, Bhubaneswar
BHUBANESWAR
7682826300
7682826301
BRAHAMPUR
7682826307
7377730723

ADMISSION OPEN 2018-20
B.Ed.
Acharya Nagarjuna University
Anuska B.Ed. Academy
Odisha's No-1 B.Ed. Academy
97% 1ST DIVISION
Rasulgarh, Bhubaneswar
8260277745/8260277746
Cuttack No-9937313739
Bhawanipatna: 7982328673
Jajpur/Kendrapara:9692222120
www.anuskagroup.com

SPOT ADMISSION
B.Ed
CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

Odisha Finance
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number:
7302107165
odishafinance55@gmail.com

MONEY WIZZ FINANCE
ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉପଲବ୍ଧ ।(ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ)
07991019691
07750048332
moneywizz27@gmail.com

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

FINANCE
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦ୍ଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି । ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ । ୩୦% ସବସିଡି ସହିତ ।
7787922501
7787907927
pmjansamridhi@gmail.com

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580
95578-79781

GET INSTANT CASH AGAINST GOLD
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

(Registration Free)
Bhartiya Telecom Group
(Govt. Approved)
ଦ୍ୱାରା ନିଜର ଖାଲି ଜାଗା, ଛାତ, ଚାଷଜମି, ପ୍ଲଟରେ DIGITAL ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ 60 ଲକ୍ଷ । ଭଡ଼ା 45000 + ଅନ୍ୟାନ୍ୟ ସୁବିଧା ସୁଯୋଗ। ଠକମାନଙ୍କ ପ୍ରତି ସାବଧାନ।
(କାମ ଆମର, ବିଶ୍ୱାସ ଆପଣଙ୍କର)
କେବଳ ଇଚ୍ଛୁକ ବ୍ୟକ୍ତି ଯୋଗାଯୋଗ କରନ୍ତୁ
7052176168
8808619133

ଫାଇନାନ୍ସ
ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ମାତ୍ର 1250ରେ (1-90 ଲକ୍ଷ) ପର୍ଯ୍ୟନ୍ତ 0% ସୁଧ 60% ରିହାତି, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, କୃଷି, ରାଶନକାର୍ଡ, ଆଧାରକାର୍ଡ, ସମସ୍ତ ଋଣ 48 ଘଣ୍ଟାରେ
Dhanlaxmi Finance
9045324642
7417158225

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339

ସୁବର୍ଣ୍ଣ ସୁଯୋଗ
କଣ ଆପଣ ବେରୋଜଗାର ଅଛନ୍ତି କି ?
ଆପଣଙ୍କର ଭବିଷ୍ୟତପାଇଁ କିଛି ଯୋଜନା ଅଛି କି ? ଏସବୁର ସମାଧାନପାଇଁ ଆମ Company ଠାରୁ କିଛି ସାହାଯ୍ୟ ନେଇ ଆତ୍ମନିର୍ଭରଶୀଳ ହୁଅନ୍ତୁ।
ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ
7873395955

LOAN
ଶିକ୍ଷିତ ଓ ବେରୋଜଗାରି ମାନେ ନିଜର ବ୍ୟବସାୟିକ, ବ୍ୟକ୍ତିଗତ, ଗୃହ, ପ୍ରପର୍ଟି, ସାର୍ଟିଫିକେଟ୍ ଓ ଶିକ୍ଷାର ସହାୟତାରେ କମ୍ପାନୀଠାରୁ ସାହାଯ୍ୟ ନିଅନ୍ତୁ।
7682891639
8018022748

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

ମହାବୀର ଫାଇନାନ୍ସ
!! ବିନା ଗ୍ୟାରେଣ୍ଟର!!
ସ୍ୱରୋଜଗାର ପାଇଁ ଅଷ୍ଟମ/ଦଶମ ପାସ୍ ମହିଳା / ପୁରୁଷ
ମାର୍କଶିଟ୍, ବ୍ୟବସାୟ, ଦୋକାନ, ପ୍ରପର୍ଟି
2,00,000-25,00,000 ପର୍ଯ୍ୟନ୍ତ
1% ସୁଧ, 25% ରିହାତି
20 ବର୍ଷରେ ଫେରସ୍ତ
8750418810
9355438810

UNIVERSAL COMMUNICATION GROUP
ଦ୍ୱାରା ନିଜ ଖାଲି ପଡ଼ିଥିବା ଜମି, ଛାତ, ଚାଷଜମି, ପ୍ଲଟ୍‌ରେ ଯେକୌଣସି ସ୍ଥାନରେ ଉପକରଣ ଲଗାନ୍ତୁ ଓ ପାଆନ୍ତୁ 60 ଲକ୍ଷ ଅଗ୍ରିମ, ଭଡ଼ା 80,000 + ଅନ୍ୟାନ୍ୟ ସୁବିଧାସୁଯୋଗ ଏଗ୍ରିମେଣ୍ଟ ସହିତ ।
CALL NOW:
08570958738
08570958378

ଡାକ୍ତରଙ୍କ ପାଖରେ ବନ୍ଧ କରି ହାରି ଗଲେଣି କି ?
ରାଜା ଅ ଖାଁ
9911436726, 9540938429



କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଆଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଢ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

SMS JOB
Send SMS, Earn MONEY
ଘରେବସି SMS JOB କରି Part/Full Time ଶିକ୍ଷିତ ବେରୋଜଗାର ମାସକୁ ୨୫୦୦୦/- ରୁ ୬୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
WORK From Home
କମ୍ପାନୀ ଦ୍ୱାରା Mobile+Laptop+Bike + SIM + ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9667693638
9667693639

ଏବିଏସ୍ ଫାଇନାନ୍ସ
ଦ୍ୱାରା ସମସ୍ତ ଭାରତରେ ଲୋନ୍ ନେବା ପାଇଁ ଏବଂ ଜିଲ୍ଲାସ୍ତରରେ ଏଜେଣ୍ଟ ହେବାକୁ ସମ୍ପର୍କ କରନ୍ତୁ।
ଭୁବନେଶ୍ୱର: 7290027868
କଟକ: 7590022879
ପୁରୀ: 7290027864
ଅନୁଗୁଳ: 7290022884
ଯାଜପୁର: 9870548741
ବାଲେଶ୍ୱର: 9870548676
ଗଞ୍ଜାମ: 9870548744

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ। ପ୍ରଥମେ କାମ ପରେ ଦାମ୍, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଭେହିକିଲ୍, ବ୍ୟବସାୟ, ସମସ୍ତ ଋଣ 2% ସୁଧ, 40% ରିହାତି ଘରେ ବସି ଉପଲବ୍ଧ।
ADARSH FINANCE
Ram Nagar, Narnel, Haryana
7310635473
7310568831

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra



ରୋଗ, ଶତ୍ରୁ ଓ ଋଣ, ଏମାନଙ୍କୁ ସବୁବେଳେ ଶେଷ କରିବାକୁ ଚେଷ୍ଟା କରିବା।
ପାପ, ହିଂସ୍ର ପ୍ରାଣୀ ଓ ହିଂସ୍ର ମନୁଷ୍ୟଙ୍କଠାରୁ ସର୍ବଦା ଦୂରରେ ରହିବା।
- ଶ୍ରୀଚୈତନ୍ୟ



## ସଂକ୍ଷେପରେ

### ଚିଟେଇଡ ସରପଞ୍ଚଙ୍କୁ ହାଇକୋର୍ଟର ଝଟକା

**ଗୁଡଭେଲା,୩।୯(ଡି.ଏନ.ଏ.):** ଚଳିତ ପଞ୍ଚାୟତ ନିର୍ବାଚନରେ ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଅର୍ନ୍ତଗତ ଚିଟେଇଡ ଗ୍ରାମ ପଞ୍ଚାୟତର ସରପଞ୍ଚ ଗୋପାଳ ଭୋଇ ଜାଲିଆତି କରି ନିର୍ବାଚନ ଜିତି ଥିବା ଅଭିଯୋଗ କରି ରୁଦ୍ର ରଣା ବଲାଙ୍ଗୀର ସିଭିଲ କୋର୍ଟରେ ଏକ ମାମଲା(୦୪/୧୭)ରେ ରୁଜ କରିଥିଲେ। ଏହାକୁ ଚ୍ୟାଲେଞ୍ଜ କରି ପ୍ରଥମେ ବଲାଙ୍ଗୀର ଜିଲା କୋର୍ଟ ଓ ପରେ ହାଇକୋର୍ଟରେ ଗୋପାଳ ଭୋଇ ଏହି କେଶରୁ ରହିତା ଦେଶ ପାଇବା ପାଇଁ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ଗତ ଅଗଷ୍ଟ ୨୮ ତାରିଖରେ ମାନ୍ୟବର ହାଇକୋର୍ଟଙ୍କ ଖଣ୍ଡପୀଠ ଦେବବ୍ରତ ଦାଶ ଶୁଣାଣି କରି ଗୋପାଳଙ୍କ କେଶକୁ ରଦ୍ଦ କରିଥିଲେ। ଗୋପାଳଙ୍କ ପକ୍ଷରୁ ଆଇନଜୀବୀ ହିମାଂଶୁ ମିଶ୍ର କେଶ ଲଢୁଥିବାବେଳେ ଆଇନଜୀବୀ ଅଶୋକ ଦାଶ ରୁଦ୍ରଙ୍କ କେଶ ପରିଚାଳନା କରିଥିଲେ। :

### ବାରିକପାଲି- କେଓମାଲ ରାସ୍ତା: ଗ୍ରାମ ସଡକ ଯୋଜନାରେ ସାମିଲ ଦାବି

**ଟିକ୍ରାପଡା,୩।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଯୁରାବନ୍ଧ ପଞ୍ଚାୟତ ଅଧିନ କେଓମାଲ- ବାରିକପାଲି ରାସ୍ତା ଶୋଚନୀୟ ହୋଇପଡିଛି। ଫଳରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ସ୍ଥାନୀୟ ଅଞ୍ଚଳର ସ୍କୁଲ ଛାତ୍ରୀଛାତ୍ର ତଥା ଜନ ସାଧାରଣ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖିନ ହେଉଛନ୍ତି। ବର୍ଷା ଦିନେ ଉକ୍ତ ରାସ୍ତା ଶୋଚନୀୟ ହୋଇପଡ଼ିବା ସହ ଅନେକ ସ୍ଥାନରେ ଖାଲ ସୃଷ୍ଟି ହୋଇଥାଏ। ଉକ୍ତ ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ସାମିଲ କରାଯିବାକୁ ସାଧାରଣରେ ଦାବି ହେଉଛି।



### ଆଶା କର୍ମୀଙ୍କ ସମସ୍ୟା ଉପରେ ଆଲୋଚନା

**ଗୁଡଭେଲା,୩।୯(ଡି.ଏନ.ଏ.):** ଗୁଡଭେଲା ବ୍ଲକର ସମସ୍ତ ଆଶା କର୍ମୀମାନଙ୍କ ସମସ୍ୟାକୁ ନେଇ ସୋମବାର ତୁଷୁରା ସରକାରୀ ଚିକିତ୍ସାଳୟ ପରିସରରେ ଗୁଡଭେଲା ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଲଲାଟେନ୍ଦୁ ନାୟକଙ୍କ ତତ୍ତ୍ୱାବଧାନରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଶା କର୍ମୀମାନେ ଦେଇଥିବା ୫ଦଫା ଦାବିପତ୍ର ଉପରେ ଆଲୋଚନା ହେବା ସହ ଏହାର ସମାଧାନ ତୁରନ୍ତ କରାଯିବ ବୋଲି ଉପସ୍ଥିତ ଅଧିକାରୀମାନେ କହିଥିଲେ। ଏହି ବୈଠକରେ ଆଶାକର୍ମୀମାନଙ୍କର ଅତିରିକ୍ତ ମ୍ୟାନେଜର ଗୋପାଳ କୃଷ୍ଣ ସାହୁ, ପିଏଚଇଓ ରିକୁ ଭୋଇ, ବିପିଏମ ରାକେଶ ମିଶ୍ର, ବିଏଏମ ଶ୍ରୀକାନ୍ତ ପଟ୍ଟନାୟକ, ବିଡିଏମ ଅମରେଶ ପଟ୍ଟନାୟକ ରହି ଆଶା କର୍ମୀଙ୍କ ସହ ଆଲୋଚନା କରିଥିଲେ। ୫ ଦଫା ଦାବି ଗୁଡିକ ମଧ୍ୟରେ ଆଶା କର୍ମୀଙ୍କ ଦରମା ଠିକ ସମୟରେ ପ୍ରଦାନ କରିବା, ବକେୟା ପାଉଣା ଶୀଘ୍ର ପ୍ରଦାନ, ଡାକ୍ତରଖାନା ପରିସରରେ ଶୌଚାଳୟ ଓ ବିଶ୍ରାମଗାର ନିର୍ମାଣ, ମାସିକ ବୈଠକର ତାରିଖ ଭଳି ଦାବି ରହିଛି। ଆସନ୍ତା ୧୫ତାରିଖ ସୁଦ୍ଧା ଦାବି ଗୁଡିକ ପୂରଣ ନ ହେଲେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଧାରଣା ଦେବୁ ବୋଲି ଚେତାବନୀ ଦେଇଛନ୍ତି।

### ୧୬ଘଣ୍ଟା ଧରି ପଡି ରହିଲା ବୃଦ୍ଧାଙ୍କ ମୃତଦେହ

**କଣ୍ଟାବାଞ୍ଜି,୩।୯(ଡି.ଏନ.ଏ.):** କଣ୍ଟାବାଞ୍ଜି ରେଲୱେ ଷ୍ଟେଶନ ଟିକେଟ କାଉଣ୍ଟର ନିକଟରେ ଦୀର୍ଘ ୧୬ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଜଣେ ଅଜଣା ବୃଦ୍ଧାଙ୍କ ମୃତଦେହ ପଡି ରହିଲା। ସ୍ଥାନୀୟ ଷ୍ଟେଶନ ମ୍ୟାନେଜର ଏବଂ ଆରପିଏଫ ଥାନା ପକ୍ଷରୁ କୌଣସି ପ୍ରକାର ପଦକ୍ଷେପ ନ ନେବାରୁ ଏହା ପଡି ରହିଥିଲା। ପ୍ରକାଶ ଯେ, ଷ୍ଟେଶନରେ ଦୀର୍ଘ ଦିନ ଧରି ଭିକ୍ଷା ବୃତ୍ତି କରି ପେଟ ପୋଷୁ ଥିବା ମହିଳାଙ୍କ ରବିବାର ସନ୍ଧ୍ୟା ସମୟରେ ମୃତ୍ୟୁ ହୋଇଥିଲା। ଏହି ଘଟଣା ବିଷୟରେ ସମସ୍ତ ଅଧିକାରୀ ଜାଣିବା ପରେ ମଧ ସ୍ଥାନୀୟ ଜିଆରପିକୁ ନିୟମ ମୁତାବକ ମୃତ୍ୟୁ ମେମୋ ଦିଆଯାଇ ନ ଥିଲା। ଫଳରେ ସ୍ଥାନୀୟ ଜିଆରପି ଫାଣ୍ଡି ଅଧିକାରୀ ନିଜେ କର୍ତ୍ତୃପକ୍ଷଙ୍କୁ କହିବା ପରେ ସୋମବାର ଅପରାହ୍ନରେ ମୃତଦେହକୁ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ କରାଯାଇଛି। ଏହାପରେ ଜିଆରପି ଥାନା ପୋଲିସ କେସ୍ ନଂ. ୨୯/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଫାଣ୍ଡି ଅଧିକାରୀ ପଦ୍ମଲୋଚନ ଖର୍ସେଲ କହିଛନ୍ତି।

# ଚାଷୀଙ୍କ ନାଁରେ ଲକ୍ଷାଧିକ ଟଙ୍କା ଆତ୍ମସାତ ଅଭିଯୋଗ

ବଲାଙ୍ଗୀର ଅଫିସ,୩।୯



ବଡଉଡେନ୍ ଗାଁର ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଆସିଛନ୍ତି।

**ଖପ୍ରାଖୋଲ ବ୍ଲକ**
- ଲୁହାସିଂହା କୃଷକ ସେବା ସମବାୟ ସମିତି
- ଜିଲାପାଳଙ୍କୁ ଭେଟିଲେ ୧୨ଚାଷୀ
- ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି କଲେ

ବଲାଙ୍ଗୀର ଜିଲାରେ ସମବାୟ ଦୁର୍ନୀତି ବିଭିନ୍ନ ସମୟରେ ଚର୍ଚ୍ଚାର ବିଷୟ ହୋଇଛି। ସୋମବାର ଖପ୍ରାଖୋଲ ବ୍ଲକ୍ ଅନ୍ତର୍ଗତ ଲୁହାସିଂହା କୃଷକ ସେବା ସମବାୟ ସମିତି (ଏଫ୍‌ଏସ୍‌ସିଏସ୍)ରେ ଚାଷୀଙ୍କ ନାଁରେ ଲକ୍ଷାଧିକ ଟଙ୍କା ଆତ୍ମସାତ୍ ହୋଇଥିବା ଅଭିଯୋଗ ହୋଇଛି। ଲୁହାସିଂହା ଏଫ୍‌ଏସ୍‌ସିଏସ୍ ଅନ୍ତର୍ଗତ ବଡ଼ଉଡେନ୍ ଗାଁର ୧୨ଜଣ ଚାଷୀ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି କୃଷି ଋଣ ନାଁରେ ଲକ୍ଷାଧିକ ଟଙ୍କା ଆତ୍ମସାତ୍ କରାଯାଇଥିବା ଅଭିଯୋଗ କରିଥିଲେ। ଏହି ଅର୍ଥ ଆତ୍ମସାତ୍ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କଲେ ବଡ ଦୁର୍ନୀତି ପଦାକୁ ଆସିବ ବୋଲି ଜଣାପଡିଛି। ବଡଉଡେନ୍ ଗାଁର ୧୨ ଜଣ ଚାଷୀ ଲୁହାସିଂହା କୃଷକ ସେବା ସମବାୟ ସମିତିର ସଦସ୍ୟ ଅଟନ୍ତି। ଦୀର୍ଘବର୍ଷ ହେଲା ଏହି ଚାଷୀମାନେ ଏହି ସମିତିରେ କୃଷି ସମ୍ବନ୍ଧୀୟ ନେଣଦେଣ କରୁଛନ୍ତି। ତେବେ ଋଣ ଦରଖାସ୍ତରେ ଦସ୍ତଖତ ଦେବା ଛଡା ସେମାନେ ଆଉ କିଛି ଜାଣିପାରୁ ନ ଥିବା ଏବଂ ଜାଣିବାକୁ ଚାହିଁଲେ ସେମାନଙ୍କୁ ଧମକ ଦିଆଯାଉଥିବା ଅଭିଯୋଗ କରିଛନ୍ତି। ବଡଉଡେନ୍ ଗାଁର ରାମ ପ୍ରସାଦ ସାହୁ ଜଣେ ଚାଷୀ। ସେ ଚଳିତବର୍ଷ ସମିତିରୁ ୨ ହଜାର ଟଙ୍କା ପାଇଥିଲେ। କେଉଁ ବାବଦକୁ ୨ ହଜାର ଟଙ୍କା ମିଳିଛି ବୋଲି କହିବାରୁ ତାଙ୍କୁ କିଛି ନିର୍ଦ୍ଦିଷ୍ଟ ସୂଚନା ଦିଆ ନ ଯାଇ କୃଷିଋଣ ବୋଲି କୁହାଯାଇଥିବା ସୂଚନା ଦେଇଛନ୍ତି। ତେବେ ତାଙ୍କ ପାସ୍‌ବୁକ୍‌ରେ ୧ ଲକ୍ଷ ଟଙ୍କା ଉଠା ଯାଇଥିବା ଲେଖାଯାଇଛି। କିଏ ଓ କିଭଳି ଭାବେ ତାଙ୍କ ପାସ୍‌ବୁକ୍‌ରୁ ୧ ଲକ୍ଷ ଟଙ୍କା ଉଠାଇଲା ବୋଲି ପଚାରିବାରୁ ସମିତି କାର୍ଯ୍ୟକର୍ତ୍ତାମାନେ ତାଙ୍କୁ କିଛି ବି ସୂଚନା ଦେଇ ନ ଥିବା ଜଣାଇଥିଲେ। ସେହିପରି ଏହି ଗାଁର ଚାଷୀ ଶିବ ସାହୁଙ୍କୁ ମଧ୍ୟ ସମିତି ତରଫରୁ ମାତ୍ର ୨ ହଜାର ଟଙ୍କା ଦିଆଯାଇଥିବାବେଳେ ତାଙ୍କ ପାଶ୍‌ବୁକ୍‌ରେ ୧ଲକ୍ଷ ୨୬ ହଜାର ୭ ଶହ ଟଙ୍କା ଉଠାଣ ହୋଇଥିବା ଦର୍ଶାଯାଇଛି। ସେହିପରି ଚାଷୀ ସତ୍ୟନାରାୟଣ ବନ୍‌ଛୋର, ଗୌର ବରିହା, ମାନୁ ବରିହା, ମକରନ୍ଦ ପୋଢ଼ ଓ ଅନ୍ୟମାନଙ୍କୁ ମଧ୍ୟ ମାତ୍ର ୨ରୁ ୬ ହଜାର ଟଙ୍କା ପ୍ରଦାନ କରାଯାଇ ୨୦ ହଜାରରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଉଠାଇଥିବା ଦର୍ଶାଯାଇଛି। ଏଭଳି ଅନିୟମିତତା ସମ୍ପର୍କରେ ଜାଣିବା ପରେ ଏଫ୍‌ଏସ୍‌ସିଏସ୍ ଏମ୍‌ଡିଙ୍କୁ ଏ ନେଇ ପ୍ରଶ୍ନ କରାଯିବାରୁ ସେମାନଙ୍କୁ ଧମକଚମକ୍ ଦେଇଥିବା ଜିଲାପାଳଙ୍କୁ ଜଣାଇଥିଲେ। ଚାଷୀ ଡମ୍ବରୁ ବରିହାଙ୍କୁ ସମିତି ସଭାପତିଙ୍କ ସ୍ୱାମୀ ମଧ୍ୟ ଧମକ ଦେଇଥିବା ଜଣାଇଛନ୍ତି। କୃଷି ଋଣ ନାଁରେ ଲକ୍ଷାଧିକ ଟଙ୍କା ଆତ୍ମସାତ୍ କରାଯାଇଥିବା ସେମାନେ ଜିଲାପାଳଙ୍କଠାରେ ଅଭିଯୋଗ କରିଥିଲେ। ବାସ୍ତବରେ ଋଣୀ ଚାଷୀମାନଙ୍କୁ କେତେ ଟଙ୍କାର ଋଣ ଦିଆଯାଇଥିଲା। ଚଳିତ ବର୍ଷ ମରୁଡି ପରେ କେତେ ଟଙ୍କାର ଇନ୍‌ପୁଟ୍ ସବ୍‌ସିଡି ମିଳିଲା ଓ କେତେ ଟଙ୍କାର କୃଷିବୀମା କ୍ଷତିପୂରଣ ମିଳିଲା ସେ ନେଇ ସମିତି କିଛି ବି ସୂଚନା ଦେଉ ନ ଥିବା ସେମାନେ ଅଭିଯୋଗ କରିଥିଲେ। ଚାଷୀଙ୍କୁ କେବଳ ବିଭିନ୍ନ ପ୍ରକାର ମିଛ କଥା କହି ଭୂଆଁ ବୁଲାଉଥିବା ଏବଂ ଚାଷୀଙ୍କ ଲକ୍ଷାଧିକ ଟଙ୍କା ଆତ୍ମସାତ୍ କରାଯାଉଥିବା ଅଭିଯୋଗ କରିଛନ୍ତି। ଏହି ସମିତିର ସ୍ପେଶାଲ ଅଡିଟ୍ କରାଯାଇ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ଏକ ବଡଧରଣର ସମବାୟ ଦୁର୍ନୀତି ପଦାରେ ପଡିବ ବୋଲି ସେମାନେ ଅନୁରୋଧ ଜଣାଇଛନ୍ତି।

### ଚାଷୀ ସମସ୍ୟା ନେଇ ସମବାୟ ମନ୍ତ୍ରୀଙ୍କୁ ଦାବିପତ୍ର

ଲୋଇସିଂହା,୩।୯(ଡି.ଏନ.ଏ.)

ରାଜ୍ୟ ଖାଦ୍ୟ ଯୋଗଣ, ଖାଉଟି କଲ୍ୟାଣ ଓ ସମବାୟ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଗସ୍ତ କରି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି। ଏହାବାଦ୍ ଲୋଇସିଂହା ବ୍ଲକ ପରିସରରେ ସମବାୟ ବିଭାଗ ପକ୍ଷରୁ ଆୟୋଜିତ ଋଣ ମେଳାରେ ଯୋଗଦେଇଥିଲେ। ଏହି ଅବସରରେ ନବ ନିର୍ମାଣ କୃଷକ ସଂଗଠନର ଜିଲା ସଂଯୋଜକ ହିମାଂଶୁ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ୩ଦଫା ସମ୍ବଳିତ ଏକ ଦାବିପତ୍ର ମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ମୁଖ୍ୟ ଦାବି ଗୁଡିକ ମଧ୍ୟରେ ରହିଛି ୨୦୧୭-୧୮ବର୍ଷ ଖରିପ କୃଷିବୀମା ରାଶି ଭୁଲ ଆକଳନକୁ ସଂଶୋଧନ କରିବା, ମିଳିଥିବା ବୀମା ରାଶି ତୁରନ୍ତ ପ୍ରଦାନ ଓ ୨୦୧୭-୧୮ରେ ବାକି ରହିଥିବା ଇନପୁଟ ସବସିଡି ଏବଂ ୨୦୧୬-୧୭ବର୍ଷର ବାକି ଥିବା କୃଷିବୀମା କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରାଯାଇଛି।

ସାଙ୍ଗରେ ଆସିବା ମହଙ୍ଗା ପଡ଼ିଲା

## ବୃଦ୍ଧଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ

ଗୁଡଭେଲା,୩।୯(ଡି.ଏନ.ଏ.)

ତୁଷୁରା ଥାନାକୁ ଆସିବା ପାଇଁ ସାଙ୍ଗ ଦେବାରୁ ଗୁଡଭେଲା ବ୍ଲକ ଅର୍ନ୍ତଗତ ଜାମମୁଣ୍ଡା ଗ୍ରାମର ନକୁଳ ସୁନା(୬୭)ଙ୍କୁ ଉକ୍ତ ଗ୍ରାମର ୬ଜଣ ମିଶି ମାଡ ମାରିଥିବା ତୁଷୁରା ଥାନାରେ ସୋମବାର ନକୁଳଙ୍କ ପୁଅ ଟୁକୁ ଅଭିଯୋଗ କରିଛନ୍ତି। ଏ ନେଇ ତୁଷୁରା ଥାନାରେ କେଶ ନଂ.୨୨୪/୧୮ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ତଦନ୍ତ ଅଧିକାରୀ ଯୁବରାଜ କୁମ୍ଭାର କହନ୍ତି। ପ୍ରକାଶ ଯେ, ଶନିବାର ଗୋମତି ସୁନାଙ୍କ ପରିବାରଙ୍କୁ ଉକ୍ତ ଗ୍ରାମର ଏକ ପରିବାର ମାଡ ମାରିଥିବାରୁ ତୁଷୁରା ଥାନାକୁ ଗୋମତି ଯାଇଥିବାବେଳେ ନକୁଳ ମଧ୍ୟ ସାଙ୍ଗରେ ଯାଇଥିଲେ। ରାତିରେ ନକୁଳ ଗ୍ରାମକୁ ଫେରିବା ସମୟରେ ଉକ୍ତ ପରିବାରର ଉମେଶ ନାଗ, ନେପାଳ ନାଗ, ସୁମନ୍ତ ନାଗ, ଅମର ନାଗ, କରନ ନାଗ, ମଣ୍ଟୁ ଦୀପ ଗ୍ରାମ ମୁଣ୍ଡରେ ଛକି ରହିଥିଲେ। ନକୁଳଙ୍କୁ ଦେଖି ହଠାତ କାଠ ଫାଳିଆରେ ମାଡ ମାରିଥିଲେ। ଫଳରେ ନକୁଳଙ୍କ ବାମ ହାତ ଭାଙ୍ଗି ଯାଇଥିବାବେଳେ ବିଭିନ୍ନ ସ୍ଥାନ ଫୁଲି ଯାଇଛି। ତାଙ୍କୁ ପ୍ରଥମେ ତୁଷୁରା ଡାକ୍ତରଖାନାକୁ ନିଆଯାଇଥିବାବେଳେ ପରେ ବଲାଙ୍ଗୀର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏବେ ନକୁଳ ଓ ଗୋମତିଙ୍କ ପରିବାରର ଲୋକେ ଭୟରେ ଗ୍ରାମକୁ ନ ଯାଇ ନିଜ ସମ୍ପର୍କୀୟମାନଙ୍କଠାରେ ଆଶ୍ରୟ ନେଇଥିବା ଟୁକୁ କହିଛନ୍ତି। ଅନ୍ୟ ପକ୍ଷରେ ଗାଁରେ ଗଣ୍ଡଗୋଳ ପରିସ୍ଥିତି ନାହିଁ ବୋଲି ତଦନ୍ତ ଅଧିକାରୀ କୁମ୍ଭାର କହନ୍ତି।

ସରକାରୀ ଆୟୁର୍ବେଦିକ କଲେଜରେ ସାଂସ୍କୃତିକ କାର୍ଯ୍ୟକ୍ରମ

## ବକ୍ତୃତା, ରଙ୍ଗୋଲି, ଚିତ୍ରାଙ୍କନ ପ୍ରତିଯୋଗିତା

ବଲାଙ୍ଗୀର ଅଫିସ, ୩।୯



ଆୟୁର୍ବେଦ କଲେଜରେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

ବଲାଙ୍ଗୀର ସରକାରୀ ଆୟୁର୍ବେଦିକ କଲେଜ ବାର୍ଷିକ ଉତ୍ସବ ଉପଲକ୍ଷେ କଲେଜ ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ପ୍ରଥମେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସୁଶ୍ରୀ ଶାଶ୍ୱତୀ ନାୟକ ପ୍ରଥମ, ଶୁଭଶ୍ରୀ ଜେନା ଦ୍ୱିତୀୟ ଓ ଅନନ୍ୟା ସେନ୍ ଓ ବାଗ୍ମୀ ବିଦ୍‌ବତ୍ତା ଘଡାଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ପ୍ରତିଯୋଗିତାରେ ଡା ମନୋଜ କୁମାର ସାହୁ, ଡା ସୀମାଦ୍ରୀ ଭୂଷଣ ନାୟକ ଓ ଡା ମନୋରଞ୍ଜନ ସାହୁ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ। ଏହାପରେ ଶ୍ଳୋକ ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ନେହା ତିୱାରୀ ପ୍ରଥମ, ଅର୍ଚ୍ଚନା ପାଢ଼ୀ ଦ୍ୱିତୀୟ ଓ ଦୀକ୍ଷିତା ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଫେସର ଶିବବ୍ରତ ଦାସ, ଡା ମନୋଜ କୁମାର ସାହୁ ଓ ଡା ଗୋପୀନାଥ ମିଶ୍ର ବିଚାରକ ଥିଲେ। ଏହାପରେ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅର୍ଚ୍ଚନା ପାଢ଼ୀ ପ୍ରଥମ, ଶ୍ରାବଣୀ ତ୍ରିପାଠୀ ଦ୍ୱିତୀୟ, ଭାଗ୍ୟଶ୍ରୀ ଦତ୍ତ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ପ୍ରତିଯୋଗିତାରେ ଡା ଶାନ୍ତିଲତା ଆଚାର୍ଯ୍ୟ, ଡା ବିଶ୍ୱଜିତ୍ ଦାଶ ଓ ଡା ସ୍ନେହଲତା ପ୍ରଧାନ ବିଚାରକ ଥିଲେ। ପରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସୁଶ୍ରୀ ଶାଶ୍ୱତୀ ନାୟକ ପ୍ରଥମ, ଜ୍ୟୋତିଶଙ୍କର ବେହେରା ଦ୍ୱିତୀୟ ଓ ଅନନ୍ୟା ମହାନ୍ତି ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏଥିରେ ବିଚାରକ ଭାବେ ଡା ତନୁଚନ୍ଦ୍ର ମରେଇ, ଡା ବୁଦ୍ଧଦେବ ମିଶ୍ର, ଡା ଶିବବ୍ରତ ବେହେରା, ଅଧ୍ୟାପକ ପ୍ରକାଶ ତରିଆ ଯୋଗଦାନ କରିଥିଲେ। ଉପଦେଷ୍ଟା ଡା ସୁଶୀଳ କୁମାର ମେହେର ତଦାରଖ କରିଥିଲେ। କାର୍ଯ୍ୟକ୍ରମକୁ ଆୟୁର୍ବେଦ କଲେଜ ଅଧ୍ୟକ୍ଷ ପ୍ରଫେସର ଡା ସୁରେନ୍ଦ୍ର କୁମାର ପଟେଲ ଶୁଭାରମ୍ଭ କରିଥିଲେ। ଛାତ୍ର ସଂସଦ ସଭାପତି ସୁଗମ ଶ୍ରୀଭୂଷଣ ସାହୁ ଓ ସମ୍ପାଦକ ଅଭିଷେକ ମାଲାକର ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି ପ୍ରତିଯୋଗିତାରେ କଲେଜର ଛାତ୍ରୀଛାତ୍ର ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଆୟୁର୍ବେଦ କଲେଜ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ସୂଚନା ଦିଆଯାଇଥିଲା।

## ଲୋଇସିଂହା, ଆଗଲପୁରରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

ଲୋଇସିଂହା,୩।୯(ଡି.ଏନ.ଏ.)



ଲୋଇସିଂହା ବ୍ଲକ କନ୍ଦାଜୁରୀ ୩୩/୧୧ କେଭିଗ୍ରୀଡକୁ ମୁଖ୍ୟ ଅତିଥି ଉଦଘାଟନ କରୁଛନ୍ତି।

ଲୋଇସିଂହା ନିର୍ବାଚନ ମଣ୍ଡଳୀର ଲୋଇସିଂହା ଓ ଆଗଲପୁର ବ୍ଲକରେ ହୋଇଥିବା କେତକ ଉନ୍ନୟନମୂଳକ କାର୍ଯ୍ୟ ଶୁଭ ଉଦ୍‌ଘାଟନ ଏବଂ ଦୁଇଟି ରାସ୍ତାର ଉନ୍ନତୀକରଣ ପାଇଁ ରବିବାର ଶିଳାନ୍ୟାସ ହୋଇଛି। ମୁଖ୍ୟ ଅତିଥି ଭାବେ ସମବାୟ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର, ଏମ୍‌ପି କଳିକେଶ ନାରାୟଣ ସିଂ ଦେଓ, ବିଧାୟକ ଯୋଗେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ। ପ୍ରଥମେ ୧୧କୋଟି୭୨ ଲକ୍ଷରେ ନିର୍ମାଣ ହେବାକୁ ଥିବା ଚନ୍ଦନଭାଟିରୁ ତଲିଉଡାର ପିଡବ୍ଲୁଡି ରାସ୍ତା ଏବଂ ୮ କୋଟି ୬୩ ଲକ୍ଷ ବ୍ୟୟରେ ତଲିଉଡାରରୁ କରକଟିଆ ରାସ୍ତାର ଶିଳାନ୍ୟାସ ହୋଇଥିଲା। ଏହାପରେ କୁଶମେଲ ଗ୍ରାମକୁ ଯାଇ ୬୧ଲକ୍ଷ ବ୍ୟୟରେ ନିର୍ମିତ ଓଭରହେଡ ପାଣିଟାଙ୍କି ଉଦ୍‌ଘାଟନ କରିଥିଲେ। ସେଠାରୁ କନ୍ଦାଜୁରୀ ଗ୍ରାମରେ ନିର୍ମିତ ୩୩/୧୧ କେଭି ସବଷ୍ଟେଶନ ଲୋକାର୍ପିତ କରିଥିଲେ। ଲୋଇସିଂହାକୁ ଆସି ସାପ୍ତାହିକ ବଜାରଠାରେ ୭୨ ଲକ୍ଷ ବ୍ୟୟରେ ନିର୍ମିତ ଓଭରହେଡ ପାଣିଟ୍ୟାଙ୍କି ଏବଂ ୭ଲକ୍ଷ ବ୍ୟୟରେ ନିର୍ମିତ ହନୁମାନ ଜିମନାଷ୍ଟିକ ଉଦ୍‌ଘାଟନ କରିଥିଲେ। ଆଗଲପୁର ବ୍ଲକର ଭରସୁଜା ଛେଲିଆପାଟ ହାଇସ୍କୁଲ ପରିସରରେ ୫୬ ଲକ୍ଷ ବ୍ୟୟରେ ନିର୍ମିତ ଅତିରିକ୍ତ ଶ୍ରେଣୀ ଗୃହ, ସାଲେଭଟା ଗ୍ରାମରେ ୫୪ ଲକ୍ଷ ବ୍ୟୟରେ ନିର୍ମିତ ଓଭରହେଡ ପାଣିଟାଙ୍କି, ୧୩ ଲକ୍ଷ ବ୍ୟୟରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ଓ ୪୨ ଲକ୍ଷ ବ୍ୟୟରେ ପ୍ୟାକ୍ସ ଗୋଦାମ ଗୃହକୁ ଉଦଘାଟନ କରାଯାଇଥିଲା। ଏଥିରେ ବିଜେଡି ରାଜ୍ୟ ଯୁବ ସମ୍ପାଦକ ନିହାର ରଞ୍ଜନ ବେହେରା, ବିଧାୟକଙ୍କ ପ୍ରତିନିଧି ପ୍ରଦୀପ କୁମାର ସାହୁ, ଏମ୍‌ପି ପ୍ରତିନିଧି ପ୍ରଦୀପ ଗୁରୁ,ବ୍ଲକ ବିଜେଡି ସଭାପତି ସୁଶାନ୍ତ ମିଶ୍ର, ବ୍ଲକ ଉପାଧ୍ୟକ୍ଷ ଜତିନ୍ଦ୍ର ପଟେଲ ଉପସ୍ଥିତ ଥିଲେ।

## ଗୋଏଲମୁଣ୍ଡାରେ ପାନୀୟ ଜଳ ସମସ୍ୟା

ଲାଠୋର,୩।୯(ଡି.ଏନ.ଏ.)

ଖପ୍ରାଖୋଲ ବ୍ଲକ ଟଙ୍କପାଣି ପଞ୍ଚାୟତ ଅନ୍ତର୍ଗତ ଗୋଏଲମୁଣ୍ଡା ଗ୍ରାମରେ ପାନୀୟ ଜଳ ସମସ୍ୟା ଉପୁଜିଥିବା ନେଇ ଗ୍ରାମର ଛବି ମାଝି, ଖଗେଶ୍ୱର ମାଝି, ଘନ ମାଝି, ଜଳନ୍ଧର ମାଝି, ଲଉ ମାଝି, ଜଳ ମାଝି ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଆଦିବାସୀ ଅଧ୍ୟୁଷିତ ଉକ୍ତ ଗ୍ରାମରେ ୪୦ପରିବାର ବସବାସ କରନ୍ତି। ସେମାନଙ୍କ ପାନୀୟ ଜଳ ପାଇଁ ଗ୍ରାମରେ ୨ଟି ନଳକୂପ ଖୋଳାଯାଇଛି। ତା ବାହାରେ ଅଙ୍ଗନୱାଡି କେନ୍ଦ୍ର ଓ ଗ୍ରାମ୍ୟ ବିଦ୍ୟାଳୟରେ ଗୋଟିଏ ନଳକୂଅ ରହିଛି। ବିଦ୍ୟାଳୟରେ ଥିବା ନଳକୂପ କାମଚଳା ଅବସ୍ଥାରେ ଥିବାବେଳେ ଗ୍ରାମରେ ଥିବା ବାକି ଦୁଇଟି ଅଚଳା ଅବସ୍ଥାରେ ପଡି ରହିଛି। ପଞ୍ଚାୟତ ପକ୍ଷରୁ ଯେଉଁମାନେ ନଳକୂପ ମରାମତି କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ଗ୍ରାମବାସୀ କହିଲେ ଟଙ୍କା ଦାବି କରି ନଳକୂଅ ମରାମତି କରୁ ନାହାନ୍ତି ବୋଲି ୦ଅଭିଯୋଗ କରିଛନ୍ତି। ଫଳରେ ଗ୍ରାମବାସୀ ଦୂଷିତ କୂଅ ଜଳକୁ ପାନୀୟ ଜଳ ରୂପେ ବ୍ୟବହାର କରି ନାନା ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏ ନେଇ ଟଙ୍କପାଣି ସରପଞ୍ଚ ଉତ୍ତର ଭୋଇଙ୍କୁ ପଚାରିବାରୁ ସେ କହିଛନ୍ତି, ଯେଉଁମାନେ ନଳକୂପ ମରାମତି କରୁଛନ୍ତି ସେମାନେ ଲୋକଙ୍କୁ ଟଙ୍କା ମାଗୁଥିବା ମୋ ଦୃଷ୍ଟି ଗୋଚର ହୋଇନାହିଁ। ତଦନ୍ତ କରି ପଦକ୍ଷେପ ନିଆଯିବା ସହ ଗ୍ରାମରେ ପାନୀୟଜଳ ସମସ୍ୟାର ସମାଧାନ କରାଯିବ।

## ସଂସ୍କାର ଭାରତୀ, ତେଲିଗୋଠପଡ଼ାରେ ଜନ୍ମାଷ୍ଟମୀ

ବଲାଙ୍ଗୀର ଅଫିସ, ୩।୯

ସଂସ୍କାର ଭାରତୀ ପକ୍ଷରୁ ସ୍ଥାନୀୟ କନ୍ଧପାଲିପଡାଠାରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ମହାସମାରୋହରେ ପାଳିତ ହୋଇଛି। କନ୍ଧପାଲିପଡା ମହିଳା କୀର୍ତ୍ତନ ଦଳ ପକ୍ଷରୁ ବ୍ୟାସ ଯୋଗେଶ୍ୱର ମିଶ୍ରଙ୍କ ତତ୍ତ୍ୱାବଧାନରେ ହରିବଂଶ ପାରାୟଣ ହୋଇଥିଲା। ଅପରାହ୍ଣରେ ରାଧା-କୃଷ୍ଣ ବେଶରେ ସଜିତ ୭୦ ଜଣ କୁନି କଳାକାର ସଂକୀର୍ତ୍ତନ ଘଣ୍ଟ, ଶଙ୍ଖ ତାଳେ ତାଳେ ନଗର ପରିକ୍ରମା କରିଥିଲେ। ସଂସ୍କାର ଭାରତୀ ସଭାପତି ବାସୁଦେବ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ପ୍ରଭାକର ମିଶ୍ର, ହରିଶଙ୍କର ସାଏ, ଅଶୋକ ଚାନ୍ଦ, ଡ. ଲମ୍ବୋଦର ମେହେର, ବୃନ୍ଦାବନ ବାରାଡ, ନବୀନ ମେହେର, ମଳୟ ଆନନ୍ଦ ତ୍ରିପାଠୀ, ବିଜୟଲକ୍ଷ୍ମୀ ମେହେର, ଡ. ଗୋଦାବରୀଶ ରଥ, ବିଷ୍ଣୁଚନ୍ଦ୍ର ସାଏ, ଦୁର୍ଯ୍ୟୋଧନ ପଶାୟତ, ରାଧେଶ୍ୟାମ ପଟେଲ ଓ ଯାଦବ ଚନ୍ଦ୍ର ସାଏ ପ୍ରମୁଖ କୁନି କଳାକାରଙ୍କୁ ପ୍ରୋତ୍ସାହନ ପ୍ରମାଣ ପତ୍ର ତଥା ମିଷ୍ଟାନ୍ନ ବଣ୍ଟନ କରି ଉଦବୋଧନ ଦେଇଥିଲେ। ଗୌରବ କୁଦେଇ ଓ ସୌରଭ କୁଦେଇଙ୍କ ଚିତ୍ତାକର୍ଷକ ଗଉର ବାଡି ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ତୀର୍ଥବାସୀ ସାଏ, ଗଉନ୍ତିଆ ହରିଶଙ୍କର ସାଏ, ପ୍ରଦୀପ ବରାଲ ପରିଚାଳନା କରିଥିଲେ। ଶେଷରେ ବ୍ରଜ କିଶୋର ପଣ୍ଡା ଧନ୍ୟବାଦ ଦେଇଥିଲେ। ସେହିପରି ତେଲିଗୋଠପଡା ଶ୍ରୀଶ୍ରୀ ରାଧାକୃଷ୍ଣ ମନ୍ଦିରରେ ରବିବାର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପାଳିତ ହୋଇଛି। ଇନ୍ଦିରାନଗରର ଗାୟକ ସୁରେନ୍ଦ୍ର ପାଣି ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଇତିବୃତ୍ତ ପାରାୟଣ କରିଥିଲେ।

# ଚନ୍ଦ୍ରପୁରରେ ନନ୍ଦ ଉତ୍ସବ

ଦେଓଗାଁ,୩।୯(ଡି.ଏନ.ଏ.)



ଚନ୍ଦ୍ରପୁର ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ନନ୍ଦ ଉତ୍ସବ ଅବସରରେ ଦହିହାଣ୍ଡି ଭଙ୍ଗା କାର୍ଯ୍ୟକ୍ରମ ଚାଲିଛି।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ଅନ୍ତର୍ଗତ ଚନ୍ଦ୍ରପୁର ରାଧାକୃଷ୍ଣ ମନ୍ଦିର ପରିସରରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉପଲକ୍ଷେ ସୋମବାର ନନ୍ଦ ଉତ୍ସବ ଓ ଗାଁରେ ଶୋଭାଯାତ୍ରା, ଦହିହାଣ୍ଡି ଭଙ୍ଗା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ଆୟୋଜନରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଅବସରରେ ସଂକୀର୍ତ୍ତନ ଦଳଙ୍କ ଦ୍ୱାରା ଗାଁର ସମସ୍ତ ମା' ଭଉଣୀଙ୍କ ସହ ଗାଁର ଶିଶୁ ଭଉଣୀଭାଇମାନେ ଶ୍ରୀକୃଷ୍ଣ, ରାଧା, ବଳରାମ, ନନ୍ଦ, ଯଶୋଦା, ଦେବକୀ, ବସୁଦେବ ଆଦି ବେଶରେ ସୁସଜ୍ଜିତ ହୋଇ ଗାଁ ପରିକ୍ରମା କରିଥିଲେ। ପରେ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ନନ୍ଦ ଉତ୍ସବ ଅନୁଷ୍ଠିତ ହେବା ସହ ଦହିହାଣ୍ଡି ଭଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ତ୍ତାଭାବେ ଶେଷଦେବ ନାଗ ଓ ରୁକ୍ମଣୀ ନାଗ ଦାୟିତ୍ୱ ତୁଲାଇଥିବା ବେଳେ ପୂଜକ ଭାବେ ଭୀମସେନ ମିଶ୍ର ଦାୟିତ୍ୱ ନିର୍ବାହ କରିଥିଲେ। କୃଷ୍ଣ ବେଶରେ ସ୍ୱରୂପ ପୁଟେଲ, ରାଧା ବେଶରେ ନନ୍ଦିନୀ ପୁଟେଲ, ବଳରାମ ସତ୍ୟମ ପୁଟେଲ, ସଖି ମେଘା ନାଗ ପ୍ରମୁଖ ସୁସଜ୍ଜିତ ହୋଇଥିବାବେଳେ ୩୫ ଜଣ ବ୍ରତୀ ଭାଗ ନେଇଥିଲେ।

**ବଣ୍ଡାକୁଟ୍ରାରେ ନୂତନ ସାପ୍ତାହିକ ବଜାର ଉଦ୍‌ଘାଟିତ**
କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବଣ୍ଡାକୁଟ୍ରାଠାରେ ସୋମବାର ନୂତନ ସାପ୍ତାହିକ ବଜାର ସ୍ଥାନୀୟ ବିଧାୟକ ଦିବ୍ୟଶଙ୍କର ମିଶ୍ରଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି।

## ସଂକ୍ଷେପରେ

### ସାପ କାମୁଡ଼ାରେ ଛାତ୍ରୀଙ୍କ ମୃତ୍ୟୁ

ପଲମ,୩।୯(ଡି.ଏନ.ଏ.)
କଳାହାଣ୍ଡି ନର୍ଲା ବ୍ଲକ ଅଧୀନସ୍ଥ ମୁସ୍କୁଟି ପଞ୍ଚାୟତସ୍ଥିତ କେନ୍ଦୁପଡା ଗ୍ରାମରେ ସାପ କାମୁଡ଼ାରେ ଜଣେ ନାବାଳିକାଙ୍କ ରବିବାର ରାତିରେ ମୃତ୍ୟୁ ଘଟିଛି । ସେ ହେଲେ ତିଲୋତ୍ତମା ଭୋଇ (୧୫) । ରବିବାର ରାତିରେ ଶୋଇଥିବା ବେଳେ ତିଲୋତ୍ତମାଙ୍କୁ ସାପ କାମୁଡ଼ି ଦେଇଥିଲା । ପରିବାର ଲୋକେ ତାଙ୍କୁ କେସିଙ୍ଗା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ସୂଚନାଯୋଗ୍ୟ ଯେ, ତିଲୋତ୍ତମା ମିଳିତ ପଞ୍ଚାୟତ ବିଦ୍ୟାପୀଠ ମୁସ୍କୁଟିରେ ଦଶମ ଶ୍ରେଣୀର ଛାତ୍ରୀ ଥିଲେ । ଝିଅର ମୃତ୍ୟୁରେ ପରିବାର ଏବଂ ଗାଁ ଲୋକଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି ।

### ୩ ଦିନ ହେଲା ଯୁବକ ନିଖୋଜ

ଲାଞ୍ଜିଗଡ଼,୩।୯(ଡି.ଏନ.ଏ.)
କଳାହାଣ୍ଡି ଜିଲା ଲାଞ୍ଜିଗଡ ଶାନ୍ତିନଗରପଡାର ଜଣେ ଯୁବକ ଯଦୁମଣି ରାଉତ ୩ ଦିନ ହେଲା ନିଖୋଜ ଅଛନ୍ତି । ଏ ନେଇ ଲାଞ୍ଜିଗଡ଼ ଥାନାରେ ତାଙ୍କ ଭାଇ ହେମନ୍ତ ରାଉତ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ସୂଚନାନୁଯାୟୀ, ଶାନ୍ତିନଗର ପଡାର ଯଦୁଙ୍କୁ ତାଙ୍କ ମୋବାଇଲରେ ଗତ ୩୧ ତାରିଖ ଏକ ଫୋନ ଆସିଥିଲା । ଏହାପରେ ସେ ଉଠି ଯାଇଥିଲେ । ତାଙ୍କୁ ମଦ ପିଇବାକୁ କିଛି ଲୋକ ଡାକି ନେଇଥିବା ଶୁଣିବାକୁ ମିଳୁଥିବେଳେ ସେହି ଦିନଠାରୁ ସେ ଘରକୁ ଫେରି ନ ଥିବା ଜଣାପଡିଛି ।

### ଜନ୍ମାଷ୍ଟମୀ ଉତ୍ସବ ପାଳିତ

ମଣ୍ଡଲ,୩।୯(ଡି.ଏନ.ଏ.)
କଳାହାଣ୍ଡି ଜିଲା କଲମପୁର ବ୍ଲକ ନୂଆଗାଁ ଆଞ୍ଚଳିକ ଯାଦବ ଆନୁକୂଲ୍ୟରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି । ନୂଆଗାଁ ଆଞ୍ଚଳିକ ଯାଦବ ସମାଜ ସଭାପତି କିଶୋର ଚନ୍ଦ୍ର ହଂସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମାଜର ସୁରେଶ ଯୁଆଡି, ଗଗନେ ତାଣ୍ଡି, ଗଙ୍ଗାରାମ ଖର୍ସେଲ, ଭାଗିରଥି ଖର୍ସେଲ, ଇନ୍ଦ୍ରମଣି ଯୁଆଡି, କ୍ଷୀରୋଦ ବାଗ, ମାନ ବାଗ, ରୋହିତାସ୍ୱ ହସ, ଭବାନୀଶଙ୍କର ଧ.ମାଝି ଏବଂ ଯାଦବ ସମାଜ ସମସ୍ତେ କର୍ମକର୍ତ୍ତା ଏବଂ ମହିଳାମାନେ ଉପସ୍ଥିତି ରହିଥିଲେ। ଶ୍ରୀକୃଷ୍ଣଙ୍କ ପୂଜା ରବିବାର ରାତି ୮ଟାରେ ଆରମ୍ଭ ହୋଇ ରାତିସାରା ଉଜାଗର ରହି ମହିଳାମାନେ ପୂଜା କରିଥିଲେ । ସେହିପରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରତାଲୁପଡା, ନୂଆଗାଁ ଶାଖା ବାଳିକୃଷ୍ଣ ସଂଘ, ଭାଟିଗାଁ ପତିତପାବନ ମନ୍ଦିର ସହ ଅଞ୍ଚଳର ବିଭିନ୍ନ ସ୍ଥାନରେ ଜନ୍ମାଷ୍ଟମୀ ଉତ୍ସବ ପାଳନ କରାଯାଇଛି ।

ପଲମ,୩।୯(ଡି.ଏନ.ଏ.)
କର୍ଲାମୁଣ୍ଡା ବ୍ଲକ ଅଧୀନ ଯୋରାଡବରା ପଞ୍ଚାୟତସ୍ଥିତ ଶିଶାଖାଲ ଗ୍ରାମରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି । ୩୦ରୁ ଊର୍ଦ୍ଧ୍ୱ ମହିଳା ଏକତ୍ରିତ ହୋଇ ପାରମ୍ପରିକରେ ଜନ୍ମାଷ୍ଟମୀ ମଣ୍ଡପଠାରେ ରାଧାକୃଷ୍ଣ ମୂର୍ତ୍ତୀ ସ୍ଥାପନ କରି ଉପାସନା ସହ ପୂଜାର୍ଚ୍ଚନା କରିଥିଲେ । ପୂଜା କାର୍ଯ୍ୟରେ ଗ୍ରାମର ଜିତେନ୍ଦ୍ରିୟ ସାହୁ ଓ ସାବେତ୍ରୀ ସାହୁ ରହିଥିଲେ । ପୂଜକ ଭାବେ ଶ୍ରୀକୃଷ୍ଣ ତ୍ରିପାଠି ପୂଜାର୍ଚ୍ଚନା କରିଥିଲେ। ଆଜକୁ ପ୍ରାୟ ୩୦ବର୍ଷ ହେଲା ଗ୍ରାମର ମହିଳାମାନେ ଏକତ୍ର ହୋଇ ଜନ୍ମାଷ୍ଟମୀ ସହ ନନ୍ଦୋତ୍ସବ ପାଳନ କରାଯାଉଛି ।

ବିଦ୍ୟୁତ୍ ତାର ସଂସ୍ପର୍ଶରେ ଯୁବଚାଷୀ ମୃତ

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ

କଲମପୁର,୩।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୟପାଟଣା ଥାନା ଅନ୍ତର୍ଗତ ଦୁଲକିବନ୍ଧରେ ସୋମବାର ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଭାଗ ଚାଷୀଙ୍କ ମୃତ୍ୟୁ ଘଟିଛି । ମୃତ ଚାଷୀ ହେଉଛନ୍ତି କଲମପୁର ବ୍ଲକ ଦୁଲକିବନ୍ଧ (କୁଟୃଛକ) ଗ୍ରାମର ଏମ୍. ଶ୍ୟାମ କୁମାର (୨୨)। କ୍ଷତି ପୂରଣ ଦାବିରେ କୁଟୃଛକରେ ଶବ ରଖି ଲୋକେ ରାସ୍ତାରୋକୋ କରିଛନ୍ତି। ସେଠାରେ ପରିସ୍ଥିତି ଉତ୍ତେଜନା ରହିଛି ।
ମିଳିଥିବା ସୂଚନା ଅନୁଯାୟୀ, ଜୟପାଟଣା ଥାନା କଲମପୁର ବ୍ଲକ ଦୁଲକିବନ୍ଧ (କୁଟୃଛକ) ଗ୍ରାମର ଏମ୍. ଶ୍ୟାମ କୁମାର ସକାଳ ପ୍ରାୟ ସାଢେ ୧୦ଟାରେ ନିକଟସ୍ଥ ଜମିରେ ଘାଷ ବଛା କାମ ଚାଲି ଥିବାବେଳେ ଦେଖିବା ପାଇଁ ସେଠାକୁ ଯାଇଥିଲେ । ବଡକୁଟୃରୁ କନ୍ୟାଶ୍ରମକୁ ତାଙ୍କ ଜମିଦେଇ ଯାଇଥିବା ଓହଳି ରହିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏମ. ଶ୍ୟାମ କୁମାର ଗୁରୁତର ହୋଇଥିଲେ। ପରିବାର ଲୋକେ ଓ ସମ୍ପର୍କୀୟମାନେ ତାଙ୍କୁ ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।


କ୍ଷତିପୂରଣ ଦାବିରେ ମୃତଦେହ ରଖି ବଡକୁଟୃ ଛକରେ ଲୋକେ ରାସ୍ତାରୋକୋ କରିଛନ୍ତି ।

ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରିବା ସହ ଜୟପାଟଣା ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିଲା । ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ଏ ସମ୍ପର୍କରେ ଖବର ଦେବା ପରେ ମଧ୍ୟ ସମୋନେ ମୃତକଙ୍କ ପରିବାର ଲୋକଙ୍କ ସହ ଯୋଗାଯୋଗ କରି ନ ଥିଲେ କିମ୍ବା ଘଟଣାସ୍ଥଳକୁ ଯାଇ ନ ଥିଲେ । ଫଳରେ ଲୋକେ ଉତ୍ତ୍ୟକ୍ତ ହେବା ସହ କ୍ଷତି ପୂରଣ ସହ ବିପଦପୂର୍ଣ୍ଣ ଭାବେ ଓହଳି ଥିବା ବିଦ୍ୟୁତ୍ ତାରକୁ ଉଚ୍ଚରେ ଟାଣିବା ଦାବିରେ ମୃତଦେହ ରଖି ବଡକୁଟୃ ଛକରେ ରାସ୍ତା ଅବରୋଧ କରିଥିଲେ। ପରିସ୍ଥିତି ଉତ୍ତେଜନା ଥିବାରୁ ସେଠାରେ ପୋଲିସ ଉପସ୍ଥିତ ରହିଛି। ଖବର ଲେଖାହେବା ଯାଏ କୌଣସି ସମାଧାନ ହୋଇ ପାରିନାହିଁ । ମୃତ ଏମ୍. ଶ୍ୟାମ କୁମାରଙ୍କ ଘର ଆନ୍ଧ୍ରପ୍ରଦେଶରେ ହୋଇଥିବା ବେଳେ ଦୀର୍ଘଦିନ ହେଲା ସେମାନେ ଦୁଲକିବନ୍ଧ (କୁଟୃଛକ)ରେ ରହି ଆସୁଥିଲେ। ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁ ଏଭଳି ଦୁର୍ଘଟଣା ବାରମ୍ବାର ଘଟୁଥିଲେ ମଧ୍ୟ ଠିକ ସମୟରେ ମରାମତି କରା ଯାଉ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି ।

## ବଣ୍ଡାକୁଟ୍ରାରେ ନୂତନ ସାପ୍ତାହିକ ବଜାର ଉଦଘାଟିତ

ଜୁନାଗଡ,୩।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବଣ୍ଡାକୁଟ୍ରାଠାରେ ସୋମବାର ନୂତନ ସାପ୍ତାହିକ ବଜାର ଉଦଘାଟିତ୍ ହୋଇଯାଇଛି। ଜୁନାଗଡ ବିଧାୟକ ଦିବ୍ୟଶଙ୍କର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ବିଶେଷ କରି ଅଞ୍ଚଳର ସାମାଜିକ କର୍ମୀ ସନ୍ଥରାମ ନାଏକଙ୍କ ପ୍ରଚେଷ୍ଟାରେ ଏହି ବଜାର ଆରମ୍ଭ ହୋଇଥିବାରୁ ତାଙ୍କୁ ବିଧାୟକ ସମ୍ବର୍ଦ୍ଧିତ କରିଥିଲେ। ଏହାସହ ଏହି ବଜାରକୁ ସନ୍ଥ ବଜାର ଭାବରେ ନାମିତ କରାଯାଇଥିଲା। କାର୍ଯ୍ୟକ୍ରମରେ କର୍ତ୍ତବ୍ୟ ମୁଖ୍ୟ ପରିଚାରକ ଅଶୋକ ପଟ୍ଟନାୟକ, ସରପଞ୍ଚ ସଂଘ ଜିଲା ସଭାପତି ଶିବ ପ୍ରସାଦ ଭୋଇ, ସ୍ଥାନୀୟ ସରପଞ୍ଚ ଯମୁନା ମେହେର, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଆରତୀ ମାଝି, ପୂର୍ବତନ ସରପଞ୍ଚ ମଳୟ ରଞ୍ଜନ ଆଚାର୍ଯ୍ୟ, ସ୍ଥାନୀୟ ବିଜୁ ଯୁବ ବାହିନୀ ସଭାପତି ସୁରେନ୍ଦ୍ର ସୁନାନୀ, ୱାର୍ଡମେମ୍ବର ହୃଦାନନ୍ଦ ନିଆଲ, ଜିତେନ୍ଦ୍ର ଶବର, ନରେନ୍ଦ୍ର ଶବର, ନରେଶ ଠାକୁର, କିଶୋର ଚନ୍ଦ୍ର ଠାକୁର ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ସରପଞ୍ଚ ପ୍ରଭାସ ମେହେର ମଞ୍ଚ ପରିଚାଳନା କରିଥିଲେ।


ବଜାର ଉଦ୍‌ଘାଟନୀ ଉତ୍ସବରେ ସାମାଜିକ କର୍ମୀ ସନ୍ଥରାମଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ସ୍ୱଚ୍ଛତା ସଚେତନତା ଶୋଭାଯାତ୍ରା

କର୍ଲାମୁଣ୍ଡା,୩।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ବାଞ୍ଜିପଦରସ୍ଥିତ ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ସ୍ୱଚ୍ଛତା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସର, ପରିବେଶକୁ ସଫା ରଖିବା ଦ୍ୱାରା ହେଉଥିବା ଉପକାରକୁ ନେଇ ବିଭିନ୍ନ ପ୍ଲାକାର୍ଡ ମାଧ୍ୟମରେ ପ୍ରଦର୍ଶିତ କରି ଛାତ୍ରୀଛାତ୍ରମାନେ ଗାଁ ପରିକ୍ରମା କରିବା ସହ ଲୋକଙ୍କୁ ସଚେତନ କରିଥିଲେ। ଏଥିରେ ବିଦ୍ୟାଳୟର ଶିକ୍ଷକ ଅଶୋକ ରଣା, ସଞ୍ଜୟ କୁମାର ରାଉତ, ତୋରେଶ୍ୱର ଦୋରା, ରଘୁପତି କହଁର, ସୁରଜିତ ରଣା ପ୍ରମୁଖ ସାମିଲ ଥିଲେ।


ଛାତ୍ରୀଛାତ୍ରମାନେ ସ୍ୱଚ୍ଛତା ସଚେତନତା ଶୋଭାଯାତ୍ରା କରୁଛନ୍ତି।

ଜିଲିଙ୍ଗଦର-ରତନପଲା ରାସ୍ତା

## ମୋରମ ବଦଳରେ ମାଟି ପକାଯାଇଥିବା ଅଭିଯୋଗ

ଜୁନାଗଡ,୩।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଦୁର୍ଗମ ଅଞ୍ଚଳ କୁହାଯାଉଥିବା ଜିଲିଙ୍ଗଦର-ରତନପଲା ରାସ୍ତା କାମରେ ମୋରମ ବଦଳରେ ମାଟି ପକାଯାଇଥିବା ଅଭିଯୋଗ ହୋଇଛି। ଚଳିତବର୍ଷ ଏହି ରାସ୍ତା ମରାମତି କରିବା ପାଇଁ ବିଜୁ କେବିକେ ଯୋଜନାରେ ୫ଲକ୍ଷ ଟଙ୍କା ଅନୁଦାନ ଆସିଥିଲା। ଏଥିରେ ୫ଶହ ମିଟର ରାସ୍ତା ମଧ୍ୟ ଭାଗରେ ମୋରମ ଓ କଡରେ ମାଟି ପଡିବ ବୋଲି ଯନ୍ତ୍ରୀଙ୍କଠୁ ଜଣାପଡିଛି। ଏହା ବିଭାଗ ପକ୍ଷରୁ ହେବା ନିୟମ ରହିଥିବା ବେଳେ ବାସ୍ତବରେ ଏହାକୁ ଜଣେ ଠିକାଦାରଙ୍କୁ କାମ କରିବାକୁ ଦିଆଯାଇଥିବା ଜଣାପଡିଛି। ସମ୍ପୃକ୍ତ ଠିକାଦାର ଜଣକ ରାସ୍ତାରେ ମୋରମ ପକାଇବା ବଦଳରେ ଖଲି ଆମାଟି ଆଣି ପକାଇଥିବା ଅଭିଯୋଗ

**ଗମନାଗମନ ବାଧାପ୍ରାପ୍ତ**

ହୋଇଛି। ଏପରିକି ରୋଲର ମଧ୍ୟ ରାସ୍ତାରେ ଚଲାଇ ନ ଥିବା ଜଣାପଡିଛି। ରାସ୍ତାରେ ଖଲିଆମାଟି ପଡିଥିବାରୁ ଟିକିଏ ବର୍ଷାରେ ଏଠାରେ ଆଣ୍ଠୁଏ କାଦୁଅ ସୃଷ୍ଟି ହେଉଛି। ବର୍ତ୍ତମାନ ରାସ୍ତାର ଅବସ୍ଥା ଯେମିତି ହେଇଛି ଚାଲି ଯିବା ଛଡା ଅନ୍ୟ କୌଣସି ଉପାୟ ନାହିଁ। ରାସ୍ତାର ଏପରି ଦୁରବସ୍ଥା ଯୋଗୁ ଏହା ଉପରେ ନିର୍ଭର କରୁଥିବା ବିଶେଷ କରି ମଝିଆଗଂଟିଆ ପଡା ଓ ଭାଲୁଗୁରିଆପଡାବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। କାମ ସମୟରେ ବିଭାଗୀୟ ଯନ୍ତ୍ରୀ ମଧ୍ୟ ଉପସ୍ଥିତ ରହୁ ନ ଥିବାରୁ ଠିକାଦାର ମନଇଚ୍ଛା କାର୍ଯ୍ୟ ସମ୍ପାଦନା କରିଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଯେକୌଣସି ଉନ୍ନୟନ କାମ ଆରମ୍ଭ ପୂର୍ବରୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚନା ଫଳକ ଲଗାଇବା ନିୟମ ଥିବାବେଳେ ଏଠାରେ ତାହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ବର୍ତ୍ତମାନ ସୁଦ୍ଧା ମଧ୍ୟ ଏହି ରାସ୍ତାରେ ସୂଚନା ଫଳକ ଲଗାଯାଇ ନାହିଁ। ଏହି ରାସ୍ତାର ଏକ ଉଚ୍ଚସ୍ତରୀୟ ତଦନ୍ତ ତଥା ଭିଜିଲାନ୍ସ ତଦନ୍ତ କରାଗଲେ ରାସ୍ତାର ଦୁର୍ନୀତି ପଦାକୁ ଆସିପାରନ୍ତା ବୋଲି ସାଧାରଣରେ ଚର୍ଚ୍ଚା ହୋଇଛି। ଏ ନେଇ ତଦାରଖ କରୁଥିବା କନିଷ୍ଠ ଯନ୍ତ୍ରୀ ପାନାଡା ଦିଲ୍ଲୀଙ୍କୁ ପଚାରିବାରୁ କ'ଣ ହୋଇଛି ଘଟଣାସ୍ଥଳକୁ ଗଲେ ଜଣାପଡିବ ବୋଲି ଅତି ହାଲୁକା ଭାବେ ସଫେଇ ଦେଇଥିଲେ। ସହକାରୀ ଯନ୍ତ୍ରୀ ବିଷ୍ଣୁ ବଲ୍ଲଭ ମହାରଣାଙ୍କୁ ପଚାରିବାରୁ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରି ବୁଝନ୍ତୁ ବୋଲି କହିଥିଲେ। କଳାହାଣ୍ଡି ଜିଲାପାଳ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି।


ମୋରମ ପକାଯାଇଥିବାରୁ ଜିଲିଙ୍ଗଦର-ରତନପଲା ରାସ୍ତା ଗମନାଗମନରେ ବାଧାପ୍ରାପ୍ତ ସୃଷ୍ଟି ହୋଇଛି।

## ବାଜା ମାଲିକ ସଂଘ ନୂତନ କର୍ମକର୍ତ୍ତା ଚୟନ

ଜୁନାଗଡ,୩।୯(ସ୍ୱ.ପ୍ର.)

କଳାହାଣ୍ଡି ଜିଲାର ପ୍ରାୟ ୬୨ଟି ବାଜା ମାଲିକଙ୍କୁ ନେଇ ଏକ ବୈଠକ ସ୍ଥାନୀୟ ସାପ୍ତାହିକ ବଜାର ପ୍ରାଙ୍ଗଣରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହିସଂଘକୁଜୟ ମା' ଲଙ୍କେଶ୍ୱରୀ ବାଜା ମାଲିକ ସଂଘ ନାମରେ ନାମିତ କରିବା ସହିତ ଅସ୍ଥାୟୀ ଭାବେ ଏକ କର୍ମକର୍ତ୍ତା ଚୟନ କରାଯାଇଛି। ସଂଘ ସଭାପତି ଭାବେ ନନ୍ଦି କିଶୋର ସୁନାନୀ, ଉପ ସଭାପତି ନଥୁ ଦୁର୍ଗା, ସମ୍ପାଦକ ମାନସ ଚନ୍ଦ୍ର ସାହୁ, ସହ ସମ୍ପାଦକ ଅଭିମନ୍ୟୁ ସୁନାନୀ ଓ ଯୁଧିଷ୍ଠିର ସୁନାନୀ, କୋଷାଧ୍ୟକ୍ଷ ଅର୍ଜୁନ ନିଆଲ ଓ ସହକୋଷାଧ୍ୟକ୍ଷ ଭାବେ ଶରତ ଚନ୍ଦ୍ର ବାଗଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଛି । ଏଥିରେ ବାଜା ମାଲିକ ସଂଘମାନେ ଜଣେ କଳାକାରଙ୍କୁ ସରକାରୀସ୍ତରରେ ଅବହେଳା କରୁଥିବା ବେଳେ ବାଜା ମାଲିକମାନେ ତାଙ୍କ ଅର୍ନ୍ତନିହିତ ଗୁଣାବଳିକୁ ପରିପ୍ରକାଶ କରୁଥିବା ବେଳେ ପ୍ରଶାସନ ପକ୍ଷରୁ ବାରମ୍ବାର ଅବହେଳା କରୁଥିବା କହିଥିଲେ। ବିଶେଷ କରି ବ୍ୟାଣ୍ଡ ପାର୍ଟିରେ ଅତିକମରେ ୨୦ ଜଣ ସଦସ୍ୟ ଥିବା ବେଳେ ତାଙ୍କୁ ନେବା ଆଣିବାରେ ବସ ବ୍ୟବହାର କରିବା ଅତ୍ୟନ୍ତ ଖର୍ଚ୍ଚାନ୍ତ ହେଉଥିବା ଯୋଗୁ ମାଲ ପରିବହନ ଗାଡିରେ ନେବା ଆଣିବା କରିବା ସମୟରେ ତାଙ୍କୁ ପୋଲିସ ଓ ପରିବହନ ବିଭାଗର ଚାକ୍ଷୁଶ ହେବାକୁ ପଡୁଥିବା ଯୋଗୁ ଏହାର ପ୍ରତିକାର ପାଇଁ ବିଚାର କରିଥିଲେ।

## କିଡ୍‌ନୀ ରୋଗରେ ସାମାଜିକ କର୍ମୀଙ୍କ ପରଲୋକ

ଜୁନାଗଡ,୩।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମସିଗାଁର ସାମାଜିକ କର୍ମୀ ମଧୁସୁଦନ ବିଶ୍ୱାଲ(୬୩)ଙ୍କ ସୋମବାର ସକାଳରେ ପରଲୋକ ହୋଇଯାଇଛି। ଗତ ୬ ମାସ ହେବ ସେ କିଡନୀ ରୋଗରେ ଆକ୍ରାନ୍ତ ଥିଲେ। ତାଙ୍କ ମୃତ୍ୟୁ ଖବର ଶୁଣି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ବିଶ୍ୱାଲ ସାମାଜିକ କର୍ମୀ ସହ ମସିଗାଁ ମଧୁସୁଦନ ସାଂସ୍କୃତିକ ଅନୁଷ୍ଠାନର ସଭାପତି ଓ ଆଞ୍ଚଳିକ ବଙ୍କା ସମାଜର ସଭାପତି ଆଦି ପଦବୀରେ ରହିଥିଲେ। ତାଙ୍କ ମୃତ୍ୟୁ ଖବର ଶୁଣି ସ୍ଥାନୀୟ ସରପଞ୍ଚ ଦୁଷିଲା ମାଝି ଶୋକ ପ୍ରକାଶ କରିବା ସହ ପରିବାରକୁ ସମବେଦନା ଜଣାଇଛନ୍ତି।


**OFFICE OF THE DISTRICT MAGISTRATE & COLLECTOR, SAMBALPUR, S.H. SPORTS SECTION**
**TENDER CALL NOTICE No. 120/S.H. sbp date 01.09.2018**
Sealed Tenders are invited through Speed Post/ Registered Post only from the authorized Dealer/ Manufactural Registered Firms/ Suppliers for supply of Sports dress Materials & Shoes materials etc for the Sports Hostel, Sambalpur which must be reach to the District Sports Officer, District Sports Office, Sambalpur latest by 5.00 P.M. on 03.10.18 positively. And the Tender will be opened on 04.10.18 at 4.00 P.M. Details regarding Tender Call Notice can be obtained from the official website of the Collectorate, Sambalpur i.e www.sambalpur.nic.in.
*Sd./- Coach in Charge, Sports Hostel, Sambalpur*

**OFFICE OF THE CHIEF CONSTRUCTION ENGINEER UPPER INDRAVATI IRRIGATION PROJECT**
AT/PO: MUKHIGUDA, DIST.- KALAHANDI, ODISHA, PIN: 766026
Email ID: seuircc@rediffmail.com
Lr. No. 822 Dt. 01.09.2018
**CANCELLATION NOTICE**
**Bid Identification No. CCE UIIP-01(01-02)/2018-19, Dt.10.04.2018**
**No. 471-A:-** The tender for work "Renovation and Restoration of Upper Indravati Right Main Canal under CLSRP from RD 00KM to 41.10KM" invited vide Bid Identification No. CCE UIIP-01(01-02)/ 2018-19, dt.10.04.2018 is hereby cancelled as per Govt. in DoWR letter no. II-T-UIP-2/2018-22978/WR dated 29.08.2018.
*Sd./- Chief Construction Engineer*
*Upper Indravati Irrigation Project*
32352/11/0006/1819

Classified Display
on
Every Tuesday and Friday

**ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା**
**ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନବରଙ୍ଗପୁର**
**ବ୍ଲକସ୍ତରୀୟ ଜନଶୁଣାଣି**
**No. CAD-788:-** ନବରଙ୍ଗପୁର ଜିଲ୍ଲାର ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ଜଣାଇ ଦିଆଯାଉଛି କି, ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ ଗ୍ରାମୀଣ କର୍ମନିଯୁକ୍ତି ଯୋଜନାରେ ୨୦୧୭-୧୮ ଆର୍ଥିକବର୍ଷର ଅକ୍ଟୋବର ମାସଠାରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟଗୁଡ଼ିକର ବ୍ଲକସ୍ତରୀୟ ଜନଶୁଣାଣି ପାଇଁ ଅସଟ (OSSAAT) ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ପ୍ରକାରେ ସମସ୍ତ ପଞ୍ଚାୟତ ସମିତି ପରିସରରେ ଦିନ ଓ ସମୟ ଧାର୍ଯ୍ୟ କରାଯାଇଛି।
ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ସମସ୍ତ ଜନସାଧାରଣ, ଅଣକୁଶଳୀ ଶ୍ରମିକ, ହିତାଧିକାରୀ, ଯୋଜନା ସହ ସମ୍ପୃକ୍ତ ଥିବା ସଂଗଠନ, ବିଭିନ୍ନ ସରକାରୀ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ତ୍ରିସ୍ତରୀୟ ପଞ୍ଚାୟତିରାଜର ନିର୍ବାଚିତ ପ୍ରତିନିଧିମାନେ ଅଂଶଗ୍ରହଣ କରି ଯୋଜନାର କାର୍ଯ୍ୟକାରିତାରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ, ସୁନିଶ୍ଚିତ କରିବା ଓ ଯୋଜନାକୁ ସଫଳତାର ସହିତ ଆଗେଇ ନେବା ପାଇଁ ଆପଣଙ୍କର ସହଭାଗିତା, ବହୁମୂଲ୍ୟ ମତାମତ, ଆପତ୍ତି ଓ ଅଭିଯୋଗ ଉପସ୍ଥାପନାକୁ ଜିଲ୍ଲା ପ୍ରଶାସନ ସ୍ୱାଗତ କରୁଛି।

**କାର୍ଯ୍ୟସୂଚୀ:**

| କ୍ର. ନଂ. | ବ୍ଲକ୍‌ର ନାମ | ତାରିଖ | ସମୟ (ପୂର୍ବାହ୍ନ) | ଜନଶୁଣାଣି କରିବା ନିମନ୍ତେ କ୍ଷମତାପ୍ରାପ୍ତ ଅଧିକାରୀ |
|---|---|---|---|---|
| ୧ | ଚନ୍ଦାହାଣ୍ଡି | ୧୦।୦୯।୨୦୧୮ | ୧୦.୦୦ | ଉପଜିଲ୍ଲାପାଳ, ନବରଙ୍ଗପୁର |
| ୨ | ଡାବୁଗାଁ | ୧୧।୦୯।୨୦୧୮ | ୧୦.୦୦ | ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନବରଙ୍ଗପୁର |
| ୩ | ଝରିଗାଁ | ୧୨।୦୯।୨୦୧୮ | ୧୦.୦୦ | ଜିଲ୍ଲାପାଳ, ନବରଙ୍ଗପୁର |
| ୪ | ନନ୍ଦାହାଣ୍ଡି | ୧୫।୦୯।୨୦୧୮ | ୧୦.୦୦ | ଅତିରିକ୍ତ ଜିଲ୍ଲାପାଳ, ନବରଙ୍ଗପୁର |
| ୫ | କୋଷାଗୁମୁଡ଼ା | ୧୮।୦୯।୨୦୧୮ | ୧୦.୦୦ | ଅତିରିକ୍ତ ଜିଲ୍ଲାପାଳ, ନବରଙ୍ଗପୁର |
| ୬ | ନବରଙ୍ଗପୁର | ୧୯।୦୯।୨୦୧୮ | ୧୦.୦୦ | ଜିଲ୍ଲାପାଳ, ନବରଙ୍ଗପୁର |
| ୭ | ପାପଡ଼ାହାଣ୍ଡି | ୨୨।୦୯।୨୦୧୮ | ୧୦.୦୦ | ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ରଶାସନ) ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନବରଙ୍ଗପୁର |
| ୮ | ରାଇଘର | ୨୪।୦୯।୨୦୧୮ | ୧୦.୦୦ | ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନବରଙ୍ଗପୁର |
| ୯ | ତେନ୍ତୁଳିଖୁଣ୍ଟି | ୨୫।୦୯।୨୦୧୮ | ୧୦.୦୦ | ଉପଜିଲ୍ଲାପାଳ, ନବରଙ୍ଗପୁର |
| ୧୦ | ଉମରକୋଟ | ୨୬।୦୯।୨୦୧୮ | ୧୦.୦୦ | ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ରଶାସନ) ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନବରଙ୍ଗପୁର |

ସ୍ୱା./- ପ୍ରକଳ୍ପ ନିର୍ଦ୍ଦେଶ
ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନବରଙ୍ଗପୁର
ସ୍ୱା./- ଜିଲ୍ଲାପାଳ ତଥା କାର୍ଯ୍ୟକ୍ରମ ସଂଯୋଜକ
ନବରଙ୍ଗପୁର
19076/11/0003/1819

**State Health Assurance Society, Odisha**
Deptt. of Health & Family Welfare, Govt. of Odisha
Bhubaneswar-751012, District-Khordha (Odisha)
Phone No.-0674-2560311,
Email ID, snaodisha@gmail.com
**Tender for hiring an agency to deal with IEC activities through road shows (Caravan Movement), documentation, animation movies & wall paintings for promoting Biju Swasthya Kalyan Yojana in Odisha**
**Advt No. 09/2018** **Date:04.09.2018**
No.402-E: Sealed tenders are invited from eligible bidders for undertaking IEC activities for promoting Biju Swasthya Kalyan Yojana in Odisha. The tender document with all information relating to the tender process including tender document cost, EMD, eligibility criteria, scope of work, terms & conditions, evaluation criteria and formats of submission of tender may be downloaded from the website: www.nhmodisha.gov.in
A pre-bid meeting shall be held on 07.09.2018, 11.30 AM. Any amendment in the tender document due to decision in pre-bid meeting / extension of bid if any shall only be notified in the website mentioned above. The sealed tenders should reach the office of the undersigned by courier / registered post or may be dropped in the tender box, on or before 24.09.2018, 3.00 PM. The technical bid shall be opened on 24.09.2018 at 3.30 PM. Presentation by qualified bidders will be held at 25.09.2018 at 11.30 AM The undersigned reserves the right to reject any or all the tenders or cancel the tender without assigning any reason thereof.
**Sd./- Chief Executive Officer,**
**State Health Assurance Society, Odisha**
10001/11/0022/1819